# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୧୬/୨୦୧୮ (୨୦ ପୃଷ୍ଠା) Bhubaneswar, Friday, November 16/ 2018 ★★★★

୪୪ଶ ଭାଗ ୩୫୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-






KP
GROUP
Quality Since 1965
कमला पसन्द
अनोखा स्वाद
पान मसाला
20% EXTRA
Hallmark
of quality
କମଲା ପସନ୍ଦ
ବୈଧାନିକ ସତର୍କତା: ପାନମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । (NOTFORMINORS) 0% TOBACCO ✱ NICOTINE NOT ADDED ✱ MAGNESIUM NOT ADDED
Watch at : YouTube

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୧୬/୨୦୧୮ | Bhubaneswar, Friday, November 16/ 2018 | ପୃଷ୍ଠା-୧




**ଓ୍ୱିଲ୍ସ ପ୍ଲାଜାଙ୍କ ହ୍ୟାଟ୍ରିକ**
ଓ୍ୱିଲ୍ସ ପ୍ଲାଜାଙ୍କ ହ୍ୟାଟ୍ରିକ ସହାୟତାରେ ଚର୍ଚ୍ଚିଲ ବ୍ରଦର୍ସ ଏଫ୍‌ସି ଆଇ-ଲିଗ୍‌ରେ ଏହାର ପ୍ରଥମ ବିଜୟ ହାସଲ କରିଛି।

୧୬

୧୨

**ସିନେମାରେ ସମାଜଧର୍ମୀ ଚରିତ୍ର ରହୁ: ରସିକା**
ଭାରତୀୟ ସିନେମାରେ ମହିଳାଙ୍କ ପାଇଁ ସମାଜଧର୍ମୀ ଚରିତ୍ର ରଖିବାକୁ ମତ ଦେଇଛନ୍ତି ବଲିଉଡ୍ ଅଭିନେତ୍ରୀ ରସିକା ଡୁଗଲ୍ ।








## ଆଜିଠାରୁ ବିଧାନସଭା



ଭୁବନେଶ୍ୱର,୧୫।୧୧(ବ୍ୟୁରୋ)

ପଞ୍ଚଦଶ ବିଧାନସଭାର ଶୀତ ଅଧିବେଶନ ଶୁକ୍ରବାରଠାରୁ ଆରମ୍ଭ ହେଉଛି। ଏହା ଆସନ୍ତା ଡିସେମ୍ବର ୧୫ ତାରିଖ ଯାଏ ଚାଲିବ। ଏଥିରେ ମୋଟ ୨୩ଟି କାର୍ଯ୍ୟଦିବସ ରହିଛି। ସେଥିରୁ ୧୯ଟି ସରକାରୀ ଥିବା ବେଳେ ୪ଟି ବେସରକାରୀ ଦିବସ ରହିଛି। ଏହି ଅଧିବେଶନରେ ନଭେମ୍ବର ୨୧ରେ ପ୍ରଫେଟ ମହମ୍ମଦଙ୍କ ଜନ୍ମ, ୨୩ ରେ ରାସପୂର୍ଣ୍ଣିମା ଯୋଗୁ ଗୃହ କାର୍ଯ୍ୟ ବନ୍ଦ ରହିବ। ସେହିପରି ଡିସେମ୍ବର ୮ ଓ ୯ ମାସର ଦ୍ୱିତୀୟ ଶନିବାର ଓ ରବିବାର ପାଇଁ ଗୃହ କାର୍ଯ୍ୟ ବନ୍ଦ ରହିବ। ଏଥିରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି। ବିରୋଧୀ ବିଭିନ୍ନ ପ୍ରସଙ୍ଗ ନେଇ ସରକାରଙ୍କୁ ଘେରିବାକୁ ଯୋଜନା କରୁଥିବା ବେଳେ ସରକାରୀ ଦଳ ମଧ୍ୟ ବିରୋଧୀଙ୍କୁ କଡ଼ା ଜବାବ ଦେବାକୁ ରଣନୀତି ପ୍ରସ୍ତୁତ କରିଛି।

■ ମତଦାତାଙ୍କ ଅଜାଣତରେ ଭୋଟର କାର୍ଡ-ଆଧାର ନମ୍ବର ଲିଙ୍କ୍

# ନିର୍ବାଚନ କମିଶନଙ୍କ ସାଂଘାତିକ ଖେଳ

ନୂଆଦିଲ୍ଲୀ,୧୫।୧୧

ସାଧାରଣ ମତଦାତାଙ୍କ ଅଜାଣତରେ ସେମାନଙ୍କ ଅଧିକାର ସହ ଖେଳାଯାଇଛି ସାଂଘାତିକ ଖେଳ। ଏଭଳି ସମ୍ବିଧାନ ବିରୋଧୀ କାର୍ଯ୍ୟ ଅନ୍ୟ କେହି ନୁହନ୍ତି, ବରଂ ଦେଶର ଏକ ସାମ୍ବିଧାନିକ କର୍ତ୍ତୃପକ୍ଷ ନିର୍ବାଚନ କମିଶନ (ଇସି)ଙ୍କ ଦ୍ୱାରା କରାଯାଇଛି। ଭାରତର ପ୍ରାୟ ଏକତୃତୀୟାଂଶ ମତଦାତାଙ୍କ ଅଜାଣତରେ ସେମାନଙ୍କ ପ୍ରିଭେସି(ଅନ୍ତରଙ୍ଗ ତଥ୍ୟ)କୁ ନଷ୍ଟ କରିଛି ଗଣତନ୍ତ୍ରର ଏହି ପବିତ୍ର ସଂସ୍ଥା। ମାତ୍ର ୩ ମାସ ମଧ୍ୟରେ ୩୨ କୋଟି ନାଗରିକଙ୍କ ବିନା ଅନୁମତିରେ ସେମାନଙ୍କ ଭୋଟର ପରିଚୟପତ୍ର ସହ ଆଧାର ନମ୍ବରକୁ ଯୋଡ଼ିଛନ୍ତି ଇସି। କେବଳ ଏତିକି ନୁହେଁ, ଲୋକଙ୍କ ଆଧାର ତଥ୍ୟଗୁଡ଼ିକୁ ଏକାଧିକ ସରକାରୀ ସଂସ୍ଥାକୁ ପ୍ରଦାନ କରି ନାଗରିକ ଗୋପନୀୟତା ସିଦ୍ଧାନ୍ତର ଖୋଲାଖୋଲି ଉଲ୍ଲଂଘନ ମଧ୍ୟ କରିଛନ୍ତି। ସୂଚନା ଅଧିକାର (ଆର୍‌ଟିଆଇ) ଜରିଆରେ ଏହି ତଥ୍ୟ ପ୍ରଘଟ ହେବା ପରେ ଇସିଙ୍କ ସାଧୁତା ଓ ବିଶ୍ୱସନୀୟତାକୁ ନେଇ ଉଠିଛି ବିରାଟ ପ୍ରଶ୍ନ।

ନ୍ୟାଶନାଲ ଇଲେକ୍ଟୋରାଲ ରୋଲ୍ ପ୍ୟୁରିଫିକେଶନ୍ ଆଣ୍ଡ ଅଥେଣ୍ଟିକେଶନ୍ ପ୍ରୋଗ୍ରାମ (ଏନ୍‌ଇଆର୍‌ପିଏପି) ହେଉଛି ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ଏକ ମହତ୍ତ୍ୱାକାଂକ୍ଷୀ ଯୋଜନା। ଆର୍‌ଟିଆଇରେ ମିଳିଥିବା ସୂଚନାନୁସାରେ ଲୋକଙ୍କ ପରିଚୟ ସୁରକ୍ଷା ଦାୟିତ୍ୱରେ ଥିବା ନିର୍ବାଚନ କମିଶନ ଏହି ଯୋଜନାକୁ କାର୍ଯ୍ୟକାରୀ କରିବାକୁ ଯାଇ ଭୋଟରଙ୍କ ପ୍ରିଭେସି ସହ ସାଲିସ କରିଛନ୍ତି। ୨୦୧୫ ମାର୍ଚ୍ଚରୁ ଅଗଷ୍ଟ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିଥିବାବେଳେ ବିବାଦ ଉଠିଥିଲା। ଫଳରେ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ଇସିଆଇ ବାଧ୍ୟହୋଇ ଏହାକୁ ବନ୍ଦ କରିଦେଇଥିଲେ। କିନ୍ତୁ ସେତେବେଳ ଯାଏ ଇସି ୩୨ କୋଟି ଭୋଟର କାର୍ଡ ସହ ସେମାନଙ୍କ ଆଧାର ନମ୍ବର ସଂଯୋଗ କରିସାରିଥିଲେ। ତେବେ ଏତେସଂଖ୍ୟକ ମତଦାତାଙ୍କ ତଥ୍ୟ ସେମାନଙ୍କ ଅଜାଣତରେ ହାତେଇବା ପଛରେ ଇସିଙ୍କ କି ଉଦ୍ଦେଶ୍ୟ ରହିଥିଲା ବୋଲି ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାଜ୍ୟ ନିର୍ବାଚନ କମିଶନରମାନଙ୍କ ଏବଂ ଇସିଙ୍କ ମଧ୍ୟରେ ☞ପୃଷ୍ଠା-୧୩

### ସତ କାଢ଼ିଲା ଆର୍‌ଟିଆଇ

- ■ ୩ ମାସ ମଧ୍ୟରେ ୩୨ କୋଟି ଭୋଟର ପରିଚୟପତ୍ର ସହ ଆଧାର ନମ୍ବରକୁ ଯୋଡ଼ାଯାଇଛି
- ■ ଏକାଧିକ ସରକାରୀ ସଂସ୍ଥାକୁ ପ୍ରଦାନ କରାଯାଇଛି ଆଧାର ତଥ୍ୟ
- ■ ପ୍ରିଭେସି ନଷ୍ଟ କରିବା ପଛରେ ଇସିଙ୍କ ଉଦ୍ଦେଶ୍ୟକୁ ନେଇ ଉଠିଛି ପ୍ରଶ୍ନ




■ ପୋଲସରାରେ ପୁଣି ଲଜ୍ଜା

# ଯୁବତୀଙ୍କୁ ଗଣବଳାତ୍କାର

ପୋଲସରା,୧୫।୧୧(ଡି.ଏନ.ଏ.)

ପୋଲସରା ବ୍ଲକ ବାଲିଛାଇ ଫାଣ୍ଡି ଅଞ୍ଚଳରେ ଗତ ୩୧ ତାରିଖ ବିଳମ୍ବିତ ରାତିରେ ଜନୈକ ବ୍ୟକ୍ତିଙ୍କ ଘରେ ପଶି ୩ ଜଣ ଦୁର୍ବୃତ୍ତ ଲୁଟ୍ କରିବା ପରେ ତାଙ୍କ ୯ ବର୍ଷର ନାବାଳିକାଙ୍କୁ ଘରୁ ଉଠାଇ ନେଇ ଗଣବଳାତ୍କାର କରିଥିଲେ। ପୀଡିତା ଜଣକ ଏବେ ବ୍ରହ୍ମପୁର ବଡ ମେଡିକାଲ ଆଇସିୟୁରେ ଚିକିତ୍ସାଧୀନ ଅଛନ୍ତି। ମାତ୍ର ଘଟଣାର ୧୩ ଦିନ ପରେ ମଧ୍ୟ ଅଭିଯୁକ୍ତଙ୍କ ଟେର୍ ପାଉନି ପୋଲିସ। ପୁଣି ପୋଲସରା ଥାନା ଅଞ୍ଚଳରେ ବୁଧବାର ରାତିରେ ଭଉଣୀଭାଇଙ୍କ ସହ ଶୋଇଥିବା ଜଣେ ୨୦ ବର୍ଷୀୟା ଯୁବତୀଙ୍କୁ ୪ଜଣ ଦୁର୍ବୃତ୍ତ ଘରୁ ଉଠାଇ ନେଇ ବଳାତ୍କାର କରିଛନ୍ତି। ପୀଡିତାଙ୍କ ଏତଲା ଅନୁଯାୟୀ ପୋଲିସ ନଂ.୨୨୦/୧୮ରେ ମାମଲା ରୁଜୁ କରି ୪ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

### ୪ ଅଟକ

ପ୍ରକାଶ ଯେ, ବୁଧବାର ରାତିରେ ଯୁବତୀ ଜଣକ ସାନଭଉଣୀ ଓ ଭାଇଙ୍କ ସହ ଘରେ ଶୋଇଥିବାବେଳେ ୪ ଜଣ ଦୁର୍ବୃତ୍ତ ବାରିପଟ କବାଟ ତାଡି ଘରେ ପଶିଥିଲେ। ଯୁବତୀଙ୍କ ମୁହଁକୁ ଚାପିଧରି ବାରିପଟକୁ ଉଠାଇ ନେଇ ଆକ୍ରମଣ କରିବା ସହ ଗଣବଳାତ୍କାର କରିଥିଲେ। ପାଟିଶୁଣି ପଡ଼ିଶା ଘରର ଲୋକେ ଉଠି ପଡିବାରୁ ଦୁର୍ବୃତ୍ତମାନେ ଛାଡି ପଳାଇଥିଲେ। ଯୁବତୀ ଜଣକ ଅଭିଯୁକ୍ତଙ୍କୁ ଚିହ୍ନି ପାରିଥିବା କହିଛନ୍ତି। ଆକ୍ରମଣ ଯୋଗୁ ଯୁବତୀ ଗୁରୁତର ଆହତ ହୋଇଛନ୍ତି। ଗୁରୁବାର ପୀଡ଼ିତା ଆକ୍ରମଣ ଓ ଗଣବଳାତ୍କାର ନେଇ ପୋଲସରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରେ କ୍ରାଇମ ଡିଏସ୍‌ପି ଦିଲୀପ ଦାସ, ☞ପୃଷ୍ଠା-୧୩

ବ୍ରହ୍ମ ବିଭ୍ରାଟକୁ ନେଇ ଆରୋପ, ପ୍ରତ୍ୟାରୋପ

# ପ୍ରତିକ୍ରିୟା ରଖିବାକୁ ଉଚିତ ମଣିଲେନି ଗଜପତି

ପୁରୀ ଅଫିସ,୧୫।୧୧

ରତ୍ନସିଂହାସନରେ ବିରାଜିତ ମହାପ୍ରଭୁଙ୍କୁ ନେଇ ଏବେ ସରଗରମ ଓଡ଼ିଶା ରାଜନୀତି। ନିର୍ବାଚନ ବୈତରଣୀ ପାର୍ ହେବାକୁ ଏବେ ଶାସକ ଓ ବିରୋଧୀ ହିନ୍ଦୁ ଧର୍ମର ଆରାଧ୍ୟ ଠାକୁରଙ୍କୁ ବିବାଦ ଘେରକୁ ଟାଣିଛନ୍ତି। ମହାପ୍ରଭୁଙ୍କୁ ନେଇ ଆରମ୍ଭ ହୋଇଛି ଆରୋପ, ପ୍ରତ୍ୟାରୋପ। ଦୀର୍ଘ ୩ ବର୍ଷର ପୁରୁଣା କଥାକୁ ପୁଣି ଦୋହରାଇ ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରରେ ଜଗନ୍ନାଥ ସଂସ୍କୃତିକୁ ବଦ୍‌ନାମ କରାଯାଉଛି। ରାଜନୀତିର କାଦୁଆଫିଙ୍ଗା ବ୍ୟକ୍ତି ସ୍ତରରୁ ଏବେ ଧାର୍ମିକସ୍ତରରେ ପହଞ୍ଚିଛି। ନବକଳେବର ବର୍ଷଠାରୁ ଅଦ୍ୟାବଧି ବିଭିନ୍ନ ପ୍ରସଙ୍ଗରେ ଶ୍ରୀମନ୍ଦିର ଏବଂ ଶ୍ରୀକ୍ଷେତ୍ର ବଦ୍‌ନାମ ହେବାରେ ଲାଗିଛି। ଏବେ ପୁଣି ଉଠିଛି ବ୍ରହ୍ମ ବିଭ୍ରାଟ ଏବଂ ଦାରୁ ଚୟନ ପ୍ରସଙ୍ଗ। ଜଣେ ମହାରଣା ସେବକଙ୍କ ମନ୍ତବ୍ୟକୁ ନେଇ ସୃଷ୍ଟି ହୋଇଛି ଝଡ଼। ଆଗକୁ ନିର୍ବାଚନ ଆସୁଥିବାରୁ ଏହାକୁ ରାଜନୈତିକ ଅସ୍ତ୍ର କରାଗଲାଣି। ପ୍ରାୟୋଜିତ ଏବଂ ଷଡ଼ଯନ୍ତ୍ର କଥା ବି ଉଠିଲାଣି। ☞ପୃଷ୍ଠା-୧୩

# ମରୁଡ଼ି କ୍ଷତିଗ୍ରସ୍ତଙ୍କ ପାଇଁ ପ୍ୟାକେଜ

ଭୁବନେଶ୍ୱର,୧୫।୧୧(ବ୍ୟୁରୋ)

୩୩ ପ୍ରତିଶତ ମରୁଡ଼ି କ୍ଷତିଗ୍ରସ୍ତ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିଛନ୍ତି। ଘୋଷଣା ଅନୁଯାୟୀ ଅଣଜଳସେଚିତ ଧାନ ଜମି ପାଇଁ ହେକ୍ଟର ପିଛା ୬, ୮୦୦ ଟଙ୍କା, ଜଳସେଚିତ ଜମି ପାଇଁ ୧୩,୫୦୦ଟଙ୍କା ଏବଂ ସବୁଦିନିଆ ଫସଲ ପାଇଁ ୧୮ ହଜାର ଟଙ୍କା ଦେବାକୁ ରାଜ୍ୟ ସରକାର ଘୋଷଣା କରିଛନ୍ତି।

ସର୍ବାଧିକ ୨ ହେକ୍ଟର ପର୍ଯ୍ୟନ୍ତ କ୍ଷତିପୂରଣ ଦିଆଯିବ। ବାରମାସୀ ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ସର୍ବନିମ୍ନ ହେକ୍ଟର ପିଛା ୨ ହଜାର ଏବଂ ଅନ୍ୟାନ୍ୟ ଫସଲ ପାଇଁ ସର୍ବନିମ୍ନ ୧ ହଜାର ଟଙ୍କା ଇନ୍‌ପୁଟ୍ ସବ୍‌ସିଡି ଆକାରରେ ପ୍ରଦାନ କରାଯିବ। ୨୦୧୮-୧୯ ରବି ଫସଲ ପାଇଁ ମରୁଡ଼ି ପ୍ରଭାବିତ ଚାଷୀଙ୍କୁ ୧ ଲକ୍ଷ ଡାଲି ମିନିକିଟ୍ ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଥିବା ବେଳେ ୩୦ ହଜାର ତୈଳବୀଜ ଏବଂ ୨୦ ହଜାର ପନିପରିବା ବିହନ ମିନିକିଟ୍ ଯୋଗାଇ ଦିଆଯିବ। କ୍ଷତିଗ୍ରସ୍ତ ଚାଷୀଙ୍କୁ ୧ ହଜାର ସୌରଚାଳିତ ପମ୍ପସେଟ୍ ୫୦ ପ୍ରତିଶତ ରିହାତିରେ ସର୍ବାଧିକ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ପ୍ରଦାନ କରାଯିବ। ସେହିପରି ସୌର ଜଳନିଧି ଯୋଜନାରେ ପ୍ରଭାବିତ ୧ ହଜାର ଚାଷୀଙ୍କୁ ୦.୫ ଏଚ୍‌ପି ସୌରଚାଳିତ ପମ୍ପସେଟ୍ ୯୦ ପ୍ରତିଶତ ରିହାତି ଅର୍ଥାତ ସର୍ବାଧିକ ୫୪ ହଜାର ଟଙ୍କା ପର୍ଯ୍ୟନ୍ତ ରିହାତି ଦେବା ବ୍ୟବସ୍ଥା କରାଯାଇଛି। ସେହିପରି ୨୦୧୮-୧୯ରେ ପ୍ରଭାବିତ ଚାଷୀଙ୍କୁ ୩ ହଜାର ଔଷଧ ସିଞ୍ଚନ ମେଶିନ ୫୦ ପ୍ରତିଶତ ରିହାତିରେ ସର୍ବାଧିକ ୩୮୦୦ ଟଙ୍କା ☞ପୃଷ୍ଠା-୧୩

### ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

- ■ ଅଣଜଳସେଚିତ ଜମି ପାଇଁ ୬,୮୦୦, ଜଳସେଚିତ ପାଇଁ ୧୩,୫୦୦ ଟଙ୍କା
- ■ ସ୍କୁଲ ଫି, ଖଜଣା, ଜଳକର ଛାଡ଼
- ■ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅତିରିକ୍ତ ୫୦ ଶ୍ରମଦିବସ ସୃଷ୍ଟି ହେବ
- ■ ୯ ମରୁଡ଼ିଗ୍ରସ୍ତ ଜିଲାର ୨ ଲକ୍ଷ ୩୩ ହଜାର ହେକ୍ଟର ଫସଲ ନଷ୍ଟ



# ତହସିଲଦାରଙ୍କ କୋଟିପତି ଡ୍ରାଇଭର

- ■ ୪ ସ୍ଥାନରେ ଭିଜିଲାନ୍ସ ଚଢାଉ
- ■ ୭୨ ଲକ୍ଷ ଟଙ୍କାର ବିଳାସପୂର୍ଣ୍ଣ ଘର
- ■ ୪ ଦାମୀ କାର, ୩ ବାଇକ, ଟଙ୍କା, ସୁନା ଜବତ

କଟକ ଅଫିସ /ପାରାଦୀପ/ କୁଜଙ୍ଗ,୧୫।୧୧(ସ୍ୱ.ପ୍ର.)

ଗାଡ଼ିଚାଳକ, କିନ୍ତୁ ଚଳଣି ପୂରା ରାଜକୀୟ। ତହସିଲଦାରଙ୍କ ଗାଡ଼ିଚାଳକ ଭାବେ ନିଯୁକ୍ତ ହୋଇଥିଲେ ମଧ୍ୟ ସେ ଜଣେ କୋଟିପତି। ୭୨ ଲକ୍ଷ ଟଙ୍କାର ବିଳାସପୂର୍ଣ୍ଣ ଘର, ୪ଟି ଦାମି କାର, ୩ଟି ଦାମି ବାଇକ ସମେତ ସୁନା ଅଳଙ୍କାର,


ଭିଜିଲାନ୍ସ ଅଧିକାରୀମାନେ ଯାଞ୍ଚ କରୁଛନ୍ତି।

ଟଙ୍କା ଓ ଅନ୍ୟାନ୍ୟ ସମ୍ପତ୍ତି ତାଙ୍କ ପାଖରେ ରହିଛି। ସେ ହେଉଛନ୍ତି ଜଗତ୍‌ସିଂହପୁର ଜିଲା କୁଜଙ୍ଗ ତହସିଲଦାରଙ୍କ ଗାଡିଚାଳକ ଶୈଶବ ମଣ୍ଡଳ। ଗୁରୁବାର ଭିଜିଲାନ୍ସ ପକ୍ଷରୁ ତାଙ୍କ ଘର ଉପରେ ଚଢାଉ କରାଯିବା ପରେ ଏହା ପଦାକୁ ଆସିଛି। ଶୈଶବ ରହୁଛନ୍ତି ପାରାଦୀପର କୁବେର କଲୋନୀ କୁହାଯାଉଥିବା ବିଜୟଚନ୍ଦ୍ରପୁର ତାରିଣୀ ଗଡ଼ାରେ। କୁଜଙ୍ଗରେ ଥିବା ତାଙ୍କ ସରକାରୀ କ୍ୱାର୍ଟର୍ସ, କୁଜଙ୍ଗ ବ୍ଲକ ସିଜୁ ଗ୍ରାମରେ ଥିବା ପୈତୃକ ଘର ଓ ଶ୍ୱଶୁର ଘର ସମେତ ପାରାଦୀପ ତାରିଣୀଗଡାସ୍ଥିତ ଘରକୁ ମିଶାଇ ମୋଟ୍ ୪ ସ୍ଥାନରେ ଭିଜିଲାନ୍ସ ଅଧିକାରୀମାନେ ଏକକାଳୀନ ଚଢାଉ କରିଥିଲେ। ☞ପୃଷ୍ଠା-୨

### ଆଜିର ସମ୍ପାଦକୀୟ

**କୃଷିକୁ ଅଣଦେଖା**

### ଆଜିର ମନ୍ତବ୍ୟ

"ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଅଧିକ ସଂଖ୍ୟକ ମହିଳା ଅଂଶଗ୍ରହଣ କରିବା ଆବଶ୍ୟକ।

– ରାମନାଥ କୋବିନ୍ଦ, ରାଷ୍ଟ୍ରପତି

### କିଛି ତଥ୍ୟ

ଚଳିତ ବର୍ଷ ଅକ୍ଟୋବରରେ ସୁନା ଆମଦାନୀ ୪୩% ହ୍ରାସ ଘଟି ୧.୬୮ ବିଲିୟନ ଡଲାର ରହିଛି। ଏହା ଗତ ବର୍ଷ ସମାନ ସମୟରେ ୨.୯୫ ବିଲିୟନ ଡଲାର ଥିଲା।

– ବାଣିଜ୍ୟ ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE | 15.11.2018 | Venc℗bb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 57 | 102 | 112 |
| CTC | 56 | 101 | 111 |
| DKL | 60 | 106 | 116 |
| BDK | 58 | 103 | 113 |
| BLS | 58 | 103 | 113 |
| ANG | 62 | 109 | 119 |

*Conditions Apply

Eggs Retail Price- 51/-Dozen
Issued in the Interest of Consumers


# ଘା' ସଂକ୍ରମଣରେ ଯାଇଛି 'ମହାବୀର' ଜୀବନ

ଭୁବନେଶ୍ୱର(ବ୍ୟୁରୋ)/ବନ୍ତଳା (ଡି.ଏନ.ଏ.), ୧୫।୧୧

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ ବାଘ ବଂଶ ବୃଦ୍ଧି ପାଇଁ ମଧ୍ୟପ୍ରଦେଶର କାହ୍ନା ଅଭୟାରଣ୍ୟରୁ ଗତ ଜୁନ ୨୧ରେ ଅଣାଯାଇଥିବା ମହାବଳ ବାଘ 'ମହାବୀର'ର ମୃତ୍ୟୁ ଘଟିଛି। ଗୁରୁବାର ବନ ବିଭାଗ ଏହା ସ୍ପଷ୍ଟ କରିଛି। ବେକରେ ଏକ ଘା' ସୃଷ୍ଟି ହୋଇ ସଂକ୍ରମଣ ହେବା ଯୋଗୁ ବୁଧବାର ଅପରାହ୍ନ ପ୍ରାୟ ୧ଟାରେ ବାଘର ଜୀବନ ଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ସାତକୋଶିଆ ଡିଏଫ୍‌ଓ ରାମାସ୍ୱାମୀ ପି. ସୂଚନା ଦେଇଛନ୍ତି।

ଘଟଣା ଜଣାପଡ଼ିବା ପରେ ତୁରନ୍ତ ବନ ବିଭାଗ ଅଧିକାରୀମାନେ ରାଇଗୁଡ଼ା ନୂଆଗଡ଼ସ୍ଥିତ ଜଙ୍ଗଲରେ ପହଞ୍ଚିଥିଲେ। ଗୁରୁବାର ସକାଳେ ବାଘ ମୃତଦେହ ବ୍ୟବଚ୍ଛେଦ କରାଯାଇ ସେଠାରେ ପୋଡ଼ି ଦିଆଯାଇଛି। ଅନ୍ୟପଟେ 'ମହାବୀର'ର ମୃତ୍ୟୁ ପରେ ରାଜ୍ୟରେ ବ୍ୟାଘ୍ର ବଂଶ ବୃଦ୍ଧି ପାଇଁ ଆରମ୍ଭ ହୋଇଥିବା ସ୍ଥାନାନ୍ତର ପ୍ରକ୍ରିୟାକୁ ବଡ଼ ଝଟକା ଲାଗିଛି। ମହାବୀର ମୃତ୍ୟୁ ଏକ ସମ୍ବେଦନଶୀଳ ଘଟଣା। ତେଣୁ ବ୍ୟାଘ୍ର ପ୍ରକଳ୍ପ ସାମୟିକ ଭାବେ ବନ୍ଦ ରଖାଯିବ। ଆଲୋଚନା ପରେ ପୁଣି ଥରେ କ'ଣ କରାଯିବ ସେନେଇ ନିଷ୍ପତ୍ତି ☞ପୃଷ୍ଠା-୨


ମୃତ ମହାବଳ।

### ସାତକୋଶିଆରେ ବାଘ ମୃତ୍ୟୁ ଘଟଣା

■ ବ୍ୟାଘ୍ର ପ୍ରକଳ୍ପକୁ ସାମୟିକ ସ୍ଥଗିତ ରଖିଲା ଏନ୍‌ଟିସିଏ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................


ଆୟାନ
ପରିବାରବର୍ଗ


ଶ୍ରେୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



# classified

### automobile

**SALE**

JCB Machine Excavators 22T, 20T, 12T, 10T, 8T & loader- 2dX, 3dX, JCB Compactor, JCB loadall available for sale and hire. Contact immediately: 9556240228, 9937292015. email: kttbbsr@gmail.com. D-9430

Cruze- 2010 automatic 17000 kms. Sunroof, i-20 Active- 2017, Swift- 2011, Skoda Octavia- 2009, Captiva- 2010, Pajero- 2009. 7381091234, 9861194627. D-64376

### real estate

**SALE**

ଭୁବନେଶ୍ୱର- ହଂସପାଳ ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ। 9437003399, 8093465134. D-64352

ଭୁବନେଶ୍ୱର ମହାବୀର Engineering କଲେଜ back sideରେ ସ୍ଥିତିବାନ ପ୍ଲଟ ମିଳୁଛି। 8338932027. D-64365

Bhubaneswar AIIMS Hospital, DOON/ NMIT College front gharabari plot. 9437298164. D-64351

Infocity-2 Campus frontରେ BDA yellowzone plot sale urgent. 9938770157, 7008818182. D-64366

ସୁନ୍ଦରପଦା- ଜଟଣୀରୋଡରେ Xavier University ପାଖରେ investment ଉପଯୋଗୀ ସ୍ଥିତିବାନପ୍ଲଟ lowcostରେ ମିଳୁଅଛି। First possession then registration. 8847851850. D-64362

Gharabari boundary plot infront Krupajal Engineering College Bhubaneswar. 9090899281, 8908805481. D-65053

30' road patta gharabari boundary residential plot at Benupur near Hanspal (100' road side). 9437033320. D-64373

Gharabari plot east facing measuring A.0.700 Dec. for sale. AD joining to Bhubaneswar-Puri National Highway (at Satasankha, Puri). Suitable for Petrol Pump, godown, resorts etc. Genuine buyers contact directly. 9437010484. D-9434

2BHK flat 1250 sqft. for sale in Cosmopolis, Khandagiri. 9835502122. D-9458

3BHK flat for sale at Goutam Nagar, Vivekananda Marg, Near Mausima Temple. Contact: 7789841141, 9692864178. D-64535

Patia Bigbazarରୁ 5km. ଦୂରତାରେ ରାସ୍ତାଥାଇ ବାସୋପଯୋଗୀ ପ୍ଲଟ sqft. 600/-. 9937686826. D-64744

4200 sft. homestead land immediately sale Hanspal NH- 5, Bhubaneswar. Contact Deepak: 9937329999 (Conditions Apply). D-64538

4BHK duplex with gated community at Balianta (land-1400 construction-2100) @ 50 lakh. Finance by LIC housing. Distance from NH- 4km. Handover within 1 year. Contact Mplanets: 9861022055, 9938219397. D-9398

Plot size 40x60 ft. (25 ft. connecting road), near to 200 ft. newly built road from Infosys-2 Campus to Gohira Chhak (NH-5) in Badaraghunathpur mouza (adjacent Gita Gandhi College). 09443101191. D-9455

9000 sqft. plot (212 decml) for sale, 52 ft. frontage to Sunderpur Mainroad and 100 mtrs from 200 ft. road, near to upcoming Wisdom International School, D.N. Homes, Orchid lifestyle, KIIMS Medical College, KIIT College, Big-Bazar at a 4km. distance. Contact: 9338342502, 9437095996. D-65176

ଭୁବନେଶ୍ୱର Jupiter College frontରେ NHକୁ ଲାଗି BDA plot ବିକ୍ରିହେବ। 8917250445. D-64375

1BHK, 2BHK, 3BHK approved flats at Hitech Heaven near Godiapokhari Chowk, Bhubaneswar. 9861024170, 9439101498. D-9402

ସମ୍ ହସ୍‌ପିଟାଲ୍ ତିନି କିଲୋମିଟର duplex 38,00,000/-, ହଂସପାଳ ଚାରିକିମି ଘରବାରି ପ୍ଲଟ 7,50,000/- ନଖରା Waterpark 5,50,000/-. 9438328183. D-9449

### construction

Construct your building in finished house contact: 9937064680. D-27282

### to-let

5000 sqft. for new godown at Bhagwanpur Industrial Estate, Patrapada near Hotel South City. 9437026351. D-9417

Office space available on lease at a prime location. Ground floor- 3150 sqft., 2nd floor- 2802 sqft., 3rd floor- 2802 sqft. at Keshari Talkies Complex, 98, Kharavel Nagar, Bhubaneswar. Please contact: 9861575999 (Vinod), 9583218212 (Saroj). D-9435

### packers & movers

Shivam logistic packers movers. Household/ car relocation countrywide. 9777044177, 9338461333. D-9429

### healthcare

Fully refreshed/ relaxed body massage by expert therapist, Shastrinagar. 7377984773. D-65140

Rejuvenate and Ayurvedic full body massage by smart therapist. 9114402304. D-65138

Pamper yourself this Mansoon professional massage. Contact Purple Orchid. 9776598888. D-65139

Newly open herbal full body massage with refreshment well trained therapist. 7381239385. D-64636

Experience full body massage with us by expert Enquiry: 7377048581. D-65173

Take gym body massage and steambath from gym trainer. 9337337007, 9861556765. D-65174

Newly open ayurvedic full body massage ladies and gents: 8117033493. D-65063

All type of full body massage by expert therapist. 7609005923. D-65166

Herbal full body massage by smart/ expert therapist. Contact: 8338067247. D-65167

Newly opening ayurvedic massage smart therapist, Shree herbal. 7750020754. D-65168

Improving your health, skin care through expert therapist, excellent offer. 9668374480. D-65169

### education

Admission open. Medical Registration, BAMS, BHMS, BUMS, D.Pharma, Nursing. Contact: 9893869473. D-65175

### astrology

Lab certified ରାଶିରତ୍ନ, ୧-୧୪ ମୁଖୀ ରୁଦ୍ରାକ୍ଷ, ଯନ୍ତ୍ର, ଅନ୍ୟ। 91+8093050401. D-9371

### AFFIDAVIT

By affidavit before Executive Magistrate, Bhubaneswar. Cf. No.- 66/18, dated 14.11.2018, I have been changed my surname from "Subudhi" to "Dakua" At/ Po- Mukunda Prasad, Ps/ Dist.- Khurdha that since my marriage with Dhaneswar Dakua. I have been recognized, identified and known as Laxmi Subudhi to "Laxmi Dakua" for all purposes. D-59523

I Aparti Charan Pal, Jagamohan Nagar, Khandagiri, BBSR changed my surname Pal to Pattanaik vide affidavit before Executive Magistrate 27.10.18. D-9450

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



**ଜନ୍ମଦିନ ଶୁଭେଚ୍ଛା**



**ସାଇପ୍ରଜ୍ଞା ନାୟକ**
ଖଜୁରିପଦା, କଳାପଥର, ବାଙ୍କୀ
ତୋ ଜୀବନର ଚଲାପଥ କୁସୁମିତ ହେଉ। ଶୁଭେଚ୍ଛା ସହ: ବାବା, ମାମା, ଜେଜେ, ଜେଜେମା, ଅଜା, ଆଇ, ଭାଇ,ଭଉଣୀ, ବନ୍ଧୁ ଓ ପରିବାରବର୍ଗ। ଧ-୬୪୬୪୦

**୩ୟ ଜନ୍ମଦିନ ଶୁଭେଚ୍ଛା**



**ଆୟାନ ପ୍ରଧାନ**
ମାତା- ଅର୍ଚ୍ଚିତା ପ୍ରଧାନ
ପିତା- ସୁଶିଲ କୁମାର ପ୍ରଧାନ
ଗ୍ରା/ପୋ- ଲୁଡୁରପଙ୍କ, ଜିଲ୍ଲା- ସୁବର୍ଣ୍ଣପୁର
ଶୁଭେଚ୍ଛା ସହ: ରାକ୍ଷୀ, ବନ୍ଧନ, ବଡବାପା, ବଡମା, ଦାଦା, ଆଇ, ମାମୁ, ମାଇଁ। ଧ-୬୨୪୫୮

**3rd Birthday Wish**



(Shreya)
**Bhagyashree Swain**
May Maa Vimeswari bless you. Jay Jagannath. From Maanoj Swain & All family members. D-9456


**ପ୍ରଥମ ପୃଷ୍ଠାରୁ...**

## ତହସିଲଦାରଙ୍କ କୋଟିପତି ...

ତାରିଣୀଗଡ଼ାସ୍ଥିତ ତାଙ୍କ ତିନି ମହଲା ବିଶିଷ୍ଟ ଘରୁ ୬ ଲକ୍ଷ ୧୧ହଜାର ୨୨୦ ଟଙ୍କା ମୂଲ୍ୟର ସୁନାଗହଣା ଭିଜିଲାନ୍ସ ଠାବ କରିଛି । ଏଥିସହ ମଣ୍ଡଳଙ୍କର ୧୦ ଲକ୍ଷ ୧୧ହଜାର ୮୧୦ ଟଙ୍କା ମୂଲ୍ୟର ଗୋଟିଏ ହ୍ୟୁଣ୍ଡାଇ କାର୍ ଥିବାବେଳେ ୩ ଲକ୍ଷ ଟଙ୍କା ମୂଲ୍ୟର ଗୋଟିଏ ମହିନ୍ଦ୍ରା ବୋଲେରୋ ଜିପ୍, ୧ ଲକ୍ଷ ୫୪ହଜାର ୫୦୦ ଟଙ୍କା ମୂଲ୍ୟର ୩ଟି ବାଇକ ରହିଛି। ସେହିପରି ବିଭିନ୍ନ ବ୍ୟାଙ୍କରେ ମଣ୍ଡଳ ୧ ଲକ୍ଷ ୧୭ହଜାର ୨୨୯ ଟଙ୍କା ଜମା ରଖିଥିବାବେଳେ ୧ ଲକ୍ଷ ଟଙ୍କାର ଫିକ୍ସଡ୍ ଡିପୋଜିଟକୁ ଭିଜିଲାନ୍ସ ଧରିଛି । ସେହିପରି ୨ଲକ୍ଷ ୫୦ ହଜାର ଟଙ୍କାର ବୀମା, ୭ ଲକ୍ଷ ୩୦ହଜାର ୬୯୪ ଟଙ୍କା ମୂଲ୍ୟର ଆସବାବପତ୍ର ଓ ନଗଦ ୧ ଲକ୍ଷ ୫୫ହଜାର ଟଙ୍କା ଭିଜିଲାନ୍ସ ଠାବ କରିଛି। ତାଙ୍କ ଘରର ମୂଲ୍ୟ ୭୨ ଲକ୍ଷ ୪୦ହଜାର ୪୦୦ ଟଙ୍କା ବୋଲି ଦର୍ଶାଯାଇଛି। ଏହିପରି ମୋଟ ୧ କୋଟି ୪ ଲକ୍ଷ ୨୦ହଜାର ୮୫୩ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଭିଜିଲାନ୍ସର ହସ୍ତଗତ ହୋଇଛି। ଜଣେ ତହସିଲଦାରଙ୍କ ଗାଡ଼ି ଚାଳକ ଏତେ ସମ୍ପତ୍ତି କିଭଳି ପାଇଲେ ତାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଏହି ଚଢାଉରେ ଭିଜିଲାନ୍ସ ଡିଏସ୍‌ପି ସୁଶାନ୍ତ କୁମାର ସେନ, ତ୍ରିଲୋଚନ ସ୍ୱାଇଁ, ଇନ୍ସପେକ୍ଟର ଅନନ୍ତ କୁମାର ମହାନ୍ତି, ଅନୁପମା ସାହୁଙ୍କ ସମେତ ଏନ୍.କେ. ନନ୍ଦ ଓ ପି.କେ. ପତି ପ୍ରମୁଖ ସାମିଲ ହୋଇଥିଲେ।

## ଘା' ସଂକ୍ରମଣରେ ଯାଇଛି ...

ନିଆଯିବ ବୋଲି ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ(ଏନ୍‌ଟିସିଏ) ମୁଖ୍ୟ ଅନୁପ ନାୟକ କହିଛନ୍ତି।

ପିସିସିଏଫ୍(ବନ୍ୟପ୍ରାଣୀ) ସନ୍ଦୀପ ତ୍ରିପାଠୀ କହିଛନ୍ତି, ବାଘ ବଂଶ ବିସ୍ତାର ପ୍ରକଳ୍ପ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଭାଗିତାରେ ହୋଇଥିଲା। ଏନ୍‌ଟିସିଏ ସହ ଆଲୋଚନା କରି ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରାଯିବ। ମହାବୀରର ମୃତ୍ୟୁ ଘଟଣାରେ ପିସିସିଏଫ୍ କହିଛନ୍ତି, ସାତକୋଶିଆ ଡିଏଫ୍‌ଓ ଏହାର ତଦନ୍ତ କରିବେ। ବାଘର ବେକ ଉପରିଭାଗରେ ଏକ କ୍ଷତ ଚିହ୍ନ ଥିଲା। କିନ୍ତୁ ସେ ଫାଶରେ ପଡ଼ିଥିବା କଥାକୁ ମଧ୍ୟ ଏଡ଼ାଇ ଦିଆଯାଇପାରିବନି। ତେଣୁ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କେଉଁ କାରଣରୁ ବାଘର ମୃତ୍ୟୁ ହୋଇଛି ତାହା ସ୍ପଷ୍ଟ ହେବ।

ବନ ବିଭାଗ ପକ୍ଷରୁ କୁହାଯାଇଛି, ବାଘର ଗତିବିଧି ଉପରେ ନଜର ରଖିଥିବା ମନିଟରିଂ ଟିମ୍ ବୁଧବାର ପୂର୍ବାହ୍ନ ପ୍ରାୟ ୧ଟାରେ ବାଘ ମୃତ୍ୟୁ ନେଇ ସନ୍ଦେହ କରିଥିଲେ। ବେକରେ ଲାଗିଥିବା ରେଡିଓ କୋଲାର ଗୋଟିଏ ସ୍ଥାନରେ ସ୍ଥିର ହୋଇ ରହିଯାଇଥିଲା। ଏପରି କି ଏଥିରେ ଲାଗିଥିବା ପାରାମିଟର ମଧ୍ୟ ବନ୍ଦ ହୋଇଯାଇଥିଲା। ଏପରି ଖବର ପାଇବା ପରେ ବିଭାଗୀୟ ଅଧିକାରୀମାନେ ଘଟଣାସ୍ଥଳକୁ ଯାଇଥିଲେ। ଖୋଜାଖୋଜି ପରେ ରାଇଗୁଡ଼ା ରେଞ୍ଜ ସୀମାନ୍ତ ଆଠଗଡ଼ ବନଖଣ୍ଡ ନରସିଂହପୁର ରେଞ୍ଜ ନୂଆଗଡ଼ ବନାଞ୍ଚଳର ଶମ୍ବରପକାଧରଠାରେ ବାଘର ମୃତଦେହ ଠାବ କରାଯାଇଥିଲା। ପ୍ରାଥମିକ ତଦନ୍ତରୁ ବାଘ ବେକରେ ସୃଷ୍ଟ ଘା' ୫ଦିନ ପୂର୍ବର ବୋଲି ଜଣାପଡ଼ିଥିଲା। ଏପରି କି ବେକ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ କ୍ଷତ ନ ଥିଲା। ରେଡିଓ କୋଲାର ଚତୁଃପାର୍ଶ୍ୱରେ ଘା ସଂକ୍ରମଣ ହୋଇଯାଇ ପୋକ ହୋଇଯିବାରୁ ବାଘର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ବ୍ୟବଚ୍ଛେଦ ବେଳେ ସାତକୋଶିଆ କ୍ଷେତ୍ର ରକ୍ଷକ, ସାତକୋଶିଆ ପ୍ରାଣୀ ଚିକିତ୍ସକ, ଏନ୍‌ଟିସିଏ ପ୍ରତିନିଧି, ସ୍ଥାନୀୟ ଏନ୍‌ଜିଓ ପ୍ରତିନିଧି ଉପସ୍ଥିତ ଥିଲେ। ଏନ୍‌ଟିସିଏର ପ୍ରୋଟୋକଲ ଅନୁଯାୟୀ ସମସ୍ତ କାର୍ଯ୍ୟ କରାଯିବା ପରେ ମୃତଦେହ ସେଠାରେ ପୋଡ଼ି ଦିଆଯାଇଛି।

### ଦୁଃଖପ୍ରକାଶ କଲେ 'ମହାବୀର'କୁ ଧରିଥିବା ଅଧିକାରୀ

କାହ୍ନା ଟାଇଗର ରିଜର୍ଭର ପୂର୍ବତନ ଫିଲ୍ଡ ଡାଇରେକ୍ଟର ସଞ୍ଜୟ ଶୁକ୍ଳା ଯାହାଙ୍କ ନେତୃତ୍ୱରେ ମହାବୀରକୁ ଧରାଯାଇ ସାତକୋଶିଆ ପଠାଯାଇଥିଲା ସେ କହିଛନ୍ତି ଯେ, ଏପରି ଘଟଣା ବହୁତ ଦୁଃଖ ଦେଇଛି। ବାଘକୁ କାହିଁକି ଦେଇଥିଲୁ ସେନେଇ ଏବେ ଚିନ୍ତା କରୁଛୁ। ସାତକୋଶିଆକୁ ଆମେ ଦୁଇଟି ବାଘ ପଠାଇଥିଲୁ। 'ସୁନ୍ଦରୀ'କୁ ନନ୍ଦନକାନନରେ ରଖିବାକୁ ନିଷ୍ପତ୍ତି ହୋଇଛି ଓ 'ମହାବୀର'ର ମୃତ୍ୟୁ ଘଟିଲା। ତେଣୁ ଏହା ଆମର ବଡ଼ କ୍ଷତି। ତେବେ ସୁନ୍ଦରୀକୁ ପୁଣି ଥରେ ଆଣିବା ପାଇଁ ଆମେ ମଧ୍ୟପ୍ରଦେଶ ପିସିସିଏଫ୍‌ଙ୍କୁ କହିଛୁ ବୋଲି ଶୁକ୍ଳା କହିଛନ୍ତି।


## ମନେ ପଡ଼ନ୍ତି

**ଦ୍ୱାଦଶାହ ଉପଲକ୍ଷେ**



**ସ୍ୱର୍ଗତ ଦଣ୍ଡପାଣି ମହାପାତ୍ର**
ଆବିର୍ଭାବ: ୨୨।୦୪।୧୯୨୯
ତିରୋଧାନ: ୦୫।୧୧।୨୦୧୮
ତୁମେ ଥିଲ ଅଜ୍ଞାନର ଅନ୍ଧକାରରେ ଜ୍ଞାନଦୀପ୍ତି, ପ୍ରତ୍ୟେକ ଆହ୍ୱାନର ମାର୍ଗଦର୍ଶକ, ସ୍ନେହର ସରୋବର ଏବଂ କର୍ତ୍ତବ୍ୟନିଷ୍ଠର ଛାଟ। ତୁମକୁ ଛାଡି ଝୁରିହୁଏ ସକଳ ପରିବାର। ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ନାତୁଣୀ ଜ୍ୱାଇଁ ଏବଂ ଅନ୍ୟମାନେ। ଧ-୯୪୫୭

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ବିନୟ କୁମାର ପଟ୍ଟନାୟକ**
ଆବିର୍ଭାବ: ୧୯।୦୫।୧୯୫୧
ତିରୋଧାନ: ୦୬।୧୧।୨୦୧୮
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ଦି ଷ୍ଟଡି କମ୍ପ୍ଲେକ୍ସ ଓ ପରିବାରବର୍ଗ। ଧ-୯୪୬୨

**୧୩ତମ ଶ୍ରାଦ୍ଧବାର୍ଷିକୀ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଇଂ. ସ୍ୱର୍ଗତ ଚକ୍ରଧର ପାତ୍ର**
ନାଗେଶ୍ୱରଟାଙ୍ଗୀ, ଭୁବନେଶ୍ୱର
ଆବିର୍ଭାବ: ୦୪।୦୧।୧୯୩୮
ତିରୋଧାନ: ୩୦।୧୦।୨୦୦୬
ପବିତ୍ର ଗୋଷ୍ଠାଷ୍ଟମୀ ତିଥି ଅବସରରେ ଆପଣ ଆମକୁ ଶୋକସାଗରରେ ଭସାଇ ଆରପାରିକୁ ଚାଲିଗଲ। ଆପଣଙ୍କ ନୀତି ଆଦର୍ଶ, ସ୍ନେହ ଆମ ପାଇଁ ପାଥେୟ ହୋଇରହୁ। ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କରନ୍ତୁ। ଶୋକସନ୍ତପ୍ତ: ସ୍ତ୍ରୀ-ପ୍ରଭାସିନୀ, ପୁଅବୋହୂ, ଝିଅଜ୍ୱାଇଁ, ନାତିନାତୁଣୀ ଏବଂ ବନ୍ଧୁବାନ୍ଧବ। ଧ-୫୮୦୦୭

**୧୩ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଦ୍ୱିଜବର ପାତ୍ର**
ନହରକଣ୍ଟା, ଭୁବନେଶ୍ୱର
ଆବିର୍ଭାବ: ୧୫।୦୨।୧୯୪୦
(ଶୁକ୍ଳ ମାଘସପ୍ତମୀ)
ତିରୋଧାନ: ୦୯।୧୧।୨୦୦୫
(କାର୍ତ୍ତିକ ଗୋଷ୍ଠାଷ୍ଟମୀ)
ଆପଣଙ୍କ ଅମରାତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। **ବନ୍ଧୁ, ପରିବାରବର୍ଗ।** ଧ-୯୩୯୬


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଏକାଦଶ ସ୍ଥାନରେ ଚନ୍ଦ୍ର ସହ ମଙ୍ଗଳ ସଂଯୋଗ ଅର୍ଥ, ଜମିଜମା, କଳକବ୍‌ଜା, ବିଦ୍ୟୁତ୍ ଉପକରଣାଦି ଲାଭର ସମ୍ଭାବନା ରହିଛି। କିନ୍ତୁ ଏହାସାଙ୍ଗକୁ କର୍ମକ୍ଷେତ୍ରରେ କେତେକ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ ପ୍ରକାର କଥା କହୁଥିବାର ଶୁଣିବାକୁ ପାଇବେ।

**ବୃଷ**
ଉପଚୟ ସ୍ଥାନରେ ରାହୁଙ୍କ ଅବସ୍ଥିତି ସମସ୍ୟା ସମାଧାନରେ ସହାୟକ ହୋଇପାରିବ। କୌଣସି ବନ୍ଧୁ କିମ୍ବା ସହକର୍ମୀ ଅଥବା ପାଖପଡ଼ୋଶୀ ସହଯୋଗର ହାତ ବଢ଼ାଇବା କାରଣରୁ ଆପଣଙ୍କ କୌଣସି କାମ ଅଟକିବ ନାହିଁ। ଅଫିସ୍ କିମ୍ବା ଆଲୋଚନା କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ।

**ମିଥୁନ**
ରାଶି ପ୍ରତି ଶନିଙ୍କ ଦୃଷ୍ଟି ଶାରୀରିକ ଓ ମାନସିକ ସ୍ତରକୁ ଉଦାସୀନ ରଖିପାରେ। ନିଜ ସଂସ୍ପର୍ଶରେ ଆସୁଥିବା କୌଣସି ବ୍ୟକ୍ତିଙ୍କୁ ଅପ୍ରିୟ କଟୁ ସତ୍ୟ କହି ତିକ୍ତତା ସୃଷ୍ଟିର ଆଶଙ୍କା ରହିଛି। କଳା, ସାହିତ୍ୟ, ରାଜନୀତି, ସଂଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହେବେ।

**କର୍କଟ**
ଅଷ୍ଟମସ୍ଥ ଦୁଇଟି ଗ୍ରହ ଆର୍ଥିକ ଉନ୍ନତି କରାଇଲେ ମଧ୍ୟ ଶାରୀରିକ ଅସୁସ୍ଥତା ସୃଷ୍ଟି କରିପାରନ୍ତି। ମନ କଥା ମନରେ ରଖି ସବୁ କଥାକୁ ଚିନ୍ତା କରି କାମ କରନ୍ତୁ, ନଚେତ୍ ଅଯଥା କଳହ ଲାଗିବ। ପରିବାର ମଧ୍ୟରେ ନିଜ ଭାଇ, ବନ୍ଧୁଙ୍କ ସହ ସାଧାରଣ କଥାରେ ପାଟିତୁଣ୍ଡ ହୋଇପାରେ। ସଭାସମିତିରେ ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଖୁସି ହେବେ।

**ସିଂହ**
ନିଜ ଅସାମର୍ଥ୍ୟଜନିତ ଅସହାୟତାକୁ ବନ୍ଧୁଙ୍କ ସାହାଯ୍ୟ କାର୍ଯ୍ୟକୁ ତ୍ୱରାନ୍ୱିତ କରିବ। କିନ୍ତୁ କୃତ୍ତିକା ନକ୍ଷତ୍ର ଋଣ ଭାରରେ ଅତିଷ୍ଠ ହେବେ, କିନ୍ତୁ ପରିଶୋଧର ରାସ୍ତା ଖୋଜି ପାଇପାରିବେ ନାହିଁ। କ୍ରୀଡ଼ା, କଳା, ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବାରେ ସମର୍ଥ ହେବେ। ଅଫିସିଆଲି କାମ ପାଇଁ ଚିନ୍ତା କରନ୍ତୁ ନାହିଁ, ମଧ୍ୟାହ୍ନରେ ଟେନ୍‌ସନ ଦୂର ହେବ।

**କନ୍ୟା**
ଆଜି ବ୍ୟୟଭାର ବୃଦ୍ଧିଜନିତ ମାନସିକ ଅସ୍ଥିରତା ସୃଷ୍ଟି ହେବ। କିଛି ପାଇବାର ଆଶା ରଖିଲେ କିଛି ଦେବା ପାଇଁ ଚେଷ୍ଟା କରନ୍ତୁ, ଅନ୍ୟଥା ନିରାଶରେ ଘୂରି ବୁଲିବାକୁ ପଡିବ। ଜମା ପଡୁ ନ ଥିବା ବନ୍ଧୁ କିମ୍ବା ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ସାଙ୍ଗକୁ କଳହର ଆଶଙ୍କା ମଧ୍ୟ ରହିଛି।

**ତୁଳା**
ତିନୋଟି ରାଶିରେ ଦୁଇଟି ଲେଖାଏ ଗ୍ରହ ଅବସ୍ଥାନ କରି ସାମଗ୍ରିକ ସୁଖ, ସମ୍ମାନ ପ୍ରଦାନ କରିବେ। ସମସ୍ୟା ସମାଧାନର ମାର୍ଗ ଉନ୍ମୁକ୍ତ ହୋଇଯିବ। କର୍ମକ୍ଷେତ୍ରରେ କିଛି ଦେବା ଲାଗି ପ୍ରତିଶ୍ରୁତି ଦେଇଥିବା କୌଣସି ବନ୍ଧୁଙ୍କୁ ହଁ କିମ୍ବା ନାହିଁ କରିପାରିବେନି। ଅବଶ୍ୟ ଶତ୍ରୁଠାରୁ ଦୂରତା ରଖି କାମ କରିବା ଭଲ ହେବ।

**ବିଛା**
ଅନୁକୂଳ ସମୟର ଆଗମନରେ ମାନସିକ ସ୍ତରରେ ଆନନ୍ଦ ଅନୁଭବ କରିବେ। ଯାହା ଦୀର୍ଘଦିନ ହେଲା ହୋଇପାରି ନ ଥିଲା, ଆଜି ତାହା ଆକସ୍ମିକ ଭାବେ ହୋଇଯିବ। ଦୋକାନ, ପରିବହନ, ଶିଳ୍ପ ଓ ବ୍ୟବସାୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କରିବେ ଓ ସଫଳ ମଧ୍ୟ ହେବେ। ସହକର୍ମୀଙ୍କ ପକ୍ଷରୁ ସମସ୍ୟା ଆସିପାରେ।

**ଧନୁ**
ଭାଗ୍ୟଭାବ ପ୍ରତି ମଙ୍ଗଳ ଓ ଚନ୍ଦ୍ରଙ୍କ ଦୃଷ୍ଟି ନିଜ ଲୋକମାନଙ୍କ ନିକଟରୁ ବିରୋଧାଭାସର ପୂର୍ବ ସୂଚନା ପାଇପାରନ୍ତି। କୌଣସି ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କ କର୍ମକ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ବାଟରେ ଯିବା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ। ଚେଷ୍ଟା କରୁଥିବା କାମରେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ।

**ମକର**
କର୍ମସ୍ଥାନରେ ରବି ଓ ଶୁକ୍ରଙ୍କ ଅବସ୍ଥିତି କାରଣରୁ କୌଣସି ବିଶିଷ୍ଟବ୍ୟକ୍ତିଙ୍କ ସହାୟତାରେ ନୂତନ କର୍ମାରମ୍ଭ କରି ଆତ୍ମତୃପ୍ତି ଲାଭ କରିବେ। କର୍ମକ୍ଷେତ୍ରରେ ଉପରିସ୍ଥ ଅଧିକାରୀମାନେ କାମ ହାସଲ ସକାଶେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି, ଲେଖାପଢ଼ା ପ୍ରଭୃତିରୁ ସୁଫଳ ପାଇବେ।

**କୁମ୍ଭ**
ଆଜି ଯେଉଁ କାମ ଆରମ୍ଭ କରିବେ ତାହା ନିର୍ବିଘ୍ନରେ ସମାପନ ହୋଇପାରିବ। ପାରିବାରିକ ସମସ୍ୟାର ସମାଧାନ ସକାଶେ ନିଜ ବନ୍ଧୁମାନଙ୍କ ସାହାଯ୍ୟ ଭିକ୍ଷା କରି ପାରନ୍ତି। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। କଳା, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମୀନ**
ଉଚ୍ଚସ୍ଥ ମଙ୍ଗଳ ଆର୍ଥିକ ଓ ସାମାଜିକ ସ୍ତରରେ ଉନ୍ନତି ଘଟାଇପାରେ। ପରିବାରରେ ପିଲାମାନଙ୍କ ସମସ୍ୟା ପାଇଁ ମନ ଅସ୍ଥିର ରହିବ। କର୍ମକ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି, ବାସ୍ତବରେ ସେପରି କିଛି ହେବନି। କଳା, ସାହିତ୍ୟ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ, ନଚେତ୍ ସମସ୍ୟା ଉପୁଜିପାରେ।

ଆଜି ବିଛାସଂକ୍ରାନ୍ତି, କାର୍ତ୍ତିକ ଶୁକ୍ଳ ଅଷ୍ଟମୀ ଯୁକ୍ତ ନବମୀ ଶୁକ୍ରବାର, ନଭେମ୍ବର ୧୬ ତାରିଖ, ଜାତୀୟ ପ୍ରେସ୍ ଦିବସ, ଗୋଷ୍ଠାଷ୍ଟମୀ, ଜଗଦ୍ଧାତ୍ରୀ ପୂଜା, ଜଗମୋହନ ଭୋଗ, ଶରଣଂ, ରାଶି/ନକ୍ଷତ୍ର-ଶତଭିଷା/କୁମ୍ଭ, ନବମୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୭।୨୬ମି. ମଧ୍ୟେ ଘ.୩।୪୦ମି. ଗତେ, ଘ.୫।୦୪ମି. ମଧ୍ୟେ ଅମୃତ ବେଳା। ଦିବା ଘ.୭।୨୮ମି. ଗତେ ଘ.୮।୫୨ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୧୦।୦୮ମି. ଗତେ ଘ.୧୧।୩୦ମି. ମଧ୍ୟେ ରାହୁକାଳ।




## ସଂକ୍ଷେପରେ

### ୩୬ ଘଣ୍ଟିଆ 'ସ୍ମାର୍ଟ ଓଡ଼ିଶା ହାକାଥନ୍' ଉଦ୍‌ଯାପିତ

- ବିଜେତାଙ୍କୁ ପୁରସ୍କୃତ କଲେ ମୁଖ୍ୟମନ୍ତ୍ରୀ
- ଟେକ୍ନୋଲୋଜି ପ୍ରୟୋଗରେ ସମାଧାନ ବାହାରକଲେ ପ୍ରତିଯୋଗୀ

**ଭୁବନେଶ୍ୱର,୧୫।୧୧(ବ୍ୟୁରୋ):** 'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍' ଅବସରରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଏବଂ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ 'ସ୍ମାର୍ଟ ଓଡ଼ିଶା ହାକାଥନ୍' ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମଥର ପାଇଁ ଦକ୍ଷତା ବିକାଶ କ୍ଷେତ୍ରରେ ଏହି ୩୬ ଘଣ୍ଟିଆ ହାକାଥନ୍ ଭୁବନେଶ୍ୱରର କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି(ସିଇଟି) ପରିସରରେ ଆୟୋଜନ କରାଯାଇଥିଲା। ଡିଜିଟାଲ ଜ୍ଞାନକୌଶଳକୁ ବ୍ୟବହାର କରି ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ପ୍ରଶାସନିକ ତଥା ଅନ୍ୟାନ୍ୟ ସମସ୍ୟାକୁ ଟେକ୍ନୋଲୋଜି ଦ୍ୱାରା ସମାଧାନ କରିବା ଉଦ୍ଦେଶ୍ୟରେ ଏହି ସ୍ମାର୍ଟ ହାକାଥନ୍ ଆୟୋଜିତ ହୋଇଥିଲା। ଏଥିରେ ଦେଶବ୍ୟାପୀ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ବୈଷୟିକ ଶିକ୍ଷାନୁଷ୍ଠାନରୁ ପ୍ରାୟ ୪୦୩୮ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଭାରତର ୧୨ଟି ରାଜ୍ୟରୁ ପ୍ରାୟ ୮୪ଟି ଟିମ୍ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ସହ ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ନୂଆଦିଲ୍ଲୀ, ପଞ୍ଜାବ, ରାଜସ୍ଥାନ, ତାମିଲନାଡୁ, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗର ଛାତ୍ରୀଛାତ୍ର ଏଥିରେ ଭାଗନେଇଥିଲେ। ଓଡ଼ିଶାରୁ ମୋଟ ୧୪୧୮ଜଣଙ୍କୁ ନେଇ ୪୫ଟି ଦଳ ରହିଥିବା ବେଳେ ଅନ୍ୟ ୧୧ଟି ରାଜ୍ୟର ୩୫ଟି ଦଳରେ ୨୬୨୦ଜଣ ପ୍ରତିଯୋଗୀ ରହିଥିଲେ। କୃଷି କ୍ଷେତ୍ରରେ ୯୨, ପରିବେଶ ବିଜ୍ଞାନ ଓ ଜଳବାୟୁରେ ୧୫୯, ଶିକ୍ଷାରେ ୧୮୯, ସ୍ୱାସ୍ଥ୍ୟରେ ୧୯୮, ଗୃହ ଓ ସହର ବିଭାଗରେ ୫୮, ଶିଳ୍ପରେ ୪୬, ଦକ୍ଷତା ଓ ଉଦ୍ୟୋଗିତାରେ ୩୪ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ୩୦୬ଜଣ ପ୍ରତିଯୋଗୀ ଭାଗନେଇଥିଲେ। ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀଙ୍କୁ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରସ୍କୃତ କରିଛନ୍ତି।




## ହାତୀ ମୃତ୍ୟୁ ଘଟଣା: କନିଷ୍ଠ ଯନ୍ତ୍ରୀ ନିଲମ୍ବିତ

**ବାରିପଦା ଅଫିସ,୧୫।୧୧**

ବାରିପଦା ବନଖଣ୍ଡ ଦେଉଳି ବନାଞ୍ଚଳ ଅନ୍ତର୍ଗତ ସୁନାପୋଷି ନିକଟରେ ଓହଳି ପଡିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ଦନ୍ତା ହାତୀର ମୃତ୍ୟୁ ହେବା ଘଟଣା ନେଇ ବନ ବିଭାଗ ତଦନ୍ତ ଜାରି ରଖିଛି। ପ୍ରାଥମିକ ତଦନ୍ତ ପରେ ବିଦ୍ୟୁତ୍ ବିଭାଗକୁ ଦାୟୀ କରି କୁଳିଅଣାର କନିଷ୍ଠ ଯନ୍ତ୍ରୀ ପଦ୍ମକିଶୋର ଜେନାଙ୍କ ନାମରେ ଗୁରୁବାର ମାମଲା ରୁଜୁ କରାଯାଇଛି। ଏହି ପରିପ୍ରେକ୍ଷୀରେ କନିଷ୍ଠ ଯନ୍ତ୍ରୀ ଜେନାଙ୍କୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ନିଲମ୍ବିତ କରାଯାଇଥିବା ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ରାଜୀବ ନାୟକ ସୂଚନା ଦେଇଛନ୍ତି। ସୁନାପୋଷି ଅଞ୍ଚଳକୁ ଶିମିଳିପାଳରୁ ଦୁଇ ଦନ୍ତା ହାତୀ ଚାଲି ଆସିଥିବା ନେଇ ବୁଧବାର ବିଦ୍ୟୁତ୍ ବିଭାଗକୁ ହ୍ୱାଟ୍ସ ଆପ୍ ମାଧ୍ୟମରେ ଓ ଫୋନ କରି ସୂଚନା ଦିଆଯାଇଥିଲା। ହେଲେ କୁଳିଅଣା ସେକ୍ସନ ପକ୍ଷରୁ ବିଦ୍ୟୁତ୍ ଲାଇନ କଟାଯାଇ ନ ଥିବାରୁ ଅଘଟଣ ଘଟିଥିଲା।

### ■ ଜାଗା ମିଶନର ଶୁଭାରମ୍ଭ, ଭୂମିହୀନ ବସ୍ତିବାସିନ୍ଦାଙ୍କୁ ପଟ୍ଟା ବଣ୍ଟନ

# ନୋଳିଆ ବସ୍ତିରୁ ପାଇଥିଲି ଆଇଡିଆ: ମୁଖ୍ୟମନ୍ତ୍ରୀ

**ପୁରୀ ଅଫିସ,୧୫।୧୧**

ସହରାଞ୍ଚଳରେ ବସବାସ କରୁଥିବା ଭୂମିହୀନ ବସ୍ତିବାସିନ୍ଦାଙ୍କ ପାଇଁ ରାଜ୍ୟ ସରକାର ଶ୍ରୀକ୍ଷେତ୍ର ମାଟିରୁ ଶୁଭାରମ୍ଭ କରିଛନ୍ତି ଜାଗା ମିଶନ୍। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୂମିହୀନ ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ଏବଂ ଗୃହ ନିର୍ମାଣ ନିମନ୍ତେ ଅନୁମୋଦନ ପ୍ରମାଣପତ୍ର ପ୍ରଦାନ କରିଛନ୍ତି।

ଗୁରୁବାର ତାଳବଣିଆଠାରେ ଏ ନେଇ ଅନୁଷ୍ଠିତ ରାଜ୍ୟସ୍ତରୀୟ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପୁରୀର ନୋଳିଆ ବସ୍ତିର ଲୋକଙ୍କୁ ଦେଖି ଜମି ପଟ୍ଟା ଯୋଗାଇଦେବାର ଆଇଡିଆ (ଧାରଣା) ପ୍ରଥମେ ମୋ ମନକୁ ଆସିଥିଲା। ସେମାନେ ଶହ ଶହ ବର୍ଷ ଧରି ସହରବାସୀଙ୍କୁ ସେବା ଯୋଗାଇଦେବା ପରେ ମଧ୍ୟ ସେମାନଙ୍କର ନିଜସ୍ୱ ଜମିପଟ୍ଟା ଖଣ୍ଡେ ନାହିଁ। ତେଣୁ ବସ୍ତିବାସିନ୍ଦାଙ୍କୁ ଜମି ପଟ୍ଟା ଯୋଗାଇ ଦେବାକୁ ନିଷ୍ପତ୍ତି ନେଇଥିଲି। ଗରିବ ଲୋକଙ୍କ ମୁହଁରେ ହସ ଫୁଟାଇବା ମୋର ଲକ୍ଷ୍ୟ। ମହାପ୍ରଭୁଙ୍କ ଧାମରୁ ଆରମ୍ଭ ହୋଇଥିବା ଏହି ଜାଗା ମିଶନ ସମଗ୍ର ଦେଶରେ ଏକ ନୂଆ ଉଦ୍ୟମ। ରାଜ୍ୟର ୨ ହଜାର ବସ୍ତିର ୨ ଲକ୍ଷ ପରିବାରଙ୍କୁ ଜମି ପଟ୍ଟା ଯୋଗାଇଦେବାର ଲକ୍ଷ୍ୟ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ପୁରୀର ୬ ବସ୍ତିବାସିନ୍ଦାଙ୍କୁ ପ୍ରମାଣପତ୍ର ଦେଇଥିଲେ। ପୁରୀ ସହରର ୨୨ଟି ବସ୍ତିର ୬,୫୦୦ ଭୂମିହୀନ ବସ୍ତିବାସିନ୍ଦାଙ୍କୁ ଜମିପଟ୍ଟାର ପ୍ରମାଣପତ୍ର ପ୍ରଦାନ କରାଯିବାର ଯୋଜନା ରହିଥିଲା। ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଭଦ୍ରକ, ଢେଙ୍କାନାଳ, ଗଞ୍ଜାମ, ବାଲେଶ୍ୱର, କେନ୍ଦ୍ରାପଡ଼ା, ବରଗଡ଼ ଓ ବୌଦ୍ଧ ଜିଲାର ଭୂମିହୀନ ବସ୍ତିବାସିନ୍ଦାଙ୍କୁ ଜମି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହାସହିତ ମୁଖ୍ୟମନ୍ତ୍ରୀ ବସ୍ତିବାସିନ୍ଦାଙ୍କ ସହ ଭାବ ବିନିମୟ କରି ଆପଣମାନେ ଖୁସି ତ ବୋଲି ପଚାରିଥିଲେ। ହିତାଧିକାରୀ ଖୁସିବ୍ୟକ୍ତ କରିବା ପରେ ମୁଖ୍ୟମନ୍ତ୍ରୀ କହିଥିଲେ, ଆପଣମାନଙ୍କ ଖୁସିରେ ମୋର ଖୁସି। ଏହି ଉଦ୍ୟମ ମୋର ଜାରି ରହିବ।

ଏଥିରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ସଭାପତିତ୍ୱ କରି କହିଥିଲେ, ବର୍ଷକରେ ଏହି ଯୋଜନା ବିଶେଷ ଫଳପ୍ରଦ ହୋଇଛି। ଏହି ସମୟ ମଧ୍ୟରେ ୨ ହଜାର ବସ୍ତିରେ ଡ୍ରୋନ ସାହାଯ୍ୟରେ ସର୍ଭେ ଶେଷ ହୋଇଛି। ଗଞ୍ଜାମ ଜିଲାରେ ଏହି ଯୋଜନାର ଶୁଭାରମ୍ଭ କରାଯାଇଥିଲା। ସେଥିରେ ପୁରୀ ଓ ଗଞ୍ଜାମ ଜିଲାର ୨ ହଜାର ବସ୍ତିବାସିନ୍ଦାଙ୍କୁ ଜମିପଟ୍ଟା ବଣ୍ଟନ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୧୦ ହଜାର ବସ୍ତିବାସିନ୍ଦାଙ୍କୁ ବଣ୍ଟନ କରାଯାଉଛି। ଏହି ଯୋଜନାରେ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୧୦୦ କୋଟି ଟଙ୍କା ପ୍ରଦାନ କରିଛନ୍ତି। ମନ୍ତ୍ରୀ ମହେଶ୍ୱର ମହାନ୍ତି କହିଥିଲେ, ଗୋଟିଏ ସମାଜ ଏବଂ ସଭ୍ୟତାର ମାପକାଠି ହେଉଛି ତାହାର ଭିତ୍ତିଭୂମି। ଯିଏ ଲହୁ, ଲୁହ ଦେଇ ଏହି ଭିତ୍ତିଭୂମି ତିଆରି କରିଛି ତାହା ପାଇଁ ଆହା ଟିକିଏ କେହି କହିନାହାନ୍ତି। ହେଲେ ପ୍ରଥମେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେମାନଙ୍କ ପାଇଁ ଚିନ୍ତା କରିଛନ୍ତି। ପୁରୀର ୨୦ ହଜାର ପରିବାର ଏହାଦ୍ୱାରା ଉପକୃତ ହେବେ। ମନ୍ତ୍ରୀ ପ୍ରଦୀପ ମହାରଥୀ କହିଥିଲେ, ଆଜି କେବଳ ଓଡ଼ିଶାରେ ନୁହେଁ, ସମଗ୍ର ଭାରତବର୍ଷରେ ଏପରି କି ବିଶ୍ୱରେ ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି ବିଜୁବାବୁଙ୍କ ଦାୟାଦ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବସ୍ତିବାସିନ୍ଦାଙ୍କ ମୁଣ୍ଡ ଗୁଞ୍ଜିବାକୁ ଜାଗା ନ ଥିଲେ ମଧ୍ୟ ସେମାନେ ସହରକୁ ତିଆରି କରିଥାନ୍ତି। ବସ୍ତିବାସିନ୍ଦାଙ୍କ ଏହି ଦୁଃଖକୁ ଉପଲବ୍ଧି କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ସ୍ଥାୟୀ ପଟ୍ଟା ଦେଉଛନ୍ତି। ପୁରୀ ଏମ୍‌ପି ପିନାକୀ ମିଶ୍ର କହିଥିଲେ, ୧୯୯୦ ମସିହାରେ ବିଜୁବାବୁ ମୁଖ୍ୟମନ୍ତ୍ରୀ ହୋଇଥିଲା ବେଳେ ଭୂମିହୀନ ବସ୍ତି ବାସିନ୍ଦାଙ୍କୁ ଭୂମି ଅଧିକାର ଏବଂ ଘର ଦେବାକୁ ପରିକଳ୍ପନା କରିଥିଲେ। ତାହା ଆଜି ପୂରଣ ହୋଇଛି। ବିଜୁବାବୁଙ୍କ ଗୋଟିଏ ସ୍ୱପ୍ନକୁ ସାକାର କରିଛନ୍ତି ତାଙ୍କର ଦାୟାଦ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ଜମିପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ସରିବା ପରେ ମୁଖ୍ୟମନ୍ତ୍ରୀ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରାର ଶୁଭାରମ୍ଭ କରିଥିଲେ। ଟିଟିଲାଗଡ଼ରୁ ହରିଦ୍ୱାର, ଋଷିକେଶ ଅଭିମୁଖେ ତୀର୍ଥଯାତ୍ରାରେ ଯାଉଥିବା ଯାତ୍ରୀମାନଙ୍କୁ ମୁଖ୍ୟମନ୍ତ୍ରୀ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଶୁଭକାମନା ଜଣାଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ଡା. କୁଳମଣି ସାମଲ, ବିଧାୟକ ସମୀରରଞ୍ଜନ ଦାଶ, ଉମାକାନ୍ତ ସାମନ୍ତରାୟ, ସୁରେନ୍ଦ୍ର ସେଠୀ, ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ କମିଶନର ତଥା ଶାସନ ସଚିବ ଜି. ମାଥିଭାଥନନ୍ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସଭାସ୍ଥଳ ନିକଟରେ ପୁରୀର ଗୋଟିପୁଅ, ନାଗା ପ୍ରଭୃତି ପାରମ୍ପରିକ ନୃତ୍ୟ ପରିବେଷଣ ସାଙ୍ଗକୁ ବିଭିନ୍ନ ପ୍ରକାର କଳାକୃତି ପ୍ରଦର୍ଶନ କରାଯାଇଥିଲା।

### ଗରିବଙ୍କ ମୁହଁରେ ହସ ଫୁଟାଇବା ମୋ ଲକ୍ଷ୍ୟ



ରାଜ୍ୟସ୍ତରୀୟ ସମାରୋହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

### ■ ହକି ବିଶ୍ୱକପ୍ ପୂର୍ବରୁ ଅବ୍ୟବସ୍ଥା

# ଟିକେଟ ନ ମିଳିବାରୁ କଳିଙ୍ଗ ଷ୍ଟାଡିୟମରେ ଭଙ୍ଗାରୁଜା



- ୯ ନମ୍ବର ଗେଟରେ ଉତ୍ତେଜନା
- ପୋଲିସର ଲାଠିମାଡ଼

**ଭୁବନେଶ୍ୱର, ୧୫।୧୧(ବ୍ୟୁରୋ)**

ପୁରୁଷ ହକି ବିଶ୍ୱକପ୍ ଆରମ୍ଭ ହେବା ପୂର୍ବରୁ ଅବ୍ୟବସ୍ଥା ଦେଖାଦେଇଛି। ଟିକେଟ ବିକ୍ରିକୁ ନେଇ ଗୁରୁବାର କଳିଙ୍ଗ ଷ୍ଟାଡିୟମ ପରିସରରେ ଉତ୍ତେଜନା ପ୍ରକାଶ ପାଇଛି। ଟିକେଟ କିଣିବାକୁ ଆସିଥିବା ହକିପ୍ରେମୀମାନେ ଟିକେଟ ନ ପାଇବାରୁ ସେଠାରେ ଭଙ୍ଗାରୁଜା କରିଛନ୍ତି। ସୂଚନା ମୁତାବକ, ନଭେମ୍ବର ୧୫ରୁ ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବର ଟିକେଟ ବିକ୍ରି ହେବ ବୋଲି କ୍ରୀଡ଼ା ସଚିବ ପୂର୍ବରୁ ଘୋଷଣା କରିଥିଲେ। ସେହି ଅନୁଯାୟୀ ହକିପ୍ରେମୀମାନେ ଗୁରୁବାର କଳିଙ୍ଗ ଷ୍ଟାଡିୟମକୁ ଟିକେଟ କିଣିବାକୁ ଆସିଥିଲେ। ୧୪ ତାରିଖ ରାତି ପ୍ରାୟ ୨ଟାରୁ ଅନେକ ହକିପ୍ରେମୀ ଷ୍ଟାଡିୟମର ୯ନମ୍ବର ଗେଟ୍‌ରେ ଧାଡ଼ି ବାନ୍ଧିଥିଲେ। ସକାଳ ହେବା ବେଳକୁ ବହୁସଂଖ୍ୟକ ହକିପ୍ରେମୀ ଟିକେଟ ପାଇଁ ଭିଡ଼ ଜମାଇଥିଲେ। ଦୀର୍ଘ ସମୟ ଛିଡ଼ାହେବା ପରେ ସକାଳ ୮ଟା ବେଳକୁ ଜଣେ କର୍ମଚାରୀ ଏଠାରେ ଟିକେଟ ଉପଲବ୍ଧ ନ ଥିବା ସମ୍ପର୍କିତ ଏକ ନୋଟିସ୍ ମାରି ଚାଲିଯାଇଥିଲେ। ଏହା ଦେଖିବା ପରେ ହକିପ୍ରେମୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ସେଠାରେ ହୋହଲ୍ଲା କରି ନିର୍ମିତ ବ୍ୟାରିକେଡକୁ ଭଙ୍ଗାରୁଜା କରିଥିଲେ। ଟିକେଟ କାଉଣ୍ଟର ନିକଟରେ ମରାଯାଇଥିବା ବଡ ବଡ ହୋର୍ଡିଂକୁ ମଧ୍ୟ ଚିରି ଦେଇଥିଲେ। ଉତ୍ତେଜନା ବଢିବାରୁ ଖବର ପାଇ ନୟାପଲ୍ଲୀ ପୋଲିସ ପହଞ୍ଚିଥିଲା। ପୋଲିସ ସେମାନଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଶେଷରେ ପୋଲିସ ବାଧ୍ୟହୋଇ ଲାଠି ଚାଳନା କରିଥିଲା। ଲାଠିମାଡରେ ଯୁବକମାନେ ଏଣେତେଣେ ଦୌଡିଥିଲେ। ଏହାପରେ ପରିସ୍ଥିତି ଶାନ୍ତ ପଡିଥିଲା। ତେବେ ଉଦ୍‌ଘାଟନୀ ଉତ୍ସବର ଟିକେଟ ନ ମିଳିବା ନେଇ କ୍ରୀଡାପ୍ରେମୀମାନେ ସନ୍ଦେହ ପ୍ରକଟ କରିଛନ୍ତି। ଅର୍ଜୁନ ରାଉତ ନାମକ ଯୁବକ କହିଛନ୍ତି, ୧୫ରୁ ହକି ବିଶ୍ୱକପ୍‌ର ଉଦ୍‌ଘାଟନୀ ଟିକେଟ ମିଳିବ ବୋଲି କ୍ରୀଡ଼ା ବିଭାଗ ପକ୍ଷରୁ ଗଣମାଧ୍ୟମରେ କୁହାଯାଇଥିଲା। ତେଣୁ ରାତି ପ୍ରାୟ ୨ଟାରୁ ଆମେ ଏଠାରେ ଧାଡ଼ିରେ ଛିଡ଼ା ହୋଇଥିଲୁ। କିନ୍ତୁ ଟିକେଟ ବିକ୍ରି ହୋଇ ନ ଥିଲା। ଟିକେଟ ବିକ୍ରିରେ ଏକ ବଡ ଜାଲିଆତି ହୋଇଛି। ନେତା, ମନ୍ତ୍ରୀ ଏବଂ ଉଚ୍ଚ ଅଧିକାରୀମାନେ ନିଜ ସମ୍ପର୍କୀୟଙ୍କୁ ଟିକେଟ ବିକ୍ରି କରିଥିବା ସନ୍ଦେହ କରାଯାଉଛି ବୋଲି ଅର୍ଜୁନ କହିଛନ୍ତି।

ଏସମ୍ପର୍କରେ କ୍ରୀଡା ସଚିବ ବିଶାଲ ଦେବ କହିଛନ୍ତି, କେବେଠୁ ଟିକେଟ ବିକ୍ରି ହେବ ତାହା ଶୁକ୍ରବାର ସୂଚନା ଦିଆଯିବ। କାଉଣ୍ଟର ନୁହେଁ ସମସ୍ତ ଟିକେଟ ଅନ୍‌ଲାଇନରେ ମିଳିବ। କେତେ ଟିକେଟ ବିକ୍ରି ହେବ, ସେନେଇ କିଛି ନିଷ୍ପତ୍ତି ନିଆଯାଇନାହିଁ। ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ କହିଛନ୍ତି, ପୋଲିସ ଓ ପ୍ରଶାସନ ମଧ୍ୟରେ ସମନ୍ୱୟର କୌଣସି ଅଭାବ ନାହିଁ। ଟିକେଟ ବିକ୍ରି ହେବ ବୋଲି କୁହାଯାଇନାହିଁ। ସେମାନେ କ'ଣ ପାଇଁ ସେଠାରେ ଭିଡ଼ ଜମାଇଥିଲେ ତାହା ଜଣାନାହିଁ।




## ଓଆର୍‌ଏସ୍‌ପି ରୁଲ୍ସ-୨୦୦୮: କର୍ମଚାରୀଙ୍କ ମହଙ୍ଗା ଭତ୍ତା ବଢ଼ିଲା

**ଭୁବନେଶ୍ୱର,୧୫।୧୧(ବ୍ୟୁରୋ)**

ଓଡ଼ିଶା ରିଭାଇଜ୍‌ଡ ପେ' ସ୍କେଲ୍-୨୦୦୮ରେ କାର୍ଯ୍ୟ କରୁଥିବା ରାଜ୍ୟ ସରକାରୀ କର୍ମଚାରୀମାନଙ୍କ ମହଙ୍ଗା ଭତ୍ତା ୧୪୨%ରୁ ୧୪୮% ପ୍ରତିଶତକୁ ବୃଦ୍ଧି ପାଇଛି। ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଏ ସଂକ୍ରାନ୍ତ ପ୍ରସ୍ତାବକୁ ମଞ୍ଜୁର କରିଛନ୍ତି। ଏଣିକି ରାଜ୍ୟ ସରକାରଙ୍କ ଅଧୀନସ୍ଥ କର୍ମଚାରୀ ଓଡ଼ିଶା ରିଭାଇଜ୍‌ଡ ପେ' ସ୍କେଲ୍-୨୦୦୮ ଅନୁସାରେ ସେମାନଙ୍କ ମହଙ୍ଗା ଭତ୍ତା ୬ ପ୍ରତିଶତ ବୃଦ୍ଧି କରାଯାଇଛି । ଏଣିକି କର୍ମଚାରୀମାନେ ୧୪୨ % ବଦଳରେ ୧୪୮ % ଭତ୍ତା ପାଇବେ । ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ଗତ ଜୁଲାଇ ପହିଲାରୁ ପିଛିଲା ଭାବେ ଲାଗୁହେବ ।

ଯେଉଁ କର୍ମଚାରୀମାନେ ଷଷ୍ଠ ବେତନ କମିଶନ ସୁପାରିସ ଅନୁଯାୟୀ ଦରମା ପାଉଥିବେ, ସେମାନେ ମୂଳ ଦରମା ଓ ଗ୍ରେଡ୍ ପେ' ଉପରେ ଏଣିକି ଅତିରିକ୍ତ ୬ ପ୍ରତିଶତ ମହଙ୍ଗା ଭତ୍ତା ପାଇବେ । ବିଶ୍ୱବିଦ୍ୟାଳୟର ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ, ଯେଉଁମାନଙ୍କର ନିୟମିତ ପେ' ସ୍କେଲ୍‌ରେ ସମୁଦାୟ ଦରମା ରାଜ୍ୟ ସରକାର ବହନ କରୁଛନ୍ତି, ସେମାନଙ୍କ ପାଇଁ ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ପ୍ରଯୁଜ୍ୟ । ସେମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଯେଉଁମାନେ ଏଆଇସିଟିଇ/ୟୁଜିସି ସ୍କେଲ, ଓଆର୍‌ଏସ୍‌ପି ରୁଲ୍ସ(କଲେଜ ଟିଚର୍ସ) ୨୦୧୦ ଏବଂ ମେଡିକାଲ କଲେଜର ଅଧ୍ୟାପକ ଓଆର୍‌ଏସ୍‌ପି ରୁଲ୍ସ(ମେଡିକାଲ କଲେଜ ଟିଚର୍ସ) ୨୦୧୦ ଅନ୍ତର୍ଭୁକ୍ତ । ସେହିପରି ଦରମା ପାଉଥିବା ସବ୍‌ଅର୍ଡିନେଟ୍ ଜୁଡିସିଆଲ ଅଫିସର, ଓଆର୍‌ଏସ୍‌ପି ରୁଲ୍ସ-୨୦୦୮ ଅଧୀନରେ ନିୟମିତ ଦରମା ପାଉଥିବା ୱାର୍କଚାର୍ଜଡ୍ କର୍ମଚାରୀ ଏବଂ କନ୍‌ସୋଲିଡେଶନ ଏବଂ ସେଟଲ୍‌ମେଣ୍ଟ ଅନୁଷ୍ଠାନରେ କାମ କରୁଥିବା ଜବ୍ କଣ୍ଟ୍ରାକ୍ଟ ୱାର୍କର, ଯେଉଁମାନେ ଓଆର୍‌ଏସ୍‌ପି ରୁଲ୍ସ-୨୦୦୮ ଅଧୀନରେ ନିୟମିତ ଦରମା ପାଉଥିବେ, ସେମାନଙ୍କୁ ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ପ୍ରଦାନ କରାଯିବ। ଏତଦ୍‌ବ୍ୟତୀତ ଯେଉଁ କର୍ମଚାରୀମାନେ ୨୦୧୮ ଜୁଲାଇ ପହିଲାରୁ ଚାକିରି କରିଥିବେ ଏବଂ ବର୍ଦ୍ଧିତ ମହଙ୍ଗା ଭତ୍ତା ମଞ୍ଜୁରୀ ସମୟରେ ଚାକିରିରୁ ଅବ୍ୟାହତି ନେଇଥିବେ, ସେମାନେ ମଧ୍ୟ ବର୍ଦ୍ଧିତ ହାରରେ ମହଙ୍ଗା ଭତ୍ତା ପାଇବେ । ଅର୍ଥ ବିଭାଗର ବିଜ୍ଞପ୍ତି ଅନୁଯାୟୀ, ଉପରୋକ୍ତ କର୍ମଚାରୀମାନେ ନଭେମ୍ବର ମାସର ଦରମାରେ ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ପାଇବେ ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଓଡ଼ିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ଉନ୍ନୟନ ସଦସ୍ୟ

**ଭୁବନେଶ୍ୱର, ୧୫।୧୧(ବ୍ୟୁରୋ)**

ନବଗଠିତ ଓଡିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ଉନ୍ନୟନ ପରିଷଦର ଅଧ୍ୟକ୍ଷ ପଦ୍ମଶ୍ରୀ ସୁଦର୍ଶନ ସାହୁ ତଥା ଏହାର ସଦସ୍ୟମାନେ ଶୁକ୍ରବାର ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ହସ୍ତତନ୍ତ ଓ ହସ୍ତଶିଳ୍ପ ଉନ୍ନୟନ ପରିଷଦର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ସଦସ୍ୟମାନେ ଆଲୋଚନା କରିଛନ୍ତି। ଆସନ୍ତା ୨୦ରେ ପରିଷଦର ପ୍ରଥମ ବୈଠକ ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ପରିଷଦର ଅଧ୍ୟକ୍ଷ ଏବଂ ସଦସ୍ୟମାନଙ୍କୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହା ଏକ ସକ୍ରିୟ ପରିଷଦ ଭାବେ ରାଜ୍ୟର ପ୍ରତ୍ୟେକ ବୁଣାକାର ଓ କାରିଗରମାନଙ୍କ ନିକଟରେ ପହଞ୍ଚିବ ବୋଲି ଆଶା ରଖାଯାଇଛି। ରାଜ୍ୟର ଉତ୍କର୍ଷ କଳା ଓ କାରିଗରୀ କୌଶଳର ବିକାଶ ଓ ପ୍ରସାର ଦିଗରେ ଏହା ଏକ ନୂଆ ପଦକ୍ଷେପ ନେବାପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ସର୍ବସାଧାରଣ ନୋଟିସ
ସଂପୃକ୍ତଥିବା ବ୍ୟକ୍ତି/ ସଂସ୍ଥାଙ୍କ ପାଇଁ ଲାଗୁ
ସର୍ବସାଧାରଣଙ୍କ ସୂଚନାର୍ଥେ ସାଧାରଣ ଭାବରେ ଏହା ଜଣାଯାଉଛି ଯେ, ମାନ୍ୟବର ହାଇକୋର୍ଟ ଦିଲ୍ଲୀ କେସ୍ ବିଅରିଂ ନଂ CS(COMM) no. 1672/2016 ଶୀର୍ଷକ ଏମ୍‌ଏସ୍ ଏଚ୍‌ପିଏମ୍ କେମିକାଲ୍ ଏଣ୍ଡ ଫର୍ଟିଲାଇଜର୍ ଲିମିଟେଡ୍ M/s HPM Chemicals and Fertilizers Ltd ... (M/s HPM Chemicals Limited) ... (ESCADA) ... 95% ... (M/s HPM Chemicals Limited) ...
ASA LEGAL SERVICES LLP

SUNDARAM BNP PARIBAS HOME FINANCE
ପଞ୍ଜୀକୃତ କାର୍ଯ୍ୟାଳୟ: ନଂ.୨୧, ପାଟୁଲସ୍ ରୋଡ୍, ଚେନ୍ନାଇ–୬୦୦ ୦୦୨।
କର୍ପୋରେଟ୍ କାର୍ଯ୍ୟାଳୟ: ୪୬, ହ୍ୱାଇଟ୍ସ ରୋଡ୍, ଚେନ୍ନାଇ– ୬୦୦ ୦୧୪।
ଶାଖା କାର୍ଯ୍ୟାଳୟ: ୩/୧୦୮, ୧ମ ମହଲା, ବନଦେବ ଭବନ, ଶହୀଦ ନଗର, ଖୋର୍ଦ୍ଧା ଜିଲ୍ଲା, ଭୁବନେଶ୍ୱର – ୭୫୧୦୦୭। ଫୋନ: ୦୬୭୪–୨୫୪୪୭୭୭
ଦଖଲ ନୋଟିସ
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮ (୨)
ଯେହେତୁ ସୁନ୍ଦରମ୍ ବିଏନ୍‌ପି ପରିବାସ ହୋମ୍ ଫାଇନାନ୍ସ ଲିଃର ପ୍ରାଧିକୃତ ଅଧିକାରୀ, ସିକ୍ୟୁରିଟାଇଜେଶନ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ ଫାଇନାନ୍ସିଆଲ ଆସେଟସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ...
ସମ୍ପତ୍ତିର ଅନୁସୂଚୀ
ସୁନ୍ଦରମ୍ ବିଏନ୍‌ପି ପରିବାସ ହୋମ୍ ଫାଇନାନ୍ସ ଲିଃ ପାଇଁ

ଆପଣ ମଧ୍ୟ ଅର୍ଶ କାରଣରୁ ଚିନ୍ତିତ କି?
ଯେପରି ଜ୍ୱାଳା, ରକ୍ତସ୍ରାବ, ଗୁଦାରେ ଯନ୍ତ୍ରଣା, ଭଗନ୍ଦର
ଆପଣାଙ୍କୁ ଠିକ୍ ଉପଚାର
JOLLY ଵାସୀର Vaseir
କେଲ୍ ଓ କ୍ୟାପସୁଲ
ପ୍ରତ୍ୟେକ ମେଡିକାଲ ଷ୍ଟୋର୍‌ରେ ଉପଲବ୍ଧ।
Helpline» 0161-520-1588

ଜାତୀୟ ସିମେଣ୍ଟ ଏବଂ ନିର୍ମାଣ ସାମଗ୍ରୀ ପରିଷଦ
(ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ପ୍ରଶାସନିକ ନିୟନ୍ତ୍ରଣ ଅଧୀନରେ)
www.ncbindia.com
ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏନ୍‌ସିବି/ଏମ୍‌ଏମ୍/୨୦୧୮-୧୯/ସିଡିଆର/୦୧
http://eprocure.gov.in/ http://www.ncbindia.com
davp 05207/11/0016/1819
ଏଚ୍‌ଓସି-ସିଡିଆର୍

ଜଣେ ଯାହା କିଛି କାର୍ଯ୍ୟ କରୁ- ସବୁଥିରୁ ଆନନ୍ଦ ପାଇବା ଉଚିତ । ଏପରି କି ଯେଉଁ କାର୍ଯ୍ୟ ତୁଚ୍ଛ ମନେହୁଏ, ତା'ପଛରେ ମଧ୍ୟ ଗଭୀର ରହସ୍ୟ ନିହିତ ଥାଏ ।
-ଶ୍ରୀମା

# କୃଷିକୁ ଅଣଦେଖା

ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ର ଦ୍ୱିତୀୟ ସଂସ୍କରଣ ଶେଷ ହୋଇଛି । ଏହି ଅବସରରେ ୧୮୩ଟି ପ୍ରସ୍ତାବ ମାଧ୍ୟମରେ ୪.୨ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ପ୍ରତିଶ୍ରୁତି ମିଳିଛି । ଯଦି ପ୍ରତିଶ୍ରୁତି ପୂର୍ଣ୍ଣରୂପେ କାର୍ଯ୍ୟକାରୀ ହୁଏ, ତେବେ ଏହାଦ୍ୱାରା ପାଞ୍ଚଲକ୍ଷରୁ ଅଧିକ କର୍ମନିଯୁକ୍ତି ସୃଷ୍ଟି ହୋଇପାରିବ । ଉକ୍ତ ଚାରିଦିନିଆ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ସହ ଅଂଶୀଦାର ଭାବେ ଏହି ପ୍ରଚେଷ୍ଟାରେ ସାମିଲ ହେବା ପାଇଁ ଭାରତର ୨୧ଟି ରାଜ୍ୟ ଏବଂ ଭାରତ ବାହାରୁ ୨୦ରୁ ଊର୍ଦ୍ଧ୍ୱ ଦେଶର ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ । ଉକ୍ତ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ର ଦ୍ୱିତୀୟ ସଂସ୍କରଣ ନିଶ୍ଚିତ ରୂପେ ଆଖିଦୃଶିଆ ହୋଇଛି । ଯାହା ଆଶା କରାଯାଉଥିଲା, ସେହି ଅନୁଯାୟୀ ଖଣି ଓ ଖଣିଜ କ୍ଷେତ୍ର ମୋଟ ପ୍ରତିଶ୍ରୁତ ପୁଞ୍ଜିନିବେଶର ସିଂହଭାଗ ଅଧିକାର କରିଛି । କେବଳ ଏହି କ୍ଷେତ୍ର ୨.୩୬ ଲକ୍ଷ କୋଟି ଟଙ୍କାର ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରିଛି, ଯାହା ମୋଟ ପୁଞ୍ଜିନିବେଶ ପ୍ରତିଶ୍ରୁତିର ପାଖାପାଖି ୬୦ ପ୍ରତିଶତ । ସାର, ବିଶୋଧନାଗାର, ପେଟ୍ରୋରାସାୟନିକ, ରାସାୟନିକ ଓ ପ୍ଲାଷ୍ଟିକ୍ ସମ୍ବନ୍ଧିତ ଶିଳ୍ପ ପାଇଁ ମୋଟ ୧.୩୫ ଲକ୍ଷ କୋଟି ଟଙ୍କାର ପ୍ରତିଶ୍ରୁତି ମିଳିଥିବା ବେଳେ ଲଜିଷ୍ଟିକ୍ସ (ଯୋଗାଣ ଓ ପରିବହନ) ଏବଂ ଭିତ୍ତିଭୂମି କ୍ଷେତ୍ର ପାଇଁ ୧୯,୧୨୪ କୋଟି ଟଙ୍କା ନିବେଶର ପ୍ରତିଶ୍ରୁତି ମିଳିଛି । ସେହିପରି ଆଇଟି ଓ ଇଲେକ୍ଟ୍ରୋନିକ୍ସ ପାଇଁ ୩,୯୦୦ କୋଟି, ସ୍ୱାସ୍ଥ୍ୟସେବା ପାଇଁ ୨,୯୧୪ କୋଟି, ବୟନ ଶିଳ୍ପ ପାଇଁ ୫୮୯ କୋଟି ଏବଂ ରାଜ୍ୟର ପର୍ଯ୍ୟଟନ ଶିଳ୍ପ ପାଇଁ ୨୮୫ କୋଟି ଟଙ୍କା ନିବେଶର ପ୍ରତିଶ୍ରୁତି ମିଳିଛି । ତେବେ ରାଜ୍ୟର କୃଷିକ୍ଷେତ୍ର ୭୫ ପ୍ରତିଶତ ଲୋକଙ୍କୁ କର୍ମନିଯୁକ୍ତି ଯୋଗାଉଥିବା ବେଳେ ଏହି କ୍ଷେତ୍ରରେ ମାତ୍ର ୧୪୧୨ କୋଟି ଟଙ୍କା ନିବେଶର ପ୍ରତିଶ୍ରୁତି ମିଳିଛି, ଯାହା ମୋଟ ପୁଞ୍ଜିନିବେଶ ପ୍ରତିଶ୍ରୁତିର ୪ ପ୍ରତିଶତରୁ ବି କମ୍ ।

ଉକ୍ତ ପ୍ରତିଶ୍ରୁତିଗୁଡ଼ିକ କେତେଦୂର କାର୍ଯ୍ୟକାରୀ ହେବ ଏବଂ ଉକ୍ତ ଶିଳ୍ପ କନ୍‌କ୍ଲେଭ୍ କେତେ ସଫଳ ହେବ ତାହା ପୂର୍ବାନୁମାନ କରିବା ଏବେଠାରୁ ସମ୍ଭବ ନ ହେଲେ ହେଁ ରାଜ୍ୟ ସରକାର ନିଜକୁ ଏକ ଶିଳ୍ପ-ବାନ୍ଧବ ସରକାର ଭାବେ ପ୍ରଦର୍ଶନ କରିବାରେ ସଫଳ ହୋଇଛନ୍ତି । ରାଜ୍ୟ ସରକାର ନିଜର ଏପରି ଏକ ଭାବମୂର୍ତ୍ତି ପ୍ରଦର୍ଶନ କରିପାରିଛନ୍ତି, ଯାହା ଫଳରେ ଇଣ୍ଡିଆ ଇଙ୍କ୍‌ର 'ହୁଜ୍ ହୁ' (ବଡ଼ ବଡ଼ ଶିଳ୍ପପତି) ଆକର୍ଷିତ ହୋଇ ଉକ୍ତ ଚାରିଦିନିଆ କନ୍‌କ୍ଲେଭ୍‌ରେ ଯୋଗ ଦେଇଥିଲେ ।

## ଆଜିର ଅର୍ଥନୀତି

ଏବେ ସରକାରଙ୍କ ଦାୟିତ୍ୱ ଶିଳ୍ପପତିମାନଙ୍କୁ ପ୍ରତିଶ୍ରୁତି ଅନୁଯାୟୀ ପୁଞ୍ଜିନିବେଶ ଓ ଶିଳ୍ପ ପ୍ରତିଷ୍ଠା ଲାଗି ଆବଶ୍ୟକ ସାହାଯ୍ୟ ସହଯୋଗ ପ୍ରଦାନ କରିବା । ରାଜ୍ୟର ବିଜେଡି ସରକାର ବର୍ତ୍ତମାନ ଏହାର ଚତୁର୍ଥ ପାଳିର ଶେଷବର୍ଷରେ ଉପନୀତ । ଉଭୟ ରାଜ୍ୟ ବିଧାନସଭା ନିର୍ବାଚନ ଓ କେନ୍ଦ୍ର ଲୋକ ସଭା ନିର୍ବାଚନ ଆଉ ମାତ୍ର ଛଅମାସରୁ ଅଳ୍ପ କିଛିଦିନ ଅଧିକ ବାକି ରହିଛି । ତେଣୁ ନିର୍ବାଚନ ପ୍ରସ୍ତୁତିକୁ ନେଇ ରାଜ୍ୟ ସରକାର ବ୍ୟସ୍ତ ରହିବା ନିଶ୍ଚିତ । ସୁତରାଂ ରାଜ୍ୟ ସରକାର ଏବେଠାରୁ ଯେପରି ଭାବେ ନିଜ ଦାୟିତ୍ୱ ନିର୍ବାହ କରିବେ, ତା' ଉପରେ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ର ସଫଳତା ନିର୍ଭର କରିବ । ନିର୍ବାଚନ ପରେ ନୂତନ ସରକାର ଅବଶିଷ୍ଟ ଦାୟିତ୍ୱ ସମ୍ପାଦନ କରିବେ ।

ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ର ପ୍ରଥମ ସଂସ୍କରଣ ରାଜ୍ୟର ଶିଳ୍ପକ୍ଷେତ୍ରରେ ବିଶେଷ କିଛି ପରିବର୍ତ୍ତନ ଆଣିଥିବା ମନେହେଉ ନାହିଁ । ୨୦୧୬ରେ ପୁଞ୍ଜିନିବେଶ ପାଇଁ ଯେଉଁ ପ୍ରତିଶ୍ରୁତି ମିଳିଥିଲା ତା'ର ବୃହଦଂଶ ଏ ଯାବତ୍ ରୂପପରିଗ୍ରହ କରିନାହିଁ । ତା'ର କାରଣ ହେଲା, ରାଜ୍ୟ ସରକାର ସେଗୁଡ଼ିକୁ ଯଥାଯଥ ପ୍ରାଥମିକତା ଦେଇନାହାନ୍ତି । ଗତଥର ଭଳି ଏଥର ମଧ୍ୟ ଖଣି ଓ ଖଣିଜ କ୍ଷେତ୍ର ଲାଗି ସବୁଠାରୁ ଅଧିକ ନିବେଶ ପ୍ରତିଶ୍ରୁତି ମିଳିଛି । ପୁଣି ଉକ୍ତ ନିବେଶ ପ୍ରତିଶ୍ରୁତିର ଏକ ମୁଖ୍ୟ ଭାଗ 'କାପାସିଟି ଆଡିଶନ' ବା କ୍ଷମତା ବୃଦ୍ଧି ପାଇଁ ଅତିରିକ୍ତ ନିବେଶ ଆକାରରେ ରହିଛି । ଶିଳ୍ପ ଉତ୍ପାଦନ ସୂଚକାଙ୍କର ହାରାହାରି ବୃଦ୍ଧି ହାର ୪ ପ୍ରତିଶତରୁ କମ୍ ରହିଛି ଏବଂ ଗତ କିଛିବର୍ଷ ହେଲା ଏସ୍‌ଜିଡିପିରେ ଶିଳ୍ପର ଭାଗ ଖୁବ୍ ବେଶି ବୃଦ୍ଧି ପାଇନାହିଁ । ତେଣୁ ଶିଳ୍ପ ଉତ୍ପାଦନ ଉପରେ ବର୍ତ୍ତମାନ ଯେଉଁ ଗୁରୁତ୍ୱ ଦିଆଯାଉଛି, ତାହା ଯଥାର୍ଥ କିନା ସେ ବିଷୟରେ ବିତର୍କ ହେବା ଦରକାର । ରାଜ୍ୟର କୃଷିକ୍ଷେତ୍ରରେ ବରଂ ଅଧିକ ପୁଞ୍ଜିନିବେଶର ଆବଶ୍ୟକତା ରହିଛି । ଅଧିକ ଶସ୍ୟ ସଂରକ୍ଷଣ ପାଇଁ ନୂଆ ଗୋଦାମ ତିଆରି, ପୁରୁଣା ଗୋଦାମ ଘରଗୁଡ଼ିକର ନବୀକରଣ, ନିୟନ୍ତ୍ରିତ ବଜାର କମିଟିଗୁଡ଼ିକ ଲାଗି ଭିତ୍ତିଭୂମି ଉନ୍ନୟନ, କୃଷି ଯାନ୍ତ୍ରିକୀକରଣରେ ବୃଦ୍ଧି, କୃଷକଙ୍କୁ ସହଜ ବଜାର ସୁବିଧା ପ୍ରଦାନ, କୃଷିଭିତ୍ତିକ ଛୋଟଛୋଟ ଶିଳ୍ପ ପ୍ରତିଷ୍ଠା ପାଇଁ କୃଷକଙ୍କୁ ସୁବିଧାରେ ପାଣ୍ଠି ଯୋଗାଣ, କୃଷି ଉତ୍ପାଦନଗୁଡ଼ିକର ଯେପରି ସୁବିଧାରେ ବିକ୍ରିବଟା ହୋଇପାରେ ତା'ର ବ୍ୟବସ୍ଥା ଆଦି ମାଧ୍ୟମରେ କୃଷି ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ ଥିଲା । ଏ ସବୁ କ୍ଷେତ୍ରରେ ଘରୋଇ ନିବେଶକମାନେ ପ୍ରବେଶ କରିବାର ଯଥେଷ୍ଟ ସୁଯୋଗ ରହିଛି । ତେବେ ସଦ୍ୟତମ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ରେ କୃଷିକ୍ଷେତ୍ରକୁ ସେତିକି ପ୍ରାଧାନ୍ୟ ଦିଆଯାଇ ନାହିଁ । ରାଜ୍ୟ ସରକାର ଯଦି ଟିକସ ରିହାତି ଓ ଅନ୍ୟ ସୁବିଧା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥାନ୍ତେ, ତେବେ କମ୍ପାନୀଗୁଡ଼ିକ କୃଷି ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ନିବେଶ କରିବାକୁ ଆଗେଇ ଆସିଥାନ୍ତେ । ରାଜ୍ୟ ସରକାର ଏ କ୍ଷେତ୍ରରେ କି କି ସୁବିଧା ଦେବାକୁ ପ୍ରସ୍ତୁତ ତାହା ଯେପର୍ଯ୍ୟନ୍ତ ଘୋଷଣା କରିନାହାନ୍ତି, ସେ ପର୍ଯ୍ୟନ୍ତ କୃଷିକ୍ଷେତ୍ର ଅବହେଳିତ ହୋଇ ରହିଯିବ ନିଶ୍ଚିତ । ରାଜ୍ୟର କୃଷିକ୍ଷେତ୍ରକୁ ଯେ ପର୍ଯ୍ୟନ୍ତ ଗୁରୁତ୍ୱ ଲାଭ ନ କରିଛି, ସେ ପର୍ଯ୍ୟନ୍ତ ରାଜ୍ୟର ଅଭିବୃଦ୍ଧି ବିଶେଷ ଆଗେଇପାରିବ ନାହିଁ ।

# ଖବରକାଗଜର ଅନବଦ୍ୟ ସେବା



ବୈକୁଣ୍ଠନାଥ ମିଶ୍ର

## ଜାତୀୟ ପ୍ରେସ୍ ଦିବସ ଉପଲକ୍ଷେ

ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଖବରକାଗଜ ଏକ ବଳିଷ୍ଠ ତଥା ଲୋକପ୍ରିୟ ଗଣମାଧ୍ୟମ । ଅଧୁନା ଖବରକାଗଜଗୁଡିକ ପାଠକୀୟ ଆଦୃତି ସହ ବ୍ୟବସାୟିକ ସଫଳତା ହାସଲ କରିଛନ୍ତି । ସହରଠାରୁ ଗ୍ରାମାଞ୍ଚଳ ଓ ଧନୀଠାରୁ ଦରିଦ୍ର ସବୁଠାରେ ଖବରକାଗଜର ଜନପ୍ରିୟତା ପରିଦୃଷ୍ଟ । ବେତାର ଓ ଦୂରଦର୍ଶନରେ ଖବର ପ୍ରସାରିତ ହେଉଥିଲେ ମଧ୍ୟ ଏଗୁଡିକର ସମୟାନୁବର୍ତ୍ତିତା ବହୁ ସମୟରେ ଖବର ଶ୍ରବଣରେ ବ୍ୟାଘାତ ଉପୁଜାଏ । ନିର୍ଦ୍ଧାରିତ ସମୟରେ ଟିଭି ପାଖରେ ନ ବସିଲେ ଖବର ହାତଛଡ଼ା ହୋଇଯାଏ । ବିଦ୍ୟୁତ୍ ବିଭ୍ରାଟ କିମ୍ବା ଯାନ୍ତ୍ରିକ ତ୍ରୁଟି ମଧ୍ୟ ଖବର ଶ୍ରବଣର ଅନ୍ତରାୟ । କିନ୍ତୁ ଖବରକାଗଜ ପଠନ ଜଣେ ବ୍ୟକ୍ତିର ନିଜସ୍ୱ ସମୟ ଉପରେ ନିର୍ଭରଶୀଳ । ଖବରକାଗଜ ସିନା ଶସ୍ତା ଓ ସୁଲଭ୍ୟ, କିନ୍ତୁ ଏଥିରେ ପ୍ରକାଶିତ ତଥ୍ୟ ଅତ୍ୟନ୍ତ ମୂଲ୍ୟବାନ ଓ ଗୁରୁତ୍ୱପୂର୍ଣ୍ଣ ।

ମନରେ ପ୍ରଶ୍ନ ଉଠେ- ଖବର କାହାକୁ କହନ୍ତି ? ସବୁ ଘଟଣା ଖବର ନୁହେଁ । ଉଦାହରଣ ସ୍ୱରୂପ, ପ୍ରତ୍ୟହ ଶହ ଶହ ଲୋକ ମୃତ୍ୟୁବରଣ କରୁଛନ୍ତି । ତାହା କିନ୍ତୁ ଖବର ନୁହେଁ । ମହାପୁରୁଷ ଓ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିବିଶେଷଙ୍କ ଦେହତ୍ୟାଗ, ହତ୍ୟା, ଆତ୍ମହତ୍ୟା, ଦୁର୍ଘଟଣାଜନିତ ମୃତ୍ୟୁ ଓ ଅସ୍ୱାଭାବିକ ମୃତ୍ୟୁ ହିଁ ଖବର । ପ୍ରେମ ଖବର ନୁହେଁ, ମାତ୍ର ପ୍ରତାରଣା ହିଁ ଖବର । ବୃଷ୍ଟିପାତ ଖବର ନୁହେଁ, ମାତ୍ର ଅତିବୃଷ୍ଟି, ଅନାବୃଷ୍ଟିଜନିତ କ୍ଷୟକ୍ଷତି ହିଁ ଖବର । ବର୍ଷା, ଗ୍ରୀଷ୍ମ କିମ୍ବା ଶୀତର ଆଧିକ୍ୟ ହିଁ ଖବର । ଋଣ କରିବା ଏକ ଖବର ନୁହେଁ, ମାତ୍ର ଋଣ ନେଇ ଠକିବା ହିଁ ଖବର । ଆଇନ ପରିସର ବାହାରେ କୌଣସି ଅନୀତିକର କାର୍ଯ୍ୟ ହିଁ ଖବର । ଆଇନର ଦୁରୁପଯୋଗ ହିଁ ଖବର । ପ୍ରକୃତିକୃତ ବା ମାନବକୃତ ଯେକୌଣସି ଅସ୍ୱାଭାବିକ ଘଟଣା ଖବର ପଦବାଚ୍ୟ ।

କିଛି ବର୍ଷ ପୂର୍ବେ ଖବରକାଗଜ ଧନୀ ଓ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କ ଗରିମାର ସ୍ୱାକ୍ଷର ବହନ କରୁଥିଲା । ଡାକ ଦ୍ୱାରା ଆସୁଥିବା ଖବରକାଗଜ ଗ୍ରାମାଞ୍ଚଳରେ ଖବର ପରିବେଷଣର ପ୍ରମୁଖ ଉତ୍ସ ଥିଲା । କିନ୍ତୁ ବର୍ତ୍ତମାନ ଏହା ଆବାଳବୃଦ୍ଧବନିତା ସମସ୍ତଙ୍କର ଦୈନିକ ଆବଶ୍ୟକତାରେ ପରିଣତ ହୋଇଛି । ବିଶେଷକରି ଅବସରପ୍ରାପ୍ତ ବରିଷ୍ଠଙ୍କ ପାଇଁ ଏହା ବରଦାନ ସଦୃଶ ଓ ସମୟ ଅତିବାହିତ କରିବାର ଏକ ବଳିଷ୍ଠ ମାଧ୍ୟମ । ସକାଳେ ଚା' ଟେବୁଲରେ ଚା' କପ୍ ସହ ସଦ୍ୟ ପେପର ଖଣ୍ଡିକ ହାତରେ ନ ଥିଲେ, ଅନେକଙ୍କୁ ଚା' ରୁଚେ ନାହିଁ । ଖବରକାଗଜ ବାର୍ଦ୍ଧକ୍ୟର ସାହାରା ଓ ମାନସିକ ଅବସାଦ ଦୂରୀକରଣର ମହୌଷଧି । ଖବରକାଗଜର ପୃଷ୍ଠାଗୁଡ଼ିକ ପାଠକୀୟ ରୁଚି ଅନୁସାରେ ସଜ୍ଜିତ ହୋଇଥାନ୍ତି । ପ୍ରଥମ ପୃଷ୍ଠା ଗତଦିନର ଅତି ଗୁରୁତ୍ୱପୂର୍ଣ୍ଣ ଘଟଣାକୁ ସ୍ଥାନ ଦେଇଥାଏ । ଦ୍ୱିତୀୟ ପୃଷ୍ଠା ବା ଭିତରର ଏକ ବିଶେଷ ପୃଷ୍ଠା ସାଧାରଣ ଜାତୀୟ ଓ ଅନ୍ତର୍ଜାତୀୟ ବିଶିଷ୍ଟ ଘଟଣାବଳୀକୁ ସ୍ଥାନିତ କରିଥାଏ । କୃଷକ ତଥା ଗ୍ରାମୀଣ ପାଠକଙ୍କ ପାଇଁ ପ୍ରାଥମିକତା ବହନ କରେ ପାଣିପାଗ ସଂକ୍ରାନ୍ତୀୟ ଖବର । କିଛି ଲୋକ ଏତେ ଭାଗ୍ୟବାଦୀ ଯେ, ସେମାନେ ରାଶିଫଳକୁ ହିଁ ଦେଖନ୍ତି । ଯୁବଗୋଷ୍ଠୀର ପସନ୍ଦ ସିନେମା ଓ କ୍ରୀଡ଼ା ଖବର । ଗୃହିଣୀମାନେ ଗୃହକର୍ମ, ରନ୍ଧନବିଦ୍ୟା, ପନିପରିବା, ଉଦ୍ୟାନକୃଷି ଓ ଫୁଲବଗିଚା ସମ୍ବନ୍ଧୀୟ ଲେଖା ଉପରେ ଦୃଷ୍ଟିନିବଦ୍ଧ କରି ତହିଁରେ ଥିବା କାର୍ଯ୍ୟଧାରାକୁ ଆପଣେଇ ଥାଆନ୍ତି । ବ୍ୟବସାୟୀଙ୍କ ନଜର ବିଜ୍‌ନେସ ଓ ଅର୍ଥନୀତି ପୃଷ୍ଠାରେ । ଖବରକାଗଜର ସମ୍ପାଦକୀୟ ପୃଷ୍ଠାଟି ସର୍ବାପେକ୍ଷା ଗୁରୁତ୍ୱପୂର୍ଣ୍ଣ । ଏହା ସାମ୍ପ୍ରତିକ ସମାଜର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରି ଏକ ବୌଦ୍ଧିକ ପରିବେଶ ସୃଷ୍ଟି କରିଥାଏ । ଏକ ସର୍ଭେ ରିପୋର୍ଟ ଅନୁସାରେ, ସମୁଦାୟ ପାଠକଙ୍କ ମଧ୍ୟରୁ ମାତ୍ର ୧୧ ପ୍ରତିଶତ ସମ୍ପାଦକୀୟ ପୃଷ୍ଠା ପଠନ କରନ୍ତି । ସମ୍ପାଦକଙ୍କ ନିଜସ୍ୱ ଆଲୋଚନା ପ୍ରଗତିଶୀଳ ପାଠକର ବୌଦ୍ଧିକ ରୁଚିକୁ ସ୍ପର୍ଶ କରେ । ନିରପେକ୍ଷ ଆଲୋଚନା ଓ ସତ୍ୟକୁ ପ୍ରକାଶ କରିବାର ଆସ୍ପର୍ଦ୍ଧା ପାଠକୀୟ ଆଦୃତି ଲାଭ କରେ । ଲେଖକମାନଙ୍କର ସ୍ୱକୀୟ ପ୍ରଜ୍ଞା ଓ ଦୂରଦୃଷ୍ଟିସମ୍ପନ୍ନ ଆଲୋଚନା ପାଠକର ଜିଜ୍ଞାସୁ ହୃଦୟକୁ ସ୍ପର୍ଶ କରେ, ଯାହା ଅନେକ ସମୟରେ ପାଠକୀୟ ଅଭିମତ ଆକାରରେ ପ୍ରକାଶ ପାଏ । ବିଜ୍ଞାନଭିତ୍ତିକ ଆଲେଖ୍ୟ ଛାତ୍ରସମାଜ ଓ ବୁଦ୍ଧିଜୀବୀଙ୍କ ନିମିତ୍ତ ପ୍ରେରଣାଦାୟୀ ହୋଇଥାଏ । ପ୍ରସୂତି, ମହିଳା ଓ ଶିଶୁଯତ୍ନ ସମ୍ବନ୍ଧରେ ଚିକିତ୍ସକଙ୍କ ଉପଦେଶ ମା'ମାନଙ୍କୁ ପ୍ରଭାବିତ କରିଥାଏ । ପ୍ରତି ରବିବାର ଖବରକାଗଜଗୁଡ଼ିକରେ ଏକ ସ୍ୱତନ୍ତ୍ର ପତ୍ରିକା ପ୍ରକାଶ ପାଏ, ଯେଉଁଥିରେ ସୃଜନଶୀଳତା, ସାହିତ୍ୟ, କବିତା, କ୍ଷୁଦ୍ରଗଳ୍ପ, ପର୍ଯ୍ୟଟନ, ବିରଳ ମଣିଷର କୃତିତ୍ୱ, ଅପରାଧ, ସତର୍କତାମୂଳକ ସତ୍ୟ ଘଟଣା, ଧାର୍ମିକ ତଥା ନ୍ୟାୟିକ ଉପସ୍ଥାପନା ସ୍ଥାନିତ ହୋଇ ପାଠକ ହୃଦୟକୁ ସ୍ପର୍ଶ କରେ । ସରକାରୀ ବେସରକାରୀ ବିଜ୍ଞାପନ ଖବରକାଗଜଗୁଡ଼ିକର ଆୟବୃଦ୍ଧିର ସହାୟକ ହୋଇଥାନ୍ତି । ଜନ୍ମଦିନ, ବିବାହବାର୍ଷିକୀ ଶୁଭେଚ୍ଛା, ନିରୁଦ୍ଦିଷ୍ଟ ବ୍ୟକ୍ତିର ଠିକଣା ଓ ସର୍ବୋପରି ଶତାୟୁଙ୍କ ସ୍ମୃତିଚାରଣ ଆତ୍ମୀୟଙ୍କ ହୃଦୟରେ କିଛି ସମୟ ପାଇଁ ଉଷ୍ମତା ଭରିଦିଏ ।

୧୯୬୬ରେ ଜାତୀୟ ପ୍ରେସ୍ କାଉନ୍‌ସିଲ ଗଠିତ ହୋଇଥିଲା । ଏହାର ୩୦ ବର୍ଷ ପରେ ତଦନୀନ୍ତନ ରାଷ୍ଟ୍ରପତି ଡ. ଶଙ୍କରଦୟାଲ ଶର୍ମା ୧୯୯୬ ନଭେମ୍ବର ୧୬ ତାରିଖକୁ ଜାତୀୟ ପ୍ରେସ୍ ଦିବସ ରୂପେ ପାଳନ କରିବା ପାଇଁ ଘୋଷଣା କଲେ । ସେହିଦିନଠାରୁ ପ୍ରତିବର୍ଷ ନଭେମ୍ବର ୧୬ ଜାତୀୟ ପ୍ରେସ୍ ଦିବସ ରୂପେ ପାଳିତ ହୋଇଆସୁଛି । ପୃଥିବୀର ପ୍ରଥମ ଖବରକାଗଜ 'ଦ ଟାଇମ୍‌ସ ଅଫ୍ ଲଣ୍ଡନ' ୧୭୮୫ରେ ଲଣ୍ଡନଠାରେ ପ୍ରକାଶ ପାଇଥିଲା । ଭାରତର ପ୍ରଥମ ଖବରକାଗଜ 'ବେଙ୍ଗଲ ଗେଜେଟ୍' ୧୭୮୦ରେ କଲିକତାଠାରେ ଆତ୍ମପ୍ରକାଶ କରିଥିଲା । ଓଡ଼ିଶାର କର୍ମବୀର ଗୌରୀଶଙ୍କର ୧୮୬୫ରେ 'କଟକ ପ୍ରିଣ୍ଟିଂ କମ୍ପାନୀ' କଟକଠାରେ ସ୍ଥାପନ କଲେ । ଓଡ଼ିଶାର ପ୍ରଥମ ଛାପା ଖବରକାଗଜ 'ଉତ୍କଳ ଦୀପିକା' କର୍ମବୀରଙ୍କ ସମ୍ପାଦନାରେ ୧୮୬୬ରେ ପ୍ରକାଶ ପାଇଲା । ଏଥିରେ ନ'ଅଙ୍କ ଦୁର୍ଭିକ୍ଷର କାରଣ, ନିରାକରଣ ଖବରମାନ ପ୍ରକାଶ ପାଇ ଜନଜାଗୃତିର ପ୍ରୟାସ କରାଯାଇଥିଲା । ୧୮୬୮ରେ 'ବାଲେଶ୍ୱର ସମ୍ବାଦ ବାହିକା' ଉତ୍ତର ଓଡ଼ିଶାର ମୁଖ୍ୟ ଖବରକାଗଜ ହିସାବରେ ବାଲେଶ୍ୱରଠାରେ ମୁକ୍ତିଲାଭ କଲା । ବ୍ୟାସକବି ଫକୀରମୋହନ ବାଲେଶ୍ୱରଠାରେ ଏକ ପ୍ରିଣ୍ଟିଂ ପ୍ରେସ୍ ସ୍ଥାପନ କରି ଓଡ଼ିଆ ଭାଷାରେ ପାଠ୍ୟପୁସ୍ତକ ଓ ପତ୍ରିକା ସମ୍ପାଦନ କରିବା ଫଳରେ ଅନେକ ଲେଖକ ସୃଷ୍ଟି ହେଲେ । ଏହି ସମୟରେ କବିବର ରାଧାନାଥ ବଙ୍ଗଳା ଛାଡ଼ି ଓଡ଼ିଆରେ ଲେଖନୀ ଚାଳନା କଲେ । ୧୮୬୯ରେ 'ଉତ୍କଳ ହିତୈଷିଣୀ' ଓ 'ଉତ୍କଳ ଦର୍ପଣ' ବାଲେଶ୍ୱରରୁ ପ୍ରକାଶ ପାଇଲା । ଏହିସବୁ ଖବରକାଗଜ ତତ୍କାଳୀନ ଓଡ଼ିଶାର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ଖବର ପ୍ରକାଶ କରି ଉତ୍କଳୀୟଙ୍କ ବୌଦ୍ଧିକ ଚେତନା ଜାଗ୍ରତ କରିବାରେ ସଫଳ ହେଲେ ।

ଏକ ତଥ୍ୟ ଅନୁସାରେ, ବର୍ତ୍ତମାନ ଭାରତରେ ୯୯୪ଟି ଖବରକାଗଜ ପ୍ରକାଶିତ ହେଉଥିବା ବେଳେ ଓଡ଼ିଶାରେ ୪୨ଟି ପ୍ରକାଶିତ ହେଉଛି । ଆମ ରାଜ୍ୟରେ ପ୍ରତ୍ୟହ ପ୍ରାୟ ୧୦ ଲକ୍ଷ ଖବରକାଗଜ ସରବରାହ ହେଉଛି । ଓଡ଼ିଆ ବ୍ୟତୀତ ଇଂଲିଶ, ହିନ୍ଦୀ ଓ ଉର୍ଦ୍ଦୁ ଖବରକାଗଜ ପ୍ରକାଶ ପାଉଛି । ଖବରକାଗଜର ଏକ ବଡ଼ ଅଂଶ ହେଉଛି ବିତରକମାନଙ୍କର ନିଷ୍ଠା ଓ କର୍ତ୍ତବ୍ୟପରାୟଣତା । ଖରା, ବର୍ଷା ଓ ଶୀତର ପ୍ରକୋପକୁ ଖାତିର ନ କରି ପ୍ରତି ଘରେ ପାଠକ ନିକଟରେ ସେମାନେ ଖବରକାଗଜ ପହଞ୍ଚାଇଥାନ୍ତି । ଖବରଦାତାଙ୍କ ପରି ସେମାନଙ୍କୁ ମଧ୍ୟ ସରକାରୀ ପ୍ରୋତ୍ସାହନର ଆବଶ୍ୟକତା ଅଛି । ଆଧୁନିକ ଜୀବନ ଖବରକାଗଜ ବିନା ନିରର୍ଥକ । ଖବରକାଗଜ ପଠନ ଜ୍ଞାନ ଅର୍ଜନ ଓ ସାମ୍ପ୍ରତିକ ପରିସ୍ଥିତି ସହ ପରିଚିତ ହେବାର ଏକ ଉତ୍କୃଷ୍ଟ ମାଧ୍ୟମ । ସର୍ବୋପରି ଅବସର ସମୟ ଅତିବାହିତ କରିବାର ଏହା ପ୍ରମୁଖ ଉତ୍ସ । ଖବରକାଗଜର ଅନବଦ୍ୟ ସେବା ଆଧୁନିକ ମାନବ ଜୀବନକୁ ପରିପୁଷ୍ଟ କରିଛି, ଏଥିରେ ସନ୍ଦେହ ନାହିଁ ।

ସିଦ୍ଧଳ, ଜଗତ୍‌ସିଂହପୁର, ମୋ-୯୯୩୭୪୫୦୫୪୦

# ବୋଝର ଛାଇ



ଡ. ସୁବାସ ଚନ୍ଦ୍ର ପାତ୍ର

କୁହାଯାଏ ବୋଝର ଓଜନ ବୋଝଟିକୁ ଓଜନିଆ କରିଦିଏନି ବରଂ ତାକୁ ଓଜନିଆ କରିଦିଏ ବହନ କରିବାର ଶୈଳୀ ବା କୌଶଳ । ମୁଣ୍ଡରେ ବୁହାଯାଉଥିବା ବୋଝ ହୁଏ ତ କାନ୍ଧକୁ ହାଲୁକା ଲାଗିପାରେ, ଖାଲିକାନ୍ଧରେ ବୁହାଯାଉଥିବା ବୋଝକୁ ବାହୁଙ୍ଗିରେ ବହନ କଲେ ତାହା ଅପେକ୍ଷାକୃତ ହାଲୁକା ଲାଗିପାରେ ; କାନ୍ଧ ବା ମୁଣ୍ଡରେ ବୁହାଯାଉଥିବା ବୋଝକୁ ଗୋଟିଏ ଚକଲଗା ଠେଲାରେ ନେଲେ ତାହା ଆହୁରି ହାଲୁକା ଲାଗିବ ଏବଂ ସେଥିରେ ଆଉ ଟିକିଏ ଅଧିକ ବୋଝ ଲଦିଦେବାକୁ ହୁଏ ତ ଲୋଭ ବି ଆସିପାରେ । ବ୍ୟବହାରିକ ଜୀବନର ସୂତ୍ର ଆମେ ଜିଉଥିବା ସାଧାରଣ ଜୀବନ ପାଇଁ ମଧ୍ୟ ପ୍ରଯୁଜ୍ୟ ।

ବୋଝ ଯେତିକି ନୁହେଁ ବୋଝର ଛାଇ ଏବଂ ତା'ର କଳ୍ପିତ ପରିମାଣ ଓ ଓଜନ ଆମକୁ ଅଧିକ ଆତଙ୍କିତ କରେ । ଆମର କଳ୍ପନାପ୍ରସୂତ ଆତଙ୍କ ପଥରଖଣ୍ଡକୁ ହିମାଳୟ ରୂପରେ ଆମ ଆଗରେ ଉଭା କରାଏ । ଏତେ ବଡ଼, ଏତେ ଭାରି ବୋଝକୁ ମୁଁ କେମିତି ବୋହିବି ? ପ୍ରସଙ୍ଗତଃ ମନେପଡ଼େ ମଦର ଟେରେସାଙ୍କ କଥା । ତାଙ୍କୁ ଯେତେବେଳେ ପଚରା ଯାଇଥିଲା ପୃଥିବୀର ଏତେ ଦୀନଦୁଃଖୀ, କେତେ ଜଣଙ୍କ ଦୁଃଖ ସେ ଲାଘବ କରିପାରିବେ ? ଉତ୍ତରରେ ମଦର କହିଥିଲେ, ''ମୁଁ ସେବାରୂପକ ବୋଝର ପରିମାଣ ନେଇ ବିବ୍ରତ ନୁହେଁ । ମୋ ପାଇଁ ସେବା ଗୁରୁତ୍ୱପୂର୍ଣ୍ଣ, ସେବାର ପରିମାଣ ନୁହେଁ । ମୁଁ ଜାଣେ ମୋ ସେବା ସମୁଦ୍ରକୁ ବିନ୍ଦୁଏ ପାଣି, କିନ୍ତୁ ସେହି ବିନ୍ଦୁଏ ପାଣି ତ ସମୁଦ୍ରକୁ ସମୃଦ୍ଧ କରେ !'' ଆମର କିନ୍ତୁ ଆଖି ସବୁବେଳେ 'ଏତେ' ଉପରେ । 'ଏତେ'କୁ ଯେ ଖଣ୍ଡ ଖଣ୍ଡ କରାଯାଇପାରେ, ବାଣ୍ଟି ଦିଆଯାଇପାରେ ବା ସମସ୍ତ ଦାୟିତ୍ୱକୁ ପର୍ଯ୍ୟାୟକ୍ରମେ ହାତକୁ ନିଆଯାଇପାରେ ଏ କଥା ନ ଭାବି ଆମେ ଆଗତୁରା ପ୍ରତିବାଦ କରୁ, ସ୍ଥଳ ବିଶେଷରେ ମଇଦାନ ଛାଡ଼ି ପଳାୟନ କରୁ ।

ବୋଝ ଭୂମିଷ୍ଠ ହେବା ପୂର୍ବରୁ , ଆତ୍ମପ୍ରକାଶ କରିବା ଆଗରୁ ଆମର ହାତଗୋଡ଼, ମନ ଥରିବାକୁ ଲାଗେ । ଦାୟିତ୍ୱକୁ ପାଖରୁ ଦେଖି, ତାକୁ ସ୍ନେହରେ ଆପଣେଇ, ସ୍ଥଳବିଶେଷରେ ତାକୁ ସମ୍ପାଦନ କରିବାକୁ ଏକ ବିଜ୍ଞାନସମ୍ମତ ଦୃଷ୍ଟିଭଙ୍ଗୀ ଅବଲମ୍ବନ କରି ଅଗ୍ରସର ହେଲେ ବୋଝ ବୋଝଭଳି ଲାଗିବ ନାହିଁ । ଅସଲ କଥା ହେଲା ଦାୟିତ୍ୱ ପ୍ରତି ମଣିଷର ଦୃଷ୍ଟିଭଙ୍ଗୀ । କେତେ ପ୍ରେମ, ଆଗ୍ରହର ସହିତ ମଣିଷ ଦାୟିତ୍ୱ ଗ୍ରହଣ କରେ ଏବଂ କ୍ଷେତ୍ର ବିଶେଷରେ ତାହା ଆହ୍ୱାନଧର୍ମୀ ହୋଇଥିଲେ ତାକୁ ଦୃଢ଼ତାର ସହ ମୁକାବିଲା କରିବାକୁ କେତେ ଆଗଭର ହୁଏ, ଏହା ଉପରେ ନିର୍ଭର କରେ ବୋଝର ଓଜନ ଏବଂ ବହନକାରୀଙ୍କ ସଫଳତା ।

କିଛି ଲୋକଙ୍କ ପାଇଁ ବୋଝବହନ ଅନୁଭୂତି ସଂଗ୍ରହର ଏକ ମାଧ୍ୟମ, ଆତ୍ମ-ସମୃଦ୍ଧିର ଏକ ମାର୍ଗ । ମନେପଡ଼େ ଅବସରପ୍ରାପ୍ତ ଜଣେ ବିଜ୍ଞାନ ଅଧ୍ୟାପକଙ୍କ କଥା । ମା'ବାପା ପର୍ଯ୍ୟାୟକ୍ରମେ କ୍ୟାନସର ରୋଗଗ୍ରସ୍ତ ହେଲେ । ଅଧ୍ୟାପକ ବନ୍ଧୁ କିନ୍ତୁ ଭାରି ସାବଲୀଳ ଭଙ୍ଗୀରେ ଏ ଦୁର୍ଯୋଗକୁ ମୁକାବିଲା କରୁଥାନ୍ତି । ଦିନରାତି ସକ୍ରିୟ ରହୁଥିବାରୁ ବୟସ ଅନୁପାତରେ ସେ ଅଧିକ ଯୁବକ ତଥା ସତେଜ ଦିଶିବାକୁ ଲାଗିଲେ । କେହି କେହି କହିଲେ, ଦୁଃଖ ତାଙ୍କୁ ନବଯୌବନ ଆଣିଦେଇଛି ! ବିଜ୍ଞାନର ଅଧ୍ୟାପକ ହୋଇଥିବାରୁ ଏ ପ୍ରକାର ଦୁଃସ୍ଥିତିକୁ ସେ ବିଜ୍ଞାନସମ୍ମତ ଉପାୟରେ ସାମ୍ନା କରୁଥାନ୍ତି । କ୍ୟାନ୍‌ସର ବିଷୟକ ବହିପତ୍ର ପଢ଼ି ରୋଗର ପ୍ରତ୍ୟେକ ଲକ୍ଷଣ, ପ୍ରତିଫଳନ ସହ ପରିଚିତ ହୋଇ ଏକ ଅନୁସନ୍ଧିତ୍ସୁ ପୁତ୍ର ତଥା ଚିକିତ୍ସକ ଭୂମିକାରେ ସେ ଅବତୀର୍ଣ୍ଣ ହେଲେ । ଡାକ୍ତରୀ ଚିକିତ୍ସାକୁ ସେ ଯଥାଯଥ ଭାବରେ ଉପଯୋଗ କଲେ । ଅନ୍ତିମ ଫଳ ଯାହାହେଲେ ବି ସେ ବୋଝ ଆଗରେ ନତମସ୍ତକ ହୋଇ ନ ଥିଲେ, ବରଂ ମା'ବାପାଙ୍କୁ ଏକ ଉତ୍ସର୍ଗୀକୃତ ସେବା ପ୍ରଦାନ ଏବଂ ଘଟଣାକ୍ରମେ ନିଜର ଜିଜ୍ଞାସାବୋଧର ଏକ ସଫଳ ପରିପ୍ରକାଶ ଓ ରୂପାୟନ ଏହି ଦୁର୍ଯୋଗ ଭିତରୁ ସେ ସାଉଁଟି ପାରିଥିଲେ । ଏହା ଏକ ଉଦାହରଣ ହୋଇପାରେ । ସମସ୍ତେ ସେ ସ୍ତରକୁ ଯାଇ ନ ପାରନ୍ତି, କିନ୍ତୁ କିଛିଟା ସେ ପ୍ରକାର ମନୋଭାବ ଆମକୁ ଦାୟିତ୍ୱ ନିର୍ବାହର ସାମର୍ଥ୍ୟ ଯୋଗାଏ ।

ପାରିବାରିକ ହେଉ ବା ସାମାଜିକ, ଦାୟିତ୍ୱବହନ ମଣିଷକୁ ଅନୁଭୂତି ଓ ଯୋଗ୍ୟତା ପ୍ରଦାନ କରେ । ଅତି ନିକମା, ସାଧାରଣ ଜଣାପଡୁଥିବା ଲୋକଟିଏ ଦାୟିତ୍ୱ ବହନ କରିବା କ୍ରମରେ ପ୍ରମାଣିତ କରେ ସେ ବି ଗୁରୁତ୍ୱପୂର୍ଣ୍ଣ । ପ୍ରତ୍ୟେକ ମଣିଷକୁ ଗୁରୁତ୍ୱପୂର୍ଣ୍ଣ ବା ଦାୟିତ୍ୱପୂର୍ଣ୍ଣ ଭାବି ଯଦି କିଛି ଦାୟିତ୍ୱ ଧରେଇ ଦିଆଯାଏ, ସେ ବ୍ୟକ୍ତିର ନବପ୍ରକାଶ ଘଟିବା ସହିତ ଜୀବନ ଓ ସମାଜ ପାଲଟିଯାଏ ଆତ୍ମ-ଆବିଷ୍କାରର ଏକ ଉପତ୍ୟକା ।

ବୟସ୍କ ମା'ବାପା ଆଜିକାଲି ପାରିବାରିକ ବୋଝ । ଏ ଦୃଷ୍ଟିଭଙ୍ଗୀ ପାଇଁ କିଏ ଦାୟୀ କହିହେବ ନାହିଁ । କିନ୍ତୁ ଉଭୟ ପକ୍ଷ ଯଦି ବୋଝ ଭିତରେ ଲୁକ୍କାୟିତ ସୁଯୋଗ, ଉପଯୋଗିତା ଖୋଜିପାଇବାକୁ ଚେଷ୍ଟା କରନ୍ତେ, ପୁଅବୋହୂଙ୍କ ପାଇଁ ମା'ବାପା, ଅବା ମା'ବାପାଙ୍କ ପାଇଁ ପୁଅବୋହୂ ଏକ ଓଜନ ରୂପେ ପ୍ରତିଭାତ ହୁଅନ୍ତେ ନାହିଁ । ବାପା, ମା', ଜେଜେ ବାପା, ଜେଜ ମା'ଙ୍କ କୋମଳତା, ବୟସଜନିତ ଭିନ୍ନ ଦୃଷ୍ଟିଭଙ୍ଗୀଠୁ ପୁଅ, ବିଶେଷତଃ ନାତି, ନାତୁଣୀମାନେ ସେମାନଙ୍କ ଗତାନୁଗତିକ ଜୀବନରୁ ସାମୟିକ ତ୍ରାହି ପାଇ ଏକ ଜୀବନ୍ତ 'ଭିଡିଓ ଗେମ୍'ର ସ୍ୱାଦୁ ନେବା ସହିତ ସଂକଟ ବେଳେ ସେମାନେ ଅନୁଭବ କରନ୍ତେ ଜେଜେବାପା, ଜେଜେମା' ଜଣେ ଜଣେ 'ଶକ୍ ଆବ୍‌ଜରବର' । ଅନୁରୂପ ଭାବରେ ଅତିକ୍ରାନ୍ତ ବୟସରେ ଶାଶୂଶ୍ୱଶୁରମାନେ ପୁଅବୋହୂଙ୍କ ମାର୍ଫତରେ ଜୀବନରେ ଚପଳତା, ସରସତା, ସ୍ନେହର ମାଧୁର୍ଯ୍ୟର ସ୍ୱାଦ ପାଇ ମାନସିକ ଭାବରେ ଆହୁରି ସକ୍ରିୟ ରହିପାରନ୍ତେ ।

ମଣିଷର ବୋଝ ବୋହିବାର କ୍ଷମତା ଓ ଆଗ୍ରହ ଗୋଟିଏ ସମାଜକୁ ସମୃଦ୍ଧି ପ୍ରଦାନ କରେ, ତା'ର ପରିଚୟ ସୃଷ୍ଟିରେ ସହାୟକ ହୁଏ । ଏକ ସାମର୍ଥ୍ୟଯୁକ୍ତ, ବୁଦ୍ଧିଦୀପ୍ତ ଆଗ୍ରହ ଘୋଷଣା କରେ ସମାଜ ପଳାତକମାନଙ୍କ କ୍ରୀଡ଼ାଭୂମି ନୁହେଁ । ଆଗ୍ରହାନ୍ୱିତ ବୁଦ୍ଧି ଆଗରେ ବୋଝ ତା'ର ଭିତ୍ତିପ୍ରଦ ଓଜନ ଓ ଧୂସର ରଙ୍ଗ ହରାଇ ସାଜେ ଏକ ଆକର୍ଷଣର ବସ୍ତୁ ।

ବାଲେଶ୍ୱର, ମୋ- ୯୪୩୭୩୭୬୨୧୯

## ଏଇ ଭାରତରେ

ସମାଜରେ ଅନେକ ସ୍ଥଳରେ ଦେଖାଯାଏ ଶାଶୁ-ବୋହୂଙ୍କ ମଧ୍ୟରେ ପଡେନାହିଁ । ନିତିଦିନ କଳିକଜିଆ ଲାଗେ । ଏପରି କି ଶାଶୁବୋହୂ ମଧ୍ୟରେ ଅହି-ନକୁଳ ସମ୍ପର୍କ ଦେଖିବାକୁ ମିଳେ । କିନ୍ତୁ କେତେକ ସ୍ଥଳରେ ବୋହୂ ଜଣକ ଶାଶୁଙ୍କ ଆଜ୍ଞାଧୀନ ହୋଇ ଚଳିଥାଆନ୍ତି । ଜୀବଦ୍ଦଶାରେ ଓ ମୃତ୍ୟୁ ପରେ ବି ଶାଶୁ ପ୍ରତି କର୍ତ୍ତବ୍ୟ କରିବାକୁ ଭୁଲି ନ ଥାନ୍ତି । ସାମାଜିକ ପ୍ରତିବନ୍ଧକକୁ ଏଡାଇ ଦେଇ ଜଣେ ମହିଳା ନିଜ ଶାଶୁଙ୍କ ଶେଷଇଚ୍ଛା ପୂରଣ କରିବାକୁ ଯାଇ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ କରିଛନ୍ତି । ଏପରି ଏକ ବିରଳ ଘଟଣା ଘଟିଛି ଜୟପୁରଠାରେ । ରାଜସ୍ଥାନ ଅଜମେର ଜିଲାର ବିଓ୍ୱାର ଅଞ୍ଚଳର ଏହି ମହିଳା ତାଙ୍କ ଶାଶୁଙ୍କୁ ଦୁଇ ଝିଅ ସହିତ ଶ୍ମଶାନକୁ ଯାଇ ସେଠାରେ ମୁଖାଗ୍ନି ଦେଇଥିଲେ । କାରଣ ତାଙ୍କ ସ୍ୱାମୀ କିଛିବର୍ଷ ତଳେ ମୃତ୍ୟୁବରଣ କରିଥିବାରୁ ପରିବାରରେ କେହି ପୁରୁଷ ସଦସ୍ୟ ନ ଥିଲେ । ଯଲ୍ଲନା ନାମ୍ନୀ ଏହି ମହିଳାଙ୍କ କହିବାନୁଯାୟୀ, ତାଙ୍କ ଶାଶୁ ନୀଲମ୍ (୭୦) ରବିବାର ରାତିରେ ମୃତ୍ୟୁବରଣ କରିଥିଲେ । ସୋମବାର ସେ ଦୁଇଝିଅଙ୍କ ସହିତ ଶାଶୁଙ୍କ ମୃତଦେହ ଶ୍ମଶାନକୁ ନେଇ ସେଠାରେ ସଂସ୍କାର କରିଛନ୍ତି । ସେ କହନ୍ତି, ଶାଶୁ ତାଙ୍କୁ ଝିଅ ଭଳି ସ୍ନେହ କରନ୍ତି । ତେବେ ତାଙ୍କ ଶେଷ ଇଚ୍ଛା ପୂରଣ କରି ସେ ଗର୍ବ ଅନୁଭବ କରିଥିବା ପ୍ରକାଶ କରିଛନ୍ତି । ଏଭଳି ମହିଳା ଆଧୁନିକ ସମାଜ ପାଇଁ ଆଦର୍ଶ ନିଶ୍ଚୟ ।

## ଚିରନ୍ତନୀ


ଶରତ-ଧଳା ବଉଦ ସମ
ସକଳ ରୂପରାଶି
ମିଳାଇଗଲା ଚକିତେ ମୋର
ନୟନ ପଥେ ଭାସି ।
(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୬ ନଭେମ୍ବର ୧୯୯୩

- ଭାରତ ଏବଂ ବ୍ରିଟେନ ମଧ୍ୟରେ ସ୍ୱାକ୍ଷରିତ ଅପରାଧୀ ପ୍ରତ୍ୟର୍ପଣ ଚୁକ୍ତିର ଆନୁଷ୍ଠାନିକ ଭାବେ କାର୍ଯ୍ୟକାରିତା ଆରମ୍ଭ ।
- ମୁଖ୍ୟ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶକୁ କମିଶନର ସବୁ ସଦସ୍ୟ ମାନିବାକୁ ବାଧ୍ୟ ବୋଲି ସୁପ୍ରିମକୋର୍ଟରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ ପାଇଛି ।

## su|do|ku ସୁ-ଡୋ-କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।



ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମୋ ସୌନ୍ଦର୍ଯ୍ୟ ତୁମ ବୁଦ୍ଧିମତ୍ତା

ମହାଶୟ,

ଧରିତ୍ରୀରୁ ସରଳ ବାବୁଙ୍କ ପ୍ରବନ୍ଧ 'ମୋ ସୌନ୍ଦର୍ଯ୍ୟ ଓ ତୁମ ବୁଦ୍ଧିମତ୍ତା' ପଢ଼ି ଖୁସି ଲାଗିଲା । ବେଳେବେଳେ ମିଥ୍ୟା ହେଲେ ମଧ୍ୟ ଉପାଖ୍ୟାନ ଶୁଣି ଶୁଣି ସତ୍ୟ ଲାଗେ । ଏହି ପରିପ୍ରେକ୍ଷୀରେ ଏକ ସତ୍ୟ ଘଟଣା ମନେପଡେ । ସ୍ୱାମୀ ବିବେକାନନ୍ଦ ଯେତେବେଳେ ବିଦେଶ ଯାଇଥିଲେ ତାଙ୍କ ସୁନ୍ଦର ଶରୀର ପ୍ରତି ଅନେକ ଲଳନା ଆକର୍ଷିତ ହୋଇଥିଲେ । ସେମାନଙ୍କ ମଧ୍ୟରୁ ଜଣେ ତରୁଣୀ ଥିଲେ ମାର୍ଗାରେଟ । ପ୍ରାଚ୍ୟ ସଂସ୍କୃତିରୁ ପାଶ୍ଚାତ୍ୟ ସଂସ୍କୃତି ପୂରା ଅଲଗା ଓ ଖୋଲାମେଲା । ସେମାନେ ସ୍ୱାମିଜୀଙ୍କୁ କହିଲେ ଆପଣଙ୍କ ପରି ଜ୍ଞାନୀ ପୁତ୍ର ସନ୍ତାନର ଜନନୀ ହେବାକୁ ଆମେ ଚାହୁଁଛୁ । ସ୍ୱାମିଜୀ ଥିଲେ ବିଚକ୍ଷଣ ଜ୍ଞାନୀ, ସଙ୍ଗେସଙ୍ଗେ କହିଲେ ଜନ୍ମ ତ କାହାରି ହାତରେ ନାହିଁ । ପୁତ୍ର ହୁଏତ ଗୁଣବାନ, ବିଦ୍ୱାନ ନ ହୋଇ ପାରେ । ତେଣୁ ଆପଣ ଦୟାକରି ମୋ ମା' ହୋଇଯାଆନ୍ତୁ, ଯାହାଫଳରେ ଆପଣଙ୍କ ଆଶା ପୂରଣ ହୋଇଯିବ । ସ୍ୱାମିଜୀଙ୍କ ଉତ୍ତରରେ ମାର୍ଗାରେଟ ପ୍ରେରିତ ହେଲେ । ସେ ହିଁ ପାଲଟିଗଲେ ସିଷ୍ଟର ନିବେଦିତା । ତେଣୁ କୁହାଯାଏ, ସୌନ୍ଦର୍ଯ୍ୟ ବସ୍ତୁରେ ନ ଥାଏ, ଥାଏ ଦେଖିଲାବାଲାର ଆଖିରେ । ପ୍ରକୃତରେ ମନୁଷ୍ୟ ଶରୀରର ସୁନ୍ଦରତା ତ କ୍ଷୟଶୀଳ କିନ୍ତୁ ପ୍ରଜ୍ଞା ସତତ ଜାଜ୍ୱଲ୍ୟମାନ ।

ଡି. ଲକ୍ଷ୍ମୀନାରାୟଣ, ସରସ୍ୱତୀ ଶିଶୁମନ୍ଦିର, ବୁର୍ଲା, ସମ୍ବଲପୁର

### ସେଓରେ ମହମ ପ୍ରଲେପ

ମୁନାଫାଖୋର ବ୍ୟବସାୟୀମାନେ ଲୋକଙ୍କ ଜୀବନ ସହ ଖେଳୁଛନ୍ତି । ଚାଉଳ, ଅଟା, ଡାଲି, ସୁଜି, ବେସନ ଓ ମଇଦା ଆଦିରେ ବାଲି, ଗୋଡି, କୁଣ୍ଡା ଓ ତେନ୍ତୁଳି ମଞ୍ଜି ଆଦି ଅଖାଦ୍ୟ ମିଶାଯାଉଛି । ତେଲ ଓ ଘିଅରେ ନିମ୍ନମାନର ତେଲ ମିଶାଉଛନ୍ତି । ପରିବା ଇତ୍ୟାଦିକୁ ସତେଜ ରଖିବା ପାଇଁ ରାସାୟନିକ ଦ୍ରବଣ ସିଞ୍ଚନ କରାଯାଉଛି । ଏକେତ ଅଧିକ ଅମଳ ପାଇଁ ଫସଲରେ ରାସାୟନିକ ସାର ଓ ଔଷଧ ଦିଆଯାଉଛି । ମାଛକୁ ସତେଜ ରଖିବା ପାଇଁ ଫର୍‌ମାଲିନ୍ ବ୍ୟବହାର କରାଯାଉଛି । ସେଓରେ ମହମର ପ୍ରଲେପ ଲଗାଯାଇ ଗ୍ରାହକଙ୍କୁ ଆକୃଷ୍ଟ କରାଯାଉଛି । କିଛିଦିନ ତଳେ ସେଓର କେତୋଟି ନମୁନାକୁ ରାଜ୍ୟ ସରକାରଙ୍କ ଜନସ୍ୱାସ୍ଥ୍ୟ ବିଭାଗ ପରୀକ୍ଷା କରି ଏଥିରେ ମହମ ପ୍ରଲେପ ଥିବାର ସନ୍ଧାନ ପାଇଛି । ସରକାର ଏଥିପ୍ରତି ଦୃଢ଼ ପଦକ୍ଷେପ ନେବା ଉଚିତ । ବିଭାଗୀୟ ଅଧିକାରୀମାନେ ଖାଦ୍ୟପଦାର୍ଥକୁ ନିୟମିତ ଯାଞ୍ଚ କରିବାକୁ ଅନୁରୋଧ ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ପରୀକ୍ଷାରେ ପାସ୍ କରାଇଦେବାକୁ ଲାଞ୍ଚ
# ଭିଜିଲାନ୍ସ ଜାଲରେ ନିମାପଡ଼ା କଲେଜ ଅଧ୍ୟାପକ


ମାନସ ରଞ୍ଜନ ସ୍ୱାଇଁ

**କଟକ ଅଫିସ/ ନିମାପଡ଼ା (ଡି.ଏନ୍.ଏ.) ୧୫।୧୧:** ପରୀକ୍ଷାରେ ପାସ୍ କରାଇଦେବା ପାଇଁ ଛାତ୍ରଙ୍କଠାରୁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଜଣେ ଅଧ୍ୟାପକ। ସେ ହେଉଛନ୍ତି ପୁରୀ ଜିଲା ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଭୂତତ୍ତ୍ୱ ବିଜ୍ଞାନ ବିଭାଗ ମୁଖ୍ୟ ମାନସ ରଞ୍ଜନ ସ୍ୱାଇଁ। ଗୁରୁବାର ସେ ଉକ୍ତ ବିଭାଗର ଛାତ୍ର ତଥା କାକଟପୁର ଥାନା ଶୁକପୋଖରୀ ଗ୍ରାମର ସ୍ୱାଗତ ସେଣଙ୍କଠାରୁ ପୂର୍ବଦାବି ମୁତାବକ ଲାଞ୍ଚ ଗ୍ରହଣ କରୁଥିବାବେଳେ ଭିଜିଲାନ୍ସ ତାଙ୍କୁ କାବୁ କରିଥିଲା। ସ୍ୱାଗତ ହେଉଛନ୍ତି ଉକ୍ତ ମହାବିଦ୍ୟାଳୟର ତୃତୀୟ ବର୍ଷ ବିଜ୍ଞାନ (ଭୂତତ୍ତ୍ୱ ସମ୍ମାନ) ଛାତ୍ର। ପଞ୍ଚମ ଓ ଷଷ୍ଠ ସେମିଷ୍ଟର ପାସ୍ କରାଇଦେବା ପାଇଁ ବିଭାଗୀୟ ମୁଖ୍ୟ ସ୍ୱାଇଁ ତାଙ୍କଠାରୁ ଏହି ଲାଞ୍ଚ ଦାବି କରିଥିଲେ। ଗୁରୁବାର ସ୍ୱାଗତଙ୍କଠାରୁ ସେ ନିମାପଡ଼ା ସିଦ୍ଧେଶ୍ୱର ମନ୍ଦିର ନିକଟ ରାସ୍ତା କଡ଼ରେ ଉକ୍ତ ଟଙ୍କା ଗ୍ରହଣ କରୁଥିଲେ। ଏହି ସମୟରେ ସେଠାରେ ପୂର୍ବରୁ ରହିଥିବା ଭିଜିଲାନ୍ସ ଅଧିକାରୀମାନେ ସ୍ୱାଇଁଙ୍କୁ କାବୁ କରିଥିଲେ। ତାଙ୍କ ନିକଟରୁ ଉକ୍ତ ଲାଞ୍ଚ ଟଙ୍କା ଜବତ କରାଯିବା ପରେ ସ୍ୱାଇଁଙ୍କ ନିମାପଡ଼ା ଗୋଲେଇ ଛକସ୍ଥିତ ବାସଗୃହରେ ଭିଜିଲାନ୍ସ ଚଢ଼ାଉ କରି ଯାଞ୍ଚ କରିଥିଲା। ଏ ସମ୍ପର୍କରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ୪୯/୨୦୧୮ରେ ଏକ ମାମଲା ରୁଜୁ କରାଯାଇ ସ୍ୱାଇଁଙ୍କୁ ଗିରଫ କରାଯାଇଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଇନ୍ସପେକ୍ଟର ରୂପଧର ନାୟକ, ଭାଲେଣ୍ଟିନା ରାୟ, ବ୍ରହ୍ମାନନ୍ଦ ନାୟକ, ଏଏସ୍ଆଇ ସୁନୀଲ ସେଠୀ, ବିଳାସିନୀ ବେହେରା ପ୍ରମୁଖ ଏହି ଚଢ଼ାଉ କରିଥିଲେ।

# ଘୋଷଣା ହେବ ନୂଆ ସିନେମା ନୀତି

**ଭୁବନେଶ୍ୱର,୧୫।୧୧(ବ୍ୟୁରୋ)**

ଓଡ଼ିଆ ସିନେମା ଶିଳ୍ପର ବିକାଶ ଲାଗି ସରକାର ନୂଆ ସିନେମା ନୀତି ଶୀଘ୍ର ଘୋଷଣା କରିବେ। ଏଥି ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ସିନେମା ତଥା ମନୋରଞ୍ଜନ କ୍ଷେତ୍ରରେ ରହିଥିବା ବିଭିନ୍ନ ସମସ୍ୟା ସମାଧାନ ସହ କ୍ଷେତ୍ରର ଉନ୍ନତୀକରଣ ପାଇଁ ସରକାର ଯୋଜନା ରଖିଛନ୍ତି। ଏହାକୁ ଧ୍ୟାନରେ ରଖି ନୂଆ ନୀତି ଆସିବ ବୋଲି ଶିଳ୍ପମନ୍ତ୍ରୀ ଅନନ୍ତ ଦାସ ଗୁରୁବାର ସୂଚନା ଦେଇଛନ୍ତି। 'ମେକ୍ ଇନ୍ ଓଡ଼ିଶା-୨୦୧୮ କନକ୍ଲେଭ'ର ଶେଷ ଦିବସରେ ଆୟୋଜିତ ମିଡିଆ ଏଣ୍ଟରଟେନମେଣ୍ଟ ଶୀର୍ଷକ ଆଲୋଚନା ଅବସରରେ ଦାସ କହିଛନ୍ତି ଯେ, ରାଜ୍ୟରେ ସିନେମା ଶିଳ୍ପର ଉନ୍ନତୀକରଣକୁ ପ୍ରାଥମିକତା ଦିଆଯାଉଛି। ୧୯୭୪ରେ ତତ୍କାଳୀନ ସରକାର ସିନେମାକୁ ଶିଳ୍ପ ମାନ୍ୟତା ଦେଇଥିଲେ। ଏକ୍ଷେତ୍ରର ଉନ୍ନତୀକରଣ ଲାଗି ବିଶେଷ ନୀତି ଆଣିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରାମର୍ଶ ଦେଇଥିବା ସେ ପ୍ରକାଶ କରିଛନ୍ତି।

ଏହି ଧାରାକୁ ଆଗକୁ ବଢାଇବା ଲାଗି ରାଜ୍ୟ ସରକାର ଏକ ମନ୍ତ୍ରୀସ୍ତରୀୟ କମିଟି ଗଠନ କରିଛନ୍ତି। ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା କମିଟିର ଅଧ୍ୟକ୍ଷ ଥିବା ବେଳେ ଶିଳ୍ପ ସଚିବ ସଞ୍ଜୀବ ଚୋପ୍ରା ସେକ୍ରେଟେରି, ସଦସ୍ୟ ଭାବେ ଏମ୍ଏସ୍ଏମ୍ଇ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଏବଂ ସେ ନିଜେ ରହିଥିବା ଦାସ ପ୍ରକାଶ କରିଛନ୍ତି। ରାଜ୍ୟରେ ସିନେମା ମାନରେ ବୃଦ୍ଧି ଉପରେ ଦାସ ଗୁରୁତ୍ୱାରୋପ କରିଛନ୍ତି। ଉକ୍ତ ନୀତି ଆଣିବାରେ ଇଣ୍ଡଷ୍ଟ୍ରି ପାର୍ଟନର ଭାବେ ଫିକି କାର୍ଯ୍ୟ କରୁଛି। ଏଥିଲାଗି ଏକ ଡ୍ରାଫ୍ଟ ନୀତି ପ୍ରସ୍ତୁତ ହୋଇଛି। ସେହିଭଳି ଚୂଡାନ୍ତ ନୀତି ପ୍ରସ୍ତୁତ କରିବା ପୂର୍ବରୁ ସରକାର ସିନେମା ଶିଳ୍ପ ସହ ଜଡ଼ିତ ବିଭିନ୍ନ ବିଶେଷଜ୍ଞ ଏବଂ ଅଂଶୀଦାରଙ୍କଠାରୁ ପରାମର୍ଶ ନେବେ। ଏଥିପାଇଁ ଡିସେମ୍ବରରେ ଏକ ବୈଠକ ମଧ୍ୟ ଆୟୋଜନ କରାଯିବାର କାର୍ଯ୍ୟକ୍ରମ ରହିଛି। କଳିଙ୍ଗ ଷ୍ଟୁଡିଓର ଭିତ୍ତିଭୂମି ନିର୍ମାଣ ପାଇଁ ସରକାର ପ୍ରାଥମିକ ପର୍ଯ୍ୟାୟରେ ୪ କୋଟି ଟଙ୍କା ପ୍ରଦାନ କରିଥିବା ସେ ସୂଚନା ଦେଇଛନ୍ତି।


କାର୍ଯ୍ୟକ୍ରମ ଅବସରରେ ଶିଳ୍ପମନ୍ତ୍ରୀ ଅନନ୍ତ ଦାସଙ୍କ ସହିତ ଅନ୍ୟ ଅତିଥିବୃନ୍ଦ।

- ମନ୍ତ୍ରୀ ସ୍ତରୀୟ କମିଟି ଗଠନ
- ଅଂଶୀଦାର, ବିଶେଷଜ୍ଞଙ୍କଠାରୁ ମତାମତ ନିଆଯିବ
- କଳିଙ୍ଗ ଷ୍ଟୁଡିଓ ଉନ୍ନତୀକରଣ ଲାଗି ୪ କୋଟି
- ରିହାତିରେ ଜମି ପାଇବେ ମଲ୍ଟିପ୍ଲେକ୍ସ ଅପରେଟର

ଆଲୋଚନାରେ ଭାଗ ନେଇ ଶିଳ୍ପ ସଚିବ ସଞ୍ଜୀବ ଚୋପ୍ରା କହିଛନ୍ତି, ସିନେମା ଶିଳ୍ପ ବିଭାଗ ପରିସରରେ ଆସୁଥିବା ବେଳେ ଏ କ୍ଷେତ୍ରରେ ଭିତ୍ତିଭୂମି ବିକାଶ, ମାର୍କେଟିଂ, ସ୍ୱତନ୍ତ୍ର ନୀତି ଆସିବାର ବିଶେଷ ଆବଶ୍ୟକତା ରହିଛି। ରାଜ୍ୟ ସିନେମା ଶିଳ୍ପର ଉନ୍ନତୀକରଣ ତଥା ପ୍ରୋତ୍ସାହନ ଲାଗି ଡ୍ରାଫ୍ଟ ନୀତି ପ୍ରସ୍ତୁତ କରୁଥିବାରୁ ସେ ଶିଳ୍ପ ସଂଘ ଫିକିକୁ ଧନ୍ୟବାଦ ଦେଇଛନ୍ତି। ମିଡିଆ ଏବଂ ମନୋରଞ୍ଜନ ଶିଳ୍ପ ଲାଗି କୁଶଳୀ ଶ୍ରମଶକ୍ତି ରାଜ୍ୟରେ ରହିଥିବା ବେଳେ ଆବଶ୍ୟକ ଭିତ୍ତିଭୂମି ବିକାଶକୁ ଧ୍ୟାନ ଦିଆଯିବାର ଆବଶ୍ୟକତା ରହିଥିବା ସେ କହିଛନ୍ତି। ମଲ୍ଟିପ୍ଲେକ୍ସ ଅପରେଟରଙ୍କୁ ସୁବିଧାରେ ଜମି ଯୋଗାଣ ନେଇ ନିଷ୍ପତ୍ତି ହୋଇଥିବା ଚୋପ୍ରା ସୂଚନା ଦେଇଛନ୍ତି। ସିନେମାର ଗୁଣବତ୍ତା, ରାଜ୍ୟ ଟିଭି ଏବଂ ଫିଲ୍ମ ପ୍ରତିଷ୍ଠାନର ଉନ୍ନତୀକରଣ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଓଡିଆ ସିନେମା ଇଣ୍ଡଷ୍ଟ୍ରି ୮୨ ବର୍ଷର ଇତିହାସକୁ ନେଇ ବଢୁଥିବା ବେଳେ ଏକ୍ଷେତ୍ରର ଉନ୍ନତୀକରଣ ଲାଗି ମତାମତ ପ୍ରଦାନ କରିବାକୁ ରାଜ୍ୟ ଚଳଚ୍ଚିତ୍ର ଉନ୍ନତୀକରଣ ନିଗମର ଅଧ୍ୟକ୍ଷ କୁନା ତ୍ରିପାଠୀ କହିଛନ୍ତି।

ପାନେଲ ଆଲୋଚନାରେ ଓଡିଶା ବ୍ରଡକାଷ୍ଟିଂ କ୍ଷେତ୍ରରେ ଭିଜନ ୨୦୨୦ ଉପରେ ଆଲୋଚନା ହୋଇଥିଲା। ଏଥିରେ ବ୍ରଡକାଷ୍ଟ ଅଡିଆନ୍ସ ରିସର୍ଚ୍ଚ କାଉନସିଲ(ବିଏଆର୍ସି)ର ସିଇଓ ପାର୍ଥ ଦାସଗୁପ୍ତା, ସମ୍ବାଦ ଗ୍ରୁପ ଏମ୍ଡି ମୋନିକା ନାୟର ପଟ୍ଟନାୟକ, ଟାଟା ସ୍କାଏ ରେଗୁଲେଟୋରି ବ୍ୟାପାର ଭିପି ମନୀଷ ଗୁପ୍ତା, କଳିଙ୍ଗ ଟିଭି ଏମ୍ଡି ହିମାଂଶୁ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ।

- ଅଭିଜିତ୍ ଆୟରଙ୍କ ଆପତ୍ତିଜନକ ମନ୍ତବ୍ୟ

# ଆଜି ବିଧାନସଭାରେ ରିପୋର୍ଟ ଦେବ ଗୃହକମିଟି

**ଭୁବନେଶ୍ୱର,୧୫।୧୧(ବ୍ୟୁରୋ)**

ଅଭିଜିତ ଆୟର ମିତ୍ର କୋଣାର୍କ ଓ ଶ୍ରୀମନ୍ଦିର ଉପରେ ଦେଇଥିବା ଆପତ୍ତିଜନକ ମନ୍ତବ୍ୟ ଉପରେ ତଦନ୍ତ କରୁଥିବା ଗୃହ କମିଟି ଶୁକ୍ରବାର ବିଧାନସଭାରେ ରିପୋର୍ଟ ଉପସ୍ଥାପନ କରିବ। ଏ ନେଇ ଗୃହ କମିଟିର ଅଧ୍ୟକ୍ଷ ତଥା ବିରୋଧୀ ଦଳ ନେତା ନରସିଂହ ମିଶ୍ର କହିଛନ୍ତି। କମିଟି ନିକଟରେ ଆୟର ଦୁଇଥର ହାଜର ହୋଇ ନିଜର ଦୋଷ ସ୍ୱୀକାର କରିବା ସହ ସତ୍ୟପାଠ ଦେଇଛନ୍ତି। କମିଟି ଏହାର ତର୍ଜମା କରି ବିଧାନସଭାରେ ରିପୋର୍ଟ ଉପସ୍ଥାପନ କରିବ। ଏହି ରିପୋର୍ଟ ଉପରେ ଗୃହ ପକ୍ଷରୁ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ।

ସୂଚନାଯୋଗ୍ୟ ଯେ ଆୟରଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ଗତ ବିଧାନସଭାରେ ଝଡ଼ ସୃଷ୍ଟି ହୋଇଥିଲା। ବିଧାନସଭାରେ ଏ ନେଇ ତୁମ୍ଭିତୋଫାନ ହେବା ପରେ ଓଡ଼ିଶା ପୋଲିସର ଅନୁରୋଧ କ୍ରମେ ଦିଲ୍ଲୀ ପୋଲିସ ସେପ୍ଟେମ୍ବର ୨୦ ତାରିଖରେ ଆୟରଙ୍କୁ ଗିରଫ କରିଥିଲା। ପରେ ସେ ଜାମିନରେ ମୁକୁଳିଥିଲେ। ଦଳଗତ ନିର୍ବିଶେଷରେ ମୌସୁମୀ ଅଧିବେଶନରେ ତାଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆସିଥିଲା। ଏ ନେଇ ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଗୃହ କମିଟି ଗଠନ କରାଯାଇଛି। କମିଟି ଏହି ଘଟଣାର ଅନୁଧ୍ୟାନ କରୁଛି। ବିରୋଧୀ ଦଳ ନେତାଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ଭାଜପା ବିଧାୟକ ଦଳ ନେତା କେ.ଭି. ସିଂହଦେଓ, ବିଜେଡି ବିଧାୟକ ଦେବୀ ପ୍ରସାଦ ମିଶ୍ର, ଅରୁଣ ସାହୁ, ସଞ୍ଜୟ ଦାସବର୍ମା ଏବଂ ପ୍ରମିଳା ମଲ୍ଲିକ ସଦସ୍ୟ ରହିଛନ୍ତି।

ଅରୁଚିକର ମନ୍ତବ୍ୟ ଦେଇଥିବା ଆୟରଙ୍କୁ ହାଜର ହେବାକୁ ବିଧାନସଭା ଗୃହ କମିଟି ସେପ୍ଟେମ୍ବର ୨୮ ତାରିଖରେ ନିଷ୍ପତ୍ତି ନେଇଥିଲା। ଅକ୍ଟୋବର ୧୧ ତାରିଖ ପୂର୍ବାହ୍ନ ୧୧ଟା ବେଳେ ବ୍ୟକ୍ତିଗତ ଭାବେ ଉପସ୍ଥିତ ହେବାକୁ କୁହାଯାଇଥିଲା। ବାତ୍ୟା ତିତ୍ଲି ଯୋଗୁ ସେ ଆସିପାରି ନ ଥିଲେ। ତେବେ ସେ ଅକ୍ଟୋବର ୨୩ ଓ ନଭେମ୍ବର ୨ ତାରିଖରେ ହାଜର ହୋଇ ନିଜର ଭୁଲ ସ୍ୱୀକାର କରିଥିଲେ। ଅକ୍ଟୋବର ୩ ତାରିଖରେ ସେ ଏ ନେଇ ସତ୍ୟପାଠ ଗୃହ କମିଟିରେ ଦାଖଲ କରିଥିଲେ। ଅକ୍ଟୋବର ୧୧ ତାରିଖରେ ଇ-ମେଲ୍ ଯୋଗେ ମିତ୍ର ନିଜର କ୍ଷମାପତ୍ର ବିଧାନସଭା ବାଚସ୍ପତିଙ୍କ ନିକଟକୁ ପଠାଇଥିଲେ। ଅକ୍ଟୋବର ୧୭ରେ ଆୟର ନିଜ ଭୁଲ ପାଇଁ ପୁଣି ଇ-ମେଲ ଜରିଆରେ ବାଚସ୍ପତିଙ୍କୁ କ୍ଷମା ମାଗିଥିଲେ। ଏ ନେଇ ସେ ବିଧାନସଭା ଗୃହ କମିଟି ନିକଟକୁ ମଧ୍ୟ ଜଣାଇଥିଲେ।

## ରୋକାଯିବ ମାତୃ, ଶିଶୁ ମୃତ୍ୟୁ ହାର
# ଏସ୍ସିବିରେ 'ଆକ୍ସନ ଟ୍ରାଏଲ୍' ପ୍ରକଳ୍ପ

**କଟକ ଅଫିସ, ୧୫।୧୧**

ଭାରତରେ ମାତୃ ଓ ଶିଶୁ ମୃତ୍ୟୁହାର ରୋକିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) ଅଣ୍ଟା ଭିଡ଼ିଛି। ଓଡ଼ିଶାର ଏସ୍ସିବି ମେଡିକାଲ କଲେଜ ସମେତ ଦେଶର ୪ଟି ମେଡିକାଲ କଲେଜରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ 'ଆକ୍ସନ ଟ୍ରାଏଲ' ନାମରେ ଏକ ପ୍ରକଳ୍ପ ଆରମ୍ଭ କରିଛି। ଏହି ପ୍ରକଳ୍ପ ମାଧ୍ୟମରେ ଗର୍ଭବତୀ ମହିଳାମାନଙ୍କୁ ଗର୍ଭଧାରଣର ପ୍ରାଥମିକ ପର୍ଯ୍ୟାୟରେ ଡେକ୍ସାମେଥାଜୋଲ୍ ନାମକ ଏକ ଇଞ୍ଜେକ୍ସନ ଦିଆଯିବ। ଏହି ଇଞ୍ଜେକ୍ସନ ଦ୍ୱାରା ଅପରିପକ୍ୱ ପ୍ରସବକୁ ରୋକିବାରେ ସହାୟକ ହେବା ସହିତ ଗର୍ଭସ୍ଥ ଶିଶୁର ଫୁସ୍ଫୁସ୍, ଖାଦ୍ୟନଳୀ, ଶ୍ୱାସନଳୀକୁ ପୂର୍ଣ୍ଣ ବିକଶିତ କରିଥାଏ। ଏଥିସହିତ ଗର୍ଭସ୍ଥ ଶିଶୁର ମସ୍ତିଷ୍କ ବିକାଶରେ ମଧ୍ୟ ସହାୟକ ହୋଇଥାଏ। ମହିଳାମାନଙ୍କୁ ଏହି ଇଞ୍ଜେକ୍ସନ ଦେବା ପୂର୍ବରୁ ସେମାନଙ୍କ ସମ୍ମତି ନିଆଯିବ। ପରୀକ୍ଷାମୂଳକ ଭାବେ ଏହାକୁ ଦେବା ନିମନ୍ତେ ପ୍ରସବ ପାଇଁ ଆସୁଥିବା ମହିଳାମାନଙ୍କୁ ଦୁଇ ଭାଗରେ ବିଭକ୍ତ କରାଯାଇ ଅବ୍ଜରଭେଶନରେ ରଖାଯିବ। ଡେକ୍ସାମେଥାଜୋଲ୍ ଇଞ୍ଜେକ୍ସନ ନେଇଥିବା ମହିଳାଙ୍କ ପ୍ରସବ ଓ ଶିଶୁ ସ୍ୱାସ୍ଥ୍ୟ କିଭଳି ରହୁଛି ଏବଂ ଇଞ୍ଜେକ୍ସନ ନେଇ ନ ଥିବା ମା' ଓ ଶିଶୁଙ୍କୁ ଅନୁଧ୍ୟାନ କରାଯିବ। ଏହି ପ୍ରକଳ୍ପ ପାଇଁ ଖୁବ୍ଶୀଘ୍ର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ପ୍ରତିନିଧି ମଣ୍ଡଳୀ ଏସ୍ସିବି ପରିଦର୍ଶନରେ ଆସିବେ ବୋଲି ଏସ୍ସିବି ଏସ୍ଏନ୍ସିୟୁ ବିଭାଗ ମୁଖ୍ୟ ଡା. ଲୀନା ଦାସ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ପୂର୍ବରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିକଶିତ ଦେଶଗୁଡ଼ିକରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିଥିବାବେଳେ ଏବେ ଭାରତ ଭଳି ବିକାଶଶୀଳ ଦେଶଗୁଡ଼ିକରେ ଆରମ୍ଭ କରିଛି। ଏତଦ୍ବ୍ୟତୀତ ଏସ୍ସିବି ଏସ୍ଏନ୍ସିୟୁ ପାଇଁ ୩ଟି ବବଲ୍ ସିପାପ୍ (ଶିଶୁ ଭେଣ୍ଟିଲେଟର) ମେଶିନ ଆସିଛି। ଜନ୍ମ ପରେ ଯେଉଁ ଶିଶୁମାନଙ୍କର ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ହେଉଛି ସେମାନଙ୍କୁ ଏହି ମେଶିନ ଜରିଆରେ ଚିକିତ୍ସା କରାଯିବ ବୋଲି ଡାକ୍ତର ଦାସ କହିଛନ୍ତି।

- ଆସୁଛନ୍ତି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପ୍ରତିନିଧି
- ଦେଶର ଅନ୍ୟ ୩ ମେଡିକାଲ କଲେଜ ସାମିଲ୍

ଅନ୍ୟପକ୍ଷରେ ଏସ୍ସିବି ଏସ୍ଏନ୍ସିୟୁରେ ମୋଟ ୨୪ଟି ବେଡ୍ ରହିଛି। ଏବେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପ୍ରତିନିଧିମଣ୍ଡଳୀ ଆସୁଥିବାରୁ ମେଡିକାଲ ପକ୍ଷରୁ ଏ ନେଇ ତତ୍ପରତା ପ୍ରକାଶ ପାଇଛି। କିନ୍ତୁ ଏହାରି ଭିତରେ ଏସ୍ଏନ୍ସିୟୁରେ ଅନେକ ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରପାତି ଅଚଳ ହୋଇପଡ଼ିଥିବା ଦେଖାଯାଇଛି। ଅଚଳ ହୋଇଥିବା ଯନ୍ତ୍ର ମଧ୍ୟରେ ୯ଟି ଫଟୋଥେରାପି ମେଶିନ ଥିବାବେଳେ ୧୨ଟି ରେଡିଆଣ୍ଟ ୱାର୍ମର ଓ ୬ଟି ଅକ୍ସିଜେନ କନସେନ୍ଟ୍ରେଟର ରହିଛି। ଉପରୋକ୍ତ ମେଶିନଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ପାଇଁ ବ୍ୟବସ୍ଥା କରାଯାଉଥିବା ହସ୍ପିଟାଲ ମ୍ୟାନେଜର ସୌମ୍ୟା ମହାନ୍ତି ସୂଚନା ଦେଇଛନ୍ତି।

ଚଳିତବର୍ଷ ପ୍ରକାଶିତ ନୀତି ଆୟୋଗ ରିପୋର୍ଟରେ ଦର୍ଶାଯାଇଛି ଯେ, ଦେଶରେ ପ୍ରତି ହଜାରେ ଶିଶୁ ଜନ୍ମରେ ୩୪ ଜଣ ଓ ଓଡ଼ିଶାରେ ୪୪ଜଣଙ୍କ ମୃତ୍ୟୁ ଘଟୁଛି। କିନ୍ତୁ ୨୦୦୨ରେ ଦେଶରେ ପ୍ରତି ହଜାରେ ଶିଶୁ ଜନ୍ମରେ ୬୩ ଜଣ ଶିଶୁଙ୍କ ମୃତ୍ୟୁ ଘଟୁଥିବା ବେଳେ ଓଡ଼ିଶାରେ ଏହି ସଂଖ୍ୟା ୮୭ ଥିଲା। ସେହିପରି ମାତୃ ମୃତ୍ୟୁହାରକୁ ଦେଖିଲେ ଦେଶରେ ପ୍ରତି ୧ ଲକ୍ଷ ପ୍ରସବରେ ୧୩୦ ଜଣ ମା'ଙ୍କ ମୃତ୍ୟୁ ଘଟୁଛି। ୨୦୧୧ରୁ ୨୦୧୩ ମଧ୍ୟରେ ଏହି ହାର ୧୬୭ ଥିଲା। ଓଡ଼ିଶାରେ ୨୦୧୪ରୁ ୨୦୧୬ ମଧ୍ୟରେ ପ୍ରତି ୧ ଲକ୍ଷ ପ୍ରସବକାଳୀନ ମାତୃ ମୃତ୍ୟୁହାର ୧୮୦ ଥିବା ନୀତି ଆୟୋଗ ରିପୋର୍ଟରୁ ଜଣାପଡ଼ିଛି। ଏ ଦୃଷ୍ଟିରୁ ରାଜ୍ୟରେ ମାତୃ ଓ ଶିଶୁ ମୃତ୍ୟୁ ହାର ରୋକିବା ଉପରେ ଗୁରୁତ୍ୱ ଦେଇଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ।

# ସବୁଜ ପତ୍ରିକାଧାରୀଙ୍କ ସୁବିଧା ପାଇଁ ଗଢ଼ାହେଲା କମିଟି

**ଭୁବନେଶ୍ୱର, ୧୫।୧୧(ବ୍ୟୁରୋ)**

ସବୁଜ ପତ୍ରିକାଧାରୀଙ୍କ ଅଭିଯୋଗ ଶୁଣିବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍ୟମ ଆରମ୍ଭ କରିଛନ୍ତି। ଏହିକ୍ରମରେ ଏକ ଅନ୍ତଃମନ୍ତ୍ରୀମଣ୍ଡଳ ସ୍ତରୀୟ କମିଟି ଗଠନ ପାଇଁ ଆଦେଶ ଦେଇଛନ୍ତି। ଗୁରୁବାର ସନ୍ଧ୍ୟାରେ ଦିଆଯାଇଥିବା ଏହି ଆଦେଶ ଅନୁଯାୟୀ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରାଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। ସେଥିରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା ଏବଂ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ସଦସ୍ୟ ରହିଛନ୍ତି। ବହୁଦିନରୁ ଏହି ହିତାଧିକାରୀମାନେ ସରକାରଙ୍କ ଘୋଷଣା ଅନୁସାରେ କୌଣସି ସୁବିଧା ସୁଯୋଗ ପାଇ ନାହାନ୍ତି। ସରକାର ସେହି ସମୟରେ ଜନସଂଖ୍ୟା ନିୟନ୍ତ୍ରଣ ଲାଗି ବିଭିନ୍ନ ପ୍ରୋତ୍ସାହନମୂଳକ ଘୋଷଣା କରିଥିଲେ। ସେହି ଘୋଷଣା ଅନୁଯାୟୀ ସବୁଜପତ୍ରିକାଧାରୀ ପ୍ରତି ପରିବାରକୁ ମାସିକ ୧ହଜାର ଟଙ୍କା ପେନସନ ଦେବାର ବ୍ୟବସ୍ଥା ଥିଲା। ବର୍ତ୍ତମାନ ସବୁଜ ପତ୍ରିକାଧାରୀଙ୍କ ସମସ୍ୟା ବୁଝିବା ପାଇଁ ମୁଖ୍ୟମନ୍ତ୍ରୀ ଏହି କମିଟିକୁ ନିର୍ଦ୍ଦେଶ ଦେଇଛନ୍ତି।

### ଏଣ୍ଡୋକ୍ରାଇନ୍ ୪୮ତମ ଜାତୀୟ ସମ୍ମିଳନୀ ଆରମ୍ଭ
# ପ୍ରଶିକ୍ଷଣ ନେଲେ ୧୦୦୦ ପିଜି ଡାକ୍ତରୀ ଛାତ୍ରୀଛାତ୍ର

**ଭୁବନେଶ୍ୱର, ୧୫।୧୧(ବ୍ୟୁରୋ)**

ଏଣ୍ଡୋକ୍ରାଇନ୍ ଡାକ୍ତରଙ୍କ ୪୮ତମ ଜାତୀୟ ସମ୍ମିଳନୀ ଗୁରୁବାର ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଆରମ୍ଭ ହୋଇଛି। ସମ୍ମିଳନୀରେ ଦେଶର ବିଭିନ୍ନ ମେଡିକାଲ କଲେଜ ଓ ହସ୍ପିଟାଲରେ ଏଣ୍ଡୋକ୍ରାଇନ୍ ବିଭାଗରେ ପିଜି କରୁଥିବା ୧ ହଜାର ଡାକ୍ତରୀ ଛାତ୍ରୀଛାତ୍ର ଯୋଗଦେଇଛନ୍ତି। ବିଶେଷଜ୍ଞ ଡାକ୍ତରମାନେ ପିଜି ଡାକ୍ତରୀ ଛାତ୍ରୀଛାତ୍ରଙ୍କୁ ପାଥୋଲୋଜି, ନ୍ୟୁକ୍ଲିୟର ମେଡିସିନ୍ ଏବଂ ରେଡିଓଲୋଜି ଉପରେ ପ୍ରଶିକ୍ଷଣ ଦେଇଛନ୍ତି ବୋଲି ଏଣ୍ଡୋକ୍ରାଇନ୍ ସୋସାଇଟି ଅଫ୍ ଇଣ୍ଡିଆର ସାଙ୍ଗଠନିକ ସମ୍ପାଦକ ଡା. ଅଭୟ କୁମାର ସାହୁ ଏବଂ ବୈଜ୍ଞାନିକ କମିଟିର ସମ୍ପାଦକ ଡା. ସମ୍ପିତ ଦାଶ କହିଛନ୍ତି।

ଡା. ସାହୁ କହିଛନ୍ତି, ସମ୍ମିଳନୀର ପ୍ରଥମ ଦିନରେ ଆଶାଠାରୁ ଅଧିକ ପିଜି ଡାକ୍ତରୀ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ନାମ ପଞ୍ଜୀକରଣ କରିଛନ୍ତି। ବିଭିନ୍ନ ସରକାରୀ ଏବଂ ବେସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ଏଣ୍ଡୋକ୍ରାଇନୋଲୋଜିରେ ପିଜି କରୁଥିବା ଡାକ୍ତରୀ ଛାତ୍ରୀଛାତ୍ର ସାମିଲ ହୋଇ ଶିକ୍ଷା ଗ୍ରହଣ କରିଛନ୍ତି। ଫଳରେ ରୋଗୀ ଚିକିତ୍ସା କ୍ଷେତ୍ରରେ ଏହା ଡାକ୍ତରମାନଙ୍କ ପାଇଁ ସହାୟକ ହେବ। ସେହିପରି ଡା. ଦାଶ କହିଛନ୍ତି, ଏଣ୍ଡୋକ୍ରାଇନୋଲୋଜିରେ ଯେଉଁ ଡାକ୍ତରମାନେ ସୁପରସ୍ପେଶାଲିଷ୍ଟ କରୁଛନ୍ତି ସେମାନେ ମଧ୍ୟ ଏଥିରେ ସାମିଲ ହୋଇ ଆବଶ୍ୟକ ବିଷୟବସ୍ତୁ ଉପରେ ପ୍ରଶିକ୍ଷଣ ନେଇଛନ୍ତି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ମିଳନୀରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଡା. ଦାଶ କହିଛନ୍ତି। ୪ଟି ଜୋନରୁ ଆସିଥିବା ବିଶେଷଜ୍ଞ ଡାକ୍ତରଙ୍କୁ ନେଇ ଚିକିତ୍ସା କ୍ଷେତ୍ରରେ ମୁଖ୍ୟ ବିଷୟଗୁଡିକୁ ନେଇ ଆଲୋଚନା କରାଯାଇଛି। ଆଲୋଚନାର ନିର୍ଯାସକୁ ନେଇ ସୋସାଇଟି ଏକ ରିପୋର୍ଟ ପ୍ରସ୍ତୁତ କରିଛି। ଡା. ସତ୍ୟଜିତ୍ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ।

# ଠିକାଦାରଙ୍କୁ ହତ୍ୟା କଲେ ମାଓବାଦୀ

**ମାଲକାନଗିର,୧୫।୧୧(ଡି.ଏନ.ଏ.):** ମାଲକାନଗିରି ସୀମାନ୍ତ ଛତିଶଗଡ ସୁକୁମା ଜିଲାରେ ମାଓବାଦୀମାନେ ଜଣେ ଠିକାଦାରଙ୍କୁ ହତ୍ୟା କରିଛନ୍ତି। ବୁଧବାର ସୁକୁମା ଅଞ୍ଚଳର ଠିକାଦାର ହରି ଶଙ୍କର ସାହୁଙ୍କୁ ଅପହରଣ ପରେ ଗୁରୁବାର ତାଙ୍କୁ ହତ୍ୟା କରିଥିବା ଦେଖିବାକୁ ମିଳିଛି। ହରି ଶଙ୍କର ସୁକୁମା ଅଞ୍ଚଳର ବିଭିନ୍ନ ମାଓବାଦୀ ଉପଦ୍ରୁତ ଅଞ୍ଚଳରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ରାସ୍ତା ନିର୍ମାଣ କାର୍ଯ୍ୟ କରୁଥିଲେ। ବିଭିନ୍ନ ସମୟରେ ମାଓବାଦୀମାନେ ତାଙ୍କୁ ଏହି କାର୍ଯ୍ୟ ନ କରିବା ପାଇଁ ଧମକଚମକ ଦେଇଆସୁଥିଲେ। ଏହା ସତ୍ତ୍ୱେ ହରି ଶଙ୍କର କାର୍ଯ୍ୟ ଜାରି ରଖିଥିଲେ।


**UTKAL GRAMEEN BANK**
Head Office,Club Pada, BOLANGIR,
PIN- 767001 Dist. Bolangir (Odisha)

**TENDER NOTICE DATED 13.11.2018**

Utkal Grameen Bank, a Regional Rural Bank invites sealed quotations from interested vendors for printing and supply of WALL DATE CALENDARS & of various STATIONERY items separately. The details are available at the Bank's website www.utkalgrameenbank.co.in . Last date for submission of bids:
For Calendar - 27.11.2018 - 02.00 PM
For Stationery- 30.11.2018 - 02.00 PM
General Manager-I

DADLS-169


**ରାଜ୍ୟସ୍ତରୀୟ ପ୍ରେସ ଦିବସ ସମାରୋହ**
୧୬ ନଭେମ୍ବର, ୨୦୧୮

**ସମ୍ବାଦପତ୍ର ପ୍ରଦର୍ଶନୀ**
ସ୍ଥାନ: ଜୟଦେବ ଭବନ — ସମୟ: ପୂର୍ବାହ୍ନ ଘ.୧୦.୩୦ମି.
ଉଦ୍ଘାଟକ: **ଶ୍ରୀଯୁକ୍ତ ପ୍ରତାପ ଜେନା**, ମାନ୍ୟବର ମନ୍ତ୍ରୀ
ସୂଚନା ଓ ଲୋକସମ୍ପର୍କ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ଆଇନ

**ସାଧାରଣ ସଭା**
ସ୍ଥାନ: ଗୀତ ଗୋବିନ୍ଦ ସଦନ — ସମୟ: ପୂର୍ବାହ୍ନ ୧୧ ଘଟିକା
ପ୍ରସଙ୍ଗ: "ଡିଜିଟାଲ ଯୁଗରେ ସାମ୍ବାଦିକ ମୂଲ୍ୟବୋଧ ଓ ଆହ୍ୱାନ"
ମୁଖ୍ୟ ଅତିଥି: ଶ୍ରୀଯୁକ୍ତ ପ୍ରତାପ ଜେନା, ମାନ୍ୟବର ମନ୍ତ୍ରୀ
ସୂଚନା ଓ ଲୋକସମ୍ପର୍କ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ଆଇନ
ମୁଖ୍ୟ ବକ୍ତା: ଡ. ନଳୀନ କୁମାର ପାତ୍ର, ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ଏବଂ ଗଣ ଯୋଗାଯୋଗ,
ବିଜେବି ସ୍ୱୟଂ ଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର
ସ୍ୱାଗତ ଭାଷଣ: ଶ୍ରୀଯୁକ୍ତ ହେମନ୍ତ ଶର୍ମା,
କମିଶନର ତଥା ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ବିଭାଗ
କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ ।
ଏହି ଦିବସକୁ ଉତ୍ସବମୁଖରିତ କରିବା ପାଇଁ ଗଣମାଧ୍ୟମର ପ୍ରତିନିଧି, ଅନୁଷ୍ଠାନ, ଛାତ୍ରଛାତ୍ରୀ ଏବଂ ସାମ୍ବାଦିକ ସଂଘର କର୍ମକର୍ତ୍ତାମାନଙ୍କୁ ବିଶେଷ ଅନୁରୋଧ ।
ଲକ୍ଷ୍ମୀଧର ମହାନ୍ତି
ନିର୍ଦ୍ଦେଶକ, ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର
15001/13/0376/1819

CLASSIFIED DISPLAY















## ସଂକ୍ଷେପରେ

### ମହାବିଦ୍ୟାଳୟ ପରିଚାଳନା କମିଟିର ବୈଠକ



ମାର୍ଶାଘାଇ,୧୫ା୧୧(ଡିଏନଏ)- ମାର୍ଶାଘାଇ ମହାବିଦ୍ୟାଳୟ ପରିଚାଳନା କମିଟିର ବୈଠକ ଗୁରୁବାର କମିଟି ସଭାପତି ତଥା ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା କ୍ରିଷ୍ଣା ଆଚାର୍ଯ୍ୟ ବିବରଣୀ ପାଠ କରିବା ପରେ ମହାବିଦ୍ୟାଳୟର ଉନ୍ନୟନମୂଳକ କାର୍ଯ୍ୟ ସଂପର୍କରେ ଆଲୋଚନା କରାଯାଇଥିଲା। ୧୫ ବର୍ଷ ହେବ ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବା ଅନୁସୂଚିତ ଜାତି ଏବଂ ଜନଜାତି ଛାତ୍ରୀ ନିବାସର କାର୍ଯ୍ୟ ସଂପୂର୍ଣ୍ଣ କରିବା ,ମହାବିଦ୍ୟାଳୟ ପରିସରରେ ଷ୍ଟ୍ରିଟ୍ ଲାଇଟ ବ୍ୟବସ୍ଥା କରିବା, ଉଚ୍ଚ କ୍ଷମତା ସମ୍ପନ୍ନ ପାଣିଟାଙ୍କି ନିର୍ମାଣ,ଖେଳ ପଡିଆ ଏବଂ ମହାବିଦ୍ୟାଳୟ ପରିସରରେ ଜମି ରହୁଥିବା ଜଳ ନିଷ୍କାସନ ବ୍ୟବସ୍ଥା କରିବା ସଂପର୍କରେ ଆଲୋଚନା କରାଯାଇଥିଲା। ବରିଷ୍ଠ ଅଧାପିକା ଅନୁପମା ଦାସ,କନିଷ୍ଠ ଲିପିକ ରାଜେନ୍ଦ୍ର ପ୍ରସାଦ ଦାସ,ପଞ୍ଚାୟତ ସମିତି ଅଧକ୍ଷା ସୀତାଲତା ପରିଡା,ଚନ୍ଦ୍ରମଣି ସାହୁ,ଭାରତୀ ଦଳାଇ,ସେକ୍ ଅବଦୁଲା,ବିଷ୍ଣୁପ୍ରିୟା ସ୍ୱାଇଁ,ଅବନ୍ତୀ ବେହେରା ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।।

■ ମୁସ୍‌ଲିମ୍ ମହିଳାଙ୍କୁ ତିନି ତଲାକ୍ ଦେବା ଘଟଣା

# ୨୨ ଦିନ ପରେ ପଟ୍ଟାମୁଣ୍ଡାଇ ଥାନାରେ ମାମଲା ରୁଜୁ କଲା ପୋଲିସ

ପଟ୍ଟାମୁଣ୍ଡାଇ,୧୫ା୧୧(ସ୍ୱ.ପ୍ର)

କେନ୍ଦ୍ରାପଡା ଜିଲାର ତକ୍‌ଶିମା ଖାତୁନ ନାମ୍ନୀ ଜଣେ ମୁସଲିମ୍ ମହିଳାଙ୍କୁ ତାଙ୍କ ସ୍ୱାମୀ ତିନି ତଲାକ୍ ଦେବା ଘଟଣାର ୨୨ ଦିନ ପରେ ପଟ୍ଟାମୁଣ୍ଡାଇ ପୋଲିସ ପକ୍ଷରୁ ଗୁରୁବାର ମାମଲା ରୁଜୁ କରାଯାଇଛି । ଅଭିଯୋଗରୁ ପ୍ରକାଶ ଯେ, ପଟ୍ଟାମୁଣ୍ଡାଇ ଥାନା ଚଉଦକୁଲାଟ ଅଞ୍ଚଳ ଚନ୍ଦନପୁର ଗ୍ରାମର ସେକ୍‌ମନାନଙ୍କ ଝିଅ ତକ୍‌ଶିମା ଖାତୁନ ଆଳି ଥାନା ଅନ୍ତର୍ଗତ ଗୁହାଳି ସାହି କଳାପାହାଡ଼ ଅଞ୍ଚଳର ସେକ୍ ମୋଦିଶିରଙ୍କ ପୁଅ ସେକ୍ ରିଜା ଅହେମ୍ମଦ ଓରଫ ବାବୁଙ୍କୁ ତା୨୮-୧୧-୨୦୧୭ରିଖରେ ଇସଲାମୀୟ ରୀତି ଅନୁଯାୟୀ ବିବାହ କରିଥିଲେ । ବିବାହର କିଛି ଦିନ ପରେ ଯୌତୁକ ବାବଦରେ ଏକ ବୁଲେଟ୍ ମୋଟର ସାଇକେଲ ଆଣିବା ପାଇଁ ଶାଶୁ ଫାତିମା ବିବି ଦାବି କରିଥିଲେ । ମାତ୍ର ତକ୍‌ଶିମାଙ୍କ ବାପା ଏହା ଦେବାକୁ ଅକ୍ଷମତା ପ୍ରକାଶ କରିଥିଲେ । ଏଥିନେଇ ଶାଶୁ ଘର ଲୋକେ ଓ ସ୍ୱାମୀ ତାଙ୍କୁ ମାନସିକ ଓ ଶାରିରୀକ ନର୍ଯାତନା ଦେଇ ଆସୁଥିଲେ ।



ଥାନା ଆଗରେ ତକ୍‌ଶିମା ଓ ଅନ୍ୟମାନେ।

ତକ୍‌ଶିମା ବାପ ଘରେ ରହୁଥିବା ବେଳେ ଗତ ଅକ୍ଟୋବର ୪ତାରିଖରେ ତାଙ୍କ ସ୍ୱାମୀ ରିଜା ଅହେମ୍ମଦ ଟେଲିଫୋନରେ ତିନି ତଲାକ୍ ଦେଇଥିଲେ । ଏ ନେଇ ସେ ସେହିମାସ ୨୩ ତାରିଖରେ ପଟ୍ଟାମୁଣ୍ଡାଇ ଥାନାରେ ଓଡ଼ିଶା ହାଇକୋର୍ଟ ଆଇନଜୀବୀ ଓ ତଲାକୀ ମହିଳା ସହାୟତା ସମିତିର ଅଧକ୍ଷା ସାଇରା ମିର୍ଜାଙ୍କ ସହଯୋଗରେ ଏତଲା ଦେଇଥିଲେ । ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ତକ୍‌ଶିମା ଜିଲାପାଳଙ୍କ ଅଫିସ ଆଗରେ ଗୁରୁବାର ଧାରଣା ଦେବାକୁ ଜଣାଇ ଦେଇଥିଲେ । ଏହି ଘଟଣାରେ ଆନ୍ତର୍ଜାତିକ ମାନବାଧିକାର କାଉନସିଲର ଜିଲା ମୁଖ୍ୟ ପ୍ରତାପ ପାଢୀ ଓ ଶିବ ସୁନ୍ଦର ସ୍ୱାଇଁ ହସ୍ତକ୍ଷେପ କରିବା ଫଳରେ ସେ ଧାରଣାରୁ ନିବୃତ୍ତ ରହିଥିଲେ । ପରେ ସେମାନେ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅରୁଣ କୁମାର ଜେନାଙ୍କୁ ଭେଟି ସମସ୍ତ ବିଷୟ ଜଣାଇଥିଲେ । ତାଙ୍କ ଉଦ୍ୟମ କ୍ରମେ ପଟ୍ଟାମୁଣ୍ଡାଇ ଥାନାରେ ଗୁରୁବାର ଥାନା କେସ ନଂ-୩୭୬/୨୦୧୮ ଓ ୪୯୮(କ), ୩୨୩, ୫୦୬ ଓ ମୁସଲିମ ମହିଳା ବିବାହ ଆଇନ ଧାରା-୪ ଅନୁସାରେ ମାମଲା ରୁଜୁ ହୋଇଛି ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମତେ ନ ବୋଲିବ ବୁଢ଼ୀ;**
**ମୁଁ ବଅସରେ ପାଞ୍ଚ କୋଡ଼ି ।**

ବାର୍ଦ୍ଧକ୍ୟାବସ୍ଥା ଉପନୀତ ହେଲେ ବ୍ୟକ୍ତି ନିଜର ପୂର୍ବ ଠାଣି ବା ଚମକ ହରାଇବସେ। ସମୟ ବିତିଚାଲିବା ସହ ବୟସର ଦାଗ ମୁହଁରେ ସ୍ପଷ୍ଟ ବାରି ହୋଇଯାଏ। ସାଧାରଣତଃ ମହିଳାମାନେ ଅନ୍ୟ ଆଗରେ ନିଜ ପ୍ରକୃତ ବୟସକୁ ଲୁଚାଇ ରଖିଥାନ୍ତି। ଏପରିସ୍ଥଳେ ନିଜ ବୟସ ଲୁଚାଇଥିବା ବୃଦ୍ଧା ମହିଳା ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ମାଗି ଆଣିଲା ଲେଥା,**
**ଶିଖି ଆଣିଲା କଥା ।**

ମାଗି ଅଣାଯାଇଥିବା ପଦାର୍ଥ ବା ଜିନିଷ କେବେହେଲେ ନିଜର ଆବଶ୍ୟକତା ମେଣ୍ଟାଇ ପାରି ନ ଥାଏ। ସେହିପରି ପର ବୁଦ୍ଧିରେ ପଡ଼ି କାର୍ଯ୍ୟ କଲେ ପଛରେ ହଇରାଣ ହରକତ ହେବାକୁ ପଡ଼ିଥାଏ। ପର ବୁଦ୍ଧି ଉପରେ ଭରସା କରି ବାଟ ଚାଲିଲେ ଅପଦସ୍ଥ ହେବାର ମଧ୍ୟ ସମ୍ଭାବନା ରହିଥାଏ। ତେଣୁ ଅନ୍ୟ କଥାରେ ଭାସି ନ ଯାଇ ନିଜ ବୁଦ୍ଧି ଓ ବିବେକ ବଳରେ କାର୍ଯ୍ୟ କରିବା ଉଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଥାନା ଆଗରେ କୃଷକ ସଂଗଠନର ଧାରଣା

ପଟ୍ଟାମୁଣ୍ଡାଇ,୧୫ା୧୧(ସ୍ୱ.ପ୍ର)

ନବ ନିର୍ମାଣ କୃଷକ ସଙ୍ଗଠନ ଓଡିଶା ପକ୍ଷରୁ ରାଜଧାନୀ ଭୁବନେଶ୍ୱରରେ ଅନୁଷ୍ଠିତ ସମାବେଶକୁ ଭଣ୍ଡୁର କରିବା ପାଇଁ ରାଜ୍ୟ ସରକାର ଯେଉଁଭଳି ପଦକ୍ଷେପ ନେଲେ ତାହାକୁ କୃଷକ ସଙ୍ଗଠନ ପକ୍ଷରୁ ଦୃଢ ନିନ୍ଦା କରାଯାଇଛି । ଏହାର ପ୍ରତିବାଦରେ ଗୁରୁବାର ରାଜ୍ୟର ପ୍ରତ୍ୟେକ ଥାନାରେ ସଙ୍ଗଠନ ପକ୍ଷରୁ ଧାରଣା ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ପଟ୍ଟାମୁଣ୍ଡାଇ ବ୍ଲକ ଶାଖା ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଥାନା ଆଗରେ ଗଣଧାରଣା ଦିଆଯାଇଥିଲା । ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନସନ୍ ଦାବି ନେଇ ରାଜ୍ୟ ସଙ୍ଗଠନ ନିଷ୍ପତ୍ତି କ୍ରମେ ପଟ୍ଟାମୁଣ୍ଡାଇ ବ୍ଲକ ଶାଖା ସଂଯୋଜକ ଦୋଳଗୋବିନ୍ଦ ସାହୁଙ୍କ ନେତୃତ୍ୱରେ ଚାଷୀମାନେ ପୂର୍ବାହ୍ନରେ ପଟ୍ଟାମୁଣ୍ଡାଇ ଥାନାରେ ପହଞ୍ଚି ଗଣଧାରଣା ଦେଇଥିଲେ। ଧନେଶ୍ୱର ସୂତାର, ମଙ୍ଗୁଳି ସାହୁ, ରବୀନ୍ଦ୍ର ପରିଡା, ତ୍ରିଲୋଚନ ନାୟକ, ପରମାନନ୍ଦ ନାୟକ, ଗୁରୁଚରଣ ଦାସ, ଅନ୍ତର୍ଯ୍ୟାମୀ କୁଣ୍ଡ, ଧ୍ରୁବ ଚରଣ ପାଣ୍ଡବ, ଗୋଲଖ ଚନ୍ଦ୍ର ବିଶ୍ୱାଳ, ବଡପଡା ପଞ୍ଚାୟତ ସଂଯୋଜକ ସୀତା ପାଢୀ ପ୍ରମୁଖ ଗଣଧାରଣାରେ ସାମିଲ ଥିଲେ।

# ଲକ୍ଷ୍ମୀ ସୁବଳ ବିଦ୍ୟାପୀଠରେ ଶିଶୁ ଦିବସ ପାଳିତ

ପଟ୍ଟାମୁଣ୍ଡାଇ, ୧୫ା୧୧ (ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଗୁଣ୍ଡିସଂସାରଫଳ ଲକ୍ଷ୍ମୀ ସୁବଳ ବିଦ୍ୟାପୀଠ ଓ ରାଧାକୃଷ୍ଣ ଉଚ୍ଚ ଶିକ୍ଷା ନିକେତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ ଜୟନ୍ତୀ ଅବସରରେ ଶିଶୁ ଦିବସ ବୁଧବାର ପାଳିତ ହୋଇଯାଇଛି । ପ୍ରଧାନଶିକ୍ଷକ ପୁରନ୍ଦର ନାୟକଙ୍କ ସଭାପତିତ୍ୱରେ ହୋଇଥିବା ଉତ୍ସବରେ କେନ୍ଦ୍ରାପଡା ଜିଲା ବିଜେଡି ସଭାପତି ଧ୍ରୁବ ସାହୁ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ନେହେରୁଙ୍କ ନୀତି, ଆଦର୍ଶ ଉପରେ ଆଲୋକପାତ କରିଥିଲେ । ଆଜିର ଶିଶୁ ଆଗାମୀ କାଲିର ଭବିଷ୍ୟତ ହୋଇଥିବାରୁ ସେମାନଙ୍କ ଉପଯୁକ୍ତ ଯତ୍ନ ନେବା ମାତାପିତାଙ୍କର ପ୍ରଥମ କର୍ତ୍ତବ୍ୟ ହେବା ଜରୁରୀ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଉତ୍ତିକଣ ଚାଷୀ ମୂଳିଆ ସଂଗ୍ରାମ ସମିତିର ଆବାହକ ଭି. ରାଉତରାୟ, ସମ୍ମାନିତ ଅତିଥି ଭାବେ ରାଧାକୃଷ୍ଣ ଉଚ୍ଚ ଶିକ୍ଷା ନିକେତନର ପ୍ରଧାନ ଶିକ୍ଷକ ଗୋଲକ ବିହାରୀ ପଣ୍ଡା, ସାମାଜିକ କର୍ମୀ ସୁବାସ ଚନ୍ଦ୍ର ଦାଶ, ସିଆରସିସି ସୁନାମଣି ଦାସ, ଶିକ୍ଷା କମିଟିର ସଭାପତି ଗୋଲକ ବିହାରୀ ସେଠୀ ପ୍ରମୁଖ ଯୋଗ ଦେଇ ଶିଶୁ ଦିବସର ତାତ୍ପର୍ଯ୍ୟ ଉପରେ ବକ୍ତବ୍ୟ ରଖିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ସର୍ଭେ ନାଁରେ ଚାଷୀ ଶୋଷଣ

ରାଜନଗର,୧୫ା୧୧(ଡି.ଏନ.ଏ.)

ଚାଷୀମାନଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ସାମିଲ କରିବା ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କ୍ଷୟକ୍ଷତିର ଭରଣା କରିବା ପାଇଁ ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ପାଇଲଟ ପ୍ରକଳ୍ପ ଆରମ୍ଭ ହୋଇଛି। ଏହି ବୀମାରେ କିପରି ସବୁ ବର୍ଗର ଚାଷୀ ସାମିଲ ହେବେ ସେ ନେଇ ସଚେତନ କରାଯାଉଛି। ଚାଷୀମାନେ ବୀମାଭୁକ୍ତ ହେଲେ କେଉଁ କେଉଁ ସୁବିଧା ପାଇବେ ସେ ନେଇ ସଚେତନ କରିବା ସହ ଚାଷୀମାନେ କାହିଁକି ବୀମାଭୁକ୍ତ ହେଉନାହାନ୍ତି ଓ କେଉଁଠି ଅସୁବିଧା ରହୁଛି ସେ ନେଇ ତଥ୍ୟ ସଂଗ୍ରହ କରିବା ପାଇଁ ଆନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଭୁବନେଶ୍ୱର ମଧ୍ୟମ ଫାଉଣ୍ଡେସନକୁ ଦାୟିତ୍ୱ ଦିଆଯାଇଛି। ଏହି ସର୍ଭେ ସମୟରେ ଚାଷୀମାନଙ୍କୁ ଆର୍ଥିକ ସହାୟତା ଦେବାର ବ୍ୟବସ୍ଥା କରାଯାଇଛି। ମାତ୍ର ଦାୟିତ୍ୱ ନେଇଥିବା ସଂସ୍ଥା ଚାଷୀଙ୍କୁ ଦିଆଯିବାକୁ ଥିବା ଅର୍ଥକୁ ଚାଷୀଙ୍କ ଠାରୁ ଲୁଟି ନେଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବୁଧବାର ମଧ୍ୟମ ଫାଉଣ୍ଡେସନର ଦାମୋଦର ବେହେରାଙ୍କ ନେତୃତ୍ୱରେ ୫ ଜଣିଆ ଟିମ୍ ରାଜନଗର ବ୍ଲକର ହାତୀନା ଗାଁରେ ପହଞ୍ଚିଥିଲେ। ଏହି ଟିମ୍ ଗାଁର ଭ୍ରମରବର ରାଉତ, ସିଦ୍ଧେଶ୍ୱର ରାଉତ, ହଳଧର ରାଉତ, ଅକ୍ଷୟ ରାଉତ ପ୍ରମୁଖ ୧୦ଜଣ ଚାଷୀଙ୍କୁ ଭେଟିଥିଲେ। ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ସାମିଲ ହେଲେ ବିଭିନ୍ନ ସମୟରେ ସହାୟତା ମିଳିବ ବୋଲି କହିବା ସହ ସେମାନେ କରିଥିବା ଋଣ ଛାଡ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଚାଷୀମାନଙ୍କ ଠାରୁ ଏକ ଫର୍ମରେ ଦସ୍ତଖତ ଆଣିଥିଲେ। ଏହାବାଦ ଧାନ ଗବେଷଣା କେନ୍ଦ୍ରର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଚାଷୀ ୭ ଶହ ଟଙ୍କା ଲେଖାଁଏ ବୁଝିନେଲେ ବୋଲି ଏକ ରସିଦ ଦେଇଥିଲେ। ଏପରି କି ଚାଷୀଙ୍କୁ ତାଙ୍କ ଘର ପାଖରେ ଛିଡା କରି ଟଙ୍କା ଧରିଥିବା ଅବସ୍ଥାରେ ଫଟୋ ଉଠାଇଥିଲେ। ଫଟୋ ଉଠା ସରିବା ପରେ ଚାଷୀମାନଙ୍କୁ ଦେଇଥିବା ଟଙ୍କା ଓ ରସିଦ ପୁଣି ଫେରାଇ ନେଇଥିଲେ। ଗାଁର ୧୦ଜଣ ଚାଷୀଙ୍କ ମଧ୍ୟରୁ ୮ଜଣ ଚାଷୀଙ୍କ ଠାରୁ ଦେଇଥିବା ଟଙ୍କା ନେଇ ଯାଇଥିବା ବେଳେ ହଳଧର ଓ ଅକ୍ଷୟ ଆମକୁ ଦେଲ, ରସିଦ କରାଇ ନେଲ, ପୁଣି କାହିଁକି ଟଙ୍କା ମାଗୁଛ କହି ପାଟି କରିବାରୁ ସେମାନେ ଗାଁରୁ ଗାଡି ନେଇ ପଳାଇଥିଲେ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ସଂପର୍କରେ ମଧ୍ୟମ ଫାଉଣ୍ଡେସନର ଦାମୋଦରଙ୍କୁ ପଚାରିବାରେ କୌଣସି ସନ୍ତୋଷଜନକ ଉତ୍ତର ମିଳି ନ ଥିଲା।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

ଅର୍ଶ (ମଳକଣ୍ଟକ) - Piles ଓ
ଭଗନ୍ଦର - Fistula ର
ବିନା ଅପରେସନ୍‌ରେ (କ୍ଷାରସୂତ୍ର ପଦ୍ଧତିରେ) ସଫଳ ଚିକିତ୍ସା
ଗୋପନରେ ଯେକୌଣସି ପ୍ରକାରର ନିଶା ଛଡାନ୍ତୁ
ପରାମର୍ଶ ସମୟ
ସକାଳ ୯ଟାରୁ ରାତ୍ର ୮ଟା
ସବୁଦିନ ଖୋଲା
Call Us
94371 38000
94371 36000
0674-2354577
0674-2354320
PUSHPA CLINIC (P) LTD.
A-41, BDA Duplex Colony, Baramunda, Bhubaneswar - 03
Email:- help@pushpaclinic.com, Web:- www.pushpaclinic.com

## ଥାନା ଆଗରେ ବିକ୍ଷୋଭ

ରାଜନଗର,୧୫ା୧୧(ଡିଏନଏ)

ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଗୁରୁବାର ରାଜନଗର ଥାନା ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଧାରଣା ଦିଆଯାଇଥିଲା। ରାଜନଗର ଦଧିବାମନଜୀଉ ମନ୍ଦିର ନିକଟରୁ ଚାଷୀମାନେ ଏକ ଶୋଭାଯାତ୍ରାରେ ବାହାରି ରାଜନଗର ବଜାର ପରିକ୍ରମା କରି ଥାନା ସମ୍ମୁଖରେ ବିକ୍ଷୋଭ କରିବା ସହ ଧାରଣାରେ ବସିଥିଲେ। ରମାକାନ୍ତ ପ୍ରଧାନଙ୍କ ପୌରହିତ୍ୟରେ ଅନୁଷ୍ଠିତ ପ୍ରତିବାଦ ସଭାରେ ନବନିର୍ମାଣ କୃଷକ ସଂଗଠନର ବ୍ଲକ ସଂଯୋଜକ ଶତ୍ରୁଘନ ସେଠୀ, ପଟ୍ଟାମୁଣ୍ଡାଇ ବ୍ଲକ ସଂଯୋଜକ ଦାଶରଥି ସାହୁ, ଦୋଳଗୋବିନ୍ଦ ସାହୁ, ହେମନ୍ତ ବେହେରା, ଅଲେଖ ଦାସ, ଘନଶ୍ୟାମ ବଳ, ପାରେଶ୍ୱର ରାଉତ, ଶାନ୍ତିଲତା ବାରିକ ପ୍ରମୁଖ ସରକାରଙ୍କ ଚାଷୀମାରଣ ନୀତିର ସମାଲୋଚନା କରିଥିଲେ ।

## ପ୍ରଶିକ୍ଷଣ ଶିବିର

ରାଜନଗର, ୧୫ା୧୧ (ଡିଏନଏ)

ରାଜନଗର ବ୍ଲକସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ମହାବିଦ୍ୟାଳୟର ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଦିଆଯାଇଛି। ଗୁରୁବାର ମହାବିଦ୍ୟାଳୟରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରରେ ଶୁଭଦର୍ଶନୀ ପ୍ରଧାନ, ସାଗରିକା କର ପ୍ରଶିକ୍ଷକ ଭାବେ ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ। କଲେଜ ଅଧକ୍ଷ ନୃସିଂହ ଚରଣ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଶିବିରରେ ରବିନ୍ଦ୍ର କୁମାର ବରାଳ, ଅଧାପିକା ରାଜଶ୍ରୀ ସାମଲ, ଅନୁସୂୟା ବେହେରା, ପ୍ରାଧ୍ୟାପକ ଅତୁଲ ବଳ, ସତ୍ୟବାଦୀ ଜେନା ପ୍ରମୁଖ ଯୋଗ ଦେଇଥିଲେ।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SMS JOB
SEND SMS, EARN MONEY
TELECOM - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ।
କମ୍ପାନୀ ଦ୍ୱାରା Mobile + Laptop + Bike SIM + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
08013841721
08013848031

ଡିଜିଟାଲ ଉପକରଣ
ହିନ୍ଦୁସ୍ତାନ ଗ୍ରୁପ୍ ଭାରତର ସର୍ବପ୍ରଥମ କମ୍ପାନୀ (ରେଜି. odis77407) । ଖାଲି ଜମିରେ ଡିଜିଟାଲ ଉପକରଣ ଲଗାନ୍ତୁ। ଅଗ୍ରିମ 70,000,00 ଭଡ଼ା 50,000 + ଏକ ବାଇକ୍ + 1 ଲାପଟପ୍ ଫ୍ରି + ମାସିକ 60,000ର ଅନ୍ୟାନ୍ୟ ସୁବିଧା। (ଇଚ୍ଛୁକ ବ୍ୟକ୍ତି ଫୋନ୍ କରନ୍ତୁ)
8670077673
310, Gram-Mohammadapur, Village-Mahammadpur, Tehsil- Gogawa, Dist- Khargone, MP - 451335

FINANCE
New India Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଯୋଗାଇ ଦେଉଛୁ ।
Ground Floor, Plot No.- D97, Sect-IV, MVP Colony, Visakhapatnam AP-530017
7606062787
7606085833
Email Id- newindiacorp099@gmail.com

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

ଦୀପାବଳି ଧମାକା
!! ନୋ ଏଗ୍ରିମେଣ୍ଟ, ନୋ ଗ୍ୟାରେଣ୍ଟର !!
ଭାରତର ନଂ.1 ଫାଇନାନ୍ସ କମ୍ପାନୀ
ଏହି ଅଫର୍ 30 ନଭେମ୍ବର ପର୍ଯ୍ୟନ୍ତ ଉପଲବ୍ଧ
ଘରେ ବସି ଋଣ ପାଆନ୍ତୁ 3 ଘଣ୍ଟାରେ
ଋଣ କମ୍ ସୁଧରେ
ମାର୍କସିଟ୍, ଆଧାରକାର୍ଡ ଇତ୍ୟାଦି ଋଣ
ମାତା/ଭଉଣୀଙ୍କୁ ବିଶେଷ ରିହାତି
2% ସୁଧ 50% ରିହାତି + ସବ୍‌ସିଡି
9625419406
8695337370
Add : - 41/14, Sec-1 Pushp Vihar, Delhi

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ ।
2% ସୁଧ 50% ରିହାତି
Helpline Number
9897499698
Goudunipokhari, Pharsibandha, Bhadrak, Odisha - 756132

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286
7750921101

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:-
fileodisha@gmail.com
ରେ ପଠାଇ ପାରିବେ।
7991052261
7991052595

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, BPL, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି
Helpline:
18002126755
08802683947
310, GRAM-MAHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335

!! ଋଣ ଋଣ ଋଣ !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000- 50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
!! ନୋ ଏଗ୍ରିମେଣ୍ଟ, ନୋ ଗ୍ୟାରେଣ୍ଟର !!
2% ସୁଧ, 50% ରିହାତି + ସବ୍‌ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9625338716
9625390375
Add : - T-51, Gautampuri, Delhi

ଡିଜିଟାଲ ଉପକରଣ
ଭାରତ ସରକାର ଡିଜିଟାଲ ଉପକରଣ କମ୍ପାନୀ ଦ୍ୱାରା ଓଡ଼ିଶାର ଚାଷୀ ଭାଇ ନିଜ ଖାଲି ଜମି, ପ୍ଲଟ୍, ଛାତ ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ।
ଭଡ଼ା ୨୦,୦୦୦, ଅଗ୍ରିମ ୨୦,୦୦,୦୦୦ + 500 ସିମ୍ ମାଗଣା + ଅନ୍ୟାନ୍ୟ ସୁବିଧା
ଭାରତର ନଂ.1 ବିଶ୍ୱସନୀୟ କମ୍ପାନୀ
ଚାଷୀଭାଇ ନିଜ ନାମ-ଠିକଣା SMS କରନ୍ତୁ
09911912234
08750097511
Plot No.3, Sector-II, CBD Belapur, Navi Mumbai-400614

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ
ଖବରଦାର୍ କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଳେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ଼। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍‌ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

**ସଂକ୍ଷେପରେ**

## ନୂତନ ତହସିଲଦାରଙ୍କ ଯୋଗଦାନ



ବିରିଡ଼ି,୧୫।୧୧(ଡି.ଏନ.ଏ): ବିରିଡ଼ିର ନୂତନ ତହସିଲଦାର ଭାବେ ଗୁରୁବାର ସାଗରିକା ପ୍ରିୟଦର୍ଶିନୀ ଯୋଗ ଦେଇଛନ୍ତି। ୩ ମାସରୁ ଉର୍ଦ୍ଧ୍ୱ ହେବ ଏଠାରେ ତହସିଲଦାର ପଦବୀ ଖାଲିପଡିଥିଲା। ପ୍ରିୟଦର୍ଶିନୀ ପୂର୍ବରୁ ମାର୍ଶାଘାଇରେ ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟ ଭାର ତୁଲାଉଥିଲେ। ଏଠାରେ ଯୋଗଦାନ କରିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କୁ ସାକ୍ଷାତ କରି ସ୍ୱାଗତ ଜଣାଇଛନ୍ତି। ଏହି ଅବସରରେ ପ୍ରତ୍ୟେକ ଲୋକଙ୍କୁ ନ୍ୟାୟ ପ୍ରଦାନ କରିବା ତାଙ୍କର ପ୍ରଥମ କର୍ତ୍ତବ୍ୟ ହେବ ବୋଲି ତହସିଲଦାର ସାଗରିକା ପ୍ରିୟଦର୍ଶିନୀ କହିଛନ୍ତି।

## ବିଶ୍ୱ ଶୌଚାଳୟ ଦିବସ ପାଳିତ




ବାଲିକୁଦା,୧୫।୧୧(ସ୍ୱ.ପ୍ର.): ବାଲିକୁଦା ବ୍ଲକ ଅଳାଭର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲା ଜଳ ଓ ପରିମଳ ବିଭାଗ ପକ୍ଷରୁ ବିଶ୍ୱ ଶୌଚାଳୟ ଦିବସ ପାଳିତ ହୋଇଯାଇଛି। ସ୍ୱଚ୍ଛ ଓଡ଼ିଶା, ସୁସ୍ଥ ଓଡ଼ିଶା ସମ୍ପର୍କିତ ବିଷୟ ଉପରେ ଆଲୋଚନା କରାଯିବା ସହିତ ସମସ୍ତେ ପାଇଖାନା ନିର୍ମାଣ କରି ଏହାର ବ୍ୟବହାର କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏହି ଅବସରରେ ଅଳାଭର ପଞ୍ଚାୟତ ମହିଳା ମହାସଂଘର ଏମ୍‌ବିକେ ଭାରତୀ ଦାସଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ସରପଞ୍ଚ ଅଶୋକ ବିଶ୍ୱାଳ ମୁଖ୍ୟଅତିଥି, ଜଳ ଓ ପରିମଳ ବିଭାଗ ଜିଲା ସଂଯୋଜକ ସୁଧାଂଶୁ ଶେଖର ଦାଶ ମୁଖ୍ୟବକ୍ତା, ଶାସନ ଅଳାଭର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଗଗନ ବିହାରୀ ଶତପଥୀ, ବ୍ଲକ ସଂଯୋଜିକା ଦୀପାରାଣି ସାହୁ, ସାମାଜିକ କର୍ମୀ ଚିତ୍ତରଞ୍ଜନ ପରିଡା, ବୈରାଗି ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶାସନ ଅଳାଭର ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ବ୍ୟାଙ୍କମିତ୍ର ଲିଲିମା ଦାଶ, ମମତା କାଣ୍ଡି, ଦୀପ୍ତିମୟୀ ଦାସ, ସାଗରିକା ଶତପଥୀ, ପୂଜା ବରାଳ, ପୂଜାରିଣି ସାହୁ, କବିତା ଦାସ, ଶାନ୍ତିଲତା ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଉନ୍ନୟନ କାର୍ଯ୍ୟରେ ଲାଗୁନି ସିଏସ୍‌ଆର ଅର୍ଥ

- ସମୀକ୍ଷା କରୁନାହାନ୍ତି ପ୍ରଶାସନ, ଲୋକ ପ୍ରତିନିଧି
- ୧୫ ବୃହତ ଶିଳ୍ପରୁ ମାସିକ ମିଳନ୍ତା ୨୦କୋଟିରୁ ଉର୍ଦ୍ଧ୍ୱ ଟଙ୍କା
- ଉନ୍ନୟନ କାର୍ଯ୍ୟରେ ଲାଗୁଥିବା ଦର୍ଶାଯାଉଛି, ଖୋଜିଲେ ମିଳିବା କଷ୍ଟ

ପାରାଦୀପ,୧୫।୧୧(ସ୍ୱ.ପ୍ର.)

୨୦୧୩ କମ୍ପାନୀ ଆକ୍ଟ ଅନୁସାରେ ପ୍ରତ୍ୟେକ ଶିଳ୍ପ ସଂସ୍ଥା ସେମାନଙ୍କ ବାର୍ଷିକ ଲାଭାଂଶର ୨ରୁ ୫ ପ୍ରତିଶତ ସିଏସଆର (କର୍ପୋରେଟ ସୋସିଆଲ ରେସ୍‌ପନସିବିଲିଟି) ବାବଦରେ ଖର୍ଚ୍ଚ କରିବାକୁ ବାଧ୍ୟ। କିନ୍ତୁ ପାରାଦୀପରେ ଥିବା ୧୫ଟି ବୃହତ ଶିଳ୍ପ ସଂସ୍ଥା ଏହି ନିୟମକୁ ଫାଙ୍କି ଚାଲିଛନ୍ତି। ଏଠାରେ ସିଏସ୍‌ଆର ଅର୍ଥ ବିନିଯୋଗ କେବଳ କାଗଜକଲମରେ ଚାଲିଛି। ସରକାରୀସ୍ତରରେ ମଧ୍ୟ ଏହି ଅର୍ଥ ବିନିଯୋଗ ସମ୍ପର୍କରେ ଆବଶ୍ୟକ ସମୀକ୍ଷା ହେଉନାହିଁ। ସିଏସ୍‌ଆର ଅର୍ଥକୁ କମ୍ପାନୀର ପୁରୋଧାମାନେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ପ୍ରତିବର୍ଷ ଖର୍ଚ୍ଚ କରୁଥିବା ଦର୍ଶାଉଛନ୍ତି। କିନ୍ତୁ ଯେଉଁ ସ୍ଥାନରେ ଅର୍ଥ ଖର୍ଚ୍ଚ ହୋଇଛି ବୋଲି ଦର୍ଶାଯାଉଛି, ବାସ୍ତବରେ ସେଠାରେ ସେପରି ଉନ୍ନୟନମୂଳକ କାମ ହୋଇନାହିଁ। କେବଳ ଫଳକ ଓ ପ୍ରଚାରରେ ଉନ୍ନୟନ କାର୍ଯ୍ୟ ସୀମିତ ରହିଛି।

ପାରାଦୀପ ବନ୍ଦରକୁ ଆୟୁଧ କରିଏଠାରେ ୧୫ଟି ବୃହତ୍ ଶିଳ୍ପ ଗଢିଉଠିଛି। ଏହି ୧୫ ଶିଳ୍ପର ବାର୍ଷିକ ଆୟ ଅନୁସାରେ ସିଏସଆର ଅର୍ଥ ବାବଦରେ ପ୍ରାୟ ୨୦ରୁ ୨୫ କୋଟି ଟଙ୍କା ସ୍ଥାନୀୟ ଅଞ୍ଚଳରେ ଖର୍ଚ୍ଚ ହେବା କଥା। ଉକ୍ତ ଅଥ ଜନକଲ୍ୟାଣ କାମ ଓ ଭିତ୍ତିଭୂମି ବିକାଶରେ ବିନିଯୋଗ ହେବା କଥା। ଏହି କ୍ରମରେ ବର୍ଷକୁ ୨୦ କୋଟି ଟଙ୍କା ଯଦି ଜଗତ୍‌ସିଂହପୁର ଜିଲାର ବିକାଶମୂଳକ କାମରେ ଲାଗିଥାନ୍ତା, ତେବେ ଗତ ୭ ବର୍ଷରେ ୧୪୦ କୋଟି ଟଙ୍କାର କାମ ହୋଇସାରନ୍ତାଣି। କିନ୍ତୁ ବିଡ଼ମ୍ବନାର ବିଷୟ ସେଭଳି କିଛି ହୋଇନାହିଁ। ସମଗ୍ର ଜିଲାରେ ସିଏସ୍‌ଆର ଅର୍ଥରେ ହୋଇଥିବା ଉନ୍ନୟନ କାର୍ଯ୍ୟ ଖୋଜିଲେ ମିଳିବା କଷ୍ଟ। ଉଦାହରଣତଃ ପିପିଏଲ୍ ଗତ ୨୦୧୭ ଆର୍ଥିକ ବର୍ଷରେ ସିଏସଆର ବାବଦରେ ପ୍ରାୟ ୨.୭୪ କୋଟି ଟଙ୍କା ଖର୍ଚ୍ଚ କରିବା କଥା। ଉକ୍ତ ଅର୍ଥ ଦ୍ୱାରା ପିପିଏଲ୍ ସଂଲଗ୍ନ ବାଉଣିଆ ପାଳନ୍ଦା ଓ ବାଲିଝରା ବସ୍ତିରେ ଏକ ପାଣି ଏଟିଏମ୍ ହେବ ବୋଲି ଗତବର୍ଷ ଘୋଷଣା କରାଯିବା ସହ ଭିତ୍ତିଭୂମି ପଡ଼ିଥିଲା। କିନ୍ତୁ ସେହି ଏଟିଏମ୍ ମେଶିନ୍ ଏବେ ଖତ ଖାଉଛି। ସେଥିରୁ ବିଶୁଦ୍ଧ ପାଣି ଟୋପାଏ ବସ୍ତି ବାସିନ୍ଦା ପାଇଲେ ନାହିଁ। ଏବେ ସ୍ୱଚ୍ଛଭାରତ ମିଶନରେ ବାଉରିଆ ପାଳନ୍ଦା ବସ୍ତିର ଲୋକଙ୍କୁ ଶୌଚାଳୟ ପାଇଁ ଅର୍ଥ ବଣ୍ଟାଯାଉଛି। ସେଥିରେ ଅନିୟମିତତା ହେଉଥିବା ବସ୍ତିର ଲୋକମାନେ ଲିଖିତ ଭାବେ ଅଭିଯୋଗ କଲେଣି। ଯେଉଁମାନଙ୍କୁ ପୌରପାଳିକା ପକ୍ଷରୁ ଶୌଚାଳୟ ଯୋଗାଇ ଦିଆଯାଇଛି, ସେମାନଙ୍କୁ ଏହି ଅର୍ଥ ବଣ୍ଟାଯାଉଛି। ଏକ ସ୍ୱେଚ୍ଛାସେବୀ ସଂଗଠନ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ପ୍ରଦାନ କରାଯାଉଥିବା କମ୍ପାନୀକୁ ଦର୍ଶାଉଥିବାବେଳେ ହିତାଧିକାରୀଙ୍କୁ ତା'ଠାରୁ କମ୍ ଅର୍ଥ ଦିଆଯାଉଛି ବୋଲି ସୁଶାନ୍ତ ବିଶ୍ୱାସ, ଅଭିଜିତ୍ ମଜୁମ୍‌ଦାର ପ୍ରମୁଖ ଅଭିଯୋଗ କରିଛନ୍ତି। ଏମିତି ଦୃଷ୍ଟାନ୍ତ ପ୍ରତି କମ୍ପାନୀ କ୍ଷେତ୍ରରେ ଦେଖିବାକୁ ମିଳୁଛି। ତୈଳ ବିଶୋଧନାଗାର ସିଏସ୍‌ଆର ଅର୍ଥକୁ ନେଇ ଶତାଧିକ ଅଭିଯୋଗ ସ୍ଥାନୀୟ ୮ ପଞ୍ଚାୟତରୁ ଆସିଲାଣି। ସୂଚନାଯୋଗ୍ୟ, ପାରାଦୀପର ପ୍ରଦୂଷଣ ମାତ୍ରା ଏତେ ଅଧିକ ହେଲାଣି ଯେ ଏହି ସହର ଦେଶର ସର୍ବାଧିକ ପ୍ରଦୂଷିତ ୮୮ ସହର ମଧ୍ୟରେ ସ୍ଥାନ ପାଇଲାଣି। ଅଥଚ ଏହାର ପ୍ରତିକାର ପାଇଁ କିଛି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏଠାରେ ଥିବା ୧୨ସରକାରୀ ବିଦ୍ୟାଳୟ ଓ ୯୪ ଅଙ୍ଗନୱାଡି କେନ୍ଦ୍ରର ଭିତ୍ତିଭୂମି ନାହିଁ। ୧୯ ୱାର୍ଡ ଓ ୨୫ ବସ୍ତିରେ ପାନୀୟଜଳ ବ୍ୟବସ୍ଥା, ବିଦ୍ୟୁତ୍ ସେବା, ଶିକ୍ଷା, ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି। ଏବେ ବି ଶତାଧିକ ବେସାହାରା ଶିଶୁ ରାସ୍ତା କଡ଼ରେ ଜୀବନ ବିତାଉଛନ୍ତି। ଏସବୁର ପ୍ରତିକାର ପାଇଁ ଆଜି ପର୍ଯ୍ୟନ୍ତ କୌଣସି କମ୍ପାନୀ ପଦକ୍ଷେପ ନେଇନାହିଁ। ସିଏସଆର ଅର୍ଥ ଖର୍ଚ୍ଚ ସମୀକ୍ଷା କରିବା ପାଇଁ ଜିଲା ପ୍ରଶାସନ କିମ୍ବା ଜନପ୍ରତିନିଧିମାନେ କେବେ ବସନ୍ତି ନାହିଁ। ପ୍ରତି ୩ ମାସରେ ଆରପିଡିଏସି ବୈଠକରେ ଏହା ଆଲୋଚନା ହେବା କଥା। ଉକ୍ତ ବୈଠକ କେବେ ହୁଏ ତା'ର ଠିକଣା ନାହିଁ। କେତେବେଳେ ବର୍ଷେ ତ କେତେବେଳେ ୫ ବର୍ଷରେ ଥରେ ବୈଠକ ବସିଥାଏ। ସେହି ସିଏସ୍‌ଆର ଅର୍ଥକୁ ପ୍ରଶାସନ ଓ ବିଭିନ୍ନ ଉତ୍ସବ କମିଟି ଭିନ୍ନ ଭିନ୍ନ ଉପାୟରେ କମ୍ପାନୀଠାରୁ ଆଦାୟ କରିଥାନ୍ତି। ଆହାର କେନ୍ଦ୍ରଠାରୁ ଆରମ୍ଭ କରି ବିଧାନସଭା-ଲୋକସଭା ସବ୍‌କମିଟି ଗସ୍ତ, ବିଭିନ୍ନ ମେଳା, ବିପର୍ଯ୍ୟସ୍ତ ପ୍ରସ୍ତୁତି ବେଳେ କିଛି ସାମଗ୍ରୀ ପାଇଁ ପ୍ରଶାସନ ଅର୍ଥ ନେଇଥାଏ। ଜଗତ୍‌ସିଂହପୁର ଜିଲାର କଲ୍ଲୋଳ ମହୋତ୍ସବ, ଝଙ୍କଡ଼ ଉତ୍ସବ, କଳିଙ୍ଗ ବାଲିଯାତ୍ରା ଉତ୍ସବ, ବାଲିତୁଠ ଉତ୍ସବ, ଏରସମା ଉତ୍ସବ ଆଦି ନାଁରେ କମ୍ପାନୀମାନେ ଅର୍ଥ ଦେଉଥିବା ଜଣାଯାଏ। କିନ୍ତୁ ସୁପର ସ୍ପେଶିଆଲିଟି ହସ୍ପିଟାଲ ପ୍ରତିଷ୍ଠା, ପ୍ରଦୂଷଣ ରୋକିବା ପାଇଁ ସବୁଜ ବଳୟ ସୃଷ୍ଟି ଆଦି କ୍ଷେତ୍ରରେ କେହି ଅର୍ଥ ଖର୍ଚ୍ଚ କରୁନାହାନ୍ତି କି ସରକାର ମୁଣ୍ଡ ପୂରାଉ ନାହାନ୍ତି। ଏବେ ସାଧାରଣ ନିର୍ବାଚନ ମୁଣ୍ଡ ଉପରେ। ସେହି ସିଏସ୍‌ଆର ଅର୍ଥ ଭିନ୍ନ ଭିନ୍ନ ବାଟରେ ରାଜନୈତିକ ଦଳର ପାଣ୍ଠିକୁ ଯିବାର ସମ୍ଭାବନା ରହିଛି।



ଅଚଳ ହୋଇପଡ଼ିଥିବା ବିଶୁଦ୍ଧ ପାନୀୟ ଜଳ ଏଟିଏମ୍।

## ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ନାଉଗାଁ,୧୫।୧୧(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଅଲଣା ପଞ୍ଚାୟତ ବେଣାପଡ଼ା ଗ୍ରାମର ଅଭିରାମ ଯୁବକ ସଂଘ ଦ୍ୱାରା ଆୟୋଜିତ ଭଲିବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ପାରାଦୀପ ପୋର୍ଟ ଟ୍ରଷ୍ଟି ପ୍ରତାପ ମିଶ୍ର ମୁଖ୍ୟଅତିଥି, ଅଲଣାହାଟ ହାଇସ୍କୁଲ ପ୍ରଧାନ ଶିକ୍ଷକ ଶାରଦା ପ୍ରସାଦ ମିଶ୍ର, ନେହେରୁ ଯୁବକେନ୍ଦ୍ରର ଜିଲା ସଂଯୋଜକ ପବିତ୍ର କୁମାର ସୁବୁଦ୍ଧି, ୟୁନିସେଫର ଗଣେଶ୍ୱରପଣ୍ଡା, ପୁଷ୍ପାଞ୍ଜଳି ଷଡଙ୍ଗି, ପ୍ରଶାନ୍ତ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳ ବାବା ବିଶ୍ୱନାଥ କ୍ଲବ ଭାତପଡ଼ାକୁ ଟ୍ରଫି ପ୍ରଦାନ କରିଥିଲେ। ଅଲଣାହାଟ ହାଇସ୍କୁଲ ପଡ଼ିଆରେ ଆୟୋଜିତ ହୋଇଥିବା ଏହି ଟୁର୍ନାମେଣ୍ଟରେ ୮ଟି ଟିମ୍ ଭାଗ ନେଇଥିଲେ। ମା'ସରସ୍ୱତୀ କ୍ଲବ ମହାକାଳେଶ୍ୱର ସହ ବାବା ବିଶ୍ୱନାଥ କ୍ଲବ ଭାତପଡା ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ଏଥିରେ ୨୫/୨୧ ରେ ବାବା ବିଶ୍ୱନାଥ କ୍ଲବ ବିଜୟ ଲାଭ କରିଥିଲା। ୨ ଦିନ ଧରି ଚାଲିଥିବା ଏହି ଟୁର୍ନାମେଣ୍ଟକୁ ପଞ୍ଚାୟତ ସମିତି ଅଧକ୍ଷ ଜଗନ୍ନାଥ ଦାସ ଉଦ୍‌ଘାଟନ କରିଥିଲେ।



ଚାମ୍ପିୟନ୍ ଦଳକୁ ଅତିଥି ପୁରସ୍କୃତ କରୁଛନ୍ତି।

## ଗ୍ରାମ ରୋଜଗାର ସେବକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ବାଲିଆ,୧୫।୧୧

ଓଡ଼ିଶାରେ କାର୍ଯ୍ୟରତ ଗ୍ରାମ ରୋଜଗାର ସେବକମାନଙ୍କ ପ୍ରତି ବାରମ୍ବାର ରାଜ୍ୟ ସରକାର ବୈମାତୃକ ମନୋଭାବ ପ୍ରଦର୍ଶନ କରିଆସୁଛନ୍ତି। ଗ୍ରାମ ରୋଜଗାର ସେବକଙ୍କୁ ସ୍ଥାୟୀ ନିଯୁକ୍ତି ଓ ସରକାରୀ ନିୟମାବଳୀ ଅନୁଯାୟୀ ସମସ୍ତ ସୁବିଧା ପ୍ରଦାନ କରିବାକୁ ଦୀର୍ଘଦିନ ହେଲା ଦାବି ହୋଇଆସୁଛି। କିନ୍ତୁ ସରକାର କାଳକ୍ଷେପଣ ନୀତି ଅବଲମ୍ବନ କରୁଛନ୍ତି। ଏହାର ପ୍ରତିବାଦରେ ଗୁରୁବାରଠାରୁ ରାଜ୍ୟର ସମସ୍ତ ଗ୍ରାମ ରୋଜଗାର ସେବକ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହି ଅବସରରେ ବିରିଡି ବ୍ଲକର ସମସ୍ତ ଗ୍ରାମ ରୋଜଗାର ସେବକ ଏଥିରେ ସାମିଲ ହୋଇଛନ୍ତି ବୋଲି ବ୍ଲକ ଗ୍ରାମ ରୋଜଗାର ସେବକ ସଂଘ ସଭାପତି ଗଣେଶ୍ୱର ଜେନା ପ୍ରକାଶ କରିଛନ୍ତି। ଏଥିରେ ସୌମ୍ୟ ରଞ୍ଜନ ମିଶ୍ର, ଚିତ୍ତରଞ୍ଜନ ପୃଷ୍ଟି, ମନୋଜ କୁମାର ଭୋଇ, ମାନସ କୁମାର ସାହୁ, ସୁଦର୍ଶନ ସାହୁ, ସୁନିଲ କୁମାର ସାହୁ, ରୋଜାଲିନ ଶତପଥୀ, ଅନ୍ନପୂର୍ଣ୍ଣା ମାଣିଆ, ମମତା ସେଠି, ସୂର୍ଯ୍ୟକାନ୍ତ ସାହୁ, ସସ୍ମିତା ବେହେରା ପ୍ରମୁଖ ସାମିଲ ହୋଇଛନ୍ତି।



ଆନ୍ଦୋଳନରେ ସାମିଲ ହୋଇଥିବା ଶ୍ରମିକ ନେତା ଓ ଶ୍ରମିକମାନେ।

## ବିଶୋଧନାଗାର ଆଗରେ ଶ୍ରମିକ ସଂଘର ଆମରଣ ଅନଶନ

ପାରାଦୀପ,୧୫।୧୧(ସ୍ୱ.ପ୍ର.)

ପାରାଦୀପ ତୈଳ ବିଶୋଧନାଗାର ପ୍ରଶାସନିକ ଭବନ ସମ୍ମୁଖରେ ଗୁରୁବାର ପାରାଦୀପ-ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘ ପକ୍ଷରୁ ଆମରଣ ଅନଶନ କରାଯାଇଛି। ନିଯୁକ୍ତି ସମେତ ୧୫ ଦାବି ନେଇ ଶ୍ରମିକ ସଂଘ ପକ୍ଷରୁ ପୂର୍ବାହ୍ଣରେ ବିଶୋଧନାଗାର ଆଗରେ ଧାରଣା ଦିଆଯାଇଥିଲା। ଏହାକୁ ଜମିହରା କୃଷକ ଏକତା ମଞ୍ଚ ପକ୍ଷରୁ ସମର୍ଥନ କରାଯାଇଛି। ୧୮ଶହରୁ ଉର୍ଦ୍ଧ୍ୱ ଶ୍ରମିକ ସେମାନଙ୍କ ୧୫ ଦାବି ନେଇ ଗତ ବର୍ଷେ ହେଲା ଆନ୍ଦୋଳନ ଚଳାଇ ଆସୁଛନ୍ତି। ଏନେଇ ଏକାଧିକଥର ପ୍ରଶାସନିକସ୍ତରରେ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ସମାଧାନର ରାସ୍ତା ବାହାରି ନାହିଁ। ସଂଘର ମୁଖ୍ୟ ବାପି ସର୍ଖେଲଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଧାରଣାସ୍ଥଳରେ ବିଶୋଧନାଗାର କର୍ତ୍ତୃପକ୍ଷଙ୍କ ବିରୋଧରେ ବିଶୋଦ୍‌ଗାର କରିଥିଲେ। ସନ୍ଧ୍ୟାରେ ସଂଘର କର୍ମକର୍ତ୍ତାଙ୍କ ସହ କମ୍ପାନୀ କର୍ତ୍ତୃପକ୍ଷ ଆଲୋଚନା କରିଥିଲେ। କିନ୍ତୁ ଏହା ବିଫଳ ହେବାରୁ ଶ୍ରମିକ ସଂଘ ଆମରଣ ଅନଶନ ଆରମ୍ଭ କରିଛି। ସୂଚନାଯୋଗ୍ୟ, ଗତ ୫ ତାରିଖରେ ପାରାଦୀପ ବିଜେଡି ପକ୍ଷରୁ ସ୍ଥାନୀୟ ଲୋକଙ୍କ ନିଯୁକ୍ତି ଦାବି ନେଇ ସେହି ସ୍ଥାନରେ ଏକ ବଡ଼ ଧରଣର ସମାବେଶ କରାଯାଇଥିଲା। ଏବେ କଂଗ୍ରେସ ନେତା ତଥା ସଂଘ ସଭାପତି ସର୍ଖେଲ ସେହି ସ୍ଥାନରେ ସମାବେଶ କରିଛନ୍ତି। ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି, ଏପରି ବନ୍ଦ ଓ ବିରୋଧ ସମାବେଶ ସେତେ ଅଧିକ ଦେଖିବାକୁ ମିଳୁଛି।

# ଡିସେମ୍ବର ୭ରୁ ଖରିଫ ଧାନ ସଂଗ୍ରହ

ଜଗତ୍‌ସିଂହପୁର ଅଫିସ, ୧୫।୧୧

ଗୁରୁବାର ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ୨୦୧୮-୧୯ ଖରିଫ ଋତୁ ପାଇଁ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ କିପରି ସୁରୁଖୁରୁରେ ଧାନ ସଂଗ୍ରହ ହେବ ଓ ଚାଷୀଙ୍କୁ ଠିକ ସମୟରେ ସେମାନଙ୍କ ପ୍ରାପ୍ୟ ମିଳିପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା । ତେବେ ଡିସେମ୍ବର ୭ରୁ ଧାନ ସଂଗ୍ରହ ଆରମ୍ଭ କରାଯିବା ନିଷ୍ପତ୍ତି ହୋଇଥିଲା। ଏହା ପୂର୍ବରୁ ଚାଷୀମାନଙ୍କ ନାମ ପଞ୍ଜୀକରଣ ଆରମ୍ଭ ହୋଇ ଡିସେମ୍ବର ୧୫ ତାରିଖ ସୁଦ୍ଧା ପ୍ରକ୍ରିୟା ସାରିବାକୁ ସ୍ଥିର କରାଯାଇଛି। ଜିଲାରେ ପୂର୍ବରୁ ୧୦୧ଟି ପ୍ରାଥମିକ କୃଷି ସମବାୟ ସମିତି ଜରିଆରେ ଧାନ ସଂଗ୍ରହ ହେଉଥିଲା। ଚଳିତବର୍ଷ କିନ୍ତୁ ଅଧିକ ୪ଟି ଅର୍ଥାତ୍ ୧୦୫ଟି ସମିତି ଜରିଆରେ ୭୪,୪୧୨ ମେଟ୍ରିକ୍ ଟନ୍ (ଏମ୍‌ଟି) ଧାନ ସଂଗ୍ରହ ଲକ୍ଷ୍ୟ ରଖାଯାଇଛି। ଗତବର୍ଷଠାରୁ ଚଳିତବର୍ଷ ଅଧିକ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି।

ଜିଲାପାଳ ଯାମିନୀ ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ବିଷ୍ଣୁ ଚରଣ ଦାସ ଯୋଗଦେଇ ଚଳିତବର୍ଷ ଯେପରି ସୁରୁଖୁରୁରେ ଧାନ ସଂଗ୍ରହ ହୋଇପାରିବ ସେନେଇ ଦାୟିତ୍ୱବାନ ହେବାକୁ ପରାମର୍ଶ ଦେଇଥିଲେ। ଏଥିସହ ସମସ୍ତ ବିଧିବ୍ୟବସ୍ଥା ମଧ୍ୟରେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଚଳିତବର୍ଷ ଧାନ ସଂଗ୍ରହ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିପାରିବ ବୋଲି ଆଶାବ୍ୟକ୍ତ କରିଥିଲେ। ଏହି ଅବସରରେ ଜିଲାପାଳ ଷଡଙ୍ଗୀ କହିଲେ ଯେ, ଜିଲାରେ ଥିବା ୧୦୧ ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ଧାନ ସଂଗ୍ରହ କରାଯାଉଥିଲା। ଏବର୍ଷ କିନ୍ତୁ ଅଧିକ ୪ଟି ସମବାୟ ସମିତି ଅନ୍ତର୍ଭୁକ୍ତ ହେବ। ଏହି ୪ ସମିତି ହେଲା କୁଜଙ୍ଗ ବ୍ଲକର ପାରାଦୀପ ଗଡ଼, ସିଜୁ ସୋସାଇଟି, ଏରସମା ବ୍ଲକର ଡ଼ିଙ୍କିଆ ଓ ନୂଆଗାଁ। ବୈଠକରେ ଜିଲା ସମବାୟ ନିବନ୍ଧକ କୁଳମଣି ପାଢୀ କହିଲେ ଯେ, ୨୦୧୭-୧୮ ବର୍ଷରେ ୩୧,୪୨୭ ଜଣ ଚାଷୀ ପଞ୍ଜିକୃତ ହୋଇଥିବା ବେଳେ ୨୦୧୮-୧୯ରେ ୩୩,୪୪୩ ଜଣଙ୍କୁ ପଞ୍ଜୀକରଣ କରିବାକୁ ଲକ୍ଷ୍ୟ ରହିଛି। ଯେଉଁମାନେ ଧାନ ବିକ୍ରି କରିବେ ୨୪ରୁ ୭୨ ଘଣ୍ଟା ମଧ୍ୟରେ ସେମାନଙ୍କ ପ୍ରାପ୍ୟ ବ୍ୟାଙ୍କ ଆକାଉଣ୍ଟରେ ପୈଠ ହୋଇଯିବ। ଜିଲା ଯୋଗାଣ ଅଧିକାରୀ ଦିଲୀପ କୁମାର ପାତ୍ର କହିଲେ ଜିଲାର ସିଭିଲ ସପ୍ଲାଏ କର୍ପୋରେଶନ ମାଧ୍ୟମରେ ଧାନ କିଣାବିକା ହେବ। ଏବର୍ଷ ୫୦,୬୦୦ ମେଟ୍ରିକ ଟନ୍ ଚାଉଳ ପାଇଁ ୭୪,୪୧୧.୭୬ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯିବା ଲକ୍ଷ୍ୟ ରହିଛି। ସାଧାରଣ ଏଫ୍‌ଏକ୍ୟୁ ଧାନର କୁଇଣ୍ଟାଲ ପ୍ରତି ମୂଲ୍ୟ ୧,୭୫୦ ଟଙ୍କା ରଖାଯାଇଥିବା ବେଳେ ଗ୍ରେଡ୍ ଏ ୧,୭୭୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଚଳିତବର୍ଷ ୧୦୧ଟି ଧାନ ମଣ୍ଡି ମଧ୍ୟରୁ ଜଗତ୍‌ସିଂହପୁର ବ୍ଲକର ୧୬, ବାଲିକୁଦା ୨୧, ନାଉଗାଁ ୬, ତିର୍ତ୍ତୋଲ ୧୫, ଏରସମା ୧୪, କୁଜଙ୍ଗ ୧୪ଟି ସ୍ଥାନରେ ଧାନ ମଣ୍ଡି ଖୋଲାଯିବ । ଜିଲାରେ ଯଥେଷ୍ଟ ମିଲର ନ ଥିବାରୁ ଅନ୍ୟ ଜିଲାର ମିଲରମାନଙ୍କ ମାଧ୍ୟମରେ ଧାନ ସଂଗ୍ରହ କରାଯିବ। ଶାନ୍ତି ଶୃଙ୍ଖଳାରେ ଚାଷୀମାନଙ୍କଠାରୁ ଧାନ ସଂଗ୍ରହ ନିମନ୍ତେ ଜିଲା ଯୋଗାଣ ବିଭାଗ, ପ୍ରାଥମିକ କୃଷି ସମବାୟ ସମିତି, ସେଣ୍ଟ୍ରାଲ କୋ-ଅପରେଟିଭ ବ୍ୟାଙ୍କ, ମିଲର, ନିୟନ୍ତ୍ରିତ ବଜାର କମିଟି କର୍ମକର୍ତ୍ତାଙ୍କ ଗୁରୁ ଦାୟିତ୍ୱ ରହିଛି। ଏହି କମିଟି ଧାନ ସଂଗ୍ରହ ନିମନ୍ତେ ବ୍ୟାପକ ପ୍ରଚାର ଓ ପ୍ରସାର କରିବେ। ବୈଠକରେ ଉପ ଆରକ୍ଷୀ ଅଧିକ୍ଷକ ବାମଦେବ ସିଂହ, ଏଆର୍‌ସିଏସ୍ ରଞ୍ଜନ କୁମାର ମିଶ୍ର, ସହକାରୀ ଯୋଗାଣ ଅଧିକାରୀ ସିଲ୍ଲାଉଦ୍ଦିନ ଖାଁ, ପ୍ରଦ୍ୟୁମ୍ନ କୁମାର ରାଉତ, ବିଡିଓ, ସମବାୟ ବିଭାଗ କର୍ମକର୍ତ୍ତା, ନିୟନ୍ତ୍ରିତ ବଜାର କମିଟି କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଉପଜିଲାପାଳ ମହେନ୍ଦ୍ର ପ୍ରତାପ ମହାନ୍ତି ଧନ୍ୟବାଦ ଦେଇଥିଲେ।


ବୈଠକରେ ଉପସ୍ଥିତ ଯୋଜନା ବୋର୍ଡ ଉପାଧକ୍ଷ ବିଷ୍ଣୁ ଚରଣ ଦାସ ଓ ଅନ୍ୟମାନେ।

**ଖରିଫ ଧାନ ସଂଗ୍ରହ କମିଟି ବୈଠକ**

- ୩୩,୪୪୩ ଚାଷୀ ପଞ୍ଜୀକରଣ ଲକ୍ଷ୍ୟ
- ଡିସେମ୍ବର ୧୫ ସୁଦ୍ଧା ନାମ ପଞ୍ଜୀକରଣ
- ୭୪,୪୧୨ ଏମ୍‌ଟି ଧାନ ସଂଗ୍ରହ ଲକ୍ଷ୍ୟ

## ବିଶ୍ୱ ଶୌଚାଳୟ ଦିବସରେ ସଚେତନତା ସଭା


ଏରସମା,୧୫।୧୧(ସ୍ୱ.ପ୍ର.)

ଏରସମା ବ୍ଲକ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ପକ୍ଷରୁ ଗୁରୁବାର ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ପରିମଳ ଓ ଶୌଚାଳୟ ବ୍ୟବହାର ଉପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଛି। ବିଶ୍ୱ ଶୌଚାଳୟ ଦିବସ ଅବସରରେ ଏରସମା ବ୍ଲକର ବିଭିନ୍ନ ଏସଏଚଜିର ଶତାଧିକ ମହିଳା ହାତରେ ପ୍ଲାକାର୍ଡ ଧରି ପଦଯାତ୍ରା ମାଧ୍ୟମରେ ପଞ୍ଚାୟତ ପରିକ୍ରମା କରି ସଭାସ୍ଥଳରେ ପହଞ୍ଚିଥିଲେ। ଏରସମା ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରମୋଦ କୁମାର ପରିଡ଼ାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ବିଡିଓ କୈଳାସ ଚନ୍ଦ୍ର ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ଅଭିମନ୍ୟୁ ଦାସ, କନିଷ୍ଠ ଯନ୍ତ୍ରୀ ତନ୍ମୟ କୁମାର ଦାସ, ଓଡିଶା ଜୀବିକା ମିଶନର ଦୀପାଳି ଛାଟୋଇ, ବିଭାଗୀୟ ବ୍ଲକ ସଂଯୋଜକ ଜଗଦାନନ୍ଦ ପଣ୍ଡା ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ କନିଷ୍ଠ ଯନ୍ତ୍ରୀ ପରିଡା କହିଲେ ଯେ ପରିବେଶ ସୁରକ୍ଷା ପାଇଁ ଶୌଚାଳୟ ବ୍ୟବହାର କରିବା ଆଜିକାଲି ସଭ୍ୟ ସମାଜରେ ଅନିର୍ବାର୍ଯ୍ୟ ହୋଇପଡିଛି। ଏଥିପାଇଁ ଆର୍ଥିକ ଅନଗ୍ରସର ପରିବାର ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ସରକାର ଦେଉଥିବା ସହାୟତାର ସଦ୍‌ବ୍ୟବହାର ବେହା ଆବଶ୍ୟକ। କାର୍ଯ୍ୟକ୍ରମରେ ଶତାଧିକ ସ୍ୱୟଂ ସହାୟକ ଦଳର ମହିଳା, ଏମବିକେ ଯୋଗ ଦେଇଥିଲେ।



ବିଶ୍ୱ ଶୌଚାଳୟ ଦିବସ ଅବସରରେ ହୋଇଥିବା ସଚେତନତା ଶୋଭାଯାତ୍ରା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୬ ନଭେମ୍ବର, ୨୦୧୮



ଜୀବନଟା କେବଳ କେତେଗୁଡିଏ ଘଟଣାବଳୀର ସମଷ୍ଟି ନୁହେଁ। ମୁଣ୍ଡ ଭିତରେ ଯେଉଁ ବାତ୍ୟା ପ୍ରବାହିତ ହୁଏ ତାହାହିଁ ପ୍ରକୃତ ଜୀବନ।
- ମାର୍କ ଟ୍ୱେନ



## ସଂକ୍ଷେପରେ

### ଖରିଆ ରାସ୍ତାରେ ଲୁଟ ଅଭିଯୋଗ

**ବିଞ୍ଝାରପୁର,୧୫।୧୧(ଡି.ଏନ୍.ଏ.):** ବିଞ୍ଝାରପୁର ଥାନା ଅନ୍ତର୍ଗତ ଗୁହାଳି-ମାଁସଡା ରାସ୍ତାରେ ଲୁଟେରାମାନେ ଜଣେ ମହିଳାଙ୍କଠାରୁ ସୁନା ଚେନ ଲୁଟି ନେଇଥିବା ଅଭିଯୋଗ ହୋଇଛି । ଖବର ଅନୁଯାୟୀ କପିଳା ପଞ୍ଚାୟତ ଗୁହାଳି ଗ୍ରାମର ନରୋତ୍ତମ ସାମଲଙ୍କ ସ୍ତ୍ରୀ ପ୍ରିୟଦର୍ଶିନୀ ମାଁସଡାସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନକୁ ଆସୁଥିବାବେଳେ ଲୁଟେରାମାନେ ତାଙ୍କ ସ୍କୁଟିକୁ ଅଟକାଇ ପିନ୍ଧିଥିବା ଚେନ୍‌ଟିକୁ ଲୁଟ କରି ନେଇଥିଲେ। ଅଭିଯୋଗ ପାଇ ବିଞ୍ଝାରପୁର ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିବା ଜଣାପଡିଛି ।

### ଗ୍ରାମପଞ୍ଚାୟତର ୧୬ତମ ପ୍ରତିଷ୍ଠା ଦିବସ

**ସୁକିନ୍ଦା,୧୫।୧୧(ଡି.ଏନ୍.ଏ.):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ବନ୍ଧଗାଁ ଗ୍ରାମପଞ୍ଚାୟତର ୧୬ତମ ପ୍ରତିଷ୍ଠା ଦିବସ ଓ ୧୪୩ତମ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ସୁକିନ୍ଦା ବିଧାୟକ ପ୍ରୀତି ରଞ୍ଜନ ଘଡାଇ ଯୋଗଦେଇ ସଂଗ୍ରାମୀ ବିର୍ସାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଏକ ନବ ନିର୍ମିତ ପିଣ୍ଡିକୁ ଉଦ୍‌ଘାଟନ କରିଛନ୍ତି। ସମିତି ସଭ୍ୟ ତଥା ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବିବେକାନନ୍ଦ ବୋଷଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ୩୮ ନଂ ଜିଲା ପରିଷଦ ଜୋନ୍ ସଦସ୍ୟା ସ୍ୱର୍ଣ୍ଣପ୍ରଭା ମଲିକ, ସରପଞ୍ଚ ରାଧେଶ୍ୟାମ ମହାନ୍ତ, ଟାଟା କମ୍ପାନୀର ଅଧିକାରୀ ଗୌତମ ଚକ୍ରବର୍ତ୍ତୀ, ପୂର୍ବତନ ସରପଞ୍ଚ ପବିତ୍ର ମହାନ୍ତ, ବୁଦୁନୀ ମହାନ୍ତ, ବନୀତା ଦେହୁରୀ, ପାନିରାଣୀ ଗଇପାଇ, ରାମ ମୁଣ୍ଡା, ଚାମରା ମୁଣ୍ଡା, ବିନୋଦ ହେମ୍ବ୍ରମ ପ୍ରମୁଖ ମଞ୍ଚାସୀନ ଅତିଥିଭାବେ ଯୋଗଦେଇଥିଲେ। ସ୍ଥାନୀୟ ଆଦିବାସୀ ପାରମ୍ପରିକ ନାଚଗୀତ ଜରିଆରେ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ ।

### ଆମ ପୋଲିସର ବୈଠକ

**କାଳିଆପାଣି, ୧୫।୧୧(ଡି.ଏନ୍.ଏ.):** କାଳିଆପାଣି ଥାନା ଆମ ପୋଲିସ ପକ୍ଷରୁ ବୁଧବାର ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି । ଆମ ପୋଲିସ ସଦସ୍ୟ ନିଳକଣ୍ଠ ମହାନ୍ତଙ୍କ ସଭାପତିତ୍ୱରେ ଖଣି ଅଞ୍ଚଳରେ ସ୍ୱଚ୍ଛତା ଓ ପଲିଥିନ ବ୍ୟବହାର ଉପରେ ୨ଟି ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଏ ନେଇ ଶନିବାରଠାରୁ ପ୍ରଚାର ଓ ପ୍ରସାର ଜରିଆରେ ସଚେତନତା କରାଯିବ। ବୈଠକରେ ପୋଲିସ ପକ୍ଷରୁ ଥାନା ଅଧିକାରୀ ଯୁବରାଜ ସ୍ୱାଇଁ, ଖବରଦାତା ବିଶ୍ୱଜିତ ନାୟକ, ଶିକ୍ଷକ ନୀଳକଣ୍ଠ ମହାନ୍ତ, ଜଗବନ୍ଧୁ ମହାନ୍ତ, ପୂର୍ବତନ ସରପଞ୍ଚ ଜିନିତା ମୁଣ୍ଡା, ଖବରଦାତା ବିକାଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଯୁବ ପ୍ରତିଭାଙ୍କ ସଙ୍ଗମସ୍ଥଳ ପାଲଟିଲା ଯାଜପୁର ସହର

**ବିରଜାକ୍ଷେତ୍ର, ୧୫।୧୧(ଡି.ଏନ୍.ଏ)**



ଉଦ୍‌ଘାଟନୀ ଉତ୍ସବରେ ମଞ୍ଚରେ ଉପସ୍ଥିତ ଅତିଥି।

ଐତିହ୍ୟ, ସଂସ୍କୃତି, ପରମ୍ପରା, ଭାଇଚାରାର ସହର ଯାଜପୁର ଗୁରୁବାର ରାଜ୍ୟର ଯୁବ ପ୍ରତିଭାଙ୍କ ସଙ୍ଗମସ୍ଥଳ ପାଲଟିଥିଲା। ରାଜ୍ୟର ୨୪ତମ ଯୁବ ମହୋତ୍ସବ ଗୁରୁବାରଠାରୁ ଆରମ୍ଭ ହୋଇଛି। ଅପରାହ୍ଣରେ ଯୁବ ମହୋତ୍ସବ ନିମନ୍ତେ କ୍ଷେତ୍ରେଶ୍ୱରୀ ମା' ବିରଜାଙ୍କ ନିକଟରେ ପୂଜାର୍ଚ୍ଚନା ସରିଥିଲା। ଏହାପରେ ୩୦ଟି ଜିଲାର ୨ହଜାରରୁ ଊର୍ଦ୍ଧ୍ୱ ଯୁବ ପ୍ରତିଭା ଏକ ଶୋଭାଯାତ୍ରାରେ ବାହାରି ଯାଜପୁର ସହର ପରିକ୍ରମା କରି ମହୋତ୍ସବସ୍ଥଳ ବାଳାଶ୍ରମ ପଡ଼ିଆରେ ପହଞ୍ଚିଥିଲେ। ଶୋଭାଯାତ୍ରାରେ ଯାଉଥିବା ଯୁବ ପ୍ରତିଭାଙ୍କୁ ଯାଜପୁର ସହରବାସୀ ରାସ୍ତାର ଦୁଇପାର୍ଶ୍ୱରେ ରହି ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ବାଳାଶ୍ରମ ପଡ଼ିଆରେ ଶୋଭାଯାତ୍ରା ପହଞ୍ଚିବା ପରେ ଶାନ୍ତ, କମନୀୟ ଓ ମନୋଜ୍ଞ ପରିବେଶରେ ଯୁବ ମହୋତ୍ସବ ଉଦ୍‌ଘାଟିତ ହୋଇଥିଲା। ଜିଲାପାଳ ରଞ୍ଜନ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଏମ୍‌ପି ରୀତା ତରାଇ, ମୁଖ୍ୟବକ୍ତା ଭାବେ ଜିଲା ପରିଷଦ ଅଧ୍ୟକ୍ଷ ନରେଶ ଚନ୍ଦ୍ର ମହାନ୍ତି, ସମ୍ମାନିତ ଅତିଥିଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ଚରଣ ସିଂ ମୀନା, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ ମିଶ୍ର, ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଅଧିକାରୀ ନିବେଦିତା ଆଚାର୍ଯ୍ୟ, ହରେଶ ମିଶ୍ର ପ୍ରମୁଖ ଯୋଗଦେଇ ଯୁବ ମହୋତ୍ସବର ଉଦ୍ଦେଶ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ଯାଜପୁର ସହରର ବାଳାଶ୍ରମ ପଡ଼ିଆରେ ୬ମାସ ତଳେ ଆୟୋଜିତ ହୋଇଥିବା ଯାଜପୁର ପୌରପାଳିକାର ୧୫୦ବର୍ଷ ପୂର୍ତ୍ତି ଉତ୍ସବରେ ଯାଜପୁର ସହରବାସୀଙ୍କ ସମେତ ସମଗ୍ର ଜିଲା ଝୁମିଥିଲା। ଏହାକୁ ପାଥେୟ କରି ଯାଜପୁରରେ ସାରା ଓଡ଼ିଶା ଝୁମିବାର ସ୍ୱପ୍ନ ପୂରଣ ହୋଇଛି ବୋଲି ଜିଲାପାଳ ରଞ୍ଜନ କୁମାର ଦାସ କହିଥିଲେ। ୨୪ତମ ଯୁବ ମହୋତ୍ସବ ଅବସରରେ ଯାଜପୁର ସହରରେ ସାରା ଓଡ଼ିଶା ଝୁମିବା ସହ ଯୁବଗୋଷ୍ଠୀଙ୍କ କଳାର ପ୍ରତିଭା ଯାଜପୁର ସହରବାସୀ ଦେଖିବାକୁ ପାଇବେ ବୋଲି ଜିଲାପାଳ କହିଥିଲେ। ଏହି ଅବସରରେ ୨୦୨୦ ମସିହାରେ ଯାଜପୁର ସହରରେ ଜାତୀୟ ଯୁବ ମହୋତ୍ସବ ଅନୁଷ୍ଠିତ ହୋଇ ଯାଜପୁର ସହରରେ ସାରା ଭାରତ ଝୁମିବ ବୋଲି ଜିଲାପାଳ ରଞ୍ଜନ କୁମାର ଦାସ ସୂଚନା ଦେଇଥିଲେ । ଉତ୍ସବରେ ସହକାରୀ ଜିଲାପାଳ ତିଳୋତ୍ତମା ପୃଷ୍ଟି ମଞ୍ଚ ପରିଚାଳନା କରିଥିବାବେଳେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଦ୍‌ଘାଟନ ଉତ୍ସବ ପରେ ଓଡ଼ିଶାର ପ୍ରଖ୍ୟାତ କଣ୍ଠଶିଳ୍ପୀ ଋତୁରାଜ ମହାନ୍ତିଙ୍କ ଯାଦୁଗରୀ କଣ୍ଠ ସଙ୍ଗୀତରେ ଯାଜପୁରବାସୀଙ୍କ ସମେତ ୩୦ଟି ଜିଲାରୁ ଯୋଗଦେଇଥିବା ଯୁବ ପ୍ରତିଭା ଓ ପଦାଧିକାରୀମାନେ ଝୁମିଥିବା ଦେଖିବାକୁ ମିଳିଥିଲା । କ୍ଷେତ୍ରେଶ୍ୱରୀ ମା' ବିରଜାଙ୍କ ମନ୍ଦିରରୁ ବାହାରିଥିବା ଶୋଭାଯାତ୍ରାକୁ ଜିଲା ପରିଷଦ ଅଧ୍ୟକ୍ଷ, ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଉଦ୍‌ଘାଟନ କରିଥିଲେ। ଏହି ଶୋଭାଯାତ୍ରାରେ ଅତିରିକ୍ତ ଜିଲାପାଳ ମିହିର କୁମାର ମହାନ୍ତି, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ ମିଶ୍ର, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ସହକାରୀ ଜିଲାପାଳ ଅନୁପ କୁମାର ବେହେରା, ତହସିଲଦାର ମିହିର କୁମାର ମେହେର, ଜିଲା ପଞ୍ଚାୟତ ଅଧିକାରୀ ଅଶୋକ ସେଠୀ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ଡିଏସ୍‌ପି ଅକ୍ଷୟ ଦାସ, ଏସ୍‌ଡିପିଓ ପ୍ରଶାନ୍ତ କୁମାର ମଲ୍ଲ, ପୂର୍ବତନ ପୌରପାଳ ଭବ ପ୍ରସାଦ ଦାସ, ପୂର୍ବତନ ପାରିଷଦ ବିଜୟ ମହାନ୍ତି, ସନ୍ତୋଷ ମଲ୍ଲିକଙ୍କ ସହ ସମସ୍ତ ପୂର୍ବତନ ପାରିଷଦ, ପୌର ପ୍ରଶାସନର ଅଧିକାରୀବୃନ୍ଦ ଓ ଜିଲା ପ୍ରଶାସନର ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀମାନେ ସାମିଲ ହୋଇଥିଲେ। ଯୁବ ମହୋତ୍ସବର ଶୋଭାଯାତ୍ରା ଓ ଉଦ୍‌ଘାଟନୀ ଉତ୍ସବକୁ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମଲ୍ଲ ଓ ଯାଜପୁର ଥାନାର ଭାରପ୍ରାପ୍ତ ଅଧିକାରୀ ମାନସ ରଞ୍ଜନ ଚକ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା ।



ଶୋଭାଯାତ୍ରାରେ ଓଡ଼ିଶାର ଲୋକକଳା ପ୍ରଦର୍ଶନ କରାଯାଉଛି।

### ଯୋଗଦେଲେନି ବିଧାୟକ

ଯାଜପୁର ସହରରେ ୨୪ତମ ଯୁବ ମହୋତ୍ସବ ନିମନ୍ତେ ଜିଲାର ସମସ୍ତ ବିଧାୟକଙ୍କ ସହ ସରକାରୀ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀଙ୍କୁ ଉଦ୍‌ଘାଟକ ଭାବେ ଆମନ୍ତ୍ରଣ କରାଯାଇଥିଲା। ଉଦ୍‌ଘାଟନୀ ଦିବସରେ ମୁଖ୍ୟବକ୍ତାଭାବେ ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶର ଅଧ୍ୟକ୍ଷ ସୁବ୍ରତ ବାଗଚୀଙ୍କୁ ଆମନ୍ତ୍ରଣ କରାଯାଇଥିଲା। ମାତ୍ର ଗୁରୁବାର ସନ୍ଧ୍ୟାରେ ବାଳାଶ୍ରମ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଥିବା ରାଜ୍ୟର ୨୪ତମ ଜିଲା ମହୋତ୍ସବକୁ ଆମନ୍ତ୍ରିତ ଅତିଥିଙ୍କ ସହ ଜିଲାର ବିଧାୟକମାନେ ଯୋଗ ନ ଦେବା ନେଇ ସଭାସ୍ଥଳରେ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଯେ, ଯାଜପୁର ସହରରେ ଏଭଳି ଏକ ବିଶାଳ କାର୍ଯ୍ୟକ୍ରମ ହେଉଥିବା ବେଳେ ଉଦ୍‌ଘାଟନୀ ଉତ୍ସବରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଉପସ୍ଥିତ ନ ହେବା ଲୋକଙ୍କୁ ଅଧିକ ଚର୍ଚ୍ଚାର ଖୋରାକ ଯୋଗାଇଛି।

### ଉପଭୋଗ କଲେ ପାରମ୍ପରିକ ନୃତ୍ୟ

୨୪ତମ ରାଜ୍ୟ ଯୁବ ମହୋତ୍ସବ ଶୋଭାଯାତ୍ରାରେ ଓଡ଼ିଶାର ଲୋକକଳା, ପରମ୍ପରା, ଚାଲିଚଳନ ଉପରେ ଯୁବ ପ୍ରତିଭାମାନେ ସେମାନଙ୍କର ଆକର୍ଷଣୀୟ ପ୍ରତିଭା ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଥିଲା। ତେବେ ମାଲକାନାଗିରି, ରାୟଗଡ଼ା ଆଦି ଜିଲାର ପାରମ୍ପରିକ ଆଦିବାସୀ ନୃତ୍ୟକୁ ଯାଜପୁର ସହରବାସୀ ବେଶ୍ ଉପଭୋଗ କରିଥିଲେ।







### ବାଣ୍ଟିଲେ ସଚେତନତାର ବାର୍ତ୍ତା

ମହୋତ୍ସବରେ ଯୋଗଦେଇଥିବା କୋରାପୁଟର ଯୁବ ପ୍ରତିଭାମାନେ ଶୋଭାଯାତ୍ରାରେ ସାମିଲ ହୋଇ ଯୁବ ପ୍ରତିଭାଙ୍କ ସହ ସାଧାରଣ ନାଗରିକଙ୍କୁ ସଚେତନ କରାଇଥିଲେ। ଗଛ କାଟିବା ବନ୍ଦ କରିବା, ମଦ୍ୟପାନଠାରୁ ଦୂରେଇ ରହିବା, ବୃକ୍ଷରୋପଣ କରିବା, ପରିବେଶ ସ୍ୱଚ୍ଛ ରଖିବା, ପ୍ଲାଷ୍ଟିକ୍ ବର୍ଜନ କରିବା, ଜୀବଜନ୍ତୁଙ୍କ ସୁରକ୍ଷା, ଜଙ୍ଗଲ ସୃଷ୍ଟି ଆଦି ସଚେତନତାର ବାର୍ତ୍ତା ଥିବା ବ୍ୟାନର ଧରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

### କୁସୁମା ରାଣୀ ପ୍ରଦର୍ଶିତ

ଯାଜପୁର ସହରର ଐତିହ୍ୟ, ସଂସ୍କୃତି ଓ ପରମ୍ପରା ସହିତ ଯୋଡ଼ିହୋଇ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଥିବା କୁସୁମା ପୋଖରୀର ରାଣୀ ମହୋତ୍ସବର ଶୋଭାଯାତ୍ରାରେ ସାମିଲ ହୋଇଥିଲା । ଆକର୍ଷଣୀୟ ଢଙ୍ଗରେ ଯୁବ ପ୍ରତିଭାମାନେ କୁସୁମା ରାଣୀର କଳାକୃତିକୁ ପ୍ରଦର୍ଶିତ କରିଥିବା ଦେଖିବାକୁ ମିଳିଥିଲା ।

### ଶୋଭାଯାତ୍ରାକୁ ସ୍ୱାଗତ କଲା ପୋଲିସ



ମା' ବିରଜାଙ୍କ ମନ୍ଦିରରୁ ବାହାରିଥିବା ଶୋଭାଯାତ୍ରାକୁ ଯାଜପୁର ପୋଲିସ ବାହିନୀର ବ୍ୟାଣ୍ଡ ପାର୍ଟି ଦଳ ବ୍ୟାଣ୍ଡ ବଜାଇ ସ୍ୱାଗତ କରିବା ସହ ଉତ୍ସବସ୍ଥଳ ବାଳାଶ୍ରମ ପଡ଼ିଆ ପର୍ଯ୍ୟନ୍ତ ବ୍ୟାଣ୍ଡ ବଜାଇ ୩୦ଟି ଜିଲାର ଯୁବ ପ୍ରତିଭାଙ୍କୁ ପାଛୋଟି ନେଇଥିବା ଦେଖିବାକୁ ମିଳିଥିଲା।

### ଶୋଭାଯାତ୍ରାରେ ଗଲା ବିରଜାଙ୍କ ଆଜ୍ଞାମାଳ



ସହକାରୀ ଜିଲାପାଳ ଅନୁପ କୁମାର ବେହେରା କ୍ଷେତ୍ରେଶ୍ୱରୀ ମା' ବିରଜାଙ୍କ ନିକଟରେ ପୂଜାର୍ଚ୍ଚନା ସାରିବା ପରେ ମା'ଙ୍କ ଆଜ୍ଞାମାଳକୁ ଧରି ଶୋଭାଯାତ୍ରାରେ ଚାଲି ଚାଲି ଯାଇ ଉତ୍ସବ ପଡ଼ିଆରେ ପହଞ୍ଚିଥିଲେ। ଏହାପରେ ମା' ବିରଜାଙ୍କ ଆଜ୍ଞାମାଳକୁ ମଞ୍ଚ ଉପରେ ରଖି ଯୁବ ଉତ୍ସବକୁ ସଫଳତାର ସହ ସମାପନ କରିବାକୁ ପ୍ରାର୍ଥନା କରିଥିଲେ ।

# ଦୁର୍ନୀତି ବିରୋଧରେ ବ୍ଲକ ଘେରିଲା ଭାଜପା

**ବିଞ୍ଝାରପୁର,୧୫।୧୧(ଡି.ଏନ୍.ଏ.)**

ପ୍ରମିଳାଙ୍କ ଗଡ଼ରେ ଭାଜପା ତାର ଶକ୍ତି ପ୍ରଦର୍ଶନ କରିଛି। ୯ଦଫା ଦାବି ନେଇ ଗୁରୁବାର ପୂର୍ବାହ୍ଣରେ ଭାଜପାର ହଜାରହଜାର କର୍ମୀ ବିଞ୍ଝାରପୁର ବ୍ଲକ ଘେରାଉ କରିଥିଲେ। ପ୍ରଥମେ ବିଞ୍ଝାରପୁର ଯଜ୍ଞ ପଡ଼ିଆରୁ ୫ହଜାରରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ଏକ ବିଶାଳ ଶୋଭାଯାତ୍ରାରେ ଆସି ବିଞ୍ଝାରପୁର ବ୍ଲକ ଘେରାଉ କରିଥିଲେ। ଗତ ୧୮ବର୍ଷ ମଧ୍ୟରେ ବିଞ୍ଝାରପୁରରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ବିଜୁ ପକ୍କାଘର ଠାରୁ ଆରମ୍ଭ କରି ସମସ୍ତ ସରକାରୀ ଯୋଜନାରେ ପିସି କାରବାର ସହ ଦଳୀୟ ଶାସକ ଦଳର କର୍ମୀମାନେ ମିଥ୍ୟାବିଲ୍ କରି କୋଟିକୋଟି ଟଙ୍କା ଲୁଟ କରିଛନ୍ତି ବୋଲି ଭାଜପା ନେତାମାନେ ଅଭିଯୋଗ କରିଥିଲେ। ଭାଜପା ନେତା ଅମୀୟ ମଲ୍ଲିକ, ବବିତା ମଲ୍ଲିକ, ଶ୍ରବଣ ଜେନା, ମାମିନା ମଲ୍ଲିକ, ନିରଞ୍ଜନ ବେହୁରିଆ, ରାଣା ପ୍ରତାପ ମହାପାତ୍ର, ଧିରେନ ଦାସ, ରମେଶ ଜେନା, ପୁରୁଷୋତ୍ତମ ବେହେରା, ପ୍ରଭାତୀ ସାହୁ, ଦେବାନନ୍ଦ ମଲ୍ଲିକ, ଶ୍ରୀକାନ୍ତ ପ୍ରଧାନ, ରମାବଲ୍ଲଭ ସାମଲ, ଅରୁଣଜିତ ରାଉତରାୟ, ଦିଗମ୍ବର ପାତ୍ର, ଗୋପାଳ ସାମଲ, ମାଧବୀଲତା ଦାସଙ୍କ ସମେତ ବହୁ ଦଳୀୟ ନେତା ସ୍ଥାନୀୟ ପ୍ରଶାସନ ଓ ଶାସକ ଦଳକୁ କଟାକ୍ଷ କରି ବିଷ ଓଗାଳିଥିଲେ। ଏଥିସହିତ ପ୍ରଧାନମନ୍ତ୍ରୀ ଆବାସରେ ହୋଇଥିବା ଦୁର୍ନୀତିର ତଦନ୍ତ, ଖାଦ୍ୟ ସୁରକ୍ଷା ଯୋଜନାରେ ଗରିବ ଲୋକଙ୍କୁ ସାମିଲ ନ କରି ଦଳୀୟ କର୍ମୀଙ୍କୁ ହିତାଧିକାରୀ କରିବା, ମୋ ଗାଁ ମୋ ବିକାଶରେ କୋଟି କୋଟି ଟଙ୍କା ଦଳୀୟ କର୍ମୀ ଆତ୍ମସାତ କରିବା, ସ୍ୱଚ୍ଛ ଭାରତ ଯୋଜନାରେ ପିସି କାରବାର, ବନ୍ୟା ସମୟରେ ବିପନ୍ନମାନେ ଖଣ୍ଡେ ପଲିଥିନ ନ ପାଇବା , ପଞ୍ଚାୟତ ସମିତି ଅନ୍ତର୍ଗତ ଆସୁଥିବା ସମସ୍ତ ସରକାରୀ ଅର୍ଥ ହରିଲୁଟ କରିବା, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ପାଇଁ ୫ଶହ ଟଙ୍କା ଲାଞ୍ଚ ନେବା, ରାଜ୍ୟସରକାର ଗରିବଙ୍କ ଉଦ୍ଦିଷ୍ଟ ଆୟୁଷ୍ମାନ ଯୋଜନା ଲାଗୁ କରିବା ଓ ରାଜ୍ୟରେ ପ୍ରତିଦିନ ମା'ଭଉଣୀଙ୍କ ବଳାତ୍କାର ଓ ନାରୀ ନିର୍ଯାତନାକୁ ରୋକିବା ଆଦି ଘଟଣାର ତଦନ୍ତ ଦାବିରେ ଭାଜପା କର୍ମୀମାନେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ଦାମୋଦର ଖୁଣ୍ଟିଆଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଡିଏସ୍‌ପି ସଂଗ୍ରାମ ଟୁଡୁ ଓ ଥାନାଧିକାରୀ ସୂଚିତ୍ରବୀର୍ଯ୍ୟ ଦାସଙ୍କ ସମେତ ୩ ପ୍ଲାଟୁନ ପୋଲିସ ଫୋର୍ସ ମୂତୟନ ହୋଇଥିଲେ। ସେହିପରି ଦଶରଥପୁର ତହସିଲଦାର ଜ୍ୟୋତିପ୍ରକାଶ ମହାନ୍ତି ଓ ବିଞ୍ଝାରପୁର ତହସିଲଦାର ସୁଭ୍ରବାଳା ବେହେରା ପ୍ରମୁଖ ପ୍ରଶାସନ ପକ୍ଷରୁ ଉପସ୍ଥିତି ରହି ପରିସ୍ଥିତି ଉପରେ ନଜର ରଖିଥିଲେ। ଗତ ୧୦ବର୍ଷ ମଧ୍ୟରେ ବିଞ୍ଝାରପୁର ଅଞ୍ଚଳରେ ବିରୋଧି ଦଳର ଏହା ଥିଲା ସବୁଠାରୁ ବଡ଼ ଧରଣର ଶକ୍ତି ପ୍ରଦର୍ଶନ। ଭାଜପାର ଶକ୍ତି ପ୍ରଦର୍ଶନରେ ବିଞ୍ଝାରପୁର ଅଞ୍ଚଳରେ ଦଳୀୟ ମହଲରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିବାବେଳେ ଭବିଷ୍ୟତରେ ଏହାର ପ୍ରଭାବ ପଡ଼ିବା ନେଇ ଆଲୋଚନା ଜୋର ଧରିଛି। ଶୋଭାଯାତ୍ରାରେ ବାଙ୍ଗରା ଠାରୁ ଆରମ୍ଭ କରି ଶାସନ୍ଦା ଉତ୍ତରକୂଳ, କଣ୍ଟିପୁର, ଚନ୍ଦ୍ରମୁଁ ଅଞ୍ଚଳର ଶହ ଶହ ଲୋକ ସାମିଲ ହୋଇଥିଲେ।



ଭାଜପା ପକ୍ଷରୁ ବ୍ଲକ ଘେରାଉ କରାଯାଇଛି।

### ଥାନା ଘେରିଲା ନବନିର୍ମାଣ କୃଷକ ସଂଗଠନ

**ବିଞ୍ଝାରପୁର,୧୫।୧୧(ଡି.ଏନ୍.ଏ.)**

ବିଞ୍ଝାରପୁର ବ୍ଲକର ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଗୁରୁବାର ପୂର୍ବାହ୍ଣରେ ଥାନା ଘେରାଉ କରାଯାଇଥିଲା। ଗତ ଅକ୍ଟୋବର ୨୯ ତାରିଖରେ ବିଞ୍ଝାରପୁର ଅଞ୍ଚଳର ନବନିର୍ମାଣ କୃଷକ ସଂଗଠନର ଶହ ଶହ ଚାଷୀ ଭୁବନେଶ୍ୱର ଯିବା ସମୟରେ ମଇନ୍ଦାଠାରେ ପୋଲିସ ସେମାନଙ୍କୁ ଅଟକ ରଖିଥିଲା। ପୋଲିସର ଏହି ଦମନମୂଳକ କାର୍ଯ୍ୟରେ ପ୍ରତିବାଦ କରି ୫ଶହରୁ ଊର୍ଦ୍ଧ୍ୱ ଚାଷୀ ଗୁରୁବାର ପୂର୍ବାହ୍ଣରେ ବିଞ୍ଝାରପୁର ଥାନା ଘେରାଉ କରିଥିଲେ। ଏହି ଅବସରରେ ସଂଗଠନର ସଂଯୋଜକ ସନାତନ ସାହୁଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବରିଷ୍ଠ ଚାଷୀ ତଥା ପୂର୍ବତନ ବିଧାୟକ ପବିତ୍ର ଜେନା, ଗୋବିନ୍ଦ ଚନ୍ଦ୍ର ପରିଡା, ପର୍ଶୁରାମ ମିଶ୍ର, ମନୋରଞ୍ଜନ ଦାସ, ଭୁବନାନନ୍ଦ ସାମଲ, ଜ୍ଞାନେନ୍ଦ୍ର ବେହୁରିଆ, ପ୍ରଫୁଲ୍ଲ ସାମଲ, ଧନୀ ସାମଲ, ସରୋଜ ନାୟକ, ବିଜନ ଧଳ, ପ୍ରଦ୍ୟୁମ୍ନ ପାତ୍ର, ମନୋଜ ସାମଲ ପ୍ରମୁଖ ସରକାରଙ୍କ ଚାଷୀ ବିରୋଧି ନୀତିର ନିନ୍ଦା କରିବା ସହ ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ଥାନାଧିକାରୀ ସୂଚିତ୍ରବୀର୍ଯ୍ୟ ଦାସଙ୍କୁ ପ୍ରଦାନ କରିଥିଲେ।

■ ପଞ୍ଚାୟତ ପରେ ଏବେ ଥାନା

# ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ପ୍ରତିବାଦ


**ରସୁଲପୁର,୧୫।୧୧(ଡି.ଏନ୍.ଏ.)**



ଚାଷୀମାନେ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

୫ ନଭେମ୍ବରରେ ଭୁବନେଶ୍ୱରଠାରେ ଚାଷୀ ସମାବେଶକୁ ଭଣ୍ଡୁର କରାଯାଇଥିଲା। ସମାବେଶ କରିବା ପାଇଁ ରାଜ୍ୟ ପୋଲିସ ପକ୍ଷରୁ କୃଷକଙ୍କୁ ବିଭିନ୍ନ ସ୍ଥାନରେ ଅଧାବାଟରେ ଅଟକ ରଖାଯାଇଥିଲା। ଏଥିରେ ସଂଗଠନର ମଙ୍ଗୁଆଳମାନେ କ୍ଷୋଭ ପ୍ରକାଶ କରିଥିଲେ । ଚାଷୀଙ୍କୁ ଭୁବନେଶ୍ୱର ମନା ହେଲେ ନେତାଙ୍କୁ ଗାଁ ମନା ବୋଲି ଚେତାବନୀ ଦେଇ ଘରକୁ ଫେରି ଆସିଥିଲେ। ସେବେଠାରୁ ସଂଗଠନ ପକ୍ଷରୁ ଗାଁରୁ ଆନ୍ଦୋଳନ ଆରମ୍ଭ ହୋଇଛି। ଚାଷୀଙ୍କ ସମସ୍ୟାକୁ ଅଣଦେଖା କଲେ ସରକାରଙ୍କୁ ଉଚିତ୍ ଜବାବ ଦିଆଯିବ ବୋଲି ଚାଷୀମାନେ ପ୍ରତିବାଦ ସଭା ଓ ଧାରଣ ଜରିଆରେ ବାର୍ତ୍ତା ଦେଇଛନ୍ତି। ଚାଷୀମାନେ ସାଧାରଣ ନିର୍ବାଚନକୁ ଏକ ସୁଯୋଗ ବୋଲି ଧରି ନେଇଛନ୍ତି। ପ୍ରାଇସ୍, ପେନସନ, ପ୍ରେଷ୍ଟିଜ୍ ଓ ନିରାପତ୍ତା ଦାବି ହାସଲ ନ ହେଲେ ସରକାରଙ୍କୁ ଭୋଟରେ ଜବାବ ଦିଆଯିବ ବୋଲି ସଂଗଠନ ଚେତାବନୀ ଦେଇଛି। ଏହି ଅବସରରେ ସଂଗଠନ ପକ୍ଷରୁ ଗୁରୁବାର କୁଆଖିଆ ଥାନା ସମ୍ମୁଖରେ ପ୍ରତିବାଦ ସଭା ଆୟୋଜନ କରାଯାଇଛି। ଚାଷୀନେତାମାନେ ପ୍ରତିବାଦ ସଭାରେ କୃଷକଙ୍କ ବିଭିନ୍ନ ସମସ୍ୟାକୁ ନେଇ ଗର୍ଜିଥିଲେ। ପରେ ଏ ନେଇ କୁଆଖିଆ ଥାନା ଅଧିକାରୀ ଆଶିଷ କୁମାର ସାହୁଙ୍କୁ ସଂଗଠନ ପକ୍ଷରୁ ଏକ ପ୍ରତିବାଦପତ୍ର ପ୍ରଦାନ କରାଯାଇଛି । ପତ୍ର ଜରିଆରେ ସଂଗଠନ ଚାଷୀମାନଙ୍କ ସମସ୍ୟା ଓ ଦାବି ସମ୍ପର୍କରେ ଚେତାଇ ଦେବାକୁ ପ୍ରୟାସ କରାଯାଉଛି।

ରସୁଲପୁର ବ୍ଲକ ସଂଯୋଜକ ମୁକୁନ୍ଦଦେବ ମହାନ୍ତିଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ର ୧୬ନଂ ଜାତୀୟ ରାଜପଥ ମୂଳାପାଳ ଛକ ନିକଟରୁ କୁଆଖିଆ ଥାନା ଅଭିମୂଖେ ବାହାରି ଥିଲା । ଶୋଭାଯାତ୍ରାରେ ଶତାଧିକ ଚାଷୀ ସାମିଲ ହୋଇଥିଲେ । ସେମାନେ ପ୍ରାୟତଃ ୨କି.ମି. ରୁ ଊର୍ଦ୍ଧ୍ୱ ରାସ୍ତା ପାଦରେ ଚାଲିଚାଲି ଥାନା ସମ୍ମୁଖରେ ପହଞ୍ଚି ଥିଲେ। ପୋଲିସ ଚାଷୀମାନଙ୍କୁ ଥାନା ପରିସରକୁ ପୁରାଇ ଦେଇ ନ ଥିଲା । ପୂର୍ବ ପ୍ରସ୍ତୁତି କ୍ରମେ ଥାନା ମୁଖ୍ୟ ଫାଟକ ବନ୍ଦ କରିଦିଆଯାଇଥିଲା। ଚାଷୀମାନେ ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। ଉକ୍ତ ସଭାରେ କଟକ ସର୍ବୋଦୟ ମଣ୍ଡଳର ସମ୍ପାଦକ ରମାକାନ୍ତ ମଣ୍ଡଳ ଅତିଥି ଭାବରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଚାଷୀଙ୍କ ସମସ୍ୟା ସମାଧାନ ନ ହେଲେ ସରକାରଙ୍କୁ ତାର ପରିଣାମ ଭୋଗିବାକୁ ହେବ ବୋଲି ସଂଗଠନର ଉପଦେଷ୍ଟା ସୁଧିର ଚନ୍ଦ୍ର ନାୟକ, ନକୁଳ ରାଉତ, ନାରାୟଣ ଜେନା, ନାରାୟଣ ପତି, ପ୍ରକାଶ ମହାନ୍ତି, ଶ୍ୟାମସୁନ୍ଦର ପଣ୍ଡା, ଉତ୍ତମ ପାଳ, ବଟକୃଷ୍ଣ ସାହୁ, କୃଷ୍ଣଚନ୍ଦ୍ର ସାହୁ, ଧନେଶ୍ୱର ସାହୁ, ସୂର୍ଯ୍ୟମଣି ମହାନ୍ତି, ଅକ୍ଷୟ ନାୟକ, ଭ୍ରମର ମଲିକ, ରବୀନ୍ଦ୍ର ଭୋଇ, ବିଚିତ୍ର ସ୍ୱାଇଁ, ଲକ୍ଷ୍ମୀଧର ପ୍ରଧାନ, ନରେନ୍ଦ୍ର ସାହୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।



ଜଣକ ମୁହଁରୁ ସଦାବେଳେ ହସ ଝରିପାରେ, ତଥାପି ସେ ଅସଲ ସଇତାନ ହୋଇପାରେ।

- ୱିଲିୟମ ସେକ୍ସପିୟର



## ସଂକ୍ଷେପରେ

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ମାତୃ କର୍ମଶାଳା

ବିରଜାକ୍ଷେତ୍ର,୧୫।୧୧(ଡି.ଏନ୍.ଏ.)- ଯାଜପୁର ବ୍ଲକ ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କଲେଜ ଛକର ମାତୃ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଚାଳନା ସମିତି ସଭାପତି ଗୟାଧର ପୁହାଣ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତି କୋଷାଧକ୍ଷ କୁଳମଣି ନାୟକ, ସମ୍ପାଦକ ରବୀନ୍ଦ୍ରନାଥ ସାହୁ, ସଙ୍କୁଳ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ଦ୍ୱିବେଦୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସମ୍ବନ୍ଧରେ ମା' ମାନଙ୍କୁ ସଚେତନ କରାଇଥିଲେ । ପ୍ରଧାନଆଚାର୍ଯ୍ୟ ଅଶୋକ କୁମାର ମିଶ୍ର ଓ ବାଟିକା ପ୍ରମୁଖ ଅଶୋକ କୁମାର ପଣ୍ଡା ଉଭୟ କର୍ମଶାଳାର ଆଭିମୁଖ୍ୟ ଉପରେ ଆଲୋଚନା କରିଥିବା ବେଳେ ବିଦ୍ୟାଳୟର ବରିଷ୍ଠ ଗୁରୁଜୀ ସଞ୍ଜୀବ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଅଭିଭାବିକା ସସ୍ମିତା ସାହୁ କର୍ମଶାଳା ଉଦ୍‌ଘାଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ୩ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ୨ ଶହରୁ ଉର୍ଦ୍ଧ୍ୱ ଅଭିଭାବିକା ଭାଗ ନେଇଥିଲେ । ବିଦ୍ୟାଳୟର ବରିଷ୍ଠ ଗୁରୁଜୀ ପ୍ରୀତିକାନ୍ତ ଦାସ, ସୁଶାନ୍ତ କୁମାର ପଣ୍ଡା, ଅଜୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଧାରଣା

କୋରେଇ,୧୫।୧୧(ସ୍ୱ.ପ୍ର.)- ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଗୁରୁବାର ପାଣିକୋଇଲି ଓ କୋରେଇ ଥାନା ସମ୍ମୁଖରେ ଧାରଣା ଦିଆଯିବା ସହ ଥାନାଧିକାରୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି । ସଙ୍ଗଠନର ଜିଲା ସହ ସଂଯୋଜକ ବସନ୍ତ ନାୟକଙ୍କ ନେତୃତ୍ୱରେ ନେତାଜୀ କ୍ଲବଠାରୁ ଏକ ଶୋଭାଯାତ୍ରା ବାହାରି ଥାନା ସମ୍ମୁଖରେ ପହଞ୍ଚିଥିଲା । ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନସନ୍ ଦାବିରେ ଚାଷୀମାନେ ଧାରଣାରେ ବସିଥିଲେ। କୋରାଇ ବ୍ଲକ ଉପଦେଷ୍ଟା ବଲ୍ଲଭାନନ୍ଦ ପଣ୍ଡା, ଶଶି ଭୂଷଣ ସ୍ୱାଇଁ, କାର୍ତ୍ତିକ ସାହୁ, କୁଳମଣି ଲେଙ୍କା, ମାଧବାନନ୍ଦ ବେହେରା, ହରେକୃଷ୍ଣ ପଣ୍ଡା, ମହେନ୍ଦ୍ର ମହାପାତ୍ର, ରତ୍ନାକର ଖଣ୍ଡାଇ, ବିଶ୍ୱନାଥ ବାରିକଙ୍କ ସମେତ ଶହ ଶହ କୃଷକ ଧାରଣାରେ ସାମିଲ ହୋଇଥିଲେ । ପରେ ଥାନାଧିକାରୀ ଅଜୟ କୁମାର ଜେନାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ସେହିପରି କୃଷକ ନେତା ପ୍ରସନ୍ନ କୁମାର ସ୍ୱାଇଁ ଓ ଲକ୍ଷ୍ମୀଧର ସ୍ୱାଇଁଙ୍କ ନେତୃତ୍ୱରେ କୋରେଇ ଥାନା ସମ୍ମୁଖରେ ଧାରଣା ଦିଆଯିବା ସହ ଥାନାଧିକାରିଣୀ ଚିନ୍ମୟୀ ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା ।

### ଶିଶୁ ଦିବସ ପାଳିତ

ଯାଜପୁରରୋଡ,୧୫।୧୧(ନି.ପ୍ର.)- ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଜନ୍ମଦିନ ଉପଲକ୍ଷେ ଗୁରୁବାର ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଇନର ହୁଇଲ୍ କ୍ଲବ କଳିଙ୍ଗନଗରର ସ୍ଥାନୀୟ ପାଟୁଲି ୟୁଜିଏମଇ ସ୍କୁଲଠାରେ ଛାତ୍ରୀଛାତ୍ରଙ୍କ ଗହଣରେ ଶିଶୁ ଦିବସ ପାଳନ କରାଯାଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ମହାନ୍ ରାଷ୍ଟ୍ରନାୟକ ଜବାହରଲାଲଙ୍କ କର୍ମମୟ ଜୀବନ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । କ୍ଲବ ସଦସ୍ୟା ସଂଯୁକ୍ତା ମହାପାତ୍ର, ହିରଣ୍ମୟୀ ମହାନ୍ତି, ସବିତା ନାୟକ, ଉଷା ମସ୍କରା, ଅପର୍ଣ୍ଣା ଦାଶ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପରେ ପିଲାଙ୍କ ମଧ୍ୟରେ ଫ୍ୟାନ୍ସି ଡ୍ରେସ୍ ପ୍ରତିଯୋଗିତା ଆୟୋଜିତ ହୋଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ସ୍କୁଲର ପ୍ରଧାନଶିକ୍ଷକ ଏବଂ ଅନ୍ୟାନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

### ବିର୍ସା ମୁଣ୍ଡା ଅଗ୍ରଣୀ ସ୍ୱାଧୀନତା ସଂଗ୍ରାମୀ

କାଳିଆପାଣି, ୧୫।୧୧(ଡି.ଏନ୍.ଏ.)- କାଳିଆପାଣି ପଞ୍ଚାୟତର ହାଟପଡ଼ିଆ ନିକଟରେ ଗୁରୁବାର ବିର୍ସା ମୁଣ୍ଡ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶହୀଦ ବିର୍ସା ମୁଣ୍ଡା ଜଣେ ଅଗ୍ରଣୀ ସ୍ୱାଧିନତା ସଂଗ୍ରାମୀ ବୋଲି କହିଥିଲେ। ଏଥିସହ ଆଦିବାସୀ ଅନୁନ୍ନତ ଅଞ୍ଚଳର ବିକାଶ ହେଲେ ଦେଶର ବିକାଶ ହେବ ବୋଲି ସେ କହିଥିଲେ। ଏକ ପଟୁଆରେ ପାରମ୍ପରିକ ଆଦିବାସୀ ନୃତ୍ୟ ଓ ବାଦ୍ୟରେ ମୁଖ୍ୟ ଅତିଥିଙ୍କୁ ପଞ୍ଚସ୍ଥଳକୁ ଅଣାଯାଇଥିଲା। ସଭାରେ ସୁକିନ୍ଦା ପୂର୍ବତନ ଅଧକ୍ଷା ଭଗବତୀ ମହାନ୍ତ, ଶ୍ରମିକ ସଂଘ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର, ଜିଲା ପରିଷଦ ପ୍ରତାପ ପାତ୍ର, ସରପଞ୍ଚ କଳ୍ପନା ଜେନା, ସଙ୍ଗୀତା ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହ ଅବସରରେ ସ୍ଥାନୀୟ ହାଟପଡିଆଠାରେ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ଏକ ଦିନିକିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଘଡ଼ାଇ ଫୁଟବଲ କିକ୍ ମାରି ଖେଳର ଶୁଭାରମ୍ଭ କରିଥିଲେ।

## ■ନୀଳାଚଳ କାରଖାନାର ବ୍ଲାଷ୍ଟ ଫର୍ନେସର ବ୍ଲୋପାଇପ୍ ଫାଟିବା ଘଟଣା

# ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣକାରୀଙ୍କୁ ନୋଟିସ

■ବ୍ଲାଷ୍ଟ ଫର୍ନେସ ଜିଏମ୍, ସିନିୟର ମ୍ୟାନେଜର ଓ ମ୍ୟାନେଜରଙ୍କୁ କୈଫିୟତ ତଲବ

■ଅଭିଜ୍ଞ କର୍ମଚାରୀଙ୍କ ମୁଣ୍ଡରେ ଅଠା ବୋଳା ଚାଲିଛି

ଯାଜପୁର ଅଫିସ,୧୫।୧୧



କଳିଙ୍ଗନଗର ନୀଳାଚଳ ଇସ୍ପାତ ନିଗମରେ ଗତ ଅକ୍ଟୋବର ୭ ତାରିଖ ଭୋର ସମୟରେ ବ୍ଲାଷ୍ଟ ଫର୍ନେସର ବ୍ଲୋପାଇପ ଫାଟି ବିସ୍ଫୋରଣ ଘଟିଥିଲା। ଏହି ଘଟଣାର ବିଧିବଦ୍ଧ ତଦନ୍ତ ନିମନ୍ତେ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣେ ବିସ୍ଥାପିତଙ୍କୁ କମ୍ପାନୀ କର୍ତ୍ତୃପକ୍ଷ ନାଲି ଆଖି ଦେଖାଇଛନ୍ତି। ଏହି ମର୍ମରେ ନୀଳାଚଳ ଇସ୍ପାତ କାରଖାନାର ମାନବସମ୍ବଳ ମୁଖ୍ୟ ଶିରିଶ ମହାପାତ୍ର ତାଙ୍କ ପତ୍ରସଂଖ୍ୟା ଏନଆଇଏନଏଲ/ ଡିଏ/୨୦୧୮ ତାରିଖ ୮।୧୧।୨୦୧୮ରେ ଦୃଷ୍ଟି ଆକର୍ଷଣକାରୀଙ୍କୁ କୈଫିୟତ ତଲବ କରିଛନ୍ତି । ଏହି ପତ୍ରରେ ଅଯଥା ପ୍ରଚାର ପ୍ରସାର କରୁଥିବା ଅଭିଯୋଗ କରି ୩ଦିନ ମଧ୍ୟରେ କମ୍ପାନୀ ନିକଟରେ ଉତ୍ତର ରଖିବାକୁ କୁହାଯାଇଛି। ଏପରି କି ୩ ଦିନ ମଧ୍ୟରେ ଉତ୍ତର ନ ରଖିଲେ କାହିଁକି ବିସ୍ଥାପିତ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ବୋଲି ପତ୍ରରେ ଉଲ୍ଲେଖ ରହିଛି। କମ୍ପାନୀର ଏହି ନାଲିଆଖି ପ୍ରତିବାଦରେ ପୁଣି ଥରେ ୧୦।୧୧।୨୦୧୮ରେ ଶ୍ରମିକ ସଂଗଠନ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଅପରପକ୍ଷରେ ବ୍ଲାଷ୍ଟ ଫର୍ନେସ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିଥିବା ବ୍ଲାଷ୍ଟ ଫର୍ନେସ ଜେନେରାଲ ମ୍ୟାନେଜର(ଜିଏମ୍), ସିନିୟର ମ୍ୟାନେଜର ଓ ମ୍ୟାନେଜରଙ୍କୁ ନୀଳାଚଳ କମ୍ପାନୀର ନିର୍ବାହୀ ନିର୍ଦ୍ଦେଶକ ଆର୍.କେ.ଝା କୈଫିୟତ ତଲବ କରିଥିବା ଜଣାପଡ଼ିଛି।

ଗତ ଅକ୍ଟୋବର ୭ ତାରିଖ ଭୋର ୩ଟା ୪୫ ମିନିଟରେ ବ୍ଲାଷ୍ଟ ଫର୍ନେସ ୧୫ ନମ୍ବର ଟ୍ୟୁୟର ନିକଟରେ ଲାଗିଥିବା ବ୍ଲୋ ପାଇପ ସମ୍ପୂର୍ଣ୍ଣ ଫାଟି ଯାଇଥିଲା। ଫଳରେ ଟ୍ୟୁୟର ଦେଇ ଉତ୍ତପ୍ତ ତରଳ ଆଇରନ ବାହାରିବା ଯୋଗୁ ମଡଗନ କଣ୍ଟ୍ରୋଲ ରୁମରେ ନିଆଁ ଲାଗିଯାଇଥିଲା । ଏଥିରେ କେବୁଲ, ହାଇଡ୍ରୋଲିକ ଲାଇନ ପ୍ରଭୃତି ଯନ୍ତ୍ରାଂଶ ପୋଡି ଯାଇଥିଲା। ଏଥିଯୋଗୁ ପ୍ରାୟ ୨୫ ଦିନ ପର୍ଯ୍ୟନ୍ତ ଉତ୍ପାଦନ ବାଧାପ୍ରାପ୍ତ ହୋଇଥିଲା। ଫଳରେ କମ୍ପାନୀକୁ କୋଟି କୋଟି ଟଙ୍କାର କ୍ଷତି ସହିବାକୁ ପଡିଥିଲା । ସୂଚନାଯୋଗ୍ୟ ଯେ, ଗତ ଏପ୍ରିଲ ମାସ ୨୮ ତାରିଖରେ ପ୍ରାୟ ୮୦ କୋଟି ଟଙ୍କା ଖର୍ଚ୍ଚ କରି ବ୍ଲାଷ୍ଟ ଫର୍ନେସ ମରାମତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏହି ମରାମତି କାର୍ଯ୍ୟ ପ୍ରାୟ ୬ ମାସ ଧରି ଚାଲିଥିଲା। ହେଲେ ମରାମତିର ୬ ମାସ ନ ପୁରୁଣୁ ଏହି ସରକାରୀ କାରଖାନାରେ ଏଭଳି ତ୍ରୁଟି ପରିଲକ୍ଷିତ ହେବା କମ୍ପାନୀ କର୍ତ୍ତୃପକ୍ଷଙ୍କ ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା।

ଏ ସଂକ୍ରାନ୍ତରେ ଶ୍ରମିକ ସଂଗଠନ ପକ୍ଷରୁ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀଙ୍କୁ ଉଚ୍ଚସ୍ତରୀୟ ବୈଷୟିକ କମିଟି, ସିବିଆଇ ଓ ସିରିୟସ ଫ୍ରଡ ଇନଭେଷ୍ଟିଗେସନ ଅଫିସ(ଏସ୍ଏଫ୍ଆଇଓ) ଦ୍ୱାରା ତଦନ୍ତ କରିବାକୁ ଦାବି କରାଯାଇଥିଲା। ଏଭଳି ଦାବି ସଂକ୍ରାନ୍ତରେ ଖବର ପାଇବା ପରେ କମ୍ପାନୀ କର୍ତ୍ତୃପକ୍ଷଙ୍କ ନିଦ ହଜି ଯାଇଥିଲା। ଏଥିରେ ଇତଃସ୍ତତ ହୋଇ କମ୍ପାନୀର ମାନବସମ୍ବଳ ମୁଖ୍ୟ ମହାପାତ୍ର ତଦନ୍ତ ଦାବି କରିଥିବା ଜଣେ ବିସ୍ଥାପିତ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଯାହାକି ସମ୍ବିଧାନର ଅନୁଚ୍ଛେଦ ୧୯(୧)(ଏ)କୁ ଉଲ୍ଲଂଘନ ହେଉଛି ବୋଲି ମତପ୍ରକାଶ ପାଇଛି। ଅନ୍ୟପକ୍ଷେ ବ୍ଲାଷ୍ଟ ଫର୍ନେସ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିଥିବା ବ୍ଲାଷ୍ଟ ଫର୍ନେସ ଜେନେରାଲ ମ୍ୟାନେଜର(ଜିଏମ), ସିନିୟର ମ୍ୟାନେଜର ଓ ମ୍ୟାନେଜରଙ୍କୁ ଦେଇଥିବା କୈଫିୟତ ତଲବ ଘଟଣା ଭିନ୍ନମୋଡ ନେଇଛି । ଯାହାକି କର୍ମଚାରୀ ମହଲରେ ଗଭୀର ଅସନ୍ତୋଷ ଦେଖା ଦେଇଛି । ଯେଉଁ ଅଭିଜ୍ଞ କର୍ମଚାରୀ ଓ ଅଧିକାରୀମାନେ ଦିନରାତି ପରିଶ୍ରମ କରି ଫର୍ନେସ ଚଳାଉଛନ୍ତି ସେମାନଙ୍କୁ ଅଣଦେଖା କରି କେତେକ ଅବସରପ୍ରାପ୍ତ ଅଧିକାରୀଙ୍କୁ ଆଣି ଫର୍ନେସ କାର୍ଯ୍ୟ ଚଳାଉଥିବାରୁ ଏଭଳି ହୋଇଛି ଦୁର୍ଘଟଣା ଘଟିଛି ବୋଲି କାରଖାନାରେ ଆଲୋଚନା ହେଉଛି। ଏପରିକି କାରଖାନାର ଉଚ୍ଚପଦାଧିକାରୀ ନିଜ ସମ୍ପର୍କୀୟ ପାଖ ଲୋକଙ୍କୁ ବ୍ଲାଷ୍ଟଫର୍ନେସ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଦାୟିତ୍ୱ ଦେଇଥିବାରୁ ପୁରୁଣା କର୍ମଚାରୀ ମହଲରେ ମତଭେଦ ସୃଷ୍ଟି ହେବାରେ ଲାଗିଛି। ଯାହାକି କୋଟି କୋଟି ଟଙ୍କା ଖର୍ଚ୍ଚ କରି ମରାମତି ହୋଇଥିବା ବ୍ଲାଷ୍ଟ ଫର୍ନେସରେ ବିପଦ ଆସୁଛି ବୋଲି କୁହାଯାଉଛି। ବାସ୍ତବ ଘଟଣାକୁ ଘଣ୍ଟଘୋଡାଇବା ପାଇଁ ଗରିବ ଓ ବିସ୍ଥାପିତ ନୀରିହ କର୍ମଚାରୀଙ୍କୁ ମାନସିକ ଭାବେ ଦୁର୍ବଳ କରିବାକୁ ପ୍ରୟାସ କରାଯାଉଛି ବୋଲି ମତପ୍ରକାଶ ପାଇଛି।

### ପୂଜାମଣ୍ଡପ ବୁଲିଲେ ସୁକିନ୍ଦା ବିଧାୟକ


ଯାଜପୁରରୋଡ,୧୫।୧୧(ନି.ପ୍ର.) କାଳୀପୂଜା ଯାଜପୁର ସହରର ଗଣପର୍ବ। ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼େଇ ବୁଧବାର ପୂଜାମଣ୍ଡପ ବୁଲିଥିଲେ। ଶାନ୍ତି କମିଟି ସଦସ୍ୟମାନେ ମଧ୍ୟ ବିଧାୟକଙ୍କ ସହ ପୂଜାମଣ୍ଡପ ବୁଲିଥିଲେ। ଶୁକ୍ରବାର ଭସାଣି ହୋଇଥିବାରୁ ଚୋରଦା ଚଣ୍ଡୀ କ୍ଲବ ପକ୍ଷରୁ କାଳୀ ମେଲଣ ଅନୁଷ୍ଠିତ ହେବ। ରଙ୍ଗବେରଙ୍ଗ ବିଦ୍ୟୁତ୍ ଆଲୋକମାଳାରେ ମେଲଣ ପଡ଼ିଆ ସଜ୍ଜା ହୋଇଛି। ଶାନ୍ତିଶୃଙ୍ଖଳାର ସହ ମେଲଣ ପାଇଁ ଆୟୋଜକମାନେ ଲାଗିପଡ଼ିଛନ୍ତି। ବିଧାୟକ ଘଡେଇଙ୍କୁ ଚୋରଦା ଓ ଗୋପବନ୍ଧୁ ନଗର ନହକାଠାରେ ପୂଜା କମିଟି ପକ୍ଷରୁ ସହଯୋଗ କରାଯାଇଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ କୋରେଇ ବିଧାୟକ ଆକାଶ ଦାସନାୟକ ପୂଜାମଣ୍ଡପ ବୁଲିଥିଲେ। ମଣ୍ଡପ ପକ୍ଷରୁ ସେମାନଙ୍କୁ ସ୍ୱାଗତ କରାଯାଇଥିଲା ।

### ବରୀ ଥାନା ଘେରିଲା ନବ ନିର୍ମାଣ କୃଷକ ସଙ୍ଗଠନ

ବରୀ,୧୫।୧୧(ସ୍ୱ.ପ୍ର.)
ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଗୁରୁବାର ୨ ଘଣ୍ଟା ଧରି ବରୀ ଥାନା ସମ୍ମୁଖରେ ସତ୍ୟାଗ୍ରହ କରାଯାଇଛି। ଚାଷୀଙ୍କୁ ଅବହେଳା କରାଯିବା ପ୍ରତିବାଦରେ ଥାନା ଘେରାଉ କରାଯାଇଥିଲା ବୋଲି ସଙ୍ଗଠନର ନେତା ଜୟରାମ ନାୟକ କହିଛନ୍ତି। ବିଷ୍ଣୁଚରଣ ମହାନ୍ତି, କୁଳମଣି ଶୁକ୍ଳ, ପଦ୍ମନ କର, ମାଧବ ଶାନ୍ତି, ଜାନକୀ ଭୂୟାଁ ପ୍ରମୁଖ ଶତାଧିକ କୃଷକ ସତ୍ୟାଗ୍ରହରେ ସାମିଲ ହୋଇଥିଲେ।

## ■ପାଣିକୋଇଲିଠାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି

# ୪ର୍ଥ ଦିନ ଧାରଣାରେ ବସିଲେ ସଂଖ୍ୟାଲଘୁ



ଧାରଣାସ୍ଥଳରେ ବସିଥିବା ସଂଖ୍ୟାଲଘୁ କର୍ମକର୍ତ୍ତା ।

କୋରେଇ,୧୫।୧୧(ସ୍ୱ.ପ୍ର.)

ପାଣିକୋଇଲିଠାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ଡାକରାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଦିଆଯାଇଥିବା ଶାନ୍ତିପୂର୍ଣ୍ଣ ଗଣଧାରଣା ଗୁରୁବାର ୪ର୍ଥ ଦିନରେ ପହଞ୍ଚିଛି । ୪ର୍ଥ ଦିନରେ ସଂଖ୍ୟାଲଘୁଙ୍କ ପକ୍ଷରୁ ଧାରଣା ଦିଆଯାଇଛି। ଗମନାଗମନର ସୁବିଧା, ରାଜ୍ୟର ପ୍ରମୁଖ ସ୍ଥାନ, କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା, ଓ ପର୍ଯ୍ୟାପ୍ତ ସରକାରୀ ଜମି ଉପଲବ୍ଧ ଥିବାରୁ ପାଣିକୋଇଲିଠାରେ ମେଡିକାଲ କଲେଜ ସ୍ଥାପନ କରିବାକୁ ଦାବି କରାଯାଇଥିଲା। ନଚେତ୍ ସରକାରୀ ଭାବେ ଘୋଷଣା ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଓ ଧାରଣା ଚାଲୁ ରହିବ ବୋଲି ମତ ପ୍ରକାଶ ପାଇଥିଲା । ସଂଖାଲଘୁ ଫୋରମ ପକ୍ଷରୁ ସେକ ଜାହାଙ୍ଗିର ଅଲ୍ଲୀଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ଆବାହକ ଧରଣୀଧର ଘଡାଇ, ଯୁଗ୍ମ ଆବାହକ ସୁବାସ ଧଳ, ଶ୍ରମିକ ନେତା ଭ୍ରମରବର ରାଉତ, ସିପିଏମ୍ ନେତା ପ୍ରଫୁଲ୍ଲ ନାୟକ, ଯାଜପୁର ଏକତା ମଞ୍ଚ ସମ୍ପାଦକ ଅକ୍ଷୟ କୁମାର ଜେନା, ମଧୁସୂଦନ ସାହୁ, ନିର୍ମଳ ରଥ, ସନ୍ତୋଷ କୁମାର ବେହେରା, କୃଷକ ନେତା ବଳରାମ ସାହୁ, ପାଣିକୋଇଲି ସମିତିସଭ୍ୟ ସେକ ଜହର ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ। ମିର୍ଜା ସବକତୁଲା ବେଗ, ମହମ୍ମଦ ଇସଲାମ, ସେକ ବାବୁ, ମୁସ୍ତାକ ଖାନ, ସେକ ସାଇରୁଦ୍ଦିନ, ସେକ ରହୁଫ, ଅବଦୁଲ ହାକିମ ଖାଁ, ମୋଲାଜା,ମିର୍ଜା ଆଲଜିରା ବେଗ, ନୃସିଂହ ଚରଣ ଦଳାଇ, ସୁରେନ୍ଦ୍ର ରାୟ,ଚନ୍ଦ୍ରମଣି ସ୍ୱାଇଁ, ନିରଞ୍ଜନ ରାଉତ, ଶଶିକାନ୍ତ ମଲ୍ଲିକ, ରାକେଶ ସାହୁ, ମାନସ ରାୟ, ବୈଷ୍ଣବ ସାହୁ, ରବିନ ଘଡାଇ, ପୂର୍ଣ୍ଣାନନ୍ଦ ପରିଡା ପ୍ରମୁଖ ସହଯୋଗ କରିଥିଲେ । ଶତାଧିକ ସଂଖ୍ୟାଲଘୁ ଧାରଣାରେ ଯୋଗ ଦେଇଥିଲେ।

## କର୍କଟ ରୋଗ ଉପରେ ସଚେତନତା କାର୍ଯ୍ୟକ୍ରମ

ରତ୍ନଗିରି,୧୫।୧୧(ଡି.ଏନ୍.ଏ.)

ବରୀସ୍ଥିତ କୃପାସିନ୍ଧୁ ବିଦ୍ୟାଭବନର ଏନ୍‌ସିସି ଛାତ୍ରୀଛାତ୍ର ଗୁରୁବାର ଏକ ଅଭିନବ ଉପାୟରେ କର୍କଟ ରୋଗ ଉପରେ ସଚେତନତା କାର୍ଯ୍ୟକ୍ରମ କରିଥିଲେ। ଶିକ୍ଷକ ତୁଷାରକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଏନ୍‌ସିସି ଛାତ୍ରୀଛାତ୍ର ବିଦ୍ୟାଳୟ ପରିସରରୁ ବାହାରି ବରୀ ତହସିଲ୍ କାର୍ଯ୍ୟାଳୟ ଫାଟକ ନିକଟରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ତମାଖୁ ବର୍ଜନ କରିବା ସହ କ୍ୟାନ୍‌ସରମୁକ୍ତ ସମାଜ ଗଠନ ପାଇଁ ବାର୍ତ୍ତା ଦେଇଥିଲେ । ବରୀ ବଜାରରେ ଥିବା ସମସ୍ତ ଜନସାଧାରଣ ଏହିସଚେତନତାକୁ ସଫଳ କରିବା ପାଇଁ ଉଦ୍ୟମ କରିଥିଲେ। ସାରା ବିଶ୍ୱ ପାଇଁ ଏହି କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି ବୋଲି ଛାତ୍ରୀଛାତ୍ର କହିଛନ୍ତି।

## ବଜାରରେ ହିରୋ ମୋଟୋକର୍ପର ଡେଷ୍ଟିନି-୧୨୫ସିସି ସ୍କୁଟର

ଯାଜପୁରରୋଡ,୧୫।୧୧(ନି.ପ୍ର.)

ହିରୋ ମୋଟୋକର୍ପର ଯାଜପୁରରୋଡସ୍ଥିତ ଡିଲର ସୌମିକ୍ ଅଟୋମୋବାଇଲରେ ପ୍ରିମିୟମ ଡେଷ୍ଟିନି- ୧୨୫ ସିସି ସ୍କୁଟର ଗୁରୁବାର ଅପରାହ୍ନରେ ବଜାର ପ୍ରବେଶ କରିଛି। ଏହି ମଡେଲ୍‌କୁ ଯାଜପୁରରୋଡ ଆଇଆଇସି ଅମିତାଭ ମହାପାତ୍ର ଉନ୍ମୋଚନ କରିଥିଲେ। ଏହି ଅବସରରେ ଶୋ'ରୁମ୍‌ର ସ୍ୱତ୍ୱାଧିକାରୀ ବାଦଲ କୁମାର ସାମଲ, ବଚନ କୁମାର ସାମଲ, କଷ୍ଟମର କେୟାର ଏବଂ ପାର୍ଟ ବିଜିନେସ୍ ସେଲର୍ସ ମୁଖ୍ୟ ସଞ୍ଜୟ ଭାନ୍ ପ୍ରମୁଖ ଉପସ୍ଥିତ ଥିଲେ। ଏହା ଦୁଇଟି ଭାରିଆଣ୍ଟରେ ଉପଲବ୍ଧ। ଭିଏକ୍ସ ଭାରିଅଣ୍ଟର ମୂଲ୍ୟ ୬୦,୦୦୦ ଟଙ୍କା ଏବଂ ଏଲଏକ୍ସ ଭାରିଆଣ୍ଟର ମୂଲ୍ୟ ୫୬,୯୫୦ ଟଙ୍କା ରହିଛି। ପ୍ରଥମ ସ୍କୁଟର ଭାବେ ଏଥିରେ ଆଇ-୩-ଏସ୍ ଟେକ୍ନୋଲୋଜି ରହିଛି।

### ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଯାଜପୁର ସଦର ଥାନା ଘେରାଉ

ବିରଜାକ୍ଷେତ୍ର, ୧୫।୧୧ (ଡି.ଏନ୍.ଏ.)
ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନସନ୍ ଦାବିରେ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଗୁରୁବାର ଯାଜପୁର ସଦର ଥାନା ଘେରାଉ କରାଯାଇଛି। ପୋଲିସର ଅମାନୁଷିକ କାର୍ଯ୍ୟକୁ ବିରୋଧ କରି ତାହାର ପ୍ରତିବାଦରେ ଦୁଇ ଦିନ ତଳେ ପ୍ରତି ପଞ୍ଚାୟତରେ ଚାଷୀମାନେ ଧାରଣା ଦେଇଥିବା ଦେଖିବାକୁ ମିଳିଥିଲା। ଅକ୍ଷୟ ମହାରାଜଙ୍କ ନେତୃତ୍ୱରେ ନବ ନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ ସହ ସଂଯୋଜକ ନିମାଇଁ ରାୟ, ପ୍ରତାପ କୁମାର ନାୟକ, ଗଦାଧର ଦାସ, ବାସୁଦେବ ସ୍ୱାଇଁ, ଅକ୍ଷୟ ମହାରଣା, ବଳରାମ ପରିଡା, ନରେଶ ସାମଲ ପ୍ରମୁଖ ପୋଲିସ ମହା ନିର୍ଦ୍ଦେଶକଙ୍କ ଉଦେଶ୍ୟରେ ସଦରଥାନା ଏସଆଇ ମନୋରଞ୍ଜନ ଦାସଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି ନବନିର୍ମାଣ ସଂଘର ନେତୃତ୍ୱରେ ଯାଜପୁର ଥାନା ଘେରାଉ କରାଯାଇଥିଲା । ନକୁଳ ନାୟକଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଯାଜପୁର ଥାନାରେ ଧାରଣା ଦେବାସହ ଦାବିପତ୍ର ପ୍ରଦାନ କରିଥିଲେ ।

## ଅନନ୍ୟାର ୧୦ମ ରାଜ୍ୟସ୍ତରୀୟ ପୁସ୍ତକମେଳା ପାଇଁ ବୈଠକ

ବିରଜାକ୍ଷେତ୍ର,୧୫।୧୧(ଡି.ଏନ୍.ଏ.)

ଯାଜପୁରରେ ୧୦ମ ରାଜ୍ୟସ୍ତରୀୟ ପୁସ୍ତକମେଳା ଅନୁଷ୍ଠିତ ହେବା ନିମନ୍ତେ ଅନନ୍ୟା ସାହିତ୍ୟ ସଂସଦ ତରଫରୁ ଗୁରୁବାର ଜିଲାପାଳ ରଞ୍ଜନ କୁମାର ଦାସଙ୍କ ଆବାସିକ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସନ୍ତୋଷ କୁମାର ନନ୍ଦ ଅଧ୍ୟକ୍ଷତା କରିଥିଲେ। ଗତ ବର୍ଷ ଭଳି ଜିଲା ସ୍କୁଲ ପଡ଼ିଆରେ ପୁସ୍ତକମେଳା ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଗଲା । ଜିଲା ପ୍ରଶାସନ ତରଫରୁ ପୁସ୍ତକମେଳା ସହ ସମ୍ପର୍କିତ ସମସ୍ତ ବିଭାଗଗୁଡ଼ିକୁ ସହଯୋଗଲାପାଳଙ୍କୁ ଦାୟିତ୍ୱ ଦିଆଗଲା । କଲେଜ ଅଧ୍ୟକ୍ଷଙ୍କ ଏକ ବୈଠକ ଡକାଯାଇ ପୁସ୍ତକ ମେଳାରେ ଅଧିକରୁ ଅଧିକ ଉପାଦେୟ ପୁସ୍ତକ କଲେଜ ଲାଇବ୍ରେରୀ ପାଇଁ କିଣିବାକୁ ପରାମର୍ଶ ଦେଇଥିଲେ । ଆନୁଷଙ୍ଗିକ ବିଭାଗଗୁଡ଼ିକ ମଧ୍ୟରେ ପୌରପାଳିକାଙ୍କୁ ପ୍ରତିଦିନ ପୁସ୍ତକମେଳା ପରିସରକୁ ସଫେଇ ଓ ପରିଷ୍କାର ରଖିବାପାଇଁ ଚିଠି କରାଯିବା ସଙ୍ଗେ ସଙ୍ଗେ ଅଗ୍ନିଶମ ବିଭାଗ, ବିଦ୍ୟୁତ୍ ବିଭାଗ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ସଂସ୍କୃତି ସୂଚନା ଓ ଲୋକସମ୍ପର୍କ ବିଭାଗ, ଶିକ୍ଷା, ସ୍ୱାସ୍ଥ୍ୟ, ପିଏଚ୍‌ଡି, କୃଷି, ଉଦ୍ୟାନ, ଜଳ ପରିମଳ ବିଭାଗକୁ ଡକାଇ ସେମାନଙ୍କୁ ତାଙ୍କ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇବାକୁ ଉପଜିଲାପାଳଙ୍କୁ ଲିଖିତ ନିର୍ଦ୍ଦେଶ ଦେଇଥିଲେ । ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ସହକାରୀ ଜିଲାପାଳ ଉମେଶ ଲେଙ୍କା, କୁଳମଣି ନାୟକ, ଶୁଭଦର୍ଶନ ମିଶ୍ର କ୍ରୀଡ଼ାଧିକାରୀ ଫକୀର ମୋହନ ଟୁଡୁ, ସଂସ୍କୃତି, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ଅନୁଷ୍ଠାନ ତରଫରୁ ସମ୍ପାଦକ କାହ୍ନୁଚରଣ ମିଶ୍ର, ସଙ୍ଗଠନ ସମ୍ପାଦକ ହୃଷୀକେଶ ପତି, ଉପସଭାପତି ବିଭୂତି ମହାପାତ୍ର, ସହ ସମ୍ପାଦକ ଅଧାପକ ପୂର୍ଣ୍ଣଚନ୍ଦ୍ର ସାମଲ, ଉପଦେଷ୍ଟା ଉଦୟ ନାରାୟଣ ପରିଡ଼ା, ଅଧ୍ୟକ୍ଷ ଅନୀଲ ମହାନ୍ତି ପ୍ରମୁଖ ବୈଠକରେ ଯୋଗଦେଇଥିଲେ ।

## ଜିଲାସ୍ତରୀୟ ଆଧ୍ୟାତ୍ମିକ ଆଲୋଚନାଚକ୍ର

ସିଂହପୁର,୧୫।୧୧(ଡି.ଏନ୍.ଏ.)

ମଲ୍ଲିଆ-ଫତେପୁରଠାରେ ଭଗବତ ପ୍ରେମୀ ଶିବ ପ୍ରସାଦ ସାହୁଙ୍କ ଏକାଦଶାହ ଦିବସ ଅବସରରେ ବୁଧବାର ଜିଲାସ୍ତରୀୟ ଆଧ୍ୟାତ୍ମିକ ଆଲେଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମାଜିକ କର୍ମୀ ହରେକୃଷ୍ଣ ସାହୁ ସଭାପତିତ୍ୱ କରିଥିଲେ। କବି ପ୍ରାଧାପକ ଶ୍ରୀହରି ଧଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆମ ଉର୍ଦ୍ଧ୍ୱରେ ସବୁବେଳେ ଦିବ୍ୟ ଚେତନା ବିଦ୍ୟମାନ ବୋଲି କହିଥିଲେ। ଅଖିଳଚକ୍ରର ସମ୍ପାଦକ ହରେକୃଷ୍ଣ ପଣ୍ଡା ମୁଖ୍ୟ ବକ୍ତାଭାବେ ଯୋଗଦେଇ ଭାରତୀୟ ସଂସ୍କୃତିର ମୂଳାଧାର, ମୌଳିକତା ଓ ମହନୀୟତା ହେଉଛି ଆଧ୍ୟାତ୍ମିକତା ବୋଲି କହିଥିଲେ। ଆନନ୍ଦମୟୀ ଶିଶୁନିକେତନର ଅଧ୍ୟକ୍ଷ ଅକ୍ଷୟ କୁମାର ଦାସ, ଅଧ୍ୟାପକ ତୁହିନାଂଶୁ ରଥ, ଅକ୍ଷର ସାରସ୍ୱତ ପତ୍ରିକାର ସମ୍ପାଦକ ଅମିୟ ପାଣ୍ଡବ ଯୋଗଦେଇ ମଣିଷ ସବୁବେଳେ ସତ୍ୟ, ନ୍ୟାୟ ଓ ସମତାକୁ ଭଲ ପାଇ ଚାଲିଛି ବୋଲି କହିଥିଲେ। ବିଶିଷ୍ଟ ପ୍ରାବନ୍ଧିକ ପ୍ରଶାନ୍ତ କୁମାର ବିଶ୍ୱାଳ, କବି ପିନାକୀ ସିଂହ, ସମ୍ଭାବନାର ସମ୍ପାଦକ ରାକେଶ ମିଶ୍ର ପ୍ରମୁଖ ବହୁ ସାହିତ୍ୟିକ, କବି ଓ ଲେଖକ ଯୋଗଦେଇ ନିଜସ୍ୱ ମତ ରଖିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଧର ସାହୁ, ସୁସାହିତ୍ୟିକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଅନିରୁଦ୍ଧ ସାହୁ, ପଂଚାନନ ସାହୁ, ରତ୍ନାକର ସାହୁ, ପଞ୍ଚାନନ ସାହୁ, ହେମଲତା ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ସ୍ୱର୍ଗତ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଔପନ୍ୟାସିକ ଶରତ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆମ ଗାଁ ଆମ ବିକାଶ କାର୍ଯ୍ୟରେ ଅନିୟମିତତା

କୋରେଇ,୧୫।୧୧(ସ୍ୱ.ପ୍ର.)



ସହଗାଁ ଗ୍ରାମରେ ଯୁବ ବିକାଶ କେନ୍ଦ୍ର ନିର୍ମାଣ ଚାଲିଛି ।

କୋରେଇ ବ୍ଲକରେ ରାଜ୍ୟ ସରକାରଙ୍କ ଆମ ଗାଁ ଆମ ବିକାଶ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଦେଖାଦେଇଛି। ବ୍ଲକର ୨୮ ପଞ୍ଚାୟତରେ ଏହି ଯୋଜନା ମାଧ୍ୟମରେ କାର୍ଯ୍ୟ ହେବା ପାଇଁ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ସରକାରୀ ନିୟମ ଅନୁଯାୟୀ ବିଭାଗୀୟ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ଦିଆଯାଇଛି। କିନ୍ତୁ ସରକାରୀ ନିୟମ ଉଲ୍ଲଂଘନ କରି ଜମିପଟ୍ଟା ନ ଥିବା ଗୋଚର, ଜଙ୍ଗଲ କିସମ, ଜଳାଶୟ, ସ୍କୁଲ ଜମି ଆଦି ସ୍ଥାନରେ କାର୍ଯ୍ୟ କରାଯାଉଛି। ପଞ୍ଚାୟତ ସମିତିର ଉନ୍ନୟନ ବିଭାଗ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ଦେବା ସମୟରେ ସ୍ଥାନୀୟ ରାଜସ୍ୱ ନିରରୀକ୍ଷକଙ୍କଠାରୁ ଆସିଥିବା କାର୍ଯ୍ୟର ଜମିପଟ୍ଟା, ପାଉତି ଓ ସମ୍ପୃକ୍ତ ସ୍ଥାନର ନକ୍ସା ରଖି ଜାଗା ଚିହ୍ନଟ କରି କାର୍ଯ୍ୟାଦେଶ ଦେବା କଥା। କିନ୍ତୁ ଉନ୍ନୟନ ବିଭାଗ ଏହା ନ କରି କିପରି କାର୍ଯ୍ୟାଦେଶ ଦେଉଛି ତାହା ତଦନ୍ତ ସାପେକ୍ଷ। ଅନ୍ୟପକ୍ଷରେ ଯନ୍ତ୍ରୀଙ୍କ ଉପସ୍ଥିତିରେ ଜିଏସ୍‌ଟି ନଂ. ଥିବା ଜୋଗାଣକାରୀଙ୍କଠାରୁ ବ୍ୟୟ ଅଟକଳ ଅନୁଯାୟୀ ଆବଶ୍ୟକ ପରିମାଣର ଉପକରଣ ସଂଗ୍ରହ କରିବା ପରେ କାମ ଆରମ୍ଭ କରିବା କଥା। କିନ୍ତୁ ଅନେକ ପଞ୍ଚାୟତରେ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଅଳ୍ପ ଉପକରଣରେ କାମ କରାଯାଉଥିବା ଦେଖାଯାଇଛି। ଏ ନେଇ ପ୍ରାୟ ୨୮ ପଞ୍ଚାୟତର ଲୋକେ ବାରମ୍ବାର କୋରେଇ ବିଡିଓଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ସେହିପରି କାଚରାସାହି ପଞ୍ଚାୟତର ଯୁବ ବିକାଶ କେନ୍ଦ୍ର ନିର୍ମାଣ ପାଇଁ ୩ ଲକ୍ଷ ଟଙ୍କା ଅନୁଦାନ ଆସିଥିଲା। କିନ୍ତୁ ଏହା ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ବିନା ପିଲରରେ ଜଳାଶୟ କିସମ ଥିବା ଜମିରେ ନିର୍ମାଣ କରାଯାଉଛି। ଏ ନେଇ ଗ୍ରାମବାସୀ କୋରେଇ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ବିଡିଓ କିଛି ଶୁଣି ନ ଥିଲେ। ସେହିପରି କାଚରାସାହି ପଞ୍ଚାୟତ ସହଗାଁ ଗ୍ରାମର କଜୁଳାଇ ପୀଠଠାରେ ଯୁବ ବିକାଶ କେନ୍ଦ୍ର ନିର୍ମାଣ ପାଇଁ ୩ ଲକ୍ଷ ଟଙ୍କା ଅନୁଦାନ ଆସିଥିଲା। ପୀଠର ବେଢ଼ା ଭାଙ୍ଗି ଆଗରେ ଯାଇଥିବା ପ୍ରଧାନମନ୍ତ୍ରୀ ସଡକକୁ ସଂଲଗ୍ନ କରି ଯୁବ ବିକାଶ କେନ୍ଦ୍ର ନିର୍ମାଣ କରାଯାଉଛି। ଏହିପରି ବିନା ସୂଚନା ଫଳକରେ ଜମିପଟ୍ଟା ନ ଥିବା ସ୍ଥାନରେ କାମ କରାଯାଉଛି। ଏ ବିଷୟରେ ବିଡିଓଙ୍କୁ ପଚାରିବାରେ, ଚିରାଚରିତ ଢଙ୍ଗରେ ତଦନ୍ତ କରାଯିବ ବୋଲି କହିଥିଲେ । କିନ୍ତୁ ଭିଜିଲାନ୍ସ ପକ୍ଷରୁ ବ୍ଲକ ପ୍ରଶାସନର କାର୍ଯ୍ୟରତ କର୍ମଚାରୀଙ୍କ ସମ୍ପତ୍ତି ଯାଞ୍ଚ କରାଗଲେ କେତେ ସରକାରୀ ଅର୍ଥ ଆତ୍ମସାତ୍ ହେଉଛି ତାହା ଜଣାପଡ଼ିବ ବୋଲି କାଠି ବେହେରା, ହେମନ୍ତ କୁମାର ବାରିକ, ବସନ୍ତ ପୃଷ୍ଟି, ବିଷ୍ଣୁ ରଥ ପ୍ରମୁଖ ଅଭିଯୋଗକାରୀ କହିଛନ୍ତି।

# ଟୁରିଷ୍ଟ ଭିଜାରେ ଆସିଥିଲେ, ଏବେ ଭାରତୀୟ ନାଗରିକ

- ସନ୍ଦେହରେ ଅମିତ୍ ରାୟଙ୍କ ଆଧାର କାର୍ଡ, ପରିଚୟ ପତ୍ର
- ବାଂଲାଦେଶରୁ ଟୁରିଷ୍ଟ ଭିଜାରେ ଓଡ଼ିଶା ଆସି ଭାରତୀୟ ପାସପୋର୍ଟ ପାଇଁ ଉଦ୍ୟମ କରୁଛନ୍ତି
- ଅମିତ୍‌ଙ୍କ ପ୍ରକୃତ ପରିଚୟ ପାଇଁ ଜିଲା ପ୍ରଶାସନର ତଦନ୍ତ ଆରମ୍ଭ

**କେନ୍ଦ୍ରାପଡ଼ା ଅଫିସ, ୧୫।୧୧**

ଖୋଲାମେଲା ସମୁଦ୍ରତଟ ବାଂଲାଦେଶୀଙ୍କ ଅନୁପ୍ରବେଶକାରୀଙ୍କୁ ସୁହାଉଥିବା ବେଳେ କେତେଜଣ ଟୁରିଷ୍ଟ ଭିସାରେ ଆସି ଏଠାକାର ପରିଚୟ ପତ୍ର, ପ୍ୟାନ କାର୍ଡ ଓ ଆଧାର କାର୍ଡ ଆଦି ହାତଉଛନ୍ତି। ଏଭଳି ଏକ ଘଟଣା ନଜରକୁ ଆସିଛି ମହାକାଳପଡ଼ା ବ୍ଲକ ବଟୀଘର ପଞ୍ଚାୟତ ବରକୋଳିଖୋଲା ଗ୍ରାମରେ। ଅମିତ୍ ରାୟ ନାମକ ଜନୈକ ଯୁବକ ନିଜକୁ ସେହି ଗ୍ରାମର ସୁଭଦ୍ରା ରାୟ ଓ ବିକାଶଚନ୍ଦ୍ର ରାୟଙ୍କ ପୁଅ ବୋଲି ପରିଚୟ ଦେଉଥିବା ବେଳେ ତାଙ୍କ ପରିଚୟ ନେଇ ଜିଲା ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

ଅମିତ୍ ପ୍ରକୃତରେ ବାଂଲାଦେଶ ବଜରହାଟ ଜିଲା ଚତଲମାରି ଥାନା ଅରୁଳିଆ ଗ୍ରାମର ଆଶାଲତା ରାୟ ଓ ବିଧାନ ରାୟଙ୍କ ପୁଅ। ବାଂଲାଦେଶ ଢାକାସ୍ଥିତ ଟେକ୍ନିକାଲ ଏଜୁକେଶନ ବୋର୍ଡ ଅଧୀନରେ ସେକେଣ୍ଡାରୀ ସ୍କୁଲ ବୈଷୟିକ ବିଭାଗରେ ସେ ପ୍ରମାଣପତ୍ର ପାଇଛନ୍ତି। ଏଥିସହିତ ସେଠାକାର ବରିସାଲସ୍ଥିତ କେବି ହେମାୟତ ଉଦ୍ଦିନ ରୋଡ୍‌ସ୍ଥିତ ଦିକି କମ୍ପ୍ୟୁଟର ଟ୍ରେନିଂ ସେଣ୍ଟରରୁ କମ୍ପ୍ୟୁଟର ଶିକ୍ଷା ଗ୍ରହଣ କରିଛନ୍ତି। ତେବେ ଅମିତ୍ ମହାକାଳପଡା ବ୍ଲକ ରାମନଗରର ସରସ୍ୱତୀ ଶିଶୁ ମନ୍ଦିରରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିଲେ ସୁଦ୍ଧା ସେ ବାଂଲାଦେଶର ବୋଲି ବହୁ ତଥ୍ୟ ସୂଚାଉଛି। ସେ ଏବେ ଟୁରିଷ୍ଟ ଭିସା ଯୋଗେ ବାଂଲାଦେଶରୁ ମହାକାଳପଡ଼ା ଯାଆସ କରୁଥିବା ବେଳେ ଏଠାକାର ଆଧାର କାର୍ଡ, ପ୍ୟାନକାର୍ଡ, ଭୋଟର ପରିଚୟପତ୍ର ଆଦି ହାତେଇଛନ୍ତି। ସୁଭଦ୍ରା ରାୟ ଓ ବିକାଶ ଚନ୍ଦ୍ର ରାୟଙ୍କ ପୁଅ ବୋଲି ନିଜକୁ ଦର୍ଶାଉଥିବା ଅମିତ୍‌ଙ୍କ ନାଁ ରାଶନକାର୍ଡରେ ନାହିଁ। ଏବେ ସେ ମହାକାଳପଡ଼ାବାସୀ ଭାବେ ପାସପୋର୍ଟ ହାସଲ ପାଇଁ ଉଦ୍ୟମ ଚଳାଇଛନ୍ତି। ପଶ୍ଚିମବଙ୍ଗର ବେଲଦାଠାରେ ତାଙ୍କ ନାମରେ ଏକ ଜାଗା ଥିବା ମଧ୍ୟ ଜଣାପଡିଛି। ଏ ସମ୍ପର୍କରେ ଜିଲା ପ୍ରଶାସନ ନିକଟରେ ଖବର ପହଞ୍ଚିବା ପରେ ଜିଲାପାଳ ଦାଶରଥି ଶତପଥୀ ଗୁରୁବାର ଏଡିଏମ୍ ବସନ୍ତ କୁମାର ରାଉତଙ୍କୁ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସେ ପ୍ରକାଶ କରିଛନ୍ତି ଯେ, ଅନୁପ୍ରବେଶକୁ ରୋକିବା ପାଇଁ ସ୍ଥାନୀୟ ଅଧିବାସୀ ପ୍ରଶାସନକୁ ସୂଚନା ଦେବା ଆବଶ୍ୟକ। ଏହାଦ୍ୱାରା ପ୍ରଶାସନିକ ତଦନ୍ତକୁ ତ୍ୱରାନ୍ୱିତ କରାଯାଇ ପାରିବ।

ଅପରପକ୍ଷରେ ବାଂଲାଦେଶୀଙ୍କ ଏପରି ଅନୁପ୍ରବେଶ ପାଇଁ ପଥ ପରିଷ୍କାର କଥା କେନ୍ଦ୍ରାପଡାରେ ନୂଆ ନୁହେଁ। ୧୯୭୧ ବାଂଲାଦେଶ ଯୁଦ୍ଧ ସମୟରେ ମହାକାଳପଡାରେ ୧୬୪୯ ଜଣ ଶରଣାର୍ଥୀଙ୍କୁ ସ୍ଥାନ ଦିଆ ଯାଇଥିଲା। ମାତ୍ର ୨୦୧୧ ଜନଗଣନା ବେଳେ ଜିଲାରେ ପ୍ରାୟ ୭୮ ହଜାର ବାଂଲାଦେଶୀଙ୍କୁ ଠାବ କରାଯାଇଥିବା ବେଳେ ୩୯ ହଜାର ଲୋକଙ୍କୁ ଭୋଟର ପରିଚୟ ପତ୍ର ପ୍ରଦାନ କରାଯାଇଥିବା ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ବୈଠକରେ ସୂଚନା ମିଳିଥିଲା। ସେହିପରି ଜିଲାରେ ୨୦୦୫ରେ ପ୍ରଶାସନିକସ୍ତରରେ ସର୍ଭେ କରାଯାଇ ମହାକାଳପଡା ବ୍ଲକର ୧୫୫୧ ଜଣ, ପଟ୍ଟାମୁଣ୍ଡାଇର ୯୦ ଜଣ ଓ ରାଜନଗର ବ୍ଲକର ୩୦ ଜଣ ଅନୁପ୍ରବେଶକାରୀଙ୍କୁ ଦେଶାନ୍ତରୀ ନୋଟିସ ଦିଆଯାଇଥିଲା, ଯାହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇପାରିନାହିଁ। ତେବେ ଚଳିତ ଭୋଟର ପରିଚୟ ପତ୍ର ସଂଶୋଧନ ସମୟରେ ୧୩୭ ଜଣଙ୍କ ପରିଚୟପତ୍ର ଜିଲା ପ୍ରଶାସନ ପକ୍ଷରୁ ରଦ୍ଦ କରି ଦିଆଯାଇଛି। ଅନୁପ୍ରବେଶ ସମସ୍ୟା ଏବେ କେନ୍ଦ୍ରାପଡା ସମେତ ଜଗତ୍‌ସିଂହପୁର, ଅବିଭକ୍ତ କୋରାପୁଟ, ରାୟଗଡା, ନବରଙ୍ଗପୁର, କଳାହାଣ୍ଡି, ବାଲେଶ୍ୱର, ଭଦ୍ରକ, ଯାଜପୁର ଜିଲା ସମେତ ରାଜ୍ୟର ୭୨ଟି ସହରକୁ ମାଡିଗଲେଣି ବୋଲି ଏକ ବେସରକାରୀ ସଂସ୍ଥା ଆକଳନରେ ଦର୍ଶାଇଛି। ଖୋଲାମେଲା ସମୁଦ୍ର, କର୍ମଚାରୀ ନଥିବା ଜିଲାର ୩ଟି ସାମୁଦ୍ରିକ ଥାନା ଅନୁପ୍ରବେଶ ପାଇଁ ସୁଯୋଗ ସୃଷ୍ଟି କରୁଛି। ଏଥିପାଇଁ ତଟାଞ୍ଚଳ ଅସୁରକ୍ଷିତ ହୋଇଥିବା ବେଳେ ରାଜ୍ୟ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେନ୍ଦ୍ରାପଡ଼ା ଜିଲାରେ ଅନୁପ୍ରବେଶ ରୋକିବାକୁ ଜିଲା ପ୍ରଶାସନ ପକ୍ଷରୁ ୬ଟି ଜେଟିରେ ବାୟୋମେଟ୍ରିକ ପଦ୍ଧତି ଲାଗୁ ପାଇଁ ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ଏହା କାର୍ଯ୍ୟକାରୀ ହୋଇନାହିଁ। ଅନୁପ୍ରବେଶକାରୀଙ୍କ ଚିହ୍ନଟ ସମସ୍ୟା ଦୂର ପାଇଁ ୧୯୫୧ର ପ୍ରଜାସ୍ୱତ୍ୱ ଓ ୧୯୭୧ ମାର୍ଚ୍ଚ ୨୪ ତାରିଖର ଭୋଟର ଲିଷ୍ଟ ତଦାରଖ ପାଇଁ ବହୁ ବୁଦ୍ଧିଜୀବୀ ମତ ଦେଇଛନ୍ତି।

## ସଂକ୍ଷେପରେ

### ନବ ନିର୍ମାଣ କୃଷକ ସଂଗଠନର ଥାନା ଘେରାଉ




କେନ୍ଦ୍ରାପଡା ଅଫିସ, ୧୫।୧୧: ନବ ନିର୍ମାଣ କୃଷକ ସଂଗଠନ କେନ୍ଦ୍ରାପଡା ବ୍ଲକ ଶାଖା ପକ୍ଷରୁ ପୂର୍ବ ଘୋଷଣା ଅନୁଯାୟୀ ଗୁରୁବାର ସଦର ଥାନା ଘେରାଉ କରାଯାଇଥିଲା। ପ୍ରାଇସ, ପ୍ରେଷ୍ଟିଜ ଓ ପେନସନ ଦାବିରେ ଲଗାତର ୧୫ବର୍ଷ ଧରି ଲଢେଇ କରୁଥିବା ଏହି ସଂଗଠନ ଆହ୍ୱାନରେ ଗତ ଅକ୍ଟୋବର ୨୯ତାରିଖଠାରୁ ଚଳିତ ମାସ ୫ତାରିଖ ପର୍ଯ୍ୟନ୍ତ ଆନ୍ଦୋଳନ ଓ ପଦଯାତ୍ରା ହୋଇଥିଲା। ତେବେ ଭୁବନେଶ୍ୱରରେ ପହଞ୍ଚିବାରେ ପୋଲିସ ପ୍ରଶାସନ ବାଧା ସୃଷ୍ଟି କରିଥିଲା। ଏ ସମ୍ପର୍କରେ ବ୍ଲକ ସଂଯୋଜକ ରବୀନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି ଯେ, ସଂଗଠନ ସଦସ୍ୟଙ୍କୁ ଭୁବନେଶ୍ୱର ସମାବେଶ ପାଇଁ ଅନୁମତି ମିଳି ନଥିଲା। ଏଥିପାଇଁ ଏହି ପ୍ରତିବାଦ କରାଯାଉଛି। ଏହି ଥାନା ଘେରାଉରେ କୃଷକ ନେତା ରମଣୀରଞ୍ଜନ ରାଉତରାୟ, ଧରଣୀଧର ସାହୁ, ଅମୀୟ ପାଣ୍ଡବ, ସୀତାକାନ୍ତ ନାୟକ, ହୃଷୀକେଶ ନାୟକ, ଜୟନ୍ତ ଲେଙ୍କା ପ୍ରମୁଖ ନେତୃତ୍ୱ ନେଇଥିଲେ।

### ବିଶିଷ୍ଟ ଶିକ୍ଷାବିତ୍‌ଙ୍କ ବିୟୋଗରେ ଶୋକ

**ରାଜନଗର, ୧୫।୧୧ (ଡି.ଏନ୍.ଏ.):** ରାଜନଗର ବ୍ଲକ ବାଲିସାହିପାଟଣା ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ଦୁଃଶାସନ କବି(୭୨)ଙ୍କ ବିୟୋଗରେ ରାଜନଗର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ କବି ରାଜନଗର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଭାବେ କାର୍ଯ୍ୟ କରି ଅବସର ନେଇଥିଲେ। ସେ ରାଜନଗର ବ୍ଲକ ଯାଦବ ମହାସଭାର ସଭାପତି, ଜିଲା ଯାଦବ ମହାସଭାର ଉପସଭାପତି ଓ ବ୍ଲକ ବିଜେଡି ଉପଦେଷ୍ଟା ଦାୟିତ୍ୱରେ ଥିଲେ। ତାଙ୍କ ମର ଶରୀରକୁ ଶୋଭାଯାତ୍ରାରେ ବାଲିସାହିପାଟଣାରୁ ରାଜନଗର ହାଇସ୍କୁଲକୁ ଅଣାଯାଇଥିଲା। ଗ୍ରାମ ପାରିକ୍ରମା ପରେ ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ମୃତ୍ୟୁରେ ବିଧାୟକ ଅଂଶୁମାନ ମହାନ୍ତି, ଜିଲା ବିଜେଡି ସଭାପତି ଧ୍ରୁବ ସାହୁ, ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ, ଜଗବନ୍ଧୁ ନାୟକ, ସୁରେନ୍ଦ୍ର ପ୍ରସାଦ ରାଉତ, ପଞ୍ଚାୟତ ସମିତି ଅଧକ୍ଷ ଜୟୀରାମ ସେଠୀ, ଭାଜପା ଜିଲା ମିଡିଆ ପ୍ରଭାରୀ ବିଜୟ ନାୟକ, ଯାଦବ ମହାସଂଘ ସଭାପତି ମୋହନ ଚରଣ ଦାସ, ସୁଦର୍ଶନ କବି, କାହ୍ନୁ ଚରଣ ପରିଡ଼ା, ବିଦ୍ୟାଧର ଦାସ, ବିରଞ୍ଚି ନାରାୟଣ ଦାସ, ରାଜନଗର ସରପଞ୍ଚ ପ୍ରଭାତ ଚନ୍ଦ୍ର ମିଶ୍ର, ଖବରଦାତା ବିଜୟ କୁମାର ଗୁପ୍ତା, ଅରୁଣ କୁମାର ସାହୁ, ସମିତିସଭ୍ୟ ପ୍ରଶାନ୍ତକୁମାର ରାଉତ, ସରପଞ୍ଚ ନିମାଇଁ ରାଉତ, ତପନ କୁମାର ବଳ, ତାପସ ସାହୁ, ନରହରି ଜେନା, ନବକିଶୋର ପାତ୍ର, କଳ୍ପତରୁ ସାମଲ, ବାଇଧର ପ୍ରଧାନ ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

### ନହଙ୍ଗରେ ସମବାୟ ସପ୍ତାହ ପାଳିତ

**ଡେରାବିଶ, ୧୫।୧୧ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଅଧୀନ ନହଙ୍ଗ ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ବୁଧବାର ୬୫ତମ ସମବାୟ ସପ୍ତାହ ପାଳନ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଏକ ସଭାରେ ସମବାୟ ସମିତିର ସଭାପତି ପ୍ରସନ୍ନ କୁମାର ସାହୁ ସଭାପତିତ୍ୱ କରିଥିଲେ। ସଭାରେ ଜିଲା ସହକାରୀ ଉପନିବନ୍ଧକ ମନୋରଞ୍ଜନ ସାହୁ ମୁଖ୍ୟଅତିଥି, ଶାଖା ପରିଚାଳକ ରବୀନ୍ଦ୍ର ବିଶ୍ୱାଳ ସମ୍ମାନିତ ଅତିଥିଭାବେ ଯୋଗଦେଇ ସମବାୟ ଆନ୍ଦୋଳନକୁ ସୁଦୃଢ଼ କରିବା ଉପରେ ଆଲୋକପାତ କରିଥିଲେ। ସଭାରେ ସମବାୟ ସମିତି ପରିଚାଳନା ପରିଷଦର ସମସ୍ତ ସଭ୍ୟାସଭ୍ୟଙ୍କ ସମେତ ସମିତି ଅଧୀନରେ ଥିବା ପଞ୍ଚାୟତର ଚାଷୀମାନେ ଯୋଗଦେଇ ସେମାନଙ୍କ ମତ ରଖିଥିଲେ। ସମ୍ପାଦକ ପ୍ରସନ୍ନ କୁମାର ପାତ୍ର ସମବାୟ ସପ୍ତାହ ବିଷୟରେ ସୂଚନା ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହ-ସମ୍ପାଦକ ଦେବପ୍ରସାଦ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ସମିତିର କୋଷାଧକ୍ଷ ସୁରେଶ କୁମାର ବେହେରା ଓ ଅନାମ ଚରଣ ଜେନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବାରାହା ସାଇନ୍ସ କଲେଜର ନୂତନ ଗୃହ ଉଦ୍‌ଘାଟିତ



ଉଦ୍‌ଘାଟନୀ ସଭାରେ ରାଜ୍ୟ ସଭା ସଦସ୍ୟ ପ୍ରତାପ କେଶରୀ ଦେବ ଓ ଅନ୍ୟମାନେ।

**ରାଜକନିକା, ୧୫।୧୧ (ଡି.ଏନ୍.ଏ)**

ରାଜକନିକା ବ୍ଲକ ଅଧୀନ ମଧୁବିହାରସ୍ଥିତ ବାରାହା ରିଜିଓନାଲ ସାଇନ୍ସ କଲେଜର ନବନିର୍ମିତ ପ୍ରଶାସନିକ ଗୃହକୁ ଗୁରୁବାର ରାଜ୍ୟ ସଭା ସଦସ୍ୟ ପ୍ରତାପ କେଶରୀ ଦେବ ଉଦ୍‌ଘାଟନ କରିଛନ୍ତି। ୪୨ ଲକ୍ଷ ବ୍ୟୟ ବରାଦରେ ନିର୍ମିତ ଏହି ଗୃହର ଉଦ୍‌ଘାଟନୀ ଅବସରରେ ଆୟୋଜିତ ସଭାରେ ଅଧକ୍ଷ ପ୍ରାଧ୍ୟାପକ ପ୍ରମୋଦ କୁମାର ନାୟକ ଅଧକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପ୍ରତାପ କେଶରୀ ଦେବ ଓ କେନ୍ଦ୍ରାପଡା ଜିଲାପରିଷଦ ସଭ୍ୟ ଜୟଦେବ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଶିଷ୍ଟ ଶିକ୍ଷାବିତ୍ ଲକ୍ଷ୍ମୀଧର ରାଉତ କଲେଜର ବିଭିନ୍ନ ଅସୁବିଧା ସମ୍ପର୍କରେ ରାଜ୍ୟ ସଭା ସଦସ୍ୟ ପ୍ରତାପ ଦେବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରାଣୀ ବିଜ୍ଞାନର ବରିଷ୍ଠ ପ୍ରାଧ୍ୟାପକ ଡା. ବିଜୟ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ମହାବିଦ୍ୟାଳୟର ଡେମୋନଷ୍ଟ୍ରେଟର ସୁରେଶ ଚନ୍ଦ୍ର ବିଶ୍ୱାଳ ଅତିଥି ପରିଚୟ ଦେଇଥିଲେ। ଶେଷରେ ଅଧ୍ୟାପକ ବିଶ୍ୱନାଥ ନାୟକ ଧନ୍ୟବାଦ ଦେଇଥିଲେ।

## ସ୍ୱାଧୀନତା ସଂଗ୍ରାମୀଙ୍କ ଶ୍ରାଦ୍ଧବାର୍ଷିକୀ

**କେନ୍ଦ୍ରାପଡା ଅଫିସ, ୧୫।୧୧**

ସହର ନିକଟ ଗୁଲନଗର ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ୱାଧୀନତା ସଂଗ୍ରାମୀ ପଦ୍ମଚରଣ ନାୟକଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ଉତ୍ସବ ଗୁରୁବାର ପାଳିତ ହୋଇଥିଲା। ଆଇନଜୀବୀ ସରୋଜ ରାଜ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶ୍ରାଦ୍ଧୋତ୍ସବରେ ସ୍ୱର୍ଗତ ନାୟକଙ୍କ ସ୍ୱାଧୀନତା ସମୟର ଜୀବନ, ପରବର୍ତ୍ତୀ ଜୀବନକାଳ ସମ୍ପର୍କରେ ବକ୍ତାମାନେ ବକ୍ତବ୍ୟ ରଖିଥିଲେ। ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଶିକ୍ଷାବିତ୍ ଭଜକୃଷ୍ଣ ରାଉତ, ଶିକ୍ଷାବିତ୍ ନନ୍ଦ କିଶୋର ପରିଡା, ଡା. ବାସୁଦେବ ଦାସ, ବରିଷ୍ଠ ବିଜେଡି ନେତା ପ୍ରମୋଦ ସାହୁଙ୍କ ସମେତ ବହୁ ବୁଦ୍ଧିଜୀବୀ, ରାଜନେତା, ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ନାୟକଙ୍କ ସାମାଜିକ କାମକୁ ସ୍ମୃତିଚାରଣ କରିଥିଲେ। ସ୍ମୃତି କମିଟି ସଂଯୋଜକ ଭରତ ଚନ୍ଦ୍ର ଦାସ, ଅଭିମନ୍ୟୁ ରାଉତ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

## ୧୦୭ ବସ୍ତିବାସିନ୍ଦାଙ୍କୁ ପଟ୍ଟା ପ୍ରଦାନ

**କେନ୍ଦ୍ରାପଡା ଅଫିସ, ୧୫।୧୧**




ଟାଉନହଲଠାରେ ଆୟୋଜିତ ସଭାରେ ଜିଲାପାଳ ଦାଶରଥି ଶତପଥୀ ଓ ଅନ୍ୟମାନେ।

ସହର ନିର୍ମାଣ କ୍ଷେତ୍ରରେ ବସ୍ତିବାସିନ୍ଦାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ରାସ୍ତାଘାଟ ନିର୍ମାଣଠାରୁ ବିଭିନ୍ନ ଉନ୍ନୟନ କାର୍ଯ୍ୟ ତାଙ୍କ ଦ୍ୱାରା ସମାପନ ହୋଇଥାଏ। ତେବେ ଏହି ବସ୍ତିବାସିନ୍ଦାଙ୍କ ରହଣିସ୍ଥଳ ତାଙ୍କର ଅଧିକାରଭୁକ୍ତ ନୁହେଁ। ସହରାଞ୍ଚଳର ବସ୍ତିବାସିନ୍ଦାଙ୍କ ଭିତ୍ତିଭୂମି ସୁଦୃଢ଼ ପାଇଁ ରାଜ୍ୟ ସରକାର ଜାଗା ମିଶନ ମାଧ୍ୟମରେ ଗୁରୁବାର କେନ୍ଦ୍ରାପଡ଼ା ସହରର ଚିହ୍ନଟ ୫୯୪ ବସ୍ତିବାସିନ୍ଦାଙ୍କ ମଧ୍ୟରୁ ୧୦୭ ଜଣଙ୍କୁ ପଟ୍ଟା ପ୍ରଦାନ କରାଯାଇଛି। ଏଥିସହିତ ପ୍ରାଥମିକ ପର୍ଯ୍ୟାୟ ଅନୁମୋଦନ କ୍ରମେ ୫୮ ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ସେହିପରି ନୂତନ ୧୦୯ଜଣ ହିତାଧିକାରୀ ଭଡ଼ା ବାବଦ ଅର୍ଥ ପାଇଛନ୍ତି। ଏଥିପାଇଁ ସହରର ଟାଉନ ହଲଠାରେ ପୌରପାଳିକା ପକ୍ଷରୁ ଆୟୋଜିତ ଏକ ସଭାରେ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ ଅଧକ୍ଷତା କରିଥିଲେ। ଏଥିରେ କେନ୍ଦ୍ରାପଡା ବିଧାୟକ କିଶୋର ଚନ୍ଦ୍ର ତରାଇ, ଜିଲା ପରିଷଦ ଅଧକ୍ଷ ମାନସ କୁମାର ପରିଡା, ଜିଲାପାଳ ଦାଶରଥି ଶତପଥୀ, ପିଡି ଦିଲୀପ କୁମାର ପରିଡା, ଉପଜିଲାପାଳ ତଥା ପୌରପାଳିକା ପ୍ରଶାସକ ସଞ୍ଜୟ କୁମାର ମିଶ୍ର, ପୂର୍ବତନ ପୌରାଧକ୍ଷ ଧୀରେନ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ପ୍ରକାଶ କରିଥିଲେ ଯେ, ରାଜ୍ୟ ସରକାରଙ୍କ ଏହି ଯୋଜନା ସହରର ବସ୍ତିବାସିନ୍ଦାଙ୍କ ପାଇଁ ଆଶୀର୍ବାଦ ସଦୃଶ। ରହିବା ପାଇଁ ଘର ସହିତ ବିଭିନ୍ନ ଯୋଜନା ମାଧ୍ୟମରେ ସେମାନଙ୍କ ଜୀବନଧାରା ଉନ୍ନତ କରିବାକୁ ରାଜ୍ୟ ସରକାର ସର୍ବଦା ତତ୍ପର ଅଛନ୍ତି। ଏହି କାର୍ଯ୍ୟକ୍ରମକୁ ଅସିତ କୁମାର ସାହୁ, ଅଶୋକ କୁମାର ସାହୁ, ସଞ୍ଜୟ କୁମାର ମଲ୍ଲିକଙ୍କ ସମେତ ପୌର କର୍ମଚାରୀମାନେ ପରିଚାଳନା କରିଥିଲେ।

## ନବନିର୍ମାଣ କୃଷକ ସଂଗଠନର ନୀରବ ସତ୍ୟାଗ୍ରହ

**ରାଜକନିକା, ୧୫।୧୧ (ଡି.ଏନ୍.ଏ.)**




ନୀରବ ସତ୍ୟାଗ୍ରହରେ ସାମିଲ ହୋଇଥିବା କୃଷକମାନେ।

ରାଜକନିକା ଥାନା ସମ୍ମୁଖରେ ନବନିର୍ମାଣ କୃଷକ ସଂଗଠନ ତରଫରୁ ଗୁରୁବାର ନୀରବ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱରଠାରେ ଆନ୍ଦୋଳନରତ କୃଷକମାନଙ୍କ ଉପରେ ପୋଲିସର ଜୁଲମ୍ ପ୍ରତିବାଦରେ ଏହି ନୀରବ ସତ୍ୟାଗ୍ରହ କରାଯାଇଥିଲା। ପୋଲିସର କାର୍ଯ୍ୟକଳାପ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ରାଜକନିକା ଥାନା ଅଧିକାରୀ ବିଜୟ କୁମାର ମଲ୍ଲିକଙ୍କୁ ସଂଗଠନ ପକ୍ଷରୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। ରାଜକନିକା ବ୍ଲକ ସଂଯୋଜକ ଭରତ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଆୟୋଜିତ ଏହି ସତ୍ୟାଗ୍ରହରେ ନିରାକାର ରାଉତ, ସୁବଳ ରାଉତ, ଅରୁଣ ଦାସ, ଗୋଲକ ବିଶ୍ୱାଳ, ଚନ୍ଦ୍ରଭାନୁ ନାୟକ, ରମାକାନ୍ତ ସାହୁ, ରଙ୍ଗାଧର ରାଉତ, ପ୍ରଶାନ୍ତ ବରାଳଙ୍କ ସମେତ ଶତାଧିକ କୃଷକ ସାମିଲଥିଲେ।

## ମାଙ୍କଡ଼ ଆକ୍ରମଣରେ ୨ ଆହତ

**ମହାକାଳପଡ଼ା, ୧୫।୧୧(ଡି.ଏନ.ଏ.)**

ମହାକାଳପଡ଼ା ବ୍ଲକ ଅଧୀନ ତିଖିରୀ ପଞ୍ଚାୟତର ତିଖିରୀ ଗ୍ରାମରେ ମାଙ୍କଡ଼ କାମୁଡ଼ାରେ ୨ ଶିଶୁ ଆହତ ହୋଇ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ତିଖିରୀ ଗ୍ରାମର ଶଙ୍କର ବେହେରାଙ୍କ ପୁଅ ସତ୍ୟଜିତ୍ (୮) ଓ ସରୋଜକାନ୍ତ ବାରିକଙ୍କ ପୁଅ ଆଦିତ୍ୟ ଶଙ୍କର (୧୦) ଟ୍ୟୁଶନରୁ ଫେରୁଥିବା ବେଳେ ଦୁଇଟି ମାଙ୍କଡ଼ ସେମାନଙ୍କୁ ଆକ୍ରମଣ କରିଥିଲେ। ଉଭୟଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

## କ୍ୟାନ୍‌ସର ପୀଡ଼ିତାଙ୍କୁ ସହାୟତା

**କେନ୍ଦ୍ରାପଡା ଅଫିସ, ୧୫।୧୧**



ପ୍ରମୋଦ ସାହୁ ଗୁରୁବାର ନିର୍ମଳାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି।

ଗରଦପୁର ବ୍ଲକ ଦୋରନ୍ତ ଗ୍ରାମର ନିରଞ୍ଜନ ଜେନାଙ୍କ ସ୍ତ୍ରୀ ନିର୍ମଳା (୩୨) ଦୀର୍ଘଦିନ ଧରି କ୍ୟାନସର ରୋଗରେ ପୀଡିତ ଅଛନ୍ତି। ଆର୍ଥିକ ଦୁର୍ବଳ ହେତୁ ପରିବାର ସଦସ୍ୟ ତାଙ୍କର ଚିକିତ୍ସା କରାଇ ପାରୁନାହାନ୍ତି। ଏହାକୁ ଦୃଷ୍ଟିରେ ରଖି ବିଜେଡି ନେତା ତଥା କେନ୍ଦ୍ରାପଡ଼ା କ୍ରେଡିଟ କୋ ଅପରେଟିଭ ସୋସାଇଟି ସଭାପତି ପ୍ରମୋଦ ସାହୁ ଗୁରୁବାର ନିର୍ମଳାଙ୍କ ପରିବାରକୁ ଭେଟି ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ଏହି ସମୟରେ ସୋସାଇଟିର ମାର୍ଶାଘାଇ ପରିଚାଳକ ସୁଶାନ୍ତ ପଣ୍ଡା, କର୍ମଚାରୀ ବଳରାମ ଦାସ, ସୁବାସ ରାଉତ, ଦୋରନ୍ତ ଯୁବ ପରିଷଦ ସଦସ୍ୟ ଦୀପକ ବେଉରା ପ୍ରମୁଖ ସାମିଲ ହୋଇଥିଲେ।

### ଶିବାନନ୍ଦ ବିଦ୍ୟାମନ୍ଦିରରେ ମାତୃପିତୃ ପୂଜନ

**କେନ୍ଦ୍ରାପଡା ଅଫିସ, ୧୫।୧୧:** ସହର ନିକଟ ଗରାପୁରସ୍ଥିତ ଶିବାନନ୍ଦ ବିଦ୍ୟା ମନ୍ଦିର ପରିସରରେ ମାତୃପିତୃ ପୂଜନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଥିଲା। ବିଦ୍ୟାମନ୍ଦିର ସଂଯୋଜକ ଶରତ ଚନ୍ଦ୍ର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରୀମା ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସନ୍ତାନ ଓ ସେମାନଙ୍କ ଶିକ୍ଷା କ୍ଷେତ୍ରରେ ମା'ବାପାଙ୍କ ଭୂମିକା ସମ୍ପର୍କରେ ଶ୍ରୀମା ଆଲୋକପାତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସୁରେନ୍ଦ୍ର ନାଥ ଆଚାର୍ଯ୍ୟ, ବିଦ୍ୟା ମନ୍ଦିରର ଗୁରୁମାଗୁରୁଜୀଙ୍କ ସହଯୋଗରେ ଶିକ୍ଷାର୍ଥୀମାନେ ମାତୃପିତୃ ପୂଜା, ବେଦମନ୍ତ୍ର, ଗୀତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଦାଶିବ ପଣ୍ଡା, ଶଶିକାନ୍ତ ଦାସ, ବିଦ୍ୟାଧର ପରିଡା, ପୁଷ୍ପା ମାହନ୍ତି, ମଧୁସ୍ମିତା ନନ୍ଦ, ରୁଦ୍ରାଣୀ ମହାପାତ୍ର, ପ୍ରିୟଙ୍କା ଦାସ, ସୀମା ବେହେରା, ଚିତ୍ରରେଖା ସ୍ୱାଇଁ, ଶଶ୍ମିତା ଭଦ୍ର ପ୍ରମୁଖ ପରିଚାଳନା କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ନେହେରୁ ଯୁବକେନ୍ଦ୍ରର ପ୍ରତିଷ୍ଠା ଦିବସ




ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ସଭାରେ ଅତିଥିମାନେ।

**ଡେରାବିଶ, ୧୫।୧୧ (ସ୍ୱ.ପ୍ର.)**

ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ ଜୟନ୍ତୀ ଅବସରରେ ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତ ନୀଳକଣ୍ଠପୁରସ୍ଥିତ ଶୃଙ୍ଗାରେଶ୍ୱର ଯୁବକ ସଂଘ ଓ ଜିଲା ନେହେରୁ ଯୁବକେନ୍ଦ୍ର ମିଳିତ ଆନୁକୂଲ୍ୟରେ ବୁଧବାର ସନ୍ଧ୍ୟାରେ ନେହେରୁ ଯୁବକେନ୍ଦ୍ରର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଯୁବକେନ୍ଦ୍ରର ଜିଲା ସଂଯୋଜକ ଲକ୍ଷ୍ମୀକାନ୍ତ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଯୁବକେନ୍ଦ୍ରର ଜିଲା ଅଧିକାରୀ ବିବେକ ମୋହନ ମୁଖ୍ୟଅତିଥି, ସାମାଜିକ କର୍ମୀ ରାଜକିଶୋର ମଲ୍ଲ ଯୋଗଦେଇ ଦେଶ ପାଇଁ ନେହେରୁଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ୧୯୭୨ ମସିହାରେ ଇନ୍ଦିରା ଗାନ୍ଧୀଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ନେହେରୁ ଯୁବକେନ୍ଦ୍ର ସମଗ୍ର ବିଶ୍ୱରେ ଏକ ଦକ୍ଷ ଯୁବ ସଂଗଠନ ଭାବରେ ପ୍ରତିପାଦିତ ହୋଇଥିବା ଅତିଥିମାନେ କହିଥିଲେ। ପ୍ରାରମ୍ଭରେ ନେହେରୁ ଓ ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ରରେ ଅତିଥି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବ୍ଲକ ସଂଯୋଜକ ତ୍ରିଲୋଚନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଶୃଙ୍ଗାରେଶ୍ୱର ଯୁବକ ସଂଘର କର୍ମକର୍ତ୍ତା ବିଶ୍ୱଜିତ୍ ଜେନା ଅତିଥି ପରିଚୟ ଓ ବ୍ଲକ ସଂଯୋଜକ ତ୍ରିଲୋଚନ ଜେନା ଧନ୍ୟବାଦ ଦେଇଥିଲେ।

- ନାଲି ଫିତା ତଳେ ୬୪ କୋଟିରେ ନିର୍ମିତ ହେବାକୁ ଥିବା ପୋଲ ଫାଇଲ୍

## ନିଜ ଉଦ୍ୟମରେ ପୋଲ ତିଆରି କଲେ ଗ୍ରାମବାସୀ

**ଆଳି, ୧୫।୧୧ (ଡି.ଏନ୍.ଏ.)**



ଗ୍ରାମବାସୀ ବାଉଁଶ ପୋଲ ତିଆରି କରୁଛନ୍ତି।

ସବୁ ଗାଁକୁ ପକ୍କା ସଡ଼କ ନିର୍ମାଣ ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଥିବା ବେଳେ ପ୍ରକୃତରେ ଲୋକମାନେ ଏହାଦ୍ୱାରା କେତେ ମାତ୍ରାରେ ଉପକୃତ ହେଉଛନ୍ତି ସେ ନେଇ କେହି ଦୃଷ୍ଟି ଦେଉନାହାନ୍ତି। ନଦୀ ନାଳଘେରା ଆଳି ବ୍ଲକ ପଦନୀପାଳ ପଞ୍ଚାୟତ ଅଞ୍ଚଳକୁ ଅଦ୍ୟାବଧି ସଡ଼କ ପଥ ନିର୍ମାଣ ହୋଇ ନଥିବା ବେଳେ ଲୋକମାନେ ହୁଲିଡ଼ଙ୍ଗା ଉପରେ ନିର୍ଭରଶୀଳ। ତେବେ ପୋଲଟିଏ ନିର୍ମାଣ ପାଇଁ କାହିଁ କେଉଁ ଅମଳରୁ ଲୋକମାନେ ଦାବି କରୁଥିବା ବେଳେ ସରକାରଙ୍କ ଉଦାସୀନତା ଯୋଗୁ ଏହା ଏ ପର୍ଯ୍ୟନ୍ତ ସମ୍ଭବପର ହୋଇପାରିନାହିଁ। ଫଳରେ ଗ୍ରାମବାସୀ ଚାନ୍ଦା ଆଦାୟ କରି ନିଜ ଉଦ୍ୟମରେ ଖରସ୍ରୋତା ନଦୀ ଉପରେ ଏକ ବାଉଁଶ ପୋଲ ନିର୍ମାଣ କରୁଛନ୍ତି। ୨ଶହ ମିଟର ଲମ୍ବର ପୋଲ ନିର୍ମାଣ କାର୍ଯ୍ୟରୁ ଏ ପର୍ଯ୍ୟନ୍ତ ପ୍ରାୟ ଅର୍ଦ୍ଧାଧିକ କାର୍ଯ୍ୟ ଶେଷ ହୋଇଛି।

ଏ ସମ୍ପର୍କରେ ଗ୍ରାମର ରବୀନ୍ଦ୍ର କୁମାର ଦାସ କହିଛନ୍ତି, ପଦନୀପାଳ, କଳମଡ଼ା ଓ ଦୈତାରୀପୁର ଗ୍ରାମର ୫ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ନେଇ ପଦନୀପାଳ ପଞ୍ଚାୟତ ଗଠିତ। ପଞ୍ଚାୟତବାସୀ ଘରୁ ଗୋଡ କାଢ଼ିଲେ ଡଙ୍ଗାରେ ଯିବାକୁ ପଡ଼େ। ବର୍ଷାଦିନେ ଖୁବ୍ ଅସୁରକ୍ଷିତ ଭାବେ ଲୋକମାନେ ଯାଆସ କରୁଥିବାରୁ ନଦୀ ଉପରେ ପୋଲ ନିର୍ମାଣ ପାଇଁ ଶିକ୍ଷାବିତ୍ ରବୀନ୍ଦ୍ର କୁମାର ଦାସ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାପରେ ୨୦୦୯ରେ ୯ କୋଟି ଟଙ୍କା ବ୍ୟୟରେ ସେତୁ ନିର୍ମାଣ ପାଇଁ ୯ ଥର ଟେଣ୍ଡର ହୋଇଥିଲେ ହେଁ କୌଣସି ଠିକାଦାର ଟେଣ୍ଡର ନେଇ ନଥିଲେ। ଏହାପରେ ୨୪ କୋଟି ଟଙ୍କା ବ୍ୟୟରେ ସେତୁ ନିର୍ମାଣ ନିମନ୍ତେ ଟେଣ୍ଡର ହୋଇଥିଲା। ଏହାକୁ ବ୍ରିଜ ଆଣ୍ଡ ରୁଫ୍ ନାମକ ସଂସ୍ଥା ଟେଣ୍ଡର ନେଇଥିଲା। ଏପରିକି ସେତୁ ନିର୍ମାଣ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ସେତୁ ନିର୍ମାଣ ସ୍ଥାନ ଦେଇ ପାଣି ଜାହାଜ ଚଳାଚଳ କରିବ ବୋଲି ହଠାତ୍ ଏହାର ନିର୍ମାଣ କାର୍ଯ୍ୟ ବନ୍ଦ କରାଯାଇଥିଲା। ଏହାପରେ ସେତୁର ଡିଜାଇନ ବଦଳାଯାଇ ୬୪ କୋଟି ଟଙ୍କା ବ୍ୟୟ ବରାଦରେ ନିର୍ମାଣ ହେବାକୁ ଫାଇଲ ପ୍ରସ୍ତୁତ ହେଲା। କିନ୍ତୁ ସେହି ଫାଇଲ ଏବେ ସରକାରୀ ନାଲିଫିତା ତଳେ ଚାପି ହୋଇରହିଛି ବୋଲି ଗ୍ରାମର ଉମାକାନ୍ତ ରାଉତ କହିଛନ୍ତି। ଏପରିକି ଗତ ମେ ମାସରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଜଗନ୍ନାଥ ପଟେଲ ଓ ଅଧିକ୍ଷଣ ଯନ୍ତ୍ରୀ ତ୍ରିଲୋଚନ ଦେବତା ପଦନୀପାଳ ଆସି ଗ୍ରାମବାସୀଙ୍କ ସହ ସେତୁ ନିର୍ମାଣ ସଂପର୍କରେ ଆଲୋଚନା କରି ଫେରି ଯାଇଥିଲେ। ଇତି ମଧ୍ୟରେ ଏହି ଘଟଣାକୁ ୬ ମାସ ପୂରିବାକୁ ବସିଲାଣି। କିନ୍ତୁ ସେତୁ ନିର୍ମାଣର ନାଁ ଗନ୍ଧ ନଥିବାରୁ ପଞ୍ଚାୟତବାସୀଙ୍କ ସରକାରଙ୍କ ଉପରୁ ଭରସା ତୁଟି ଯାଇଛି। ତେବେ ଆଉ ଏ ନେଇ ସରକାରଙ୍କୁ ଗୁହାରି ନକରି ନିଜେ ନିଜେ ବାଉଁଶ ପୋଲ ନିର୍ମାଣ କରିବାକୁ ଗ୍ରାମବାସୀ ଉଦ୍ୟମ କରିଥିବା ଗ୍ରାମର ଜାପାନୀ ମଲିକଙ୍କ ସମେତ ଶତାଧିକ ଗ୍ରାମବାସୀ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଗ୍ରାମଦେବତୀଙ୍କ ବିଗ୍ରହ ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା



**ତିର୍ତ୍ତୋଲ,୧୫।୧୧(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଠାକୁରାଣୀଖର୍ଦ୍ଦା ଗ୍ରାମଦେବତୀ ଚୁଆଁ ମା'ଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ନିମନ୍ତେ ଗୁରୁବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଘଣ୍ଟ ଘଣ୍ଟା ସହ ମହିଳା ଓ ପୁରୁଷମାନେ ୧୦୮ କଳସ ଧରି ମହାନଦୀରୁ ଜଳ ନେଇ ମନ୍ଦିର ନିକଟରେ ସ୍ଥାପନ କରିଥିଲେ । ସେଠାରେ ଯଜ୍ଞ ଓ ଅଷ୍ଟମ ପ୍ରହରୀ ନାମ ଯଜ୍ଞର ଶୁଭାରମ୍ଭ ହୋଇଥିଲା। ଆସନ୍ତା ୧୭ ତାରିଖ ଯଜ୍ଞର ପୂର୍ଣ୍ଣାହୁତି ସହ ଏହି ଉତ୍ସବ ଉଦ୍‌ଯାପିତ ହେବ।

### ଜିଲା କଂଗ୍ରେସ କମିଟିର ନିମନ୍ତ୍ରିତ ସଦସ୍ୟ ହେଲେ କୃଷ୍ଣଚନ୍ଦ୍ର

**ଜଗତ୍‌ସିଂହପୁର ଅଫିସ,୧୫।୧୧:** ଛାତ୍ର କଂଗ୍ରେସ ନେତା କୃଷ୍ଣଚନ୍ଦ୍ର ପ୍ରଧାନ ନୂଆକରି ଜିଲା କଂଗ୍ରେସ କମିଟିର ନିମନ୍ତ୍ରିତ ସଦସ୍ୟ ହୋଇଛନ୍ତି। ପ୍ରଦେଶ କଂଗ୍ରେସ କମିଟି (ପିସିସି) କାର୍ଯ୍ୟକାରୀ ସଭାପତି ତଥା ଜଗତ୍‌ସିଂହପୁର ବିଧାୟକ ଚିରଞ୍ଜୀବ ବିଶ୍ୱାଳଙ୍କ ସୁପାରିଶକ୍ରମେ ସେ ଏହି ପଦବୀରେ ଅବସ୍ଥାପିତ ହୋଇଛନ୍ତି । ବିଶ୍ୱାଳଙ୍କ ସୁପାରିଶକୁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଅନୁମୋଦନ କରିବା ପରେ ବିଦ୍ଧିବଦ୍ଧ ଭାବରେ ପ୍ରଧାନଙ୍କ ନାମ ଘୋଷଣା କରାଯାଇଛି।

### ପୃଥକ୍ ସଡକ ଦୁର୍ଘଟଣା:୬ ଗୁରୁତର

**ନିଶ୍ଚିନ୍ତକୋଇଲି(ସ୍ୱ.ପ୍ର.)/ସାଲେପୁର (ଡି.ଏନ୍.ଏ.) ୧୫।୧୧:** କଟକ-ଚାନ୍ଦବାଲି ରାସ୍ତାରେ ଗୁରୁବାର ୨ଟି ପୃଥକ ସଡକ ଦୁର୍ଘଟଣାରେ ୬ଜଣ ଗୁରୁତର ହୋଇଛନ୍ତି। ଏହି ରାସ୍ତାର କେନ୍ଦୁପାଟଣା ପାଖରେ ହୋଇଥିବା ଦୁର୍ଘଟଣାରେ ଆନ୍ଧ୍ରପ୍ରଦେଶର ଅଙ୍ଗଲାପୁରମ୍ ଜିଲା ମାର୍କୋଣ୍ଡାପୁରମ ଅଞ୍ଚଳର ସୁଧାକର ରେଡ୍ଡି(୫୦), ରାମମୋହନ ରେଡ୍ଡିଙ୍କ ସମେତ ପାଟପୁର ଅଞ୍ଚଳର କୃଷ୍ଣମୋହନ ଦାସ(୭୫) ଗୁରୁତର ହୋଇଛନ୍ତି। ସୁଧାକର ଓ ରାମମୋହନ ଏକ ବାଇକ୍ ଯୋଗେ ନିଶ୍ଚିନ୍ତକୋଇଲିରୁ ସାଲେପୁର ଅଭିମୁଖେ ଆସୁଥିବା ବେଳେ କେନ୍ଦୁପାଟଣା ପାଖରେ ସାଇକେଲରେ ଆସୁଥିବା କୃଷ୍ଣମୋହନ ହଠାତ୍ ରାସ୍ତା ମଝିକୁ ପଶିଆସିଥିଲେ। ଫଳରେ ଭାରସାମ୍ୟ ହରାଇ ସମସ୍ତେ ରାସ୍ତାରେ ପଡି ଗୁରୁତର ହୋଇଥିଲେ। ସୁଧାକର ଓ ରାମମୋହନଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେହିପରି ଏହି ରାସ୍ତାର ବାହାବଳପୁର ପୋଲ ନିକଟରେ ହୋଇଥିବା ସଡକ ଦୁର୍ଘଟଣାରେ ୩ ଗୁରୁତର ହୋଇଛନ୍ତି। ଏକ ମହେନ୍ଦ୍ରାଗାଡି ଧକ୍କାରେ ବାଇକ୍ ଚାଳକ, ସ୍କୁଟି ଚାଳକଙ୍କ ସମେତ ସ୍କୁଟି ଆରୋହୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ରାମକୃଷ୍ଣପୁର ପଞ୍ଚାୟତର ମହମ୍ମଦ ମୁସ୍ତାକ(୨୫), କେଣ୍ଡାଳ ପଞ୍ଚାୟତ ଅନ୍ତର୍ଗତ ଜୁଲୁକିପଡା ଗ୍ରାମର ଭାଗ୍ୟଲକ୍ଷ୍ମୀ ଲେଙ୍କା ଓ ତାଙ୍କ ଝିଅ ରୋଜାଲିନ ଲେଙ୍କା। ଗୁରୁତର ଅବସ୍ଥାରେ ସେମାନଙ୍କୁ ପ୍ରଥମେ ନିକଟରେ ଥିବା ଏକ ବେସରକାରୀ ଚିକିତ୍ସାଳୟ ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# ପୋଲିସ ଜୁଲମ ବିରୋଧରେ ଥାନା ଘେରିଲେ ଚାଷୀ

**ଜଗତ୍‌ସିଂହପୁର ଅଫିସ, ୧୫।୧୧**






ଜଗତ୍‌ସିଂହପୁର, ରଘୁନାଥପୁର ଓ ଏରସମା ଥାନା ଆଗରେ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ହୋଇଥିବା ବିକ୍ଷୋଭ ସମାବେଶରେ ଉପସ୍ଥିତ କର୍ମକର୍ତ୍ତା ଓ ଚାଷୀ।

ରାଜ୍ୟ ସରକାରଙ୍କ ଦମନମୂଳକ କାର୍ଯ୍ୟ ଓ ପୋଲିସ ଜୁଲମ ପ୍ରତିବାଦରେ ଗୁରୁବାର ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ରାଜ୍ୟବ୍ୟାପୀ ଥାନା ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି କ୍ରମରେ ଜଗତ୍‌ସିଂହପୁର ଥାନା ସମ୍ମୁଖରେ ସଙ୍ଗଠନ ପକ୍ଷରୁ ବିକ୍ଷୋଭ କରାଯାଇଥିଲା । ଚାଷୀଙ୍କ ସାମ୍ବିଧାନିକ ଅଧିକାର ଆଧାରରେ ପ୍ରାଇସ୍, ପ୍ରେଷ୍ଟିଜ୍, ପେନ୍‌ସନ୍ ପାଇଁ ସଂଗଠନ ଦାବି କରିଆସୁଛି। ରାଜ୍ୟରେ ୩୬ ଲକ୍ଷ ଚାଷୀ ଅଛନ୍ତି । ମାସିକ ଆର୍ଥିକ ସୁରକ୍ଷା ଭତ୍ତା ବାବଦରେ ଚାଷୀ ପିଛା ୫,୦୦୦ ଟଙ୍କା ହିସାବରେ ଦିଆଗଲେ ୨୧,୬୦୦ କୋଟି ଟଙ୍କା ଆବଶ୍ୟକ। ଏହା ରାଜ୍ୟ ସରକାର ଆଗାମୀ ବଜେଟରେ ଉପସ୍ଥାପନ କରି ପାରିତ କରନ୍ତୁ ବୋଲି ସଂଗଠନ ଦାବି କରୁଛି। ମାତ୍ର ସରକାର ଚାଷୀଙ୍କ ଏହି ଦାବି ଗ୍ରହଣ କରିବା ପରିବର୍ତ୍ତେ ସେମାନଙ୍କୁ ବଳପୂର୍ବକ ଦମନ କରୁଛନ୍ତି। ଏହାର ପ୍ରତିବାଦରେ ସଂଗଠନ ଥାନା ଆଗରେ ବିକ୍ଷୋଭ କରୁଛି ବୋଲି ଚାଷୀ ନେତାମାନେ କହିଛନ୍ତି। ଏଥିରେ ନିତ୍ୟାନନ୍ଦ ପଣ୍ଡା, ଅଭୟ ସ୍ୱାଇଁ, ତ୍ରୈଲୋକ ମହାରଣା, ଦୁର୍ଗା ଚରଣ ପ୍ରଧାନ, ବଂଶୀଧର ପଟ୍ଟନାୟକ, ଶାରଦା ନାୟକ, ଭୁବନାନନ୍ଦ ନାୟକ, ରମେଶ ସ୍ୱାଇଁ, ବାମନ ମହାରଣା, କୈଳାସ ସ୍ୱାଇଁ, ପ୍ରସନ୍ନ ସାମନ୍ତରାୟ, ହେମନ୍ତ ସ୍ୱାଇଁ, ବିଷ୍ଣୁ ନାୟକ, ମହେଶ୍ୱର ମହାନ୍ତି, ଦ୍ୱାରିକା ମହାପାତ୍ର, ଭାସ୍କର ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ ।

**ନାଉଗାଁ,(ସ୍ୱ.ପ୍ର.):** ନବନିର୍ମାଣ କୃଷକ ସଙ୍ଗଠନ ଜିଲା ସଂଯୋଜକ ଅଶୋକ ସ୍ୱାଇଁଙ୍କ ନେତୃତ୍ୱରେ ନାଉଗାଁ ଥାନା ସମ୍ମୁଖରେ ବିକ୍ଷୋଭ କରାଯାଇଛି। ଏଥିରେ ବଂଶୀଧର ବେହେରା ସଭାପତିତ୍ୱ କରିଥିଲେ। ବ୍ଲକ ସଂଯୋଜକ କୈଳାସ ପରିଡା, ଚତୁର୍ଭୁଜ ମହାନ୍ତି, ନବଦୀପ୍ତ ତାରେଣିଆ, କମଳାକାନ୍ତ ପରିଡା, ବିଜୟ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ଆର୍ତ୍ତତ୍ରାଣ ଦାସ, କୈଳାସ ସ୍ୱାଇଁ, ବିଜୟ ବେହୁରା, ନିରଞ୍ଜନ ବେହୁରା, ବାମଦେବ ପାଢୀ ପ୍ରମୁଖ ସାମିଲ ହୋଇଥିଲେ।

**ଏରସମା,(ସ୍ୱ.ପ୍ର.):** ଏରସମା ଥାନା ସମ୍ମୁଖରେ ନବ ନିର୍ମାଣ କୃଷକ ସଂଗଠନର ପ୍ରତିବାଦ ସଭା ହୋଇଛି। ଏଥିରେ ସଂଗଠନର ରାଜ୍ୟ ଆବାହକ ପ୍ରସନ୍ନ କୁମାର କୁଅଁର ସଭାପତିତ୍ୱ କରିଥିଲେ। ପୂର୍ବତନ ଜିଲା ପରିଷଦ ସଭ୍ୟ ସାରଦା ପ୍ରସନ୍ନ ଜେନା, କଂଗ୍ରେସ ଓବିସି ସେଲର ଏରସମା ବ୍ଲକ ସଭାପତି ପ୍ରମୋଦ ରାଉତ, ଜପା ସରପଞ୍ଚ ତପନ ଗଛାୟତ, କୃଷକ ନେତା କରୁଣାକର ମଲ୍ଲ, ନିବାରଣ ନାୟକ, ଅମ୍ବିକା ପ୍ରସାଦ ମହାନ୍ତି, ସିମାଇ ଭୋଳ, ସଂଗଠନର ଏରସମା ବ୍ଲକ ସଂଯୋଜକ ଅମୂଲ୍ୟ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଆଇଆଇସି ପ୍ରଦ୍ୟୁମ୍ନ କିଶୋର ବେହେରାଙ୍କୁ ପ୍ରଦାନ କରିଥିଲେ।

**ବିରିଡ଼ି(ଡି.ଏନ୍.ଏ.)/ବାଲିଆ:** ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ବିରିଡି ଥାନା ସମ୍ମୁଖରେ ସତ୍ୟାଗ୍ରହ କରାଯାଇଥିଲା। ବିରିଡି ବ୍ଲକ ସଂଗଠନ ସଂଯୋଜକ ଆଲୋକ କୁମାର ସ୍ୱାଇଁ, ସହସଂଯୋଜକ ଗୁଣନିଧି ସ୍ୱାଇଁଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା କରାଯାଇଥିଲା। ପରେ ଥାନା ସମ୍ମୁଖରେ ପ୍ରତିବାଦ ସଭା କରାଯାଇଥିଲା। ଏଥିରେ ରାଜ୍ୟ ନବନିର୍ମାଣ କୃଷକ ସଂଗଠନ ସହସଂଯୋଜକ ରଶ୍ମୀ ରଞ୍ଜନ ସ୍ୱାଇଁ ଓ ରାଜ୍ୟ ସଂଗଠନ ସଦସ୍ୟ ଦଶରଥ ବସ୍ତିଆ ପ୍ରମୁଖ ଯୋଗଦେଇଥିଲେ। ଉପଦେଷ୍ଟା ମଣ୍ଡଳୀ ସଭ୍ୟ ରଜନୀକାନ୍ତ ବେହେରା, ଗୋଲେଖ ଚନ୍ଦ୍ର ସାହୁ, ସଞ୍ଜୟ ସାହୁ, ନାରାୟଣ ଚନ୍ଦ୍ର ମୁଦୁଲି, ପଞ୍ଚାନନ ପ୍ରଧାନ,

## ନବ ନିର୍ମାଣ କୃଷକ ସଙ୍ଗଠନର ବିକ୍ଷୋଭ

ପ୍ରମୋଦ କୁମାର ବାରିକ, ରମାକାନ୍ତ ନାୟକ, ରଶ୍ମି ରଞ୍ଜନ ଦାସ, ପ୍ରଭାକର ବାରିକ, ଜ୍ଞାନ ରଞ୍ଜନ ଜେନା, ଅମୂଲ୍ୟ ଚନ୍ଦ୍ର ଜେନାମଣୀ, ପ୍ରସନ୍ନ କୁମାର ରାଉଳ ପ୍ରମୁଖ ସାମିଲ ହୋଇଥିଲେ। ପରେ ଥାନା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା ।

**ବାଲିକୁଦା,(ସ୍ୱ.ପ୍ର.):** ବାଲିକୁଦା ଥାନା ସମ୍ମୁଖରେ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ସତ୍ୟାଗ୍ରହ କରାଯାଇଛି। ଭାସ୍କର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଧର୍ମାନନ୍ଦ ଖଣ୍ଡୁଆଳ, ଜିଲା ସଂଯୋଜକ ଦୁର୍ଗାଚରଣ ସ୍ୱାଇଁ, ଜିଲା କମିଟି ସଦସ୍ୟ ବାବାଜି ଚରଣ ଜେନା, ବ୍ଲକ ସଂଯୋଜକ ରଘୁନାଥ ନାୟକ, ଜିଲା ଉପଦେଷ୍ଟା ଅଶୋକ ରାଉତ, ଅଶୋକ ସ୍ୱାଇଁ, କୋଷାଧ୍ୟକ୍ଷ ବ୍ରହ୍ମାନନ୍ଦ ମହାନ୍ତି, ରମେଶ ପୃଷ୍ଟି, ଭାଗ୍ୟଧର ବେହେରା, ରାଜକିଶୋର ସାହୁ, ମିଟୁ ଦାସ, ପ୍ରମୋଦ ରାଉତ ପ୍ରମୁଖ ଯୋଗଦେଇ ପୋଲିସ ଜୁଲୁମକୁ ନିନ୍ଦା କରିଥିଲେ।

**କୁଜଙ୍ଗ,(ସ୍ୱ.ପ୍ର.):** କୁଜଙ୍ଗ ଥାନା ସମ୍ମୁଖରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ବିକ୍ଷୋଭ କରାଯାଇଛି। ବ୍ଲକ ସଂଯୋଜକ ବିଷ୍ଣୁ ଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ରାଜ୍ୟ ସହ ସଂଯୋଜକ ଉମାକାନ୍ତ ଭାରତ, କଂଗ୍ରେସ ନେତା ବାପି ସର୍ଖେଲ, ସଂଗଠନର ଉପଦେଷ୍ଟା ବାବୁରାମ ଚୌଧୁରୀ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଚାଷୀ ବିରୋଧୀ ନୀତିକୁ ସମାଲୋଚନା କରିଥିଲେ। ଗୋବିନ୍ଦ ଚନ୍ଦ୍ର ନାୟକ, ବିଭୂପ୍ରସାଦ ଜେନା, ନିଶାକର ମୁଦୁଲି, ବିଚିତ୍ର ଦାସ, ରବୀନ୍ଦ୍ର ପଟ୍ଟନାୟକ, ପ୍ରଭାକର ସ୍ୱାଇଁ, ବୀରେନ୍ଦ୍ର ବିଶ୍ୱାଳ, ସୌଦାମିନୀ ସ୍ୱାଇଁ, ଜାନକୀ ମହାରଥା,ଦେବବାଳା ମହାପାତ୍ର,ମିନର୍ଭା ପରିଡ଼ା,ମମତା ମଲ୍ଲିକ,ରାମଚନ୍ଦ୍ର ପ୍ରଧାନ, ପ୍ରମୋଦ କୁମାର ଜେନା ପ୍ରମୁଖ ସାମିଲ ହୋଇଥିଲେ। ପ୍ରାରମ୍ଭରେ ଏକ ବିଶାଳ ଶୋଭାଯାତ୍ରା କରାଯାଇଥିଲା ।

**ରଘୁନାଥପୁର,(ଡି.ଏନ.ଏ):** ରଘୁନାଥପୁର ଥାନା ସମ୍ମୁଖରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ବିକ୍ଷୋଭ କରାଯାଇଛି। ଏଥିରେ ରାଜ୍ୟ କର୍ମକର୍ତ୍ତା ରଶ୍ମିରଞ୍ଜନ ସ୍ୱାଇଁ ଓ ଦେବୀପ୍ରସାଦ ମହାରଣା ଯୋଗଦେଇ ଆଗାମୀ ନିର୍ବାଚନରେ ଚାଷୀମାନେ ସରକାରଙ୍କୁ ଉଚିତ ଜବାବ ଦେବେ ବୋଲି କହିଥିଲେ। ସୁରେନ ରାଉତ, ଅଟଳ ବିହାରୀ ରାଉତ, ସ୍ନେହାଂଶୁ ଜେନା, ସାହିତ୍ୟିକ ଅଲେଖଚନ୍ଦ୍ର ବେହେରା, ଘନଶ୍ୟାମ ମହାନ୍ତି, ଶରତଚନ୍ଦ୍ର ମହାପାତ୍ର, ସୁରେଶ ମହାରଣା, ନିଗମାନନ୍ଦ ଦାସ, ବୈରାଗୀ ସାହୁ, ହବିବ ବେଗଙ୍କ ସମେତ ବହୁ ଚାଷୀ ଏଥିରେ ସାମିଲ ହୋଇଥିଲେ।

**ତିର୍ତ୍ତୋଲ,(ଡି.ଏନ.ଏ.):** ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ତିର୍ତ୍ତୋଲ ଥାନା ପରିସରରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ଏଥିରେ ଅଧିର ସ୍ୱାଇଁ ସଭାପତିତ୍ୱ କରିଥିଲେ । ରାଜ୍ୟ ସହ ସଂଯୋଜକ ଉମାକାନ୍ତ ଭରତ, ଜିଲା ସହସଂଯୋଜକ ବିଷ୍ଣୁଚରଣ ଦାସ, ବ୍ଲକ ସଂଯୋଜକ ମଙ୍ଗୁଳି ଚରଣ ରାଉତରାୟ, ସହସଂଯୋଜକ ଅଶୋକ ବାରିକ, ରଞ୍ଜନ ବିଶ୍ୱାଳ, ଉପଦେଷ୍ଟା ଶରତ ମଲ୍ଲ, ରାଜକିଶୋର ଦାଶ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଅକ୍ଷୟ ଦାସ, ମୋଜାମିଲ ଖାନ ପ୍ରମୁଖ ସାମିଲ ହୋଇଥିଲେ।




ବାଲିକୁଦା ଓ ବିରିଡ଼ି ଥାନା ସମ୍ମୁଖରେ ନବ ନିର୍ମାଣ କୃଷକ ସଂଗଠନର ବିକ୍ଷୋଭ।

## ରତ୍ନପର୍ଣ୍ଣା କଳା ସାହିତ୍ୟ ସଂସଦର ପ୍ରତିଷ୍ଠା ଉତ୍ସବ

**ତିର୍ତ୍ତୋଲ,୧୫।୧୧(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ନେହରୁ ପଡିଆସ୍ଥିତ ରତ୍ନପର୍ଣ୍ଣା କଳା ସାହିତ୍ୟ ସଂସଦର ପ୍ରତିଷ୍ଠା ଉତ୍ସବ ସ୍ଥାନୀୟ ସାରଳାରୋଡସ୍ଥିତ ଶାରଳା-ଶ୍ରୀକ୍ଷେତ୍ର ଜଗନ୍ନାଥମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଝଙ୍କଡ ସାହିତ୍ୟ ସଂସଦ ସାଧାରଣ ସମ୍ପାଦକ ଗୋଲୋକ ବିହାରୀ ପଲାଇ ପୌରୋହିତ୍ୟ କରିଥିଲେ। ଅତିଥି ଭାବେ ସାରସ୍ୱତ ସାଧକ ଝଙ୍କଡଶ୍ରୀ କାଳୀପ୍ରସନ୍ନ ପରିଜା, ଦୂରଦର୍ଶନର ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ନିତ୍ୟାନନ୍ଦ ଜେନା, ଓଡିଆ ଭାଷା ସୁରକ୍ଷା ମଞ୍ଚ ତିର୍ତ୍ତୋଲର ଆବାହକ ଅକ୍ଷୟ ଦାସ, ପ୍ରାଧ୍ୟାପିକା ବିଷ୍ଣୁପ୍ରୀୟା ଦାସ, କବି ପରମାନନ୍ଦ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ଏହିଦିନକୁ ଅନୁଷ୍ଠାନର ପ୍ରତିଷ୍ଠା ଦିବସ ଭାବେ ଘୋଷଣା କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତ୍ରୀ ଅଧ୍ୟାପିକା ରାଜଶ୍ରୀ ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଶିଶୁ,କିଶୋର ଓ ଯୁବପୀଢିଙ୍କ କଳା, ସଂସ୍କୃତି ଓ ସାହିତ୍ୟର ବିକାଶ ପାଇଁ ଏ ମଞ୍ଚ ଉତ୍ସର୍ଗୀକୃତ ବୋଲି ପ୍ରକାଶ କରିଥିଲେ। ଅତିଥି ପଣ୍ଡିତ ବାସବ କୁମାର ନନ୍ଦ ଏହି ମଞ୍ଚ ଶିଶୁ କଳାକାରମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେବ ବୋଲି ମତବ୍ୟକ୍ତ କରିଥିଲେ। ଝୁଲରାମ ଦାସ, ପ୍ରଭାତ ଦାଶ, ପ୍ରମୋଦ ସାହୁ, ଗଙ୍ଗାଧର ବଳବନ୍ତରାୟ, ନିତ୍ୟାନନ୍ଦ ନାୟକ, ପ୍ରଶାନ୍ତ ଦାସ, ରମେଶ ଚନ୍ଦ୍ର ସ୍ୱାଇଁ, ପୂଜକ ଅଶୋକ ଦାଶ, ମାନସୀ ଶତପଥୀ, ସବିତା ନାୟକ, ସୁରେନ୍ଦ୍ର ସାହୁ, ଶିଶୁ ନୃତ୍ୟଶିଳ୍ପୀ ସାଇ ରତ୍ନପର୍ଣ୍ଣା ପରିଡାଙ୍କ ସମେତ ବହୁ ବୁଦ୍ଧିଜୀବୀ, କଳା ସଂସ୍କୃତି, ସାହିତ୍ୟ ଅନୁରାଗୀ ଉପସ୍ଥିତ ଥିଲେ। ଗୌରହରି ପରିଡା ଧନ୍ୟବାଦ ଦେଇଥିଲେ।




ରତ୍ନପର୍ଣ୍ଣା କଳା ସାହିତ୍ୟ ସଂସଦର ପ୍ରତିଷ୍ଠା ଉତ୍ସବରେ ଉପସ୍ଥିତ ଅତିଥି।

## କ୍ଲଷ୍ଟରସ୍ତରୀୟ ସହଯୋଗ ପ୍ରଶିକ୍ଷଣ ଶିବିର

**ରଘୁନାଥପୁର,୧୫।୧୧(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ୧୭ଟି କ୍ଲଷ୍ଟରର ପରିଚାଳନା କମିଟି ପ୍ରଶିକ୍ଷଣ ଶିବିର ସହଯୋଗ-୨ ଗୁରୁବାର ଉଦ୍‌ଘାଟନ ହୋଇଛି। ମୁଗୁରିଆ କ୍ଲଷ୍ଟର ସିଆର୍‌ସିସି ମହମ୍ମଦ ଓସାମାଙ୍କ ପରିଚାଳନାରେ ଆୟୋଜିତ ଶିବିରକୁ ଅବସରପ୍ରାପ୍ତ ଡିଆଇ ମନମୋହନ କାନୁନ୍‌ଗୋ ଉଦ୍‌ଘାଟନ କରିଥିଲେ। ତାରପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ପ୍ରଶିକ୍ଷଣ ଶିବିରରେ ୯ଗୋଟି ବିଦ୍ୟାଳୟର ପ୍ରତ୍ୟେକ ଏସ୍‌ଏମ୍‌ସିରୁ ୬ଜଣ ଲେଖାଏ ମୋଟ ୫୪ଜଣ ଶିକ୍ଷକ, ଏସ୍‌ଏମ୍‌ସି ସଭାପତି ଓ ୱାର୍ଡ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିଚାଳନା ସମ୍ପର୍କରେ ଏମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରଧାନଶିକ୍ଷୟିତ୍ରୀ ପ୍ରଣତୀଲତା ଦାଶଙ୍କ ସଭାପତିତ୍ୱରେ କାଳନ୍ଦୀ ଚରଣ ଦାସ, ବିରୁପାକ୍ଷ ସେଠୀ, ସୁଜିତ ବେହେରା, ସୟଦ ରମଜାନ ଅଲ୍ଲୀ, କୈଳାସ ଚନ୍ଦ୍ର ଦାସ ଓ ପ୍ରଦୀପ୍ତ ସାହୁ ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ।

## ନାଉଗାଁରେ ମରୁଡ଼ି ପରିସ୍ଥିତି ଆଶଙ୍କା

**ନାଉଗାଁ,୧୫।୧୧(ସ୍ୱ.ପ୍ର.)**

- କାମରେ ଲାଗୁନି ଜଳସେଚନ ପ୍ରକଳ୍ପ
- ଶୁଖିଲା ପଡିଛି ଧାନ ଜମି, କ୍ଷତିପୂରଣ ଦାବି

ନାଉଗାଁ ବ୍ଲକରେ ଉଠାଜଳସେଚନ ପ୍ରକଳ୍ପଗୁଡିକ ସମ୍ପୂର୍ଣ୍ଣ ଅଚଳ ହୋଇପଡିଛି। ବ୍ଲକର ୧୬ ପଞ୍ଚାୟତରେ ୨୫ ହଜାର ହେକ୍ଟର ଚାଷଜମିରୁ ୧୫ ହଜାର ହେକ୍ଟର ଜମିରେ ଧାନ ଚାଷ କରାଯାଇଛି। ସରକାରୀ ଖାତାରେ ଉକ୍ତ ବ୍ଲକର ୩୪ ଭାଗ ଚାଷଜମିକୁ ଜଳସେଚନ ବ୍ୟବସ୍ଥା ଥିବା ଦର୍ଶାଯାଇଥିବାବେଳେ ପ୍ରକୃତରେ ୧୫ଭାଗ ଜମିକୁ ଜଳସେଚନ ସୁବିଧା ରହିଛି। ଜଳସେଚନ ବ୍ୟବସ୍ଥା ମଧ୍ୟରେ କେନାଲ, ଚେକ୍‌ଡ୍ୟାମ, ଉଠାଜଳସେଚନ ପମ୍ପ ରହିଛି। ତେବେ ଏସବୁ କାଗଜ କଲମରେ ଚାଲିଛି। ବାସ୍ତବ ରୂପ ସମ୍ପୂର୍ଣ୍ଣ ଭିନ୍ନ। ଚେକ ଡ୍ୟାମଗୁଡିକ ଭାଙ୍ଗିଯାଇଥିବାବେଳେ କେନାଲର ଉପର ମୁଣ୍ଡରେ ପାଣି ପହଞ୍ଚିପାରୁନାହିଁ। କୃଷି କର୍ମଚାରୀ ଠିକ ଭାବେ କ୍ଷେତ୍ର ପରିଦର୍ଶନରେ ଯାଉନାହାନ୍ତି। ସାର ଯୋଗାଣରେ ବ୍ୟାପକ ଅନିୟମିତତା କରାଯାଉଛି। କୃଷି ବିଭାଗର ଆଗ୍ରୋ କ୍ଲିନିକ ବିଷୟରେ ଚାଷୀମାନେ ଏପର୍ଯ୍ୟନ୍ତ ଜାଣିନାହାନ୍ତି। ମରୁଡ଼ି ସମୟରେ ଚାଷୀ ଅଧିକ ଖର୍ଚ୍ଚାନ୍ତ ଓ ପରିଶ୍ରମ କରି ନିଜ ଉଦ୍ୟମରେ ଚାଷଜମିକୁ ପାଣି ମଡ଼ାଉଛନ୍ତି। ସରକାରଙ୍କ ତରଫରୁ ହୋଇଥିବା ଜଳସେଚନ ବ୍ୟବସ୍ଥା ଏହି ବ୍ଲକରେ ବିଫଳ ହୋଇଛି। ତେଣୁ ଧାନ ଥୋଡ଼ ବାହାରିବା ସମୟରେ ଜଳ ଅଭାବ ଦେଖାଦେଇଛି। ଏଥିଯୋଗୁ ଅଧିକ ଅଗାଡି ହେବାର ଆଶଙ୍କା ରହିଛି। ତେଣୁ ତୁରନ୍ତ ଜଳସେଚନ ବ୍ୟବସ୍ଥା କରିବା ସହିତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ମିଶ୍ର ଦାବି କରିଛନ୍ତି।

**OFFICE OF THE EXECUTIVE ENGINEER, RWS&S DIVISION, ROURKELA**
At/PO- Panposh, Rurkela-4
Phone- 8280408065, Email ID: eerwssrkl@gmail.com
O-994
**Govt. of Odisha "e" Procurement Notice**
Bid Identification No. 07 of 2018-19, Dt.08.11.2018

1. Executive Engineer, RWS&S Division, Rourkela on behalf of Governor of Odisha invites bids from bidders registered with the Odisha State Government and bidders of equivalent Grade / Class registered with Central Government / MES / Railways for the works detailed in the table below on turnkey basis (i.e. with design and execution). The bidders may submit bids for any or all of the Pipe Water Supply works.
2. Nature of work : Rural Piped Water Supply Schemes.
3. No. of Tender : 02 Nos.
4. Tender Cost : Rs. 10000/-
5. Class of Contractor : 'B', 'A', 'Special' Class (As annexed)
6. Date and Time of availability of bid document in the portal : Dt.26.11.2018 at 11.00AM to Dt.10.12.2018 upto 5.00PM
7. Date of opening of Technical Bid : Dt.11.12.2018 at 11.00AM
8. Date of opening of Financial Bid : To be intimated after Technical evaluation of the Bidder
9. Period of Completion : RPWS-11 (Eleven calendar months) As annexed

The bidders have to participate in online bidding only. Further details and any type of corrigendum can be seen from the Govt. website http://www.tendersodisha.gov.in

The authority reserves the right to reject any or all the tenders without assigning any reason thereof.

*Sd./- Executive Engineer*
*RWS&S Division, Rourkela*
25038/11/0009/1819

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**BALANGIR (R&B) DIVISION, BALANGIR**
Email: eepwd.bgr@rediffmail.com, eepwd.bgr@gmail.com, Ph. No. 06652-232374
829-B
**e-Procurement Notice**
BID IDENTIFICATION No.: BGR R&B / 14/2018-19
No. ______ // Dtd. 13.11.2018

1. The Executive Engineer, Bolangir (R&B) Division, Bolangir on behalf of Governor of Odisha invites percentage rate bid in Double Cover System in ONLINE MODE for the construction of works detailed in the table below from B/A Class Contractors registered with the State Governments and contractors of equivalent Grade / Class registered with Central Government / MES / Railways for execution of Civil works. The proof of registration from the appropriate authority shall be enclosed along with the bid.
2. Nature of work : Road work
3. No. of tender : Road work: 02 Nos.
4. Tender Cost : Rs. 10,000/-
5. Class of Contractor : "B" Class & "A" Class
6. Date & Time of sale & Receipt of Bids : From Dt.20.11.2018, 11.00AM to Dt.04.12.2018 upto 5.00PM
7. Date of opening Bid : Dt.06.12.2018 at 11.30AM
8. The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendums will be available on ONLINE MODE only.

*Executive Engineer*
*Balangir (R&B) Division, Balangir*
34028/11/0034/1819

**OFFICE OF THE EXECUTIVE ENGINEER, RWS&S DIVISION, ROURKELA**
At/PO- Panposh, Rurkela-4
Phone- 8280408065, Email ID: eerwssrkl@gmail.com
O-995
**Govt. of Odisha "e" Procurement Notice**
Bid Identification No. 08 of 2018-19, Dt.08.11.2018

1. The Executive Engineer, RWS&S Division, Rourkela on behalf of Governor of Odisha invites percentage bid through e-Procurement in single cover system according in online mode for external electrification for different piped water supply schemes in different block in Sundargarh district under RWSS Division, Rourkela detailed in the table below from eligible electrical contractors having HT (11KV) license holder. The bid should be submitted online only in the website www.tendersodisha.gov.in separately for different works.
2. Nature of work : External Electrification for Rural Piped Water Supply Schemes.
3. No. of Tender : 06 Nos.
4. Tender Cost : Rs. 4000/-
5. Date and time of availability of bid document in the portal : Dt.26.11.2018 at 11.00AM to Dt.06.12.2018 upto 5.00PM
6. Date of opening of Technical Bid : Dt.07.12.2018 at 11.00AM
7. Date of opening of Financial Bid : To be intimated after Technical evaluation of the Bidder
8. Period of Completion : 45 days

The bidders have to participate in online bidding only. Further details and any type of corrigendum can be seen from the Govt. website http://www.tendersodisha.gov.in

The authority reserves the right to reject any or all the tenders without assigning any reason thereof.

*Sd./- Executive Engineer*
*RWS&S Division, Rourkela*
25038/11/0010/1819

**OFFICE OF THE KORAPUT MUNICIPALITY, KORAPUT**
No. 5994/MUN-2018 Dated: 13.11.2018
**"e" PROCUREMENT NOTICE**
Bid Identification No.: KPTMUN-058/2018

**No. 343-C:-** Bid documents consisting of Work, Estimated Cost, Cost of Tender Paper, EMD, Time of Completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

1. Name of the Work : Civil work
2. No. of works : 3 Nos.
3. Estimated Cost : Rs. 5.00 Lakh to 10.00 lakh
4. Period of Completion : 30 days
5. Date & time of Bidding : From 11.00AM of 15.11.2018 to 5.00PM of 24.11.2018
6. Last date & time for receipt of Bids in the portal : 24.11.2018 at 5.00PM
7. Bids received online shall be opened on : 3.00PM hours of 28.11.2018
8. Name and address of the Officer inviting Bid : Executive Officer, Koraput Municipality

Further details can be seen from the procurement portal : www.tenderorissa.gov.in

*Sd./- Executive Officer*
*Koraput Municipality*
13074/11/0019/1819



" ଆତଙ୍କବାଦ ପ୍ରତି ଇସ୍‌ଲାମାବାଦର ସମର୍ଥନରୁ ପାକିସ୍ତାନ କିମ୍ବା ଆଫଗାନିସ୍ତାନ କାହାକୁ ଲାଭ ମିଳିନାହିଁ । ତେଣୁ ଦୁଇ ପଡ଼ୋଶୀ ମଧ୍ୟରେ ଆଘୋଷିତ ଯୁଦ୍ଧର ଅବସାନ ଘଟିବା ଜରୁରୀ ।
- ଅଶରଫ୍ ଗନି, ଆଫଗାନିସ୍ତାନ ରାଷ୍ଟ୍ରପତି

## ସଂକ୍ଷେପରେ

### ଆଫଗାନିସ୍ତାନରେ ତାଲିବାନ ଆକ୍ରମଣ: ୩୦ ନିହତ



**କାବୁଲ,୧୫।୧୧(ପି.ଟି.)**-ଆଫଗାନିସ୍ତାନର ପଶ୍ଚିମାଞ୍ଚଳରେ ଥିବା ଫାରା ପ୍ରଦେଶରେ ସୁରକ୍ଷାବଳକୁ ଟାର୍ଗେଟ କରି ତାଲିବାନ୍ ଆତଙ୍କବାଦୀ ଘଟାଇଛନ୍ତି ଆକ୍ରମଣ। ବୁଧବାର ବିଳମ୍ବିତ ରାତିରେ ହୋଇଥିବା ଏହି ଆକ୍ରମଣରେ ୩୦ ପୋଲିସ କର୍ମଚାରୀ ନିହତ ହୋଇଛନ୍ତି। ଏ ସମ୍ପର୍କରେ ଗୁରୁବାର ସୂଚନା ମିଳିଛି। ଆଫଗାନିସ୍ତାନର ଅର୍ଦ୍ଧେକ ଭାଗ ନିଜ କବ୍‌ଜାକୁ ନେଇଥିବା ତାଲିବାନ୍ ସେନା ଓ ପୋଲିସବାହିନୀକୁ ବାରମ୍ବାର ଚ୍ୟାଲେଞ୍ଜ କରିବା ସହ ପ୍ରତିଦିନ ଆକ୍ରମଣ ଘଟାଉଛି। ତେବେ ଫାରାରେ ହୋଇଥିବା ସଦ୍ୟ ଆକ୍ରମଣ ପାଇଁ ଦାୟୀ ଅଛି ନା ନାହିଁ, ସେ ସମ୍ପର୍କରେ ଆତଙ୍କବାଦୀ ସଙ୍ଗଠନ ପକ୍ଷରୁ ସ୍ପଷ୍ଟ ହୋଇନାହିଁ।

### କୋଟିପତି କେସିଆର୍‌ଙ୍କ ପାଖରେ ନାହିଁ କାର୍



**ହାଇଦ୍ରାବାଦ୍,୧୫।୧୧**-ତେଲେଙ୍ଗାନା ବିଧାନସଭା ନିର୍ବାଚନ ପାଇଁ ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ(କେସିଆର୍) ଗଜୱେଲ ଆସନରୁ ଦାଖଲ କରିଛନ୍ତି ନାମାଙ୍କନପତ୍ର। ତାଙ୍କର ସମ୍ପତ୍ତି ପରିମାଣ ପ୍ରାୟ ୨୨ କୋଟି ଟଙ୍କା ହେବ ବୋଲି ସେ ସତ୍ୟପାଠରେ ଦର୍ଶାଇଛନ୍ତି। ରାଜନେତା ସହିତ ସେ ମଧ୍ୟ ଜଣେ ବଡ଼ ଚାଷୀ। ତାଙ୍କ ପାଖରେ ୫୪ ଏକର ଜମି ଏବଂ ତାଙ୍କ ସ୍ତ୍ରୀ ଶୋଭାଙ୍କ ପାଖରେ ୯୪.୫ ଲକ୍ଷ ଟଙ୍କାର ସମ୍ପତ୍ତି ରହିଛି। ତାଙ୍କର ବାର୍ଷିକ ଆୟ ୯୧.୫ ଲକ୍ଷ ଟଙ୍କା ବୋଲି ସତ୍ୟପାଠରେ ଦର୍ଶାଯାଇଛି। ତେବେ କୋଟିପତି କେସିଆର୍‌ଙ୍କ ପାଖରେ କୌଣସି କାର୍ ନାହିଁ। ତାଙ୍କ ନାମରେ ୬୩ଟି ମାମଲା ଦାଏର କରାଯାଇଥିବା ସେ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି।

■ ପଞ୍ଜାବ ସୀମା ଦେଇ ଆସୁଛନ୍ତି ୭ ପାକିସ୍ତାନୀ ଆତଙ୍କବାଦୀ

# ଜୈଶ୍ ଟାର୍ଗେଟରେ ଦିଲ୍ଲୀ

**ଚଣ୍ଡିଗଡ଼/ନୂଆଦିଲ୍ଲୀ,୧୫।୧୧**

ଜମ୍ମୁ-କଶ୍ମୀର ପରେ ଦିଲ୍ଲୀ ଉପରେ ଆଖି ପକାଇଛି ପାକିସ୍ତାନର ବେଆଇନ ଘୋଷିତ ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଇ-ମହମ୍ମଦ (ଜେଇଏମ୍)। ଏହାର ୬ରୁ ୭ ସଶସ୍ତ୍ର ଆତଙ୍କବାଦୀ ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ ଅନୁପ୍ରବେଶ କରି ପଞ୍ଜାବର ଫିରୋଜପୁରରେ ଲୁଚିଛନ୍ତି। ଏବେ ସେମାନେ ଦିଲ୍ଲୀ ଆସିବା ପାଇଁ ଉଦ୍ୟମ କରୁଛନ୍ତି। ଜାତୀୟ ରାଜଧାନୀରେ ପହଞ୍ଚି ସେଠାରେ ଆକ୍ରମଣ କରିବା ଆତଙ୍କବାଦୀଙ୍କ ଉଦ୍ଦେଶ୍ୟ ବୋଲି ଗୁରୁବାର ଗୋଇନ୍ଦା ରିପୋର୍ଟ ସ୍ପଷ୍ଟ କରିଛି। ଏହାକୁ ନେଇ ପଞ୍ଜାବ ଓ ଦିଲ୍ଲୀରେ ହାଇଆଲର୍ଟ ଜାରି କରାଯାଇଛି।

ଗୋଇନ୍ଦା ସୂଚନାନୁସାରେ ଜୈଶ୍ ଆତଙ୍କବାଦୀମାନେ ସୀମାର ସୁରକ୍ଷା ବ୍ୟବସ୍ଥାକୁ ଫାଙ୍କିଦେଇ ପଞ୍ଜାବରେ



ଅନୁପ୍ରବେଶ କରିସାରିଲେଣି। ସେମାନେ ଫିରୋଜପୁରର କୌଣସି ସ୍ଥାନରେ ଲୁଚି ରହିଛନ୍ତି। କୌଣସି ସମୟରେ ଆତଙ୍କବାଦୀମାନେ ଦିଲ୍ଲୀ ଆସିପାରନ୍ତି। ଏଥିଲାଗି ସେମାନେ ସୁଯୋଗ ଖୋଜୁଛନ୍ତି।

ଏହାକୁ ଦୃଷ୍ଟିରେ ରଖି ଭାରତ-ପାକିସ୍ତାନ ସୀମାରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ଏହାସହ ଦିଲ୍ଲୀ ଓ ପଞ୍ଜାବରେ ବିଏସ୍‌ଏଫ୍, ସ୍ଥାନୀୟ ପୋଲିସ ଓ ପ୍ରତିରକ୍ଷା ସଂସ୍ଥାଗୁଡ଼ିକ ସହ ସମନ୍ୱୟ ରଖି ସୀମାନ୍ତ ଅଞ୍ଚଳରେ କଡ଼ା ନଜର ରଖିବାକୁ ସତର୍କ କରାଯାଇଛି।

ପଞ୍ଜାବର ପଠାନ୍‌କୋଟ ନିକଟସ୍ଥ ମାଧୋପୁର ଅଞ୍ଚଳରେ ୪ ସନ୍ଦିଗ୍ଧ ଆତଙ୍କବାଦୀ ବୁଧବାର ବନ୍ଧୁକ ଦେଖାଇ ଜଣକଠାରୁ ତାଙ୍କର ଟ୍ୟାକ୍ସି ଲୁଟିନେଇଛନ୍ତି। ଏହି ଘଟଣା ପରେ ପଞ୍ଜାବରେ ପଠାନ୍‌କୋଟ ଆକ୍ରମଣର ପୁନରାବୃତ୍ତି ଘଟିପାରେ ବୋଲି ଲୋକେ ଭୟଭୀତ ହୋଇଯାଇଛନ୍ତି। ଏହାର ଦିନକ ପରେ ଏହି ଗୋଇନ୍ଦା ରିପୋର୍ଟ ଆସିଥିବାରୁ ସୁରକ୍ଷା ସଂସ୍ଥାଗୁଡ଼ିକ ପାଇଁ ନୂଆ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ପ୍ରକାଶ ଯେ, ମୌଲାନା ମାସୁଦ୍ ଆଝାରଙ୍କ ଆତଙ୍କବାଦୀ ସଙ୍ଗଠନ ଜୈଶ୍ ୨୦୧୬ ଜାନୁୟାରୀ ୨ରେ ପଠାନ୍‌କୋଟ ବାୟୁସେନା ଘାଟିରେ ଆକ୍ରମଣ କରିଥିଲା। ଏଥିରେ ୬ ଯବାନ ଶହୀଦ ହୋଇଥିବାବେଳେ ଜଣେ ସାଧାରଣ ନାଗରିକ ନିହତ ହୋଇଥିଲେ। ଯବାନଙ୍କ ଜବାବୀ କାର୍ଯ୍ୟାନୁଷ୍ଠାନରେ ୪ ଆତଙ୍କବାଦୀ ନିହତ ହୋଇଥିଲେ।

## ଶ୍ରୀଲଙ୍କା ପାର୍ଲାମେଣ୍ଟରେ ଗଣ୍ଡଗୋଳ

**କଲମ୍ବୋ,୧୫।୧୧(ପି.ଟି.)**

ଶ୍ରୀଲଙ୍କାରେ ଲାଗିରହିଥିବା ରାଜନୈତିକ ସଙ୍କଟ ଅଡୁଆ ସୂତା ଭଳି ହେବାରେ ଲାଗିଛି। ରାଷ୍ଟ୍ରପତି ମୈତ୍ରିପାଳ ସିରିସେନାଙ୍କ ଏକଚାଟିଆ ନିଷ୍ପତ୍ତି ଯୋଗୁ ପ୍ରଧାନମନ୍ତ୍ରୀ ପଦରେ ଆସୀନ ହୋଇଥିବା ମହିନ୍ଦା ରାଜପାକ୍ସେ ଆସ୍ଥା ଭୋଟରେ ହାରିଯିବା ସତ୍ତ୍ୱେ ଗାଦି ଛାଡ଼ିବାକୁ ନାରାଜ୍। ଏସବୁ ଘଟଣାକ୍ରମର ପ୍ରଭାବ ଗୁରୁବାର ଶ୍ରୀଲଙ୍କା ପାର୍ଲାମେଣ୍ଟରେ ଦେଖିବାକୁ ମିଳିଛି। ଅଧିବେଶନ ଚାଲିଥିଲାବେଳେ ଗୃହ ଭିତରେ ଏମ୍‌ପିମାନେ ପ୍ରବଳ ହଇଗୋଳ କରିବାରୁ ଏକପ୍ରକାର ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇଛି। ବାଚସ୍ପତିଙ୍କ ଚୌକିକୁ ସେମାନେ ଘେରିଯିବା ସହ ପରସ୍ପରକୁ ଧସ୍ତାଧସ୍ତି



- ■ ବାଚସ୍ପତିଙ୍କ ଚୌକିକୁ ଘେରିଗଲେ ଏମ୍‌ପି
- ■ ଧସ୍ତାଧସ୍ତି ହେଲେ, ଜିନିଷ ଫିଙ୍ଗିଲେ
- ■ ଜଣେ ଏମ୍‌ପି ଆହତ
- ■ ସାନି ନିର୍ବାଚନ ଦାବି କଲେ ସିରିସେନା, ରାଜପାକ୍ସେଙ୍କ ବିଶ୍ୱସ୍ତ ଏମ୍‌ପି

ଏବଂ ଜିନିଷ ଫିଙ୍ଗାଫୋପଡ଼ା କରିଛନ୍ତି। ଇତିମଧ୍ୟରେ ଜଣେ ଏମ୍‌ପି ଆହତ ହୋଇଛନ୍ତି। ତେବେ ସମ୍ପ୍ରତି ରାଜନୈତିକ ସଙ୍କଟ ଟାଳିବା ପାଇଁ ସାନି ନିର୍ବାଚନ ହେଉ ବୋଲି ସିରିସେନା ଓ ରାଜପାକ୍ସେଙ୍କ ବିଶ୍ୱସ୍ତ ଥିବା ଏମ୍‌ପିମାନେ ଦାବି କରିଛନ୍ତି।

## ରୁଷିଆରେ ଭୂକମ୍ପ



**ମସ୍କୋ,୧୫।୧୧**

ରୁଷିଆର କାମଚଟ୍‌କା ଦ୍ୱୀପ ଅଞ୍ଚଳରେ ଗୁରୁବାର ଭୂକମ୍ପ ଅନୁଭୁତ ହୋଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୬.୫ ଥିଲା ବୋଲି ପାଣିପାଗ ବିଭାଗ ପକ୍ଷରୁ ଜଣାପଡ଼ିଛି। ତେବେ କ୍ଷୟକ୍ଷତି ସମ୍ପର୍କରେ କୌଣସି ସୂଚନା ମିଳିପାରିନାହିଁ। ଏହି ଅଞ୍ଚଳ ସେସ୍‌ମିକ୍ ଜୋନ୍ ମଧ୍ୟରେ ରହୁଥିବାରୁ ଏଠାରେ ଅନେକ ସମୟରେ ଭୂକମ୍ପ ଅନୁଭୁତ ହୋଇଥାଏ। ଗତ ମାସରେ ଏଠାରେ ୫.୭ ତୀବ୍ରତାଯୁକ୍ତ ଭୂକମ୍ପ ଅନୁଭୁତ ହୋଇଥିଲା। ଏହାପରେ ସେହିଦିନ ଏଠାରେ ୩ ଥର ଭୂକମ୍ପ ହୋଇଥିଲା।

## ତାମିଲନାଡୁରେ ଗାଜା ତାଣ୍ଡବ

**ଚେନ୍ନାଇ,୧୫।୧୧(ଆଇଏଏନ୍‌ଏସ୍)**

ବଙ୍ଗୋପସାଗରରେ ସୃଷ୍ଟ ସାମୁଦ୍ରିକ ଝଡ଼ 'ଗାଜା' ବାତ୍ୟାର ରୂପ ଧାରଣ କରୁଛି। ଏହା ଏବେ ତାମିଲନାଡୁ ମୁହାଁ ହୋଇଛି। ଗୁରୁବାର ରାତି ସୁଦ୍ଧା ପାମ୍ବାନ୍ ଏବଂ କୁଡ୍ଡାଲୋର ମଧ୍ୟଦେଇ ଏହା ଅତିକ୍ରମ କରିଛି। ତେଣୁ 'ଗାଜା' ପ୍ରଭାବରେ ପ୍ରବଳ ବର୍ଷା ଓ ପବନ ହୋଇଛି। ତାମିଲନାଡୁ ଉପକୂଳବର୍ତ୍ତୀ ଅଞ୍ଚଳରେ ୮୦ରୁ ୯୦ କି.ମି. ବେଗରେ ପବନ ବୋହିଥିବା ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ସୂଚନା ଦିଆଯାଇଛି।

ଆଇଏମ୍‌ଡି ଦ୍ୱାରା ପ୍ରଦତ୍ତ ରିପୋର୍ଟ ମୁତାବକ, ସାମୁଦ୍ରିକ ଝଡ଼ 'ଗାଜା' ପ୍ରଭାବରେ ତାମିଲନାଡୁର ଦକ୍ଷିଣାଞ୍ଚଳ, ଆନ୍ଧ୍ରପ୍ରଦେଶ ଏବଂ ପଣ୍ଡିଚେରୀରେ ସମୁଦ୍ର ସମ୍ପୂର୍ଣ୍ଣ ଅଶାନ୍ତ ରହିଛି। ଗୁରୁବାର ଅପରାହ୍ନରୁ ପାଣିପାଗ ସ୍ଥିତି



ଅଧିକ ଜଟିଳ ହୋଇଛି। ଶୁକ୍ରବାର ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନ ଯିବା ଲାଗି ମତ୍ସ୍ୟଜୀବୀଙ୍କୁ ସତର୍କ ସୂଚନା ଦିଆଯାଇଛି। ଏହି ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ତାମିଲନାଡୁର ଥାଞ୍ଜାଭୁର, ତିରୁଭାରୁର, ନାଗପଟ୍ଟିନାମ୍, ରାମନାଥପୁରମ୍ ଓ ପୁଡୁକୋଟ୍ଟାଇ ଜିଲା ଏବଂ ପଣ୍ଡିଚେରୀର କାରାଇକାଲ୍ ଜିଲାରେ ସ୍କୁଲ ଓ କଲେଜ ଛୁଟି ଘୋଷଣା କରାଯାଇଛି। ବାତ୍ୟା ଯୋଗୁ ମୋବାଇଲ ସେବା ଯେପରି ବାଧାପ୍ରାପ୍ତ ନ ହୁଏ, ସେଥିଲାଗି ପଦକ୍ଷେପ ଗ୍ରହଣ ହୋଇଛି ବୋଲି ଏଆଇଏଡିଏମ୍‌କେ ସରକାର କହିଛନ୍ତି।

■ ନ୍ୟାଶନାଲ ହେରାଲ୍ଡ ବିଲ୍ଡିଂ ମାମଲା

## ପ୍ରକାଶନ ସଂସ୍ଥା ଏଜେଏଲ୍‌କୁ ଆଶ୍ୱସ୍ତି

**ନୂଆଦିଲ୍ଲୀ,୧୫।୧୧(ପି.ଟି.)**

ବହୁଚର୍ଚ୍ଚିତ ନ୍ୟାଶନାଲ ହେରାଲ୍ଡ ଖବରକାଗଜର ପ୍ରକାଶନ ସଂସ୍ଥା ଆସୋସିଏଟେଡ ଜର୍ନାଲ୍ସ ଲିମିଟେଡ (ଏଜେଏଲ୍)କୁ ଗୁରୁବାର ମିଳିଛି ବଡ଼ ଧରଣର ଆଶ୍ୱସ୍ତି। ବିଲ୍ଡିଂ ଖାଲି କରିବାକୁ କେନ୍ଦ୍ର ଦେଇଥିବା ନିର୍ଦ୍ଦେଶକୁ ସାମୟିକ ଭାବେ ଟାଳିବା ସହ ସ୍ଥିତାବସ୍ଥା ଜାରି ରଖିବାକୁ ଦିଲ୍ଲୀ ହାଇକୋର୍ଟ କହିଛନ୍ତି। ଏହି ଅନୁଯାୟୀ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଉକ୍ତ କୋଠାରେ ନ୍ୟାଶନାଲ ହେରାଲ୍ଡର ପ୍ରକାଶନ ସଂସ୍ଥା ଚାଲିବ।

ଆଇଟିଓରେ ଚାଲିଛି ଆସୋସିଏଟେଡ ଜର୍ନାଲ୍ସ ଲିମିଟେଡ୍ ପ୍ରକାଶନ ସଂସ୍ଥା। ୫୬ ବର୍ଷ ପୂର୍ବେ ଏନେଇ ହୋଇଥିବା ଲିଜ୍ ଅବଧି ପୂରିଯାଇଛି। ତେଣୁ ନଭେମ୍ବର ୧୫ ତାରିଖ ସୁଦ୍ଧା ବିଲ୍ଡିଂ ଖାଲି କରିବାକୁ ଏଜେଏଲ୍‌କୁ ନିର୍ଦ୍ଦେଶ ଦେଇଥିଲା କେନ୍ଦ୍ର



**୨୨ ଯାଏ ଜାରି ରହିବ ସ୍ଥିତାବସ୍ଥା**

ନଗର ଉନ୍ନୟନ ମନ୍ତ୍ରଣାଳୟ। ଏହାକୁ ଚ୍ୟାଲେଞ୍ଜ କରି ଗତ ୧୨ ତାରିଖରେ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା ପ୍ରକାଶନ ସଂସ୍ଥା। ଏଜେଏଲ୍ ସପକ୍ଷରେ ରାୟ ଦେଇ ଅଦାଲତ ଏହାର ସ୍ଥିତାବସ୍ଥା ଜାରି ରହିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଏଜେଏଲ୍ ଦାଏର କରିଥିବା ପିଟିଶନ୍‌ରେ ଦର୍ଶାଇଛି ଯେ, ନ୍ୟାଶନାଲ ହେରାଲ୍ଡ ଖବରକାଗଜ ଶାଣିତ ସ୍ୱର ଉଠାଉଥିବାରୁ ଏହା ଉପରେ ଚାପ ପକାଇବା ଲାଗି କେନ୍ଦ୍ର ଷଡ଼ଯନ୍ତ୍ର ରଚୁଛି। ଦେଶର ସର୍ବବୃହତ୍ ବିରୋଧୀ ଦଳ କଂଗ୍ରେସର ମୁଖପତ୍ର ଭାବେ ଜଣାଶୁଣା ଏହି ଗଣମାଧ୍ୟମ ସଂସ୍ଥା। ତେବେ ସିଧାସଳଖ ନାମ ନ ନେଇ ପରୋକ୍ଷରେ ଶାସକ ଭାଜପାକୁ ଟାର୍ଗେଟ କରିଛି ଏଜେଏଲ୍। ରାଜନୈତିକ ଉଦ୍ଦେଶ୍ୟ ରଖି ଗୈରିକ ଦଳ କୋଠା ଖାଲି କରିବାକୁ ଚାପ ପକାଉଥିବା ପ୍ରକାଶନ ସଂସ୍ଥା ପକ୍ଷରୁ ଅଭିଯୋଗ ହୋଇଛି। ଏହି ମାମଲାର ଶୁଣାଣି କରି ଏଜେଏଲ୍‌କୁ ଆଶ୍ୱସ୍ତି ପ୍ରଦାନ କରିଛନ୍ତି ହାଇକୋର୍ଟ। ଏଜେଏଲ୍ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘଭୀ ମାମଲା ପରିଚାଳନା କରୁଛନ୍ତି।

# ଫୁର୍‌ସତ

## ଇତିହାସର ଆଇନାରେ

**ନଭେମ୍ବର ୧୬ର ପ୍ରମୁଖ ଘଟଣା**

### ଆମେରିକା ଫେଡେରାଲ ରିଜର୍ଭ ବ୍ୟାଙ୍କ ପ୍ରତିଷ୍ଠା

୧୯୧୪ ନଭେମ୍ବର ୧୬ରେ ଆମେରିକା ଫେଡେରାଲ ରିଜର୍ଭ ବ୍ୟାଙ୍କର ପ୍ରତିଷ୍ଠା ହୋଇଥିଲା। ଏହା ହେଉଛି ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାର ଆଞ୍ଚଳିକ ବ୍ୟାଙ୍କ୍। 'ଫେଡେରାଲ ରିଜର୍ଭ ଆକ୍ଟ ୧୯୧୩' ଅନୁଯାୟୀ ଦେଶର ୧୨ଟି ଫେଡେରାଲ ରିଜର୍ଭ ଜିଲାରେ ଏହି ବ୍ୟାଙ୍କ୍ ପ୍ରତିଷ୍ଠା ହୋଇଥିଲା। ବିଂଶ ଶତାବ୍ଦୀର ଆରମ୍ଭ ବେଳେ ଦେଶରେ ଦେଖାଦେଇଥିବା ଅର୍ଥନୈତିକ ସଙ୍କଟର ମୁକାବିଲା ଲାଗି ଏହି ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। ବୋଷ୍ଟନ୍, ନ୍ୟୁୟର୍କ, ଫିଲାଡେଲ୍‌ଫିଆ, କ୍ଲିଭ୍‌ଲାଣ୍ଡ, ରିଚ୍‌ମଣ୍ଡ, ଆଟ୍‌ଲାଣ୍ଟା, ଶିକାଗୋ, ସେଣ୍ଟ ଲୁଇସ୍, ମିନିଆପଲିସ୍, କାନ୍‌ଜାସ୍ ସିଟି, ଡଲ୍ଲାସ୍, ସାନ୍ ଫ୍ରାନ୍ସିସ୍କୋ ଆଦି ଫେଡେରାଲ ଜିଲାରେ ରହିଛି ଏହି ବ୍ୟାଙ୍କ୍।

### ପ୍ରତିଷ୍ଠା ହେଲା ୟୁନେସ୍କୋ

୧୯୪୫ ନଭେମ୍ବର ୧୬ରେ ଜାତିସଂଘ ଶିକ୍ଷା, ବିଜ୍ଞାନ ଓ ସଂସ୍କୃତି ସଙ୍ଗଠନ 'ୟୁନେସ୍କୋ' ପ୍ରତିଷ୍ଠା କରାଯାଇଥିଲା। ଶିକ୍ଷା, ବିଜ୍ଞାନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧମରେ ବିଶ୍ୱରେ ଶାନ୍ତି ଓ ନିରାପତ୍ତା ବଜାୟ ରଖିବା ଏବଂ ବିଭିନ୍ନ ଦେଶ ସହ ସୁସମ୍ପର୍କ ପ୍ରତିଷ୍ଠା କରିବା ଥିଲା ଏହି ସଙ୍ଗଠନର ମୁଖ୍ୟ ଉଦ୍ଦେଶ୍ୟ। ଏହାଛଡ଼ା ସାମାଜିକ ନ୍ୟାୟ, ମାନବିକ ଅଧିକାର ସୁରକ୍ଷା ଓ ମୌଳିକ ଅଧିକାର ପାଇଁ ମଧ ସଙ୍ଗଠନ କାର୍ଯ୍ୟ କରିଥାଏ। ବର୍ତ୍ତମାନ ଏହାର ସଦସ୍ୟ ସଂଖ୍ୟା ହେଉଛି ୧୯୫। ପ୍ରତ୍ୟେକ ଦେଶରେ ଏହାର ଜାତୀୟ ଓ ଆଞ୍ଚଳିକ କାର୍ଯ୍ୟାଳୟ ମଧ ପ୍ରତିଷ୍ଠା କରାଯାଇଛି। ଏହାବ୍ୟତୀତ ସାକ୍ଷରତା, ପ୍ରଯୁକ୍ତିବିଦ୍ୟା, ଶିକ୍ଷକ ତାଲିମ କାର୍ଯ୍ୟକ୍ରମ, ଅନ୍ତର୍ଜାତୀୟ ବିଜ୍ଞାନ କାର୍ଯ୍ୟକ୍ରମ, ଗଣମାଧମର ସ୍ୱାଧୀନତା ଓ ସାଂସ୍କୃତିକ ବିବିଧତାର ବିକାଶ, ସାହିତ୍ୟ କୃତିର ଅନୁବାଦ ଏବଂ ବିଶ୍ୱ ସାଂସ୍କୃତିକ କେନ୍ଦ୍ର ତଥା ଐତିହ୍ୟସ୍ଥଳୀର ସୁରକ୍ଷା ଲାଗି ଏହା କାର୍ଯ୍ୟ କରିଆସୁଛି।

## ଭଜନ କୀର୍ତ୍ତନରୁ ଆଲଜାଇମର ନିୟନ୍ତ୍ରଣ


**ୱାଶିଂଟନ୍:**

ଭାରତରେ ଚଳିଆସୁଥିବା କୀର୍ତ୍ତନ କ୍ରିୟା ଆଲଜାଇମର (ଏକ ପ୍ରକାର ମାନସିକ ରୋଗ) ନିୟନ୍ତ୍ରଣରେ ସହାୟକ ହୋଇପାରିବ ବୋଲି ଏକ ଅଧ୍ୟୟନରୁ ଜାଣିବାକୁ ମିଳିଛି। ଆମେରିକା ୱେଷ୍ଟ ଭର୍ଜିନିଆ ୟୁନିଭର୍ସିଟିର ଗବେଷକମାନେ କହନ୍ତି, ଏକ ସରଳ ଭଜନ କୀର୍ତ୍ତନ ବା ସଂଗୀତ ଚିକିତ୍ସା ଦ୍ୱାରା ବୟସ୍କଙ୍କଠାରେ ଦେଖାଦେଉଥିବା ସ୍ମୃତିବିଭ୍ରମ ବା ଭୁଲାପଣକୁ ନିୟନ୍ତ୍ରଣ କରାଯାଇ ପାରିବ। ଏ ସମ୍ପର୍କିତ ଏକ ଅଧ୍ୟୟନ 'ଜର୍ନାଲ ଅଫ୍ ଆଲ୍‌ଜାଇମର ଡିଜିଜ୍'ରେ ପ୍ରକାଶ ପାଇଛି। ଏଥିରେ କୁହାଯାଇଛି ଯେ, କୀର୍ତ୍ତନ କ୍ରିୟା ସ୍ମୃତିଶକ୍ତି, ବୌଦ୍ଧିକ ଦକ୍ଷତା, ନିଦ୍ରା, ମନୋଭାବ ଏବଂ ଗୁଣାତ୍ମକ ଜୀବନଯାପନ ଉପରେ ପ୍ରତ୍ୟକ୍ଷ ଭାବରେ ପ୍ରଭାବ ପକାଏ। ୬୦ବର୍ଷ ବା ତଦୂର୍ଦ୍ଧ୍ୱ ବୟସର ବ୍ୟକ୍ତିମାନେ ସ୍ମୃତିବିଭ୍ରମର ଶିକାର ହୋଇଥାଆନ୍ତି। ପ୍ରତିଦିନ ୧୨ମିନିଟ୍ ଲେଖାଏ ୧୨ ସପ୍ତାହ କୀର୍ତ୍ତନ କ୍ରିୟା ବା ସଂଗୀତ ଶୁଣିବା କାର୍ଯ୍ୟକ୍ରମ ଦ୍ୱାରା ଏହି ରୋଗକୁ ନିୟନ୍ତ୍ରଣ କରାଯାଇ ପାରିବ ବୋଲି ଗବେଷକମାନେ ମତ ଦେଇଛନ୍ତି। ଏହି କ୍ରିୟାରେ ଗୀତ ଗାୟନ ସହିତ କରତାଳି ବଜାଇଲେ ହାତ ଅଙ୍ଗୁଳିରେ ଥିବା ସ୍ନାୟୁକୁ ସକ୍ରିୟ କରାଇ ସ୍ମୃତିଶକ୍ତି ବଜାୟ ରଖିଥାଏ।

## ପୃଥିବୀର ପଡ଼ୋଶୀ ସୁପର-ଆର୍ଥ

**ପ୍ୟାରିସ:**

ସୂର୍ଯ୍ୟଙ୍କ ନିକଟବର୍ତ୍ତୀ ଏକ ନକ୍ଷତ୍ର ଚାରିପାଖରେ ପ୍ରଦକ୍ଷିଣ କରୁଥିବା ଗୋଟିଏ ସୁପର-ଆର୍ଥ ଆବିଷ୍କାର କରାଯାଇଛି। ପୃଥିବୀର ପାଖାପାଖି ଗ୍ରହମଣ୍ଡଳରେ ଏହା ଦୃଶ୍ୟମାନ ହେଉଥିବା ବୈଜ୍ଞାନିକମାନେ ଦାବି କରିଛନ୍ତି। ଜ୍ୟୋତିର୍ବିଜ୍ଞାନୀମାନେ ପୃଥିବୀଠାରୁ ୬ ଆଲୋକବର୍ଷ ଦୂରତାରେ ଏହି ଲାଲ୍‌ଗ୍ରହ ଠାବ କରିଛନ୍ତି। ଏହା ଏକ ବରଫପିଣ୍ଡ ଭଳି ଦୃଶ୍ୟମାନ ହେଉଥିବାବେଳେ ପୃଥିବୀ ଓଜନର ୩.୨ଗୁଣ। ଏହି ଗ୍ରହକୁ ବର୍ନାଡ ଷ୍ଟାର-ବି ବୋଲି କୁହାଯାଏ। ସୌରମଣ୍ଡଳ ବାହାରେ ପୃଥିବୀର ଏହା ଦ୍ୱିତୀୟ ନିକଟବର୍ତ୍ତୀ



ଗ୍ରହ। ଏହା ନିଜ ନକ୍ଷତ୍ର ଚତୁର୍ଦ୍ଦିଗରେ ଥରେ ଘୂରିଆସିବାକୁ ୨୩୩ ଦିନ ନେଇଥାଏ। ଏହି ଆବିଷ୍କାର ଆମ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ କାରଣ ଏହା ହେଉଛି ଆମର ନିକଟତମ ପଡୋଶୀ। ତେଣୁ ଆମେ ସାଧାରଣତଃ ଆମ ପଡୋଶୀକୁ ପ୍ରଥମେ ଦେଖିଥାଉ ବୋଲି ସ୍ପେନ୍‌ସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍ପେସ୍ ସାଇନ୍ସର ଗବେଷକ ଇଗ୍‌ନାସି ରାଇବାସ୍ ପ୍ରକାଶ କରିଛନ୍ତି।

ଉକ୍ତ ଗ୍ରହ ନିଜସ୍ୱ ନକ୍ଷତ୍ରର ନିକଟବର୍ତ୍ତୀ ହୋଇଥିଲେ ହେଁ ସୂର୍ଯ୍ୟଙ୍କଠାରୁ ପୃଥିବୀ ଯେତେ ଆଲୋକ ପାଏ ତାହାର ୨% କମ୍ ଆଲୋକ ପାଇଥାଏ ଏହି ନୂତନ ଗ୍ରହ। ଏହି ଗ୍ରହର ପୃଷ୍ଠଭୂମିର ତାପମାତ୍ରା -୧୭୦ଡିଗ୍ରୀ ସେଲ୍‌ସିୟସ୍। ଏହା ଏତେ ଥଣ୍ଡା ଯେ, ଏଥିରେ ଜୀବନ ଧାରଣ ଅସମ୍ଭବ। ଏଠାରେ ଜଳ ତରଳ ଅବସ୍ଥାରେ ନ ଥିବାରୁ ଏହା ବାସୋପଯୋଗୀ ନୁହେଁ ବୋଲି ରାଇବାସ୍ ପ୍ରକାଶ କରିଛନ୍ତି।

## ସିନେମାରେ ରହୁ ସମାଜଧର୍ମୀ ଚରିତ୍ର

**ମୁମ୍ବାଇ:**

ଭାରତୀୟ ସିନେମାରେ ମହିଳାଙ୍କ ପାଇଁ ସମ୍ବେଦନଶୀଳ ଓ ସମାଜଧର୍ମୀ ଚରିତ୍ର ରଖିବାକୁ ବଲିଉଡ୍ ଅଭିନେତ୍ରୀ ରସିକା ଦୁଗଲ୍ ମତ ଦେଇଛନ୍ତି। ଭାରତୀୟ ସିନେମାରେ କେତେବେଳେ କେମିତି ମହିଳାଙ୍କୁ ଯୌନ ଉତ୍ତେଜିତ ଚରିତ୍ର ଭାବେ ଚିତ୍ରଣ କରାଯାଇଥାଏ। ଏହା ଦର୍ଶକଙ୍କ ପାଇଁ ଅବଶ୍ୟ ପ୍ରୀତିକର ହୋଇଥାଏ। ତେବେ ସେପରି ଅବତାରଣା ଏବଂ ଦୃଷ୍ଟିଭଙ୍ଗୀକୁ ପରିବର୍ତ୍ତନ କରାଯିବା ଆବଶ୍ୟକ। ରୁଚିସମ୍ପନ୍ନ ଏବଂ ସମ୍ବେଦନଶୀଳ ଲେଖାଦ୍ୱାରା ମହିଳାମାନେ ଖୁବ୍ ଚମତ୍କାର ଅଭିନୟ କରିପାରିବେ ବୋଲି ରସିକା ଏକ ବିବୃତିରେ ପ୍ରକାଶ କରିଛନ୍ତି।

୩୩ବର୍ଷ ବୟସ୍କା ଏହି ଅଭିନେତ୍ରୀ ଆମାଜନ୍ ପ୍ରାଇମ୍‌ର ଅରିଜିନାଲ୍ ସିରିଜ୍ 'ମିର୍ଜାପୁର'ରେ ଦୃଶ୍ୟମାନ ହେବେ। ଏଥିରେ ସେ କଲୀନ୍ ଭୈୟାଙ୍କ ପତ୍ନୀ ରୂପେ ବୀଣା ଭୂମିକାରେ ଅଭିନୟ କରିଛନ୍ତି। ଉକ୍ତ ସିରିଜ୍‌ରେ ମଧ୍ୟ ଅଭିନୟ କରିଛନ୍ତି ଅଲି ଫାଜଲ୍ ଏବଂ ଶ୍ୱେତା ତ୍ରିପାଠୀ। ନିର୍ମାଣ ଦା ୟି ତ୍ୱ ରେ କ ର ନ୍ ଅଂଶୁମାନ୍ ଏବଂ ପୁନିତ୍ କ୍ରିଷ୍ଣା ଥିବାବେଳେ ନିର୍ଦ୍ଦେଶନା ଦେଇଛନ୍ତି ଗୁର୍‌ମିତ ସିଂ।

ଐଜାଜ୍ ଖାନ୍‌ଙ୍କ ନିର୍ଦ୍ଦେଶିତ ଆଗାମୀ ଚଳଚ୍ଚିତ୍ର 'ହମିଦ୍'ରେ ମଧ୍ୟ ରସିକା ଅଭିନୟ କରିଛନ୍ତି। ରସିକା ଏଥିରେ ଜଣେ ବିଧବା ତଥା ଜଣେ ଯୁବକର ମା' ଭୂମିକାରେ ଅଭିନୟ କରିଛନ୍ତି। କଶ୍ମୀର ପ୍ରସଙ୍ଗକୁ ଭିତ୍ତିକରି ଏଭଳି ଏକ ଫିଲ୍ମ ନିର୍ମାଣ ହୋଇଛି।





## କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**-ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୦ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୮ | ୧୬.୯ |
| ଚାନ୍ଦବାଲି | ୩୨.୨ | ୧୯.୨ |
| କଟକ | ୩୨.୦ | ୧୭.୫ |
| ପାରାଦ୍ୱୀପ | ୩୨.୦ | ୨୦.୪ |
| ଭୁବନେଶ୍ୱର | ୩୩.୬ | ୧୯.୧ |
| ଗୋପାଳପୁର | ୩୪.୦ | ୨୦.୫ |
| ପୁରୀ | ୩୨.୦ | ୨୧.୦ |
| ଅନୁଗୋଳ | ୩୨.୧ | ୧୪.୬ |
| ବାରିପଦା | ୩୧.୨ | ୧୭.୨ |
| ଝାରସୁଗୁଡ଼ା | ୩୪.୦ | ୧୬.୦ |
| କେନ୍ଦୁଝର | ୩୧.୩ | ୧୫.୭ |
| ସମ୍ବଲପୁର | ୩୩.୯ | ୧୭.୩ |
| ସୁନ୍ଦରଗଡ଼ | ୩୩.୦ | ୧୭.୦ |
| ହୀରାକୁଦ | ୩୩.୧ | ୧୬.୧ |
| ତାଳଚେର | ୩୫.୦ | ୧୬.୫ |
| ଭବାନୀପାଟଣା | ୩୨.୦ | ୧୪.୦ |
| ବଲାଙ୍ଗୀର | ୩୩.୦ | ୧୬.୦ |
| କୋରାପୁଟ | ୨୯.୬ | ୧୨.୦ |
| ଫୁଲବାଣୀ | ୩୧.୪ | ୧୫.୦ |
| ଟିଟିଲାଗଡ଼ | --- | ୧୪.୫ |
| ମାଲକାନଗିରି | ୩୫.୫ | --- |
| ସୋନପୁର | ୩୨.୩ | ୧୭.୬ |
| ଦାରିଙ୍ଗିବାଡ଼ି | ୨୮.୦ | ୧୧.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ମରୁଡ଼ି କ୍ଷତିଗ୍ରସ୍ତଙ୍କ...

ବ୍ୟାଟେରି ଚାଳିତ ପାଇଁ ଓ ହାତରେ ଚଳାଇବା ସ୍ପ୍ରେୟର ପାଇଁ ୬୦୦ ଟଙ୍କା ପ୍ରଦାନ କରାଯିବାକୁ ପ୍ୟାକେଜରେ ବ୍ୟବସ୍ଥା ହୋଇଛି।

ମରୁଡ଼ି ଅଞ୍ଚଳରେ ଉନ୍ନତମାନର ଅଧିକ ଅମଳକ୍ଷମ ବିହନ ଯୋଗାଇଦେବା ନିମନ୍ତେ କୃଷି ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଭାବିତ ଗ୍ରାମଗୁଡ଼ିକରେ ଥିବା ଅଚଳ ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକୁ ତୁରନ୍ତ ମରାମତି କରିବାକୁ ଓଡ଼ିଶା ଉଠା ଜଳସେଚନ ନିଗମକୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟୁତ୍ ବିଭାଗ ସେହି ଉଠାଜଳସେନ ପ୍ରକଳ୍ପ ଓ ବକେୟା ସମସ୍ତ ଗଭୀର ନଳକୂପଗୁଡ଼ିକୁ ତୁରନ୍ତ ବିଦ୍ୟୁତ୍ ସଂଯୋଗ ଦେବାକୁ କୁହାଯାଇଛି।

୩୩ ପ୍ରତିଶତ ପ୍ରଭାବିତ ଚାଷୀଙ୍କୁ ଦିଆଯାଇଥିବା ୨୦୧୮ ଖରିଫ ସ୍ୱଳ୍ପକାଳୀନ ଋଣ ମିଆଦକୁ ମଧ୍ୟବର୍ତ୍ତୀକାଳୀନକୁ ପରିବର୍ତ୍ତନ କରାଯାଇଛି। ସ୍ୱଳ୍ପକାଳୀନ ଖରିଫ ଋଣ ପ୍ରଦାନ ଅବଧିକୁ ୨୦୧୯ ସେପ୍ଟେମ୍ବର ୩୦ ତାରିଖ ଯାଏ ବୃଦ୍ଧି କରାଯାଇଛି। ୨୦୧୮ ଅକ୍ଟୋବରରୁ ଆରମ୍ଭ ହୋଇଥିବା ରବି ଋତୁରେ ଫସଲ ଚାଷ ପାଇଁ ଋଣ ଦିଆଯାଇଥିଲା। ଖରିଫ ଋତୁରେ ମରୁଡ଼ି ହେବା ଯୋଗୁ ସେହି ଚାଷୀମାନଙ୍କୁ ନୂତନ ଫସଲ ଋଣ ଯୋଗାଇ ଦିଆଯିବ। ଶସ୍ୟବୀମା ପାଇବା ପାଇଁ କ୍ରପ କଟିଂ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଅଧିକରୁ ଅଧିକ ଭାଗଚାଷୀଙ୍କୁ ନେଇ ଜଏଣ୍ଟ ଲାଏବିଲିଟି ଗ୍ରୁପ ଗଠନ କରି ତୁରନ୍ତ ପଦକ୍ଷେପ ନିଆଯିବ। ସେମାନଙ୍କୁ ରବି ଋତୁରେ ଋଣ ଦେବାକୁ ବ୍ୟବସ୍ଥା କରାଯିବ। ଧାର୍ଯ୍ୟ ସମୟରେ ଋଣ ପରିଶୋଧ କରିଥିବା ଚାଷୀଙ୍କୁ ମଧ୍ୟମ ଅବଧି ଋଣ (ପରିବର୍ତ୍ତିତ) ନିମନ୍ତେ ୩ ପ୍ରତିଶତ ସୁଧ ପ୍ରୋତ୍ସାହନ ରାଶି ପ୍ରଦାନ କରିବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯିବ। ମରୁଡି ପ୍ରଭାବିତ ପଞ୍ଚାୟତଗୁଡ଼ିକର ବାସହୀନ, କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କ ଜୀବନଜୀବିକା ସହାୟତା ହିସାବରେ ୨ ହଜାର ଜଣଙ୍କୁ ବାଡିରେ କୁକୁଡା ଚାଷ ନିମନ୍ତେ ସହାୟତା ଦେବାକୁ ଏହି ସ୍ୱତନ୍ତ୍ର ପ୍ୟାକେଜରେ ଘୋଷଣା କରାଯାଇଛି। ଏଥିସହିତ ସଘନ ଚାଷ ନିମନ୍ତେ ଘାସ ବିହନପୁଡ଼ିଆ ମଧ୍ୟ ଯୋଗାଇ ଦିଆଯିବ।

ମରୁଡ଼ି ଯୋଗୁ ୩୩ ପ୍ରତିଶତ କିମ୍ବା ତଦୂର୍ଦ୍ଧ୍ୱ ଶସ୍ୟ କ୍ଷତି ସହିଥିବା ଚାଷୀଙ୍କୁ ରାଜ୍ୟ ସରକାର ଖଜଣା ଓ ଜଳକର ସମ୍ପୂର୍ଣ୍ଣ ଛାଡ଼ କରିଦେଇଛନ୍ତି। ଏଥିସହିତ ମରୁଡ଼ି ପ୍ରଭାବିତ ଅଞ୍ଚଳର ସମସ୍ତ ସରକାରୀ, ବେସରକାରୀ, ଅନୁଦାନପ୍ରାପ୍ତ ସ୍କୁଲ କଲେଜ ଛାତ୍ରୀଛାତ୍ରଙ୍କ ଟ୍ୟୁଶନ ଫି ଓ ପରୀକ୍ଷା ଫି'କୁ ସମ୍ପୂର୍ଣ୍ଣ ଛାଡ କରାଯାଇଛି।

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଅଧୀନରେ ଜଳଅମଳ ପ୍ରକଳ୍ପ, ଡାଇଭରସନ ୱେର ଏବଂ ପଙ୍କ ଉଦ୍ଧାର କାର୍ଯ୍ୟ ପଞ୍ଚାୟତିରାଜ ବିଭାଗ ଦ୍ୱାରା କରାଯିବ। ଏଥିସହିତ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅତିରିକ୍ତ ୫୦ ଶ୍ରମଦିବସ ସୃଷ୍ଟି କରାଯିବ।

ଗ୍ରାମାଞ୍ଚଳରେ ମହାଜନୀ କାରବାର କରୁଥିବା ଓ ଚାଷୀଙ୍କୁ ଆର୍ଥିକ ଶୋଷଣ କରୁଥିବା ବ୍ୟକ୍ତିଙ୍କ ଉପରେ ଜିଲା ପ୍ରଶାସନ ତୀକ୍ଷ୍ଣ ନଜର ରଖିବ। ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ସମ୍ପୃକ୍ତ ଜିଲାର ଏସ୍‌ପି ଓ ଡିଏସ୍‌ପିମାନେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ପୋଲିସ ଉପନିର୍ଦ୍ଦେଶକ ଏହାକୁ ସମୀକ୍ଷା କରିବେ।

ଚଳିତ ବର୍ଷ ସ୍ୱାଭାବିକ ବର୍ଷା ସତ୍ତ୍ୱେ ୯ ଜିଲା ମରୁଡ଼ି କବଳରେ ପଡିଛି। ସେହି ଜିଲାଗୁଡ଼ିକ ହେଲା ବରଗଡ଼, ବଲାଙ୍ଗୀର, ଦେବଗଡ଼, ଝାରସୁଗୁଡ଼ା, କଳାହାଣ୍ଡି, ନବରଙ୍ଗପୁର, ନୂଆପଡ଼ା, ସମ୍ବଲପୁର ଏବଂ ସୁନ୍ଦରଗଡ଼ । ଏହି ଜିଲାଗୁଡ଼ିକୁ ରାଜ୍ୟ ସରକାର ପୂର୍ବରୁ ମରୁଡ଼ି ଘୋଷଣା କରିଛନ୍ତି। ଉକ୍ତ ଜିଲାଗୁଡ଼ିକର ୬୬ ବ୍ଲକର ୧୧୮୬ ଗ୍ରାମପଞ୍ଚାୟତର ୫୬୩୩ ଗ୍ରାମର ୨ ଲକ୍ଷ ୩୩ ହଜାର ୧୭୩ ହେକ୍ଟର ଜମିରେ ମରୁଡ଼ି ହୋଇଛି। ଏଥିସହିତ ୧୬ଟି ପୌରସଂସ୍ଥା ମଧ୍ୟ ମରୁଡ଼ି ପ୍ରଭାବିତ ହୋଇଛି। ୩୩ ପ୍ରତିଶତ ଫସଲ ନଷ୍ଟକୁ ଆକଳନ କରି ସରକାର ଏହି ଘୋଷଣା କରିଛନ୍ତି।

### ଯୁବତୀଙ୍କୁ...

ପୋଲସରା ଥାନାଧିକାରୀ ଜିତେନ୍ଦ୍ର କୁମାର ମଲିକ, ଏସ୍‌ଆଇ ମମତା ସାମନ୍ତରା, ବାବୁଲାଲ ରାଉଳଙ୍କ ସମେତ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଛନ୍ତି। ପୀଡିତାଙ୍କୁ ଡାକ୍ତରୀ ମାଇନା ଲାଗି ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଛି। ସୂଚନାଯୋଗ୍ୟ, ପୀଡିତାଙ୍କ ବାପା, ମା' ଭୁବନେଶ୍ୱରରେ ରହି ଦିନ ମଜୁରିଆ ଭାବେ କାମ କରୁଥିବାବେଳେ ଘରେ ୨ ଝିଅ ଓ ପୁଅ ରୁହନ୍ତି।

ପୋଲସରା ଅଞ୍ଚଳରେ ବାରମ୍ବାର ଏପରି ଘଟଣା ଘଟୁଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ପୀଡିତାଙ୍କ ପରିବାରକୁ ପୋଲସରା ଥାନାରେ ଭାଜପା କର୍ମକର୍ତ୍ତାମାନେ ଭେଟି ସମବେଦନା ଜଣାଇବା ସହ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଯୁବତୀଙ୍କ ଡ଼ାକ୍ତରୀ ମାଇନା ରିପୋର୍ଟ ଆସିଲା ପରେ ଗଣ ବଳାତ୍କାର ହୋଇଛି ନା ନାହିଁ ଜଣାପଡିବ ବୋଲି ପୋଲିସ କହିଛି।

### ପ୍ରତିକ୍ରିୟା ରଖିବାକୁ ...

ସେ ଯାହା ବି ହେଉନା କାହିଁକି ଦାରୁରେ ଶ୍ରୀବିଗ୍ରହ ନିର୍ମାଣ ସରି ରତ୍ନସିଂହାସନରେ ବିରାଜିତ ହୋଇଛନ୍ତି। କୋଟି କୋଟି ହିନ୍ଦୁଙ୍କ ହୃଦୟରେ ରହିଛନ୍ତି ସେହି ମହାପ୍ରଭୁ ଶ୍ରୀଜଗନ୍ନାଥ। ଜଗନ୍ନାଥ ସଂସ୍କୃତିର ଗାରିମା ମଧ୍ୟ ନଷ୍ଟ ହେବାରେ ଲାଗିଛି। ଏଭଳି ସ୍ଥିତିରେ ରାଜନେତାମାନେ ମହାପ୍ରଭୁଙ୍କୁ ନେଇ ସେମାନଙ୍କ ପାଟିରେ କୌଣସି ବାଡ଼ବତା ରଖୁ ନ ଥିବା ବେଳେ ଶ୍ରୀଜଗନ୍ନାଥଙ୍କ ଆଦ୍ୟସେବକ ଗଜପତି ମହାରାଜା ଦିବ୍ୟସିଂହ ଦେବ ଏଭଳି ସ୍ଥିତିରେ କୌଣସି ପ୍ରତିକ୍ରିୟା ରଖିବାକୁ ଉଚିତ ମନେ କରିନାହାନ୍ତି। ଏଭଳି ସ୍ଥିତିରେ ତାଙ୍କ ମତ ରଖିବା ନେଇ ଗଜପତି ମହାରାଜାଙ୍କୁ ଯୋଗାଯୋଗ କରାଯାଇଥିଲା। ସେହି ଦାରୁରେ ନିର୍ମିତ ଚତୁର୍ଦ୍ଧାବିଗ୍ରହ ଏବେ ରତ୍ନସିଂହାସନରେ ଉପାସିତ ହେଉଛନ୍ତି। ବର୍ତ୍ତମାନ ଦାରୁର ମାନ ଏବଂ ଚୟନରେ ଅର୍ଥ କାରବାର ଅଭିଯୋଗ ଉଠିବା ଦ୍ୱାରା ଜଗନ୍ନାଥ ମହାପ୍ରଭୁଙ୍କ ଅସମ୍ମାନ ହେଉଥିବା ପ୍ରଶ୍ନରେ ଗଜପତି କହିଥିଲେ ଯେ, ମୁଖ୍ୟ ପ୍ରଶାସକ ତଦନ୍ତ କରୁଛନ୍ତି। ଆପଣ ଚାହିଁଲେ ତାଙ୍କଠାର ମତାମତ ନେବା ଠିକ୍ ହେବ। ସେ ଏତିକି କହି କୌଣସି ପ୍ରତିକ୍ରିୟା ରଖି ନ ଥିଲେ।

### ନିର୍ବାଚନ କମିଶନଙ୍କ ...

ହୋଇଥିବା ଆଭ୍ୟନ୍ତରୀଣ ପତ୍ର ବିନିମୟ ସମ୍ପର୍କରେ ଆର୍‌ଟିଆଇ ତଥ୍ୟରୁ ଏହା ଜଣାପଡ଼ିଛି। ସେହିପରି ଇସି ଏବଂ ଆଧାର ନମ୍ବର ଜାରି କରୁଥିବା ସଂସ୍ଥା ଭାରତର ଏକକ ପରିଚୟ କର୍ତ୍ତୃପକ୍ଷ (ୟୁଆଇଡିଏଆଇ) ମଧ୍ୟରେ ଯୋଗାଯୋଗରୁ ମଧ୍ୟ ଅନେକ ତଥ୍ୟ ସାମ୍ନାକୁ ଆସିଛି। ଇସି ଏବଂ ୟୁଆଇଡିଏଆଇ ମିଳିତ ଭାବେ ଏକ ପାଇଲଟ ପ୍ରୋଜେକ୍ଟ ଆରମ୍ଭ କରିଥିଲେ। ଯେଉଁ ସାବାଳକମାନେ ଆଧାର ନମ୍ବର ପାଇଁ ସାଇନ୍ ଅପ୍ କରିଛନ୍ତି, ସେମାନଙ୍କ ଭୋଟର ଆଇଡି ବା ଇଲେକ୍ଟୋରାଲ ଫଟୋ ଆଇଡି କାର୍ଡସ (ଇପିଆଇସି) ନମ୍ବରଗୁଡ଼ିକୁ ୟୁଆଇଡିଏଆଇ ଉକ୍ତ ପ୍ରୋଜେକ୍ଟରେ ବାଧ୍ୟତାମୂଳକ ଭାବେ ସଂଗ୍ରହ କରିଥିଲା। ଏହି ସଂଖ୍ୟା ୩୨ କୋଟିରେ ପହଞ୍ଚିଥିଲା ବୋଲି ଗତ ମାର୍ଚ୍ଚରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଓମ୍‌ପ୍ରକାଶ ରାଓ୍ୱତ୍ ସର୍ବସାଧାରଣରେ ସ୍ୱୀକାର କରିଥିଲେ। ଲୋକଙ୍କ ବିନା ସମ୍ମତିରେ ସେମାନଙ୍କ ଆଧାର ଲିଙ୍କ୍ କରି ଇସି କେବଳ ସୁପ୍ରିମକୋର୍ଟଙ୍କ ରାୟର ଅବମାନନା କରିନାହାନ୍ତି, ବରଂ ଏହାଦ୍ୱାରା ନାଗରିକଙ୍କ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଅଧିକାରକୁ ଛଡ଼ାଇ ନିଆଯାଇଛି। ରାଜ୍ୟ ସରକାର ଓ ଅନ୍ୟ ସଂସ୍ଥାଗୁଡ଼ିକ ପକ୍ଷରୁ ଆଧାର ନମ୍ବର ଲିଙ୍କ୍ ଘଟଣାଗୁଡ଼ିକର ପ୍ରଘଟ କରୁଥିବା ନିରପେକ୍ଷ ଗବେଷକ ଶ୍ରୀନିବାସ କୋଦାଲି ଏହା ପ୍ରକାଶ କରିଛନ୍ତି।

ଦିଲ୍ଲୀ ସମେତ ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନା ଭଳି କେତେକ ରାଜ୍ୟର ବହୁସଂଖ୍ୟକ ମତଦାତାଙ୍କ ନାମ ଭୋଟର ତାଲିକାରୁ ବାଦ୍ ଦିଆଯାଇଥିବା ନେଇ ଜଣାପଡ଼ିଥିବା ବେଳେ ଆର୍‌ଟିଆଇରେ ଉପରୋକ୍ତ ତଥ୍ୟ ମିଳିଛି। ସେହିପରି ପଞ୍ଜାବ, ଅବିଭକ୍ତ ଆନ୍ଧ୍ରପ୍ରଦେଶ, ଗୁଜରାଟ ଓ ଦିଲ୍ଲୀର ସ୍ଥାନୀୟ ନିର୍ବାଚନ କମିଶନମାନେ ଜାତୀୟ ଜନସଂଖ୍ୟା ରେଜିଷ୍ଟର (ଏନ୍‌ପିଆର୍) ଡାଟାବେସ୍ ତଥ୍ୟ ହାସଲ କରିଥିଲେ। ଏହି କାର୍ଯ୍ୟକ୍ରମର ପ୍ରଭାବ ମହାରାଷ୍ଟ୍ର ଓ ଉତ୍ତରପ୍ରଦେଶରେ ମଧ୍ୟ ଦେଖିବାକୁ ମିଳିଥିଲା। ପ୍ରୋଜେକ୍ଟର ଉଦ୍ଦେଶ୍ୟ ଥିଲା ଆଧାରର ପ୍ରମାଣୀକରଣକୁ ବ୍ୟବହାର କରି ଭାରତର ଇଲେକ୍ଟୋରାଲ୍ ରୋଲ୍‌କୁ 'କ୍ଲିନ୍ ଅପ୍' ବା ସଫା କରିବା। ଅର୍ଥାତ୍ ନକଲି ବା ଜାଲ୍ ଭଳି ମନେହେଉଥିବା ଏବଂ ଏକାଧିକ ଭୋଟର ପରିଚୟପତ୍ର ହାସଲ କରିଥିବା ମତଦାତାଙ୍କୁ ତାଲିକାରୁ ବାହାର କରିବା।


## BERHAMPUR UNIVERSITY
**BHANJA BIHAR, BERHAMPUR-760007, ODISHA**

No. 7887 / Purchase — Date: 14.11.18

**SHORT QUOTATION CALL NOTICE**

Sealed quotations are invited in the firm's pad from the Authorized Firms / Authorized Suppliers / Authorized Dealers having ITT, PAN and up-to-date GST registration for preparation and installation of the Statue of Kabi Samrat Upendra Bhanja, Supply of Furniture like Student Dual Desk, Equipments (Electronics / Sports) etc. to Berhampur University.

The details regarding terms and conditions, Number, Specifications of the above mentioned items can be obtained from the University Website www.buodisha.edu.in or from the Purchase Section, Berhampur University on any working day during the office hours on or after 16.11.2018.

The sealed quotations accompanied with valid authorization certificate by the manufacturer and EMD of Rs. 1,000/- (Rupees One Thousand only) in the shape of SBI DD drawn in favour of the Comptroller of Finance, B.U., payable at SBI, Bhanja Bihar (2107) should reach The Registrar, Berhampur University by Speed Post / Registered Post on or before 22.11.2018 and the quotations will be opened on the same day at 4.00PM. Incomplete quotation or quotation received after due date and time will not be considered.

*Sd./- REGISTRAR*
*Berhampur University*

## GOVT. OF ODISHA
## OFFICE OF THE EXECUTIVE ENGINEER, MINOR IRRIGATION DIVISION, GAJAPATI

AT/PO: PARALAKHEMUNDI, DIST: GAJAPATI
PHONE NO: 06815-222365, e-mail- eemi_gajapati@yahoo.co.in

**e-Procurement Notice No. 3050 Date- 09.11.2018**

BID IDENTIFICATION NO. MIDGJP-05/2018-19

**No. 760-A:-** The Executive Engineer, Minor Irrigation Division, Paralakhemundi on behalf of Governor of Odisha invites Percentage Rate bid in Double Cover System in ONLINE MODE for the construction of following works as detailed in the Detailed Tender Call Notice (D.T.C.N) from the eligible class of contractors.

1. Name of the work : Improvement to MIPs.
2. No. of works : 01 No. (One)
3. Estimated cost : Rs. 84.27 Lakhs
4. Period of completion : 09 (Nine) calendar months
5. Date and time of availability of bid documents in the portal : from 10.00 Hours of 22.11.2018 to 17.00 Hours of 01.12.2018
6. Last date/ time for receipt of bids in the portal : 17.00 Hours of 01.12.2018
7. Date of opening of Bid : 11.00 Hours on 10.12.2018
8. Original documents to be submitted in sealed box ID No. MIDGJP-05/ 2018-19 From 03.12.2018 at 10.00 AM to 07.12.2018 upto 5.00 PM.
9. Name and address of the Officer inviting Bid : Executive Engineer, Minor Irrigation Division, Gajapati, At/ Po- Paralakhemundi, Dist.- Gajapati, PIN-761200

Further details can be seen from the e-procurement portal https://tendersodisha.gov.in

32013/11/0009/1819 — *Executive Engineer, MI Division, Gajapati, Paralakhemundi*

## OFFICE OF THE EXECUTIVE ENGINEER
## RWS&S DIVISION, BHANJANAGAR
**EXPRESSION OF INTEREST (EOI)**

Phone No.06821-241026(O)241079(R), Fax No.-06821-241026/240056
E-mail: eerwss_bnj@ori.nic.in, eerwssbnj2009@gmail.com

**EOI Notice No. 02 of 2018-19 Dt.12.11.2018**

**Expression of Interest (EOI)**

No.1017-O: Invitation of Expression of Interest (EOI) for Cleaning, Developing and Painting of the Hand Pump Tube wells.

1. The Executive Engineer, RWS&S Division, Bhanjanagar invites EOI from reputed registered agencies / firms for Cleaning, Developing and Painting of the Hand Pump Tube Wells.
2. The interested eligible agencies / firms must provide complete information with relevant supporting documents with EOI in respect of the followings:
   a) Complete organization details with Name, Address, Telephone/Fax No. and Email-ID.
   b) Technical expertise with name of experts and their qualification & experience for the product.
   c) PAN Card & upto date GSTN Clearance Certificate.
   d) Financial strength of the agency i.e. turnover figure for last 3 years along with supporting documents.
   e) The past performance certificate of last 3 years in any Govt. / Board / Authority or any other Govt. undertaking duly certified by the officer not below the rank of Executive Engineer / Project Engineer etc.
   f) The interested agency shall quote their rate for unit work exclusive of GST which will be paid extra as applicable at time of work on production of documentary evidence.
   g) If agency will be selected, the work will be executed by the agency as per rules, regulations, terms and conditions of the Government.
3. EOI must be delivered in sealed cover superscribed **"EOI for Cleaning, Developing and Painting of the Hand Pump Tube Wells"** addressed to Executive Engineer, RWS&S Division, Bhanjanagar on or before **29.11.2018** upto **5 PM** through **Speed Post / Registered Post / Courier Service**. EOI received after due date & time will not be accepted. The authority will not be responsible for any delay in transit.
4. The EOI shall be opened on **30.11.2018** at **11.30 AM** in the office of the Executive Engineer, RWS&S Division, Bhanjanagar in the presence of the participating firms / agencies / authorized representatives.
5. The EOI notice and details of scope of work is available in Odisha Government website i.e. **www.tendersorissagov.in/www.odisha.gov.in**.
6. The authority reserves the right to accept or reject any / all EOI without assigning any reason thereof.

25021/11/0011/1819 — **Sd./- Executive Engineer, RWS&S Division, Bhanjanagar**

See Career Appointment on every Wednesday & Saturday

## ZILLA SWASTHYA SAMITI, ANGUL
NATIONAL HEALTH MISSION

**Recruitment Advertisement**

No. 2873 — Date : 15.11.2018

**OPEN ADVERTISEMENT**

| Sl. No. | Position | Vacancy | Monthly Consolidated Remuneration in Rs./- | Minimum Qualification | Last Date of Submission Application |
|---|---|---|---|---|---|
| 1 | Staff Nurse | Total-47, (SC-09, ST-21, UR-17) | Rs. 14,362/- + P.I | The Candidate must have passed 10+2 Science / Equivalent and have passed in General Nursing & Midwife / B.Sc. Nursing from any 03 Govt. Nursing, schools of 03 medical Colleges / Schools of Nursing MCL Talcher, IGH Rourkela or other recognised Pvt. institutions duly approved by INC and must have registered in the Odisha Nursing Council (ONC) | 28.11.2018 |
| 2 | M.O.- RBSK (Ayurvedic Female) | 02 | Rs. 21924/- + P.I. | The Candidate must have a Bachelor Degree in Ayurvedic & Surgery (B.A.M.S.) from a recognized university. She must have completed the internship training (If any). She should have passed Odiya upto M.E. Standard. She should have registered in the Odisha State Council of Ayurvedic medicines at the time of submission application. | |
| 3 | MO MBBS, DEIC | 01 | Rs. 52920/- + P.I. | The candidate must be a MBBS / Equivalent Degree from institutions recognised by Medical Council of India (MCI), Must have completed compulsory internship. | |
| 4 | Paediatrician, DEIC | 01 | Rs. 66150/- + P.I. | The candidate must be a MBBS with M.D. in Pediatrics from institutions recognised by Medical Council of India (MCI). | |

**WALK - IN - INTERVIEW**

| Sl. No. | Position | Vacancy | Monthly Consolidated Remuneration in Rs./- | Minimum Qualification | Date of Walk-in-Interview |
|---|---|---|---|---|---|
| 1. | Laboratory Technician | Total-07 ST-03 (M-02, F-01) SC-01 (M-01) UR-03 (M-01, F-02) | Rs. 11562/- + P.I. | Candidates must have passed Diploma in Laboratory Technology (DMLT) or higher Courses from any of the three Medical Colleges & Hospitals or from any other AICTE approved Institute. S/He must have passed Odia upto M.E. Standard, S/He must have registered his/her name in Laboratory Technician Council of Odisha and have possessed valid registration certificate as on the date of the advertisement. | 27.11.2018 |
| 2 | Pharmacist (RBSK) | 07 | Rs. 11562/- + P.I. | Candidates must have Diploma in pharmacy or higher from a recognized Institute and approved by PCI, should have registered under Odisha State Pharmacy Council & have possessed valid registration certificate as on the date of the advertisement. Desirable : Computer proficiency (MS Office) | 28.11.2018 |
| 3 | Social Worker (DEIC) | 01 | Rs. 16774/- +P.I. | Bachelor Degree in Sociology / Social work from a recognized University / Institution with Minimum 55% marks. The candidates shall also have 01 year post qualification field experience such candidates having Master Degree in the above subjects will be given preference. | 29.11.2018 |
| 4 | Optometrist, DEIC | 01 | Rs. 13428/- +P.I. | The candidate must be Diploma in Optometry from a recognized institutions. However candidates having Masters / Bachelor Degree in Optometry shall be given preference. | |
| 5 | Dental Technician, DEIC | 01 | Rs. 11562/- +P.I. | The candidate must be Diploma in Dental Technology from a recognized institution. Preference shall be given to the candidates having at least 02 years post qualification experience in related field. | |

**IN-HOUSE POSTING / REPOSITIONING**

| Sl. No. | Name of the Post as per NHM PIP | No. of Post Vacant | Last Date of Submission of Application |
|---|---|---|---|
| 1 | Block Date Manager | 01 | 28.11.2018 |
| 2 | System in Charge-Cum-DEO | 01 | |
| 3. | Clinical Psychologist (DEIC) | 01 | |
| 4. | STLS (RNTCP) | 01 | |

Eligible & aspirant candidates are hereby informed to visit / log on to the District website i.e. www.angul.nic.in for application form, eligible criteria and other details. The applications received after last date shall not be accepted and the candidates have to submit their applications through Regd/ Speed Post only. Candidates for walk-in-interview to register their names on exact date of interview between 9.30 A.M. to 11.00 A.M. in District Training Unit, DHH Angul, failing which their candidature shall not be considered. The candidates are informed to visit the District website in a periodical manner to get upto date information of the selection process and no fresh documents during the objection invitation period shall be entertained. The exact vacancies are subject to change and the undersigned is not responsible for any postal delay or transport delay. The typographical error (if any) may be exempted and no personal communication regarding the above recruitment shall be entertained. The place of posting shall be issued strictly on merit basis, experience basis and in case of any tie then in the basis of age criteria. Interested in-house candidates are to apply in the prescribed application from with NOC & Certificate for last uninterrupted service in the same post under the society from their concerned appointing authority / employees with other relevant documents as mentioned in the District Website.

**Sd./- CDM & PHO cum District Mission Director, Angul**



ନିର୍ମଳ କୁମାର ମିଶ୍ର

# ହକି ଫିଭର





ହକି ବିଶ୍ୱକପ୍ ପାଇଁ କଳିଙ୍ଗ ଷ୍ଟାଡିୟମ ପ୍ରସ୍ତୁତ। ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫଆଇଏଚ୍) ଦ୍ୱାରା ପ୍ରତି ୪ବର୍ଷରେ ଥରେ ହେଉଥିବା ଏହି ସମ୍ମାନ ଜନକ ଟୁର୍ନାମେଣ୍ଟର ୧୪ତମ ସଂସ୍କରଣ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ହେବାକୁ ଯାଉଛି। ଫଳରେ ଏବେ ଦେଖା ଦେଇଛି ହକି ଫିଭର। ଓଡ଼ିଶାରେ ପୂର୍ବରୁ ଚାମ୍ପିୟନ୍ସ ଟ୍ରଫି ଏବଂ ହକି ୱାର୍ଲ୍ଡ ଲିଗ୍ ଫାଇନାଲ ପରି ବଡ଼ ପ୍ରତିଯୋଗିତା ହୋଇଥିଲେ ହେଁ ପ୍ରଥମଥର ପାଇଁ ହକି ମହାକୁମ୍ଭ ବିଶ୍ୱକପ ଆୟୋଜନ ହେବାକୁ ଯାଉଛି। ଏହାର ସଫଳ ଆୟୋଜନ ପାଇଁ ରାଜ୍ୟ ସରକାର ବିଶେଷ କରି କ୍ରୀଡା ବିଭାଗର ଅଧିକାରୀମାନେ ଦିନରାତି ଏକ କରି ଦେଇଛନ୍ତି। କାରଣ ଏହି ଟୁର୍ନାମେଣ୍ଟ ସଫଳତାର ସହିତ ଆୟୋଜନ ହୋଇପାରିଲେ କ୍ରୀଡ଼ା ଜଗତରେ ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇପାରିବ। ଓଡ଼ିଶାରେ ଏପରି ଏକ ମେଗା ଇଭେଣ୍ଟ ଆୟୋଜନ ହେବା ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ ନିଶ୍ଚିତ। ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହେବ। ଏହି କ୍ରୀଡା ମହାକୁମ୍ଭରେ ଯୋଗଦେବେ ବିଶ୍ୱର ଶ୍ରେଷ୍ଠ ୧୬ଟି ହକି ଖେଳୁଥିବା ଦେଶର ଖେଳାଳି, ପ୍ରଶାସକ, ଖବରଦାତା ଏବଂ ଏଥିରେ ରୁଚି ରଖୁଥିବା ହଜାର ହଜାର କ୍ରୀଡାପ୍ରେମୀ। ରାଜ୍ୟ ସରକାରଙ୍କ ଆନ୍ତରିକତା ଯୋଗୁ ଓଡ଼ିଶା କ୍ରୀଡ଼ା କ୍ଷେତ୍ରରେ ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ଉଦାହରଣ ପାଲଟି ଯାଇଛି।

ଚାମ୍ପିୟନ୍ସ ଟ୍ରଫି ହକି, ଇଣ୍ଡୋ-ଜାପାନ ହକି ସିରିଜ, ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍, ୱାର୍ଲଡ ହକି ଲିଗ୍ ଫାଇନାଲ ପରେ ଏବେ ହେବାକୁ ଯାଉଛି ହକି ବିଶ୍ୱକପ। ରାଜ୍ୟ ସରକାର ଏବେ ଭାରତୀୟ ମହିଳା ଓ ପୁରୁଷ ହକି ଦଳର ପ୍ରାୟୋଜକ। ଏହି ଗେମ୍ ସହ ଆଉ କେତେକ କ୍ରୀଡ଼ାର ଉନ୍ନତି ପାଇଁ ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ବିଭିନ୍ନ ଶିଳ୍ପ ସଂସ୍ଥା ଓ ଶିଳ୍ପପତିଙ୍କ ସହ ବୁଝାମଣା ପତ୍ର (ଏମ୍ଓୟୁ) ସ୍ୱାକ୍ଷରିତ ହୋଇଛି। ଫଳରେ ବିଶ୍ୱ କ୍ରୀଡା ମାନଚିତ୍ରରେ ଓଡ଼ିଶା ତଥା ଭୁବନେଶ୍ୱର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବା ଦିଗରେ ଆଉ ଏକପାଦ ଆଗକୁ ବଢ଼ିଛି।

ହକି ବିଶ୍ୱକପକୁ ସ୍ମରଣୀୟ କରିବା ପାଇଁ ରାଜ୍ୟ ସରକାର ଏବଂ କ୍ରୀଡା ବିଭାଗ ସମସ୍ତ ପ୍ରକାର ଉଦ୍ୟମ କରିଛନ୍ତି। ନୂଆ ରୂପରେ ସଜେଇ ହେଉଛି ଭୁବନେଶ୍ୱର। କଳିଙ୍ଗ ଷ୍ଟାଡିୟମର ଭିତର ଓ ବାହାରର ବିଭିନ୍ନ ସ୍ଥାନକୁ ପେଣ୍ଟିଂ କରାଯାଉଛି। ରାଜ୍ୟ ଲଳିତ କଳା ଏକାଡେମୀ ଏବଂ ଓଏମସିର ମିଳିତ ଉଦ୍ୟମରେ ୩୦ଜଣ ପ୍ରତିଷ୍ଠିତ କଳାକାର ଓଡ଼ିଶାର ସଂସ୍କୃତି ଏବଂ ଐତିହ୍ୟକୁ ନିଜ ତୂଳୀ ମୁନରେ ଷ୍ଟାଡିୟମର ବିଭିନ୍ନ ସ୍ଥାନ, ଗ୍ୟାଲେରି, ଡ୍ରେସିଂ ରୁମ୍, ଲବି ଏରିଆ ଏବଂ ଷ୍ଟାଡିୟମ ବାହାରର ଅନେକ ସ୍ଥାନରେ ଅତି ସୁନ୍ଦରଭାବେ ରୂପାୟନ କରୁଛନ୍ତି। ଏଥିରେ ଓଡ଼ିଶାର କଳା, ସଂସ୍କୃତି ଏବଂ ଖେଳାଳିମାନଙ୍କର ନିଚ୍ଛକ ଛବି ପ୍ରତିଫଳିତ ହେବା ସହିତ ହକିର ପ୍ରବାଦ ପୁରୁଷ ଧ୍ୟାନଚାନ୍ଦଙ୍କ ପରି ମହାନ୍ ଖେଳାଳିଙ୍କ ପ୍ରତିଛବି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଛି।

ହକି ବିଶ୍ୱକପ୍ ପାଇଁ ସହରର ସୌନ୍ଦର୍ଯ୍ୟକରଣ ସହ ରାସ୍ତା ଏବଂ ଆଲୋକ ବ୍ୟବସ୍ଥା ଉପରେ ସ୍ୱତନ୍ତ୍ର ଧ୍ୟାନଦିଆଯାଇଛି। ପାଖାପାଖି ୪୦ କି.ମି. ରାସ୍ତାର ମରାମତି, ଆଲୋକକରଣ ସହିତ ୱାଇଫାଇର ବ୍ୟବସ୍ଥା, ସହରର ସ୍ୱଚ୍ଛତା, ପାର୍କିଂ ସୁବିଧା, ଅଧିକରୁ ଅଧିକ ବସ୍ ଚଳାଚଳ ପାଇଁ ବ୍ୟବସ୍ଥା ସହିତ ଖେଳାଳି, ଅଫିସିଆଲ ଏବଂ ଅତିଥିମାନଙ୍କ ଭବ୍ୟ ସ୍ୱାଗତ ପାଇଁ ହୋଇଥିବା ବ୍ୟବସ୍ଥାରେ ହକି ଇଣ୍ଡିଆ ସଭାପତି ମୁସ୍ତାକ ଅହମ୍ମଦ ସନ୍ତୋଷ ପ୍ରକାଶ କରିଛନ୍ତି। ରାଜ୍ୟ ସରକାରଙ୍କ ପଦସ୍ଥ କର୍ମଚାରୀ, ହକି ଇଣ୍ଡିଆର କର୍ମକର୍ତ୍ତା ସର୍ବୋପରି ଆଇଏଫଏଚ୍‌ର ଅଫିସରମାନେ ବିଭିନ୍ନ ସମୟରେ କଳିଙ୍ଗ ଷ୍ଟାଡିୟମର ଭିତ୍ତିଭୂମି ଏବଂ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବାରମ୍ବାର ଅନୁଧ୍ୟାନ କରିବା ସହିତ ସନ୍ତୋଷ ପ୍ରକାଶ କରିବା ମଧ୍ୟ ଆମ ପାଇଁ ନୂତନ ସମ୍ଭାବନା ସୃଷ୍ଟି କରିଛି। ଇତିମଧ୍ୟରେ ପଡ଼ିଆରେ ନୂଆ ଟର୍ଫ ବିଛା ଯାଇଥିବାବେଳେ ଦର୍ଶକ ଗ୍ୟାଲେରିର ସମ୍ପ୍ରସାରଣ କାର୍ଯ୍ୟ ଏବଂ ନୂଆ ରୂପ ନେଇଥିବା ପ୍ରବେଶପଥ ଗୁଡ଼ିକ ସମସ୍ତଙ୍କ ମନକୁ ଛୁଇଁ ପାରିଛି। ଦର୍ଶକ ଗ୍ୟାଲେରୀ ସମ୍ପ୍ରସାରଣ କରାଯାଇ ୧୫୦୦୦କୁ ବୃଦ୍ଧି କରାଯିବା ଦ୍ୱାରା ଅଧିକ ଦର୍ଶକ ମ୍ୟାଚର ମଜା ଉଠାଇପାରିବେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଭାରତ ଖେଳିବାକୁ ଥିବା ସମସ୍ତ ମ୍ୟାଚଗୁଡ଼ିକର ଟିକେଟ୍ ଅନ୍‌ଲାଇନ୍ ଏବଂ ଅଫ୍ ଲାଇନ୍‌ରେ ବିକ୍ରି ହୋଇସାରିଛି। ଏହା ହକି ପାଇଁ ଦର୍ଶକମାନଙ୍କର ଆଗ୍ରହ ଏବଂ ଉତ୍କଣ୍ଠାକୁ ସୂଚାଇ ଦେଉଛି। ଭାରତ ଖେଳିବାକୁ ଥିବା ମ୍ୟାଚ୍ ଗୁଡିକ ପ୍ରତି ଦର୍ଶକମାନେ ଅଧିକ ଆଗ୍ରହ ପ୍ରକାଶ କରିବା ଖୁସିର କଥା।

ହକି ବିଶ୍ୱକପ ପାଖେଇ ଆସିଛି। ଫଳରେ ସ୍ୱାଭାବିକଭାବେ ଆସିଛି ହକି ଫିଭର। ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ହେବ ଏହି ମେଗା ପ୍ରତିଯୋଗିତା। ନଭେମ୍ବର ୨୭ର ଉଦ୍‌ଘାଟନୀ ଉତ୍ସବକୁ ଏବେ ସମସ୍ତଙ୍କର ଅପେକ୍ଷା।

କେବଳ ଆମ ରାଜ୍ୟ କିମ୍ବା ଦେଶରେ ନୁହେଁ ବିଦେଶରେ ମଧ୍ୟ ହକି ବିଶ୍ୱକପ ପ୍ରତି ଦୃଷ୍ଟି ଆକର୍ଷଣ କରାଯିବାକୁ ଉଦ୍ୟମ ହୋଇଛି। ଏଥିପାଇଁ ରାଜ୍ୟ କ୍ରୀଡା ଏବଂ ପର୍ଯ୍ୟଟନ ବିଭାଗ ପକ୍ଷରୁ ଅନେକ ପଦକ୍ଷେପ ନିଆ ଯାଇଛି। 'ବସ ବିଜ୍ଞାପନ'ଠାରୁ ଆରମ୍ଭ କରି ଲଣ୍ଡନ, ସିଡନୀ ଏବଂ ମ୍ୟୁନିକ ପରି ସହରଗୁଡିକରେ ବିଜ୍ଞାପନ ମାଧ୍ୟମରେ ପ୍ରଚାର କରାଯାଉଛି। କିଛିଦିନ ତଳେ ହକି ବିଶ୍ୱକପ୍‌ର ମାସ୍କଟ 'ଓଲି'ର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଲିଭ୍ ରିଡଲେ ପରି ବିରଳ ପ୍ରଜାତିର କଇଁଚ ପାଇଁ ସଚେତନତା ସୃଷ୍ଟିକୁ ସମଗ୍ର ବିଶ୍ୱରେ ପ୍ରଶଂସା କରାଯାଇଛି। ଓଲି ଏବେ ଓଡ଼ିଶାର ସମସ୍ତ ଜିଲା ବୁଲି ହକିପ୍ରତି ଜନସାଧାରଣରେ ଆଗ୍ରହ ସୃଷ୍ଟି କରୁଛି। ଟିମ୍ ଇଣ୍ଡିଆର ନୂତନ ଜର୍ସି ଉନ୍ମୋଚନ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଥିବା ବେଳେ ନୂଆ ଜର୍ସିକୁ ନେଇ ଭାରତୀୟ ଖେଳାଳିମାନେ ବେଶ୍ ଉତ୍ସାହିତ ଥିବା ଦେଖାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ 'ହକି ପାଇଁ ହୃଦୟ ସ୍ପନ୍ଦନ' କାର୍ଯ୍ୟକ୍ରମ ଦେଶ ସାରା କରାଯାଇଥିବାବେଳେ ଖେଳାଳିମାନଙ୍କୁ ଘରୋଇ ପରିବେଶରେ ଭଲ ଖେଳ ପ୍ରଦର୍ଶନ କରିବାକୁ ଉତ୍ସାହିତ କରିଛି। ପୂର୍ବରୁ ଭାରତରେ ୨ ଥର ହକି ବିଶ୍ୱକପ ଆୟୋଜିତ ହୋଇଛି। ୧୯୮୨ରେ ଏହା ମୁମ୍ବାଇରେ ଏବଂ ୨୦୧୦ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଛି। ତୃତୀୟ ଥର ପାଇଁ ଭାରତରେ ହେବାକୁ ଯାଉଥିବା ଏହି ପ୍ରତିଯୋଗିତାରେ ୧୬ଟି ଦଳ ଅଂଶ ଗ୍ରହଣ କରିବେ। ଲିଗ୍ ପର୍ଯ୍ୟାୟର ୧୨ ଦିନ ମଧ୍ୟରେ ପ୍ରତ୍ୟେକ ଦଳ ୩ଟି ଲେଖାଏ ମ୍ୟାଚ୍ ଖେଳିବାର ସୁଯୋଗ ପାଇବେ। ଶ୍ରେଷ୍ଠ ୪ଟି ଦଳ କ୍ୱାର୍ଟର ଫାଇନାଲ ଖେଳିବା ସୁଯୋଗ ପାଇବା ସହିତ ଅନ୍ୟ ୪ଟି ସ୍ଥାନ ପାଇଁ 'କ୍ରସ ଓଭର' ମ୍ୟାଚ ଅନୁଷ୍ଠିତ ହେବ। ୧୨ ଏବଂ ୧୩ ତାରିଖରେ କ୍ୱାର୍ଟର ଫାଇନାଲ ଏବଂ ୧୫ ତାରିଖରେ ସେମିଫାଇନାଲ ଖେଳାଯିବାକୁ ଥିବା ବେଳେ ୧୬ ତାରିଖରେ ମେଗା ଫାଇନାଲ ଅନୁଷ୍ଠିତ ହେବ। ଗତ ୧୩ତମ ସଂସ୍କରଣରେ ଅଷ୍ଟ୍ରେଲିଆ ଚାମ୍ପିୟନ ଓ ନେଦରଲାଣ୍ଡ ରନର୍ସ ଅପ୍ ହୋଇଥିଲାବେଳେ ଭାରତ ପଞ୍ଚମ ସ୍ଥାନରେ ରହିଥିଲା। ଏଫ୍ଆଇଏଚ୍ ର୍‍ୟାଙ୍କିଂରେ ୫ମ ସ୍ଥାନରେ ଥିବା ଭାରତ ଘରୋଇ ପରିବେଶରେ କିପରି ପ୍ରଦର୍ଶନ କରୁଛି ତାହା ଦେଖିବାକୁ ବାକି ରହିଛି।

ଫଟୋ: ମୌସମ ନନ୍ଦ

## କାର୍ଯ୍ୟସୂଚୀ

ପୁଲ୍-ଏ: ଆର୍ଜେଣ୍ଟିନା, ନ୍ୟୁଜିଲାଣ୍ଡ, ସ୍ପେନ, ଫ୍ରାନ୍ସ।
ପୁଲ୍-ବି: ଅଷ୍ଟ୍ରେଲିଆ, ଇଂଲଣ୍ଡ, ଆୟର୍ଲାଣ୍ଡ, ଚାଇନା
ପୁଲ୍-ସି: ବେଲଜିୟମ, ଭାରତ, କାନାଡ଼ା, ଦକ୍ଷିଣ ଆଫ୍ରିକା
ପୁଲ୍-ସି: ନେଦରଲାଣ୍ଡ, ଜର୍ମାନୀ, ମାଲେସିଆ, ପାକିସ୍ତାନ

| ତାରିଖ | ପୁଲ୍ | ମ୍ୟାଚ | ସମୟ |
|---|---|---|---|
| ନଭେମ୍ବର ୨୮ | ସି | ବେଲଜିୟମ ବନାମ କାନାଡ଼ା | ଅପରାହ୍ଣ ୫ଟା |
| | ସି | ଭାରତ ବନାମ ଦକ୍ଷିଣ ଆଫ୍ରିକା | ରାତି ୭ଟା |
| ନଭେମ୍ବର ୨୯ | ଏ | ଆର୍ଜେଣ୍ଟିନା ବନାମ ସ୍ପେନ | ଅପରାହ୍ଣ ୫ଟା |
| | ଏ | ନ୍ୟୁଜିଲାଣ୍ଡ ବନାମ ଫ୍ରାନ୍ସ | ରାତି ୭ଟା |
| ନଭେମ୍ବର ୩୦ | ବି | ଅଷ୍ଟ୍ରେଲିଆ ବନାମ ଆୟର୍ଲାଣ୍ଡ | ଅପରାହ୍ଣ ୫ଟା |
| | ବି | ଇଂଲଣ୍ଡ ବନାମ ଚାଇନା | ରାତି ୭ଟା |
| ଡିସେମ୍ବର ୧ | ଡି | ନେଦରଲାଣ୍ଡ ବନାମ ମାଲେସିଆ | ଅପରାହ୍ଣ ୫ଟା |
| | ଡି | ଜର୍ମାନୀ ବନାମ ପାକିସ୍ତାନ | ରାତି ୭ଟା |
| ଡିସେମ୍ବର ୨ | ସି | କାନାଡ଼ା ବନାମ ଦକ୍ଷିଣ ଆଫ୍ରିକା | ଅପରାହ୍ଣ ୫ଟା |
| | ସି | ଭାରତ ବନାମ ବେଲଜିୟମ | ରାତି ୭ଟା |
| ଡିସେମ୍ବର ୩ | ଏ | ସ୍ପେନ ବନାମ ଫ୍ରାନ୍ସ | ଅପରାହ୍ଣ ୫ଟା |
| | ଏ | ନ୍ୟୁଜିଲାଣ୍ଡ ବନାମ ଆର୍ଜେଣ୍ଟିନା | ରାତି ୭ଟା |
| ଡିସେମ୍ବର ୪ | ବି | ଇଂଲଣ୍ଡ ବନାମ ଅଷ୍ଟ୍ରେଲିଆ | ଅପରାହ୍ଣ ୫ଟା |
| | ବି | ଆୟର୍ଲାଣ୍ଡ ବନାମ ଚାଇନା | ରାତି ୭ଟା |
| ଡିସେମ୍ବର ୫ | ଡି | ଜର୍ମାନୀ ବନାମ ନେଦରଲାଣ୍ଡ | ଅପରାହ୍ଣ ୫ଟା |
| | ଡି | ମାଲେସିଆ ବନାମ ପାକିସ୍ତାନ | ରାତି ୭ଟା |
| ଡିସେମ୍ବର ୬ | ଏ | ସ୍ପେନ ବନାମ ନ୍ୟୁଜିଲାଣ୍ଡ | ଅପରାହ୍ଣ ୫ଟା |
| | ଏ | ଆର୍ଜେଣ୍ଟିନା ବନାମ ଫ୍ରାନ୍ସ | ରାତି ୭ଟା |
| ଡିସେମ୍ବର ୭ | ବି | ଅଷ୍ଟ୍ରେଲିଆ ବନାମ ଚାଇନା | ଅପରାହ୍ଣ ୫ଟା |
| | ବି | ଆୟର୍ଲାଣ୍ଡ ବନାମ ଇଂଲଣ୍ଡ | ରାତି ୭ଟା |
| ଡିସେମ୍ବର ୮ | ସି | ବେଲଜିୟମ ବନାମ ଦକ୍ଷିଣ ଆଫ୍ରିକା | ଅପରାହ୍ଣ ୫ଟା |
| | ସି | କାନାଡ଼ା ବନାମ ଭାରତ | ରାତି ୭ଟା |
| ଡିସେମ୍ବର ୯ | ଡି | ମାଲେସିଆ ବନାମ ଜର୍ମାନୀ | ଅପରାହ୍ଣ ୫ଟା |
| | ଡି | ନେଦରଲାଣ୍ଡ ବନାମ ପାକିସ୍ତାନ | ରାତି ୭ଟା |
| ଡିସେମ୍ବର ୧୦ | | କ୍ରସ୍‌ଓଭରଏ-୨ ବନାମ ବି-୩ | ଅପରାହ୍ଣ ୪ଟା ୪୫ |
| | | କ୍ରସ୍‌ଓଭରବି-୨ ବନାମ ଏ-୩ | ରାତି ୭ଟା |
| ଡିସେମ୍ବର ୧୧ | | କ୍ରସ୍‌ଓଭରସି-୨ ବନାମ ଡି-୩ | ଅପରାହ୍ଣ ୪ଟା ୪୫ |
| | | କ୍ରସ୍ ଓଭରଡି-୨ ବନାମ ସି-୩ | ରାତି ୭ଟା |
| ଡିସେମ୍ବର ୧୨ | | କ୍ୱାର୍ଟର ଫାଇନାଲଏ-୧ ବନାମ କ୍ରସ୍‌ଓଭର-୨ ବିଜେତା | ଅପରାହ୍ଣ ୪ଟା ୪୫ |
| | | କ୍ୱାର୍ଟର ଫାଇନାଲ ବି-୧ ବନାମ କ୍ରସ୍‌ଓଭର-୧ ବିଜେତା | ରାତି ୭ଟା |
| ଡିସେମ୍ବର ୧୩ | | କ୍ୱାର୍ଟର ଫାଇନାଲ ସି-୧ ବନାମ କ୍ରସ୍‌ଓଭର-୪ ବିଜେତା | ଅପରାହ୍ଣ ୪ଟା ୪୫ |
| | | କ୍ୱାର୍ଟର ଫାଇନାଲ ଡି-୧ ବନାମ କ୍ରସ୍‌ଓଭର-୩ ବିଜେତା | ରାତି ୭ଟା |
| ଡିସେମ୍ବର ୧୪ | | ବିଶ୍ରାମ ଦିବସ | |
| ଡିସେମ୍ବର ୧୫ | | ସେମିଫାଇନାଲ: କ୍ୱାର୍ଟର ୧ ବନାମ ୪ ବିଜେତା | ଅପରାହ୍ଣ ୪ଟା |
| | | ସେମିଫାଇନାଲ: କ୍ୱାର୍ଟର ୨ ବନାମ ୩ ବିଜେତା | ସନ୍ଧ୍ୟା ୬ଟା ୩୦ |
| ଡିସେମ୍ବର ୧୬ | | ବ୍ରୋଞ୍ଜ ପଦକ ମ୍ୟାଚ: ସେମିଫାଇନାଲର ପରାଜିତ ୨ ଦଳ | ଅପରାହ୍ଣ ୪ଟା ୩୦ |
| | | **ଫାଇନାଲ**: ସେମିଫାଇନାଲର ବିଜେତା ୨ ଦଳ | ରାତି ୭ଟା |

## ଇକ୍ୱାଲ

ହକି ମହାକୁମ୍ଭ ପାଖେଇ ଆସୁଛି
ଆଉ ଜମା ଦଶ ଦିନ
ମ୍ୟାଚ ଦେଖିବାକୁ ପାସ୍ ଖୋଜନ୍ତି
ଆମଗାଁ ବାପୁନି, ବନ
କେ ଆରେଞ୍ଜ କରେ ଧନ
ଟିକେଟ କିଣିକି ବିଦେଶୀ ଖେଳାଳି
ଖେଳ ଦେଖି ହେବେ ଧନ୍ୟ।



ତେତିଶ ଦଳରୁ ବାରଶ'ରୁ ଉର୍ଦ୍ଧ୍ୱ
ପ୍ରତିଯୋଗୀ ନେଲେ ଭାଗ
ସର୍ବଭାରତୀୟ ପୋଲିସ ଜୁଡୋ
କ୍ଲଷ୍ଟରର ଦେଖ ଲୋଗୋ
ଇନ୍‌ଡୋର ଚାଲ ଆଗ
ଜିମ୍ନାଷ୍ଟିକ, ଜୁଡୋ, ଟାଏକୋଣ୍ଡୋ, ଉଷୁ
କିଏ ସେ ଖେଳିବ ବାଗ ?
ଆର୍ଥିକ ସଙ୍କଟ ପାଇଁ ଆଜି ଜଣେ
ଆଥଲେଟ୍ ଗଲେ ନାଶ
ପୋଲିନ୍ଦର ଭଳି ଅନେକଙ୍କ ଏବେ
ରହିଅଛି ଅବସୋସ
ଅର୍ଥ, ପ୍ରୋତ୍ସାହନ, ବାସ
ଇକ୍ୟୁଆଲ ହେଲେ ସଭିଏଁ ବଢ଼ିବେ
ଆଗେଇବ ଦେଶ ଦଶ।

-ସୁବାସ ଚନ୍ଦ୍ର ପ୍ରଧାନ

# ଜାତୀୟ ମାରାଥନରେ ଓଡ଼ିଆ ଚେହେରା



ରୁଦ୍ର ପ୍ରସନ୍ନ ରଥ



ଭାରତରେ ମାରାଥନର ଇତିହାସ ବେଶ୍ ପୁରୁଣା। କ୍ରମେ କ୍ରମେ ଏହା ଲୋକପ୍ରିୟତା ମଧ୍ୟ ହାସଲ କରୁଛି। ଅନେକ କ୍ଷେତ୍ରରେ କର୍ପୋରେଟ ହାଉସଗୁଡ଼ିକ ଏବେ ଏହି ଖେଳକୁ ସହାୟତା ପ୍ରଦାନ କରିବାକୁ ଆଗେଇ ଆସୁଛନ୍ତି। ମୁମ୍ବାଇ, ବାଙ୍ଗାଲୋର ଏବଂ ହାଇଦ୍ରାବାଦ ପରି ସହରରେ ଏହି ମାରାଥନ ଏବେ ବେଶ୍ ଲୋକପ୍ରିୟ ହେବାରେ ଲାଗିଛି। ତେବେ ମାରାଥନ ଦୌଡୁଥିବା ଅଧିକାଂଶ ଦୌଡାଳି ଏହାକୁ ସୌଖୀନଭାବେ ହିଁ ଗ୍ରହଣ କରୁଛନ୍ତି। ଓଡିଶାରେ ମଧ୍ୟ ମାରାଥନ ବେଶ୍ ଲୋକପ୍ରିୟତା ହାସଲ କରିବାରେ ଲାଗିଲାଣି। ଭୁବନେଶ୍ୱର ସମେତ ଅନ୍ୟାନ୍ୟ ସ୍ଥାନରେ ନିୟମିତ ବ୍ୟବଧାନରେ ବିଶେଷ କରି ଶୀତ ଦିନେ ଫୁଲ୍ ମାରାଥନ ନହେଲେ ବି ହାଫ୍ ମାରାଥନ ଆୟୋଜନ ହେଉଛି। ମାତ୍ର ଏଥିରେ ସୌଖିନ୍ ଅଂଶଗ୍ରହଣକାରୀଙ୍କ ସଂଖ୍ୟା ବେଶ୍ ଅଧିକ। ଅନେକ ମାରାଥନ ଦୌଡୁଛନ୍ତି ସତ, ହେଲେ ଏହାକୁ ନେଇ ପ୍ରକୃତରେ ଖୁବ୍ କମ ଲୋକ ହିଁ ସିରିୟସ ଅଟନ୍ତି। ଯୋଜନାବଦ୍ଧ ଭାବେ ମାରାଥନ ଦୌଡି ଏଥିରେ ଯେ ନାମ କମେଇ ବିଶ୍ୱ ଦରବାରରେ ନିଜର ପରିଚୟ ସୃଷ୍ଟି କରିହେବ ଏନେଇ ଅନେକ ଦୃଢ ନିଶ୍ଚିତ ନୁହନ୍ତି। ତେବେ ଏ ସଂଖ୍ୟାଧିକ ମାରାଥନ ଦୌଡାଳିଙ୍କ ଭିତରେ ଅଲଗା ହୋଇ ବାରିହୋଇପଡ଼ନ୍ତି କୋରାପୁଟର ସଂଗ୍ରାମ ଷଡଙ୍ଗୀ। ସେ ଯେ କେବଳ ରାଜ୍ୟ ବାହାରେ ଅନୁଷ୍ଠିତ ପ୍ରତିଯୋଗୀତା ମାନଙ୍କରେ ନିୟମିତ ଭାଗ ନେଉଛନ୍ତି ତା, ନୁହେଁ ବରଂ କ୍ରମାଗତଭାବେ ନିଜ ଟାଇମିଂରେ ଉନ୍ନତି ଆଣି ପାରୁଛନ୍ତି। ଓଡିଶାକୁ ବେଶ୍ ଗର୍ବର ସହ ପ୍ରତିନିଧିତ୍ୱ କରୁଥିବା ସଂଗ୍ରାମଙ୍କର ଏ ଦିଗରେ ନିୟମିତ ସ୍ଥିର ପ୍ରଦର୍ଶନ ତାଙ୍କୁ ଜାତୀୟ ସ୍ତରୀୟ ମାରାଥନ ପ୍ରତିଯୋଗୀତା ଗୁଡିକରେ ଚିହ୍ନା ମୁହଁରେ ପରିଣତ କରିସାରିଲାଣି।

ସଂଗ୍ରାମଙ୍କର ଜନ୍ମ ଭୁବନେଶ୍ୱରରେ ଏପ୍ରିଲ ୨, ୧୯୭୯ ରେ। ବାପା ସ୍ୱାଧୀନ କୁମାର ଷଡଙ୍ଗୀ ଜଣେ କୃଷି ବିଭାଗୀୟ ଅଧିକାରୀ ହିସାବରେ କାର୍ଯ୍ୟ କରୁଥିବାରୁ ତାଙ୍କୁ ପିଲାଦିନେ ହିଁ ଅନେକ ଜିଲା ବୁଲିବାକୁ ହୋଇଥିଲା। କନ୍ଧମାଳ, କଳାହାଣ୍ଡି, ନୟାଗଡ ଜିଲା ଆଦି ବୁଲିବା ଭିତରେ ତାଙ୍କ ଭିତରେ ଥିବା ଦୌଡାଳି ପ୍ରତିଭା ଜଣାପଡ଼ିଥିଲା। ସଂଗ୍ରାମ କଳାହାଣ୍ଡିର ନର୍ଲାରେ ନିଜ ସ୍କୁଲ ଜୀବନ ଆରମ୍ଭ କରିଥିଲେ। ସେତେବେଳର ଫୁଲବାଣୀ ରାଇକିଆ ହାଇସ୍କୁଲରେ ପଢିଲାବେଳେ ମାତ୍ର ୧୧ ବର୍ଷ ବୟସରେ ହିଁ ସ୍କୁଲ ପଡିଆରେ ୧୫ ରାଉଣ୍ଡର ଦୌଡ ଲଗାଇଥିଲେ। ଏହାର ପରିସୀମା ପ୍ରାୟ ୧୦ କିମି ହେବ। ପରେ ସୈନିକ ସ୍କୁଲରେ ପଢିଲାବେଳେ ତାଙ୍କୁ ପ୍ରତି ସପ୍ତାହରେ ଅନ୍ତତଃ ଥରେ ପ୍ରାୟ ୧୦ କିମି ଦୌଡିବାକୁ ପଡୁଥିଲା। ସ୍କୁଲ ଆଉ କଲେଜ ଜୀବନରେ ଏହି ମାରାଥନରେ ଦୌଡିବାକୁ ବେଶି ସୁଯୋଗ ପାଇ ନ ଥିଲାବେଳେ ସଂଗ୍ରାମଙ୍କୁ କିନ୍ତୁ ସୁଯୋଗ ମିଳିଲା ୨୦୦୬ରେ ଯେତେବେଳେ ସେ କର୍ମସଂସ୍ଥାନ ପାଇଁ ବାଙ୍ଗାଲୋରରେ ରହିଲେ। ଏଠାରେ ଆୟୋଜିତ ୭ କିମି ଏବଂ ୧୦ କିମି ଦୌଡରେ ସେ ନିୟମିତ ଭାଗ ନେବାକୁ ଲାଗିଲେ। ପରେ ଭୁବନେଶ୍ୱରରେ ଟାଟା ଷ୍ଟିଲ ତରଫରୁ ହାଫ ମାରାଥନ ଆୟୋଜନ ହେବାକୁ ଲାଗିଲା। ପ୍ରତିବର୍ଷ ଜାନୁୟାରୀ ମାସରେ ଆୟୋଜିତ ହେଉଥିବା ଏହି ପ୍ରତିଯୋଗିତାରେ ସେ ୨୦୧୬ ମସିହାରୁ ନିୟମିତ ଭାଗ ନେଉଛନ୍ତି। ୨୦୧୬ରେ ୨ ଘଣ୍ଟା ୪୫ ମିନିଟ୍, ୨୦୧୭ରେ ୨ ଘଣ୍ଟା ୩୫ ମିନିଟ୍ ଏବଂ ୨୦୧୮ରେ ୨ ଘଣ୍ଟା୧୮ ମିନିଟ ସମୟ ନେଇ ରେସ୍ ଶେଷ କରିଛନ୍ତି ସଂଗ୍ରାମ। ୨୦୧୭ରେ ଭୁବନେଶ୍ୱରରେ ବିଏସ୍ଏଫ୍ ଦ୍ୱାରା ଆୟୋଜିତ ହାଫ ମାରାଥନରେ ମଧ୍ୟ ସେ ଭାଗ ନେଇଥିଲେ। ଆଉ ଏହାକୁ ୨ ଘଣ୍ଟା ୩୫ ମିନିଟ୍‌ରେ ଶେଷ କରିଥିଲେ। ଯଦିଓ ଏବେ ମାରାଥନ ଦୌଡାଳିଭାବେ ସେ କିଛି କିଛି ଖ୍ୟାତି ଅର୍ଜନ କଲେଣି ତାଙ୍କର ମାରାଥନ ଆରମ୍ଭ କିନ୍ତୁ ହୋଇଥିଲା ଏକ ଭିନ୍ନ କାରଣରୁ। ଭୁବନେଶ୍ୱରରେ ଟାଟା ଷ୍ଟିଲ ହାଫ ମାରାଥନରୁ ହିଁ ସେ ମାରାଥନକୁ ସିରିୟସଲି ନେବା ଆରମ୍ଭ କରିଥିଲେ। ସେତେବେଳକୁ ତାଙ୍କ ଶରୀରର ଓଜନ ଥିଲା ୯୭ କିଲୋ। ନିଜକୁ ସୁସ୍ଥ ଏବଂ ଅଧିକ ଫିଟ୍ ରଖିବା ପାଇଁ ସେ ମାରାଥନରେ ଭାଗ ନେବା ଆରମ୍ଭ କରିଥିଲେ। ଏବେ ତାଙ୍କ ଶରୀରର ଓଜନ ୮୬ କିଲୋ ଅଛି। ଶରୀର କମାଇବା ପାଇଁ ସେ ମାରାଥନ ଦୌଡିବା ଆରମ୍ଭ କରିଥିଲେ ଆଉ ଏବେ ତାହା ତାଙ୍କ ନାମର ହିଁ ଓଜନ ବଢାଇଛି। ସଂଗ୍ରାମ ଏହା ଭିତରେ କ୍ରମେ କ୍ରମେ ଦେଶର ବିଭିନ୍ନ ଜାତୀୟ ସ୍ତରର ମାରାଥନରେ ଏକ ଜଣାଶୁଣା ଏବଂ ପରିଚିତ ଚେହେରାରେ ପରିଚିତ ହେବାକୁ ଲାଗିଲେଣି। ୨୦୧୭ ରେ ହିଁ ସେ ନିଜ ଜୀବନର ପ୍ରଥମ ଫୁଲ୍ ମାରାଥନ ଦୌଡିଥିଲେ। ୨୦୧୭ରେ ସେ ଦୌଡିଥିବା ଭାଇଜାଗ ନାଭି ଫୁଲ ମାରାଥନକୁ ସେ ୬ ଘଣ୍ଟା ୪୫ ମିନିଟ୍‌ରେ ଶେଷ କରିଥିଲେ । ୨୦୧୮ରେ ସେ ଦୌଡିଛନ୍ତି ଦୁଇଟି ଗୁରୁତ୍ୱପୂର୍ଣ୍ଣ ମାରାଥନ । ସେପ୍ଟେମ୍ବର ୨୦୧୮ରେ ସେ ଏୟାରଟେଲ ହାଇଦ୍ରାବାଦ ମାରାଥନକୁ ୬ ଘଣ୍ଟା ୩୮ ମିନିଟରେ ଦୌଡି ଶେଷ କରିଥିଲା ବେଳେ ଅକ୍ଟୋବରରେ ଦୌଡିଥିବା ଶ୍ରୀରାମ ପ୍ରପର୍ଟିଜ ବାଙ୍ଗାଲୋର ମାରାଥନକୁ ସେ ଶେଷ କରିଥିଲେ ୬ ଘଣ୍ଟା ୨୦ ମିନିଟ୍‌ରେ । ଏହାକୁ ୫ ଘଣ୍ଟା ୩୦ମିନିଟ୍ ରେ ଶେଷ କରିପାରିଥିଲେ ସେ ଭୁବନେଶ୍ୱର ଅଲଟ୍ରା ମାରାଥନ ପାଇଁ ଯୋଗ୍ୟ ବିବେଚିତ ହୋଇଥାନ୍ତେ। ମାତ୍ର ଏହା କରିବାକୁ ସେ ଏଥର ସକ୍ଷମ ହୋଇ ନ ଥିଲେ। ମାରାଥନ ଏକ ବ୍ୟୟବହୁଳ କ୍ରୀଡା। ଏଯାଏ ଏ କ୍ଷେତ୍ରରେ ଯାହାବି କିଛି ସଫଳତା ପାଇଛନ୍ତି ତାହା କେବଳ ନିଜ ଉଦ୍ୟମରୁ ହିଁ ସମ୍ଭବ ହୋଇପାରିଛି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗରେ କାମ କରୁଥିବା ଏହି ବିରଳ ପ୍ରତିଭାଟି ମାରାଥନରେ ଭାଗ ନେବାକୁ ଗଲାବେଳେ ଛୁଟି ନେଇ କରି ହିଁ ଯାଆନ୍ତି। ଏ ଯାଏଁ ତାଙ୍କୁ ଏହି ଖେଳ ଖେଳିବା ପାଇଁ କୌଣସି ଆର୍ଥିକ ସହାୟତା ମିଳିନାହିଁ। ସଂଗ୍ରାମଙ୍କ ମତରେ ଆଗକୁ ଯେତେବେଳେ ସେ ଅଧିକରୁ ଅଧିକ ମାରାଥନରେ ଭାଗ ନେବେ ସେତିକିବେଳେ ସମସ୍ୟା ଦେଖା ଦେଇପାରେ। ପୁଷ୍ଟିକର ଖାଦ୍ୟ ତାଲିମ୍, ଜୋତା ଆଉ ପାନୀୟ ଉପରେ ନିଶ୍ଚିତ ରୂପେ ଖର୍ଚ୍ଚ ବଢିବ। ତେବେ ସେତେବେଳେ ଏହାକୁ କିପରି ପରିଚାଳନା କରିବେ ସେ କଥା ଚିନ୍ତା କରିବେ। ଟାଇମିଂରେ ଉନ୍ନତି ଆଣି ନିଜକୁ ବଡ ବଡ ମାରାଥନ ପାଇଁ ପ୍ରସ୍ତୁତ କରି ରଖିବା ବର୍ତ୍ତମାନ ତାଙ୍କର ଏକମାତ୍ର ଲକ୍ଷ୍ୟ।

ମାରାଥନ ଦୌଡିବା ସଂଗ୍ରାମଙ୍କ ପାଇଁ ଆଉ କେବଳ ଏକ କାମ ହୋଇ ରହିନାହିଁ। ବରଂ ଏହା ଧୀରେ ଧୀରେ ତାଙ୍କ ପାଇଁ ଗୋଟିଏ ନିଶାରେ ପରିଣତ ହୋଇଛି । ସଂଗ୍ରାମ ମଧ୍ୟ ଏହି ନିଶାରୁ ନିଜର ପରିଚୟ ଖୋଜିବାରେ ଲାଗିଛନ୍ତି। ଲଣ୍ଡନ, ବୋଷ୍ଟନ ଏବଂ ଟୋକିଓ ମାରାଥନରେ କିପରି ଭାଗ ନେବେ ସେଥିପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି। ଏବେ ସୀମିତ ସମ୍ବଳ ଆଉ ସମୟ ମଧ୍ୟରେ ନିଜର ସଂଘର୍ଷ ଜାରି ରଖିଥିବା ସଂଗ୍ରାମଙ୍କ ନିଜ ଉପରେ ଅନେକ ବିଶ୍ୱାସ ଏବଂ ଗଭୀର ବିଶ୍ୱାସ ରହିଛି।

ଉପଯୁକ୍ତ ସମର୍ଥନ ଏବଂ ସହାୟତା ଅଭାବରୁ ସଂଗ୍ରାମଙ୍କ ପରି ଅନେକ ପ୍ରତିଭା ଉପଯୁକ୍ତ ଭାବେ ପ୍ରସ୍ଫୁଟିତହୋଇ ପାରି ନାହାନ୍ତି। ଆଉ ଅନେକ ସଂଗ୍ରାମ ଜାରି ରଖିଛନ୍ତି। ଏ ପରିସ୍ଥିତିରେ ସଂଗ୍ରାମ ନିଜର ପ୍ରଚେଷ୍ଟା ଜାରି ରଖିଛନ୍ତି। ଆଶା ସରକାର ଏବଂ ସରକାରୀ କଳର ଦୃଷ୍ଟି ତାଙ୍କ ଉପରେ ନିଶ୍ଚୟ ପଡିବ ଆଉ ସେ ନିଜ ଲକ୍ଷ୍ୟ ହାସଲରେ ସଫଳ ହେବେ।

Dollar 71.97 (34) | Sensex 118.55 35,260.54 | Nifty 40.40 10,616.70 | Gold ₹350 32,250.00 | Silver ₹450 37,900.00

ସେକ୍ସନ ୭ ଦ୍ୱାରା ରିଜର୍ଭ ବ୍ୟାଙ୍କର ସ୍ୱାଧୀନତା ଉପରେ ସରକାର ଚାପ ପକାଇ ପାରିବେ ନାହିଁ।
– ରାହୁଲ ବଜାଜ, ଅଧ୍ୟକ୍ଷ ,ବଜାଜ ଗ୍ରୁପ୍



ଭାରତ ଭଳି ପ୍ରମୁଖ ଅଭିବୃଦ୍ଧିଶୀଳ ବଜାରଗୁଡିକରେ ନିବେଶ ଧାରା ଜାରି ରହିବ।
– ନେଲଶନ ଚାଏ, ଉବର ସିଏଫ୍ଓ



## ସଂକ୍ଷେପରେ

### ୭୦ ସମ୍ପତ୍ତି ବିକିବ ଏୟାର ଇଣ୍ଡିଆ



ନୂଆଦିଲ୍ଲୀ,୧୫-୧୧: ପ୍ରାୟ ୫୫ ହଜାର କୋଟି ଟଙ୍କାର ଋଣରେ ବୁଡି ରହିଥିବା ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆ ୭ଶହରୁ ୮ଶହ କୋଟି ଟଙ୍କା ଯୋଗାଡ କରିବା ଲାଗି ନିଜର ୭୦ଟି ସମ୍ପତ୍ତି ବିକ୍ରି କରିବ। କମ୍ପାନୀର ଜଣେ ବରିଷ୍ଠ ଅଧିକାରୀ ଗୁରୁବାର ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ୧୬ ସହରରେ ଥିବା ଏହି ସମ୍ପତ୍ତିକୁ ଏମ୍ଏସ୍‌ଟିସି ଜରିଆରେ ଇ-ନିଲାମୀ କରାଯିବ। ବିକ୍ରି ହେବାକୁ ଥିବା ସମ୍ପତ୍ତି ମଧ୍ୟରେ ବ୍ୟବସାୟିକ ଓ ଆବାସ ରହିଛି। ଉଲ୍ଲେଖଥାଉ କି, ଏୟାର ଇଣ୍ଡିଆର ସମ୍ପତ୍ତି ବିକ୍ରି କରିବାକୁ ଉପା ସରକାର ନିଷ୍ପତ୍ତି ନେଇଥିଲେ। ଏଥିରୁ ମୋଟ୍‌ରେ ପ୍ରାୟ ୫ ହଜାର କୋଟି ଟଙ୍କା ସଂଗ୍ରହ କରିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା।

### ବଜାରକୁ ଫେରିବ ଫିଲିପ୍ସ ଟିଭି

ନୂଆଦିଲ୍ଲୀ,୧୫-୧୧: ପ୍ରାୟ ଏକ ବର୍ଷ ପର୍ଯ୍ୟନ୍ତ ଭାରତୀୟ ବଜାରରୁ ଗାଏବ ହୋଇଯିବା ପରେ ଫିଲିପ୍ସ ଟିଭି ପୁନର୍ବାର ଫେରିବାକୁ ଯାଉଛି। ଏହି ଟିଭିକୁ ଭିଡିଓକନ ଗ୍ରୁପ୍ ଉତ୍ପାଦନ କରିବା ସହ ବିକ୍ରି କରୁଥିଲା। କିନ୍ତୁ ଆର୍ଥିକ ସଙ୍କଟ କାରଣରୁ ଏବଂ ପରେ ଦେବାଳିଆ କାର୍ଯ୍ୟାନୁଷ୍ଠାନ ଯୋଗୁ ବର୍ଷକ ପୂର୍ବେ ଏହି ଟିଭି ଭାରତୀୟ ବଜାରରୁ ଉଭାନ ହୋଇଯାଇଥିଲା। ତେବେ ଫିଲିପ୍ସର ସମସ୍ତ ବ୍ରାଣ୍ଡ୍ ମନିଟର, ଟିଭି, ମୋବାଇଲ ଫୋନ ଏବଂ ଟାବଲେଟର ଉତ୍ପାଦନ ଓ ବିକ୍ରି ଲାଇସେନ୍ସ ପାଇଥିବା ଚାଇନା କମ୍ପାନୀ ଟିପିଭି ଭାରତୀୟ ବଜାରରେ ଟିଭିକୁ ପ୍ରଚଳନ କରିବାକୁ ନିଷ୍ପତ୍ତି ନେଇଛି। ସ୍ଥାନୀୟ କମ୍ପାନୀ ଡିକ୍ସନରେ ୨୪ରୁ ୬୫ ଇଞ୍ଚର ଟିଭି ନିର୍ମାଣ କରାଯିବ। ଟିପିଭିର କଣ୍ଟ୍ରି ବିଜନେସ ମୁଖ୍ୟ(ଫିଲିପ୍ସ ଟିଭି ଓ ଅଡିଓ) ଅରୁଣ ମେନନ କହିଛନ୍ତି ଯେ, ଭାରତୀୟଙ୍କ ମଧ୍ୟରେ ଫିଲିପ୍ସ ବ୍ରାଣ୍ଡ୍‌ର ବେଶ୍ ଆଦର ରହିଛି। ଘରୋଇ ବଜାରରେ ଏହି କମ୍ପାନୀର ଟିଭିର ଚାହିଦା ବୃଦ୍ଧି ପାଇବ ବୋଲି କମ୍ପାନୀ ଆଶାପ୍ରକାଶ କରିଛି।

### ଭାରତର ରେଟିଂ ଅପରିବର୍ତ୍ତିତ ରଖିଲା ଫିଚ୍

ନୂଆଦିଲ୍ଲୀ,୧୫-୧୧: ଅନ୍ତର୍ଜାତୀୟ ରେଟିଂ ଏଜେନ୍ସି ଫିଚ୍ ବୃହତ ଆର୍ଥିକ ଦୃଶ୍ୟପଟରେ ବିପଦକୁ ଦୃଷ୍ଟିରେ ରଖି ଭାରତର ରେଟିଂକୁ ବର୍ତ୍ତମାନ ପାଇଁ 'ବିବିବି-'ରେ ଅପରିବର୍ତ୍ତିତ ରଖିଛି। ଫିଚ୍‌ର ନିବେଶ ଯୋଗ୍ୟ ତାଲିକାରେ ଭାରତକୁ ସର୍ବନିମ୍ନ ରେଟିଂ ଦିଆଯାଇଛି। ଗୁରୁବାର ଏ ସମ୍ପର୍କରେ ଘୋଷଣା କରି ରେଟିଂ ଏଜେନ୍ସି ପକ୍ଷରୁ କୁହାଯାଇଛି ଯେ, ଭାରତର ବୃହତ ଆର୍ଥିକ ଦୃଶ୍ୟପଟ ଅତ୍ୟନ୍ତ ବିପଦପୂର୍ଣ୍ଣ। ଦେଶର ଆର୍ଥିକ ଅଭିବୃଦ୍ଧି ୨୦୧୭-୧୮ରେ ୬.୭%ରୁ ବୃଦ୍ଧି ପାଇ ୭.୮% ରହିବ ବୋଲି ଅନୁମାନ କରାଯାଉଛି। କିନ୍ତୁ ଆସନ୍ତା ଦୁଇ ବର୍ଷ ଏଥିରେ ଅବନତି ଦେଖାଯିବ।

### ଜେଟ୍ ଏୟାରୱେଜ କ୍ରୟ ଲାଗି ଆଜି ଟାଟା ସନ୍ସ ବୋର୍ଡର ନିଷ୍ପତ୍ତି

ମୁମ୍ବାଇ,୧୫-୧୧: ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଘରୋଇ ବିମାନ କମ୍ପାନୀ ଜେଟ୍ ଏୟାରୱେଜକୁ କିଣିବା ନେଇ ଶୁକ୍ରବାର ଟାଟା ସନ୍ସ ବୋର୍ଡ ନିଷ୍ପତ୍ତି ନେବ। ପୂର୍ବରୁ ବିମାନ କ୍ଷେତ୍ରରେ ପ୍ରବେଶ କରିଥିବା ଟାଟା ଗ୍ରୁପ୍ ନିଜସ୍ୱ ଏକ କମ୍ପାନୀ ପାଇଁ ଆଗ୍ରହ ପ୍ରକାଶ କରିଛି। ଜେଟ୍‌କୁ ବିକ୍ରି କରିବା ନେଇ ଟାଟା ଗ୍ରୁପ୍ ସହ ଆଲୋଚନା ଚାଲିଛି ବୋଲି କମ୍ପାନୀର ଡେପୁଟି ଚିଫ୍ ଏକଜିକ୍ୟୁଟିଭ ଏବଂ ଚିଫ୍ ଫାଇନାନ୍ସିଆଲ ଅଫିସର ଅମିତ ଅଗ୍ରୱାଲ ଗତ ସପ୍ତାହରେ ସ୍ୱୀକାର କରିଥିଲେ। କେବଳ ସେତିକି ନୁହେଁ ଏହି କମ୍ପାନୀ ଅନ୍ୟ ମାନଙ୍କ ସହ ମଧ୍ୟ ଆଲୋଚନା କରୁଛି ବୋଲି ସେ ଦର୍ଶାଇଥିଲେ। ଏଥିପୂର୍ବରୁ ସିଙ୍ଗାପୁର ଏୟାରଲାଇନ୍ସ ସହ ଯୌଥ ଉଦ୍ୟୋଗରେ ଟାଟା ସନ୍ସ ଭିଷ୍ଟାରା ଏବଂ ମାଲେସିଆର ଏୟାର ଏସିଆ ସହ ମିଶି ଏୟାର ଏସିଆ ଇଣ୍ଡିଆକୁ ପରିଚାଳନା କରୁଛି। ଜେଟ୍ ଏୟାରୱେଜକୁ କିଣିବା ନେଇ ଟାଟା ସନ୍ସ ବୋର୍ଡ ବୈଠକରେ ଆଲୋଚନା କରାଯିବା ନେଇ ମୁଖପାତ୍ର କିଛି କହିବାକୁ ମନା କରିଦେଇଛନ୍ତି।

## ■ ଅନ୍ତରୀଣ ବଜେଟ

# ପ୍ରତ୍ୟକ୍ଷ ଟିକସରେ ଆସିବ ଅଧିକ ପ୍ରସ୍ତାବ

ନୂଆଦିଲ୍ଲୀ,୧୫-୧୧

- ଫେବୃୟାରୀ ପହିଲାରେ ଉପସ୍ଥାପନ ହେବ ବଜେଟ
- ଜାନୁୟାରୀରେ ବଜେଟ ଭାଷଣକୁ ଦିଆଯିବ ଚୂଡ଼ାନ୍ତ ରୂପ
- ଜେଟ୍‌ଲୀ ବଡ଼ ଟିକସ ପ୍ରସ୍ତାବ ଦେଇପାରନ୍ତି
- ଆର୍ଥିକ ବିଲ୍ ଉପସ୍ଥାପନ ସାଜିପାରେ ବଡ଼ ବାଧକ




ଆସନ୍ତାବର୍ଷ ଲୋକ ସଭା ନିର୍ବାଚନ ପୂର୍ବରୁ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ତାଙ୍କର ଶେଷ ବଜେଟ ଉପସ୍ଥାପନ କରିବାକୁ ଯାଉଛନ୍ତି। ପରମ୍ପରା ଦୃଷ୍ଟିରୁ ଏହା ଏକ ଅନ୍ତରୀଣ ବଜେଟ୍ ହେବାକୁ ଯାଉଛି। ତଥାପି କେନ୍ଦ୍ର ସରକାର ଏହି ବଜେଟରେ ପ୍ରତ୍ୟକ୍ଷ ଟିକସ କ୍ଷେତ୍ରରେ ଅଧିକ ପ୍ରସ୍ତାବ ଘୋଷଣା କରିବେ। ପ୍ରତ୍ୟକ୍ଷ ଟିକସ ବଢ଼ାଇବାକୁ ସରକାର ପ୍ରସ୍ତାବ ଦେବେ ବୋଲି ଜଣାପଡିଛି। ପୂର୍ବରୁ ଉପସ୍ଥାପିତ ଅନ୍ତରୀଣ ବଜେଟରେ ଏଭଳି ପ୍ରସ୍ତାବ ଦିଆଯାଇନଥିଲା।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ପ୍ରତ୍ୟକ୍ଷ ଟିକସ ବଢ଼ାଇବା ନେଇ ସରକାର ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା କରିସାରିଛନ୍ତି। କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀ ତାଙ୍କର ଅନ୍ତରୀଣ ବଜେଟ ଭାଷଣରେ ଏ ସମ୍ପର୍କରେ ଘୋଷଣା କରିପାରନ୍ତି। ଏବେ ଏଥିନେଇ କିଛି ନିଷ୍ପତ୍ତି ନିଆଯାଇନି। ଜାନୁୟାରୀ ମଧ୍ୟ ଭାଗରେ ଚୂଡ଼ାନ୍ତ ଭାଷଣର ରୂପରେଖ ପ୍ରସ୍ତୁତ କରାଯିବ। ଫେବୃୟାରୀ ପହିଲାରେ ଅନ୍ତରୀଣ ବଜେଟ ଉପସ୍ଥାପନ କରାଯିବ। ଏବେ ଏହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ବଡ଼ ଟିକସ ଘୋଷଣା କରାଯିବା ସମ୍ଭବ କି ନା ତାହାକୁ ନେଇ ରହିଥିବା ପରମ୍ପରା ଓ ଆଇନଗତ ଦିଗ ସମ୍ପର୍କରେ ଏବେ ଆଲୋଚନା ଚାଲିଛି। ପରମ୍ପରା ଅନୁଯାୟୀ ଲୋକ ସଭା ନିର୍ବାଚନ ପୂର୍ବରୁ ବଜେଟ ଭାଷଣରେ ପାର୍ଟ-ବି ବ୍ୟବସ୍ଥା ରହି ନ ଥାଏ। ସରକାର ଟିକସ ସମ୍ବନ୍ଧୀୟ ସୀମିତ ଘୋଷଣା କରିଥାନ୍ତି। ତେବେ ଅଧିକାରୀମାନଙ୍କ କହିବାନୁଯାୟୀ ଅନ୍ତରୀଣ ବଜେଟ୍‌ରେ ସରକାରଙ୍କୁ ବଡ଼ ଘୋଷଣାରୁ ରୋକିବା ଲାଗି କୌଣସି ଆଇନ ନାହିଁ। ଜଣେ ଅଧିକାରୀଙ୍କ କହିବାନୁଯାୟୀ ଅନ୍ତରୀଣ ବଜେଟ ସହିତ କେତେକ ଆର୍ଥିକ ବିଲ୍ ଉପସ୍ଥାପନ କରାଯାଏ। ଯଦ୍ୱାରା ପ୍ରଚଳିତ ବ୍ୟବସ୍ଥାରେ ଏପ୍ରିଲରୁ ଜୁଲାଇ ପର୍ଯ୍ୟନ୍ତ ସାମାନ୍ୟ ପରିମାଣରେ ଟିକସ ବୃଦ୍ଧି କରାଯାଇପାରିବ। ଏହି କାରଣରୁ ଆର୍ଥିକ ବିଲ୍‌ରେ ନୂଆ ଟିକସ ସମ୍ପର୍କରେ ସରକାର କେତେକ ପ୍ରସ୍ତାବ ଆଣିଥାନ୍ତି। ତେବେ ଆର୍ଥିକ ବିଲ୍‌କୁ ନେଇ ସମସ୍ୟା ଉପୁଜିଛି। ଉପସ୍ଥାପନ ହେବା ମାତ୍ରେ ରାଜନୈତିକ ଦଳ ଗୁଡିକ ଏହାକୁ ବିରୋଧ କରିପାରନ୍ତି। ସୂଚନାଥାଉ କି, ଗତ ବର୍ଷଠାରୁ କେନ୍ଦ୍ର ସରକାର ସାଧାରଣ ବଜେଟକୁ ଫେବୃୟାରୀ ୨୮ ପରିବର୍ତ୍ତେ ପହିଲାରେ ଉପସ୍ଥାପନ କରୁଛନ୍ତି। ଏହାଦ୍ୱାରା ଏପ୍ରିଲରୁ ନୂଆ ଆର୍ଥିକବର୍ଷ ଆରମ୍ଭ ପୂର୍ବରୁ ଆର୍ଥିକ ବିଲ୍‌କୁ ଅନୁମୋଦନ କରାଇ ନେବାକୁ ସରକାର ସମୟ ପାଉଛନ୍ତି। ଏଠାରେ ସୂଚାଇ ଦିଆଯାଇପାରେ ଯେ, ୨୦୧୪-୧୫ର ଅନ୍ତରୀଣ ବଜେଟ ଉପସ୍ଥାପନ ବେଳେ ତତ୍କାଳୀନ ଅର୍ଥମନ୍ତ୍ରୀ ପି.ଚିଦାମ୍ବରମ୍ ଅଭିବୃଦ୍ଧିକୁ ଦ୍ରୁତ କରିବା ଲକ୍ଷ୍ୟରେ ଉତ୍ପାଦ ଶୁଳ୍କ ଏବଂ ସୀମାଶୁଳ୍କକୁ ନେଇ ଏକାଧିକ ଘୋଷଣା କରିଥିଲେ। କେତେକ ଉତ୍ପାଦ ଉପରୁ ଶୁଳ୍କହ୍ରାସ କରାଯାଇଥିଲାବେଳେ ସୀମାଶୁଳ୍କ ହାରକୁ ବ୍ୟବହାରିକ କରାଯାଇଥିଲା।

ସେତେବେଳେ ଚିଦାମ୍ବରମ୍ ତାଙ୍କ ବଜେଟ ଭାଷଣରେ କହିଥିଲେ ଯେ, ପରମ୍ପରାକୁ ଧ୍ୟାନରେ ରଖି ଟିକସ ଆଇନରେ ସଂଶୋଧନ ସମ୍ପର୍କରେ ସେ କିଛି ଘୋଷଣା କରିବାକୁ ଚାହୁଁନାହାନ୍ତି। କିନ୍ତୁ ବର୍ତ୍ତମାନର ଆର୍ଥିକ ସ୍ଥିତିକୁ ଦୃଷ୍ଟିରେ ରଖି କେତେକ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି, ଯାହା ବଜେଟ ଉପସ୍ଥାପନ ପର୍ଯ୍ୟନ୍ତ ଅପେକ୍ଷା କରିପାରିବ ନାହିଁ। ବିଶେଷ କରି ବିନିର୍ମାଣ କ୍ଷେତ୍ରକୁ ଦ୍ରୁତଗତିରେ ଆଗେଇ ନେବା ଲାଗି ତ୍ୱରିତ ପଦକ୍ଷେପ ନିଆଯିବା ଜରୁରୀ ହୋଇପଡିଛି। ସେହିପରି ୨୦୦୪-୦୫ର ଅନ୍ତରୀଣ ବଜେଟରେ ମଧ୍ୟ ଯଶୱନ୍ତ ସିଂ ପ୍ରତ୍ୟକ୍ଷ ଏବଂ ଅପ୍ରତ୍ୟକ୍ଷ ଟିକସରେ ପରିବର୍ତ୍ତନ କରି ନ ଥିଲେ। କିନ୍ତୁ ଦୀର୍ଘକାଳୀନ ପୁଞ୍ଜି ଲାଭ ଟିକସ, ସ୍ରୋତ ଉପରେ ଟିକସ କାଟିବା(ଟିଡିଏସ୍) ତଥା ଦ୍ୱୈତ ଟିକସ ଆଦି ସମ୍ପର୍କରେ ଏକାଧିକ ପ୍ରସ୍ତାବ ଘୋଷଣା କରିଥିଲେ। ତେବେ ଅଧିକାରୀଙ୍କ କହିବାନୁଯାୟୀ ଉତ୍ପାଦ ଶୁଳ୍କ ଓ ସୀମାଶୁଳ୍କରେ ପରିବର୍ତ୍ତନ କରିବା ସହଜ। କାରଣ ଏଥିପାଇଁ ଆଇନରେ ସଂଶୋଧନ କରିବାର ଆବଶ୍ୟକତା ପଡେ ନାହିଁ। ଅପ୍ରତ୍ୟକ୍ଷ ଟିକସ କ୍ଷେତ୍ରରେ କେବଳ ସେବା କ୍ଷେତ୍ରରେ ଟିକସ ଲାଗି ଆଇନରେ ସଂଶୋଧନ କରିବା ଜରୁରୀ। ଏବେ ଅଧିକାଂଶ ଉତ୍ପାଦ ଶୁଳ୍କ ଏବଂ ସେବା ଟିକସକୁ ଜିଏସ୍‌ଟିରେ ମିଶାଇ ଦିଆଯାଇଛି। ତେବେ ପ୍ରତ୍ୟକ୍ଷ ଟିକସରେ ପରିବର୍ତ୍ତନ କରିବାକୁ ହେଲେ ଆର୍ଥିକ ବିଲ୍ ଜରିଆରେ ଏଥିରେ ସଂଶୋଧନ କରିବାକୁ ହେବ। ୨୦୧୯-୨୦ର ଅନ୍ତରୀଣ ବଜେଟ ତିଆରି ପ୍ରକ୍ରିୟା ଅକ୍ଟୋବର ମଧ୍ୟଭାଗରୁ ଆରମ୍ଭ ହୋଇଛି। ଚଳିତ ବର୍ଷ ଲାଗି ସଂଶୋଧିତ ବଜେଟ ଅନୁମାନ ଏବଂ ଆସନ୍ତା ଆର୍ଥିକ ବର୍ଷ ଲାଗି ବଜେଟ ବ୍ୟୟ ଅନୁମାନ ନିର୍ଦ୍ଧାରଣ ଲାଗି ଅର୍ଥ ମନ୍ତ୍ରଣାଳୟର ଅଧିକାରୀମାନେ ଇତିମଧ୍ୟରେ ଅନ୍ୟ ମନ୍ତ୍ରଣାଳୟ ଓ ବିଭାଗଗୁଡିକ ସହ ଆଲୋଚନା ଆରମ୍ଭ କରିଦେଇଛନ୍ତି।

## ବାଧ୍ୟତାମୂଳକ ହେବ ହଲ୍‌ମାର୍କ ସୁନା ଗହଣା

ନୂଆଦିଲ୍ଲୀ,୧୫-୧୧



ଦେଶରେ ହଲମାର୍କ ସୁନା ଗହଣାର ବିକ୍ରିକୁ ବାଧ୍ୟତାମୂଳକ କରାଯିବ। ଏ ସମ୍ପର୍କରେ ଖୁବଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି କେନ୍ଦ୍ର ଖାଦ୍ୟ ଏବଂ ଉପଭୋକ୍ତା ବ୍ୟାପାର ମନ୍ତ୍ରୀ ରାମବିଲାସ ପାଶ୍ୱାନ କହିଛନ୍ତି।

ବିଶ୍ୱ ମାନକ ଏବଂ ଚତୁର୍ଥ ଔଦ୍ୟୋଗିକ କ୍ରାନ୍ତି ସମାରୋହକୁ ଉଦ୍‌ଘାଟନ କରି ପାଶ୍ୱାନ କହିଛନ୍ତି ଯେ, ବିଆଇଏସ୍ ୩ଟି ଶ୍ରେଣୀ ୧୪ କ୍ୟାରେଟ୍,୧୮ କ୍ୟାରେଟ୍ ଏବଂ ୨୨ କ୍ୟାରେଟ୍ ଲାଗି ହଲମାର୍କ ମାନକ ନିର୍ଦ୍ଧାରଣ କରିଛି। ସରକାର ଏହାକୁ ଖୁବ୍‌ଶୀଘ୍ର ବାଧ୍ୟତାମୂଳକ କରିବାକୁ ଯାଉଛନ୍ତି। ଏବେ ହଲମାର୍କ ଇଚ୍ଛାଧୀନ କରାଯାଇଛି। ଏହା ସୁନାର ଶୁଦ୍ଧତାକୁ ସୂଚାଇଥାଏ। ମାନକ ତିଆରି କ୍ଷମତା ବିଆଇଏସକୁ ଦିଆଯାଇଛି। ତେବେ କେବେଠାରୁ ଏହାକୁ କାର୍ଯ୍ୟକାରୀ କରାଯିବ ସେ ସମ୍ପର୍କରେ ସେ କିଛି ଉଲ୍ଲେଖ କରିନାହାନ୍ତି। ଏଥିରେ ଅଂଶଗ୍ରହଣ କରିଥିବା ରାଷ୍ଟ୍ରମନ୍ତ୍ରୀ ସି.ଆର୍.ଚୌଧୁରୀ କହିଥିଲେ ଯେ, ଏବେ ଉପଲବ୍ଧ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତାର ମଧ୍ୟ ମାନକ ତିଆରି କରିବାର ସମୟ ଆସିଛି। ଏହା ଏବେ ସମୟର ଆବଶ୍ୟକତା ହେଲାଣି। ବିଆଇଏସ ମହାନିର୍ଦ୍ଦେଶକ ସୁରିନା ରାଜନ କହିଛନ୍ତି ଯେ, ଚତୁର୍ଥ ଔଦ୍ୟୋଗିକ କ୍ରାନ୍ତି ଆଣିବା ଲାଗି ବ୍ୟବହାର ହେବାକୁ ଥିବା ସ୍ମାର୍ଟ ପ୍ରଯୁକ୍ତିର ମାନକୀକରଣର ଅଧ୍ୟୟନ ଲାଗି ଏକାଧିକ କମିଟି ଗଠନ କରାଯାଇଛି।

## ଆଇଟିରେ ସୃଷ୍ଟି ହେବ ୧୪ ଲକ୍ଷ ନିଯୁକ୍ତି

ନୂଆଦିଲ୍ଲୀ,୧୫-୧୧




ଦେଶର ଆଇଟି କ୍ଷେତ୍ରରେ ୨୦୨୭ ସୁଦ୍ଧା ୧୪ ଲକ୍ଷ ନୂଆ ନିଯୁକ୍ତି ସୃଷ୍ଟି ହେବ। ସିସ୍କୋ ଏବଂ ଇଣ୍ଟରନ୍ୟାଶନାଲ ଡାଟା କର୍ପୋରେଶନ(ଆଇଡିସି) ପକ୍ଷରୁ ମିଳିତ ଭାବେ କରାଯାଇଥିବା ଏକ ଅଧ୍ୟୟନରୁ ଏହା ଜଣାପଡିଛି। ସାଇବର ସୁରକ୍ଷା, ଇଣ୍ଟରନେଟ ଅଫ୍ ଥିଙ୍ଗସ(ଆଇଓଟି) ଏବଂ ବିଗ୍ ଡାଟା ଭଳି ବିକାଶଶୀଳ ପ୍ରଯୁକ୍ତିରେ ଏହି ନିଯୁକ୍ତି ମିଳିବ।

ଅଧ୍ୟୟନରେ କୁହାଯାଇଛି ଯେ, ନିକଟ ଭବିଷ୍ୟତରେ ସୋସିଆଲ ମିଡିଆ ପ୍ରଶାସକ, ମେଶିନ ଲର୍ଣ୍ଣିଂ ଡିଜାଇନର ଏବଂ ଆଇଓଟି ଡିଜାଇନର ଭଳି ପଦବୀରେ ଚାକିରି ଚାହିଦା ବଢ଼ିବ। ଏଥିରେ କୁହାଯାଇଛି ଯେ, ୮୯ ପ୍ରତିଶତ ହାୟରିଂ ମ୍ୟାନେଜରମାନେ ଉକ୍ତ ସାର୍ଟିଫିକେଟଧାରୀଙ୍କ ଉପରେ ସର୍ବାଧିକ ଆସ୍ଥା ଜ୍ଞାପନ କରିଛନ୍ତି। ସେହିପରି ୮୮ ପ୍ରତିଶତ ଗ୍ରାହକ ସେବାର ସ୍ତର ଏବଂ ସହଯୋଗରେ ସୁଧାର ଉପରେ ଜୋର୍ ଦେଇଛନ୍ତି। ଅଧ୍ୟୟନ ଅନୁଯାୟୀ ଅଧିକାଂଶ ଉଦ୍ୟୋଗୀଙ୍କ ଲାଗି ପରିବର୍ତ୍ତନଶୀଳ ଯୁଗରେ କୌଶଳ ବିକାଶ ଉପରେ ଅଧିକ ଜୋର୍ ଦେଇଛନ୍ତି। ଏହାଛଡା କର୍ମଚାରୀ କିପରି ଓ କେଉଁଠି କାମ କରୁଛନ୍ତି ତା' ଉପରେ ଅଧିକ ଗୁରୁତ୍ୱ ଦିଆଗଲାଣି। ଏହି କାରଣରୁ ଆଇଟି ଉଦ୍ୟୋଗରେ ଏବେ ଶୀର୍ଷ ପଦକୁ ପୂରଣ କରିବା କଠିନ ହେଲାଣି।

## ■ ରପ୍ତାନି ୧୭.୮୬% ବଢ଼ିଲା

# ବାଣିଜ୍ୟ ନିଅଣ୍ଟ ୧୭.୧୩ ବିଲିୟନ ଡଲାର

ନୂଆଦିଲ୍ଲୀ,୧୫-୧୧



ଅକ୍ଟୋବରରେ ଦେଶର ରପ୍ତାନି ୧୭.୮୬ ପ୍ରତିଶତ ବଢ଼ି ୨୬.୯୮ ବିଲିୟନ ଡଲାରରେ ପହଞ୍ଚିଛି। ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ଏ ସମ୍ପର୍କରେ ତଥ୍ୟ ଜାରି କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଆଲୋଚ୍ୟ ମାସରେ ଆମଦାନୀ ୧୭.୬୨% ବଢ଼ି ୪୪.୧୧ ବିଲିୟନ ଡଲାର ହୋଇଛି। ଫଳରେ ଦେଶର ବାଣିଜ୍ୟ ନିଅଣ୍ଟ ପରିମାଣ ୧୭.୧୩ ବିଲିୟନ ଡଲାର ହୋଇସାରିଛି। ତେବେ ଅକ୍ଟୋବରରେ ସୁନା ଆମଦାନୀ ୪୨.୯% ହ୍ରାସ ପାଇ ୧.୬୮ ବିଲିୟନ ଡଲାର ହୋଇଛି। ଏହାସତ୍ତ୍ୱେ ବାଣିଜ୍ୟ ନିଅଣ୍ଟ ବଢ଼ିବା ଚିନ୍ତାର ବିଷୟ। ଗତ ବର୍ଷ ଏହି ମାସରେ ବାଣିଜ୍ୟ ନିଅଣ୍ଟ ପରିମାଣ ୧୪.୬୧ବିଲିୟନ ଡଲାର ଥିଲା। ଚଳିତ ଆର୍ଥିକ ବର୍ଷର ଏପ୍ରିଲ-ଅକ୍ଟୋବର ଅବଧିରେ ରପ୍ତାନି ୧୩.୨୭% ବଢ଼ିବା ସହିତ ୧୯୧ ବିଲିୟନ ଡଲାରରେ ପହଞ୍ଚି ଯାଇଛି। ଏହି ସମୟରେ ଆମଦାନୀ ୧୬.୩୭% ବୃଦ୍ଧି ସହ ୩୦୨.୪୭ ବିଲିୟନ ଡଲାର ହୋଇଛି।

## ■ ୱାଲମାର୍ଟର ଯାଞ୍ଚ ଶେଷ

# ସହମତିରେ ମହିଳାଙ୍କ ସହ ବିନ୍ନିଙ୍କ ସମ୍ପର୍କ ଥିଲା

ନୂଆଦିଲ୍ଲୀ,୧୫-୧୧



ବ୍ୟକ୍ତିଗତ ଦୁର୍ବ୍ୟବହାର ଅଭିଯୋଗ ପରେ ଫ୍ଲିପକାର୍ଟର ସିଇଓ ପଦରୁ ଇସ୍ତଫା ଦେଇଥିବା ବିନ୍ନି ବଂଶଲଙ୍କ ବିରୋଧରେ ଆରମ୍ଭ ହୋଇଥିବା ତଦନ୍ତ ଶେଷ ହୋଇଛି। ଆପୋଷ ବୁଝାମଣାରେ ମହିଳାଙ୍କ ସହ ବିନ୍ନିଙ୍କ ବ୍ୟକ୍ତିଗତ ସମ୍ପର୍କ ଥିଲା ବୋଲି ତଦନ୍ତ ରିପୋର୍ଟରେ ପ୍ରକାଶ କରାଯାଇଛି। ଅଭିଯୋଗ ଆଣିଥିବା ମହିଳା କମ୍ପାନୀର ପୂର୍ବତନ କର୍ମଚାରୀ ବୋଲି କୁହାଯାଉଥିବା ବେଳେ ଅନ୍ୟ କେତେକ ଏହାକୁ ଖଣ୍ଡନ କରିଛନ୍ତି। ତାଙ୍କ ପକ୍ଷରୁ ଅଣାଯାଇଥିବା ଅଭିଯୋଗର ସତ୍ୟତା ନାହିଁ ବୋଲି ତଦନ୍ତ କମିଟି ଜାଣିପାରିଛି। କାରଣ ବିନ୍ନିଙ୍କ ବିରୋଧରେ ଅଣାଯାଇଥିବା ଯୌନ ନିର୍ଯ୍ୟାତନା ଅଭିଯୋଗର ପ୍ରମାଣ ମିଳି ନାହିଁ ବୋଲି ୱାଲମାର୍ଟ ପକ୍ଷରୁ ଗୁରୁବାର ପ୍ରକାଶ କରାଯାଇଛି।


**PARADIP PORT TRUST**

2nd Corrigendum to E-Tender Call
Notice No. : MD/SHS/TECH-16/2018/ 1514, Dt.25.10.2018

**Name of the Work: "Maintenance dredging of 7.0 Million $M^3$ quantity from Approach Channel, Entrance Channel, Turning Circle, Docks & Sand Trap of Pradip Port Trust for 2 + 1 Years i.e. from 2019-20 to 2021-22".** With reference to above tender, Second Corrigendum Notice has been published in the website. For further details, please log on to the website **https://eprocure.gov.in/ eprocure/app.**

Dy. Conservator
PPT/PR/472/18-19 Dt.14.11.2018

**PARADIP PORT TRUST**

e-Tendering Notice
Online tenders in three bid system i.e. (1) EMD Bid (2) Technical Bid (3) Price Bid are invited from manufacturers / authorized dealers for supply of **horizontal centrifugal/ vacuum/other pumps required for water supply/sprinkling.** The last date and time of submission of the tender is 17.15 Hours on Dt. 03/12/2018. For details, log on to website https://eprocure.gov.in/ eprocure/app.

Sr. Dy. Materials Manager
PPT/PR/471/18-19 Dt. 14/11/2018

**Food Corporation of India, Regional Office, Bhubaneswar**

No. PR/2/Odisha/2012-18 Date : 16.11.2018

NOTICE INVITING APPLICATION

For and on behalf of Food Corporation of India, Odisha Region the General Manager (Region), invites e-tender from INS Accredited Advertising Agency. For further details please visit FCI Website **https://fci.gov.in** and **https://eprocure.gov.in / eprocure/app** .

GENERAL MANAGER (REGION)

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
O/o the Sr. General Manager (S&S) Janpath, Bhubaneswar-751022. CIN: U40102OR2004SGC007553
Lifeline of Odisha

TENDER NOTICE NO. SR.G.M. (S&S) - 16/2018-19

For and on behalf of Odisha Power Transmission Corporation Ltd., Sr. G.M. (S&S), OPTCL, BBSR invites sealed Tenders from reputed Manufacturers / Authorised Dealers for supply of various types of Fans (V-Guard/ Havells/Orient) to OPTCL Headqrs office duly superscribed on the cover as : **"Tender for Supply of different types of Fan to OPTCL Headqrs office, Bhubaneswar".** Tender papers can be downloaded from the OPTCL website from dt.**16.11.2018** to dt.**28.11.2018**. The tender will be opened on dt.**28.11.2018** at **4:00 PM**. Interested firms may visit OPTCL's official website **www.optcl.co.in** for detail specifications.

Sd/-
Sr. General Manager (S&S)

Please connect us: optcl.odisha optcl_odisha energyodisha

**BERHAMPUR UNIVERSITY**
BHANJA BIHAR, BERHAMPUR-760007 (ODISHA)

No. 7953/ HRDC/BU/18 Date: 15.11.18

NOTIFICATION

Applications are invited from Retired Professors / Associate Professors (below 65 years of age) for engagement as Training Nodal Officer (TNO) to manage all training programmes to be conducted under the World Bank funded OHEPEE programme. The applicant should have experience in academic administration and sound knowledge of Human Resource Development. The TNO shall receive a consolidated amount of Rs. 40,000/- (Rupees Forty Thousand only) per month as honorarium.

Applicants are required to attend a Walk-in-Interview on 22.11.2018 at 11.30AM in the Old Syndicate Hall of the Berhampur University along with a detailed biodata (two copies) and original documents (one set of photocopies). The University reserves the right to conduct or cancel the interview without any notice.

*By order of the Vice-Chancellor*
**Sd./- REGISTRAR**

**Director of Fisheries, Odisha, Cuttack**

Phone: 0671 - 2414061, Fax: 0671 - 2410521
E-mail: director.odifish@gmail.com
Website: www.odishafisheries.com

**SHORT QUOTATION CALL NOTICE**

No. 43-M: Directorate of Fisheries, Odisha, Cuttack invites sealed quotations from interested firms / suppliers / printing press / publishers for supply of articles as specified in Departmental Website for the Directorate of Fisheries. The rates shall remain valid for a period of one year. The details in this regard can be downloaded from the Directorate Website: **www.odishafisheries.com**. Last date of submission of quotation is **22nd November, 2018 at 11.00 AM.**

06015/11/0020/1819 **Sd./- Director of Fisheries, Odisha, Cuttack**

**ନିୟନ୍ତ୍ରିତ ବଜାର କମିଟି, କଣ୍ଟାବାଞ୍ଜି**
**ଜିଲ୍ଲା - ବଲାଙ୍ଗିର**

ଏତଦ୍ୱାରା ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଟିଟିଲାଗଡ଼ର ଉପଖଣ୍ଡର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଓଡ଼ିଶା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତା ଖରିଫ୍ ଋତୁ (୨୦୧୮-୧୯) ବର୍ଷ ପାଇଁ ସରକାର ନିମ୍ନ ମତେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି। ତେଣୁ ଚାଷୀ ଭାଇ ଓ ଭଉଣୀମାନେ ତାଙ୍କର ଉତ୍ପାଦିତ ବଳକା ଧାନ ସବୁକୁ ପ୍ରାଥମିକ କୃଷି ସମବାୟ ସମିତି ମାନଙ୍କରେ ନିର୍ଦ୍ଧାରିତ ଦିବସରେ ବିକ୍ରି କରିବା ପାଇଁ ଅନୁରୋଧ।

ଚଳିତ ବର୍ଷ ଚାଷୀଙ୍କର ଆଦାୟ ଧାନରୁ ଘରର ଖର୍ଚ୍ଚ ବାବଦକୁ କଟାଯାଉଥିବା ମୁଣ୍ଡପିଛା ୩ କୁଇଣ୍ଟାଲ ଧାନକୁ କାଟିବା ସକାଶେ ଚଳିତ ବର୍ଷ ବାଦ ଦିଆଯାଇଛି।


'ଚାଷୀ ଭାଇମାନଙ୍କୁ ଅନୁରୋଧ ଧାନ ସବୁକୁ ଠିକ୍ ଭାବରେ ଖରାରେ ଶୁଖାଇ ବାଲି, ମାଟି, କୁଟା, ଅଗାଡ଼ି ଇତ୍ୟାଦିକୁ ଭଲ ଭାବରେ ସଫାକରି ବିକ୍ରୟ କେନ୍ଦ୍ରକୁ ଆଣିବା ହେବେ। ଯେପରି ଧାନ ବ୍ୟବସାୟପଯୋଗୀ, ଖାଦ୍ୟ ଉପଯୋଗୀ ଏବଂ ପୋକରା, ଦୁର୍ଗନ୍ଧ, ବିଷମୁକ୍ତ ହୋଇଥିବ।'

**ଧାନର ଗୁଣାତ୍ମକ ମାନ**

| କ୍ର. ନଂ. | ଧାନରେ ମିଶ୍ରିତ ନିକୃଷ୍ଟ ବାହ୍ୟ ପଦାର୍ଥ | ଏଫ୍. ଏ. କ୍ୟୁ. ମାନର ଧାନ ପାଇଁ ସର୍ବୋଚ୍ଚ ସୀମା (%) |
|---|---|---|
| ୧. | ଅଜୈବିକ ବାହ୍ୟ ପଦାର୍ଥ (ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି) | ୧.୦% |
| ୨. | ଜୈବିକ ବାହ୍ୟ ପଦାର୍ଥ (କାଠି, କୁଟା, ଧୁସ, ଅଗାଡି ବା ପୋଲା ଇତ୍ୟାଦି) | ୧.୦% |
| ୩. | ଖରାପ, ବେରଙ୍ଗୀ, ପାଣିଫୁଲା ଓ ପୋକ, (ଖରାପ, ପାଣିଫୁଲା ଓ ପୋକ ମିଶି ୪%ରୁ ଅଧିକ ହୋଇନଥିବ) | ୫.୦% |
| ୪. | ଅପରିପକ୍ୱ (କଞ୍ଚା-ସବୁଜ) ବଙ୍କା ଓ ସଙ୍କୁଚିତ ଇତ୍ୟାଦି | ୩.୦% |
| ୫. | ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ୍ 'ଏ' ଧାନ ନିମନ୍ତେ) | ୬.୦% |
| ୬. | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭.୦% |

**ଏହି ବର୍ଗର ଧାନ ପାଇଁ ସରକାରୀ ଧାର୍ଯ୍ୟ ଦର ନିମ୍ନରେ ଦିଆଗଲା :**

| କ୍ର. ସଂ. | ଧାନର ମାନ | ସରକାରୀ ଧାର୍ଯ୍ୟ ଦର (କ୍ୱିଣ୍ଟାଲ ପିଛା) | ବସ୍ତାପିଛା ଦର (୭୫ କେ.ଜି.) |
|---|---|---|---|
| ୧. | ଗ୍ରେଡ୍-ଏ | ଟ. ୧୭୭୦.୦୦ | ଟ. ୧୩୨୭.୫୦ |
| ୨. | ସାଧାରଣ ଧାନ (ଏଫ୍.ଏ.କ୍ୟୁ.) | ଟ. ୧୭୫୦.୦୦ | ଟ. ୧୩୧୨.୫୦ |



**ବିକ୍ରିଯୋଗ୍ୟ ବଳକା ଧାନ ଖରିଫ ଋତୁ (୨୦୧୮-୧୯) ପାଇଁ – ଜଳସେଚିତ ଏକର ପିଛା କୁଇଣ୍ଟାଲ ୧୯.୦୦**
**ଅଣଜଳସେଚିତ ଏକର ପିଛା କୁଇଣ୍ଟାଲ ୧୩.୦୦**

ଟିଟିଲାଗଡ଼ ଉପଖଣ୍ଡର ପ୍ରାଥମିକ କୃଷି ସମବାୟ ସମିତି ମାନଙ୍କ ଜରିଆରେ ତା. ୧୪.୧୧.୨୦୧୮ରିଖରୁ ଧାନ କ୍ରୟ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ନିଷ୍ପତ୍ତି ନିଆଯାଇଛି। ତେଣୁ ପ୍ରତ୍ୟେକ ଚାଷୀ ନିଜ ନିଜର ଅଞ୍ଚଳରେ ଥିବା କ୍ରୟ କେନ୍ଦ୍ରମାନଙ୍କରେ ଜିଲ୍ଲା ପ୍ରଶାସନ ଦ୍ୱାରା ଧାର୍ଯ୍ୟ ଦିନମାନଙ୍କରେ ସମୟ ସକାଳ ଘ. ୮.୦୦ରୁ ଅପରାହ୍ନ ଘ. ୧.୦୦ ମଧ୍ୟରେ ବଳକା ଧାନ ଆଣିବା ହେବେ। ପ୍ରତ୍ୟେକ ଚାଷୀ ଏଥିପାଇଁ ସେମାନଙ୍କୁ ସଂପୃକ୍ତ ପ୍ରାଥମିକ କୃଷି ସମବାୟ ସମିତିରୁ ଅଗ୍ରୀମ ଟୋକନ ଆଣିବାକୁ ପଡିବ।

ପ୍ରକାଶଥାଉକି ଚାଷୀମାନେ ବିକ୍ରୟ କଲା ସମୟରେ ସାଙ୍ଗରେ ଯେକୌଣସି ପରିଚୟ ପତ୍ର ଯଥା ଆଧାରକାର୍ଡ, ଭୋଟର ପରିଚୟ ପତ୍ର, ବିଜୁ କୃଷକ କଲ୍ୟାଣ ଯୋଜନା କାର୍ଡ ଇତ୍ୟାଦି ଆଣିବାକୁ ହେବ।

**"ଚାଷୀ ହସିଲେ ଦୁନିଆଁ ହସିବ"**


ସ୍ୱା./– ସଂପାଦକ
ନିୟନ୍ତ୍ରିତ ବଜାର କମିଟି, କଣ୍ଟାବାଞ୍ଜି

ସ୍ୱା./– ଉପଜିଲ୍ଲାପାଳ ଟିଟିଲାଗଡ଼ ତଥା ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, କଣ୍ଟାବାଞ୍ଜି



ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଆମ ଲେଗ୍ ସ୍ପିନର ୟାସିର ଶାହା ଏବଂ ମିଡିୟମ ପେସର ମହମ୍ମଦ ଆବାସ ବିପକ୍ଷ ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହେବେ ।

– ସର୍ଫରାଜ ଅହମ୍ମଦ, ପାକିସ୍ତାନ ଅଧିନାୟକ



ମାଞ୍ଚେଷ୍ଟର ୟୁନାଇଟେଡ୍ ଫୁଟ୍‌ବଲ ଟିମ୍ କେତେବେଳେ ଛାଡ଼ିବି ସେ ନେଇ ନିଷ୍ପତ୍ତି ମୁଁ ଠିକଣା ସମୟରେ ନେବି ।

– ୱେନ୍ ରୁନି, ଇଂଲଣ୍ଡ ଫୁଟ୍‌ବଲର

# ରାଇଜିଂ ଷ୍ଟୁଡେଣ୍ଟ ଚାମ୍ପିୟନ୍



ଚାମ୍ପିୟନ ରାଇଜଂ ଷ୍ଟୁଡେଣ୍ଟ ଦଳର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ ।

## ଅଂଶୁମାନ୍ ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ଧର୍ମଶାଳା, ୧୫।୧୧(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଜାରକାସ୍ଥିତ ମହୋତ୍ସବ ପଡିଆରେ ଅନୁଷ୍ଠିତ ନବମ ସର୍ବଭାରତୀୟ ଅଂଶୁମାନ୍ ମେମୋରିଆଲ୍ କ୍ରିକେଟ୍ ଟୁର୍ନାମେଣ୍ଟର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହିଅବସରରେ ଆୟୋଜିତ ଫାଇନାଲ ମ୍ୟାଚ୍‌ରେ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧାକୁ ୪ ଉଇକେଟରେ ହରାଇ ରାଇଜିଂ ଷ୍ଟୁଡେଣ୍ଟ କଟକ ଚଳିତ ବର୍ଷ ଚାମ୍ପିୟାନ୍ ହୋଇଛି । ରାଇଜିଂ ଷ୍ଟୁଡେଣ୍ଟ ଟସ୍ ଜିତି ଇଷ୍ଟକୋଷ୍ଟ ରେଲୱେକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ଇଷ୍ଟକୋଷ୍ଟ ରେଲୱେ ୨୮ ଓଭର୍‌ରେ ସମସ୍ତ ଉଇକେଟ ହରାଇ ୨୨୬ ରନ୍ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ତନ୍ମୟ ମହାନ୍ତି ୨୬ ବଲ୍‌ରୁ ୫୨ରନ୍ ଓ ଏସ୍‌କେ ସଲମାନ୍ ୧୮ ବଲ୍‌ରୁ ୪୬ ରନ୍ ସଂଗ୍ରହ କରିଥିଲେ। ବିପକ୍ଷ ଦଳର ଜେବି ମହାପାତ୍ର ୩ଟି ଓ ଆଶୁତୋଷ ଦାସ ୨ଟି ଲେଖାଏ ଉଇକେଟ୍ ପାଇଥିଲେ। ଜବାବ୍‌ରେ ରାଇଜିଂ ଷ୍ଟୁଡେଣ୍ଟ କଟକ ଦଳ ୨୭.୩ ଓଭର୍‌ରେ ୬ ଉଇକେଟ ହରାଇ ବିଜୟୀ ହୋଇଥିଲା। ଦଳପକ୍ଷରୁ ପି. ରୋଶନ ରାଓ ୬୧ ବଲ୍‌ରୁ ୭୧ ରନ୍ ଓ ଗିରିଜା ବାରିକ ୪୮ ବଲ୍‌ରୁ ୬୮ ରନ୍ ସଂଗ୍ରହ କରିଥିଲେ। ବିପକ୍ଷ ଇଷ୍ଟକୋଷ୍ଟ ଦଳର ପ୍ରଦୀପ୍ତ ଦାସ ଓ ସଞ୍ଜିତ ସାମଲ ୧ ଟି ଲେଖାଏ ଉଇକେଟ୍ ନେଇଥିଲେ। ଖେଳକୁ ପ୍ରାଣନାଥ ଜେନା ଓ ଆଶୁତୋଷ ପାଣି ପରିଚାଳନା କରିଥିଲେ। ଶୁଭ୍ରଜିତ୍ ଦାସ ସ୍କୋର୍‌ରେ ସହାୟତା କରିଥିଲେ। ଉତ୍ତମ ପ୍ରଦର୍ଶନ ପାଇଁ ରାଇଜିଂ ଷ୍ଟୁଡେଣ୍ଟ ଦଳର ପି ରୋଶନ ରାଓଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଓ ମ୍ୟାନ ଅଫ ଦି ସିରିଜ୍ ଭାବେ ଘୋଷଣା କରାଯାଇଥିଲା। ଟ୍ରଷ୍ଟର ଅଧ୍ୟକ୍ଷ ବିଜୟ କୁମାର ରାୟଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ୍ ମଜୁମଦାର, ଚଳଚ୍ଚିତ୍ର ଅଭିନେତ୍ରୀ ଏଲିନା ସାମନ୍ତରାୟ, ଅବସରପ୍ରାପ୍ତ ସିଡିଏମ୍‌ଓ ବିଜୟ କୁମାର ଶତପଥୀ, ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଚାମ୍ପିୟାନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ।

ଓଡ଼ିଶା-ଆସାମ ରଣ୍‌ଜୀ ମ୍ୟାଚ୍

# ଦଳକୁ ଫେରିଲେ ରାଜେଶ, ଧୀରଜ

**କଟକ ଅଫିସ,୧୫।୧୧**

ଆସନ୍ତା ୨୦ରୁ ୨୩ ତାରିଖ ପର୍ଯ୍ୟନ୍ତ ଗୁଆହାଟୀର ନେହେରୁ ଷ୍ଟାଡିୟମରେ ଚଳିତ ରଣ୍‌ଜୀ ସିଜନର ପରବର୍ତ୍ତୀ ମ୍ୟାଚ୍‌ରେ ଓଡ଼ିଶା ଘରୋଇ ଆସାମ ଦଳକୁ ଭେଟିବ। ଭୁବନେଶ୍ୱର କିଟ୍ ଗ୍ରାଉଣ୍ଡରେ ପ୍ରଥମ ୨ଟି ମ୍ୟାଚ୍ ଖେଳିବା ପରେ ବାହାର ଗ୍ରାଉଣ୍ଡରେ ଓଡ଼ିଶା ପ୍ରଥମ ମ୍ୟାଚ୍ ଖେଳିବାକୁ ଯାଉଛି। ଏଥିପାଇଁ ରାଜ୍ୟ ରଣ୍‌ଜୀ ଦଳରେ ସାମନ୍ୟ ପରିବର୍ତ୍ତନ ଅଣାଯାଇଛି। ଗତ ଦୁଇଟି ମ୍ୟାଚ୍‌ରେ ଓପନିଂ ଦାୟିତ୍ୱ ସମ୍ଭାଳିଥିବା ସନ୍ଦୀପ ପଟ୍ଟନାୟକଙ୍କୁ ବାଦ୍ ଦିଆଯାଇ ତାଙ୍କ ସ୍ଥାନରେ ରାଜେଶ ଧୂପରଙ୍କୁ ସାମିଲ କରାଯାଇଛି । ଉତ୍ତରପ୍ରଦେଶ ବିପକ୍ଷରେ ୦, ୪୬ ରନ୍, ହରିୟାଣା ବିପକ୍ଷରେ ୨୦ରନ୍, ୬ ରନ୍ ସନ୍ଦୀପ କରିଥିଲେ। ତେବେ ସନ୍ଦୀପଙ୍କୁ ସି.କେ ନାଇଡୁ ଟ୍ରଫି ନିମନ୍ତେ ୨୩ ବର୍ଷରୁ କମ୍ ଦଳରେ ସାମିଲ କରାଯିବ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଆଦୌ ମ୍ୟାଚ୍ ଖେଳିବାର ସୁଯୋଗ ପାଇନଥିବା ଶୁଭମଙ୍କୁ ବାଦ ଦିଆଯାଇ ଅଭିଜ୍ଞ ଧୀରଜ ସିଂଙ୍କୁ ଦଳରେ ନିଆଯାଇଛି । ଏହାଛଡ଼ା ଅନ୍ୟ ସମସ୍ତ ଖେଳାଳି ଦଳରେ ସୁରକ୍ଷିତ ରହିଛନ୍ତି ।

**ଓଡ଼ିଶା ରଣ୍‌ଜୀ ଦଳ**

ଅନୁରାଗ ଷଡ଼ଙ୍ଗୀ, ରଣଜିତ ସିଂ, ରାଜେଶ ଧୂପର, ଗୋବିନ୍ଦ ପୋଦ୍ଦାର, ବିପ୍ଳବ ସାମନ୍ତରାୟ(ଅଧିନାୟକ), ଶୁଭ୍ରାଂଶୁ ଶେଖର ସେନାପତି, ଶାନ୍ତନୁ ମିଶ୍ର, ସୁଜିତ ଲେଙ୍କା(ଉଇକେଟ କିପର), ଧୀରଜ ସିଂ, ପପୁ ରାୟ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ବସନ୍ତ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ, ଅଭିଷେକ ରାଉତ। କୋଚ୍: ରଶ୍ମିରଞ୍ଜନ ପରିଡ଼ା, ଫିଜିଓ: ଶୁଭକାନ୍ତ ସାହୁ।

# ୨୮ରେ ବାରବାଟୀରେ ରହମନ ଶୋ

**କଟକ ଅଫିସ,୧୫।୧୧**

**ହକି ବିଶ୍ୱକପ୍**



ହକି ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ଆସନ୍ତା ୨୮ରେ ବାରବାଟୀ ଷ୍ଟାଡିୟମରେ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଯୋଜନା ରହିଛି। ଏହି କାର୍ଯ୍ୟକ୍ରମରେ ଦେଶର ପ୍ରଖ୍ୟାତ ସଙ୍ଗୀତ ନିର୍ଦ୍ଦେଶକ ତଥା ଓସ୍କାର ବିଜେତା ଏ.ଆର. ରହମନ ଯୋଗଦେବେ। ରହମନ ନିଜ ଟୁଇଟର ପେଜରେ ଏହା ଉଲ୍ଲେଖ କରିଛନ୍ତି। ହକି ବିଶ୍ୱକପ୍ ନିମନ୍ତେ ୨୭ ତାରିଖରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଘାଟନୀ ଉତ୍ସବ ହେବ। ଏହି ଉତ୍ସବରେ ରହମନ ଓ ବଲିଉଡ୍‌ର କିଙ୍ଗ୍‌ଖାନ୍ ଭାବେ ପରିଚିତ ଶାହରୁଖ ଖାଁ ଯୋଗଦେବେ ।ଏହା ପରେ ବାରବାଟୀରେ ହେବାକୁ ଥିବା ଶୋ'ରେ କେବଳ ରହମନ ଯୋଗଦେବା ସମ୍ଭାବନା ରହିଛି । ଗୁରୁବାର ପୋଲିସ, ଜିଲା ପ୍ରଶାସନ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଡାକିବା ସହ ବାରବାଟୀ ଷ୍ଟାଡିୟମ ଅନୁଧ୍ୟାନ କରିଥିବାରୁ ଏହି ସମ୍ଭାବନା ଦୃଢ଼ୀଭୂତ ହୋଇଛି। ତେବେ କାର୍ଯ୍ୟକ୍ରମ ହେବା ନେଇ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ । ୨୮ ତାରିଖରେ କଟକରେ ବାଲିଯାତ୍ରା ଜାରି ରହିଥିବ। ଏଣୁ ଏହି ସମୟରେ ବାରବାଟୀ ଷ୍ଟାଡିୟମରେ ଏଭଳି ଏକ ବିରାଟ କାର୍ଯ୍ୟକ୍ରମ ଆୟୋଜନ କରିବା ନେଇ କଣ ସବୁ ପ୍ରାକ୍ ସତର୍କତା ନିଆଯିବ ସେ ନେଇ ଏହି ବୈଠକରେ ଆଲୋଚନା ହୋଇଥିବା ଜଣାପଡ଼ିଛି। କେତେ ସଂଖ୍ୟାରେ ଲୋକ ଯୋଗଦେବେ, କେବେ ଟିକେଟ ବିକ୍ରି କରାଯିବ, କେଉଁଠାରେ ପାର୍କିଂ ବ୍ୟବସ୍ଥା ହେବ ସେ ଦିଗରେ ଆଲୋଚନା ହୋଇଛି। ଅନ୍ୟପକ୍ଷରେ ୨୮ ତାରିଖରେ ବିଶ୍ୱକପ୍‌ର ମ୍ୟାଚ୍ ଆରମ୍ଭ ହେଉଥିବା ବେଳେ ସମାନ ସମୟରେ ଏଭଳି ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯିବା ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କଳିଙ୍ଗ ଷ୍ଟାଡିୟମରେ ରହମନଙ୍କ ଶୋ' ଦେଖିବାରୁ ବଞ୍ଚିତ ହୋଇଥିବା ହକିପ୍ରେମୀଙ୍କ ପାଇଁ ବାରବାଟୀରେ ଏହି କାର୍ଯ୍ୟକ୍ରମ ହେବ ବୋଲି ଜଣେ ପ୍ରଶାସନିକ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି। ଓସିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ପୋଲିସ କମିଶନର ସତ୍ୟଜିତ ମହାନ୍ତି, କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, ଡିସିପି ଅଖିଳେଶ୍ୱର ସିଂ, କଟକ ଜିଲାପାଳ ଅରବିନ୍ଦ ଅଗ୍ରୱାଲ, ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରା, ବିଧାୟକ ଦେବାଶିଷ ସାମନ୍ତରାୟ, ସିଏମ୍‌ସି କମିଶନର ଶରତ ଚନ୍ଦ୍ର ନାୟକଙ୍କ ସମେତ ଅନ୍ୟାନ୍ୟ ପୋଲିସ ଅଧିକାରୀ, ଜିଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଚର୍ଚ୍ଚିଲ ବ୍ରଦର୍ସର ପ୍ରଥମ ବିଜୟ

**ଭାସ୍କୋ ଡା' ଗାମା, ୧୫।୧୧ (ପି.ଟି.)**

ଚଳିତ ହିରୋ ଆଇ-ଲିଗ୍‌ରେ ଚର୍ଚ୍ଚିଲ ବ୍ରଦର୍ସ ଏଫସି ଏହାର ପ୍ରଥମ ବିଜୟ ହାସଲ କରିଛି। ଦଳ ଏଠାରେ ଗୁରୁବାର ଖେଳାଯାଇଥିବା ମ୍ୟାଚରେ ୱିଲ୍ସ ପ୍ଲାଜାଙ୍କ ହ୍ୟାଟ୍ରିକ ସହାୟତାରେ ୪-୨ ଗୋଲରେ ଶିଲଂ ଲାଜଂକୁ ହରାଇ ଦେଇଛି। ନିଜ ଗ୍ରାଉଣ୍ଡରେ ଚର୍ଚ୍ଚିଲ ବ୍ରଦର୍ସର ଏହାଥିଲା ପ୍ରଥମ ମ୍ୟାଚ। ପ୍ଲାଜା ୧୮, ୫୧ ଏବଂ ୫୪ତମ ମିନିଟ୍‌ରେ ଗୋଲ ଦେଇଥିବା ବେଳେ ଅନ୍ୟ ଗୋଲ୍‌ଟିକୁ ଅଧିନାୟକ ଡାଓଡା (୩୮ତମ ମିନିଟ୍) ସ୍କୋର କରିଥିଲେ। ଅନ୍ୟପକ୍ଷରେ ଲାଜଂ ପକ୍ଷରୁ ଅଧିନାୟକ ସାମୁଏଲ ଲାଲ୍‌ମୁଆନପୁଇଆ (୩୦ତମ) ଏବଂ ସାମୁଏଲ ଲିଙ୍ଗ୍‌ଦୋ (୪୮ତମ ମିନଟ୍ ) ଗୋଲ ସ୍କୋରର ଥିଲେ। ଗୁରୁବାର ଏହି ବିଜୟ ଦ୍ୱାରା ଚର୍ଚ୍ଚିଲ ଲିଗ୍ ଷ୍ଟାଣ୍ଡିଂ ତୃତୀୟ ସ୍ଥାନ ଅଧିକାର କରିଛି।

ବିଶ୍ୱ ଜୁନିୟର ସଫ୍ଟ ଟେନିସ

# ଭାରତୀୟ ଦଳରେ ଅଜିତ, କରିସ୍ମା

**ଭୁବନେଶ୍ୱର, ୧୫।୧୧(କ୍ରୀଡ଼ା ପ୍ରତିନିଧି)**

ବିଶ୍ୱ ଜୁନିୟର ସଫ୍ଟ ଟେନିସ ଚାମ୍ପିୟନଶିପ୍‌ର ତୃତୀୟ ସଂସ୍କରଣ ଦକ୍ଷିଣ କୋରିଆର ସୁନଚିଅନଠାରେ ଚଳିତମାସ ୧୮ରୁ ୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ କିସ୍‌ର ୨ ଖେଳାଳି ଭାରତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ସେମାନେ ହେଲେ ଅଜିତ ଶବର ଓ କରିସ୍ମା କିସାନ। ଅଜିତ ୯ମ ଶ୍ରେଣୀର ଛାତ୍ର ହୋଇଥିବାବେଳେ କରିସ୍ମା +୨ ପ୍ରଥମ ବର୍ଷର ଛାତ୍ରୀ। ଭାରତୀୟ ଦଳ ସହ ଯୋଗ ଦେବାପାଇଁ ଅଜିତ ଓ କରିସ୍ମା ଗୁରୁବାର ଯାତ୍ରା କରିଛନ୍ତି।

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, BALANGIR (R&B) CIRCLE, BALANGIR**
**Mail ID: sepwdbalangir@gmail.com, Fax/ Ph. No: 06652-231866**

No.822-B:- **e- Procurement Notice**

**BID IDENTIFICATION No: SE (R&B) BGR/ 11/2018-19**

**No. 2187** **Dtd. 09.11.2018**

| | | | |
|---|---|---|---|
| 1. | The Superintending Engineer, Bolangir (R&B) Circle, Bolangir on behalf of Governor of Odisha invites percentage rate bid in double cover system in ONLINE MODE for the construction of works detailed in the table below from B/A/Special Class Contractors registered with the State Government and contractors of equivalent Grade/ Class registered with Central Government/ MES/ Railways for execution of Civil works. The proof of registration from the appropriate authority shall be enclosed along with the bid. | | |
| 2. | Nature of Work | : | Bridge work |
| 3. | No. of tender | : | Bridge Work- 08 Nos. |
| 4. | Tender Cost | : | Rs. 10,000/- |
| 5. | Class of Contractor | : | "B" Class, "A" Class & "Special" class. |
| 6. | Date & Time of sale & Receipt of Bids | : | From Dt. 20.11.2018, 10.00 AM to Dt. 05.12.2018 upto 05.00 PM |
| 7. | Date of opening of Bid | : | Dt. 07.12.2018 at 11.30 AM |
| 8. | The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendum will be available on ONLINE MODE only. | | |

**Sd./- Superintending Engineer, Balangir (R&B) Circle, Balangir**

34131/11/0029/1819




**GOVERNMENT OF ODISHA**
**RURAL WATER SUPPLY & SANITATION ORGANISATION**
**OFFICE OF THE EXECUTIVE ENGINEER RWS&S DIVISION, ANGUL, AT- TALCHER**
**At- Baghuabole, Po.- Hatatota, Talcher, Dist.- Angul, Pin- 759100 (Ph. No./Fax-06760-240762, E-mail : eerwss_ang@nic.in)**
**National Competitive Bidding through e-procurement**
**Bid Identification No. 06/EE/RWSS/ANGUL/2018-19 Dt. 09.11.2018 (Basudha)**

**No.987-O:-** The Executive Engineer, RWS&S Division, Angul, At-Talcher on behalf of Governor of Odisha invites Item Rate/Percentage bid through e-procurement in double/single cover system according to norm of e-Procurement system in on-line mode.

Nature of Work : Rural Piped Water Supply Schemes.

| | | | |
|---|---|---|---|
| 1. | No. of Tenders | : | 1 No. |
| 2. | Tender Paper Cost | : | Rs. 10,000.00 |
| 3. | Value of work | : | Rs. 124.90 Lakhs |
| 4. | Class of Contractor | : | "B" & "A" Class |
| 5. | Date & time of availability of bid document in portal | : | 17.11.2018 at 11.00 hours to 24.11.2018 upto 17.00 hours |
| 6. | Date & time of seeking tender clarification | : | 20.11.2018 upto 17.00 hours. |
| 7. | Date & time of opening of tender & verification of original document | : | 26.11.2018 at 15.00 hours in the office of the Executive Engineer, RWS&S Division, Angul, At-Talcher. |
| 8. | Time of completion | : | 6 (Six) Calendar Months. |
| 9. | The bidders have to participate in online bidding only. Further details can be seen from the website https://www.tendersodisha.gov.in. | | |
| 10. | Corrigendum if any shall be published in the above website only. | | |

**Sd./- Executive Engineer, RWS&S Division, Angul, At- Talcher**

25019/11/0021/1819

**GOVERNMENT OF ODISHA**
**RURAL WATER SUPPLY & SANITATION ORGANISATION**
**OFFICE OF THE EXECUTIVE ENGINEER RWS&S DIVISION, ANGUL, AT- TALCHER**
**At- Baghuabole, Po.- Hatatota, Talcher, Dist.- Angul, Pin- 759100 (Ph. No./Fax-06760-240762, E-mail : eerwss_ang@nic.in)**
**National Competitive Bidding through e-procurement**
**Bid Identification No. 15/EE/RWSS/ANGUL/2018-19 Dt. 09.11.2018 (DMF)**

**No.989-O:-** The Executive Engineer, RWS&S Division, Angul, At-Talcher on behalf of Governor of Odisha invites Item Rate/Percentage bid through e-procurement in double/single cover system according to norm of e-Procurement system in on-line mode.

Nature of Work : Rural Piped Water Supply Schemes.

| | | | |
|---|---|---|---|
| 1. | No. of Tenders | : | 11 Nos. |
| 2. | Tender Paper Cost | : | Rs. 6,000.00 to Rs. 10,000.00 |
| 3. | Value of work | : | Rs. 82.33 Lakhs to Rs. 11.57 Lakhs |
| 4. | Class of Contractor | : | "D", "C", "B" & "A" Class |
| 5. | Date & time of availability of bid document in portal | : | 17.11.2018 at 11.00 hours to 24.11.2018 upto 17.00 hours |
| 6. | Date & time of seeking tender clarification | : | 20.11.2018 upto 17.00 hours. |
| 7. | Date & time of opening of tender & verification of original document | : | 26.11.2018 at 15.00 hours in the office of the Executive Engineer, RWS&S Division, Angul, At-Talcher. |
| 8. | Time of completion | : | 3 (Three) to 5 (Five) Calendar Months. |
| 9. | The bidders have to participate in online bidding only. Further details can be seen from the website https://www.tendersodisha.gov.in. | | |
| 10. | Corrigendum if any shall be published in the above website only. | | |

**Sd./- Executive Engineer, RWS&S Division, Angul at Talcher**

25019/11/0023/1819

# ଓଡ଼ିଶା ସରକାର
# କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## (ଭୂ-ଅର୍ଜନ ବିଭାଗ)
## ଘୋଷଣା

**No. (SPLLAORLY)-LAA-KPD-15/2018/762** **Dtd. 03.10.2018**

**No. XX-15:-** ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-ଗୋପ, ଥାନା- କେନ୍ଦ୍ରାପଡ଼ା ନଂ.-୨୯୦, ତହସିଲ- କେନ୍ଦ୍ରାପଡ଼ା, ଜିଲ୍ଲା- କେନ୍ଦ୍ରାପଡ଼ାରେ ନିମ୍ନସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା- ହରିଦାସପୁର-ପାରାଦୀପ ନୂତନ ପ୍ରଶସ୍ତ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା- ୪୦୫୬୧/ରା.ବି.ପ୍ର. ତା୨୭।୧୧।୨୦୧୭ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ, ଏହା ଘୋଷଣା କରାଯାଉଅଛି ଯେ, ମୌଜା- ଗୋପ, ଥାନା- କେନ୍ଦ୍ରାପଡ଼ା ନଂ.-୨୯୦, ତହସିଲ- କେନ୍ଦ୍ରାପଡ଼ା, ଜିଲ୍ଲା- କେନ୍ଦ୍ରାପଡ଼ାରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.kendrapara.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ www.odisha.gov.in/revenueରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଅଧିକାରୀ, ହରିଦାସପୁର-ପାରାଦୀପ ନୂତନ ପ୍ରଶସ୍ତ ରେଳପଥ ପ୍ରକଳ୍ପ, କେନ୍ଦ୍ରାପଡ଼ାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: କେନ୍ଦ୍ରାପଡ଼ା — ତହସିଲ- କେନ୍ଦ୍ରାପଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା ଏକରରେ | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା ଏକରରେ | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଗୋପ | ସହରାଞ୍ଚଳ | ଏଥିସହିତ ସଂଲଗ୍ନ ଅଛି | ଏଥିସହିତ ସଂଲଗ୍ନ ଅଛି | ଏଥିସହିତ ସଂଲଗ୍ନ ଅଛି | ଏ.୪.୮୬୦ | ଏ.୧.୧୯୦ | ଏଥିସହିତ ସଂଲଗ୍ନ ଅଛି |

**ତଫସିଲ-ଖ**
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: କେନ୍ଦ୍ରାପଡ଼ା — ତହସିଲ- କେନ୍ଦ୍ରାପଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା ଏକରରେ | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା ଏକରରେ | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଗୋପ | ସହରାଞ୍ଚଳ | ପ୍ରଯୁଜ୍ୟ ନୁହେଁ | | | | | |

**ଅଧିସୂଚନାର ବୈଧ ତାରିଖ: ୧୦।୦୩।୨୦୧୮**

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, କେନ୍ଦ୍ରାପଡ଼ା

## ଭୂମି ଅନୁସୂଚୀ

ମୌଜା- ଗୋପ, ଥାନା- କେନ୍ଦ୍ରାପଡ଼ା, ଥାନା ନଂ.- ୨୯୦, ତହସିଲ- କେନ୍ଦ୍ରାପଡ଼ା, ଜିଲ୍ଲା- କେନ୍ଦ୍ରାପଡ଼ା

| ଖାତା ନଂ | ପ୍ଲଟ୍ ନଂ. | ମୋଟ ରକବା ଏକରରେ | ଅଧିକୃତ ରକବା ଏକରରେ | ଜମିର କିସମ | ରୟତଙ୍କ ନାମ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୨୩୧ | ୩୪୮ | ୦.୩୨୦ | ୦.୦୮୦ | ଶାରଦ ଜଳ-୧ | ସୁକଦେବ ପରିଡ଼ା, ପି- କୃଷ୍ଣ ପରିଡ଼ା, ଜା- ଖଣ୍ଡାୟତ, ସା- ନିଜଗାଁ |
| ୪୫ | ୩୪୯ | ୦.୫୮୦ | ୦.୧୪୦ | ଶାରଦ ଜଳ-୧ | ଶ୍ୟାମ ସୁନ୍ଦର ମହାପାତ୍ର, ପି- କୁଳମଣି ମହାପାତ୍ର, ସା- ନିଜଗାଁ |
| | ୫୩୬ | ୦.୨୫୦ | ୦.୦୯୦ | ଶାରଦ ଜଳ-୧ | |
| ୨୫୦/୪୬୮ | ୩୫୪ | ୦.୩୩୦ | ୦.୦୧୦ | ଶାରଦ ଜଳ-୧ | ହିମାଂଶୁ ଶେଖର ପଣ୍ଡା, ପି- ଗଣେଶ୍ୱର ପଣ୍ଡା, ଜା- ବ୍ରାହ୍ମଣ, ବା- ଗୋପ |
| ୨୫୦/୪୬୯ | ୩୫୦ | ୦.୦୩୦ | ୦.୦୩୦ | ଶାରଦ ଜଳ-୧ | ହିମାଂଶୁ ଶେଖର ପଣ୍ଡା, ପି- ଗଣେଶ୍ୱର ପଣ୍ଡା, ଜା- ବ୍ରାହ୍ମଣ, ବା- ଗୋପ |
| ୨୫୦/୪୬୪ | ୩୫୨ | ୦.୧୪୦ | ୦.୧୦୦ | ଶାରଦ ଜଳ-୧ | ହିମାଂଶୁ ଶେଖର ପଣ୍ଡା, ପି- ଗଣେଶ୍ୱର ପଣ୍ଡା, ଜା- ବ୍ରାହ୍ମଣ, ବା- ଗୋପ |
| ୨୦୦ | ୪୯୮ | ୦.୨୪୦ | ୦.୦୪୦ | ଶାରଦ ଜଳ-୧ | ଲକ୍ଷ୍ମୀ ରାଉତ, ସ୍ୱା- କୁନି ରାଉତ, ସା- ଗୋପ, ଜା- ଖଣ୍ଡାୟତ |
| ୨୫୦/୫୮୮ | ୪୯୭ | ୦.୧୯୦ | ୦.୦୪୦ | ଶାରଦ ଜଳ-୧ | ଶ୍ରୀଧର ପତ୍ରି, ପି- କୃଷ୍ଣ ଚନ୍ଦ୍ର ପତ୍ରି, ସା- ଗୋପ, ଜା- ବ୍ରାହ୍ମଣ |
| ୨୦୫ | ୪୯୬ | ୦.୨୩୦ | ୦.୦୬୦ | ଶାରଦ ଜଳ-୧ | ସତ୍ୟଭାମା ସ୍ୱାଇଁ, ସ୍ୱା- ଗଜେନ୍ଦ୍ର ନାଥ ସ୍ୱାଇଁ, ସା- ଗୋପ, ଜା- ଖଣ୍ଡାୟତ |
| | ୪୯୫ | ୦.୩୩୦ | ୦.୦୭୦ | ଶାରଦ ଜଳ-୧ | |
| ୯୭ | ୪୯୫/୮୮୨ | ୦.୧୧୦ | ୦.୦୫୦ | ଶାରଦ ଜଳ-୧ | ଦାମୋଦର ପରିଡ଼ା, ପି- ପୁରସ୍ତମ ପରିଡ଼ା, ସା- ଗୋପ, ଜା- ଖଣ୍ଡାୟତ |
| ୨୫୦/୪ | ୫୪୦ | ୦.୦୨୦ | ୦.୦୨୦ | ଶାରଦ ଜଳ-୧ | ଦାମୋଦର ପରିଡ଼ା, ପି- ପୁରସ୍ତମ ପରିଡ଼ା, ସା- ଗୋପ, ଜା- ଖଣ୍ଡାୟତ |
| ୨୫୦/୬୦୨ | ୫୪୧ | ୦.୧୩୦ | ୦.୦୨୦ | ଶାରଦ-୧ | ରଘୁନାଥ ପରିଡ଼ା, ପି- ଦାମୋଦର ପରିଡ଼ା, ସା- ଗୋପ, ଜା- ଖଣ୍ଡାୟତ |
| ୧୭୮ | ୫୫୫ | ୦.୩୩୦ | ୦.୦୪୦ | ଶାରଦ ଜଳ-୧ | ଭିକାରୀ ଚରଣ ମିଶ୍ର, ପି- ଦଇତାରୀ ମିଶ୍ର, ସା- ଗୋପ, ଜା- ବ୍ରାହ୍ମଣ |
| ୧୯୧ | ୫୫୪ | ୦.୧୬୦ | ୦.୦୨୦ | ଶାରଦ ଜଳ-୧ | ରତ୍ନାକର ମହାନ୍ତି, ପି- ହାଡ଼ିବନ୍ଧୁ ମହାନ୍ତି, ସା- ଗୋପ, ଜା- ଖଣ୍ଡାୟତ |
| ୨୫୦/୨୫୨ | ୫୦୧ | ୦.୨୪୦ | ୦.୦୮୦ | ଶାରଦ ଜଳ-୧ | ନରେନ୍ଦ୍ର କୁମାର ମହାନ୍ତି, ପି- ବିଷ୍ଣୁ ଚରଣ ମହାନ୍ତି, ସା- ଗୋପ, ଜା- ଖଣ୍ଡାୟତ |
| ୨୫୦/୧୯ | ୪୯୯ | ୦.୧୫୦ | ୦.୦୪୦ | ଶାରଦ ଜଳ-୧ | କାହ୍ନୁରୀ ଚରଣ ମହାନ୍ତି, ପି- ହାଡ଼ିବନ୍ଧୁ ମହାନ୍ତି, ସା- ଗୋପ |
| ୧୨ | ୫୨୪ | ୦.୧୬୦ | ୦.୦୪୦ | ଶାରଦ ଜଳ-୧ | ନିମାଇଁ ଚରଣ ମହାନ୍ତି, ପି- ବିଷ୍ଣୁ ଚରଣ ମହାନ୍ତି, ସା- ଭାଗେଶ୍ୱରପୁର, ଜା- ଖଣ୍ଡାୟତ |
| ୨୨୮ | ୫୨୫ | ୦.୧୭୦ | ୦.୦୬୦ | ଶାରଦ ଜଳ-୧ | ଶ୍ୟାମ ସୁନ୍ଦର ପତ୍ରି, ପି- କୃଷ୍ଣ ପତ୍ରି, ସା- ଗୋପ, ଜା- ବ୍ରାହ୍ମଣ |
| | ୫୫୬ | ୦.୧୫୦ | ୦.୦୮୦ | ଶାରଦ ଜଳ-୧ | |
| ୨୫୧ | ୫୦୦ | ୦.୬୦୦ | ୦.୦୮୦ | ଶାରଦ ଜଳ-୧ | ଶ୍ରୀ ରାଧାକୃଷ୍ଣ ଜୀଉ ବିଜେ ନିଜଗୃହ ମାର୍ଫତ କୁଳମଣି ମହାପାତ୍ର, ପି- ଭ୍ରମରବର ମହାପାତ୍ର, ସା- ଗୋପ, ଜା- ଖଣ୍ଡାୟତ |
| | | ମୋଟ | ୧.୧୯୦ | | |

ସ୍ୱା./- ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ
ହରିଦାସପୁର-ପାରାଦ୍ୱୀପ ନୂତନ ଓସାରିଆ ରେଳପଥ, କେନ୍ଦ୍ରାପଡ଼ା

24040/14/0016/1819

“ବିଶ୍ୱକପ୍ ପୂର୍ବରୁ ଆମ ଦିନିକିଆ ଦଳ ଆଉ ୧୩ ମ୍ୟାଚ ଖେଳିବାକୁ ଥିବାରୁ ଏଥିରେ କୌଣସି ପରିବର୍ତ୍ତନ କରାଯାଇ ନ ପାରେ ।

– ରବି ଶାସ୍ତ୍ରୀ, ଭାରତୀୟ କ୍ରିକେଟ ଦଳ କୋଚ୍



“ବର୍ତ୍ତମାନର ଭାରତୀୟ ଦଳକୁ ଶ୍ରେଷ୍ଠ ଦଳ କହିହେବ ନାହିଁ । ମୋ କ୍ୟାରିୟରରେ ଏହାଠାରୁ ଉନ୍ନତ ଦଳ ବିପକ୍ଷରେ ମୁଁ ଖେଳିଛି ।

– ଷ୍ଟିଭ୍ ୱ', ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକ



## ସଂକ୍ଷେପରେ

### ଓଡ଼ିଶାର ପ୍ରଥମ ଇନିଂସ୍ ଅଗ୍ରଣୀ



କଟକ ଅଫିସ,୧୫।୧୧-ଗୋଆର ସାନଗୁଏମ୍ କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ୨୩ବର୍ଷରୁ କମ୍ ସି.କେ ନାଇଡୁ ଟ୍ରଫି ଗୋଆ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ପ୍ରଥମ ଇନିଂସ୍‌ରେ ଅଗ୍ରଣୀ ହାସଲ କରିଛି। ଓଡ଼ିଶାର ପ୍ରଥମ ଇନିଂସ୍ ୨୯୩ ରନ୍ ଜବାବରେ ଗୋଆ ୨୩୭ରନ୍‌ରେ ଅଲଆଉଟ ହୋଇଥିଲା। ଓଡ଼ିଶାର କାର୍ତ୍ତିକ ବିଶ୍ୱାଳ ସର୍ବାଧିକ ୫ଟି ଉଇକେଟ ଦଖଲ କରିଥିଲେ । ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ପ୍ରଥମ ଇନିଂସ ବ୍ୟାଟିଂ କରୁଥିବା ଓଡ଼ିଶା ୮ ଉଇକେଟ ହରାଇ ୨୪୫ରନ୍ କରିଥିଲା । ଦ୍ୱିତୀୟ ଦିବସରେ ଦଳ ୨୯୩ରନ୍‌ରେ ଅଲଆଉଟ ହୋଇଥିଲା। ପ୍ରଥମ ଦିବସରେ ଅପରାଜିତ ଶତକୀୟ ଇନିଂସ ଖେଳିଥିବା ଅଧିନାୟକ ଦେବାଶିଷ ସାମନ୍ତରାୟ ୧୪୨ରନ୍‌ରେ ଅପରାଜିତ ଥିଲେ। ଗୋଆ ପକ୍ଷରୁ ଏଚ୍ ପାରବ ୩ଟିଉଇକେଟ ଦଖଲ କରିଥିଲେ। ଜବାବରେ ୫ରନରେ ପ୍ରଥମ ଉଇକେଟ ହରାଇଥିବା ଗୋଆ ଦ୍ୱିତୀୟ ଉଇକେଟରେ ୧୨୩ରନ୍‌ର ଭାଗିଦାରୀ ସୃଷ୍ଟି କରିଥିଲା। ମାତ୍ର ଏହା ପରେ ଲଗାତାର ଉଇକେଟ ପତନ ଘଟିବା ସହ ଦଳ ୧୬୪ରନରେ ୭ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ନିମ୍ନକ୍ରମର ବ୍ୟାଟ୍ସମ୍ୟାନ ଏସ୍ ନିହାଲଙ୍କ ୪୦ରନ୍ ସହାୟତାରେ ଗୋଆ ସମସ୍ତ ଉଇକେଟ ବିନିମୟରେ ୨୩୭ରନ୍ କରିବାକୁ ସକ୍ଷମ ହୋଇଥିଲା। ଗୋଆ ପକ୍ଷରୁ ବୈଭବ ଗୋଭେକର ସର୍ବାଧିକ ୭୯ରନ୍ କରିଥିଲେ।

# ଓଡ଼ିଶାର ଶୋଚନୀୟ ପରାଜୟ

## ରଣଜୀ ଟ୍ରଫି

ଭୁବନେଶ୍ୱର, ୧୫।୧୧ (ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କିଟ୍ କ୍ରିକେଟ ଷ୍ଟାଡିୟମରେ ଭ୍ରମଣକାରୀ ଉତ୍ତରପ୍ରଦେଶ (ୟୁପି) ବିପକ୍ଷରେ ଚାଲିଥିବା ରଣଜୀ ଟ୍ରଫି ମ୍ୟାଚ୍‌ରେ ଓଡ଼ିଶା ଶୋଚନୀୟ ପରାଜୟବରଣ କରିଛି। ଏହି ମ୍ୟାଚ୍‌ରେ ଉତ୍ତରପ୍ରଦେଶ ଦଳ ୧୦ ଉଇକେଟ୍‌ରେ ବିପ୍ଳବ ସାମନ୍ତରାୟଙ୍କ ନେତୃତ୍ୱାଧୀନ ଓଡ଼ିଶାକୁ ହରାଇ ଦେଇଛି। ଦ୍ୱିତୀୟ ଇନିଂସରେ ଓଡ଼ିଶା ପକ୍ଷରୁ ଧାର୍ଯ୍ୟ ୪୧ ରନର ଛୋଟିଆ ଲକ୍ଷ୍ୟକୁ ଉତ୍ତରପ୍ରଦେଶ କୌଣସି ଉଇକେଟ୍ ନ ହରାଇ ହାସଲ କରିନେଇଥିଲା। ଦୁଇଟି ମ୍ୟାଚ୍‌ରୁ ୨ଟି ବିଜୟ ସହ ୧୪ ପଏଣ୍ଟ ପାଇ ଉତ୍ତରପ୍ରଦେଶ ଏଲିଟ୍ ଗ୍ରୁପ୍-ସି'ର ଶୀର୍ଷ ସ୍ଥାନରେ ରହିଛି। ପୂର୍ବରୁ ପ୍ରଥମ ମ୍ୟାଚ୍‌ରେ ଉତ୍ତରପ୍ରଦେଶ ଏକ ଇନିଂସ ଓ ୨୪୭ ରନରେ ଗୋଆକୁ ପରାସ୍ତ କରିଥିଲା। ଅପରପକ୍ଷରେ ଘରୋଇ ଓଡ଼ିଶା ଦଳ ୨ଟି ମ୍ୟାଚ୍‌ରୁ ଗୋଟିଏ ପରାଜୟ ଓ ଗୋଟିଏ ଡ୍ର ସହ ଏକ ପଏଣ୍ଟ ପାଇ ଗ୍ରୁପ୍-ସି'ରେ ୭ମ ସ୍ଥାନରେ ରହିଛି। ଓଡ଼ିଶା ଏହି ଗ୍ରାଉଣ୍ଡରେ ହରିୟାଣା ବିପକ୍ଷରେ ଖେଳିଥିବା ପ୍ରଥମ ମ୍ୟାଚ୍ ଡ୍ର ରଖିଥିଲା। କିନ୍ତୁ ପ୍ରଥମ ଇନିଂସ ପଛୁଆ ଭିତ୍ତିରେ ମାତ୍ର ଏକ ପଏଣ୍ଟରେ ସନ୍ତୁଷ୍ଟ ରହିଥିଲା। ଓଡ଼ିଶା ତା'ର ପରବର୍ତ୍ତୀ ମ୍ୟାଚରେ ଆସାମକୁ ଭେଟିବ। ଏହି ମ୍ୟାଚ୍ ଗୁଆହାଟୀର ନେହେରୁ ଷ୍ଟାଡିୟମରେ ଆସନ୍ତା ୨୦ରୁ ଆରମ୍ଭ ହେବ।

୧୮୧ ରନରେ ପଛରେ ଥାଇ ୨ୟ ଇନିଂସ ଆରମ୍ଭ କରିଥିବା ଓଡ଼ିଶା ବୁଧବାର ୩ୟ ଦିବସ ଶେଷ ସୁଦ୍ଧା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୭ ଉଇକେଟ୍ ହରାଇ ୧୮୦ ରନ କରିଥିଲା। ଗୁରୁବାର ମ୍ୟାଚ୍‌ର ଅନ୍ତିମ ଦିବସ ହୋଇଥିବାରୁ ଓଡ଼ିଶାର ପରାଜୟ ନିଶ୍ଚିତ ଲାଗୁଥିଲା। ଚତୁର୍ଥ ଦିନ ସକାଳେ ଓଡ଼ିଶା ପୂର୍ବସ୍କୋର (୧୮୦/୭)ରେ ଆଉ ୪୧ ରନ ଯୋଗ କରି ୨୨୧ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ପୂର୍ବଦିନ ୧୯ ରନ କରି ଅପରାଜିତ ରହିଥିବା ଶାନ୍ତନୁ ମିଶ୍ର ୩୭ ରନ କରି ଆଉଟ୍ ହୋଇଥିବାବେଳେ ରାଜେଶ ମହାନ୍ତି ୧୦ ଓ ବସନ୍ତ ମହାନ୍ତି ୧୨ ରନ କରିଥିଲେ। ସଫଳ ବୋଲରଭାବେ ଉତ୍ତରପ୍ରଦେଶ ପକ୍ଷରୁ ୧୯ ବର୍ଷରୁ କମ୍ ବିଶ୍ୱକପ୍ ବିଜୟୀ ଦଳର ସଦସ୍ୟ ଶୁଭମ ମାଭି ସର୍ବାଧିକ ୫ଟି ଉଇକେଟ୍ ନେଇଥିଲେ। ଅଙ୍କିତ ରାଜପୁତ ୪ଟି ଓ ୟଶ୍ ଦୟାଲ ଗୋଟିଏ ଉଇକେଟ୍ ନେଇଥିଲେ। ଜବାବରେ ୪୧ ରନର ଛୋଟିଆ ଲକ୍ଷ୍ୟ ଉତ୍ତରପ୍ରଦେଶ ୧୨.୫ ଓଭରରେ ବିନା କୌଣସି କ୍ଷତିରେ ହାସଲ କରିନେଇଥିଲା। ଦୁଇ ଓପନର୍ ମାଧବ କୌଶିକ ୨୨ ଓ ମହମ୍ମଦ ସୈଫ୍ ୧୬ ରନ କରି ଅପରାଜିତ ରହିଥିଲେ। ପ୍ରଥମ ଇନିଂସରେ ଧୈର୍ଯ୍ୟପୂର୍ଣ୍ଣ ୧୫୯ ରନର ଇନିଂସ ଖେଳିଥିବା ୟୁପି ଅଧିନାୟକ ଅକ୍ଷଦୀପ୍ ନାଥ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର:**

**ଓଡ଼ିଶା ପ୍ରଥମ ଇନିଂସ–** ୨୫୬ରେ ଅଲ୍‌ଆଉଟ୍

**ୟୁପି ପ୍ରଥମ ଇନିଂସ–** ୪୩୭ରେ ଅଲ୍‌ଆଉଟ୍ (ସୁରେଶ ରାଇନା ୧୦, ଅକ୍ଷଦୀପ୍ ୧୫୯, ରିଙ୍କୁ ସିଂ ୭୨, ପ୍ରିୟମ ଗର୍ଗ ୫୯, ବସନ୍ତ ମହାନ୍ତି ୬/୬୧)।

**ଓଡ଼ିଶା ୨ୟ ଇନିଂସ–** ୨୨୧ରେ ଅଲଆଉଟ୍ (ବିପ୍ଳବ ୮, ଶୁଭ୍ରାଂଶୁ ସେନାପତି ୪୨, ଶାନ୍ତନୁ ୩୭, ସନ୍ଦୀପ ପଟ୍ଟନାୟକ ୪୬, ଗୋବିନ୍ଦ ପୋଦ୍ଦାର ୨୭, ମାଭି ୫/୬୮)।

**ୟୁପି ୨ୟ ଇନିଂସ–** ୪୪/୦, ୧୨.୫ ଓଭର।




ସର୍ବଭାରତୀୟ ପୋଲିସ ଜୁଡ଼ୋ କ୍ଲଷ୍ଟର ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ପ୍ରତିଯୋଗୀଙ୍କ ମାର୍ଚ୍ଚପାଷ୍ଟ।

# ସର୍ବଭାରତୀୟ ପୋଲିସ ଜୁଡ଼ୋ କ୍ଲଷ୍ଟର ଉଦ୍‌ଘାଟିତ

କଟକ ଅଫିସ,୧୫।୧୧

ସ୍ଥାନୀୟ ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ୩ୟ ସର୍ବଭାରତୀୟ ପୋଲିସ ଜୁଡୋ କ୍ଲଷ୍ଟର ପ୍ରତିଯୋଗିତା ଗୁରୁବାର ପୂର୍ବାହ୍ନରେ ଉଦଘାଟିତ ହୋଇଯାଇଛି। ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବା ସହ ସର୍ବଭାରତୀୟ କ୍ରୀଡ଼ା ଆୟୋଜନ କରାଯିବ ନେଇ ରାଜ୍ୟ ପୋଲିସର ପ୍ରଶଂସା କରିଥିଲେ। ଆଗାମୀ ଦିନରେ ସର୍ବଭାରତୀୟ ପୋଲିସ ଆଥ୍‌ଲେଟିକ ମିଟ୍ ଆୟୋଜନ କରିବାକୁ ପ୍ରସ୍ତାବ ଦେବା ସହ ଏ ନେଇ ରାଜ୍ୟ ସରକାର ସମସ୍ତ ସହଯୋଗ କରିବେ ବୋଲି ମନ୍ତ୍ରୀ ବେହେରା କହିଥିଲେ। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ତଥା ପ୍ରତିଯୋଗିତା ପରିଚାଳନା କମିଟି ଅଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳୁଆଡ଼ ମନୋଭାବ ରଖି ପ୍ରତିଯୋଗିତାରେ ଭାଗ ନେବାକୁ ସମସ୍ତ ପ୍ରତିଯୋଗୀଙ୍କୁ ପରାମର୍ଶ ଦେଇଥିଲେ। ସୂଚନାଥାଉକି, ଓଡ଼ିଶା ପୋଲିସ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଚାମ୍ପିୟନଶିପ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଯୋଗିତାର ମ୍ୟାଚ୍‌ଗୁଡ଼ିକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ ଓ ସଚିନ ତେନ୍ଦୁଲକର ଇନ୍‌ଡୋର ହଲରେ ଖେଳାଯିବ। ୩୩ଟି ଦଳରେ ୧୨୦୦ ପ୍ରତିଯୋଗୀ ଅଂଶ ଗ୍ରହଣ କରୁଛନ୍ତି। ବିଭିନ୍ନ ରାଜ୍ୟ ପୋଲିସ ଦଳ ଓ କେନ୍ଦ୍ରୀୟ ପୋଲିସ ଦଳରୁ ପ୍ରାୟ ୩୦୦ଜଣ ପ୍ରଶିକ୍ଷକ ଓ ଅଧିକାରୀ ମଧ୍ୟ ଅଂଶ ଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ପ୍ରତିଯୋଗିତା ପରିଚାଳନା କମିଟି ସମ୍ପାଦକ ବିନୟତୋଷ ମିଶ୍ର, ସହ ସମ୍ପାଦକ ଅମିତାଭ ଠାକୁର ଉପସ୍ଥିତ ଥିଲେ।



ଉପସ୍ଥିତ ଅତିଥିମାନେ।

# ରାଜ୍ୟ ସ୍ନୁକର: ସୁବ୍ରତ–ଆକାଶ ଫାଇନାଲ

କଟକ ଅଫିସ, ୧୫।୧୧

ଦି ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏଶନ ଅଫ ଓଡ଼ିଶା(ବିଏସ୍‌ଏଓ) ଆନୁକୂଲ୍ୟରେ କଟକ କ୍ଲବରେ ଚାଲିଥିବା ରାଜ୍ୟ ସିନିୟର ସ୍ନୁକର ଚାମ୍ପିୟନଶିପ୍‌ର ଫାଇନାଲ ମୁକାବିଲା ସୁବ୍ରତ ଦାସ ଓ ଆକାଶ ମହାପାତ୍ରଙ୍କ ମଧ୍ୟରେ ହେବ। ଚଳିତ ଟୁର୍ନାମେଣ୍ଟରେ ସୁବ୍ରତ ସିନିୟର ବିଲିୟାର୍ଡସ ବିଭାଗରେ ବିଜୟୀ ହୋଇ ୮ମ ରାଜ୍ୟ ର୍‌ୟାଙ୍କିଙ୍ଗ ବିଲିୟାର୍ଡ୍ସ ଚାମ୍ପିୟନଟାଇଟଲ ବିଜୟୀ ହୋଇଛନ୍ତି। ପୁନର୍ବାର ସୁବ୍ରତ ସ୍ନୁକର ବିଭାଗର ଫାଇନାଲରେ ମଧ୍ୟ ଦେଖିବାକୁ ମିଳିବେ। ଗୁରୁବାର ଖେଳାଯାଇଥିବା ୨ଟି ଯାକ ସେମିଫାଇନାଲ ମ୍ୟାଚ୍ ଏକତରଫା ଭାବେ ଶେଷ ହୋଇଥିଲା । ପ୍ରଥମ ସେମିଫାଇନାଲରେ ଆକାଶ ୫–୧ ଫ୍ରେମରେ ଡ. ରାକେଶ ରୋଶନ ପ୍ରଧାନଙ୍କୁ ଓ ଦ୍ୱିତୀୟ ସେମିଫାଇନାଲରେ ସୁବ୍ରତ ୫–୧ ଫ୍ରେମରେ ସିଦ୍ଧାର୍ଥ ସେନ୍‌ଙ୍କୁ ହରାଇ ଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲେ । ଫାଇନାଲ ମ୍ୟାଚ୍‌ଟି ୧୧ ଫ୍ରେମ ବିଶିଷ୍ଟ ହେବ ।



ଆକାଶ ମହାପାତ୍ର।

# ସର୍ବଭାରତୀୟ ଟେନିସ୍ ଟୁର୍ନାମେଣ୍ଟ ୧୭ରୁ

ବ୍ରହ୍ମପୁର ଅଫିସ,୧୫।୧୧

ଆସନ୍ତା ୧୭ରୁ ୧୯ତାରିଖ ପର୍ଯ୍ୟନ୍ତ ବ୍ରହ୍ମପୁରର ୟୁନିୟନ୍ କ୍ଲବରେ ସର୍ବଭାରତୀୟ ୧୬ବର୍ଷରୁ କମ୍ ବାଳିକା ଏବଂ ବାଳକ ଟେନିସ୍ ଟୁର୍ନାମେଣ୍ଟ ଆୟୋଜିତ ହେବ। ଅଲ୍ ଇଣ୍ଡିଆ ଟେନିସ୍ ଆସୋସିଏଶନ୍(ଏଆଇଟିଏ) ତତ୍ତ୍ୱାବଧାନରେ ଗଞ୍ଜାମ ଜିଲା ଟେନିସ୍ ଆସୋସିଏଶନ୍ ତରଫରୁ ଏହା ଆୟୋଜିତ ହେଉଥିବା ବେଳେ ଓଡ଼ିଶା ଟେନିସ୍ ଆସୋସିଏଶନ୍(ଓଟିଏ) ଏଥିରେ ସହଯୋଗ କରୁଛି। ଗୁରୁବାର କ୍ଲବରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦିଆଯାଇଥିଲା।

୩ ଦିନ ଧରି ଚାଲିବାକୁ ଥିବା ଏହି ଟୁର୍ନାମେଣ୍ଟରେ କେରଳ, ଦିଲ୍ଲୀ, ଚଣ୍ଡିଗଡ଼, ମହାରାଷ୍ଟ୍ର, ପଞ୍ଜାବ, ହରିୟାଣା, ଉତ୍ତରାଖଣ୍ଡ, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଛତିଶଗଡ଼ ଏବଂ ଓଡ଼ିଶାରୁ ବହୁ ଖେଳାଳି ଭାଗନେବେ। ଖେଳାଳିମାନେ ନାମ ପଞ୍ଜୀକରଣ କରୁଛନ୍ତି। ଦେଶର ପ୍ରମୁଖ ଖେଳାଳି ଯଥା ବାଳିକାରେ ସର୍ବଭାରତୀୟ ୧୬ତମ ର୍‌ୟାଙ୍କଙ୍ଗଧାରୀ ଏ. କିରଣ ବଥ, ୭୦ ର୍‌ୟାଙ୍କଙ୍ଗଧାରୀ ଅନନ୍ୟା ଯାଦବ, ବାଳକ ସର୍ବଭାରତୀୟ ୫୧ର୍‌ୟାଙ୍କଙ୍ଗଧାରୀ ଅଭିଷେକ ମହାପାତ୍ର ଏବଂ ୧୧୨ତମ ର୍‌ୟାଙ୍କଙ୍ଗଧାରୀ ପ୍ରତ୍ୟୁଷ ମହାନ୍ତି ଭାଗନେବା ଚୂଡ଼ାନ୍ତ ହୋଇଛି। ବ୍ରହ୍ମପୁରର ୩ କ୍ଲେ କୋର୍ଟରେ ଏହି ପ୍ରତିଯୋଗିତା ଆୟୋଜିତ ହେବ। ଏଥିରୁ ଦୁଇଟି ୟୁନିୟନ୍ କ୍ଲବରେ ଥିବା ବେଳେ ଆଉ ଗୋଟିଏ କୋର୍ଟ ହର୍ଷବିହାରରେ ରହିଛି। ସେହିଭଳି ଆସନ୍ତା ୨୪ ଏବଂ ୨୫ତାରିଖ ଦୁଇ ଦିନ ପର୍ଯ୍ୟନ୍ତ ବରିଷ୍ଠ ବର୍ଗର ସର୍ବଭାରତୀୟ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହେବ। ଏଥିରେ ୪୦ ବର୍ଷରୁ କମ୍, ୫୦ ବର୍ଷରୁ କମ୍ ଏବଂ ୬୦ବର୍ଷରୁ କମ୍ ବୟସର ଦେଶବ୍ୟାପୀ ଖେଳାଳିମାନେ ଭାଗନେବେ ବୋଲି ଗଞ୍ଜାମ ଜିଲା ଟେନିସ୍ ଆସୋସିଏଶନ୍ ସଭାପତି ବିଶ୍ୱରଞ୍ଜନ ପଟ୍ଟନାୟକ, ସମ୍ପାଦକ ରାଜୀବ ଲୋଚନ ମିଶ୍ର, ଆୟୋଜନ ସମ୍ପାଦକ ଉମାଶଙ୍କର ପାଢ଼ୀ, କାର୍ଯ୍ୟକାରୀ କମିଟି ସଦସ୍ୟ ଅର୍ଜୁନ ସ୍ୱାଇଁ ଏବଂ ରଞ୍ଜିତ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ବ୍ରହ୍ମପୁରରେ ୨୦୦୬ ରେ ସୁପର ସିରିଜ୍, ୨୦୦୮ରେ ରାଜ୍ୟସ୍ତରୀୟ ବରିଷ୍ଠ ଚାମ୍ପିୟନ୍‌ଶିପ୍ ସିରିଜ୍, ୨୦୦୯ ରେ ଚାମ୍ପିୟନ୍‌ଶିପ୍ ସିରିଜ୍, ୨୦୧୦ରେ ଚାମ୍ପିୟନ୍‌ଶିପ୍ ସିରିଜ୍, ୨୦୧୨ରେ ଟ୍ୟାଲେଣ୍ଟ ସିରିଜ୍, ୨୦୧୬ରେ ସର୍ବ ଭାରତୀୟ ପୁରୁଷ ର୍‌ୟାଙ୍କିଙ୍ଗ ଟୁର୍ନାମେଣ୍ଟ ଆୟୋଜିତ ହୋଇ ସାରିଛି। ଏହି ଟୁର୍ନାମେଣ୍ଟ ମଧ୍ୟ ସଫଳ ହେବ ବୋଲି ଗଞ୍ଜାମ ଜିଲା ଟେନିସ୍ ଆସୋସିଏଶନ୍‌ର କର୍ମକର୍ତ୍ତାମାନେ ଆଶା ପ୍ରକାଶ କରିଛନ୍ତି ।

# 'ବୀରେନ୍ଦ୍ର, ଅମିତ୍‌ଙ୍କ ଉପରେ ଭରସା ରହିଛି'

ଭୁବନେଶ୍ୱର,୧୫।୧୧(ସ୍ପୋର୍ଟ୍ସ ବ୍ୟୁରୋ)

ହକି ବିଶ୍ୱକପ୍‌ର ୧୪ତମ ସଂସ୍କରଣ ଆରମ୍ଭ ହେବାକୁ ଆଉ ଦୁଇ ସପ୍ତାହରୁ କମ୍ ସମୟ ରହିଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଭାରତୀୟ ଦଳ ତା'ର ପ୍ରଶିକ୍ଷଣ ଶିବିର ଚାଲୁ ରଖିଛି। ଭାରତର ପ୍ରସ୍ତୁତି ବେଶ୍ ଭଲ ରହିଛି ବୋଲି ଅଧିନାୟକ ମନପ୍ରୀତ ସିଂ କହିଛନ୍ତି। ଗୁରୁବାର ସକାଳେ ଗଣମାଧ୍ୟମଗୁଡ଼ିକ ସହ କଥା ହେବା ବେଳେ ସେ ଦଳର ଟ୍ରେନିଂ ଓ ପ୍ରସ୍ତୁତି ସଂକ୍ରାନ୍ତରେ ବିଭିନ୍ନ ତଥ୍ୟ ରଖିଥିଲେ। ଦୁଇ ଓଡ଼ିଆ ତାରକା ବୀରେନ୍ଦ୍ର ଲାକ୍ରା ଓ ଅମିତ୍ ରୋହିଦାସଙ୍କ ପ୍ରଦର୍ଶନ ଉପରେ ଦଳ ବହୁତ ଭରସା କରିବ। ବୀରେନ୍ଦ୍ର ଜଣେ ଅଭିଜ୍ଞ ଡିଫେଣ୍ଡର ହୋଇଥିବାରୁ ତାଙ୍କ ଅଭିଜ୍ଞତାରୁ ଦଳ ଫାଇଦା ଉଠାଇବ। ସେହିପରି ଜଣେ ଯୁବ ଡିଫେଣ୍ଡର ହିସାବରେ ଅମିତ୍‌ଙ୍କ ଭୂମିକା ଦଳରେ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ଅମିତ ଭଲ ଡ୍ରାଗ୍ ଫ୍ଲିକ୍ ମଧ୍ୟ କରିଥାନ୍ତି। ଏହି ଦୁଇ ଖେଳାଳିଙ୍କ ସହ ପୂର୍ବରୁ ମୁଁ ବହୁତ ଖେଳିଛି ଓ ଦୁହିଁଙ୍କ ଦକ୍ଷତା ନେଇ ମୁଁ ବେଶ୍ ଅବଗତ ରହିଛି। ଦୁଇ ଖେଳାଳି ବେଶ୍ ଉଚ୍ଚକୋଟୀର ଖେଳାଳି। ତେବେ ଦଳ ସବୁ ଖେଳାଳିଙ୍କ ଉପରେ ସମାନ ଭାବେ ନିର୍ଭର କରିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ହକି ୬୦ ମିନିଟର ଏକ ଦଳଗତ ଖେଳ ହୋଇଥିବାରୁ ସବୁ ଖେଳାଳିଙ୍କ ଯୋଗଦାନ ଉପରେ ସେ ଗୁରୁତ୍ୱ ଆରୋପ କରିଛନ୍ତି। ଷ୍ଟାଡିୟମର ଟର୍ଫ ସହ ଆମେ ବେଶ୍ ଅଭ୍ୟସ୍ତ ହୋଇସାରିଲୁଣି। ଟର୍ଫ୍ ନୂଆ ଓ ବେଶ୍ ଭଲ ରହିଛି। ଟ୍ରେନିଂରେ ଆମେ ଡିଫେନ୍ସ ଓ ଆଟାକ ଉପରେ ବେଶ୍ ଫୋକସ୍ କରୁଛୁ। ଟ୍ରେନିଂରେ ଆମେ କଠିନ ପରିଶ୍ରମ କରୁଛୁ। ପ୍ରତିପକ୍ଷ ଦଳକୁ ଯେତେ ସମ୍ଭବ କମ୍ ଚାନ୍ସ ଓ ପେନାଲ୍ଟି କର୍ନର ଦେବା ଉପରେ ଗୁରୁତ୍ୱ ଦେଉଛୁ। ଖାସ୍ କରି ମ୍ୟାଚ୍‌ର ଅନ୍ତିମ ମୁହୂର୍ତ୍ତରେ ଆମେ ସତର୍କତାର ସହ ଖେଳି ମ୍ୟାଚ୍‌କୁ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରିବୁ। ଶେଷ ମୁହୂର୍ତ୍ତରେ ପ୍ରତିପକ୍ଷ ଦଳକୁ ଯେଭଳି କୌଣସି ଗୋଲ ସୁଯୋଗ ଦିଆ ନ ଯିବ ତାହା ଉପରେ କାର୍ଯ୍ୟ କରୁଛୁ। ଏସିଆନ୍ ଗେମ୍ସରେ ଆମେ ଆତ୍ମବିଶ୍ୱାସ ହରାଇଥିଲୁ। ତେବେ ଏସିଆନ୍ ଚାମ୍ପିୟନ୍ସ ଟ୍ରଫିରେ ଚାମ୍ପିୟନ ହୋଇ ଏହାକୁ ଆମେ ଫେରିପାଇଛୁ। ତେବେ ସବୁବେଳେ ପ୍ରଦର୍ଶନରେ କିପରି ଉନ୍ନତି ହେବ ସେ ନେଇ ଆମେ ଟ୍ରେନିଂରେ ପ୍ରୟାସ ଜାରି ରଖିଥାଉ। କଳିଙ୍ଗ ଷ୍ଟାଡିୟମରେ ବିଶ୍ୱକପ୍ ଖେଳିବାକୁ ଆମେ ବହୁତ ବ୍ୟଗ୍ର ଅଛୁ। ଏଠାକାର ପରିବେଶ ବହୁତ ସୁନ୍ଦର ଓ ଘରୋଇ ଦର୍ଶକଙ୍କ ସମ୍ମୁଖରେ ଖେଳିବା ଦ୍ୱାରା ଆମେ ଭାରି ଉତ୍ସାହିତ ହୋଇଥାଉ। ଭୁବନେଶ୍ୱରରେ ହକି ଖେଳିବା ବେଶ୍ ମଜାଦାର। ବିଶ୍ୱକପ୍‌ରେ ମଧ୍ୟ ଏହି ମଜା ଉଠାଇବୁ। ବିଶ୍ୱକପ୍ ଅବସରରେ ମଧ୍ୟ ଆମେ ଏହାର ଫାଇଦା ଉଠାଇବାକୁ ଚେଷ୍ଟା କରିବୁ ବୋଲି ମନପ୍ରୀତ କହିଛନ୍ତି। ପେନାଲ୍ଟି କର୍ନର ଉପରେ ମଧ୍ୟ ଆମେ ଉନ୍ନତି ଆଣିବା ଦିଗରେ କାର୍ଯ୍ୟ ଜାରି ରଖିଛୁ। ବିଶ୍ୱକପ୍ ଜିତିଥିବା ଜୁନିୟର ଦଳର ୭ ଖେଳାଳି ଏହି ଦଳରେ ସାମିଲ ହୋଇଛନ୍ତି। ସେମାନେ ସମସ୍ତେ ଭଲ ପ୍ରଦର୍ଶନ କରୁଛନ୍ତି ଓ ଏମାନଙ୍କ ଉପରେ ଦଳର ପ୍ରଦର୍ଶନ ନିର୍ଭର କରୁଛି। ମାଲେସିଆର ଡିଫେନ୍ସକୁ ଭଙ୍ଗ କରିବାରେ ଆମେ ସବୁ ଟୁର୍ନାମେଣ୍ଟରେ ସଫଳ ହୋଇଛୁ। ବିଭିନ୍ନ ଟୁର୍ନାମେଣ୍ଟରେ ମାଲେସିଆ ବିପକ୍ଷରେ ଆମେ ଏକାଧିକ ଗୋଲ ସୁଯୋଗ ସୃଷ୍ଟି କରିଛୁ ଓ ପେନାଲ୍ଟି କର୍ନର ହାସଲ କରିଛୁ। ତେଣୁ ମାଲେସିଆ ଡିଫେନ୍ସକୁ ଭଙ୍ଗ କରିବାରେ ଆମେ ବିଫଳ ହେଉଛୁ ବୋଲି କରାଯାଉଥିବା ଅଭିଯୋଗ ସତ୍ୟ ନୁହଁ ବୋଲି ମନପ୍ରୀତ୍ ସ୍ପଷ୍ଟ କରିଛନ୍ତି।

ବିଶ୍ୱକପ୍‌ରେ ପୁଲ ପର୍ଯ୍ୟାୟର ସବୁ ମ୍ୟାଚ୍ ଜିତିବାକୁ ଓ ପ୍ରତି ମ୍ୟାଚ୍‌ରେ ୩ ଲେଖାଏ ପଏଣ୍ଟ ହାସଲ କରିବାକୁ ସବୁମତେ ପ୍ରୟାସ କରିବୁ। ପୁଲ୍ ସି'ରେ ଆମେ ଦକ୍ଷିଣ ଆଫ୍ରିକା, କାନାଡ଼ା ଓ ବିଶ୍ୱର ୩ ନମ୍ବର ଦଳ ବେଲଜିୟମକୁ ଭେଟିବୁ। ୩ଟି ଯାକ ମ୍ୟାଚ୍ ଆମ ପାଇଁ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ। ଗତ ଦୁଇ ବର୍ଷ ମଧ୍ୟରେ ଭାରତ କୌଣସି ମେଜର ଟୁର୍ନାମେଣ୍ଟରେ ଦକ୍ଷିଣ ଆଫ୍ରିକାକୁ ଭେଟିନାହିଁ। ୨୮ ତାରିଖର ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିପାରିଲେ ଭାରତ ଠିକ୍ ଦିଗରେ ଗତି କରିବ ବୋଲି ମନପ୍ରୀତ କହିଛନ୍ତି। ତେଣୁ ପ୍ରଥମ ମ୍ୟାଚ୍ ଆମ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଗୋଲ୍ଡକୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଅବସରରେ ଆମେ ଅବଶ୍ୟ ଦକ୍ଷିଣ ଆଫ୍ରିକା ସହିତ ଏକ ଅଭ୍ୟାସ ମ୍ୟାଚ ଖେଳିବାର ସୁଯୋଗ ହାସଲ କରିଥିଲୁ ଓ ବିଜୟୀ ମଧ୍ୟ ହୋଇଥିଲୁ। ଏହି ଅଭ୍ୟାସ ମ୍ୟାଚ୍‌ରୁ ଆମେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିବାର ଆଇଡିଆ ପାଇଛୁ ବୋଲି ୨୬ ବର୍ଷୀୟ ମନପ୍ରୀତ କହିଛନ୍ତି। ପୁଣି କିଛି ଦିନ ତଳେ ବ୍ରେଡାରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ଚାମ୍ପିୟନ୍ସ ଟ୍ରଫି ଓ ଗତ ବର୍ଷ କାନାଡ଼ାରେ ଖେଳାଯାଇଥିବା ହକି ୱାର୍ଲ୍ଡ ଲିଗ୍‌ରେ ଆମେ ବେଲଜିୟମକୁ ପରାସ୍ତ କରିଛୁ। ସେହିପରି କାଡ଼ାଡା ବିପକ୍ଷରେ ମଧ୍ୟ ଆମର ପ୍ରଦର୍ଶନ ଭଲ କରିବାର ଆବଶ୍ୟକତା ରହିଛି। ରିଓ ଅଲିମ୍ପିକ୍ସ ରାଉଣ୍ଡ ରବିନ ଲିଗ୍‌ର ଏକ ମ୍ୟାଚ୍‌ରେ ଆମେ କାନାଡ଼ା ବିପକ୍ଷରେ ୨–୨ ଗୋଲରେ ମ୍ୟାଚ୍ ଡ୍ର ରଖିଛୁ। ତେବେ ଲଣ୍ଡନରେ ଅନୁଷ୍ଠିତ ୨୦୧୭ ହକି ୱାର୍ଲ୍ଡ ଲିଗ୍ ସେମିଫାଇନାଲରେ ଆମେ ୩–୨ ଗୋଲରେ କାନାଡ଼ାଠାରୁ ପରାସ୍ତ ହୋଇ ଷଷ୍ଠ ସ୍ଥାନରେ ରହିଥିଲୁ। କିନ୍ତୁ ଗତ ଦୁଇବର୍ଷ ମଧ୍ୟରେ ଆମ ପ୍ରଦର୍ଶନରେ ଯଥେଷ୍ଟ ଉନ୍ନତି ହୋଇଛି। ପ୍ରତ୍ୟେକ ଟୁର୍ନାମେଣ୍ଟରୁ ଆମେ ବହୁତ କିଛି ଶିକ୍ଷା କରିଆସୁଛୁ। ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିପାରିଲେ ଆମେ ଯେ କୌଣସି ଦଳକୁ ପରାସ୍ତ କରିପାରିବୁ।

ଏପରି,କି ବେଲ୍‌ଜିୟମ ବିପକ୍ଷରେ ଯଦି ଆମେ ଆରମ୍ଭରୁ ଗୋଲ ଦେବାକୁ ସକ୍ଷମ ହେବୁ ତାହାଲେ ଚାପ ସୃଷ୍ଟି କରିବାରେ ସଫଳ ହେବୁ। ତେବେ ସବୁ ଦଳ ଓ ମ୍ୟାଚ୍‌କୁ ଆମେ ସମାନଭାବେ ଗୁରୁତ୍ୱ ଦେବୁ ବୋଲି ମନପ୍ରୀତ କହିଛନ୍ତି।




ମନପ୍ରୀତ ସିଂ ଓ ହରମନପ୍ରୀତ ସିଂ

## ଆମ ଉପରେ ଆଦୌ ଚାପ ନାହିଁ: ହରମନପ୍ରୀତ




ଘରୋଇ ପରିବେଶରେ ଭାରତ ବିଶ୍ୱକପ୍ ଖେଳିବାକୁ ଯାଉଛି। ତୃତୀୟଥର ପାଇଁ ଭାରତରେ ଏହି ମେଗା ଇଭେଣ୍ଟ ଖେଳାଯିବ। ତେବେ ଦଳ ଉପରେ ଚାପ ନାହିଁ। କୌଣସି ଖେଳାଳି ଆଦୌ ଚାପରେ ନାହାନ୍ତି। ବରଂ ୧୫ ହଜାର ଘରାଇ ଦର୍ଶକଙ୍କ ସମ୍ନାରେ ଆମେ ବିଶ୍ୱକପ୍ ଖେଳିବାକୁ ଯାଉଥିବାରୁ ଆମେ ବେଶ୍ ଉତ୍ସାହିତ ଅଛୁ। ଶ୍ରେଷ୍ଠ ପଦର୍ଶନ କରି ଜିତିବାକୁ ଚେଷ୍ଟା କରିବୁ ବୋଲି ୨୨ ବର୍ଷୀୟ ଯୁବ ଡିଫେଣ୍ଡର ହରମନପ୍ରୀତ ସିଂ କହିଛନ୍ତି। ଗତ ଜୁନିୟର ବିଶ୍ୱକପ୍‌ରେ ମଧ୍ୟ ଆମେ ଏ ଭଳି ପରିସ୍ଥିତିର ସମ୍ମୁଖୀନ ହୋଇଥିଲୁ। ତେଣୁ ଆମେ ବିବ୍ରତ ନୋହୁଁ। ଟ୍ରେନିଂ, ପ୍ରଶିକ୍ଷଣ ତଥା ଅଭ୍ୟାସ ଅତି ସୁନ୍ଦର ଭାବେ ଚାଲୁଛି । ପେନାଲ୍ଟି କର୍ନର ଡିଫେନ୍ସ ଓ ଆଟାକ ଉପରେ ଅଧିକ ଧ୍ୟାନ ଦେଉଛୁ। ଗୋଲ ସ୍କୋର କରିବା ନେଇ ସୁଯୋଗ ସୃଷ୍ଟି କରିବା ଉପରେ ମଧ୍ୟ ଆମେ ଅଭ୍ୟାସ ଜାରି ରଖିଛୁ। ବିଶେଷ କରି ଫରୱାର୍ଡ ଲାଇନ କଠିନ ପରିଶ୍ରମ କରୁଛି। ଗତ ଦୁଇଟି ଟୁର୍ନାମେଣ୍ଟରେ ହୋଇଥିବା ତ୍ରୁଟି ସୁଧାରିବାକୁ ଆମେ ଏବେ ମଧ୍ୟ ପ୍ରୟାସ ଜାରି ରଖିଛୁ। କଳିଙ୍ଗ ଷ୍ଟାଡିୟମର ଗ୍ରାଉଣ୍ଡ ବେଶ୍ ସୁନ୍ଦର ଓ ଏହି ଗ୍ରାଉଣ୍ଡ ତଥା ଟର୍ଫ ସହିତ ଆମେ ବେଶ୍ ଅଭ୍ୟସ୍ତ ହୋଇସାରିଲୁଣି। ତେଣୁ ବିଶ୍ୱକପ୍ ଅବସରରେ ଆମକୁ ଏଥିରୁ ଫାଇଦା ମିଳିବ। ଜୁନିୟର ବିଶ୍ୱକପ୍ ବିଜୟୀ ଦଳର ୭ ଖେଳାଳି ଦଳରେ ସାମିଲ ରହିଛନ୍ତି। ସବୁ ଖେଳାଳି ବଡ଼ ବଡ଼ ଦଳ ସହିତ ଖେଳି ସାରିଲେଣି। ସବୁ ଖେଳାଳି ଏବେ ଯଥେଷ୍ଟ ଅଭିଜ୍ଞତା ହାସଲ କରିସାରିଲେଣି। ଆସନ୍ତା ୨୮, ୨ ଓ ୮ ତାରିଖରେ ଭାରତ ତା'ର ଲିଗ୍ ମ୍ୟାଚ ଖେଳିବାକୁ ଯାଉଛି ଓ ଏହି ମ୍ୟାଚ୍‌ଗୁଡ଼ିକର ଟିକେଟ ସବୁ ବିକ୍ରି ସରିଲାଣି। ତେଣୁ ବିଶ୍ୱକପ୍‌ରେ ଘରୋଇ ଦର୍ଶକଙ୍କ ସମର୍ଥନ ଆମକୁ ନିଶ୍ଚିତ ଭାବେ ଉତ୍ସାହିତ କରିବ ଓ ଆମେ ଭଲ ପ୍ରଦର୍ଶନ କରିବୁ ବୋଲି ହରମନପ୍ରୀତ ଆଶାପ୍ରକାଶ କରିଛନ୍ତି। ଉଲ୍ଲେଖଥାଉ କି, ପଞ୍ଜାବର ଅମୃତସରରେ ଜନ୍ମିତ ୨୨ ବର୍ଷୀୟ ହରମନପ୍ରୀତ ଏପର୍ଯନ୍ତ ଭାରତ ପାଇଁ ୮୪ଟି ମ୍ୟାଚ ଖେଳି ସାରିଛନ୍ତି ଓ ଦେଶ ପାଇଁ ବିଭିନ୍ନ ଟୁର୍ନାମେଣ୍ଟ ଖେଳି ପଦକ ହାସଲ କରିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୧୬/୨୦୧୮ Bhubaneswar, Friday, November 16 / 2018

## ସଂକ୍ଷେପରେ

### ୨୧ କୋଟି ଟଙ୍କାର ଟେଣ୍ଡର ବାତିଲ

**କଳିଙ୍ଗନଗର, ୧୫।୧୧(ଡି.ଏନ୍.ଏ.):** ଦାନଗଦୀ ବ୍ଲକରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଡିଏମ୍ଏଫ ଫଣ୍ଡରୁ ୨୧ କୋଟି ଟଙ୍କାର ଟେଣ୍ଡର ଆହ୍ୱାନକୁ ଗୁରୁବାର ବାତିଲ କରାଯାଇଛି। କମିଟିର ନିଷ୍ପତ୍ତି ଅନୁଯାଇ ଏହି ଟେଣ୍ଡର ବାତିଲ କରାଯାଇଥିବା ଦାନଗଦୀ ବିଡିଓ ବିଶ୍ୱଜିତ ଦାସ ସୂଚନା ଦେଇଛନ୍ତି। ଗତ ୨୭ ତାରିଖରେ ଡିଏମ୍ଏଫ ଫଣ୍ଡରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା । ବ୍ଲକ ଅଞ୍ଚଳର ଠିକାଦାରଙ୍କୁ ଟେଣ୍ଡର ଆବେଦନ ପାଇଁ ନିର୍ଦ୍ଦେଶ ରହିଥିଲା। ତେବେ ବ୍ଲକ ଅଞ୍ଚଳର କେତେଜଣ ଠିକାଦାର ଏହି ଟେଣ୍ଡର ଆବେଦନ ପ୍ରକ୍ରିୟାରୁ ବଞ୍ଚିତ ରହିଥିଲେ । ଏ ନେଇ ବାଦ ପଡିଥିବା ଠିକାଦାରମାନେ ଜିଲାପାଳଙ୍କ ନିକଟରେ ଟେଣ୍ଡର ବାତିଲ ପାଇଁ ଆବେଦନ କରିଥିଲେ। ଟେଣ୍ଡର ବାତିଲକୁ ନେଇ ନୋଟିସ୍ ଜରିଆରେ ସୂଚନା ଦିଆଯାଇଥିଲା।

### ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



**ଧର୍ମଶାଳା, ୧୫।୧୧(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ପଞ୍ଚାୟତର ରାଏପଡାସ୍ଥିତ ଜୟ ମଙ୍ଗଳା ନୋଡାଲ ଉପ୍ରା ବିଦ୍ୟାଳୟ ପରିସରରେ ଗୁରୁବାର ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ସିଡିଏମ୍ଓ ବିଜୟ କୁମାର ଶତପଥୀ ଯୋଗଦେଇ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ବେଣୁଧର ଶରଣ, ସରପଞ୍ଚ ବନମିତ୍ରା ଜେନା, ସିଆରସିସି ଛବି ମଲିକ ଯୋଗଦେଇଥିଲେ। ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କମଳ କାମିନୀ ମହାନ୍ତି ସଭାପତିତ୍ୱ କରିଥିଲେ। ହୃଷୀକେଶ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଭାଗ୍ୟଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅନ୍ତର୍ଜାତୀୟ ହ୍ୟାଣ୍ଡବଲ୍ କ୍ରୀଡ଼ାବିତ୍ ବିପ୍ଳବଙ୍କୁ ସମ୍ବର୍ଦ୍ଧନା

**ଛତିଆ, ୧୫।୧୧(ଡି.ଏନ୍.ଏ.)**

ଯାଜପୁର ଜିଲା ହ୍ୟାଣ୍ଡବଲ୍ ଆସୋସିଏଶନ୍ ତରଫରୁ ଗୁରୁବାର ଛତିଆ ଅଞ୍ଚଳର ଅନ୍ତର୍ଜାତୀୟ ହ୍ୟାଣ୍ଡବଲ୍ କ୍ରୀଡ଼ାବିତ୍ ବିପ୍ଳବ ବିଶ୍ୱାଳଙ୍କୁ ଛତିଆରେ ସମ୍ବର୍ଦ୍ଧନା ଦିଆଯାଇଛି। ସେ ଗତ ମାସରେ ଜୋର୍ଡାନ୍ ଓ ଥାଇଲାଣ୍ଡରେ ଅନୁଷ୍ଠିତ ଅନ୍ତର୍ଜାତୀୟ ହ୍ୟାଣ୍ଡବଲ୍ ଦଳରେ ଓଡ଼ିଶାରୁ ଏକମାତ୍ର ଖେଳାଳିଭାବେ ପ୍ରତିନିଧିତ୍ୱ କରିଥିଲେ ଏବଂ ଟୁର୍ନାମେଣ୍ଟରେ ଚମତ୍କାର ଖେଳ ପ୍ରଦର୍ଶନ କରିଥିଲେ। ଗୁରୁବାର ଛତିଆରେ ପହଞ୍ଚିବା ପରେ ଯାଜପୁର ଜିଲା ହ୍ୟାଣ୍ଡବଲ୍ ଆସୋସିଏଶନ୍ ତରଫରୁ ବିପ୍ଳବଙ୍କୁ ଏକ ସୁସଜ୍ଜିତ ଗାଡିରେ ବିରାଟ ପଟୁଆରରେ



ବିପ୍ଳବଙ୍କୁ ଜିଲା ହ୍ୟାଣ୍ଡବଲ୍ ଆସୋସିଏଶନ୍ ତରଫରୁ ଶୋଭାଯାତ୍ରାରେ ନିଆଯାଉଛି।

ନିଆଯାଇ ଛତିଆ ଅଞ୍ଚଳ ପରିକ୍ରମା କରାଯାଇଥିଲା । ଶେଷରେ ଛତିଆସ୍ଥିତ ଜିଲା ହ୍ୟାଣ୍ଡବଲ୍ ଆସୋସିଏଶନ୍ କାର୍ଯ୍ୟାଳୟଠାରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା । ଏଥିରେ ଜିଲା ହ୍ୟାଣ୍ଡବଲ୍ ଆସୋସିଏଶନ୍ ସମ୍ପାଦକ ତଥା ରାଜ୍ୟ ଆସୋସିଏଶନ ଉପସଭାପତି ରମେଶ ପୃଷ୍ଟିଅଧ୍ୟକ୍ଷତା କରିଥିଲେ। ସୋଲର ସରପଞ୍ଚ ନୀଳମଣି ରାଉତ ଯୋଗଦେଇ ବିପ୍ଳବଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଛତିଆ ବିଦ୍ୟାଳୟ, ୟୁଥ୍କ୍ଲବ ଛତିଆ, ଛତିଆ ଉପର ବଜାର ପୂଜା କମିଟି, ଛତିଆ ପଞ୍ଚାୟତ କଂଗ୍ରେସ କମିଟି ତରଫରୁ ସତ୍ୟରଞ୍ଜନ ନନ୍ଦ, ଛତିଆ ପ୍ରେସ୍ କ୍ଲବ୍ ତରଫରୁ ଏବଂ ମହାବୀର ମଲ୍ଟି ଜିମ୍ ତରଫରୁ ମଧ୍ୟ ବିପ୍ଳବଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲା ହ୍ୟାଣ୍ଡବଲ୍ ଆସୋସିଏଶନ୍ର କର୍ମକର୍ତ୍ତା ଓ କ୍ରୀଡାବିତ୍ ଭାଗ ନେଇଥିଲେ ।

■ ଗଣମାଧ୍ୟମରେ ଶିଳ୍ପ ସଂଘ ସଭାପତିଙ୍କ ବିବୃତି ପ୍ରସଙ୍ଗ

# ଜବାବ ରଖିଲା କଳିଙ୍ଗନଗର ମଜଦୁର ୟୁନିୟନ

**କଳିଙ୍ଗନଗର, ୧୫।୧୧(ଡି.ଏନ୍.ଏ.)**

କିଛିଦିନ ତଳେ କଳିଙ୍ଗନଗର ଶିଳ୍ପ ସଂଘ ସଭାପତି ପୁରୁଷୋତ୍ତମ ଖାଣ୍ଡୋଇ ଶିଳ୍ପ ସଂସ୍ଥାରେ ରାଜନେତାଙ୍କ ଅଯଥା ହସ୍ତକ୍ଷେପକୁ ନେଇ ଗଣମାଧ୍ୟମରେ ଏକ ବିବୃତ୍ତି ଦେଇଥିଲେ। ଯାହାକୁ ନେଇ କଳିଙ୍ଗନଗର ସେମେତ ରାଜ୍ୟରେ ହଇଚଇ ସୃଷ୍ଟି କରିଥିଲା । ଖାଣ୍ଡୋଇ ବିଶେଷ କରି କଳିଙ୍ଗନଗର ମଜଦୁର ୟୁନିୟନ, ସ୍ଥାନୀୟ ରାଜନେତା ଓ ପ୍ରଶାସନ ଉପରେ ଅବାନ୍ତର ଦୋଷାରୋପ କରିଥିଲେ । ଯାହାକୁ ଗୁରୁବାର କଳିଙ୍ଗନଗର ମଜଦୁର ୟୁନିୟନର ସହସମ୍ପାଦକ ଆଜାହାର ଏହେମଦ ଖାନ ଖଣ୍ଡନ କରିଛନ୍ତି। ସ୍ଥାନୀୟ ନେତୃତ୍ୱ ଓ ପ୍ରଶାସନ ପ୍ରଚେଷ୍ଟାରେ କଳିଙ୍ଗନଗରରେ ବହୁ ଛୋଟବଡ଼ ଶିଳ୍ପାନୁଷ୍ଠାନ ଗଢିଉଠିଛି। ଏଥିସହ ଅନେକ ଶିଳ୍ପ ସଂସ୍ଥା ପ୍ରତିଷ୍ଠା ନିମନ୍ତେ ଏମ୍ଓୟୁ ସ୍ୱାକ୍ଷର କରିବାକୁ ପ୍ରସ୍ତୁତ ଅଛନ୍ତି। କିନ୍ତୁ ଶିଳ୍ପ ସଂଘର ତଥାକଥିତ ସଭାପତି ଗଣମାଧ୍ୟମରେ ଦେଇଥିବା ବିଭ୍ରାନ୍ତିକର ଓ ଅଶାଳୀନ ମନ୍ତବ୍ୟ ଉଦ୍ଦେଶ୍ୟ ମୂଳକଭାବେ ରାଜ୍ୟରେ ପୁଞ୍ଜି ନିବେଶକୁ କୁଠାରଘାତ କରୁଛି। ଖାଣ୍ଡୋଇ ଶିଳ୍ପ ସଂସ୍ଥା କେ.ଜେ. ଇସ୍ପାତ କାରଖାନାରେ ଶ୍ରମିକଙ୍କୁ ଶୋଷଣ କରିବା ସହ ସରକାରଙ୍କ ବିନା ଅନୁମତିରେ ଦୁଇବର୍ଷ କାଳ କାରଖାନାକୁ ବନ୍ଦ ରଖିବା ଏବଂ ବିନା କାରଣରେ ଶ୍ରମିକଙ୍କୁ ସମ୍ପୂର୍ଣ୍ଣ ପ୍ରାପ୍ୟ ପ୍ରଦାନ ନ କରି ଛଟେଇ କରିବା କେତେଦୂର ଯୁକ୍ତିଯୁକ୍ତ ବୋଲି ଖାନ୍ ପ୍ରଶ୍ନ କରିଛନ୍ତି।

# ମହାନଦୀ, ପୋଲାଭରମ ପ୍ରସଙ୍ଗକୁ ଢାଲ କରିବ ବିଜେଡି

**ଭୁବନେଶ୍ୱର, ୧୫।୧୧(ବ୍ୟୁରୋ)**

ପଞ୍ଚଦଶ ବିଧାନସଭାର ଚତୁର୍ଦ୍ଦଶ ଅଧିବେଶନ ଶୁକ୍ରବାରଠାରୁ ଆରମ୍ଭ ହେବ। ଏଥିପାଇଁ ଗୃହକୁ ଯିବା ପୂର୍ବରୁ ଉଭୟ ଶାସକ ଏବଂ ବିରୋଧୀ ନିଜ ନିଜର ରଣନୀତି ପ୍ରସ୍ତୁତ କରିଛନ୍ତି। ୨୦୧୯ ନିର୍ବାଚନ ପୂର୍ବରୁ ଏହା ଶେଷ ଅଧିବେଶନ ହେବ ବୋଲି କୁହାଯାଉଛି। ମୋଟ ୨୩ଟି କାର୍ଯ୍ୟଦିବସ ଥିବା ଏହି ଅଧିବେଶନ ଉଭୟ ବିରୋଧୀ ଏବଂ ଶାସକ ଦଳ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିବ। ତେଣୁ ଅଧିବେଶନର ଦିନକ ପୂର୍ବରୁ ଶାସକ ବିଜେଡି ଏବଂ ବିରୋଧୀ କଂଗ୍ରେସର ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଛି। ଶାସକ ଦଳକୁ ଶାଣିତ ଆକ୍ରମଣ କରିବା ସକାଶେ ବିରୋଧୀଙ୍କ ପାଖରେ ବହୁ ପ୍ରସଙ୍ଗ ରହିଛି। ମାତ୍ର ଚାଷୀମାନଙ୍କ ସମସ୍ୟାକୁ ମୁଖ୍ୟଅସ୍ତ୍ର କରି ଉଭୟ କଂଗ୍ରେସ ଏବଂ ଭାଜପା ଗୃହରେ ଶାସକ ଦଳ ନେତାଙ୍କୁ ଘେରିବାକୁ ଲକ୍ଷ୍ୟ ରଖିଛନ୍ତି। ସେହିପରି ଭାଜପା ଗୃହରେ କେଉଁସବୁ ପ୍ରସଙ୍ଗରେ ଶାସକ ନେତାଙ୍କୁ ଆକ୍ରମଣ କରିବ ସେନେଇ ଚୂଡାନ୍ତ କରିସାରିଥିଲାବେଳେ ଶୁକ୍ରବାର ବିଧିବଦ୍ଧଭାବେ ବିଧାୟକ ଦଳ ବୈଠକରେ ଏ ସମ୍ପର୍କରେ ଆଲୋଚନା କରାଯିବ। ଅପରପକ୍ଷରେ ବିରୋଧୀଙ୍କ ପାଟି ଚୁପ୍ କରିବା ଲାଗି ଶାସକ ଦଳ ପାରମ୍ପରିକ ଭାବେ ରାଜ୍ୟ ସ୍ୱାର୍ଥ ସହ ଜଡିତ ସବୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇ କେନ୍ଦ୍ର ଅବହେଳା କଥାକୁ ଦୋହରାଇବାକୁ ସ୍ଥିର କରିଛି।

ବିଧାନସଭାର ୫୪ ନମ୍ବର କକ୍ଷରେ ଗୁରୁବାର ବିଜେଡି ବିଧାୟକ ଦଳ ବୈଠକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ରାଜ୍ୟରେ ମେକ୍ ଇନ୍ ଓଡିଶା କାର୍ଯ୍ୟକ୍ରମ ସଫଳଭାବେ ଆୟୋଜିତ ହୋଇଥିବା ନେଇ ବିଧାୟକମାନେ ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ବୈଠକ ଶେଷରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି ଯେ, ଚଳିତ ଅଧିବେଶନରେ ୨୩ଟି କାର୍ଯ୍ୟଦିବସ ରହିଛି। ଏହି ଅଧିବେଶନରେ କେଉଁସବୁ ବିଲ୍ ପାରିତ ହେବ ସେନେଇ ନିର୍ଦ୍ଦିଷ୍ଟଭାବେ ଆମ ପାଖକୁ କିଛି ଆସିନାହିଁ। ହେଲେ ଗୃହରେ କେନ୍ଦ୍ର ଅବହେଳା ପ୍ରସଙ୍ଗକୁ ଜୋରଦାର ଉଠାଯିବ। ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ପ୍ରଦାନରେ କେନ୍ଦ୍ର ସରକାରଙ୍କ ଉଦାସୀନତା, ପୋଲାଭରମ ଓ ମହାନଦୀ ପ୍ରସଙ୍ଗରେ କେନ୍ଦ୍ରର ଅବହେଳା, ତିତ୍ଲି ମୁକାବିଲା ପରେ ରାଜ୍ୟକୁ କେନ୍ଦ୍ର ସରକାର କୌଣସି ସହାୟତା ପ୍ରଦାନ ନ କରିବା ଏବଂ ଏମ୍ଏସପି ନେଇ ପ୍ରଶ୍ନ ଉଠାଯିବ ବୋଲି ସେ କହିଛନ୍ତି। ସେହିପରି ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କ ବିଧାନସଭା ପ୍ରକୋଷ୍ଠରେ କଂଗ୍ରେସ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଛି। ଶାସକ ଦଳକୁ ଘେରିବାକୁ ଏଥିରେ ବହୁ ପ୍ରସଙ୍ଗକୁ ଏକାଠି କରିଛି ଦଳ। ବୈଠକ ଶେଷରେ ବିଧାୟକ ଅଂଶୁମାନ ମହାନ୍ତି କହିଛନ୍ତି ଯେ, ଗୃହରେ ମୁଖ୍ୟତଃ ଚାଷୀମାନଙ୍କ ସମସ୍ୟାକୁ ଉଠାଯିବ। ଚାଷୀଙ୍କ ପ୍ରାଇସ, ପ୍ରେଷ୍ଟିଜ, ପେନସନ୍ ଦାବିକୁ ସରକାର ନ ମାନିବା ଏବଂ କୃଷକମାନଙ୍କୁ ରାଜଧାନୀ ଭିତରକୁ ପୂରାଇ ନ ଦେବା ପ୍ରସଙ୍ଗରେ ଶାସକ ଦଳକୁ ଘେରାଯିବ। ଏହାସହ ବିଜୁ ବାହିନୀ ନାଁରେ ଶାସକ ଦଳର ଗୁଣ୍ଡାରାଜ, ଦୀର୍ଘଦିନ ଧରି ରାଜ୍ୟର ଆଇନ ବ୍ୟବସ୍ଥା ବିପର୍ଯ୍ୟସ୍ତ ରହିବା, ଓକିଲ ଆନ୍ଦୋଳନ, ଆମ ଗାଁ ଆମ ବିକାଶ ଯୋଜନା ନାଁରେ ଶାସକ ଦଳ ଟଙ୍କା ବାଣ୍ଟିବା, ତିତ୍ଲି ମୁକାବିଲାର ବିଫଳତା ଏବଂ ବ୍ରହ୍ମ ବିଭ୍ରାଟ ଆଦି ପ୍ରସଙ୍ଗ ନେଇ ଶାସକ ଦଳକୁ ଘେରିବୁ ବୋଲି ଅଂଶୁମାନ କହିଛନ୍ତି।

ସେହିପରି ଭାଜପା ବିଧାୟକ ଦଳ ବୈଠକ ଶୁକ୍ରବାର ଅପରାହ୍ନରେ ଅନୁଷ୍ଠିତ ହେବ ବୋଲି ବିଧାୟକ ପ୍ରଦୀପ ପୁରୋହିତ କହିଛନ୍ତି। ସେ କହିଛନ୍ତି ଯେ, ଚାଷୀମାନଙ୍କ ସମସ୍ୟାକୁ ମୁଖ୍ୟ ପ୍ରସଙ୍ଗ କରାଯିବ। ମଣ୍ଡି ବନ୍ଦ ରହିବା, ବୀମା ରାଶି ଚାଷୀଙ୍କୁ ନ ମିଳିବା, କମ୍ ମୂଲ୍ୟରେ ଚାଷୀଙ୍କଠାରୁ ଧାନ କିଣିବା, ତିତ୍ଲି ମୁକାବିଲା କରିବାରେ ରାଜ୍ୟ ସରକାର ବିଫଳ ହେବା, ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି ସମାଧାନ ନ ହୋଇପାରିବା, ଓକିଲ ଆନ୍ଦୋଳନ ଆଦି ପ୍ରସଙ୍ଗରେ ଶାସକ ଦଳକୁ ଘେରାଯିବ ବୋଲି ପ୍ରଦୀପ କହିଛନ୍ତି।

# ଜିଲାସ୍ତରୀୟ ପ୍ରାଣୀଧନ ମେଳା ଉଦ୍ଘାଟିତ

**ରସୁଲପୁର, ୧୫।୧୧(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ସିଂହାପୁର ପଞ୍ଚାୟତରେ ଜିଲାସ୍ତରୀୟ ପ୍ରାଣୀଧନ ମେଳା-୨୦୧୮ ଓ ୬୬ତମ ଗୋ-ସମ୍ବର୍ଦ୍ଧନା ଉତ୍ସବ ଉଦ୍ଘାଟିତ ହୋଇଛି। ତେବେ ମେଳାରେ ମୁଖ୍ୟଅତିଥିଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ମୁଖ୍ୟବକ୍ତା ଯାଜପୁର ଲୋକ ସଭା ସାଂସଦ ରୀତା ତରାଇ ଓ ସମ୍ମାନିତ ଅତିଥି ରସୁଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ସାରଥୀ ଜେନା ପ୍ରମୁଖ ଯୋଗ ଦେଇ ନ ଥିଲେ । ମେଳାରେ ପ୍ରମୁଖ ଅତିଥିଗଣ ଅନୁପସ୍ଥିତ ରହିବାକୁ ନେଇ ନାନା କଥା ଆଲୋଚନା ହୋଇଥିଲା। ଅତିଥିମାନେ ଅନ୍ୟତ୍ର କାର୍ଯ୍ୟରେ ବ୍ୟସ୍ତ ଥିବା ଦର୍ଶାଇ ମେଳାକୁ ଆସି ନ ଥିଲେ ବୋଲି ଆୟୋଜକଙ୍କ ସୂତ୍ରରୁ ଜଣାପଡିଥିଲା। ଗୋରୁଗାଈଙ୍କ ନାମ ଭୋଟର ତାଲିକାରେ ସ୍ଥାନ ପାଇ ନ ଥିବାରୁ ନେତାମାନେ ପ୍ରାଣୀଧନ ମେଳାକୁ ଗୁରୁତ୍ୱ ଦେଇ ନ ଥିଲେ ବୋଲି ସେଠାରେ ଉପସ୍ଥିତ ଥିବା କେତେକ ବ୍ୟକ୍ତି ମତ ରଖିଥିଲେ। ଉକ୍ତ ମତ ଓ ମନ୍ତବ୍ୟକୁ ନେଇ ମେଳାରେ ଏକପ୍ରକାର ହାସ୍ୟରୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ପ୍ରାଣୀସମ୍ପଦ ମିଶନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ମେଳା ପୂର୍ବାହ୍ନ ୧୧ଟାରେ ଉଦ୍ଘାଟନ ହୋଇଥିଲା। ପ୍ରମୁଖ ଅତିଥିମାନେ ମେଳାରେ ପହଞ୍ଚି ନ ପାରିବା ଜାଣିବାପରେ ଅନ୍ୟଅତିଥିଙ୍କୁ ନେଇ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଉଦ୍ଘାଟନୀ ସଭାରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର କାର୍ତ୍ତିକ ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ଯାଜପୁର ଜିଲା ପରିଷଦ ଅଧ୍ୟକ୍ଷ ନରେଶ ଚନ୍ଦ୍ର ମହାନ୍ତି ମୁଖ୍ୟ ଅତିଥି ଆସନ ଗ୍ରହଣ କରି ଚାଷୀମାନେ ଦେଶର ଅର୍ଥନୀତିର ମେରୁଦଣ୍ଡ ବୋଲି

### ଯୋଗଦେଲେନି ବିଧାୟକ, ସାଂସଦ ଓ ଅଧ୍ୟକ୍ଷା

ମତ ରଖିଥିଲେ । ବିଭିନ୍ନ ଚାଷ କ୍ଷେତ୍ରରେ ରସୁଲପୁର ବ୍ଲକ ଅଞ୍ଚଳର ଚାଷୀମାନଙ୍କ ଅଗ୍ରଣୀ ଭୂମିକା ରହିଛି। ଗୋ-ପାଳନ ଓ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ରସୁଲପୁର ବ୍ଲକ ଅଞ୍ଚଳର ଚାଷୀଙ୍କ ସୁନାମ ରାଜ୍ୟସ୍ତରରେ ରହିଛି ବୋଲି ମତ ରଖିଥିଲେ। ମୁଖ୍ୟବକ୍ତା ଭାବରେ ଜତିନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥି ଭାବରେ ଜିଲାପରିଷଦ ସଭ୍ୟ ରଶ୍ମୀରଞ୍ଜନ ନାୟକ, ସରପଞ୍ଚ ଆରତୀ ପହି, ସମିତିସଭ୍ୟ ପ୍ରଦୀପ କୁମାର ନାୟକ, ଜିଲା ଅତିରିକ୍ତ ପଶୁ ଚିକିତ୍ସାଧିକାରୀ ଡାକ୍ତର ସଚି ପଣ୍ଡା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଗୋପାଳନ ଓ ଦୁଗ୍ଧ ଉତ୍ପାଦନରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଜିଲାର ୧୦ଟି ବ୍ଲକରୁ ୧୦ଜଣ ଚାଷୀ ଓ ଶିଶୁ ଦିବସରେ ବିଭାଗ ପକ୍ଷରୁ ସିଂହାପୁର ନୋଡାଲ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଗୋ-ସମ୍ପଦ ସୁରକ୍ଷା ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଚାଷୀ ଓ କୃଷି ବୈଜ୍ଞାନିକଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଲା ପରିବେଶଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତର ଯୁବନେତା ଅନନ୍ତ କିଶୋର ସ୍ୱାଇଁ ଓ ସ୍ଥାନୀୟ ସ୍ୱେଚ୍ଛାସେବୀ ଯୁବକମାନେ କାର୍ଯ୍ୟକ୍ରମକୁ ପରିଚାଳାନା କରିବାରେ ସହାୟତା କରିଥିଲେ। ଦ୍ୱିତୀୟ ଦିବସରେ ୬୬ତମ ଗୋ-ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହେବ।

# କୃଷକ ସଂଗଠନ ପକ୍ଷରୁ ଥାନା ଘେରାଉ



ବଡଚଣା ଥାନା ସମ୍ମୁଖରେ କୃଷକ ସଂଗଠନର ବିକ୍ଷୋଭ।

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୧୫।୧୧(ଡିଏନଏ)**

ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକଙ୍କ ନିଷ୍ପତ୍ତି କ୍ରମେ ଗୁରୁବାର ବଡ଼ଚଣା ଶାଖା ତରଫରୁ ବଡ଼ଚଣା ଓ ବାଲିଚନ୍ଦ୍ରପୁର ଥାନା ଘେରାଉ ସହ ପ୍ରତିବାଦ ସଭା କରାଯାଇଥିଲା। ପ୍ରାଇସ, ପ୍ରେଷ୍ଟିଜ୍ ଓ ପେନସନ୍ ଦାବି କରି ବ୍ଲକ ସଂଯୋଜକ ଅଶୋକ କୁମାର ଶାନ୍ତିଙ୍କ ଅଧ୍ୟକ୍ଷତାରେ ଏହି ପ୍ରତିବାଦ ସଭା ବାଲିଚନ୍ଦ୍ରପୁର ଥାନା ସମ୍ମୁଖରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଯୋଗଦେଇ ଚାଷୀଙ୍କ ନ୍ୟାର୍ଯ୍ୟ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଲଢେଇ ଜାରି ରହିବ ବୋଲି କହିଥିଲେ। ଓଡ଼ିଶାର ୩୬ଲକ୍ଷ ଚାଷୀ ପରିବାରଙ୍କ ପାଇଁ ୨୧ହଜାର ୬ଶହ କୋଟି ଟଙ୍କାର ବ୍ୟୟ ବରାଦ କରିବାକୁ ଦାବି କରିବା ସହ ଆଗାମୀ ଦିନରେ ଆଇନ ଅମାନ୍ୟ ଆନ୍ଦୋଳନ କରାଯିବ ବୋଲି ଘୋଷଣା କରିଥିଲେ। ଏହି ଆନ୍ଦୋଳନରେ ସଂଗଠନର ପ୍ରମୁଖ କର୍ମକର୍ତ୍ତା ରଞ୍ଜିତ ସାମଲ, ଶିଶିର ସାମଲ, ପରକ୍ଷିତ ଶତପଥୀ, ସୁବାସ ଚନ୍ଦ୍ର ଖଣ୍ଡାୟୀ, ଅର୍ଜୁନ ଚରଣ ନାୟକ, ଧନେଶ୍ୱର ଜେନା, ଶ୍ରୀନିବାସ କର, ମନମୋହନ ପ୍ରଧାନ, କୁମର ପ୍ରଧାନ, ବିଚିତ୍ର ପଣ୍ଡା ପ୍ରମୁଖ ବହୁ ବ୍ୟକ୍ତି ଯୋଗଦେଇ ଚାଷୀ ସମସ୍ୟା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଶେଷରେ ବଡ଼ଚଣା ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ର, ବାଲିଚନ୍ଦ୍ରପୁର ଥାନାଧିକାରୀ ରାକେଶ କୁମାର ତ୍ରିପାଠୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଥାନା ଘେରାଉ ପୂର୍ବରୁ ଚାଷୀମାନେ ଏକ ବିରାଟ ଶୋଭାଯାତ୍ରାରେ ଆସି ପ୍ରତିବାଦ ସଭା କରିଥିଲେ।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ


**ଧର୍ମଶାଳା, ୧୫।୧୧(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକସ୍ତରୀୟ ୩ୟ ଶିଶୁ ମହୋତ୍ସବ ବୁଧବାର ଜାରକାସ୍ଥିତ କଳ୍ପତରୁ ଦାସ ଶିଶୁ ଉଦ୍ୟାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଳ୍ପତରୁ ଦାସ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଉତ୍ସବକୁ ଏମ୍ପି ରୀତା ତରାଇ ଉଦ୍ଘାଟନ କରିଥିଲେ। ଅତିଥିଭାବେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ପ୍ରକଳ୍ପ ନିର୍ଦ୍ଦେଶକ ବାଳଗୋପାଳ ଆଚାର୍ଯ୍ୟ, ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ ଓ ବିଇଓ ପ୍ରଫୁଲ୍ଲ ବେହେରା ପ୍ରମୁଖ ଯୋଗଦେଇ ଥିଲେ। ଗ୍ରାମାଞ୍ଚଳରେ ଲୁକ୍କାୟିତ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ପାଇଁ କଳ୍ପତରୁ ଦାସ ଫାଉଣ୍ଡେଶନ ପ୍ରୟାସ କରିଆସୁଛି ବୋଲି ବିଧାୟକ କହିଥିଲେ। ଏହି ସଭାରେ ପ୍ରାକ୍ତନ



ବ୍ଲକସ୍ତରୀୟ ଶିଶୁ ମେଳାରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ବ୍ଲକ ଉପାଧ୍ୟକ୍ଷ ଜଳଧର ମହାନ୍ତି ସଭାପତିତ୍ୱ କରିଥିଲେ। ସିଆର୍ସିସି ଅକ୍ଷୟ କୁମାର ଦାସ ଅତିଥି ପରିଚୟ ପ୍ରଦାନ, ଦେବରାଜ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଅନୁଷ୍ଠିତ ବରିଷ୍ଠ ବିଭାଗ ଚିତ୍ରାଙ୍କନ ପ୍ରତିଯୋଗିତାରେ ହରପ୍ରିୟା କୁଣ୍ଡୁ, ସାଧରଣଜ୍ଞାନରେ ପ୍ରୟାସ ଦାସ, ବକ୍ତୃତାରେ ଇତିଶ୍ରୀ ନନ୍ଦ, ସଂଗୀତରେ ବର୍ଷାରାଣୀ ପ୍ରଧାନ, ନୃତ୍ୟରେ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପ୍ରଥମ ସ୍ଥାନ ଅଧିକାର କରିଥିଲେ। କନିଷ୍ଠ ବିଭାଗର ସାଧାରଣଜ୍ଞାନ ପ୍ରତିଯୋଗିତାରେ ସମ୍ପୂର୍ଣ୍ଣା ପ୍ରିୟଦର୍ଶିନୀ, ବକ୍ତୃତାରେ ବିଶ୍ୱମିତ୍ରା ବାରିକ, ଚିତ୍ରାଙ୍କନରେ ସୌମ୍ୟାଶ୍ରୀ ସାମଲ, ସଂଗୀତରେ ଜ୍ୟୋତ୍ସ୍ନାରାଣୀ ମଲିକ, ନୃତ୍ୟରେ ସୋରେଶ୍ୱର ଉଚ୍ଚ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଜାତୀୟ ଶିକ୍ଷା ଦିବସ ପାଳିତ




କନିଷି,୧୫।୧୧(ଡି.ଏନ.ଏ.)-ରଙ୍ଗେଇଲୁଣ୍ଡା ବ୍ଲକ କନିଷି ହାଟସ୍ଥିତ ବ୍ଲକ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କୁସୁମ କୁମାରୀ ପାଢ଼ୀଙ୍କ ତତ୍ତ୍ୱାବଧାନରେ ସମସ୍ତ ଶିକ୍ଷା କମିଟି ସଦସ୍ୟ, ସିଆରସିସି ଶିଶିର ପଟ୍ଟନାୟକ, ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ। ଜଣେ ଶିଶୁଙ୍କୁ ଆଦର୍ଶ ନାଗରିକ ଭାବେ ଗଠନ କରିବା ସହ ସେମାନଙ୍କଠାରେ ନମ୍ରତା, ଶାଳୀନତା ବୃଦ୍ଧି କରିବା ସମେତ ସେମାନଙ୍କ ବୌଦ୍ଧିକ ବିକାଶ ପାଇଁ ଶିକ୍ଷା ଏକମାତ୍ର ପନ୍ଥା ବୋଲି କୁହାଯାଇଥିଲା। ଏହି ସତ୍ୟତା ସମ୍ପର୍କରେ ବିଦ୍ୟାର୍ଥୀମାନଙ୍କୁ ଅବଗତ କରାଇବା ଶିକ୍ଷା ଦିବସ ବିଦ୍ୟାଳୟରେ ପାଳିତ ହେଉଛି ପାଢ଼ୀ କହିଥିଲେ। କମିଟି ସଭ୍ୟ ରତ୍ନାକର ପ୍ରଧାନ ମୌଲାନା ଅବୁଲ କାଲାମଙ୍କ ଜୀବନୀ ଉପରେ ସୂଚନା ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ ର୍ୟାଲି ମଧ୍ୟ ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସୁନୀତା ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁଜାତା ଦାସ ଧନ୍ୟବାଦ ଦେଇଥିଲେ। ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ତିତ୍‌ଲି ସହାୟତା ବଣ୍ଟନ

ଦିଗପହଣ୍ଡି,୧୫।୧୧(ଡି.ଏନ.ଏ.)-ଦିଗପହଣ୍ଡି ଏନଏସି ୧୦ନଂ ୱାର୍ଡ ଅଧୀନ ସାହି ବସ୍ତିର ୫୬୧ ପରିବାରକୁ ଦିଗପହଣ୍ଡି ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ୨୧, ୪୭,୪୦୦ ଟଙ୍କାର ତିତ୍‌ଲି କ୍ଷତିପୂରଣ ଆର୍ଥିକ ସହାୟତା ସମ୍ବନ୍ଧିତ ବ୍ୟାଙ୍କ ଚିଠା ବଣ୍ଟନ କରିଛନ୍ତି। ସନ୍ଧ୍ୟାରେ ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମନ୍ତ୍ରୀ ରାଜ୍ୟ ସରକାରଙ୍କ ବହୁବିଧ ଯୋଜନା ସମ୍ପର୍କରେ କହିଥିଲେ। ପୂର୍ବତନ ଏନଏସି ଅଧ୍ୟକ୍ଷା ସୁନୀତା ସେଠୀ, ଏନଏସି କର୍ମଚାରୀ ରଞ୍ଜିତ ପଟ୍ଟନାୟକ, ହରିକୃଷ୍ଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିରରେ ପୁଣି ଠେଲାପେଲା

# ତଳେ ପଡ଼ିଯାଇ ମହିଳା ଭକ୍ତ ବେହୋସ

ପୁରୀ ଅଫିସ,୧୫।୧୧

### ନିୟନ୍ତ୍ରଣ ହୋଇପାରୁନି ଭିଡ଼

ବର୍ତ୍ତମାନ ଚାଲିଛି କାର୍ତ୍ତିକ ମାସ। ମହାପ୍ରଭୁଙ୍କ ମଙ୍ଗଳ ଆଳତି ଏବଂ ଦାମୋଦର ବେଶ ଦର୍ଶନ କରିବାକୁ ପ୍ରତ୍ୟହ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ହେଉଛି। ଦିନେ ଦିନେ ଗହଳି ଏମିତି ହେଉଛି ଯେ, ଭକ୍ତ ଠିକ୍ ଭାବେ ଠାକୁରଙ୍କୁ ଦର୍ଶନ କରିପାରୁନାହାନ୍ତି। ଭିଡ଼ ନିୟନ୍ତ୍ରଣ କରିବାରେ ପ୍ରଶାସନ ଯେତେପ୍ରକାର ଯୋଜନା କଲେ ମଧ୍ୟ ସୁଫଳ ମିଳୁନାହିଁ। ପ୍ରତିଦିନ ସାତପାହାଚ, ଜଗମୋହନରେ ଠେଲାପେଲା ହେଉଛି। ଏପରି କି ଭକ୍ତ ତଳେ ପଡି ଆହତ ହେଉଥିବା ବେଳେ ଅନେକ ଶ୍ରଦ୍ଧାଳୁ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ଗୁରୁବାର ଜଗମୋହନରେ ଠେଲାପେଲାରେ ଜଣେ ମହିଳା ଭକ୍ତ ବେହୋସ ହୋଇପଡିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେବା ପରେ ସେ ଘରକୁ ଫେରିଥିବା ଜଣାପଡିଛି। ଗୁରୁବାର ଦ୍ୱାର ଫିଟିବା ପରଠାରୁ ଭକ୍ତଙ୍କ ଗହଳି ଆରମ୍ଭ ହୋଇଯାଇଥିଲା। ହବିଷିଆଳିଙ୍କ ସାଙ୍ଗକୁ ସାଧାରଣ ଭକ୍ତ ମହାପ୍ରଭୁଙ୍କ ମଙ୍ଗଳ ଆଳତି ଏବଂ ରାଧା ଦାମୋଦର ବେଶ ଦେଖିବା ପାଇଁ ଭିଡ଼ ଲଗାଇଥିଲେ। ପୂର୍ବାହ୍ନ ପ୍ରାୟ ସାଢେ ୧୦ଟାରେ ପଶ୍ଚିମବଙ୍ଗ ପୁରୁଲିଆର ଅଳ୍ପନା ମାଝି (୨୫) ସପରିବାର ଦର୍ଶନ ପାଇଁ ଶ୍ରୀମନ୍ଦିରରେ ପହଞ୍ଚିଥିଲେ। ଏହି ସମୟରେ ଗହଳି ଥିଲା। ଜଗମୋହନରେ ଦର୍ଶନ କରୁଥିବା ସମୟରେ ହଠାତ୍ ଠେଲାପେଲା ଆରମ୍ଭ ହୋଇଯାଇଥିଲା। ଅଳ୍ପନା ତଳେ ପଡ଼ି ବେହୋସ ହୋଇଯାଇଥିଲେ। ସଙ୍ଗେସଙ୍ଗେ ତାଙ୍କୁ ପୋଲିସ ଏବଂ ପରିବାର ସଦସ୍ୟ ବାହାରକୁ ନେଇ ଆସିଥିଲେ। ଏହାପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ଏଠାରେ ଚିକିତ୍ସିତ ହୋଇ ସୁସ୍ଥ ହେବା ପରେ ସେ ଘରକୁ ଫେରିଯାଇଥିବା ହସ୍ପିଟାଲ ସୂତ୍ରରୁ ଜଣାପଡିଛି।

ଶ୍ରୀମନ୍ଦିର ପ୍ରଶାସନ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ ଦେଉଛି। ଏଥିପାଇଁ ପ୍ରତ୍ୟହ ଦର୍ଶନ ବ୍ୟବସ୍ଥାରେ କିଛିନା କିଛି ପରିବର୍ତ୍ତନ କରୁଛି। ତଥାପି ଭିଡ଼ ନିୟନ୍ତ୍ରଣ ହୋଇପାରୁନି। ଠେଲାପେଲାରେ ଭକ୍ତ ତଳେ ପଡି ଆହତ ଏବଂ ଅସୁସ୍ଥ ହୋଇପଡୁଛନ୍ତି। ଗତ ବୁଧବାର ମଧ୍ୟ ଠେଲାପେଲା ଯୋଗୁ ଜଣେ ହବିଷିଆଳିଙ୍କ ଗୋଡ଼ ଭାଙ୍ଗିଥିବା ବେଳେ ଅନ୍ୟ ୨ ମହିଳା ଭକ୍ତ ଅସୁସ୍ଥ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମତେ ନ ବୋଲିବ ବୁଢ଼ୀ;**
**ମୁଁ ବଅସରେ ପାଞ୍ଚ କୋଡ଼ି ।**

ବାର୍ଦ୍ଧକ୍ୟାବସ୍ଥା ଉପନୀତ ହେଲେ ବ୍ୟକ୍ତି ନିଜର ପୂର୍ବ ଠାଣି ବା ଚମକ ହରାଇବସେ। ସମୟ ବିତିଚାଲିବା ସହ ବୟସର ଦାଗ ମୁହଁରେ ସ୍ପଷ୍ଟ ବାରି ହୋଇଯାଏ। ସାଧାରଣତଃ ମହିଳାମାନେ ଅନ୍ୟ ଆଗରେ ନିଜ ପ୍ରକୃତ ବୟସକୁ ଲୁଚାଇ ରଖିଥାନ୍ତି। ଏପରିସ୍ଥଳେ ନିଜ ବୟସ ଲୁଚାଇଥିବା ବୃଦ୍ଧା ମହିଳା ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ମାଗି ଆଣିଲା ଲେଥା,**
**ଶିଖି ଆଣିଲା କଥା ।**

ମାଗି ଅଣାଯାଇଥିବା ପଦାର୍ଥ ବା ଜିନିଷ କେବେହେଲେ ନିଜର ଆବଶ୍ୟକତା ମେଣ୍ଟାଇ ପାରି ନ ଥାଏ। ସେହିପରି ପର ବୁଦ୍ଧିରେ ପଡ଼ି କାର୍ଯ୍ୟ କଲେ ପଛରେ ହଇରାଣ ହରକତ ହେବାକୁ ପଡ଼ିଥାଏ। ପର ବୁଦ୍ଧି ଉପରେ ଭରସା କରି ବାଟ ଚାଲିଲେ ଅପଦସ୍ଥ ହେବାର ମଧ୍ୟ ସମ୍ଭାବନା ରହିଥାଏ। ତେଣୁ ଅନ୍ୟ କଥାରେ ଭାସି ନ ଯାଇ ନିଜ ବୁଦ୍ଧି ଓ ବିବେକ ବଳରେ କାର୍ଯ୍ୟ କରିବା ଉଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଏସ୍‌ସିଏସରେ ଓଏସ୍‌ଓୟୁ କୁଳପତି



ଓଏସ୍‌ଓୟୁ କୁଳପତିଙ୍କ ସହ ଆଲୋଚନା କରୁଛନ୍ତି ଅଧ୍ୟାପକ।

ପୁରୀ ଅଫିସ,୧୫।୧୧

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ)ର କୁଳପତି ଡ. ଶ୍ରୀକାନ୍ତ ମହାପାତ୍ର ଓ ରେଜିଷ୍ଟ୍ରାର ଜୟନ୍ତ କରଶର୍ମା ଗୁରୁବାର ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ) ମହାବିଦ୍ୟାଳୟ ଓଏସ୍‌ଓୟୁ ଶାଖା ପରିଦର୍ଶନ ଆସି ଫେରି ଯାଇଛନ୍ତି। ଗଣ ଯୋଗାଯୋଗ ବିଭାଗର କାର୍ଯ୍ୟକୁ ସେମାନେ ଉଚ୍ଚ ପ୍ରଶଂସା କରିଥିଲେ। ତିନିମାସିଆ ପାଠ୍ୟକ୍ରମ ଖୋଲିବା ଲାଗି ପ୍ରସ୍ତାବ ଦେଇଥିଲେ। ଇଣ୍ଟରନେଟ, ୱାଇଫାଇ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଥିଲେ। ଅଧିକରୁ ଅଧିକ ଛାତ୍ରୀଛାତ୍ର ଯେପରି ବିଭିନ୍ନ ବିଭାଗରେ ଆଡମିଶନ କରିପାରିବେ ସେ ଉପରେ ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। କଲେଜ ଅଧ୍ୟକ୍ଷ ପ୍ରଫେସର ଲକ୍ଷ୍ମୀଧର ମିଶ୍ରଙ୍କ ସହ ଆଲୋଚନା କରିଥିଲେ।

ଓଏସ୍‌ଓୟୁ ଏସ୍‌ସିଏସ ଶାଖା ସଂଯୋଜକ ପ୍ରଫେସର ପ୍ରଫୁଲ୍ଲ ମହାନ୍ତି, ଇଂଲିଶ ପ୍ରାଧ୍ୟାପକ ରବୀନ୍ଦ୍ର ପ୍ରଧାନ, ଓଡ଼ିଆ ପ୍ରାଧ୍ୟାପକ ଦିଲ୍ଲୀପ ସ୍ୱାଇଁ, ବାଣିଜ୍ୟ ମୁଖ୍ୟ ଡ. ମହେନ୍ଦ୍ର ମିଶ୍ର, ଏମବିଏ ମୁଖ୍ୟ ସତ୍ୟସୁନ୍ଦର ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପକଙ୍କ ସହ ଆଲୋଚନା କରିଥିଲେ। ଏଥିସହିତ ବିଭିନ୍ନ ବିଭାଗରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ଗଣ ଯୋଗାଯୋଗର ଅତିଥି ଅଧ୍ୟାପକ ପ୍ରତୀଶ ମହାନ୍ତି ଗଣ ଯୋଗାଯୋଗ ବିଭାଗ ପକ୍ଷରୁ ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧି ସକାଶେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ।

## ଅନ୍‌ଲାଇନରେ ମହାପ୍ରସାଦ ବିକ୍ରି ପ୍ରସଙ୍ଗ
## କାର୍ଯ୍ୟାନୁଷ୍ଠାନ ନେବ ଶ୍ରୀମନ୍ଦିର ପ୍ରଶାସନ

ପୁରୀ ଅଫିସ,୧୫।୧୧: ଅନ୍‌ଲାଇନରେ ମହାପ୍ରସାଦ ବିକ୍ରିକୁ ଗୁରୁତର ସହ ନେଇଛି ଶ୍ରୀମନ୍ଦିର ପ୍ରଶାସନ। ସମ୍ପୃକ୍ତ ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ଏ ନେଇ ଗୁରୁବାର ଶ୍ରୀମନ୍ଦିର ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି। ଲୋକ ସମ୍ପର୍କ ଅଧିକାରୀ ଜଣାଇଛନ୍ତି ଯେ, www.puribhog.com ଡିଭାଇନ ଅଫ୍ ଓଡ଼ିଶା ନାମକ ଏକ ସଂସ୍ଥା ତରଫରୁ ଏବେ ଘରେ ବସି ପାଆନ୍ତୁ ପ୍ରଭୁ ଜଗନ୍ନାଥଙ୍କ ମହାପ୍ରସାଦ। ସିଧାସଳଖ ପୁରୀ ଶ୍ରୀମନ୍ଦିରରୁ ଅର୍ଡର ଦିଅନ୍ତୁ ଅନ୍‌ଲାଇନରେ ବୋଲି ଏକ ବିଜ୍ଞାପନ ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଛି। ହେଲେ ଅନ୍‌ଲାଇନରେ ମହାପ୍ରସାଦ ବିକ୍ରି ପାଇଁ ଶ୍ରୀମନ୍ଦିର ପ୍ରଶାସନ ତରଫରୁ କୌଣସି ସଂସ୍ଥା କିମ୍ବା ବ୍ୟକ୍ତିବିଶେଷଙ୍କୁ ଅନୁମତି ଦିଆଯାଇନାହିଁ। ଜନସାଧାରଣ ଏହି ବିଜ୍ଞାପନ ଦ୍ୱାରା ବିଭ୍ରାନ୍ତ ହୁଅନ୍ତୁ ନାହିଁ।

## ରଙ୍ଗେଇଲୁଣ୍ଡା ସମିତି କୃଷକ ସଂଗଠନ ପକ୍ଷରୁ ବୈଠକ

କନିଷି,୧୫।୧୧(ଡି.ଏନ.ଏ.)

ରଙ୍ଗେଇଲୁଣ୍ଡା ସମିତିର ପ୍ରତ୍ୟେକ ସଚେତନ ନାଗରିକ, ବୁଦ୍ଧିଜୀବୀ, ଛାତ୍ର, ଯୁବକ ଓ ଚାଷୀମାନଙ୍କୁ ନେଇ ଏକ ବୈଠକ କନିଷି ହାଟସ୍ଥିତ ଗୌରୀ ଶଙ୍କର ଇନ୍ କଲ୍ୟାଣ ମଣ୍ଡପରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଚାଷୀଙ୍କ ବିଭିନ୍ନ ସମସ୍ୟା ବିଷୟରେ ନବନିର୍ମାତା କୃଷକ ସଙ୍ଗଠନର ସଭାପତି ସୁଦର୍ଶନ ପାତ୍ର, ଧର୍ମାରାଜୁ ରେଡ୍ଡୀ, ଦେବରାଜ ମହାନ୍ତି, ଜିଲା ପ୍ରଭାରୀ ସଚିନ ମହାପାତ୍ର, ସମାଜସେବୀ ରଶ୍ମିରଞ୍ଜନ ପଟ୍ଟନାୟକ, ବିଶ୍ୱଜିତ ପାତ୍ର ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। କୃଷକ ଦେଶର ମେରୁଦଣ୍ଡ, ଜୟ ଯବାନ ଜୟ କିଷାନ ଭଳି ମଧୁର ସ୍ଲୋଗାନ ଦିଆଯାଉଥିଲେ ମଧ୍ୟ ସ୍ୱାଧୀନତା ପରେ ଚାଷୀଙ୍କ ପ୍ରତି ଅବହେଳା ବଢ଼ି ଚାଲିଛି। ଫଳରେ ସାରା ଦେଶରେ ଚାଷୀ ଆତ୍ମହତ୍ୟା ବୃଦ୍ଧି ପାଉଛି। ଶାସନ ଓ ପ୍ରଶାସନରେ ଏନେଇ ସଜାଗ ହୋଇନାହାନ୍ତି ବୋଲି ବୈଠକରେ କୁହାଯାଇଥିଲା। ତେଣୁ ଚାଷୀଙ୍କ ସମସ୍ୟାର ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ନିଆଯାଉ ବୋଲି ଆଲୋଚନା ହୋଇଥିଲା।

## ବାତ୍ୟା ବିପନ୍ନଙ୍କୁ ସ୍ୱେଚ୍ଛାସେବୀଙ୍କ ସହାୟତା

**ପାତ୍ରପୁର,୧୫।୧୧(ଡି.ଏନ୍.ଏ.):** ସ୍ୱେଚ୍ଛାସେବୀ ମାନଙ୍କ ପକ୍ଷରୁ ବିପନ୍ନ ବୁରାତାଲ ପଞ୍ଚାୟତର ଗୁଡ଼ିପଦର, ଲାଇଡ଼ା, ତୁମ୍ବା ପଞ୍ଚାୟତର ତାଳବାଡ଼ ଓ ରମ୍ଭା ଗ୍ରାମର ବହୁ ଆଦିବାସୀ ପରିବାରଙ୍କୁ ବିଭିନ୍ନ ସାମଗ୍ରୀ, ବସ୍ତ୍ର, ଶୀତ ବସ୍ତ୍ର ବଣ୍ଟନ କରାଯାଇଥିଲା। ସମାଜସେବୀ ତଥା ସଂଗଠକ ଶ୍ରୀରୂପ ଦେଓଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଆମ୍ବପୁର ସରପଞ୍ଚ କୃଷ୍ଣଚନ୍ଦ୍ର ପ୍ରଧାନ, ନିଶାମଣୀ ପ୍ରଧାନ, କଲ୍ଲେଶ୍ୱର ଆଞ୍ଚଳିକ ଯୁବକ ସଂଘର ସଭାପତି ସଂଗ୍ରାମ କେଶରୀ ନାୟକ, କାର୍ତ୍ତିକ ପ୍ରଧାନ, ବୁରାତାଲ ସରପଞ୍ଚ ଗୋବର୍ଦ୍ଧନ ନାୟକଙ୍କ ଓ ସାମାଜିକକର୍ମୀ ତିର୍ଥବାସୀ ପ୍ରଧାନଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଏହି କାର୍ଯ୍ୟରେ ଯୋଗ ଦେଇଥିଲେ।

## ଶୀତଳା ପ୍ରାଥମିକ ବିଦ୍ୟାଳୟ ପାଇଲା ଶ୍ରେଷ୍ଠ ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର


**ଶେରଗଡ, ୧୫।୧୧ (ଡି.ଏନ୍.ଏ.):** ଶେରଗଡର ଶୀତଳା ପ୍ରାଥମିକ ବିଦ୍ୟାଳୟ ଭୁବନେଶ୍ୱର ୟୁନିଟ୍-୯ ବାଳକ ବିଦ୍ୟାଳୟରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ସୁରଭି-୨୦୧୮ କାର୍ଯ୍ୟକ୍ରମରେ ଶ୍ରେଷ୍ଠ ସ୍ୱଚ୍ଛ ବିଦ୍ୟାଳୟ ଭାବେ ପୁରସ୍କୃତ ହୋଇଛି। ରାଜ୍ୟ ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ, ମେୟର ଅନନ୍ତ ନାରାୟଣ ଜେନା, ବିଶ୍ୱଖାଦ୍ୟ କାର୍ଯ୍ୟକ୍ରମର ନିର୍ଦ୍ଦେଶକ ହମିଦ ନୁର ପ୍ରମୁଖ ଯୋଗଦେଇ ଏହି ପୁରସ୍କାର ସହ ୧୦ହଜାର ଟଙ୍କାର ଆର୍ଥିକ ରାଶି ପ୍ରଦାନ କରିଥିଲେ। ଶୀତଳା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ପ୍ରଧାନ, ସିଆରସିସି ଅନିଲ କୁମାର ତ୍ରିପାଠୀ ଓ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି କୋରା ବେହେରା ଏହି ପୁରସ୍କାର ଅତିଥିମାନଙ୍କ ଠାରୁ ଗ୍ରହଣ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ଓ ଶିତଳା ପ୍ରାଥମିକ ବିଦ୍ୟାଳୟର ପରିଚାଳନା କମିଟି ଓ ସାମାଜିକକର୍ମୀ ପାଣ୍ଡବ ବେହେରା ସରକାରଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

ଅର୍ଶ (ମଳକଣ୍ଟକ) - Piles ଓ ଭଗନ୍ଦର - Fistula ର
ବିନା ଅପରେସନ୍‌ରେ (କ୍ଷାରସୂତ୍ର ପଦ୍ଧତିରେ) ସଫଳ ଚିକିତ୍ସା
ଗୋପନରେ ଯେକୌଣସି ପ୍ରକାରର ନିଶା ଛଡାନ୍ତୁ
ପରାମର୍ଶ ସମୟ
ସକାଳ ୯ଟାରୁ ରାତ୍ର ୮ଟା
ସବୁଦିନ ଖୋଲା
Call Us
94371 38000
94371 36000
0674-2354577
0674-2354320
PUSHPA CLINIC (P) LTD.
A-41, BDA Duplex Colony, Baramunda, Bhubaneswar - 03
Email:- help@pushpaclinic.com, Web:- www.pushpaclinic.com

CLASSIFIED DISPLAY
ALL EDITION-B/W (Every Day)
For Booking Contact: 0674-2580385, 7894447131, 7894447148, 9437038266, 7894447166

SMS JOB
SEND SMS, EARN MONEY
TELECOM - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ।



କମ୍ପାନୀ ଦ୍ୱାରା Mobile + Laptop + Bike SIM + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
08013841721
08013848031

ଡିଜିଟାଲ ଉପକରଣ
ହିନ୍ଦୁସ୍ତାନ ଗ୍ରୁପ୍ ଭାରତର ସର୍ବପ୍ରଥମ କମ୍ପାନୀ (ରେଜି. odis77407) । ଖାଲି ଜମିରେ ଡିଜିଟାଲ ଉପକରଣ ଲଗାନ୍ତୁ। ଅଗ୍ରିମ 70,000,00 ଭଡ଼ା 50,000 + ଏକ ବାଇକ୍ + 1 ଲାପଟପ୍ ଫ୍ରି + ମାସିକ ୬୦,୦୦୦ର ଅନ୍ୟାନ୍ୟ ସୁବିଧା। (ଇଚ୍ଛୁକ ବ୍ୟକ୍ତି ଫୋନ୍ କରନ୍ତୁ)
8670077673
310, Gram-Mohammadapur, Village-Mahammadpur, Tehsil- Gogawa, Dist- Khargone, MP - 451335

FINANCE
New India Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଯୋଗାଇ ଦେଉଛୁ ।
Ground Floor, Plot No.- D97, Sect-IV, MVP Colony, Visakhapatnam AP-530017
7606062787
7606085833
Email Id- newindiacorp099@gmail.com

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

ଦୀପାବଳି ଧମାକା
!! ନୋ ଏଗ୍ରିମେଣ୍ଟ, ନୋ ଗ୍ୟାରେଣ୍ଟର !!
ଭାରତର ନଂ.1 ଫାଇନାନ୍ସ କମ୍ପାନୀ
ଏହି ଅଫର୍ 30 ନଭେମ୍ବର ପର୍ଯ୍ୟନ୍ତ ଉପଲବ୍ଧ
ଘରେ ବସି ଋଣ ପାଆନ୍ତୁ 3 ଘଣ୍ଟାରେ
ଋଣ କମ୍ ସୁଧରେ
ମାର୍କଶିଟ୍, ଆଧାରକାର୍ଡ ଇତ୍ୟାଦି ଋଣ
ମାତା/ଭଉଣୀଙ୍କୁ ବିଶେଷ ରିହାତି
2% ସୁଧ 50% ରିହାତି + ସବ୍‌ସିଡି
9625419406
8695337370
Add : - 41/14, Sec-1 Pushp Vihar, Delhi

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ ।
2% ସୁଧ 50% ରିହାତି
Helpline Number
9897499698
Goudunipokhari, Pharsibandha, Bhadrak, Odisha - 756132

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286
7750921101

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, BPL, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି
Helpline:
18002126755
08802683947
310, GRAM-MAHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335

!! ଋଣ ଋଣ ଋଣ !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000- 50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
!! ନୋ ଏଗ୍ରିମେଣ୍ଟ, ନୋ ଗ୍ୟାରେଣ୍ଟର !!
2% ସୁଧ, 50% ରିହାତି + ସବ୍‌ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9625338716
9625390375
Add : - T-51, Gautampuri, Delhi

ଡିଜିଟାଲ ଉପକରଣ
ଭାରତ ସରକାର ଡିଜିଟାଲ ଉପକରଣ କମ୍ପାନୀ ଦ୍ୱାରା ଓଡ଼ିଶାର ଚାଷୀ ଭାଇ ନିଜ ଖାଲି ଜମି, ପ୍ଲଟ୍, ଛାତ ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ।
ଭଡ଼ା ୨୦,୦୦୦, ଅଗ୍ରିମ ୨୦,୦୦,୦୦୦ + 500 ସିମ୍ ମାଗଣା + ଅନ୍ୟାନ୍ୟ ସୁବିଧା
ଭାରତର ନଂ.1 ବିଶ୍ୱସନୀୟ କମ୍ପାନୀ
ଚାଷୀଭାଇ ନିଜ ନାମ-ଠିକଣା SMS କରନ୍ତୁ
09911912234
08750097511
Plot No.3, Sector-II, CBD Belapur, Navi Mumbai-400614

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ
ଖବରଦାର କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର ସମାଧାନ



ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ଦୈବିକ ବିଦ୍ୟାରେ ନିପୁଣ
9997796211


କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲ୍ୟୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଖ୍ୟାତ ଔଷଧ

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୬ ନଭେମ୍ବର, ୨୦୧୮



ଜଣକ ମୁହଁରୁ ସଦାବେଳେ ହସ ଝରିପାରେ, ତଥାପି ସେ ଅସଲ ସଇତାନ ହୋଇପାରେ।

- ୱିଲିୟମ ସେକ୍ସପିୟର

## ସଂକ୍ଷେପରେ

### ଖବରକାଗଜ ବିକ୍ରେତାଙ୍କୁ ମାରଣାସ୍ତ୍ର ଦେଖାଇ ଲୁଟ

**ଓଡ଼ଗାଁ,୧୫।୧୧(ସ୍ୱ.ପ୍ର.):** ଓଡଗାଁ ଥାନା ଓ ବାହାଡ଼ାଝୋଲା ଫାଣ୍ଡି ଅନ୍ତର୍ଗତ ଢୋଲମସ୍କା ଠାକୁରାଣୀ ମନ୍ଦିର ନିକଟରେ ଗୁରୁବାର ସନ୍ଧ୍ୟାରେ ଜଣେ ଖବର କାଗଜ ବିକ୍ରେତାଙ୍କୁ ଦୁର୍ବୃତ୍ତମାନେ ମାରଣାସ୍ତ୍ର ଦେଖାଇ ମୋବାଇଲ ଓ ନଗଦ ଟଙ୍କା ଲୁଟି ନେଇଛନ୍ତି । ସେ ହେଲେ ବାହାଡ଼ାଝୋଲାର ଧରିତ୍ରୀ ସମେତ ବିଭିନ୍ନ ଖବରକାଗଜ ବିକ୍ରେତା ଦାଶରଥି ମାହାକୁଡ଼। ଗୁରୁବାର ସନ୍ଧ୍ୟାରେ ସେ ଓଡ଼ଗାଁରୁ ନିଜ ଗ୍ରାମ ହରିପୁରକୁ ବାଇକ୍ ଯୋଗେ ଫେରୁଥିବା ବେଳେ ଢୋଲମସ୍କା ଓ ହାତୀଆଶିଳା ପେଟ୍ରୋଲପମ୍ପ ମଧ୍ୟବର୍ତ୍ତି ସ୍ଥାନ ଠାକୁରାଣୀ ମନ୍ଦିର ନିକଟରେ ଦୁଇ ଜଣ ଯୁବକ ବାଇକରେ ଆସି ଦାଶରଥିଙ୍କ ଆଗରେ ଅଟକି ଯାଇଥିଲେ । ସେମାନଙ୍କ ମଧ୍ୟରୁ ଜଣେ ଦୁର୍ବୃତ୍ତ ଦାଶରଥୀଙ୍କ ମୁଣ୍ଡରେ ମାରଣାସ୍ତ୍ର ଲଗାଇଥିବା ବେଳେ ଅନ୍ୟ ଜଣେ ତାଙ୍କ ବାଇକରୁ ଚାବି ବାହାର କରି ଲଟାବୁଦା ଭିତରକୁ ଫୋପାଡି ଦେଇଥିଲେ। ଏହା ପରେ ତାଙ୍କ ପକେଟ ଭିତରୁ ଏକ ମୋବାଇଲ ଏବଂ ୨ ହଜାର ଟଙ୍କା ଲୁଟି ନେଇ ଓଡ଼ଗାଁ ଅଭିମୁଖେ ଦ୍ରୁତ ଗତିରେ ବାଇକ୍‌ରେ ଚାଲିଯାଇଥିଲେ । ଏନେଇ ସ୍ଥାନୀୟ ପୋଲିସ ସୂଚନା ପାଇବାପରେ ଦୁର୍ବୃତ୍ତମାନଙ୍କୁ ଧରିବାକୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ ସୁଦ୍ଧା ଦୁର୍ବୃତ୍ତମାନେ କୌଣସି ଏକ ରାସ୍ତା ଦେଇ ଫେରାର ହୋଇଯାଇଥିଲେ । ସେହିପରି ସ୍ଥାନୀୟ କଲେଜରେ ଯୁକ୍ତ ଦୁଇରେ ପଢୁଥିବା ଦୁଇ ଜଣ ଛାତ୍ର ତିନିଦିନ ପୂର୍ବେ କୋମଣ୍ଡ ନିକଟସ୍ଥ ଜଗନ୍ନାଥ ଆଶ୍ରମକୁ ଏକ ସ୍କୁଟିରେ ଫେରୁଥିଲେ । ସେମାନଙ୍କୁ ପଥରା ଛକ ନିକଟସ୍ଥ ତ୍ରିନାଥ ଛକ ନିକଟରେ ଦୁଇ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଅଟକାଇବା ସହିତ ମାଉଜର ଦେଖାଇ ସେମାନଙ୍କ ୨ଟି ମୋବାଇଲ ଛଡାଇ ନେଇଚାଲିଯାଇଥିଲେ । ଦିନକୁ ଦିନ ବିଶେଷତଃ ଓଡ଼ଗାଁ-ବାହାଡ଼ାଝୋଲା , ଓଡ଼ଗାଁ-ଲାଉଖାଲ,ବାହାଡ଼ାଝୋଲା-କାପ୍ତାପଲ୍ଲୀ-ନୂଆଗାଁ ଓ ବାହାଡ଼ାଝୋଲା -ମହିପୁର ରାସ୍ତାରେ ଲୁଟେରାଙ୍କ ପାର୍ଦୁଭାବ ବୃଦ୍ଧି ପାଉଛି। ଗୁରୁବାର ହାଟପାଳି ଦିନ ଏହିଭଳି ଲୁଟପାଟ ହେଉଥିବାରୁ ପୋଲିସ ପାଟ୍ରୋଲିଂକୁ କଡାକଡି କରିବା ସହିତ ବାହାଡ଼ାଝୋଲା ଫାଣ୍ଡିରେ ଏକ ଦକ୍ଷ ଅଫିସର ନିଯୁକ୍ତି ଦେବା ଏବଂ ପାଟ୍ରୋଲିଂ ନିମନ୍ତେ ଗାଡି ଯୋଗାଇ ଦେବାକୁ ଜିଲା ଆରକ୍ଷୀ ଅଧିକ୍ଷକଙ୍କୁ ସାଧାରଣରେ ଦାବି ହେଉଛି।

### ସ୍ଥାୟୀ ନିଯୁକ୍ତି ଦାବିରେ ଜିଆରଏସ୍‌ଙ୍କ କାର୍ଯ୍ୟବନ୍ଦ



**ଭାପୁର,୧୫।୧୧(ଡି.ଏନ.ଏ.):** ରାଜ୍ୟ ସଂଘର ଆହ୍ୱାନକ୍ରମେ ନୟାଗଡ଼ ଜିଲାରେ ଗ୍ରାମରୋଜଗାର ସେବକମାନେ ଶୁକ୍ରବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଜିଲା ସଂଘର ସଭାପତି ଆର୍ତ୍ତବନ୍ଧୁ ପ୍ରଧାନଙ୍କ ନେତୃତ୍ୱରେ ବ୍ଲକ ସମ୍ପାଦକ ଭବାନୀ ଶଙ୍କର ମିଶ୍ର, ପ୍ରସନ୍ନ କୁମାର ସେଠୀ, ଜିତେନ୍ଦ୍ର କୁମାର ପୃଷ୍ଟି, ଦିବାକର ମିଶ୍ର, ଜିତେନ୍ଦ୍ର ଚୌଧୁରୀଙ୍କ ସହ ସମସ୍ତ ସଭ୍ୟାସଭ୍ୟ ବିଡିଓ ଦାୟିତ୍ୱରେ ଥିବା ଏବିଡିଓ ଅନ୍ତର୍ଯାମୀ ଦାଶଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଏକମାତ୍ର ଦାବି ସ୍ଥାୟୀ ନିଯୁକ୍ତି ନ ମିଳିବା ପର୍ଯ୍ୟନ୍ତ ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ସଂଘ ତରଫରୁ କୁହାଯାଇଛି।

### ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବୋଲଗଡ଼,୧୫।୧୧(ଡି.ଏନ.ଏ.):** ବୋଲଗଡ଼ ବ୍ଲକ୍ ବଡ଼କୁମାରୀ ପଞ୍ଚାୟତ ପାନନଗର ସ୍ଥିତ ସନ୍ଥ ଭକ୍ତଚରଣ ଇଂରାଜୀ ମିଡ଼ିୟମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ଡାଇରେକ୍ଟର ପ୍ରଫୁଲ୍ଲ କୁମାର ପ୍ରଧାନ, ନାଏବ ସରପଞ୍ଚ ବିଜୟ କୁମାର ନାଏକ ପ୍ରମୁଖ ଅତିଥି ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଡାକ୍ତର ବସନ୍ତ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

### ବାଣପୁରକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ଦାବିରେ ଗଣଧାରଣା

**ଖୋର୍ଦ୍ଧା ଅଫିସ,୧୫।୧୧:** ଖୋର୍ଦ୍ଧା ଜିଲାର ବାଣପୁରକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ଦାବିରେ ଗୁରୁବାର ବାଣପୁର ବାଲୁଗାଁ ଚିଲିକା ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି। କମିଟିର କର୍ମକର୍ତ୍ତାଙ୍କ ସହ ବାଣପୁର, ଚିଲିକା ଓ ବାଲୁଗାଁ ଅଞ୍ଚଳର ଶତାଧିକ ଜନସାଧାରଣ ଏହି ଧାରଣାରେ ସାମିଲ ହୋଇଥିଲେ।

---

ମହଙ୍ଗା ପଡ଼ିଲା ଖବରଦାତାଙ୍କୁ ଆକ୍ରମଣ

# ସରପଞ୍ଚଙ୍କ ପୁଅ, ସମିତିସଭ୍ୟାଙ୍କ ସ୍ୱାମୀ ଗିରଫ

**ନୟାଗଡ଼ ଅଫିସ/ରଣପୁର (ସ୍ୱ.ପ୍ର.),୧୫।୧୧**

ନୟାଗଡ଼ ଜିଲାର ଜଣେ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିଙ୍କୁ ମାଡ଼ମାରିବା ଓ ଗ୍ରାମରେ ନେଇ ଅଟକ ରଖିବା ଦୁଇଜଣଙ୍କୁ ମହଙ୍ଗା ପଡ଼ିଛି। ଏହି ଘଟଣାରେ ସେମାନଙ୍କୁ ରଣପୁର ପୋଲିସ ଗିରଫ କରିଛି। ସେମାନେ ହେଲେ ରଣପୁର ବ୍ଲକ ବଳଭଦ୍ରପୁର ସରପଞ୍ଚ ନୀଳମଣି ପଣ୍ଡାଙ୍କ ପୁଅ ଦୀନବନ୍ଧୁ ପଣ୍ଡା ଓରଫ ବୁଲୁ ଓ ସମିତିସଭ୍ୟାଙ୍କ ସ୍ୱାମୀ ସଞ୍ଜୟ ଦାସ। ପ୍ରକାଶ ଯେ, ବୈଦ୍ୟୁତିକ

**ଗଛମୂଳେ କରାଯାଉଥିଲା ଭତ୍ତା ବଣ୍ଟନ**

ଗଣମାଧ୍ୟମର ପ୍ରତିନିଧି ସତ୍ୟ ନାରାୟଣ ସୁରଜଗଦେବ ଗୁରୁବାର ଖବର ସଂଗ୍ରହ ପାଇଁ ବଳଭଦ୍ରପୁର ପଞ୍ଚାୟତର ଲାଖପଡ଼ା ଗ୍ରାମକୁ ଜଣେ ସହଯୋଗୀଙ୍କ ସହିତ ଯାଉଥିଲେ। ବାଇକ୍‌ରେ ଯିବା ସମୟରେ ଲାଖପଡ଼ା ଗ୍ରାମର ଏକ ଗଛମୂଳେ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଉଥିବା ଦେଖିବାକୁ ପାଇଥିଲେ। ଏହି ଦୃଶ୍ୟଙ୍କୁ ସତ୍ୟ ନିଜ କ୍ୟାମେରାରେ ଉତ୍ତୋଳନ କରିଥିଲେ। କିଛି ସମୟ ପରେ ସରପଞ୍ଚଙ୍କ ପୁଅ ବୁଲୁ ଆସି ତାଙ୍କୁ ଏଥିରୁ ନିବୃତ୍ତ ରହିବାକୁ କହିବା ସହିତ ସତ୍ୟଙ୍କୁ ମାଡ ମାରିଥିଲେ। ତାଙ୍କଠାରୁ କ୍ୟାମେରା ଛଡ଼ାଇ ନେଇଥିଲେ। ଏହା ପରେ ସତ୍ୟ ଓ ତାଙ୍କ ସହଯୋଗୀଙ୍କୁ ଗ୍ରାମକୁ ଅଣାଯାଇ ସେଠାରେ ଅଟକ ରଖାଯାଇଥିଲା। ଗ୍ରାମ ଲୋକଙ୍କ ସାମନାରେ ଦୁଇଜଣଙ୍କୁ ମାଡ ମାରିବା ସହିତ ଏ ନେଇ ଥାନାରେ ଅଭିଯୋଗ ନ କରିବାକୁ ଦସ୍ତଖତ ମଧ୍ୟ କରାଇ ନେଇଥିଲେ। ସେହିଭଳି ଗ୍ରାମରେ ସମିତିସଭ୍ୟାଙ୍କ ସ୍ୱାମୀ ସଞ୍ଜୟ ମଧ୍ୟ ଉଭୟଙ୍କୁ ମାଡ଼ମାରିଥିବା ଅଭିଯୋଗ ହୋଇଛି। ଅପରାହ୍ନ ୨ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଉଭୟଙ୍କୁ ଗ୍ରାମରେ ଅଟକ ରଖାଯାଇଥିଲା । ଖବର ପାଇ ରଣପୁର ପୋଲିସ ଗ୍ରାମରେ ପହଞ୍ଚି ସତ୍ୟ ଓ ତାଙ୍କ ସହଯୋଗୀଙ୍କୁ ଉଦ୍ଧାର କରିଥିଲା। ଏହି ଘଟଣାରେ ଥାନାରେ ୨୨୯/୧୮ରେ ମାମଲା ରୁଜୁ କରାଯାଇ ବୁଲୁ ଓ ସଞ୍ଜୟଙ୍କୁ ଗିରଫ କରାଯାଇଥିବା ରଣପୁର ଥାନା ଅଧିକାରୀ ଛତ୍ରପତି କଅଁର ପ୍ରକାଶ କରିଛନ୍ତି। ଏ ନେଇ ସରପଞ୍ଚଙ୍କ ପୁଅ ବୁଲୁଙ୍କୁ ପଚାରିବାରୁ ସେ ଏହିଭଳି କୌଣସି କାର୍ଯ୍ୟ କରି ନଥିବା କହିଥିଲେ।

## ବାଙ୍କପୁରରେ ଜିଲାସ୍ତରୀୟ ଗୋ-ସମ୍ବର୍ଦ୍ଧନା ଉତ୍ସବ

**ରଣପୁର,୧୫।୧୧ (ସ୍ୱ.ପ୍ର.)**




ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଦ୍ୱାରା ପ୍ରତ୍ୟେକ ଜିଲା ଓ ବ୍ଲକସ୍ତରରେ ଗୋ-ସମ୍ବର୍ଦ୍ଧନା ଉତ୍ସବ ପାଳନ କରାଯାଉଛି। ଗୁରୁବାର ରଣପୁର ବ୍ଲକ ବ୍ରଜରାଜପୁର ପଞ୍ଚାୟତର ବାଙ୍କପୁର ଗ୍ରାମରେ ୬୭ତମ ଜିଲାସ୍ତରୀୟ ଗୋ-ସମ୍ବର୍ଦ୍ଧନା ଉତ୍ସବ ପାଳନ କରାଯାଇଛି । ଏଥିରେ ଆଖପାଖ ଅଞ୍ଚଳର ୨ଶହରୁ ଊର୍ଦ୍ଧ୍ୱ ପଶୁ ପାଳକ ସହିତ ଗାଈ ଓ ବାଛୁରୀ ସାମିଲ ହୋଇଥିଲେ । ସ୍ଥାନୀୟ ବିଧାୟକ ରବିନାରାୟଣ ମହାପାତ୍ର ମୁଖ୍ୟଅତିଥି, ରଣପୁର ବିଡିଓ ମାନସ ରଞ୍ଜନ ସାମଲ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ମୁରଲୀଧର ବେହେରା, ଜିଲାପରିଷଦ ସଭ୍ୟ ନବକିଶୋର ବୈରୀଗଞ୍ଜନ, ରଣପୁର ଆମ୍ବାର ଅଧକ୍ଷ ସ୍ୱରାଜ ମହାନ୍ତି, ରଣପୁର ପ୍ରାଣୀ ଚିକିତ୍ସା ଅଧିକାରୀ ଜଗଦୀଶ୍ ପ୍ରସାଦ ମିଶ୍ର, ନୟାଗଡ ପ୍ରାଣୀ ଚିକିତ୍ସା ନୋଡାଲ ଅଧିକାରୀ ପ୍ରତାପ ପ୍ରଧାନ, ଅତିରିକ୍ତ ପ୍ରାଣୀ ଚିକିତ୍ସ ଅଧିକାରୀ ସାଲେସ୍ କୁମାର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଗାଈ, ବାଛୁରୀଙ୍କ ବିକାଶ ଉପରେ ତାଲିମ ଦିଆଯାଇଥିଲା। ପରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଗାଈ ବାଛୁରୀଙ୍କୁ ବିଭାଗ ତରଫରୁ ଔଷଧ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଗାଈବାଛୁରୀଙ୍କ ମଧ୍ୟରେ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗାଈ ପ୍ରତିଯୋଗିତାରେ ଏହାର ମାଲିକ ଚନ୍ଦ୍ରମାଦେଇପୁରର ସନ୍ତୋଷ କୁମାର ପ୍ରଧାନ, ବାଙ୍କପୁର ଗ୍ରାମର ବିଜୟ କୁମାର ବେହେରା ଓ ଧ୍ରୁବଚରଣ ଲେଙ୍କାଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ବାଛୁରୀ ପ୍ରତିଯୋଗିତାରେ ବାଙ୍କପୁର ଗ୍ରାମର ଉମାକାନ୍ତ ସାମନ୍ତରାୟ, ଦିଗମ୍ବର ମହାନ୍ତି, ବ୍ରଜକିଶୋର ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା।

## ଅପହୃତାଙ୍କୁ ଉଦ୍ଧାର ପରେ ଚୁପ ବସିଛି ପୋଲିସ

**ଖୋର୍ଦ୍ଧା ଅଫିସ,୧୫।୧୧**

ଖୋର୍ଦ୍ଧା ସଦର ଥାନା ବାଜପୁର ଛକଠାରେ ରାଇରଙ୍ଗ ଗାଁର ସୁନିଲ ବେହେରା(୧୯)ଙ୍କୁ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ମାରପିଟ୍ କରି ଗତ ୧୩ ତାରିଖରେ ଅପହରଣ କରାଯାଇଥିଲା। ଥାନାରେ ଅଭିଯୋଗ ପରେ ପୋଲିସ ସାଢ଼େ ୪ ଘଣ୍ଟା ପରେ ସୁନିଲଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲା। ହେଲେ ଅପହରଣକାରୀଙ୍କ ବିରୋଧରେ ମାମଲା ରୁଜୁ କରିବାରେ ଖୋର୍ଦ୍ଧା ସଦର ଥାନା ପୋଲିସ ଚୁପ ରହିଛି। ବରଂ ଘଟଣାର ସମାଧାନ କରିବାକୁ ପରାମର୍ଶ ଓ ଚାପ ପ୍ରୟୋଗ କରୁଛି ବୋଲି ସୁନିଲ ଅଭିଯୋଗ ରଖିଛନ୍ତି। ଅଭିଯୋଗ ଅନୁସାରେ, ପ୍ରାୟ ୧୫ ଦିନ ତଳେ ରାଇରଙ୍ଗପୁର ଗାଁର ସୁନିଲ ଅଟୋକୁ ନନ୍ଦପୁର ଗାଁର ଜଣେ ବ୍ୟକ୍ତିଙ୍କ ବାଇକ ଧକ୍କା ଦେଇଥିଲା। ଦୁର୍ଘଟଣା ଦିନ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଏହା ସମାଧାନ ହୋଇଥିଲା। ତେବେ ଗତ ୧୩ ତାରିଖ ଅପରାହ୍ନ ୪ଟାରେ ସୁନିଲ ଅଟୋଯୋଗେ ଯାଉଥିବାବେଳେ ପ୍ରାୟ ୧୫ଜଣ ଯୁବକ ଗାଡି ଅଟକାଇ ମାରପିଟ୍ କରିବା ସହ ତାଙ୍କୁ ଅପହରଣ କରି ନେଇଥିଲେ। ଅପହରଣ ଘଟଣା ସମ୍ପର୍କରେ ସୁନିଲଙ୍କ ମା' ନନ୍ଦିତା ବେହେରା ଅଭିଯୋଗ କରିଥିଲେ। ଏବେ ଅଭିଯୋଗ ନ କରିବାକୁ ଅଭିଯୁକ୍ତମାନେ ଚାପ ପ୍ରୟୋଗ ସହ ମାରି ଦେବାକୁ ଧମକ ଦେଉଛନ୍ତି ବୋଲି ସୁନିଲ ଗୁରୁବାର ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ନ୍ୟାୟ ମିଳିବ ବୋଲି ଏସ୍‌ପି କହିଥିବା ସୁନିଲ କହିଛନ୍ତି।

ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣା

## ଗ୍ରାମରେ ହୋଇପାରିଲାନି ଆପୋସ ସମାଧାନ

**ରଣପୁର,୧୫।୧୧ (ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ଥାନା ଅଞ୍ଚଳର ଜଣେ ଛାତ୍ରୀଙ୍କୁ ୪ ଯୁବକ ରାସ୍ତାରୁ ଟେକିନେଇ ଏକ କାଜୁ ଜଙ୍ଗଲ ଭିତରେ ଥିବା ପରିତ୍ୟକ୍ତ ଗୃହରେ ଗଣବଳାତ୍କାର କରିଥିଲେ। ଘଟଣାକୁ ନେଇ ଗ୍ରାମରେ ଚାପା ଉତ୍ତେଜନା ଦେଖାଦେଇଥିଲା। ଗ୍ରାମବାସୀ ଉଦ୍ୟମ କରିଥିଲେ ମଧ ଘଟଣାର ଆପୋସ ସମାଧାନ ହୋଇପାରି

**ପୀଡିତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ**

ନାହିଁ। ଗୁରୁବାର ପୀଡିତାଙ୍କ ପରିବାର ପକ୍ଷରୁ ରଣପୁର ଥାନାରେ ଅଭିଯୋଗ କରାଯାଇଛି। ପୋଲିସ ମାମଲା ରୁଜୁ କରି ନ ଥିଲେ ମଧ ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ୪ ଯୁବକଙ୍କୁ ଅଟକ ରଖି ପଚରାଉଚୁରା ଜାରି ରଖିଛି। ମିଳିଥିବା ସୂଚନା ଅନୁଯାୟୀ ଗତ ମଙ୍ଗଳବାର ସନ୍ଧ୍ୟାରେ ନବମ ଶ୍ରେଣୀରେ ପଢୁଥିବା ଛାତ୍ରୀ ଜଣକ ନିଜର ସାଙ୍ଗ ଘରୁ ଫେରୁଥିଲା ବେଳେ ସେହି ଅଞ୍ଚଳର ୪ ଯୁବକ ତାଙ୍କୁ କ'ଣ ଶୁଙ୍ଘାଇ ଦେଇ କାଜୁ ଜଙ୍ଗଲ ଭିତରକୁ ଟେକି ନେଇଥିଲେ। ସେଠାରେ ଏକ ନିଛାଟିଆ ଘରେ ଗଣବଳକ୍ତାର କରି ଫେରାର ହୋଇଯାଇଥିଲେ । ଏ ବିଷୟରେ ଛାତ୍ରୀ ଜଣକ ପରିବାର ଲୋକଙ୍କୁ କହିବା ପରେ ଘଟଣା ପ୍ରଘଟ ହୋଇଥିଲା।

---

ରକ୍ଷଣାବେକ୍ଷଣ ଅଭାବ

## ଶ୍ରୀହୀନ ହୋଇପଡିଛି ରାଧାମୋହନ ଜୀଉଙ୍କ ବଗିଚା



ରାଧାମୋହନ ଜୀଉଙ୍କ ବଗିଚା।

**ଖଣ୍ଡପଡା,୧୫।୧୧(ସ୍ୱ.ପ୍ର.)**

ଜଗନ୍ନାଥ ସଂସ୍କୃତିରେ ଆଦି ପୀଠ ହେଉଛି କଣ୍ଟିଲୋ ଶ୍ରୀ ନୀଳମାଧବ ଜୀଉଙ୍କ କ୍ଷେତ୍ର। ନୀଳମାଧବ ଜୀଉ ବିଜେ କରିଥିବା ବ୍ରହ୍ମାଦ୍ରୀ ପାହାଡ ଦକ୍ଷିଣପାର୍ଶ୍ୱ ପାଦଦେଶରେ ରହିଛି ରାଧାମୋହନ ଜୀଉଙ୍କ ମଠ। ଶହ ଶହ ବର୍ଷ ତଳର ଏହି ମଠର ପଶ୍ଚିମ ପାର୍ଶ୍ୱରେ ରାଧାମୋହନ ଜୀଉଙ୍କ ବଗିଚା ରହିଛି। ରକ୍ଷଣାବେକ୍ଷଣ ଅଭାବରୁ ଏହି ବଗିଚା ଶ୍ରୀହୀନ ହୋଇପଡିଛି । ଏହି ବଗିଚାରେ ଶ୍ରୀ ଜୀଉଙ୍କ ଅଁଳା ନବମୀ, କାର୍ତ୍ତିକ ପଞ୍ଚକ ଆଦି ପାରମ୍ପରିକ ରୀତିନୀତି ସମ୍ପନ୍ନ ହୋଇଥାଏ। ବଗିଚାର ଦୁଇପାର୍ଶ୍ୱ ସୁରକ୍ଷା ପ୍ରାଚୀର ଭାଙ୍ଗିରୁଜି ମାଟିରେ ମିଶିଗଲାଣି। ଏହି ବଗିଚା ମଧ୍ୟରେ ଥିବା ଏକ କୂଅରୁ ପ୍ରତ୍ୟହ ମନ୍ଦିରର ମାଳିପାଣି ନେଇ ନୀଳମାଧବ ଓ ସିଦ୍ଧେଶ୍ୱର ମହାଦେବ ଆଦି ଦେବୀଦେବଙ୍କୁ ସ୍ନାନ ସହ ରୋଷେଇ ଗୃହକୁ ପାଣି ଯୋଗାଇଥାନ୍ତି । ଏହି କୂଅ ଅସୁରକ୍ଷିତ ହୋଇପଡ଼ିଛି। ବଗିଚା ମଧ୍ୟରେ ଥିବା ନଡ଼ିଆ, କଦଳୀ, ଆମ୍ବ ଓ ଅଁଳା ଗଛ ସବୁ ନଷ୍ଟପ୍ରାୟ ହୋଇଗଲାଣି। ସୂଚନାଯୋଗ୍ୟ ଯେ, ଦେଶ ସ୍ୱାଧୀନ ହେବା ପୂର୍ବରୁ ଏହି ମଠ ଓ ବଗିଚାର ରକ୍ଷଣାବେକ୍ଷଣ ଦାୟିତ୍ୱ ମହନ୍ତଙ୍କ ଉପରେ ନ୍ୟସ୍ତ ଥିଲା । ରାଜାରାଜୁଡା ଶାସନ ଚାଲିଯିବା ପରେ ମହନ୍ତଙ୍କଠାରୁ ଦାୟିତ୍ୱ କାଢି ନିଆଯାଇ ଖଣ୍ଡପଡା ଦେବୋତ୍ତର ବିଭାଗ ଅଧୀନରେ ରହିଲା । ହେଲେ ଅର୍ଥାଭାବ ଆଳ ଦେଖାଇ ବିଭାଗ ଏ ଦିଗରେ ଅବହେଳା ପ୍ରଦର୍ଶନ କରିଚାଲିଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ଭୁଶୁଡିଲା ଘର, ଅଳ୍ପକେ ବର୍ତ୍ତିଲେ ପରିବାର ଲୋକେ

**ନୂଆଗାଁ,୧୫।୧୧ (ଡି.ଏନ.ଏ.)**



ଭୁଶୁଡି ପଡିଥିବା ଘର ଆଗରେ ବିଶ୍ୱନାଥ।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କାପ୍ତାପଲ୍ଲୀ ପଞ୍ଚାୟତ ବାମୁରି ଗ୍ରାମରେ ମଙ୍ଗଳବାର ଏକ ଘର ଭୁଶୁଡି ପଡିଥିବା ବେଳେ ପରିବାର ଲୋକେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଆଦିବାସୀ ଅଧ୍ୟୁଷିତ ବାମୁରି ଗ୍ରାମରେ ବିଶ୍ୱନାଥ ଜାନିଙ୍କର ଏକ ଚାଳଛପର ଘର ଥିଲା। ସ୍ତ୍ରୀ ଓ ଦୁଇଝିଅଙ୍କୁ ନେଇ ବିଶ୍ୱନାଥଙ୍କ ପରିବାର । ଅର୍ଥ ଅଭାବରୁ ଘର କରିବା ତାଙ୍କ ପକ୍ଷେ ଅସମ୍ଭବ ହୋଇଛି । ଜଙ୍ଗଲରୁ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରି କିମ୍ବା ଶ୍ରମିକ ଭାବେ କାମ କରି ସେ ପରିବାର ପ୍ରତିପୋଷଣ କରିଥାନ୍ତି। ତିତ୍‌ଲି ପ୍ରଭାବରେ ମାଟିକାନ୍ଥରେ ତିଆରି ଘର ଓଦାହୋଇ ରହିଥିଲା। ମଙ୍ଗଳବାର ରାତିରେ ହଠାତ୍ ଏହା ଭୁଶୁଡିପଡିବାରୁ ତାଙ୍କ ପରିବାର ବାସହରା ହୋଇପଡିଛନ୍ତି। ଏବେ ସେମାନେ ଗାଁର କୋଠ ଘରେ ଆଶ୍ରୟ ନେଇଛନ୍ତି। ସେହି ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ବାହାଡାଝୋଲା ରାଜସ୍ୱ ନିରୀକ୍ଷକ ସୁବାସ ଚନ୍ଦ୍ର ମିଶ୍ରଙ୍କୁ ପଚାରିବାରୁ ସେ କହିଥିଲେ, ମୁଁ ଉକ୍ତ ଗ୍ରାମକୁ ଯାଇ ତଦନ୍ତ କରିବା ପରେ ସରକାରୀ ସାହାଯ୍ୟ ଯୋଗାଇବା ବ୍ୟବସ୍ଥା କରିବି।

---

# ଥାନା ଆଗରେ ନବନିର୍ମାଣ କୃଷକ ସଂଘର ଧାରଣା

**ନୟାଗଡ଼ ଅଫିସ,୧୫।୧୧**




ରଣପୁର ଥାନା ଆଗରେ କୃଷକଙ୍କ ବିକ୍ଷୋଭ।

ରାଜ୍ୟ ସରକାରଙ୍କ ଚାଷୀମାନଙ୍କ ପ୍ରତି ବୈମାତୃକ ମନୋଭାବ ଓ ପୋଲିସର ମାତ୍ରାଧିକ ଜୁଲମ ପ୍ରତିବାଦରେ ଜିଲାର ସମସ୍ତ ଥାନା ଆଗରେ ନବନିର୍ମାଣ କୃଷକ ସଙ୍ଗଠନ ତରଫରୁ ଧାରଣା ଦିଆଯାଇଥିଲା। ପୂର୍ବାହ୍ନରେ ନୟାଗଡ଼ ଟାଉନ ଥାନା ସମ୍ମୁଖରେ ନୟାଗଡ଼ ବ୍ଲକର ବହୁ ଚାଷୀ ଧାରଣା ଦେଇଥିଲେ। ଚାଷୀମାନଙ୍କ ପେଟପାଟଣା କଥା ଚିନ୍ତା ନ କରି ସରକାର ପୋଲିସ ଲଗାଇ ଚାଷୀମାନଙ୍କୁ ଗିରଫ କରିନେଲେ। ଯାହା ଅଗଣତାନ୍ତ୍ରିକ ଓ ଚାଷୀମାନଙ୍କ ପ୍ରତି ବୈମାତୃକ ମନୋଭାବ ବୋଲି ଚାଷୀମାନେ ମତବ୍ୟକ୍ତ କରିଛନ୍ତି। ବାଲୁଗାଁଠାରୁ ଚାଷୀଙ୍କ ପଦଯାତ୍ରାବେଳେ ଯେଉଁ ଭଳି ଭାବେ ଚାଷୀଙ୍କୁ ଗିରଫ କରାଗଲା ଏବଂ ରୋଷେଇ ସାମଗ୍ରୀ ଉଠାଇ ନିଆଗଲା ତା ସହିତ ଭୁବନେଶ୍ୱର ଭିତରକୁ ଚାଷୀଙ୍କୁ ପଶିବାକୁ ଦିଆନଯାଇ ପୋଲିସ ଲଗାଇ ବଳପୂର୍ବକ ଗିରଫ କରାଗଲା ଏହାକୁ ଚାଷୀମାନେ ଦୃଢ଼ ପ୍ରତିବାଦ କରିଛନ୍ତି। ଫଳସ୍ୱରୂପ ଗୁରୁବାର ନବନିର୍ମାଣ କୃଷକ ସଂଗଠନ ତରଫରୁ ଜିଲାର ସମସ୍ତ ଥାନା ଆଗରେ ଏହି ଧାରଣା ଦିଆଯାଇଛି। ଜିଲା ସଂଯୋଜକ ମହେଶ୍ୱର ଜେନାଙ୍କ ନେତୃତ୍ୱରେ ଜିଲାରେ ଥିବା ସମସ୍ତ ଥାନା ଘେରାଉ କରାଯାଇଥିଲା। ନୟାଗଡ଼ ବ୍ଲକ ସଂଯୋଜକ ରଣଜିତ ଦଳବେହେରାଙ୍କ ନେତୃତ୍ୱରେ ନୟାଗଡ଼ ଟାଉନଥାନା ଘେରାଉ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି ଘେରାଉରେ ସନ୍ତୋଷ ପ୍ରଧାନ, ଦାଶରଥି ସାହୁ, ପ୍ରସନ୍ନ ପ୍ରଧାନ, ଗଙ୍ଗାଧର ଜେନା ପ୍ରମୁଖ ଯୋଗ ଦେଇଥିଲେ। ସେହିଭଳି ଇଟାମାଟି ଥାନାରେ ବ୍ଲକ ସହ ସଂଯୋଜକ ସଂଜୟ ନାୟକ, ମହେଶ୍ୱର ଜେନା ଏବଂ ରମେଶ ପଣ୍ଡାଙ୍କ ନେତୃତ୍ୱରେ ଇଟାମାଟି ଥାନା ଘେରାଉ କରାଯାଇଥିଲା।

**ଖଣ୍ଡପଡା,(ସ୍ୱ.ପ୍ର.) :** ଖଣ୍ଡପଡା ଥାନା ସମ୍ମୁଖରେ ଗୁରୁବାର ଖଣ୍ଡପଡା ବ୍ଲକ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଆଇଆଇସି ବିମଳ କୁମାର ମଲ୍ଲିକଙ୍କୁ ପ୍ରଦାନ କରାଯାଇଛି। କୃଷକମାନଙ୍କ ସ୍ୱାର୍ଥ ନିମନ୍ତେ ସାରା ରାଜ୍ୟରେ ସଂଗ୍ରାମ ଜାରି ରଖିଥିବା ନବନିର୍ମାଣ କୃଷକ ସଂଗଠନର ସଦସ୍ୟମାନେ ରାଜ୍ୟ ସରକାରଙ୍କ କୃଷକମାରଣ ନୀତିକୁ କଟୁ ସମାଲୋଚନା କରିଥିଲେ। କୃଷକମାନଙ୍କୁ ପ୍ରାଇସ୍, ପେନ୍‌ସନ ଓ ପ୍ରେଷ୍ଟିଜ୍ ପ୍ରଦାନ ଦାବିକରି ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଭୁବନେଶ୍ୱରଠାରେ ଆୟୋଜିତ ରାଲିକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ପ୍ରଶାସନ ଭଣ୍ଡୁର କରିଥିଲା। ଏହାର ପ୍ରତିବାଦରେ ରାଜ୍ୟର ବିଭିନ୍ନ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଥିବା କୃଷକ ନେତା ଶେଷଦେବ ନନ୍ଦ ଓ ବ୍ଲକ ସଂଯୋଜକ ମାଟିଆ ବେହେରାଙ୍କଠାରୁ ପ୍ରକାଶ।

**ଦଶପଲ୍ଲା, (ଡି.ଏନ.ଏ.):** ଦଶପଲ୍ଲା ଥାନା ସମ୍ମୁଖରେ ଗୁରୁବାର ନବନିର୍ମାଣ କୃଷକ ସଙ୍ଗଠନ ଦଶପଲ୍ଲା ଶାଖା ତରଫରୁ ବିଭିନ୍ନ ଦାବି ନେଇ ଧାରଣା ଦିଆଯାଇଥିଲା । ସ୍ଥାନୀୟ ମହାବୀର ମନ୍ଦିର ଠାରେ ନବନିର୍ମାଣ କୃଷକ ସଙ୍ଗଠନର ସଦସ୍ୟ ମାନେ ଏକତ୍ରିତ ହୋଇ ଏକ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିବା ସହ ବିଭିନ୍ନ ସ୍ଲୋଗାନ ଦେଇଥିଲେ । ଶୋଭାଯାତ୍ରା ଥାନା ପର୍ଯ୍ୟନ୍ତ ଆସିବା ସହ ଥାନା ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ । ସେଠାରେ ଆୟୋଜିତ ପ୍ରତିବାଦ ସଭାରେ ସରକାରଙ୍କ କୃଷକ ମାରଣ ନୀତିକୁ ସମାଲୋଚନା କରାଯାଇଥିଲା । ଭୁବନେଶ୍ୱରକୁ ନବନିର୍ମାଣ କୃଷକ ମାନଙ୍କୁ ପୋଲିସ ଅନୁମତି ନଦେବାରୁ ଏହାକୁ ତିବ୍ର ନିନ୍ଦା କରାଯାଇଥିଲା । ନବନିର୍ମାଣ କୃଷକ ସଙ୍ଗଠନର ଦଶପଲ୍ଲା ଶାଖା ସଭାପତି ରବିନ୍ଦ୍ରନାଥ ସେଠି ,ବେଣୁଧର ନାୟକ ,ତପନ କୁମାର ପଣ୍ଡା , ବୀରେନ୍ଦ୍ର କୁମାର ଦାସ , ବୈକୁଣ୍ଠନାଥ ପରିଡା ପ୍ରମୁଖ କୃଷକ ନେତା ଧାରଣାରେ ସାମିଲ ହେବାସହ ଉଦ୍‌ବୋଧନ ଦେଇଥିଲେ । ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୩ଦଫା ସମ୍ବଳିତ ଏକ ଦାବି ପତ୍ର ଦଶପଲ୍ଲା ଥାନା ଆଇଆଇସି ବିଶ୍ୱଜିତ ରାଉତରାୟଙ୍କୁ ପ୍ରଦାନ କରାଯାଇଥିଲା।

**ଭାପୁର,(ଡି.ଏନ.ଏ.):** ରାଜ୍ୟ ନବ ନିର୍ମାଣ କୃଷକ ସଂଗଠନର ଆହ୍ୱାନକ୍ରମେ ଭାପୁର ବ୍ଲକ କୃଷକ ସଂଗଠନ ପକ୍ଷରୁ ଫତେଗଡ଼ ଥାନା ଘେରାଉ କରାଯାଇଛି। ଗୁରୁବାର ବ୍ଲକ ସଙ୍ଗଠନର ସଂଯୋଜକ ଅଭିମନ୍ୟୁ ଗୁମାନସିଂହଙ୍କ ନେତୃତ୍ୱରେ ୨ ଶହରୁ ଊର୍ଦ୍ଧ୍ୱ ଚାଷୀ ଫତେଗଡ଼ ଥାନା ଘେରାଉ କରି ଧାରଣାରେ ବସିଥିଲେ। ଏହି ଧାରଣାରେ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ଜିଲା ସଂଯୋଜକ ମମତା ନାଥ ,ପ୍ରସନ୍ନ କୁମାର ପ୍ରଧାନଙ୍କ ସହ ବହୁ ମହିଳା ଓ ପୁରୁଷ ଚାଷୀ ଯୋଗଦେଇଥିଲେ। ଗତ ୨୯ ତାରିଖରୁ ଚଳିତ ମାସ ୫ ତାରିଖ ପର୍ଯ୍ୟନ୍ତ ୮ ଦିନ ଚାଷୀମାନେ ସତ୍ୟାଗ୍ରହ କରି ସେମାନଙ୍କ ପାଇଁ ସୁରକ୍ଷା ଭତ୍ତା ଦାବିରେ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ମାତ୍ର ରାଜ୍ୟ ସରକାର ସେମାନଙ୍କୁ ରାଜଧାନୀ ଭିତରେ ପୁରାଇ ନ ଦେଇ ଗିରଫ କରିଥିଲେ। ଏହାକୁ ବିରୋଧ କରି ଓ ୫ ହଜାର ଟଙ୍କା ଭତ୍ତା ଦାବିରେ ଏହି ଆନ୍ଦୋଳନ ମାଧ୍ୟମରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଥାନା ଅଧିକାରୀ ଆଶୁତୋଷ ମିଶ୍ରଙ୍କୁ ଚାଷୀମାନେ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ସମୟରେ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ଭାପୁର ତହସିଲଦାର ତୃପ୍ତୀ ମହାନ୍ତି, ଖଣ୍ଡପଡ଼ା ଏସ୍‌ଡିପିଓ ଶ୍ରୀନିବାସ ମହାନ୍ତି ଉପସ୍ଥିତ ଥିଲେ।

**ରଣପୁର,(ସ୍ୱ.ପ୍ର.):** ରଣପୁର ବ୍ଲକ୍‌ର ୩୭ ଗ୍ରାମ ପଞ୍ଚାୟତ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ଆଗରେ କୃଷକମାନେ ଗତ ସୋମବାର ୪ ଘଣ୍ଟା ଧରି ଧାରଣା ଦେଇଥିଲେ । ପୋଲିସର ଦମନ ଲୀଳା ଓ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ଗୁରୁବାର ସକାଳ ୧୧ଟାରୁ ରଣପୁର ଓ ଚାନ୍ଦପୁର ଥାନା ଆଗରେ କୃଷକମାନେ ବିକ୍ଷୋଭ ଓ ସତ୍ୟାଗ୍ରହ କରିଥିଲେ । ରଣପୁର ଥାନା ଆଗରେ ନବନିର୍ମାଣ କୃଷକ ସଂଗଠନର ବ୍ଲକ ସଂଯୋଜକ ପ୍ରଦୀପ୍ତ କୁମାର ବେହେରା ଓ ସହସଂଯୋଜକ ମନୋଜ କୁମାର ମାଝିଙ୍କ ନେତୃତ୍ୱରେ ୨ହଜାରରୁ ଊର୍ଦ୍ଧ୍ୱ କୃଷକ ହାତରେ ଲଙ୍ଗଳ ଓ ବିଭିନ୍ନ ପ୍ଲାକାର୍ଡ ଧରି ବିକ୍ଷୋଭ କରିଥିଲେ । ଏଥିରେ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଯୋଗଦେଇ ରାଜ୍ୟ ସରକାରଙ୍କ କୃଷି ମାରଣ ନୀତି ଉପରେ ଭାଷଣ ଦେଇ ଶାସକ ଦଳକୁ କଟୁ ସମାଲୋଚନା କରିଥିଲେ। ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନ୍‌ସନ୍ ନେଇ କୃଷକମାନଙ୍କ ସ୍ୱାକ୍ଷର ସମ୍ବଳିତ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଭୁବନେଶ୍ୱର ପଠାଇଥିଲେ ।

**ବୋଲଗଡ଼,(ଡି.ଏନ.ଏ.):** ନବନିର୍ମାଣ କୃଷକ ସଂଗଠନର ଆହ୍ୱାନ କ୍ରମେ କୃଷକମାନେ ବୋଲଗଡ଼ ଥାନା ସମ୍ମୁଖରେ ସତ୍ୟାଗ୍ରହରେ ବସିଥିବା ଜଣାପଡ଼ିଛି। ଗୁରୁବାର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ପ୍ରାଇଜ୍, ପ୍ରେଷ୍ଟିଜ୍ ଓ ପେନ୍‌ସନ୍ ଦାବି ନେଇ ଏହି ଆନ୍ଦୋଳନ ଜାରି ରହିଥିଲା। ଏହି ଅବସରରେ ଆୟୋଜିତ ସଭାରେ ସଂଗଠନର ଖୋର୍ଦ୍ଧା ଜିଲା କୃଷକ ନେତା ସୁରେଶ ମାନସିଂହ ପୌରୋହିତ୍ୟ କରିଥିଲେ। ସୋମନାଥ ମହାପାତ୍ର, ନୃସିଂହ ସୁବୁଦ୍ଧି, ରବି ସାଥୁଆ ପ୍ରମୁଖ ପ୍ରତ୍ୟେକ ଚାଷୀ ପରିବାରକୁ ମାସିକ ୫ହଜାର ଟଙ୍କା ଲେଖାଏ ଭତ୍ତା ଦେବାକୁ ଦାବି କରିଥିଲେ। ସଂଗଠନ ପକ୍ଷରୁ ଭୁବନେଶ୍ୱରଠାରେ ଆୟୋଜିତ କୃଷକ ସମାବେଶକୁ ଛାଡି ଦିଆ ନ ଯିବା ଘଟଣାକୁ ଧାରଣାରତ କୃଷକମାନେ ନିନ୍ଦା କରିଥିଲେ। ସରକାର କୃଷକଙ୍କ ଦାବିଗୁଡ଼ିକ ପୂରଣ ନ କରିବା ପର୍ଯ୍ୟନ୍ତ ଗାଁ ଗାଁ ବୁଲି ସତ୍ୟାଗ୍ରହ ଆନ୍ଦୋଳନ କରାଯିବ ବୋଲି ପ୍ରସ୍ତାବକୁ ବୈଠକରେ ସର୍ବସମ୍ମତି ମିଳିଛି।

## ସଂକ୍ଷେପରେ

### ନୂଆ ସ୍କୁଟର ଡେଷ୍ଟିନ୍‌ର ବଜାର ପ୍ରବେଶ



**ନୟାଗଡ଼ ଅଫିସ,୧୫।୧୧:** ନୟାଗଡ଼ ଭଗବତୀ ମୋଟର୍ସଠାରେ ହିରୋ ମୋଟୋକର୍ପ କମ୍ପାନୀରେ ନୂଆ ସ୍କୁଟର ଡେଷ୍ଟିନି ୧୨୫ର ବଜାର ପ୍ରବେଶର ଶୁଭାରମ୍ଭ କରାଯାଇଛି। ଭଗବତୀ ମୋଟର୍ସ ପ୍ରୋପାଇଟର ରବୀନ୍ଦ୍ର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ୍‌ର ମ୍ୟାନେଜର ପ୍ରଫୁଲ୍ଲ କୁମାର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ଆଇଆଇସି ବ୍ୟାଙ୍କ୍ ମ୍ୟାନେଜର ଗିରିଶ ଚନ୍ଦ୍ର ପଣ୍ଡା, ହିରୋମୋଟୋ କର୍ପ କମ୍ପାନୀର ଆଞ୍ଚଳିକ ବିକ୍ରୟ ମୁଖ୍ୟ ଦିବ୍ୟଜ୍ୟୋତି ପାଢ଼ୀ ମଧ ଉପସ୍ଥିତ ଥିଲେ। ଏହି ସ୍କୁଟର ଭାରତରେ ପ୍ରଥମ ଆଇ ଥ୍ରୀ ଏସ୍ ଟେକ୍ନୋଲୋଜି ଯୁକ୍ତ । ଏହା ବଜାରରେ ଲୋକଙ୍କ ଆଦୃତ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।

### ସାମନ୍ତ ଚନ୍ଦ୍ରଶେଖର ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡା



**ଖଣ୍ଡପଡା,୧୫।୧୧(ସ୍ୱ.ପ୍ର.):** ଖଣ୍ଡପଡା ସାମନ୍ତ ଚନ୍ଦ୍ରଶେଖର ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ୨ଦିନ ଧରି ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ଖଣ୍ଡପଡା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମହେଶ୍ୱର ନନ୍ଦ ମୁଖ୍ୟଅତିଥି ଓ ଶିକ୍ଷାବିତ୍ ଉଦୟନାଥ ପ୍ରଧାନ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ଶିକ୍ଷାକେନ୍ଦ୍ରର ସଭାପତି ତଥା ଅବସରପ୍ରାପ୍ତ କଳା ଶିକ୍ଷକ ଲଡୁକିଶୋର ସିଂହସାମନ୍ତ ଉତ୍ସବରେ ପୌରୋହିତ୍ୟ କରିଥିଲେ। ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ବିଷ୍ଣୁପ୍ରସାଦ ରଥ ଅତିଥି ପରିଚୟ ଦେଇଥିବାବେଳେ ସହକାରୀ ଶିକ୍ଷକ ଦିଲୀପ କୁମାର ସାହୁ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ ସହ କ୍ରୀଡା କ୍ଷେତ୍ରରେ ପାରଦର୍ଶିତା ଲାଭ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ

**ଖଣ୍ଡପଡା,୧୫।୧୧(ସ୍ୱ.ପ୍ର.):** ଖଣ୍ଡପଡାସ୍ଥିତ ଆପ୍ରୋଚ ଶିକ୍ଷାନୁଷ୍ଠାନର ୨୮ତମ ବାର୍ଷିକ ଉତ୍ସବ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ନିକୁଞ୍ଜବିହାରୀ ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ପ୍ରଭାତୀ ଦାଶ ମୁଖ୍ୟଅତିଥି ଓ ଅନୁଷ୍ଠାନର ପୁରାତନ ଛାତ୍ର ଶ୍ରୀତମ ପଟ୍ଟନାୟକ ସମ୍ମାନିତ ଅତିଥି ରୁପେ ଯୋଗ ଦେଇଥିଲେ। ଶିକ୍ଷକ ବିନାୟକ ସାହୁ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଅଭିଜିତ୍ ବେହେରା, ନିହାର ରଞ୍ଜନ ଖୁଣ୍ଟିଆ, ଲକ୍ଷ୍ମୀକାନ୍ତ ଦାଶ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଅନୁଷ୍ଠାନର ପ୍ରାଚୀର ପତ୍ରିକା 'ସମୁଦ୍ରା'ର ୨୧ ତମ ସଂସ୍କରଣ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପରେ କୃତୀ ପ୍ରତିଭା ଓ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

### ନୂତନ ତହସିଲଦାରଙ୍କ ଯୋଗଦାନ

**ଗଣିଆ,୧୫।୧୧(ଡି.ଏନ୍.ଏ.):** ଗଣିଆ ତହସିଲ କାର୍ଯ୍ୟାଳୟରେ ନୂତନ ତହସିଲଦାର ଭାବେ ଶ୍ୱେତଲେଖା ଦାଶ ଯୋଗଦାନ କରିଛନ୍ତି। ଗୁରବାର ତହସିଲ କାର୍ଯ୍ୟାଳୟରେ ପହଞ୍ଚି ସେ ଗଣିଆ ତହସିଲ ଦାୟିତ୍ୱରେ ଥିବା ଦଶପଲ୍ଲା ତହସିଲଦାର ପ୍ରମୋଦ କୁମାର ଦଳବେହେରାଙ୍କଠାରୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଗତ ଅଗଷ୍ଟରେ ଗଣିଆ ତହସିଲଦାର ଭାବେ କାର୍ଯ୍ୟ କରୁଥିବା ଶରତ କୁମାର ଗିରିଙ୍କ ଦାରିଙ୍ଗିବାଡି ବଦଳି ପରେ ଏହି ପଦବୀ ଖାଲି ପଡିଥିଲା। ପରେ ଦଶପଲ୍ଲା ତହସିଲଦାର ଗଣିଆ ତହସିଲଦାର ଭାବେ ଅତିରିକ୍ତ ଦାୟିତ୍ୱ ନେଇଥିଲେ। ହେଲେ ଗଣିଆରେ ସ୍ଥାୟୀ ତହସିଲଦାର ନ ଥିବା ଯୋଗୁ ଅନେକ ସମୟରେ ସରକାରୀ କାର୍ଯ୍ୟରେ ସମସ୍ୟା ସୃଷ୍ଟି ହେଉଥିଲା। ନୂତନ ତହସିଲଦାରଙ୍କ ଯୋଗଦାନ ପରେ ଗଣିଆ ତହସିଲର ବିଭିନ୍ନ ସରକାରୀ କାର୍ଯ୍ୟ ତ୍ୱରାନ୍ୱିତ ହେବା ସହ ଜନସାଧାରଣ ଉପକୃତ ହୋଇପାରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି।

■ ବିଶ୍ୱ ଶୌଚାଳୟ ଦିବସ

# ଶୌଚାଳୟ ନିର୍ମାଣରେ ଜିଲା ପଛରେ

**ନୟାଗଡ଼ ଅଫିସ,୧୫।୧୧**



ବୈଠକରେ ମଞ୍ଚାସୀନ ଅତିଥିମାନେ।

■ରାଜ୍ୟର ୨୫ ନମ୍ବର ସ୍ଥାନରେ

■୫୮ ପ୍ରତିଶତ ପାଇଖାନା ନିର୍ମାଣ ସରିଛି

ଚଳିତମାସ ୯ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ବିଶ୍ୱ ଶୌଚାଳୟ ଦିବସ ୨୦୧୮ ଅଭିଯାନରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଜଳ ଓ ପରିମଳ ମିଶନ ଆନୁକୂଲ୍ୟରେ ଡିଆରଡ଼ିଏସ୍ଥିତ ସୃଜନ ସମ୍ମିଳନୀ କକ୍ଷରେ ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା କାର୍ଯ୍ୟକ୍ରମର ଜିଲାସ୍ତରୀୟ ଶୁଭାରମ୍ଭ କରାଯାଇଛି। ଜିଲାପାଳ ଡା. ଏନ୍ ତିରୁମାଲା ନାୟକ୍‌ଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ଅଧ୍ୟକ୍ଷା ବୈଜୟନ୍ତୀମାଳା ମହାନ୍ତି, ଉପାଧ୍ୟକ୍ଷ ଅଖିଳ କୁମାର ଜାନି , ଜଳ ଓ ପରିମଳ ନିର୍ବାହୀ ଯନ୍ତ୍ରୀ ରାଜୀବ ପାଣିଗାହୀ, ପ୍ରକଳ୍ପ ନିର୍ଦ୍ଦେଶକ ଅନାମ ଚରଣ ପାତ୍ର ଓ ଏପିଡ଼ି ସନ୍ତୋଷୀ ସାହୁ ମଞ୍ଚାସୀନ ଅତିଥିଭାବେ ଯୋଗ ଦେଇଥିଲେ। ଜିଲାପାଳ ଏହି ଅବସରରେ ଜିଲାରେ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମରେ ହୋଇଥିବା ଶୌଚାଳୟ ଉପରେ ଆଲୋକପାତ କରିଥିଲେ। ରାଜ୍ୟରେ ନୟାଗଡ଼ ଜିଲା ୨୫ ନମ୍ବର ସ୍ଥାନରେ ଥିବା ପ୍ରକାଶ କରିଥିଲେ। ତେଣୁ କିପରି ଭାବେ ସମସ୍ତଙ୍କ ଘରେ ଶୌଚାଳୟ ନିର୍ମାଣ କରାଯିବ ସେ ନେଇ ଉଦ୍ୟମ କରିବାକୁ ଯୋଗ ଦେଇଥିବା ଜନପ୍ରତିନିଧିମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲାରେ ୨ ଲକ୍ଷ ୪୪ ହଜାର ୭୮୮ ଶୌଚାଳୟ ନିର୍ମାଣ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧ ଲକ୍ଷ ୪୨ ହଜାର ୫୩୬ଟି ନିର୍ମାଣ କରାଯାଇଛି। ଯାହାକି ୫୮ .୨୩ ପ୍ରତିଶତ। ଆହୁରି ୧ ଲକ୍ଷ ୨ ହଜାର ୨୪୬ଟି ନିର୍ମାଣ କରାଯିବା ପାଇଁ ଲକ୍ଷ୍ୟ ରହିଛି। ବ୍ଲକ ଅନୁଯାୟୀ ଦେଖିଲେ ଦଶପଲ୍ଲା ବ୍ଲକ ପଛରେ ପଡ଼ିଛି। ଦଶପଲ୍ଲାରେ ୨୧ ହଜାର ୯୫୭ଟି ଶୌଚାଳୟ କରାଯିବା ପାଇଁ ଲକ୍ଷ୍ୟଧାର୍ଯ୍ୟ ରଖାଯାଇଥିବା ବେଳେ ସେଥିରୁ ୪୫ ପ୍ରତିଶତ ନିର୍ମାଣ ହୋଇଛି ଓ ୧୧ ହଜାର ୯୩୮ ପାଇଖାନା ନିର୍ମାଣ ବାକି ରହିଛି। ନୟାଗଡ଼ ବ୍ଲକରେ ୩୯ ହଜାର ୩୧୮ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ବେଳେ ସେଥିରୁ ୭୧ ପ୍ରତିଶତ ନିର୍ମାଣ ଶେଷ ହୋଇଛି ଓ ୧୧ ହଜାର ୧୩୫ ପାଇଖାନା ନିର୍ମାଣ ହୋଇନି। ରଣପୁରରେ ୩୯ ହଜାର ୯୬୨ ଧାର୍ଯ୍ୟରୁ ୧୫ ହଜାର ୪୧୮ ନିର୍ମାଣ ନ ହୋଇ ବାକି ରହିଛି , ଓଡ଼ଗାଁର ୫୨ହଜାର ୧୦୬ରୁ ୨୦ ହଜାର ୮୫୨ଟି ବାକି ରହିଛି, ଗଣିଆ ବ୍ଲକରେ ୯ ହଜାର ୪୬୪ଟି ଧାର୍ଯ୍ୟରୁ ୩ ହଜାର ୮୭୧ଟି ବାକି, ନୂଆଗାଁ ବ୍ଲକରେ ୨୬ ହଜାର ୬୧୨ ଧାର୍ଯ୍ୟରୁ ୧୧ ହଜାର ୯୭୭ ବାକି, ଖଣ୍ଡପଡ଼ା ବ୍ଲକରେ ୩୦ ହଜାର ୯୭୭ରୁ ବର୍ତ୍ତମାନ ସୁଦ୍ଧା ୧୪ ହଜାର ୭୮୮ ବାକି ଓ ଭାପୁରରେ ୨୪ ହଜାର ୩୮୬ଟିରୁ ୧୨ହଜାର ୨୬୭ ନିର୍ମାଣ ହୋଇନି। ତୁରନ୍ତ ବଳକା ପଡ଼ିଥିବା ଶୌଚାଳୟକୁ ନିର୍ମାଣ ପାଇଁ ସମସ୍ତେ ଧ୍ୟାନ ଦେବାକୁ କହିଥିଲେ। ଜିଲାର ୧୯୪ଟି ପଞ୍ଚାୟତରୁ ୧୦ ପଞ୍ଚାୟତରେ ଶୌଚାଳୟ ନିର୍ମାଣ କାର୍ଯ୍ୟ ଶତପ୍ରତିଶତ ଶେଷ ହୋଇଥିବା ସୂଚନା ଦେଇଥିଲେ। ଯେ ପର୍ଯ୍ୟନ୍ତ ଲୋକମାନେ ଏହାକୁ ବ୍ୟବହାର ନ କରିଛନ୍ତି ଓ ବାହ୍ୟ ମଳତ୍ୟାଗ କରୁଥିବେ ସେ ପର୍ଯ୍ୟନ୍ତ ପରିମଳ ଯୋଜନା ସମ୍ପୂର୍ଣ୍ଣ ହୋଇପାରିବ ନାହିଁ ବୋଲି କହିଥିଲେ। ଗଣିଆ ବ୍ଲକର ବଡ଼ସିଲିଙ୍ଗା ପଞ୍ଚାୟତରେ ୧ ପ୍ରତିଶତ ନିର୍ମାଣ କରାଯାଇଥିବା ବେଳେ ଭାପୁର ବ୍ଲକର ବିଜିପୁରରେ ମାତ୍ର ୨୪ ପ୍ରତିଶତ ଶୌଚାଳୟ ନିର୍ମାଣ କାର୍ଯ୍ୟ ସରିଥିବାରୁ ଏହାର ଅଗ୍ରଗତି ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦର ସଭ୍ୟାସଭ୍ୟ, ବିଭିନ୍ନ ବ୍ଲକ ଅଧ୍ୟକ୍ଷ, ସରପଞ୍ଚ ଓ ସମିତିସଭ୍ୟାସଭ୍ୟମାନେ ଯୋଗ ଦେଇଥିଲେ।

# ଭତ୍ତା ନେବାକୁ ଆସି ଫେରିଲେନି ବୃଦ୍ଧା

## ପଞ୍ଚାୟତ କାର୍ଯ୍ୟାଳୟ ବାରଣ୍ଡାରେ ଜୀବନ ହାରିଲେ

**ରଣପୁର,୧୫।୧୧ (ସ୍ୱ.ପ୍ର.)**

ଭତ୍ତା ନେବାକୁ ଆସି ଗୁରୁବାର ଜଣେ ବୃଦ୍ଧାଙ୍କ ଜୀବନ ଯାଇଛି। ନୟାଗଡ଼ ଜିଲା ରଣପୁର ବ୍ଲକ ପଡିଆ ଗ୍ରାମପଞ୍ଚାୟତରେ ଏହି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ମୃତକ ହେଲେ ଜରିପଡା ଗ୍ରାମର ପ୍ରେମଲତା ଲେଙ୍କା (୮୦)। ଘଟଣାରୁ ପ୍ରକାଶ ଯେ, ରଣପୁର ବ୍ଲକ ଅଧୀନରେ ଥିବା ୩୭ ପଞ୍ଚାୟତ ସହିତ ଏନ୍‌ଏସିରେ ପ୍ରତ୍ୟେକ ମାସ ୧୫ ତାରିଖରେ ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଓ ବିଧବା ଭତ୍ତା ବଣ୍ଟନ କରାଯାଏ। ଗୁରୁବାର ପଡିଆ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ରହିଥିଲା। ଭତ୍ତା ନେବା ପାଇଁ ୨ଶହରୁ ଊର୍ଦ୍ଧ୍ୱ ବୃଦ୍ଧାବୃଦ୍ଧ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପ୍ରେମଲତା ୭କିମି ଦୂର ଚାଲି ଚାଲି ଭତ୍ତା ନେବାକୁ ଆସିଥିଲେ। ହେଲେ ପଞ୍ଚାୟତ ଅଧିକାରୀ ଜିଲା କାର୍ଯ୍ୟାଳୟରେ ବୈଠକ ଥିବା ଦର୍ଶାଇ ଭତ୍ତା ବଣ୍ଟନ କରି ନ ଥିଲେ। ଫଳରେ ଦୂରଦୂରାନ୍ତରରୁ ଆସିଥିବା ବୃଦ୍ଧାବୃଦ୍ଧ ଫେରିଯାଇଥିଲେ। ପ୍ରେମଲତା ଅସୁସ୍ଥ ଅନୁଭବ କରି ପଞ୍ଚାୟତ କାର୍ଯ୍ୟାଳୟ ବାରଣ୍ଡାରେ ଭତ୍ତାକୁ ଚାହିଁ ମୃତ୍ୟୁବରଣ କରିଥିଲେ । ଖବର ପାଇ ଚାନ୍ଦପୁର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇଛି। ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା । ଘଟଣା ସମ୍ପର୍କରେ ରଣପୁର ବିଡିଓ ମାନସ ରଞ୍ଜନ ସାମଲଙ୍କୁ ପଚାରିବାରୁ ସେ କହିଥିଲେ, ପଞ୍ଚାୟତ ଅଧିକାରୀ ଭତ୍ତା ବାଣ୍ଟି ୩ଟା ପରେ ଜିଲା ବୈଠକକୁ ଯିବା କଥା। କ'ଣ ପାଇଁ ସେ ଭତ୍ତା ବଣ୍ଟନ ବନ୍ଦ କଲେ ତାହାର ତଦନ୍ତ କରାଯିବ। ପଡିଆ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବସନ୍ତ ଜେନା କହନ୍ତି, ଗୁରୁବାର ଡିଆର୍‌ଡିଏରେ ଜରୁରୀ ବୈଠକ ଥିବାରୁ କାର୍ଯ୍ୟାଳୟରେ ଭତ୍ତା ବଣ୍ଟନ ହୋଇପାରିଲା ନାହିଁ । ମହିଳା ଜଣକ ଅସୁସ୍ଥ ଥିବାରୁ ମୃତ୍ୟୁବରଣ କଲେ।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପୁନର୍ବାର ଅନଶନରେ ବସିଲେ ସୀମାଞ୍ଚଳ



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସୀମାଞ୍ଚଳ ଅନଶନରେ ବସିଛନ୍ତି।

**ନୟାଗଡ଼ ଅଫିସ,୧୫।୧୧**

ସାହିର ରାସ୍ତାକୁ ପକ୍କା କରିବା, ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା, ସରକାରୀ ନଳକୂପ ବସାଇବା ଓ ସାହିରେ ସୋଲାର ଲାଇଟ୍ ଲଗାଇବା ଆଦି ୪ ଦଫା ଦାବିରେ ଜଣେ ବ୍ୟକ୍ତି ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନରେ ବସିଥିଲେ। ପୂର୍ବରୁ ମଧ୍ୟ ସେ ଅନଶନ କରିଥିଲେ। ବ୍ୟକ୍ତି ଜଣଙ୍କ ହେଲେ ନୟାଗଡ଼ ବ୍ଲକ ଖୁଣ୍ଟୁବନ୍ଧ ପଞ୍ଚାୟତ କଇଥଗାଡ଼ିଆ ଦେବନଗର ୧ ନମ୍ବର ୱାର୍ଡ଼ର ବାସିନ୍ଦା ସୀମାଞ୍ଚଳ ତ୍ରିପାଠୀ ।

ସୀମାଞ୍ଚଳଙ୍କ ଅଭିଯୋଗ ଅନୁସାରେ, ତାଙ୍କ ୱାର୍ଡ଼ରେ ୫୧ ଜଣ ଲୋକ ରହୁଥିଲେ ମଧ ସରକାରଙ୍କ ତରଫରୁ କୌଣସି ମୌଳିକ ବ୍ୟବସ୍ଥା ନାହିଁ, ଯାହା ଫଳରେ ସାହିବାସୀ ବିଭିନ୍ନ ସମୟରେ ହଇରାଣ ହେଉଛନ୍ତି। ଏହାର ପ୍ରତିକାର ପାଇଁ ବିଭିନ୍ନ ସମୟରେ ଅନେକ ସ୍ଥାନରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ଏ ନେଇ ସେପ୍ଟେମ୍ବର ୪ ତାରିଖରେ ସୀମାଞ୍ଚଳ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଖୁଣ୍ଟୁବନ୍ଧ ସରପଞ୍ଚ ଓ ନୟାଗଡ଼ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ୧୫ ଦିନ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସୀମାଞ୍ଚଳ ଅନଶନରୁ ଉଠିଥିଲେ। ହେଲେ ଏ ପର୍ଯ୍ୟନ୍ତ ସମାଧାନ ନ ହେବାରୁ ସେ ବାଧହୋଇ ଗୁରୁବାର ପୁର୍ନବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ରିପୋର୍ଟ ଲେଖା ହେବା ସୁଦ୍ଧା ସୀମାଞ୍ଚଳ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି।

# ୪ଦିନ ହେଲା ଡାକସେବା ବନ୍ଦ

**ନୂଆଗାଁ,୧୫।୧୧(ଡି.ଏନ.ଏ.)**



ନୂଆଗାଁ ଡାକଘରେ ପଡିରହିଥିବା ଚିଠିପତ୍ର ବସ୍ତା।

ନୟାଗଡ ଜିଲା ନୂଆଗାଁ ବ୍ଲକ ଉପଡାକଘରେ ୪ଦିନ ହେଲା ଡାକ ସେବା ବନ୍ଦ ରହିଛି। ଫଳରେ ଜରୁରୀ କାଗଜପତ୍ର ବା ଚିଠିପତ୍ର ପାଇ ନ ପାରି ଲୋକେ ଦ୍ୱନ୍ଦ୍ୱରେ ରହିଛନ୍ତି। ନୟାଗଡ ଡାକଘର ଅଧୀନରେ ନୂଆଗାଁଠାରେ ରହିଛି ଏହି ଉପଡାକଘର। ଏହା ମାଧ୍ୟମରେ ଦୀର୍ଘବର୍ଷ ହେଲା ଲୋକେ ବହୁ ସୁବିଧା ପାଇଆସୁଥିଲେ। ହେଲେ ଡାକଗାଡି ଆସୁ ନ ଥିବାରୁ ସମସ୍ୟା ଦେଖାଦେଇଛି। ସୂଚନାଯୋଗ୍ୟ ଜଟଣୀରୁ ପ୍ରତିଦିନ ଗୋଟିଏ ଗାଡି ଚିଠି, ଜରୁରିକାଳୀନ କାଗଜପତ୍ର ଆଣି ପ୍ରତି ଡାକଘରେ ଦେବା ସହ କିଛି ଚିଠିପତ୍ରକୁ ଡାକଘରୁ ନେଇ ମୁଖ୍ୟ ଡାକଘରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଗଣିଆ ପର୍ଯ୍ୟନ୍ତ ଆସିଥାଏ। ସେହି ଗାଡିରେ ଆସିଥିବା ଚିଠିପତ୍ରକୁ ଡାକ କର୍ମଚାରୀ ଅଫିସ କିମ୍ବା ଲୋକଙ୍କ ନିକଟରେ ପହଞ୍ଚାଇଥାନ୍ତି। କିନ୍ତୁ ଦୀର୍ଘ ୪ଦିନ ହେଲା ସେହି ଡାକଗାଡି ଆସୁନାହିଁ। ଫଳରେ ଆସିଥିବା ଜରୁରୀ କାଗଜ ପତ୍ର ଲୋକଙ୍କ ପାଖରେ ପହଞ୍ଚିପାରୁ ନାହିଁ କିମ୍ବା ଲୋକମାନେ ପଠାଉଥିବା ଚିଠିପତ୍ର ଠିକଣା ଜାଗାକୁ ଯାଇପାରୁ ନାହିଁ । ନିର୍ଦ୍ଦିଷ୍ଟ ସମୟରେ ଚିଠି ନ ପହଞ୍ଚିଲେ କିଛି ଲୋକଙ୍କ ଭବିଷ୍ୟତ ଅନ୍ଧକାର ହୋଇଯିବା ଆଶଙ୍କା ଥିବାରୁ ବିଭାଗୀୟ ଅଧିକାରୀ ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବା ପାଇଁ ଜନସାଧାରଣ ଦାବି କରିଛନ୍ତି। ନୂଆଗାଁ ପୋଷ୍ଟ ମାଷ୍ଟର ଯୁଧିଷ୍ଠିର ନାୟକ ନିଜ ହାତରେ କିଛି ନ ଥିବା କହୁଥିବାବେଳେ ନୟାଗଡ ପୋଷ୍ଟ ଇନ୍ସପେକ୍ଟର ଅମୂଲ୍ୟ କୁମାର ରଥ କୁହନ୍ତି, ଗାଡି ବାବଦକୁ ପାଉଣା ଦେବାରେ ଅସୁବିଧା ହୋଇଥିବାରୁ ଗାଡି ଆସୁ ନ ଥିଲା। ବର୍ତ୍ତମାନ ସେ ସମସ୍ୟା ଦୂର କରିଦେଇଛୁ। କାଲିଠାରୁ ନିୟମିତ ଭାବେ ଡାକ ଗାଡି ଆସିବ।

# ଚେକ୍ ବାଉନ୍ସ ମାମଲାରେ ଶିକ୍ଷୟିତ୍ରୀ ଗିରଫ

**ଓଡ଼ଗାଁ,୧୫।୧୧(ସ୍ୱ.ପ୍ର.)**

ଲକ୍ଷାଧିକ ଟଙ୍କାର ଚେକ ବାଉନ୍ସ ମାମଲାରେ ପୋଲିସ ଗୁରୁବାର ଓଡଗାଁ ଥାନା ନନ୍ଦିଘୋର ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଉର୍ମିଳା ପରିଡା(୩୮)ଙ୍କୁ ଗିରଫ କରିଛି । ଉର୍ମିଳା ୨୦୧୬ରେ ଜଣେ ବ୍ୟକ୍ତିଙ୍କୁ ଦେଇଥିବା ଏକ ବ୍ୟାଙ୍କ ଚେକ୍ ବାଉନ୍ସ ହେବାପରେ ସମ୍ପୃକ୍ତ ବ୍ୟକ୍ତି ଅଦାଲତରେ ଆଶ୍ରୟ ନେଇଥିଲେ। ଅଦାଲତ ନିର୍ଦ୍ଦେଶନାମା ଦ୍ୱାରା ସ୍ଥାନୀୟ ପୋଲିସ ଶିକ୍ଷୟିତ୍ରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ୨୦୦୭ ମସିହାରେ ଏକ ହତ୍ୟା ମାମଲାରେ ସମ୍ପୃକ୍ତ ଥାଇ ଫେରାର ଥିବା ଅଭିଯୁକ୍ତ ଭାଡିକିଲା ଗ୍ରାମର ଗୋବିନ୍ଦ ନାୟକ(୫୫) ଏବଂ ଅଦାଲତ ଦ୍ୱାରା ନର୍ଦ୍ଧାରିତ ଖର୍ଚ୍ଚ ବାବଦ ଟଙ୍କା ସ୍ତ୍ରୀଙ୍କୁ ନିୟମିତ ପ୍ରଦାନ କରୁ ନ ଥିବାରୁ କୁରୁମବାଙ୍କତରା ଗ୍ରାମର ଜୟକୃଷ୍ଣ ସାହୁ(୪୮)ଙ୍କୁ ଅଦାଲତ ଗିରଫ କରିବାକୁ ୱାରେଣ୍ଟ ଜାରି କରିଥିଲେ। ପୋଲିସ ଉଭୟଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି । ଗୋବିନ୍ଦଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଥିବା ବେଳେ ଗିରଫ ଶିକ୍ଷୟିତ୍ରୀ ଓ ଜୟକୃଷ୍ଣ ଜାମିନରେ ମୁକୁଳିଥିବା ପୋଲିସ ସୂଚନା ଦେଇଛି ।

# ନାବାଳିକା ବଳାତ୍କାର ଅଭିଯୋଗ: ବୃଦ୍ଧଙ୍କୁ ଜେଲ

**ଖଣ୍ଡପଡା,୧୫।୧୧(ସ୍ୱ.ପ୍ର.)**

ଖଣ୍ଡପଡା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଖଣ୍ଡପଡା ପୋଲିସ ଭଗବାନ ମୁଦୁଲି(୭୨) ନାମକ ବୃଦ୍ଧଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଥିଲା। ଖଣ୍ଡପଡା କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଭଗବାନ ୨ଦିନ ତଳେ ଏଭଳି କାଣ୍ଡ ଘଟାଇଥିବା ନେଇ ନାବାଳିକାଙ୍କ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# ୧୭ରେ ନୟାଗଡ଼ ଆସିବେ ଦାମ

**ନୟାଗଡ଼ ଅଫିସ,୧୫।୧୧**

୧୭ ତାରିଖ ନୟାଗଡ଼ ସହରକୁ ଆସିବେ ପାରାଦୀପ ବିଧାୟକ ଦାମୋଦର ରାଉତ। ନୟାଗଡ଼ ପ୍ରଜା ଆନ୍ଦୋଳନ ସଙ୍ଗଠନ ଏବଂ ଓଡ଼ିଶା ସୂଚନା ଅଧିକାର ଅଭିଯାନର ମିଳିତ ଆନୁକୂଲ୍ୟରେ ତାଙ୍କୁ ନୟାଗଡ଼କୁ ଡକାଯାଇଛି। ଗୁରୁବାର ସହରସ୍ଥିତ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ପ୍ରଜା ଆନ୍ଦୋଳନ ସଙ୍ଗଠନର ଆବାହକ ପଦୀପ୍ତ ଜେନା।

ସୂଚନା ଅନୁସାରେ ଶନିବାର ଅପରାହ୍ନରେ ଦାମ ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଓହ୍ଲାଇବେ,ସେଠାରେ ଥିବା ଭାଗବତ ବେହେରାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିବେ। ଏହାପରେ ଏକ ଶୋଭାଯାତ୍ରା ମାଧ୍ୟମରେ ଦୁର୍ଗାମଣ୍ଡପ ପଡ଼ିଆକୁ ଯାଇ ସେଠାରେ ପ୍ରଥପାନ୍ତ ସଭାରେ ଯୋଗଦେବେ। ଅନ୍ୟମାନଙ୍କ ମଧ୍ୟରେ ଏହି ସଭାରେ ବରିଷ୍ଠ ଖବରଦାତା ତଥା ସ୍ତମ୍ଭକାର ରବି ଦାସ, ଓଡ଼ିଶା ସୂଚନା ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ, ରାଜନୈତିକ ସମୀକ୍ଷକ ସତ୍ୟପ୍ରକାଶ ନାୟକ, ଆଇନଜୀବୀ ସୁଧିର ମହାନ୍ତି ଯୋଗଦେବେ। ସେମାନେ ନୟାଗଡ଼ରେ ଦୀର୍ଘ ବର୍ଷ ଧରି ଚାଲିଥିବା ରାଜନୈତିକ ଭ୍ରଷ୍ଟାଚାର, ଦୁର୍ନୀତି ବିରୋଧରେ ନୟାଗଡ଼ ଅଞ୍ଚଳବାସୀଙ୍କୁ ଜଣାଇବେ। ଜିଲାରେ ଥିବା ବୃତ୍ତଙ୍ଗ ନଦୀବନ୍ଧ ଯୋଜନା କାର୍ଯ୍ୟକ୍ଷମ ନ ହେବା, ଶୀତଳ ଭଣ୍ଡାର ନ ଖୋଲାଯିବା, ଚିନିକଳ ବନ୍ଦ ହୋଇଯିବା ଭଳି ବିଭନ୍ନ ବିଷୟରେ ଜିଲାବାସୀଙ୍କୁ ଦାମ ଉଦ୍‌ବୋଧନ ଦେବେ ବୋଲି ସମ୍ମିଳନୀରେ ସୂଚନା ଦିଆଯାଇଛି। ଗୁରୁବାର ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ର ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରହ୍ଲାଦ ବରାଡ଼, ସରପଞ୍ଚ ସୌମ୍ୟରଞ୍ଜନ ପ୍ରଧାନ, ଆଇନଜୀବୀ ଚନ୍ଦ୍ରବିଜୟୀ ମିଶ୍ର, ପୂର୍ବତନ ନଗରପାଳ ଅକ୍ଷୟ କୁମାର ପରିଡ଼ା ଯୋଗ ଦେଇଥିଲେ। ଅରୁଣଙ୍କ ଗଡ଼ରେ ଦାମଙ୍କ ଆସିବା ନେଇ ସାଧାରଣରେ ଉତ୍ସୁକତା ଭରି ରହିଥିବା ଦେଖିବାକୁ ମିଳିଛି।



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

■ କଣ୍ଟିଲୋ ନୀଳମାଧବ ପୀଠ

# ସମାଧାନ ହେଉନି ପାର୍କିଂ ସମସ୍ୟା

**ଖଣ୍ଡପଡା,୧୫।୧୧(ସ୍ୱ.ପ୍ର.)**

### ନିଲାମ ମାଧ୍ୟମରେ ପ୍ରତିବର୍ଷ ଆଦାୟ ହେଉଛି ଫି



କଣ୍ଟିଲୋ ବଜାର-ମନ୍ଦିର ପଶ୍ଚିମପାର୍ଶ୍ୱ ରାସ୍ତା କଡ ପାଲଟିଛି ପାର୍କିଂସ୍ଥଳ।

କଣ୍ଟିଲୋ ନୀଳମାଧବ ଜୀଉଙ୍କ ପୀଠରେ ଯାନବାହନ ପାର୍କିଂ ପାଇଁ ଖଣ୍ଡପଡା ଦେବୋତ୍ତର ବିଭାଗ ପକ୍ଷରୁ ପ୍ରତିବର୍ଷ ନିଲାମ ମାଧ୍ୟମରେ ଫି' ଆଦାୟ କରାଯାଉଛି। ହେଲେ ଯାନବାହନଗୁଡିକ କିପରି ସୁରକ୍ଷିତ ସ୍ଥାନରେ ରଖାଯିବ ସେଥିପ୍ରତି ଦୃଷ୍ଟି ଦିଆଯାଉ ନାହିଁ। ଫଳରେ ଗାଡିଗୁଡିକ ରାସ୍ତା ଅବରୋଧ କରି ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛି। ଦୀର୍ଘଦିନ ହେଲା ଏହି ସମସ୍ୟା ଲାଗିରହିଥିବାବେଳେ ଦେବୋତ୍ତର ବିଭାଗ ଏହାର ସମାଧାନ ନେଇ ଆନ୍ତରିକତା ପ୍ରକାଶ କରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ ପରିଚିତ କଣ୍ଟିଲୋର ନୀଳମାଧବ ଜୀଉ କ୍ଷେତ୍ର ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇଛି। ବର୍ଷର ଜୁଲାଇ, ଅଗଷ୍ଟ ଓ ସେପ୍ଟେମ୍ବର ଏହି ୩ମାସକୁ ବାଦ୍‌ଦେଲେ ବାକି ୯ମାସ ଏଠାରେ ପର୍ଯ୍ୟଟକଙ୍କ ସମାଗମ ହୋଇଥାଏ। କଂସା ପିତଳ ବାସନ ଶିଳ୍ପ ପାଇଁ ମଧ କଣ୍ଟିଲୋ ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରସିଦ୍ଧି ଲାଭ କରିଛି। ନୀଳମାଧବ ଜୀଉଙ୍କ ଦର୍ଶନ ସହିତ ଏହାର ପ୍ରାକୃତିକ ପରିବେଶ ଉପଭୋଗ କରିବା, କଂସା ପିତଳ ବାସନ ବ୍ୟବସାୟ ନିମନ୍ତେ ଏଠାକୁ ପର୍ଯ୍ୟଟକ ଓ ବ୍ୟବସାୟୀମାନେ ଆସିଥାନ୍ତି। ଏହି ସମୟରେ ସେମାନଙ୍କ ଗାଡ଼ିରୁ ପାର୍କିଂ ଫି ଆଦାୟ କରିବା ପାଇଁ ଖଣ୍ଡପଡା ଦେବୋତ୍ତର ବିଭାଗ ପକ୍ଷରୁ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ନିଲାମ ଡକାଯାଇ ଅର୍ଥ ଆଦାୟ କରାଯାଉଛି। ଅର୍ଥ ଆଦାୟ କରି ଦେବୋତ୍ତର ବିଭାଗ କିମ୍ବା ନିଲାମଧାରୀ ସେମାନଙ୍କ ଦାୟିତ୍ୱ ସାରିଦେଇଥାନ୍ତି। ନିର୍ଦ୍ଦିଷ୍ଟ ସ୍ଥାନରେ ଯାତ୍ରୀଙ୍କ ଗାଡି ପାର୍କିଂ କିମ୍ବା ତାହାର ସୁରକ୍ଷା ନେଇ କୌଣସି ପଦକ୍ଷେପ ନେଇ ନ ଥାନ୍ତି। ପାର୍କିଂସ୍ଥଳ ନ ଥିବାରୁ ଗାଡିଗୁଡିକ ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତା ଉପରେ ରହି ଟ୍ରାଫିକ ସମସ୍ୟା ସୃଷ୍ଟି କରିଥାନ୍ତି । ସେହିପରି ପର୍ଯ୍ୟଟକଙ୍କ ରହଣି କିମ୍ବା ସୁରକ୍ଷିତ ସ୍ଥାନରେ ବଣଭୋଜି କରି ସମୟ କଟାଇବା ପାଇଁ କୌଣସି ବ୍ୟବସ୍ଥା କରାଯାଉ ନ ଥିବାରୁ ସେମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପର୍ବପର୍ବାଣିରେ ନୀଳମାଧବଙ୍କ ପୀଠରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗିରହେ। ସମ୍ପ୍ରତି କାର୍ତ୍ତିକ ମାସ ସାଙ୍ଗକୁ ପିକ୍‌ନିକ ଋତୁ ଆରମ୍ଭ ହୋଇଯାଇଥିବାରୁ ହଜାର ହଜାର ସଂଖ୍ୟକ ଯାତ୍ରୀ ଆସିବାରେ ଲାଗିଲେଣି। ଏପରି କ୍ଷେତ୍ରରେ ନିଲାମଧାରୀ ଗାଡିଗୁଡିକରୁ ଫି ଆଦାୟ କରି ନେଇଯିବା ପରେ ସେଗୁଡିକ କିପରି ରହିବ ସେ ଦାୟିତ୍ୱ ନେଉନାହାନ୍ତି । ବିଶେଷ କରି କଣ୍ଟିଲୋ ବଜାରଠାରୁ ମନ୍ଦିର ପଶ୍ଚିମ ଦ୍ୱାର ଦେଇ ଯିବାକୁ ଦୂରତ୍ୱ କମ୍ ହେଉଥିବାରୁ ଯାତ୍ରୀମାନେ ମହାନଦୀ ମାଳବନ୍ଧ ଦେଇ ମନ୍ଦିରକୁ ଆସୁଛନ୍ତି। ସେମାନେ ରାସ୍ତା ଓ ମାଳବନ୍ଧ କଡରେ ଯାନବାହନ ପାର୍କିଂ କରୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ସୂଚନାଯୋଗ୍ୟ ଯେ, କଣ୍ଟିଲୋ ମହାନଦୀ ଦକ୍ଷିଣ ପାର୍ଶ୍ୱ ମାଳବନ୍ଧ ଶଙ୍ଖ ତୋଟାଠାରୁ ମନ୍ଦିର ପଶ୍ଚିମ ଦ୍ୱାର ପର୍ଯ୍ୟନ୍ତ ନଦୀ କୂଳେ କୂଳେ ବିସ୍ତୀର୍ଣ୍ଣ ପଠା ରହିଛି । ଏହିସବୁ ଯାଗାକୁ ସମତୁଲ କରିବା ଏବଂ ମାଳବନ୍ଧ ଉପରେ ଥିବା ଗାର୍ଡୱାଲରୁ ପଠାକୁ ରାସ୍ତା ନିର୍ମାଣ କରି ସେଠାରେ ଯାନବାହନ ପାର୍କିଂ ବ୍ୟବସ୍ଥା କରାଗଲେ ଶହ ଶହ ସଂଖ୍ୟାରେ ଗାଡି ରହିବା ସହ ଅଧିକ ରାଜସ୍ୱ ଆଦାୟ ହୋଇପାରନ୍ତା ବୋଲି ମତପ୍ରକାଶ ପାଇଥିଲା। ଏହି ନୂତନ ପାର୍କିଂ ସ୍ଥାନ ସମ୍ପର୍କରେ ଖଣ୍ଡପଡା ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ବିଭିନ୍ନ ସମୟରେ ଆଲୋଚନା ହୋଇଥିଲା। ଅଧିକାରୀ ଏହା ଏକ ଉତ୍ତମ ପ୍ରସ୍ତାବ ଓ ଉକ୍ତ ସ୍ଥାନ ଦେଖିବା ପରେ କାର୍ଯ୍ୟକାରୀ କରିବା ଦିଗରେ ପଦକ୍ଷେପ ନେବେ ବୋଲି ସହମତି ପ୍ରକାଶ କରିଥିଲେ। ହେଲେ ଅଦ୍ୟାବଧି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଦେବୋତ୍ତର ବିଭାଗର ଏଥିପାଇଁ ଆନ୍ତରିକତା ନ ଥିବା ସାଧାରଣରେ ଆଲୋଚନା ହେଉଛି।

## ସଂକ୍ଷେପରେ

### ପଞ୍ଚ ଠାକୁରାଣୀ ଯାତ୍ରା ପ୍ରସ୍ତୁତି ବୈଠକ

ବୁଗୁଡ଼ା,୧୦।୧୧(ଡି.ଏନ.ଏ.)-ବୁଗୁଡ଼ାରେ ୨୦୧୯ରେ ଦ୍ୱିବାର୍ଷିକ ପଞ୍ଚ ଠାକୁରାଣୀ ଯାତ୍ରା ପାଇଁ ସାଧାରଣ ବୈଠକ ଗୁରୁବାର ଅପରାହ୍ନରେ ସ୍ଥାନୀୟ ବିରଞ୍ଚି ନାରାୟଣ କଲ୍ୟାଣ ମଣ୍ଡପରେ ବିଧାୟକ ଶ୍ରୀକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଗତଥରର ଆୟବ୍ୟୟ ମଞ୍ଜୁର କରାଯାଇ ବିବରଣୀ ପାଠ କରାଯାଇଥିଲା। ଆସନ୍ତା ଠାକୁରାଣୀ ଯାତ୍ରା ପାଇଁ ନୂତନ ପରିଚାଳନା କମିଟିର ନିର୍ବାଚନ କରାଯାଇଥିଲା। ଯାତ୍ରା ପରିଚାଳନା କମିଟିର ସଭାପତି ରୂପେ ପୋଲସରା ବିଧାୟକଙ୍କୁ ମନୋନୀତ କରାଯାଇଥିବା ବେଳେ କାର୍ଯ୍ୟକାରୀ ସଭାପତି ରୂପେ ଲକ୍ଷ୍ମୀ ନାରାୟଣ ଦାଶ, ଉପସଭାପତି ମନୋଜ କୁମାର ସହୁ, ସମ୍ପାଦକ ସତ୍ୟ ନାରାୟଣ ଦାଶ ଓ କୋଷାଧ୍ୟକ୍ଷ ରୂପେ କାଳିଚରଣ ଦାଶ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ଏଥିସହ ଉପଦେଷ୍ଟା ମଣ୍ଡଳୀ ଓ କାର୍ଯ୍ୟକାରୀ ପରିଷଦ ମଧ୍ୟ ଗଠିତ ହୋଇଯାଇଛି। ଆସନ୍ତା ପଞ୍ଚ ଠାକୁରାଣୀ ଯାତ୍ରା ୨୩ ଏପ୍ରିଲରୁ ୭ ମେ ୨୦୧୯ ପର୍ଯ୍ୟନ୍ତ ୧୫ ଦିନ ଧରି ହେବ ଏବଂ ଯାତ୍ରା ପାଇଁ ମହାଶିବରାତ୍ର ଦିନ ଶୁଭଖୁଣ୍ଟି ସ୍ଥାପନ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଉକ୍ତ ବୈଠକରେ ସହରର ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ।

### ସ୍ୱାମୀ ଶିବାନନ୍ଦ ଆଧ୍ୟାତ୍ମିକ ସାଂସ୍କୃତିକ ସମ୍ମିଳନୀ ପ୍ରସ୍ତୁତି ବୈଠକ

ବୁଗୁଡ଼ା,୧୧।୧୧(ଡି.ଏନ.ଏ.)-ବୁଗୁଡ଼ା ଥାନା ଦିବ୍ୟ ଜୀବନ ସଂଘ ତରଫରୁ ଦୟାନିଧି ବେହେରାଙ୍କ ଅଧ୍ୟକ୍ଷତାରେ ଡିସେମ୍ବର ୨୭ରୁ ୩୦ରେ ସ୍ୱାମୀ ଶିବାନନ୍ଦ ଆଧ୍ୟାତ୍ମିକ, ସାଂସ୍କୃତିକ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ ଶୁକ୍ରବାର ବୁଗୁଡ଼ା ଆଧ୍ୟାତ୍ମିକ ସାଂସ୍କୃତିକ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ବିଧାୟକ ଶ୍ରୀକାନ୍ତ ସାହୁ ଯୋଗ ଦେଇଥିଲେ। ଉକ୍ତ ୪ ଦିନିଆ ସମ୍ମିଳନୀରେ ଯୋଗ ଦେବା ପାଇଁ ଆସୁଥିବା ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କର କିପରି ସ୍ୱାଗତ ସମ୍ବର୍ଦ୍ଧନା ହୋଇପାରିବ ଏବଂ ସମ୍ମିଳନୀ ପାଇଁ ଅର୍ଥ ସଂଗ୍ରହ, ସାଧୁସନ୍ଥଙ୍କ ରହଣି ଓ ଚର୍ଚ୍ଚା ବିଷୟରେ ସଭ୍ୟମାନେ ସେ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ବୈଠକରେ ଦିବ୍ୟ ଜୀବନ ସଂଘର ଉପସଭାପତି ଦେବେନ୍ଦ୍ର କୁମାର ପରିଡ଼ା, ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ପାଢ଼ୀ, କୋଷାଧ୍ୟକ୍ଷ ଖଲି ପଣ୍ଡା ଓ ଲଳିତ ପଟ୍ଟନାୟକ, ଅମ୍ବିକା ପ୍ରସାଦ ବିଶୋୟୀ, ମନୋଜ କୁମାର ଚୌଧୁରୀଙ୍କ ସମେତ ଦିବ୍ୟ ଜୀବନ ସଂଘର କର୍ମକର୍ତ୍ତା ଓ ସଭ୍ୟମାନେ ଯୋଗ ଦେଇଥିଲେ।

### ଶେରଗଡ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ବୈଠକ

ଶେରଗଡ,୧୫।୧୧(ଡି.ଏନ୍.ଏ.)- ଶେରଗଡ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ବୈଠକ ଗୁରୁବାର ସନ୍ଧ୍ୟାରେ ଶେରଗଡ ରାଜପ୍ରାସାଦରେ ଅନୁଷ୍ଠିତ ହୋଇଥିଲା। ରାଜାସାହେବ ପୂର୍ଣ୍ଣଚନ୍ଦ୍ର ସିଂଦେଓ ଅଧ୍ୟକ୍ଷତା କରିଥିଲେ। ତହସିଲଦାର ଡ. ଦୟାସିନ୍ଧୁ ପରିଡା ଓ ବିଡିଓ ସୁରଞ୍ଜନ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଆସନ୍ତା ଜାନୁଆରୀ ପହିଲାରୁ ଜଗନ୍ନାଥ ମନ୍ଦିର ନିତିଆନି ଭୋଗକୁ ସୁସ୍ୱାଦୁ କରିବା ସହ ୩୬୫ ଜଣ ସଭ୍ୟଙ୍କ ଜରିଆରେ ମନ୍ଦିରର ପ୍ରତିଦିନର ଭୋଗକୁ ପରିଚାଳନା କରିବା ନେଇ ଆଲୋଚନା ହୋଇଥିଲା। ମନ୍ଦିର ଜମି ଚାଷ କରୁଥିବା ଚାଷୀଙ୍କୁ ନେଇ ଏକ ବୈଠକ ୨୫ରେ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ପ୍ରସନ୍ନ କୁମାର ସିଂଦେଓ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ବାବୁଲା କୁମାର ଚୌଧୁରୀ, ପି. ବାବୁଲା କୁମାର ପାତ୍ର, ବଳରାମ ପାଢୀ, ବି ଚେଇନପାତ୍ର, ପ୍ରମୋଦ ଚନ୍ଦ୍ର ସୁବୁଦ୍ଧୀଙ୍କ ସମେତ ବହୁ ସଭ୍ୟ ଉପସ୍ଥିତ ଥିଲେ।

# ସାମୁଦ୍ରିକ ବିଜ୍ଞାନ, ସିଏସ୍ଆଇଆର୍ ମଧ୍ୟରେ ଏମ୍ଓୟୁ

ବ୍ରହ୍ମପୁର ଅଫିସ, ୧୫।୧୧

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମୁଦ୍ରିକ ବିଜ୍ଞାନ ବିଭାଗ ଓ ସିଏସ୍ଆଇଆର ଫୋର ପାରାଡାଇନ ଅନୁଷ୍ଠାନ ମଧ୍ୟରେ ୩ ବର୍ଷ ପାଇଁ ଏକ ଏମ୍ଓୟୁ ଗୁରୁବାର ସ୍ୱାକ୍ଷରିତ ହୋଇଯାଇଛି। କୁଳପତି କାର୍ଯ୍ୟାଳୟରେ ଅନୁଷ୍ଠିତ ସ୍ୱତନ୍ତ୍ର ବୈଠକରେ ଏହି ଏମ୍ଓୟୁ ସ୍ୱାକ୍ଷରିତ ହୋଇଛି। ଏମ୍ଓୟୁ ସ୍ୱାକ୍ଷରିତ ହେବା ପରେ ଏଣିକି ଉଭୟ ଅନୁଷ୍ଠାନର ଗବେଷିକା ଗବେଷକ ଅଧ୍ୟାପିକା ଅଧ୍ୟାପକ ଏବଂ ବୈଜ୍ଞାନିକଙ୍କ ମଧ୍ୟରେ ଶିକ୍ଷା ଓ ଗବେଷଣାତ୍ମକ ଚିନ୍ତାଧାରାର ଆଦାନ ପ୍ରଦାନ ହେବ। ଏହା ସହ ଗବେଷଣା, ଗବେଷଣାତ୍ମକ ସନ୍ଦର୍ଭ, ସେମିନାର ଆୟୋଜନ କରାଯାଇ ବିଭାଗର ଛାତ୍ରୀଛାତ୍ର, ଗବେଷିକା ଗବେଷକ, ଅଧ୍ୟାପିକା ଅଧ୍ୟାପକଙ୍କ ମଧ୍ୟରେ ଗବେଷଣାତ୍ମକ ମନୋବୃତ୍ତିର ବିକାଶ ହୋଇପାରିବ ବୋଲି କୁଳପତି ପ୍ରଫେସର ରାଜେନ୍ଦ୍ର ପ୍ରସାଦ ଦାସ ସୂଚନା ଦେଇଥିଲେ। ଏହାଦ୍ୱାରା ଉଭୟ ଅନୁଷ୍ଠାନର ଶିକ୍ଷକ, ଗବେଷକ, ଛାତ୍ରୀଛାତ୍ର ଶିକ୍ଷାର ସୁଯୋଗ ପାଇବା ସହ ଉକ୍ତ ଅନୁଷ୍ଠାନକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଏକ ରିସର୍ଚ୍ଚ ସେଣ୍ଟର ଭାବେ ଅନୁମୋଦିତ କରାଯିବ। ଫଳରେ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଉକ୍ତ ଅନୁଷ୍ଠାନରେ ନିଜସ୍ୱ ଗବେଷଣା କରିବାର ସୁଯୋଗ ପାଇପାରିବେ ବୋଲି କୁଳପତି ସୂଚାଇଥିଲେ। ବିଶ୍ୱବିଦ୍ୟାଳୟରୁ ଭବିଷ୍ୟତରେ ଏକ ଉଚ୍ଚକୋଟୀର ବୈଜ୍ଞାନିକ ସୃଷ୍ଟି ହୋଇପାରିବେ ବୋଲି ସେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ଦାସଙ୍କ ସମେତ କୁଳସଚିବ ରଞ୍ଜନ କୁମାର ବିଶ୍ୱାଳ, ପିଜି କାଉନସିଲ ଚେୟାରମ୍ୟାନ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ, ପ୍ରଫେସର ରୁଦ୍ର ପ୍ରସନ୍ନ ମହାପାତ୍ର, ସାମୁଦ୍ରିକ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ପ୍ରତାପ କୁମାର ମହାନ୍ତି, ପ୍ରଫେସର କାଳୀଚରଣ ସାହୁ ଉପସ୍ଥିତ ଥିଲେ। ସିଏସ୍ଆଇଆର ଫର ପାରାଡାଇନ ଅନୁଷ୍ଠାନ ପକ୍ଷରୁ ବରିଷ୍ଠ ବୈଜ୍ଞାନିକ ଡ. କୃଷ୍ଣଚନ୍ଦ୍ର ଗୌଡ ଓ ପ୍ରୋଜେକ୍ଟ ମନିଟରିଂ ୟୁନିଟ ମୁଖ୍ୟ ଏମ.କେ. ଶାରଦା ଉପସ୍ଥିତ ରହି ଏମଓୟୁ ସ୍ୱାକ୍ଷର କରିଥିଲେ।



ଏମଓୟୁ ସ୍ୱାକ୍ଷର ଅବସରରେ ଉପସ୍ଥିତ କୁଳପତି, କୁଳସଚିବ ଓ ଅନ୍ୟମାନେ।

# ଅନନ୍ତ କୁମାରଙ୍କ ବିୟୋଗରେ ଜିଲା ଭାଜପାର ଶୋକସଭା

ବ୍ରହ୍ମପୁର ଅଫିସ,୧୩।୧୦

ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ଅନନ୍ତ କୁମାରଙ୍କ ବିୟୋଗରେ ଗଞ୍ଜାମ ଜିଲା ଭାଜପା ପକ୍ଷରୁ ମଙ୍ଗଳବାର ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି କାହ୍ନୁଚରଣ ପତିଙ୍କ ସଭାପତିତ୍ୱରେ ବ୍ରହ୍ମପୁର ଷ୍ଟେଶନ ରୋଡସ୍ଥିତ ସର୍କିଟ ହାଉସରେ ଏହି ସଭା ଅନୁଷ୍ଠିତ ହୋଇଥଲା। ଏଥିରେ ଭାଜପା ଗଞ୍ଜାମ ଜିଲାର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଅନନ୍ତ କୁମାରଙ୍କ ଆତ୍ମାର ସଦଗତି କାମନା କରିଥିଲେ। ଏହି ସଭାରେ ରାଜ୍ୟ ପ୍ରବକ୍ତା ଗୋଲୋକ ମହାପାତ୍ର, ରାଜ୍ୟ ସମ୍ପାଦକ ବିଭୂତି ଭୂଷଣ ଜେନାଙ୍କ ସମେତ ବରିଷ୍ଠ ନେତା ସରୋଜ ସାବତ, ରାଜେଶ ସାହୁ, ପ୍ରବୀର ପାତ୍ର, ପ୍ରଭାତ ଷଡଙ୍ଗୀ, ମଦନ ମୋହନ ପାତ୍ର, ନୀଳକଣ୍ଠ ସାହୁ, ସୁଭାଶିଷ ସାହୁ, ଡ. ସୁବାଷ ସାହୁ, ପ୍ରସନ୍ନ ଛୋଟରାୟ, ଗୌରୀ ମହାନ୍ତି, ମଧୁସୂଦନ ସାହୁ, ବାଳକୃଷ୍ଣ ସାମନ୍ତରା, ସିଦ୍ଧାନ୍ତ ଗଙ୍ଗଦେବ, ଡ. ନମିତା ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# କାଳୁଆ ମନ୍ଦିର ପରିଚାଳନା କମିଟି ବୈଠକ



ମନ୍ଦିରର ନୂତନ କର୍ମକର୍ତ୍ତାମାନେ।

ବ୍ରହ୍ମପୁର ଅଫିସ,୧୨।୧୧

ମହୁରିକାଳୁଆ ମନ୍ଦିର ପରିଚାଳନା କମିଟିର ଏକ ବୈଠକ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କମିଟିର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ପ୍ରଦୀପ କୁମାର ବିଷୋୟୀ କାର୍ଯ୍ୟକାରୀ ସଭାପତି ଭାବେ ମନୋନୀତ ହୋଇଥିବା ବେଳେ ସୁବାସ ଚନ୍ଦ୍ର ପଲାଇ ଏବଂ ପ୍ରଶାନ୍ତ କୁମାର ଗୌଡ଼ ଉପସଭାପତି, କାଶୀନାଥ ବିଷୋୟୀ ସାଧାରଣ ସମ୍ପାଦକ, ଶ୍ରୀନାରାୟଣ ବିଷୋୟୀ ସମ୍ପାଦକ, ଅରୁଣ କୁମାର ସାମଲ ଯୁଗ୍ମ ସମ୍ପାଦକ ଏବଂ କାମେଶ୍ୱର ବିଶ୍ୱାଳ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ସେହିଭଳି ଆଇନ୍ ପରାମର୍ଶଦାତା ଭାବେ ଗୋଲଖ ଶବର ଏବଂ ମଳୟ ବିଷୋୟୀ, ଉପଦେଷ୍ଟା ଡ. ଭଗବାନ ଗନ୍ତାୟତ, ଜଗନ୍ନାଥ ରାଉତ, ନିରଞ୍ଜନ ମହାନ୍ତି, ଶ୍ରୀଧର ଦେଓ, ଯୋଗେନ୍ଦ୍ର ନାରାୟଣ ଖାଡ଼ଙ୍ଗା ଏବଂ ପ୍ରଫୁଲ୍ଲ କୁମାର ଗୌଡ଼ଙ୍କୁ ମନୋନୀତ କରାଯାଇଛି। ସେହିଭଳି କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଆନନ୍ଦ ପଟ୍ଟନାୟକ, ଅମିନ ସେଠୀ, ଈଶ୍ୱର ସେଠୀ, ଗନ୍ତାଇ ସ୍ୱାଇଁ, ରାଜେନ୍ଦ୍ର କୁମାର ସ୍ୱାଇଁ, କୃଷ୍ଣ କେଶବ ପ୍ରଧାନ, ପୀତାମ୍ବର ପାତ୍ର, ରାଜେନ୍ଦ୍ର ପ୍ରସାଦ ପାତ୍ର, ଶିଶିର କୁମାର ପାତ୍ର, ସୁବାସ ଚନ୍ଦ୍ର ପାତ୍ର, ଆନନ୍ଦ ଡାକୁଆ, ବିମଳ ଡାକୁଆ, ଭଗବାନ ଡାକୁଆ, ହରିକୃଷ୍ଣ କୁଠିଆ, ନରେଶୁ ସ୍ୱାଇଁ, ସନ୍ତୋଷ ତ୍ରିପାଠୀ, ବିଶିକେଶନ ସାହୁ, ଏସ୍.ସନ୍ତୋଷ କୁମାର, ସୀତାରାମ ବାଡ଼ତ୍ୟା, କମଳ ଲୋଚନ ନାଟକ ଓ କେ.ନାରାୟଣ ରାଓ ପ୍ରମୁଖ ସ୍ଥାନ ପାଇଛନ୍ତି। ଏହି କମିଟି ୩ ବର୍ଷ ଯାଏ କାର୍ଯ୍ୟ କରିବ। ସେହିଭଳି ବୈଠକରେ ମନ୍ଦିରର ଉନ୍ନୟନ ସମ୍ପର୍କରେ ଆଲୋଚନା କରାଯାଇଥିଲା।

# ବେସରକାରୀ ଅନୁଷ୍ଠାନକୁ ନେଇ ସମନ୍ୱୟ ବୈଠକ

ପାରଳାଖେମୁଣ୍ଡି, ୧୫।୧୧(ସ୍ୱ.ପ୍ର.)

ଗଜପତି ଜିଲାର ବାତ୍ୟା ବିପନ୍ନଙ୍କ ପାଇଁ କାର୍ଯ୍ୟ କରୁଥିବା ବିଭିନ୍ନ ବେସରକାରୀ ଅନୁଷ୍ଠାନକୁ ନେଇ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ୧୫ଟି ଅନୁଷ୍ଠାନ ଏବଂ ୩ଟି ଆନ୍ତର୍ଜାତିକ ଅନୁଷ୍ଠାନର ପ୍ରତିନିଧି ଯୋଗଦେଇଥିଲେ। ବିଭିନ୍ନ ଅନୁଷ୍ଠାନ ରିଲିଫ ସାମଗ୍ରୀ ବାଣ୍ଟିବା ପୂର୍ବରୁ ଜିଲାପାଳଙ୍କ ଅନୁମତି ନେବା ଆବଶ୍ୟକ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଅତ୍ୟାଧିକ କ୍ଷତିଗ୍ରସ୍ତ ହୋଇଥିବା ୫ଟି ବ୍ଲକର ୨୫ଟି ପଞ୍ଚାୟତରେ ବେସରକାରୀ ଅନୁଷ୍ଠାନର ପ୍ରତିନିଧିମାନେ ଉପସ୍ଥିତ ରହି ବିପନ୍ନଙ୍କୁ ସହଯୋଗ କରିବା ଆବଶ୍ୟକ ବୋଲି କୁହାଯାଇଥିଲା। ବେସରକାରୀ ଅନୁଷ୍ଠାନର ପ୍ରତିନିଧି ମଧ୍ୟରୁ ୨ଜଣଙ୍କୁ ଜିଲାସ୍ତରରେ ଏବଂ ଆଉ ୫ଜଣଙ୍କୁ ୫ଟି ବ୍ଲକ ଯଥା ରାୟଗଡ, ଆର୍.ଉଦୟଗିରି, ଗୁମ୍ମା, ଗୋଷାଣୀ ଏବଂ ନୂଆଗଡରେ ରହି ବିଭିନ୍ନ କ୍ଷେତ୍ରରେ ସମନ୍ୱୟ ରକ୍ଷା କରିବା ପାଇଁ କୁହାଯାଇଥିଲା। ଏହି ଅନୁଷ୍ଠାନ ଗୁଡିକ ସୂଚନା ସଂଗ୍ରହ କରିବା ପାଇଁ ବିଭିନ୍ନ ସେଲ୍ ଗଠନ କରିବା ପାଇଁ ସ୍ଥିର ହୋଇଥିଲା। ବୈଠକରେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ବିଭିନ୍ନ ସହାୟତା କଥା ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ ସୂଚନା ଦେଇଥିଲେ। ବୈଠକରେ ଜରୁରୀକାଳୀନ ଅଧିକାରୀ ସତ୍ୟସମ୍ପୂର୍ଣ୍ଣା ରାଉତ, ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ଆନ୍ତର୍ଜାତିକ ସଂସ୍ଥାର ପ୍ରତିନିଧି ମନୋରଞ୍ଜନ ବେହେରା, ବିଭୂ ପ୍ରସାଦ ସାହୁ ଓ ମନୋରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଖଲ୍ଲିକୋଟ ଓକିଲ ସଂଘ ପକ୍ଷରୁ କୋର୍ଟ ବର୍ଜନ

ଖଲ୍ଲିକୋଟ,୧୫।୧୧(ଡି.ଏନ୍.ଏ.)

ବୁଗୁଡା ଥାନା ଅଧିକାରୀ ଆଇନଜୀବୀ ହରପ୍ରସାଦ ଦାସଙ୍କୁ ଥାନା ପରିସରରେ ମାଡ ମାରିବା ପ୍ରତିବାଦରେ ଖଲ୍ଲିକୋଟ ବାର ଆସୋସିଏସନ ପକ୍ଷରୁ ଗୁରୁବାର କୋର୍ଟବର୍ଜନ ସହ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। ସଂଘ ସଭାପତି ରାଜେନ୍ଦ୍ର ପ୍ରସାଦ ରଥଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏକ ବୈଠକରେ ବହୁ ଆଇନଜୀବୀ ଉପସ୍ଥିତ ରହି ଘଟଣାର ଦୃଢ ନିନ୍ଦା ସହ ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଜିଲା ବାର ଆସୋସିଏସନର ନିଷ୍ପତ୍ତି କ୍ରମେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସଭାପତି ରଥ ପ୍ରକାଶ କରିଛନ୍ତି।

## ଗୋପାଳପୁର ନିର୍ବାଚନ ମଣ୍ଡଳୀ

# ଭାଜପାର ପଦଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

କନିଷି,୧୫।୧୧(ଡି.ଏନ.ଏ.)

କନିଷି ହାଟସ୍ଥିତ ପରବାସି କଲ୍ୟାଣ ମଣ୍ଡପ ଠାରେ ଗୋପାଳପୁର ନିର୍ବାଚନ ମଣ୍ଡଳୀ ଭାରତୀୟ ଜନତା ପାର୍ଟିର ପଦଯାତ୍ରା ପାଇଁ ଗୁରୁବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ନଭେମ୍ବର ଶେଷ ସପ୍ତାହରେ ଏହି ପଦଯାତ୍ରା ହେବ। ବୈଠକରେ ଉପସ୍ଥିତ ସମସ୍ତ ବୁଥ ପ୍ରମୁଖ, ଶକ୍ତିକେନ୍ଦ୍ର ପ୍ରମୁଖ ସହ ୬୦ଟି ମଣ୍ଡଳ ପଦାଧିକାରୀଙ୍କ ମତାମତ ନେଇ ପଦଯାତ୍ରା ସମ୍ବନ୍ଧରେ ବ୍ୟାପକ ଆଲୋଚନା ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବ ସହ ରାଜ୍ୟ ସରକାରଙ୍କ ବିଫଳତା ନେଇ ପଦଯାତ୍ରାରେ ଅବଗତ କରାଯିବ। ପ୍ରତି ବୁଥରେ ଏହି ପଦଯାତ୍ରା ହେବ। ପ୍ରସ୍ତୁତି ବୈଠକରେ ଭାଜପା ରାଜ୍ୟ ସମ୍ପାଦକ ବିଭୁତି ଜେନା, ଜିଲା ପରିଷଦ ସଭ୍ୟ ବିନୋଦ ଚନ୍ଦ୍ର ମିଶ୍ର, ବରିଷ୍ଠ ନେତା ଏନ. ଡ଼ମ୍ବୁରୁ ରେଡ଼ି, ଗଙ୍ଗାଧର ଶତପଥୀ, ଜିଲା ସାଧାରଣ ସମ୍ପାଦକ ରାଜେଶ ସାହୁ, ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଶୁଭାସିଶ ସାହୁ, ରଙ୍ଗେଇଲୁଣ୍ଡା ବ୍ଲକ ସାଧାରଣ ସମ୍ପାଦକ ସନତ କୁମାର ନାୟକ ପ୍ରମୁଖ ବହୁ ନେତା ଓ କର୍ମୀ ଯୋଗ ଦେଇଥିଲେ।

# ଜୀବନଯୁଦ୍ଧରେ ହାର ମାନି ନାହାନ୍ତି ଦିବ୍ୟାଙ୍ଗ କାହ୍ନା

ବେଗୁନିଆପଡ଼ା,୧୫।୧୧(ଡି.ଏନ.ଏ.)

ଆସିକା ବ୍ଲକର ସିଙ୍ଗିପୁର ଗ୍ରାମର କାହ୍ନା ସାହୁ (୨୩)। ଜୀବନରେ ଅନେକ ଝଡ଼ଝଞ୍ଜା ଆସିଥିଲେ ମଧ୍ୟ ତାହାକୁ ସାମ୍ନା କରି ଚାଲିଥିବା କହିଛନ୍ତି କାହ୍ନା। କାହ୍ନା ଗାଁ ବିଦ୍ୟାଳୟରେ ନବମ ପଢୁଥିବା ବେଳେ ହଠାତ୍ ତାଙ୍କ ବାପା ନନ୍ଦ କିଶୋର ସାହୁଙ୍କ ମୃତ୍ୟୁ ଘଟିଥିଲା। ବିଧବା ମା' ଜୟନ୍ତୀଙ୍କ ପାଇଁ ୨ପୁଅ ଝିଅଙ୍କ ପାଠପଢ଼ା ଓ ଘର ଚଳାଇବା କଷ୍ଟକର ହୋଇପଡ଼ିବାରୁ ବଡ଼ପୁଅ କାହ୍ନା ୧୪ ବର୍ଷ ବୟସରେ ବାଧହୋଇ ପାଠପଢ଼ା ଛାଡ଼ି ଝାରସୁଗୁଡ଼ାରେ ଟ୍ରକ ହେଲପର ହେବା ସହ ଡ୍ରାଇଭିଂ ଶିଖି ଟ୍ରକ ଚଳାଉଥିଲେ। ପରିବାର କିଛିଦିନ ସୁଖରେ ଚଳିଥିଲା। ହେଲେ, ହଠାତ ମାଡ଼ି ଆସିଲା କାହ୍ନାଙ୍କ ଜୀବନରେ ବିପଦ। ଦୁଇ ବର୍ଷ ଟ୍ରକ ଚଳାଇବା ପରେ ୨୦୧୦ରେ କେନ୍ଦୁଝର ଜିଲାର ଝୁମ୍ପୁରାଠାରେ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇ ଗୋଟିଏ ଗୋଡ଼ ହରାଇଥିଲେ କାହ୍ନା। ସମ୍ବଲପୁର ବୁର୍ଲା ମେଡିକାଲରେ ଚିକିତ୍ସିତ ହୋଇ ଗୋଟିଏ ଗୋଡ଼ ଅସ୍ତ୍ରୋପଚାର କରି ସୁସ୍ଥ ହୋଇ ଘରକୁ ଫେରିଥିଲେ। ଦୁର୍ଘଟଣାଜନିତ ଯାହା କ୍ଷତିପୂରଣ ମିଳିଥିଲା, ମେଡିକାଲ ଖର୍ଚ୍ଚ ତା'ଠାରୁ ଅଧିକ ହେବା ଫଳରେ ଋଣ ଭାରରେ ବୁଡ଼ି ରହି ଚିନ୍ତାରେ ଥିଲେ କାହ୍ନାଙ୍କ ପରିବାର। ଏହାପରେ ଆସିକା ନିକଟ ନିମିନାଠାରେ କାହ୍ନା ୱେଲଡିଙ୍ଗ କାମ ଶିଖିବା ପାଇଁ ମନସ୍ଥ କରି ୬ ମାସ ମଧ୍ୟରେ ଶିକ୍ଷାଲାଭ କରିଥିଲେ। ପରେ ସେଠାରେ କିଛିଦିନ କାମ କରିବା ପରେ ବର୍ତ୍ତମାନ ବେଗୁନିଆପଡ଼ା ବ୍ଲକର ଖଣ୍ଡିଆନଇ ଛକରେ ଥିବା ଏକ ୱେଲଡିଙ୍ଗ ସେଣ୍ଟରରେ କାମ କରି ଦୁଇ ପଇସା ରୋଜଗାର କରୁଥିବା କହନ୍ତି କାହ୍ନା। ଏଥି ମଧ୍ୟରେ ସାନଭାଇ ମଧ୍ୟ ପାଠପଢ଼ା ଛାଡ଼ି ହିଟାଚି ଚଳାଉଛନ୍ତି। ଭଉଣୀର ମଧ୍ୟ ବିବାହ ହୋଇସାରିଛି। ମେଡିକାଲ ଖର୍ଚ୍ଚ ଓ ଭଉଣୀର ବିବାହରେ ଋଣଗ୍ରସ୍ତ ହୋଇଥିବା କହନ୍ତି କାହ୍ନା। ସରକାରୀ ସୁବିଧା ମିଳିଲେ ନିଜେ ଏକ ଦୋକାନ କରିପାରନ୍ତେ ବୋଲି ସେ କହିଛନ୍ତି।



କାର୍ଯ୍ୟରତ ଦିବ୍ୟାଙ୍ଗ କାହ୍ନା।

# ତିତ୍‌ଲିକୁ ମାସେ ପୂରିଲା, ସୁଧୁରିନି ଏଟିଏମ୍ ସମସ୍ୟା

ଆସିକା,୧୧।୧୧(ଡି.ଏନ୍.ଏ.)

ଆସିକାରେ ତିତ୍‌ଲି ବାତ୍ୟା ଓ ବନ୍ୟାକୁ ମାସେ ପୂରିଲାଣି। ତଥାପି ଆସିକା ସହରରେ ଏଟିଏମ୍ ସେବା ବ୍ୟବସ୍ଥା ସ୍ୱାଭାବିକ ଅବସ୍ଥାକୁ ଆସିନାହିଁ। ଆସିକା ସହରର ବସଷ୍ଟାଣ୍ଡ, କଳିଙ୍ଗା ରୋଡ, ବିନାୟକ ବଜାର, ବାଣୀବିହାର, ଅଶୋକା ସିନେମା ଛକ, ହାଟପଦା, ମହାତ୍ମା ଗାନ୍ଧୀ ରୋଡ, ତାଲୁକା ଆଦି ଅଞ୍ଚଳରେ ବିଭିନ୍ନ ଜାତୀୟକରଣ ଓ ଘରୋଇ ବ୍ୟାଙ୍କର ୧୫ରୁ ଊର୍ଦ୍ଧ୍ୱ ଏଟିଏମ୍ କାଉଣ୍ଟର ରହିଛି। କିନ୍ତୁ ଆସିକାରେ ଘଟିଥିବା ବନ୍ୟାରେ ସଂଖ୍ୟାଧିକ ଏଟିଏମ୍ କାଉଣ୍ଟରରେ ବନ୍ୟାଜଳ ପଶି ସେଗୁଡିକ ଅଚଳ ହୋଇ ରହିଛି। ବର୍ତ୍ତମାନ ସହରାଞ୍ଚଳରେ ମାତ୍ର ୪ ରୁ ୫ ଏଟିଏମ୍ କାର୍ଯ୍ୟକ୍ଷମ ରହିଥିବା ବେଳେ ବନ୍ୟା ପରବର୍ତ୍ତି ଅବସ୍ଥାରେ ଆନ୍ଧ୍ର ବ୍ୟାଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ଭ୍ରାମ୍ୟମାଣ ଏଟିଏମ୍ ସେବା ଚାଲୁ ରହିଛି। ବିଭିନ୍ନ ଏଟିଏମ୍ କାଉଣ୍ଟରରେ ଭର୍ତ୍ତି କରାଯାଉଥିବା ଟଙ୍କା ଖୁବ କମ୍ ସମୟ ମଧ୍ୟରେ ଖାଲି ହୋଇଯାଉଥିବା ବେଳେ ଟଙ୍କା ଉଠାଇବା ଲାଗି ଗ୍ରାହକଙ୍କ ଲମ୍ବା ଧାଡି ଲାଗୁଛି। ଏଟିଏମ୍ ସଂସ୍ଥା ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଏହି ସେବାକୁ ସ୍ୱାଭାବିକ କରିବା ପାଇଁ ସାଧାରଣରେ ଦାବି ହେଉଛି।


## OFFICE OF THE EXECUTIVE ENGINEER, RWS&S DIVISION, ROURKELA

At/PO- Panposh, Rurkela-4
Phone- 8280408065, Email ID: eerwssrkl@gmail.com

994-O

**Govt. of Odisha "e" Procurement Notice**

Bid Identification No. 07 of 2018-19, Dt.08.11.2018

1. Executive Engineer, RWS&S Division, Rourkela on behalf of Governor of Odisha invites bids from bidders registered with the Odisha State Government and bidders of equivalent Grade / Class registered with Central Government / MES / Railways for the works detailed in the table below on turnkey basis (i.e. with design and execution). The bidders may submit bids for any or all of the Pipe Water Supply works.
2. Nature of work : Rural Piped Water Supply Schemes.
3. No. of Tender : 02 Nos.
4. Tender Cost : Rs. 10000/-
5. Class of Contractor : 'B', 'A', 'Special' Class (As annexed)
6. Date and Time of availability of bid document in the portal : Dt.26.11.2018 at 11.00AM to Dt.10.12.2018 upto 5.00PM
7. Date of opening of Technical Bid : Dt.11.12.2018 at 11.00AM
8. Date of opening of Financial Bid : To be intimated after Technical evaluation of the Bidder
9. Period of Completion : RPWS-11 (Eleven calendar months) As annexed

The bidders have to participate in online bidding only. Further details and any type of corrigendum can be seen from the Govt. website http://www.tendersodisha.gov.in

The authority reserves the right to reject any or all the tenders without assigning any reason thereof.

*Sd./- Executive Engineer*
*RWS&S Division, Rourkela*

25038/11/0009/1819

## GOVERNMENT OF ODISHA
## OFFICE OF THE EXECUTIVE ENGINEER BALANGIR (R&B) DIVISION, BALANGIR

Email: eepwd.bgr@rediffmail.com, eepwd.bgr@gmail.com, Ph. No. 06652-232374

**e-Procurement Notice**

829-B

BID IDENTIFICATION No.: BGR R&B / 14/2018-19
No. ______ // Dtd. 13.11.2018

1. The Executive Engineer, Bolangir (R&B) Division, Bolangir on behalf of Governor of Odisha invites percentage rate bid in Double Cover System in ONLINE MODE for the construction of works detailed in the table below from B/A Class Contractors registered with the State Governments and contractors of equivalent Grade / Class registered with Central Government / MES / Railways for execution of Civil works. The proof of registration from the appropriate authority shall be enclosed along with the bid.
2. Nature of work : Road work
3. No. of tender : Road work: 02 Nos.
4. Tender Cost : Rs. 10,000/-
5. Class of Contractor : "B" Class & "A" Class
6. Date & Time of sale & Receipt of Bids : From Dt.20.11.2018, 11.00AM to Dt.04.12.2018 upto 5.00PM
7. Date of opening Bid : Dt.06.12.2018 at 11.30AM
8. The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendums will be available on ONLINE MODE only.

*Executive Engineer*
*Balangir (R&B) Division, Balangir*

34028/11/0034/1819

## OFFICE OF THE EXECUTIVE ENGINEER, RWS&S DIVISION, ROURKELA

At/PO- Panposh, Rurkela-4
Phone- 8280408065, Email ID: eerwssrkl@gmail.com

995-O

**Govt. of Odisha "e" Procurement Notice**

Bid Identification No. 08 of 2018-19, Dt.08.11.2018

1. The Executive Engineer, RWS&S Division, Rourkela on behalf of Governor of Odisha invites percentage bid through e-Procurement in single cover system according in online mode for external electrification for different piped water supply schemes in different block in Sundargarh district under RWSS Division, Rourkela detailed in the table below from eligible electrical contractors having HT (11KV) license holder. The bid should be submitted online only in the website www.tendersodisha.gov. in separately for different works.
2. Nature of work : External Electrification for Rural Piped Water Supply Schemes.
3. No. of Tender : 06 Nos.
4. Tender Cost : Rs. 4000/-
5. Date and time of availability of bid document in the portal : Dt.26.11.2018 at 11.00AM to Dt.06.12.2018 upto 5.00PM
6. Date of opening of Technical Bid : Dt.07.12.2018 at 11.00AM
7. Date of opening of Financial Bid : To be intimated after Technical evaluation of the Bidder
8. Period of Completion : 45 days

The bidders have to participate in online bidding only. Further details and any type of corrigendum can be seen from the Govt. website http://www.tendersodisha.gov.in

The authority reserves the right to reject any or all the tenders without assigning any reason thereof.

*Sd./- Executive Engineer*
*RWS&S Division, Rourkela*

25038/11/0010/1819

## OFFICE OF THE KORAPUT MUNICIPALITY, KORAPUT

No. 5994/MUN-2018 Dated: 13.11.2018

**"e" PROCUREMENT NOTICE**

Bid Identification No.: KPTMUN-058/2018

**No. 343-C:-** Bid documents consisting of Work, Estimated Cost, Cost of Tender Paper, EMD, Time of Completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

1. Name of the Work : Civil work
2. No. of works : 3 Nos.
3. Estimated Cost : Rs. 5.00 Lakh to 10.00 lakh
4. Period of Completion : 30 days
5. Date & time of Bidding : From 11.00AM of 15.11.2018 to 5.00PM of 24.11.2018
6. Last date & time for receipt of Bids in the portal : 24.11.2018 at 5.00PM
7. Bids received online shall be opened on : 3.00PM hours of 28.11.2018
8. Name and address of the Officer inviting Bid : Executive Officer, Koraput Municipality

Further details can be seen from the procurement portal : www.tenderorissa.gov.in

*Sd./- Executive Officer*
*Koraput Municipality*

13074/11/0019/1819